
# ପଣ୍ଡିତ ନୀଳକଣ୍ଠ

## ଜୀବନୀ ଓ କୃତି



ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି

ଡଃ ନରେନ୍ଦ୍ର ନାଥ ମିଶ୍ର

Digitized by PPRACHIN, SOA

# ପଣ୍ଡିତ ନୀଳକଂଠ

## ଜୀବନୀ ଓ କୃତି

ଡଃ ନରେନ୍ଦ୍ର ନାଥ ମିଶ୍ର

ପଣ୍ଡିତ ନୀଳକଂଠ ସ୍ମୃତି ସମିତି

୩୦୩, ଖାରବେଳ ନଗର, ଭୁବନେଶ୍ୱର-୧

Digitized by PPRACHIN, SOA

ପଣ୍ଡିତ ନୀଳକଂଠ-
ଜୀବନୀ ଓ କୃତି

ଲେଖକ :
ଡକ୍ଟର ନରେନ୍ଦ୍ର ନାଥ ମିଶ୍ର

ପ୍ରକାଶକ :
ପଣ୍ଡିତ ନୀଳକଂଠସ୍ମୃତି ସମିତି
୩୦୩, ଖାରବେଳ ନଗର
ଭୁବନେଶ୍ୱର-୭୫୧୦୦୧

ପ୍ରଥମ ସଂସ୍କରଣ
୧୯୮୩

ମୁଦ୍ରାକର :
ଶ୍ରୀ ମା ପ୍ରିଣ୍ଟର୍ସ
ଭୁବନେଶ୍ୱର-୭୫୧୦୧୪

ମୂଲ୍ୟ :
ଶୋଭନ ସଂସ୍କରଣ—ଟ ୩୦.୦୦
ସୁଲଭ ସଂସ୍କରଣ—ଟ ୨୦.୦୦

**PANDIT NILAKANTHA JIBANI-O-KRUTI**

*Author* :
**Dr. Narendra Nath Mishra**

Publisher :
**Pandit Nilakantha Smruti Samiti**
303, Kharabela Nagar
Bhubaneswar-751001

PRINTERS :
**Shree Maa Printers,**
Bhubaneswar-751014

**Price :**
Deluxe Edition : *Rs.* **30-00**
Cheaper Edition : **Rs. 20-00**

Digitized by PPRACHIN, SOA

# ମୁଖବନ୍ଧ

ଯାହା ପଚାରିଲେ ଉତ୍ତର ମିଳିବାର ଭରସା ଥିଲା । ଆଧୁନିକ ଉତ୍କଳରେ ଜଣେ ଏମିତି ଥିଲେ । ଋଷି ପରି । କିନ୍ତୁ ନିର୍ଜନ ଗିରି କନ୍ଦର ନୁହେଁ, ଜନାରଣ୍ୟ ତାଙ୍କ ସାଧନାର କ୍ଷେତ୍ର ।

ସବୁ ଜାଣିଥିଲା ପରି ଲାଗୁଥିଲା, କିନ୍ତୁ ସବ୍‌ଜାନ୍ତା ଭାବ ଟିକିଏ ହେଲେ ନଥିଲା । ବିନୀତ ପ୍ରକୃତି ତପସ୍ୱୀ ଆକୃତିକି ବିଶେଷତଃ ମୁଖମଣ୍ଡଳକୁ ଦେଇଥିଲା ଅତ୍ୟୁଜ୍ଜ୍ୱଳ ରୂପ । ସିଧାସଳଖ ଛୁଇଁ ହେଉ ନଥିଲା, ସ୍ନେହର ଅଭୟ ଭରସା ମିଳିଲେ ବି ।

ବହୁ ଅଧ୍ୟୟନ, ଗଭୀର ଚିନ୍ତନ ନୀଳକଣ୍ଠଙ୍କୁ ଉଚ୍ଚ କୋଟୀର ପ୍ରାବନ୍ଧିକ କରିଥିଲା । ସେ ଗବେଷଣାର ନବ ନବ ଦ୍ୱାର ଉଦ୍‌ଘାଟନ କରିଥିଲେ, ସାଧାରଣ ଅର୍ଥରେ ଜଣେ ପ୍ରଣାଳୀବଦ୍ଧ ଗବେଷକ ନୋହିଲେ ବି ।

ନୀଳକଣ୍ଠ ଜଗନ୍ନାଥଙ୍କ ଚକାଡୋଳା ଭିତରେ ସବୁ ଦେଖା ଓ ଅଦେଖାର ବାହାରେ ବିଶ୍ୱଦର୍ଶନ ଆବିଷ୍କାର କରିଥିଲେ । କୌଣସି ବର୍ଜିତ ରୂପ ସହିତ ଜଗନ୍ନାଥଙ୍କର ସାମଞ୍ଜସ୍ୟ ନାହିଁ । ତାଙ୍କ ଦେଖାରେ ସବୁ ସୀମାର ବାହାରେ ଏକ ଚିରନ୍ତନ ସଙ୍କେତ ସେ, ବିଶ୍ୱମୈତ୍ରୀର ସୂଚକ ।

ଡକ୍ଟର ନରେନ୍ଦ୍ର, ନୀଳକଣ୍ଠଙ୍କ ପ୍ରସିଦ୍ଧ ବିଦ୍ୱତ୍ ଗୋଷ୍ଠୀର ଜଣେ—ବୋଧେ ଶେଷ ଜଣକ । ତାଙ୍କ ବିଦ୍ୱତ୍ ବ୍ୟକ୍ତିତ୍ୱ ଓ ଭୂଇଁ ଫୁଟାଇ ଉଠିଥିବା ତାଙ୍କ ରଚନା ଅର୍ଥରେ ଜଣେ ଯୋଗ୍ୟ ସମଜଦାର ଓ ବିଦଗ୍ଧ । ତେଣୁ ନୀଳକଣ୍ଠୀ ମନୀଷାର ଯଥାର୍ଥ ରୂପାୟନ କରିବାକୁ ସେ ସମର୍ଥ ହୋଇଛନ୍ତି, କିନ୍ତୁ ତାଙ୍କ ଜୀବନର ରେଖା କେତୋଟି ମାତ୍ର ଅଙ୍କନ କରିଛନ୍ତି । ପୂର୍ଣ୍ଣାଙ୍ଗ ଜୀବନୀ ରଚନା ଲାଗି ଏବେ ଅନୁକୂଳ କ୍ଷେତ୍ର ପ୍ରସ୍ତୁତ ହୋଇଛି । ସେ କାର୍ଯ୍ୟଟି ସମ୍ପନ୍ନ କଲେ ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି ଗଠନ ସାର୍ଥକ ହେବ ।

ତା ୨୯ । ୯ । ୮୩  
କଟକ—୧୨

**କୁଞ୍ଜବିହାରୀ ଦାଶ**

Digitized by PPRACHIN, SOA

# ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି ତରଫରୁ

ପଣ୍ଡିତ ନୀଳକଣ୍ଠଙ୍କର ଖଣ୍ଡିଏ ସମ୍ପୂର୍ଣ୍ଣ ଜୀବନୀ ତାଙ୍କର ଅଗଣିତ ପ୍ରିୟ ଓଡ଼ିଶାବାସୀଙ୍କ ହାତରେ ଦେବା ଲାଗି ସ୍ମୃତି ସମିତି ବହୁ ଦିନରୁ ଉଦ୍ୟମ କରି ଆସୁଅଛି । ଏକ ପୂର୍ଣ୍ଣାଙ୍ଗ ଜୀବନୀ ସଙ୍କଳନର ଅଭିପ୍ସା ଥିଲେ ହେଁ ଏ ଅବଧି ସେ ପ୍ରୟାସ ସଫଳ ହୋଇ ପାରିନାହିଁ । ଏବେ ବି ଶାନ୍ତି ନିକେତନର ପ୍ରାଧ୍ୟାପକ ଡଃ ନରେନ୍ଦ୍ରନାଥ ମିଶ୍ରଙ୍କ ଲିଖିତ ଏହି "ପଣ୍ଡିତ ନୀଳକଣ୍ଠ ଜୀବନୀ ଓ କୃତି" ପୁସ୍ତକ ଖଣ୍ଡି ପ୍ରକାଶ କରି ଆମେମାନେ ଆନନ୍ଦିତ ହେଲେ ହେଁ ଗର୍ବ ଅନୁଭବ କରିପାରୁ ନାହୁଁ । ୨୫୦ ପୃଷ୍ଠା ସମ୍ବଳିତ ଏ ପୁସ୍ତକ ମଧ୍ୟରୁ ପ୍ରାୟ ୩ ଭାଗ ପଣ୍ଡିତ ନୀଳକଣ୍ଠଙ୍କ ଜୀବନୀ ଓ ଏକଭାଗ କୃତିର ସମୀକ୍ଷା ମାତ୍ର । ତେବେ ଏତିକି ସାନ୍ତ୍ୱନା ଯେ ଏହାଦ୍ୱାରା ଆଜି ଏକ ପୂର୍ଣ୍ଣାଙ୍ଗ ଜୀବନୀ ସଙ୍କଳନର ମୂଳଭିତ୍ତି ପଡ଼ି ପାରିଛି ।

ପଣ୍ଡିତ ନୀଳକଣ୍ଠଙ୍କର ଥିଲା ମୁଖ୍ୟତଃ ଏକ ଆଦର୍ଶ ଶିକ୍ଷକ ଓ ବିଶିଷ୍ଟ ରାଜନୀତିକ ନେତାଙ୍କର ଜୀବନ ଏବଂ ତାହାର ମଧ୍ୟରେ ଥିଲା ତାଙ୍କର ସାହିତ୍ୟିକ ଜୀବନ ଓ ବ୍ୟବସ୍ଥାପକ ଜୀବନ । ସତ୍ୟବାଦୀର ପ୍ରାକ୍ତନ ଅଧ୍ୟାପକ ଚନ୍ଦ୍ରମଣି ଦାଶଙ୍କ ରଚିତ ତାଙ୍କ ଶିକ୍ଷକ ଓ ସାହିତ୍ୟିକ ଜୀବନର ଏକ ତଥ୍ୟ ପୂର୍ଣ୍ଣ ୩୫୦ ପୃଷ୍ଠାର ଗ୍ରନ୍ଥ ସ୍ମୃତି ସମିତି ଦ୍ୱାରା ପ୍ରକାଶିତ ହୋଇଛି । ମାତ୍ର ତାହା ମୁଖ୍ୟତଃ ସାତ ବର୍ଷର ଅର୍ଥାତ୍ ଜୀବନର ଦଶମାଂଶରୁ କମ୍ ସମୟର ଘଟଣା ଉପରେ ।

ତାଙ୍କ ରାଜନୀତିକ ଜୀବନର ଓ କେନ୍ଦ୍ର ବ୍ୟବସ୍ଥା ସଭାର ପ୍ରାୟ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ (୧୯୨୪ ରୁ ୧୯୪୫) ଜୀବନର ପୂର୍ଣ୍ଣ ଗବେଷଣା ଏବେ ମଧ୍ୟ ସମ୍ପୂର୍ଣ୍ଣ ହୋଇ ପାରି ନାହିଁ । ତାଙ୍କ ପ୍ରଦତ୍ତ କେନ୍ଦ୍ର ବ୍ୟବସ୍ଥା ସଭାର ମାତ୍ର ତିନୋଟି ବକ୍ତୃତା ଏଥିରେ ଉଦ୍ଧାର କରାଯିବା ବ୍ୟତୀତ ଏ ପୁସ୍ତକରେ ତାଙ୍କର ବିରାଟ ଉତ୍‌ଥାନ ପତନ ଓ କର୍ମବହୁଳ ବାସ୍ତବ ରାଜନୈତିକ ଜୀବନର ମାତ୍ର ସମ୍ୟକ ଆଲୋଚନା କରାଯାଇଛି । ଉତ୍କଳ ବିଶ୍ୱବିଦ୍ୟାଳୟରେ ପଣ୍ଡିତ ନୀଳକଣ୍ଠଙ୍କ ସାହିତ୍ୟ, ଦର୍ଶନ ଓ ରାଜନୀତିକ ଦୃଷ୍ଟିକୋଣର ଗବେଷଣା ନିମନ୍ତେ ଯେଉଁ ସ୍ଥାୟୀ ପାଣ୍ଠି [Endowment] ସୃଷ୍ଟି କରାଯାଇଥିଲା, ତାହାର କଳନ୍ତରରୁ ରାଜନୀତି ବିଜ୍ଞାନ ବିଭାଗରେ ପଣ୍ଡିତ ନୀଳକଣ୍ଠଙ୍କର ରାଜନୀତିକ ଜୀବନ ସମ୍ବନ୍ଧରେ ଏବେ ବର୍ଷେ ହେଲା ଗବେଷଣା ଚାଲିଛି । ପଣ୍ଡିତ ନୀଳକଣ୍ଠଙ୍କର ଜଣେ ଘନିଷ୍ଠ ସହକର୍ମୀଙ୍କର ପୁତ୍ର ରାଜନୀତି ବିଜ୍ଞାନର ମୁଖ୍ୟ ଡଃ ସତ୍ୟନାରାୟଣ ରଥଙ୍କ ଅଧୀନରେ ନୀଳକଣ୍ଠଙ୍କ ସହିତ ତାଙ୍କ ଉତ୍ତରାର୍ଦ୍ଧ ଜୀବନରେ ଘନିଷ୍ଠ ଭାବରେ ସଂଶ୍ଲିଷ୍ଟ ଥିବା ଓଡ଼ିଶା ବିଧାନ ସଭାର ଅବସର

Digitized by PPRACHIN, SOA

ପ୍ରାପ୍ତ ସମ୍ପାଦକ ଅଧ୍ୟାପକ ବନମାଳୀ ମିଶ୍ର ଏ ଗବେଷଣା କରୁଛନ୍ତି । ଆଶା ହୁଏ, ପଣ୍ଡିତ ନୀଳକଣ୍ଠଙ୍କ ରାଜନୈତିକ ଜୀବନର ଏକ ପୂର୍ଣ୍ଣାଙ୍ଗ ଚିତ୍ର ଅଚିରେ ପ୍ରକାଶ ପାଇପାରିବ ।

ଏ ପୁସ୍ତକଟିର ସଂକଳନରେ ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତିର 'ସାହିତ୍ୟ-ଦର୍ଶନ ଅନୁଶୀଳନ' ଓ 'ରାଜନୀତିକ ବୃତ୍ତି ଅନୁଶୀଳନ' ଉପ-ସମିତିର ଅଧ୍ୟକ୍ଷ ଲୋକରତ୍ନ ଅଧ୍ୟାପକ ଡ଼ଃ କୁଞ୍ଜ ବିହାରୀ ଦାଶ ଓ ଭାରତର ପୂର୍ବତନ ରାଷ୍ଟ୍ରମନ୍ତ୍ରୀ ଶ୍ରୀଯୁକ୍ତ ବିବୁଧେନ୍ଦ୍ର ମିଶ୍ର ବହୁ ଶ୍ରମ ସ୍ୱୀକାର ପୂର୍ବକ ବିଶେଷ ସାହାଯ୍ୟ କରିଛନ୍ତି । ପୁଣି ଶ୍ରୀଯୁକ୍ତ ମିଶ୍ର ପଣ୍ଡିତ ନୀଳକଂଠଂକ ସହିତ ତାଙ୍କର ଉତ୍ତର ଜୀବନ ରାଜନୀତିରେ ଘନିଷ୍ଠ ଭାବରେ ସଂଶ୍ଳିଷ୍ଟ ରହି ତାଙ୍କ ଅଭିଜ୍ଞତାର ବହୁ ତଥ୍ୟ ମଧ୍ୟ ଏ ପୁସ୍ତକର 'ଓଡ଼ିଶା ରାଜନୀତି' ଅଧ୍ୟାୟରେ ସନ୍ନିବେଶିତ କରାଇଛନ୍ତି । ଏ ଉଭୟେ ପଣ୍ଡିତ ନୀଳକଂଠଂକର ଅତ୍ୟନ୍ତ ସ୍ନେହର ପାତ୍ର ଥିଲେ । ସେମାନଙ୍କ ନିକଟରେ ଆମେ ବହୁ ଭାବରେ ଋଣୀ

ଡ଼ଃ ନରେନ୍ଦ୍ର ନାଥ ମିଶ୍ର ଏହି ପୁସ୍ତକଟି ରଚନା କରିବା ସଂଗେ ସଂଗେ ଏହି ସଂସ୍କରଣର ଲେଖକ ସ୍ୱତ୍ୱ ସ୍ମୃତି ସମିତିକୁ ଦାନ କରିଥିବାରୁ ଓ ଶ୍ରୀ ବନମାଳୀ ମିଶ୍ର ପୁସ୍ତକ ପ୍ରକାଶନରେ ଅକୁଂଠ ସାହାଯ୍ୟ କରିଥିବା ହେତୁ ଉଭୟେ ବହୁଭାବରେ ଆମ୍ଭମାନଙ୍କର ଧନ୍ୟବାଦାର୍ହ । ପୁଣି ସ୍ମୃତି ସମିତିର ଉପସଭାପତି 'ଡଗର' ସଂପାଦକ ଶ୍ରୀଯୁକ୍ତ ନିତ୍ୟାନନ୍ଦ ମହାପାତ୍ର ଓ କାର୍ଯ୍ୟକାରୀ କମିଟି ସଭ୍ୟ ସୁ-ସାହିତ୍ୟିକ ଡ଼ଃ ଭାବଗ୍ରାହୀ ମିଶ୍ର ଓ ଶ୍ରୀ ଲିଙ୍ଗରାଜ ମିଶ୍ରଙ୍କର ସମସ୍ତ କାର୍ଯ୍ୟ ପରି ଏହି ପୁସ୍ତକର ଶ୍ରୀବୃଦ୍ଧିରେ ଅଯାଚିତ ସହଯୋଗ ଯୋଗୁଁ ସେମାନଂକ ନିକଟରେ କୃତଜ୍ଞତା ଜ୍ଞାପନ କରୁଛି ।

ଓଡ଼ିଆ ଭାଷାରେ ତ୍ରୁଟିଶୂନ୍ୟ ମୁଦ୍ରଣ ବଡ଼ ଆୟାସସାଧ୍ୟ । ସେ ଦୃଷ୍ଟିରୁ ପୁସ୍ତକରେ ଥିବା ମୁଦ୍ରାଦୋଷ ଲାଗି ଆମେ କ୍ଷମାପ୍ରାର୍ଥୀ ।

ଶୁଭମସ୍ତୁ

**ମଧୁସୂଦନ ଦାଶ**
ସଂପାଦକ
**ପଣ୍ଡିତ ନୀଳକଣ୍ଠ ସ୍ମୃତିସମିତି**
ଭୁବନେଶ୍ୱର

Digitized by PPRACHIN, SOA

# ସୂଚୀପତ୍ର


ସୂଚନା

## ଜୀବନୀ

୧। ଶ୍ରୀରାମଚନ୍ଦ୍ରପୁର ଗ୍ରାମ ୧
୨। ଶିକ୍ଷା ଦୀକ୍ଷା ୧୩
୩। ସତ୍ୟବାଦୀ ୩୮
୪। କଲିକତା ବିଶ୍ୱବିଦ୍ୟାଳୟରେ ଭାରତୀୟ ଭାଷା ଚର୍ଚ୍ଚା ଓ ଅଧ୍ୟାପନା ୬୦
୫। ଭାରତୀୟ ରାଜନୀତି ୭୦
୬। ଓଡ଼ିଶାର ରାଜନୀତି ୯୪
୭। ରାଜନୀତି ପରେ ୧୪୧
୮। ବନ୍ଧୁ ପରିବାର ୧୪୬
୯। ଉପସଂହାର ୧୬୪

## କୃତି

୧। ପ୍ରବୁଦ୍ଧ ମାନସିକତାର ତିନୋଟି ବିଭାଗ ୧୬୩
(ସଂସ୍କାରକ, ସାଂବାଦିକ, ସାହିତ୍ୟିକ)
୨। ନୀଳକଣ୍ଠ ମାନସ ୨୦୬
୩। ଅଧ୍ୟାପକରୁ ଅଧିନାୟକ ୨୨୦
୪। ଜନନାୟକ ପଣ୍ଡିତ ନୀଳକଣ୍ଠ ୨୨୬


Digitized by PPRACHIN, SOA

# ସୂଚନା

ଜୀବନୀର ରଚନା ସାହିତ୍ୟର ଏକ ପ୍ରାଚୀନ ଧାରା । କୌଣସି ଚରିତ୍ରର ଚିତ୍ର କଳ୍ପନାବେଳେ କବି ସାହିତ୍ୟିକଗଣ ନିଜର ଏକାନ୍ତ ପ୍ରିୟ ଓ ପରିଚିତ କୌଣସି ବ୍ୟକ୍ତିଙ୍କ ଜୀବନ କଥାକୁ ଅବଲମ୍ବନ କରିଥାନ୍ତି । ବାସ୍ତବର ଭିତ୍ତିଭୂମି ଉପରେ ହିଁ ସେମାନଙ୍କର କଳ୍ପନା ପ୍ରକାଶିତ ହୋଇଥାଏ । ବିଶୁଦ୍ଧ ଜୀବନୀ ରଚନା ଇତିହାସର ଅଙ୍ଗ । ଇତିହାସ ପୃଷ୍ଠାରେ ବୀର, ରାଜା, ଶାସକ ଆଦିଙ୍କର ଜୀବନକଥା ବର୍ଣ୍ଣିତ ହୋଇଥାଏ । ତଥ୍ୟଗତ ପରିପୂର୍ଣ୍ଣତା ଉପରେ ଐତିହାସିକ ଜୀବନର ସାର୍ଥକତା ପ୍ରକାଶ ପାଏ । ଜଣକର ଜୀବନ ଯେତେ କ୍ଷୁଦ୍ର ହେଉନା କାହିଁକି ସତ୍ୟନିଷ୍ଠ ଭାବରେ ଲିଖିତ ହେଲେ ସମସ୍ତଙ୍କର କୌତୁହଳ ଜାଗ୍ରତ କରିପାରେ । ଜୀବନୀରେ କେବଳ ବ୍ୟକ୍ତିଜୀବନର ଘଟଣାବଳୀ ବିବୃତ ହୋଇଥାଏ । ଏହି ଘଟଣାବଳୀର ସୁପରିଚିତ ନିର୍ବାଚନ ଓ ସୁଚିନ୍ତିତ ବ୍ୟାଖ୍ୟା ମାଧ୍ୟମରେ ଜୀବନୀ ଲେଖକ ନାୟକଙ୍କ ବ୍ୟକ୍ତିତ୍ୱ ଓ ମାନସିକ ବିକାଶଧାରା ଉପରେ ଆଲୋକପାତ କରିଥାନ୍ତି । ଜୀବନୀକୁ ପୂର୍ଣ୍ଣାଙ୍ଗ କରିବା ପାଇଁ ନାନା ସ୍ତରର ଉପାଦାନର ଉପଯୋଗ କରାହୋଇ-ଥାଏ । ନାୟକଙ୍କ ସ୍ମୃତିକଥା ବା ଆତ୍ମଜୀବନୀ ଅବଶ୍ୟ ଏଥିପାଇଁ ଉପାଦାନର ଏକ ପ୍ରଧାନ ଉତ୍ସ ହୋଇପାରେ । ମାତ୍ର ଏହି ଗୋଟିକ ଉତ୍ସଉପରେ ନିର୍ଭର କରିବା ସବୁ ସମୟରେ ନିରାପଦ ନୁହେଁ । କାରଣ ଆତ୍ମଜୀବନୀ ଲେଖକ ନିଜ ଦୃଷ୍ଟି କୋଣରୁ ହିଁ ନିଜ ଜୀବନର ଘଟଣାବଳୀର ଅବତାରଣା କରିଥାନ୍ତି । ବ୍ୟକ୍ତିର ଦୃଷ୍ଟି ଯେତେ ମହତ୍ ସ୍ୱଚ୍ଛ ହେଉନା କାହିଁକି, ସେଥିରେ ବ୍ୟକ୍ତିଗତ ବିଚାର ଓ ଏକ ଦେଶଦର୍ଶିତା ପ୍ରଧାନ ସ୍ଥାନ ଅଧିକାର କରିଥାଏ । ସତ୍ୟ ନିରାସକ୍ତ ଓ ନିରାଧାର । ତେଣୁ ଜୀବନୀ ଲେଖକଙ୍କୁ ଅନ୍ୟ କେତେଗୁଡ଼ିଏ ସୂତ୍ରର ମଧ୍ୟ ଉପଯୋଗ କରିବାକୁ ପଡେ । ପ୍ରଥମତଃ ନାୟକଙ୍କ ଅସତର୍କ ମନର ସୃଷ୍ଟି-ଦିନଲିପି, ଚିଠିପତ୍ର ଇତ୍ୟାଦି । ଦ୍ୱିତୀୟତଃ ସମସାମୟିକ ବ୍ୟକ୍ତିମାନଙ୍କର

Digitized by PPRACHIN, SOA

ସ୍ମୃତି ଓ ପ୍ରତ୍ୟକ୍ଷଦର୍ଶୀମାନଙ୍କର ବିବରଣୀ । ଏସବୁ ଉପାଦାନକୁ ପୁଣି ସମସାମୟିକ ଇତିହାସର ପୃଷ୍ଠଭୂମିରେ ବିଚାର କରି ଘଟଣାର ସତ୍ୟତା ନିର୍ଦ୍ଧାରଣ କରିବାକୁ ହୁଏ । ନାୟକଙ୍କ ଜୀବନର ଘଟଣାବଳୀର କାଳାନୁକ୍ରମିକ ଉପସ୍ଥାପନ, ମହତ୍ତ୍ୱପୂର୍ଣ୍ଣ ଘଟଣାଗୁଡ଼ିକର ନିର୍ବାଚନ, ନାୟକଙ୍କ କାର୍ଯ୍ୟ ବିଷୟରେ ନିଜର ମତାମତ ଗଠନ ଆଦି ବହୁ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼େ ଜୀବନୀ ଲେଖକଙ୍କୁ ।

ନାୟକଙ୍କ ବ୍ୟକ୍ତିତ୍ୱ ଓ ଜୀବନ ଚର୍ଯ୍ୟା ଉପରେ ମଧ୍ୟ ଉପାଦାନର ଉତ୍ସ ନିର୍ଭର କରେ । ସାଧାରଣ ରାଜନୈତିକ ନେତା ବା ଧର୍ମୀୟ ନେତାଙ୍କ ଜୀବନୀ ଅପେକ୍ଷା କବି, ସାହିତ୍ୟିକ ଶିଳ୍ପୀନାୟକଙ୍କ ଜୀବନୀ ରଚନା କ୍ଷେତ୍ରରେ କେତେକ ପାର୍ଥକ୍ୟ ବିଦ୍ୟମାନ । ଏମାନଙ୍କର ସୃଷ୍ଟି ସାହିତ୍ୟ ଓ ପ୍ରକାଶିତ ବିଚାରଧାରା ମଧ୍ୟରୁ ଅପରୋକ୍ଷ ଭାବରେ ନାନା ତଥ୍ୟର ସନ୍ଧାନ ମିଳିଥାଏ । ପୁଣି ଏହି କବି ଲେଖକଙ୍କର ସୃଷ୍ଟି ସାହିତ୍ୟ ବୁଝିବା ପାଇଁ ଜୀବନୀର ଉପଯୋଗିତା ବିଷୟରେ ଜୀବନୀ ଲେଖକଙ୍କୁ ଅବହିତ ହେବାକୁ ପଡ଼ିଥାଏ । ବସ୍ତୁତଃ ଏହି ଜୀବନୀଲେଖକଙ୍କଠାରୁ ଐତିହାସିକ ସତ୍ୟ ନିଷ୍ଠା ସଙ୍ଗେ ସଙ୍ଗେ ସାହିତ୍ୟିକ ରୁଚି ସୁଲଭ କଳାତ୍ମକ ଚେତନା ପାଟବ ଓ ଏକ ସମଗ୍ର ଜୀବନ ଲେଖ୍ୟ ଅଙ୍କନ ପାଇଁ ଦୂରଦୃଷ୍ଟି ଓ କଳ୍ପନା ଶକ୍ତିର ବିନିଯୋଗ ପ୍ରୟୋଜନ ।

ଓଡ଼ିଆ ସାହିତ୍ୟରେ ପୂର୍ଣ୍ଣାଙ୍ଗ ଓ ବିଶଦ ଜୀବନରଚନା ଏବେ ମଧ୍ୟ ବିରଳ । ତେବେ ଅଷ୍ଟାଦଶ ଶତକରେ ଦିବାକର ଦାସଙ୍କ 'ଜଗନ୍ନାଥ ଚରିତାମୃତ' ରଚନାଠାରୁ ଏଦିଗରେ ଧାରାବାହିକ ଉଦ୍ୟମର ସୂତ୍ରପାତ ହୋଇଅଛି । ଊନବିଂଶ ଶତକର ଆଧୁନିକ ଜୀବନ ବୋଧ, ଇତିହାସ ଚେତନା ଓ ପାଶ୍ଚାତ୍ୟ ଭାବଧାରାର ଅନୁପ୍ରବେଶ ଫଳରେ ଜୀବନୀ ବା ଜୀବନୀମୂଳକ ରଚନା ସମ୍ଭବ ହୋଇଅଛି । ରାଧାନାଥଙ୍କ ରଚିତ ରାଜା ସୁଜନ ଦେବଙ୍କ ଜୀବନୀ ଏ ଦିଗରେ ପ୍ରଥମ ପଦକ୍ଷେପ ବୋଲି କୁହାଯାଇ ପାରେ । ବିଂଶ ଶତାବ୍ଦୀର ଆଦ୍ୟପାଦରେ ପଣ୍ଡିତ ମୃତ୍ୟୁଞ୍ଜୟ ରଥଙ୍କ ରଚିତ 'କର୍ମଯୋଗୀ ଗୌରୀଶଙ୍କର' ଓ 'ଉତ୍କଳଗୌରବ ମଧୁସୂଦନ', ପଦ୍ମଚରଣ ପଟ୍ଟନାୟକଙ୍କ 'ବ୍ୟାସକବି ଫକୀର ମୋହନ' ଆଦି ଉଲ୍ଲେଖଯୋଗ୍ୟ ରଚନା ପ୍ରକାଶ ପାଇଥିଲା । ଜୀବନୀ ମୂଳକ ପ୍ରବନ୍ଧ ଅବଶ୍ୟ ବହୁ ସଂଖ୍ୟାରେ ଲିଖିତ ହୋଇଅଛି । କିନ୍ତୁ, ପୂର୍ଣ୍ଣାଙ୍ଗ ଜୀବନୀ ରଚନାର ଦୃଷ୍ଟାନ୍ତ ଓଡ଼ିଆରେ ଏବେ ବି ବିରଳ । ଯେଉଁ କେତୋଟି ଜୀବନୀ ଏବେ ବି

Digitized by PPRACHIN, SOA

ରଚିତ ହୋଇଛି, ସେଥିରେ ଉପାଦାନର ଘୋରତର ଅଭାବ ପରିଲକ୍ଷିତ ହୁଏ । ପାଶ୍ଚାତ୍ୟ ଦେଶରେ ଏପରିକି ଭାରତବର୍ଷର ଅନ୍ୟାନ୍ୟ ପ୍ରାନ୍ତରେ ସମସାମୟିକ ବିଶିଷ୍ଟ ରାଜନୀତିଜ୍ଞ, ବୀର, କବି ଓ ସାହିତ୍ୟିକମାନଙ୍କର ଜୀବନୀ-ଲେଖ୍ୟ ରଚନାର ବହୁଳ ପ୍ରଚଳନ ଦେଖାଯାଏ । ଏ ଦିଗରୁ ଓଡ଼ିଶାରେ ପ୍ରଚେଷ୍ଟା ହୋଇନାହିଁ କହିଲେ ଚଳେ । କେଉଁଠି କିପରି କୌଣସି ସାଧୁ-ସନ୍ଥ ମାନଙ୍କର ଜୀବିତ କାଳରେ ହୁଏତ ଜୀବନୀ ଲେଖା ହୋଇଥିବ । କିନ୍ତୁ ଜୀବିତ କାଳରେ କୌଣସି ବିଶିଷ୍ଟ ଓଡ଼ିଆ ଜନନେତା, କବି ବା ସାହିତ୍ୟିକ ମାନଙ୍କର ଜୀବନୀ ରଚନା ଉଦ୍ୟମ ନ ହେବା ଫଳରେ ଜୀବନୀ ରଚନାର ଉପାଦାନ ସଂଗ୍ରହର ପ୍ରୟାସ ହୋଇ ନାହିଁ । କୋଣସି ଜାତୀୟ "ଚରିତକୋଷ" ରଚନା ପାଇଁ ତଥ୍ୟାଗାର ପ୍ରତିଷ୍ଠା ଆଜି ଅତ୍ୟନ୍ତ ଜରୁରୀ । ଆମ୍ଭମାନଙ୍କ ଦେଶରେ ଅତୀତରେ ଅନଗ୍ରସରତାର ପ୍ରଧାନ କାରଣ ଇତିହାସ ଚେତନାର ଅଭାବ । ଜାତୀୟ ଜୀବନରେ ମହତ୍ ବ୍ୟକ୍ତିବର୍ଗଙ୍କର ମହାନ ଜୀବନର ଧ୍ୟାନ ଧାରଣା, ସାଧନା ଓ ସିଦ୍ଧିର ଯଥାର୍ଥ ଇତିହାସ ରଚନା ଦୁରୂହ ହୋଇ ପଡ଼ିବ ।

ଏହି ପରିପ୍ରେକ୍ଷୀରେ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଜୀବନୀ ରଚନା ଲାଗି ମୋର ଉଦ୍ୟମକୁ ବିଚାର କରିବାକୁ ହେବ । ନୀଳକଣ୍ଠ ଆଧୁନିକ ଉତ୍କଳର ନବଜାଗରଣର ପଥିକୃତ, ଭାବୁକ, କବି, ଶିକ୍ଷକ, ଲୋକନାୟକ, ସେବାଯଜ୍ଞର ପୁରୋଧା, ସ୍ୱାଧୀନତା ସଂଗ୍ରାମର ଅନ୍ୟତମ କର୍ଣ୍ଣଧାର । ତାଙ୍କର ଜୀବନୀ ଯେ କୌଣସି ମହା କାବ୍ୟଭଳି ସୃଜନଧର୍ମୀ, ନୀତିଶାସ୍ତ୍ରଭଳି ଶିକ୍ଷଣୀୟ ଓ ରୂପକଥାଭଳି ରୋମାଞ୍ଚକର । ପ୍ରବୀଣ ବୟସରେ ଲେଖା ଆତ୍ମଜୀବନୀଠାରୁ ତରୁଣବୟସରେ ଲେଖା ବହୁ ପ୍ରବନ୍ଧ, କାବ୍ୟ କବିତା ଓ ବହୁ ସାମ୍ବାଦିକ ରଚନାରେ ପଣ୍ଡିତଜୀଙ୍କର ତୁଙ୍ଗ ବ୍ୟକ୍ତିତ୍ୱର ପ୍ରତିଫଳନ ଘଟିଅଛି । ତେବେ ଏ ସବୁରୁ ତାଙ୍କ ଜୀବନର ପରିପୂର୍ଣ୍ଣ ରୂପକଳ୍ପନା ସମ୍ଭବ ନୁହେଁ । ପ୍ରଥମତଃ ଏ ସବୁ ତାଙ୍କର ସଚେତନ ସତର୍କ ମନର ସୃଷ୍ଟି । ନୈର୍ବ୍ୟକ୍ତିକ ନିରାସକ୍ତ ଚିନ୍ତା ଚେତନାର ପ୍ରତୀକ । ବ୍ୟକ୍ତିଗତ ଜୀବନ ବିଷୟରେ ଏ ସବୁଥିରୁ କ୍ୱଚିତ୍ ଉପାଦାନ ମିଳିଥାଏ । ତେଣୁ ନୀଳକଣ୍ଠଙ୍କ ଜୀବନୀ ରଚନା ପାଇଁ ସ୍ମୃତି ସମିତିର ଆହ୍ୱାନ ପାଇବା ସଙ୍ଗେ ସଙ୍ଗେ ଏଥିପାଇଁ ବିଶେଷ ଭାବରେ ତଥ୍ୟ ସଂଗ୍ରହର ଆବଶ୍ୟକତା ମୁଁ ଅନୁଭବ କରିଥିଲି । ଆଗେ ଏ ଦିଗରେ

Digitized by PPRACHIN, SOA

ପଦକ୍ଷେପ ନେବାପାଇଁ ମୁଁ ସ୍ମୃତି ସମିତିକୁ ଅନୁରୋଧ କରିଥିଲି । ସ୍ମୃତି-ସମିତିର ସମ୍ପାଦକ ଶ୍ରୀଯୁକ୍ତ ମଧୁସୂଦନ ଦାଶ ଏ ଦିଗରେ ସୁଯୋଗ ଦେବା ପାଇଁ ସଙ୍ଗେ ସଙ୍ଗେ ରାଜି ହୋଇଥିଲେ ।

ମେ' ୫, ୧୯୮୧ ରେ ଲୋକବନ୍ଧୁ ଡଃ କୁଞ୍ଜବିହାରୀ ଦାସଙ୍କ ସଭାପତିତ୍ୱରେ ଭୁବନେଶ୍ୱରସ୍ଥ ସ୍ମୃତି ସମିତିର କାର୍ଯ୍ୟାଳୟରେ ପ୍ରାରମ୍ଭିକ ଆଲୋଚନା ଅନୁଷ୍ଠିତ ହୋଇଥିଲା । ସ୍ମୃତି ସମିତିର ସମ୍ପାଦକ ଓଡ଼ିଆ ଓ ଇଂରାଜୀରେ ପଣ୍ଡିତଜୀଙ୍କର ଦୁଇଟି ସଂକ୍ଷିପ୍ତ ଜୀବନୀ ଓ ଶତବାର୍ଷିକୀ ଉପଲକ୍ଷେ ଏକ ବିରାଟ ଜୀବନୀ ସଂକଳନର ପରିକଳ୍ପନା ବିଷୟରେ ସୂଚନା ଦେଇଥିଲେ । ଏହି ଆଲୋଚନାରେ ନୀଳକଣ୍ଠଙ୍କ ଜୀବନୀ ରଚନାର ସାର୍ଥକତା ପାଇଁ ମୌଳିକ-ତଥ୍ୟ ସଂଗ୍ରହ ଉପରେ ମୁଁ ବିଶେଷ ଗୁରୁତ୍ୱ ଆରୋପ କରିଥିଲି । ନୀଳକଣ୍ଠ ଏବେ ବି ସଂପୂର୍ଣ୍ଣରୂପେ ଅତୀତର ବିସ୍ମୃତି ମଧ୍ୟରେ ହଜି ଯାଇ ନାହାନ୍ତି । ଲୋକରେ ତାଙ୍କର ବ୍ୟକ୍ତିତ୍ୱର ପ୍ରଭାବ ଓ ପ୍ରତିଷ୍ଠା ଏବେ ବି ଜୀବନ୍ତ । ତେଣୁ ତାଙ୍କୁ ଅତି ନିକଟରୁ ଜାଣିଥିବା ଜନତାଙ୍କଠାରୁ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସ୍ମୃତିରୁ ତଥ୍ୟ ସଂଗ୍ରହର ପ୍ରୟାସ ହେବା ପ୍ରୟୋଜନ । ନୀଳକଣ୍ଠଙ୍କ ଗ୍ରାମର ଲୋକସାହିତ୍ୟ ଓ ସଂସ୍କୃତିର ସର୍ବେକ୍ଷଣ ସଙ୍ଗେ ସଙ୍ଗେ ନୀଳକଣ୍ଠଙ୍କର ଚିଠିପତ୍ର, ନୀଳକଣ୍ଠଙ୍କୁ ଲିଖିତ ବିଶିଷ୍ଟ ବ୍ୟକ୍ତିଙ୍କ ଚିଠିପତ୍ର, ଅର୍ଦ୍ଧଶତାବ୍ଦୀ ବ୍ୟାପୀ ସକ୍ରିୟ ରାଜନୈତିକ ଜୀବନକାଳରେ ସମସାମୟିକ ସମ୍ବାଦପତ୍ରର ପୃଷ୍ଠାରୁ ତାଙ୍କର ବକ୍ତୃତା ଓ କ୍ରିୟାକଳାପର ବିବରଣୀ ଆଦି ସଂକଳନ ପାଇଁ ଏକ୍ଷ-ଟାରେ ସିଦ୍ଧାନ୍ତ ଗ୍ରହଣ କରାଯାଇଥିଲା । ଉତ୍କଳୀୟ ସଂସ୍କୃତିର ଓ ମନୀଷାର ମୂର୍ତ୍ତି ପ୍ରତିନିଧି, ଆଦର୍ଶ ଶିକ୍ଷକ ଓ ବରେଣ୍ୟ ଜନନାୟକ ପଣ୍ଡିତ ନୀଳକଣ୍ଠଙ୍କ ଜୀବନୀ ରଚନାର ମୂଳ ସର୍ତ୍ତ ବ୍ୟାପକ ଭିତ୍ତିରେ ତଥ୍ୟ ସଂଗ୍ରହ । ଏଥି ନିମନ୍ତେ ଦ୍ରୁତ କାର୍ଯ୍ୟାନୁଷ୍ଠାନ ପାଇଁ ସେଦିନ ସଭାପତି ଡଃ ଦାଶ ସମସ୍ତଙ୍କୁ ନିବେଦନ କରିଥିଲେ । ତହିଁ ପରଦିନ ପଣ୍ଡିତ ନୀଳକଣ୍ଠଙ୍କ ଗ୍ରାମର ଅନ୍ତେବାସୀ କ୍ୟୁରେଟର୍ ରବିନାରାୟଣ ଦାଶ, ପଣ୍ଡିତଜୀଙ୍କର କନ୍ୟା ଇନ୍ଦିରା ଦେବୀଙ୍କ ଗହଣରେ ପ୍ରାରମ୍ଭିକ ତଥ୍ୟାନୁସନ୍ଧାନ ପାଇଁ ପଣ୍ଡିତ ନୀଳକଣ୍ଠଙ୍କ ଜନ୍ମସ୍ଥାନ ଶ୍ରୀରାମଚନ୍ଦ୍ରପୁର ଶାସନ ଓ ପ୍ରିୟ କର୍ମସ୍ଥଳୀ ସତ୍ୟବାଦୀ ଦେଖିବାର ବ୍ୟବସ୍ଥା ସଂପାଦନ କରିଥିଲେ । ଏକ ଦିଗରେ ଶ୍ରୀରାମଚନ୍ଦ୍ରପୁରର ସେହି ପ୍ରିୟ ଆବାସଗୃହ ଓ ଅନ୍ୟଦିଗରେ ବହୁ ସ୍ମୃତିଜଡ଼ିତ ସତ୍ୟବାଦୀରେ ସମାଧି ମଣ୍ଡପ

Digitized by PPRACHIN, SOA

ନିକଟରେ କେତୋଟି ମୁହୂର୍ତ୍ତି ଦଣ୍ଡାୟମାନ ହୋଇ ମୁଁ ବିଶେଷ ଭାବାବିଷ୍ଟ ହୋଇ ପଡ଼ିଥିଲି । ସତେ ଯେପରିକି ଗଭୀର ତମସାର ଅନ୍ଧକାର ଭେଦ-କରି ଏକ ନବୀନ ସୂର୍ଯ୍ୟ ଶତାବ୍ଦୀର କାଳରେଖାରେ ଗଭୀର ସ୍ୱାକ୍ଷର ଅଙ୍କନକରି ଅସ୍ତ ମୁହୂର୍ତ୍ତର ସୁନେଲି ଆଭାରେ ଆମର ସମଗ୍ର ଚେତନାକୁ ଉଦ୍‌ଜୀବିତ କରିଯାଇଅଛି ।

କଳ୍ପନା ଓ ବାସ୍ତବ ଭିତରେ ବିରାଟ ବ୍ୟବଧାନ ଆମ୍ଭମାନଙ୍କୁ ସମୟ ସମୟରେ ବିମୂଢ଼ କରିଦିଏ । ମୁଁ ଗତ ଏକବର୍ଷ ଧରି ଏହି ଜୀବନୀ ରଚନା କାଳରେ ପ୍ରଥମେ ଯେଉଁ ପ୍ରେରଣା ନେଇ ଉଦ୍ୟମ କରିଥିଲି, ଶେଷ ପର୍ଯ୍ୟନ୍ତ ସେହି ପ୍ରେରଣା ଦ୍ୱାରା ଫଳିତ ହେବା ମୋ ପକ୍ଷରେ ସମ୍ଭବ ହୋଇ-ନାହିଁ । ଏହି ଜୀବନୀ ରଚନା କ୍ଷେତ୍ରରେ ମୁଁ ବିସ୍ତର ବାଧାର ସମ୍ମୁଖୀନ ହୋଇଅଛି । ଉପାଦାନ ଓ ତଥ୍ୟଗତ ଅପ୍ରତୁଳତା ଏକ ବଡ଼ ବାଧା ହୋଇ ପଦେ ପଦେ ମୋର କାର୍ଯ୍ୟକୁ ପ୍ରତିହତ କରିଅଛି । ପଣ୍ଡିତ ନୀଳକଣ୍ଠଙ୍କର କୌଣସି ବ୍ୟକ୍ତିଗତ ଦିନଲିପି, ଚିଠିପତ୍ର, ଏପରିକି କେନ୍ଦ୍ର ବ୍ୟବସ୍ଥା ସଭା ଓ ଓଡ଼ିଶା ବିଧାନସଭାରେ ପ୍ରଦତ୍ତ ତାଙ୍କର ଅସଂଖ୍ୟ ଭାଷଣ ପଢ଼ି ଦେଖିବାର ସୁଯୋଗ ମୋର ହୋଇନାହିଁ । ଏ ଦିଗରୁ ଭବିଷ୍ୟତ ଜୀବନୀ ଲେଖକଙ୍କପାଇଁ ଯେଉଁ ପ୍ରଶସ୍ତ କ୍ଷେତ୍ର ରହିଅଛି, ପଣ୍ଡିତ ନୀଳକଣ୍ଠଙ୍କ ଜୀବନୀ ରଚନାରେ ସେ ସବୁର ମୂଲ୍ୟ କେତେ ତାହା କଳନା କରିବାରେ ଯଦି ଏହି ସଂକ୍ଷିପ୍ତ ଜୀବନୀ କିଛି ସାହାଯ୍ୟ କରିପାରେ ତେବେ ମୁଁ ମୋର ଶ୍ରମକୁ ସାର୍ଥକ ମଣିବି । ଏହି ଦିଗରେ ସ୍ମୃତି ସମିତି ସମ୍ପାଦକଙ୍କର ସମୟ ଭିତ୍ତିକ କାର୍ଯ୍ୟାନୁଷ୍ଠାନରେ ଉଦଗ୍ର ଉତ୍ସାହ ନିକଟରେ ମୁଁ ଋଣୀ । ନୀଳକଣ୍ଠଙ୍କର ସ୍ନେହଧନ୍ୟା ଆତ୍ମଜା ଶ୍ରୀମତୀ ସାରଦା, ଇନ୍ଦିରା ଓ ରମା ଦେବୀ, ଆତ୍ମଜ ଡାଃ ବିକ୍ରମ ଦାସଙ୍କ ସଙ୍ଗେ ସାକ୍ଷାତ ଓ ଆଲୋଚନାରୁ ମୁଁ ଉପକୃତ ହୋଇଅଛି । ଏ ସମସ୍ତଙ୍କୁ ମୋର ଅନ୍ତରର କୃତଜ୍ଞତା ଜ୍ଞାପନ କରୁଛି । ପଣ୍ଡିତ ନୀଳକଣ୍ଠ ଶତବାର୍ଷିକୀ ପାଳନ କମିଟିର ସାହିତ୍ୟ ଓ ଦର୍ଶନ ଅନୁଶୀଳନ ଶାଖାର ବରେଣ୍ୟ ସଭାପତି ପ୍ରୋଫେସର ଡାଃ କୁଞ୍ଜବିହାରୀ ଦାଶ ମନୀଷୀ ନୀଳକଣ୍ଠଙ୍କୁ ସମସ୍ତ ଅତିକଥାର ଆବରଣ ଭିତରୁ ସ୍ୱତନ୍ତ୍ର ଭାବରେ ବାହାର କରିବା ପାଇଁ ପଥ ନିର୍ଦ୍ଦେଶ କରି ଆସିଛନ୍ତି । ତାଙ୍କ ଋଣ ଅପରିଶୋଧ୍ୟ ।

Digitized by PPRACHIN, SOA

ପତ୍ରର ହରିତ ବଳୟ ମଧ୍ୟରୁ ପୁଷ୍ପର ବର୍ଣ୍ଣବିଭା ଭଳି ମାନବୀୟ ଦୋଷ ଦୁର୍ବଳତାର ଭିତରେ ହିଁ ମନୀଷୀମାନଙ୍କର ମହତ୍ତ୍ୱର ସୁରଭି ଚହଟି ଉଠେ । ପୁଣି ଏହି ଜୀବନୀର ନାୟକ ଆମର ସ୍ୱକାଳର । ତାଙ୍କ ବାଣୀର ତେଜ, ଚକ୍ଷୁର ଦୀପ୍ତି ଓ ମୁଖମଣ୍ଡଳର ଆଭା ଏବେ ବି ଆମ ଆଖି ଆଗରେ ଜୀବନ୍ତ । କେବଳ ଭାବି କାଳର ପାଠକମାନେ ତାଙ୍କୁ ସଂପୂର୍ଣ୍ଣ ଐତିହାସିକ ଦୃଷ୍ଟିରେ ଦେଖିବେ । ଏମାନଙ୍କଠାରେ ଜଣେ ପ୍ରତ୍ୟକ୍ଷଦର୍ଶୀର ବିବରଣୀ ସ୍ୱତନ୍ତ୍ର ମୂଲ୍ୟରେ ଗୃହୀତ ହୋଇପାରେ । ଏହି ବିଶ୍ୱାସରେ ନିଜର କିଛି ସ୍ମୃତି ଏହି ଲେଖା-ମଧ୍ୟରେ ଆଭାସ-ଇଙ୍ଗିତରେ ପ୍ରକାଶିତ । ଆଶାକରେ, ଏଥିରୁ କେହି ଦୈନ୍ୟ ବା ବଡ଼ିମାର ଉପାଦାନ ଖୋଜିବସିବେ ନାହିଁ । ୧୯୫୬-'ଡଗର' ପତ୍ରିକାରେ ମୋର ପ୍ରିୟ ଲେଖକ 'ନୀଳକଣ୍ଠ' ପ୍ରବନ୍ଧଟି ଲେଖିଥିଲି । ଆଜି ତେଇଶବର୍ଷ ପରେ ପୂର୍ଣ୍ଣାଙ୍ଗ ଜୀବନୀଟି ପାଠକଙ୍କ ହାତରେ ଦେଇ ବିଶେଷ ଆନନ୍ଦିତ ।

ବିଶ୍ୱଭାରତୀ ଓଡ଼ିଆ ବିଭାଗର ଅନୁଜ କଳ୍ପ ଅଧ୍ୟାପକମାନଙ୍କର ହାର୍ଦ୍ଦିକତା ଓ ସ୍ନାତକୋତ୍ତର ଶ୍ରେଣୀର ଛାତ୍ରମାନଙ୍କର ଅକୁଣ୍ଠ ସହଯୋଗ ମୋର କାର୍ଯ୍ୟକୁ ସୁଗମ କରିଛି । ବିଶ୍ୱଭାରତୀର ପ୍ରାକ୍ତନ ଗବେଷକ ଅଧ୍ୟାପକ ବସନ୍ତକୁମାର ପଣ୍ଡା ଓ ସ୍ନାତକୋତ୍ତର ଶ୍ରେଣୀର ଛାତ୍ର ଅଶୋକ ରଥ, ଚନ୍ଦ୍ର ଶତପଥୀ, ଦେବେନ୍ଦ୍ର ନାୟକ ଓ ଗୋପାଳକୃଷ୍ଣ ଦାସ—ସମସ୍ତଙ୍କୁ ମୋର ଆନ୍ତରିକ ଆଶୀର୍ବାଦ ।

ଶ୍ରୀ ଗୁଣ୍ଡିଚା, ୧୩୮୯
୨୩ ଜୁନ୍, ୧୯୮୨

ନରେନ୍ଦ୍ରନାଥ ମିଶ୍ର

Digitized by PPRACHIN, SOA

# ଜୀବନୀ

ଭୋଗ ତ୍ୟାଜ୍ୟ ନୁହେ । ମାତ୍ର ତ୍ୟାଗ ପୀଠରେ ତାର ଆସ୍ୱାଦନ ଯଥାର୍ଥ ମଧୁର, ସୁନ୍ଦର ଓ ସଂଯତ । ଭୋଗର ଆଦର୍ଶ ସଂଗ୍ରାମରେ ପ୍ରତିପକ୍ଷର କ୍ଷତି ବା ପରାଜୟ ଓ ନିଜର ଆହରଣରେ ବିଜୟ ନୁହେ— ଭୋଗର ଆଦର୍ଶ ସନ୍ତୋଷ ।

ମାନବ ପ୍ରଗତିର ଧାରା : **ନୀଳକଂଠ**

ନବଭାରତ, ମକର ୧୩୪୫, ପୃ : ୫୧୧

Digitized by PPRACHIN, SOA

# ଶ୍ରୀରାମଚନ୍ଦ୍ର ପୁର ଗ୍ରାମ

ପଣ୍ଡିତ ନୀଳକଣ୍ଠଙ୍କର ଜନ୍ମ ଅଗଷ୍ଟ ୫, ୧୮୮୪, ୧୨୯୧ ସାଲ ଭାଦ୍ରବ ଶୁକ୍ଳ ଚତୁର୍ଦ୍ଦଶୀ । ପିତା ଆନନ୍ଦ ଦାସ, ମାତା ହୀରା ଦେବୀ । ନୀଳକଣ୍ଠ ଅଷ୍ଟମ ଗର୍ଭର ସନ୍ତାନ । ପିତା ମାତାଙ୍କର ଏକମାତ୍ର ପୁତ୍ର । ଜନ୍ମ ସମୟକୁ ପିତାଙ୍କ ବୟସ ୪୫ ଓ ମାତାଙ୍କ ବୟସ ୩୬ । ପଣ୍ଡିତ ନୀଳକଣ୍ଠଙ୍କର ଜନ୍ମ ପୁରୀ ଜିଲ୍ଲାର ସତ୍ୟବାଦୀ ଥାନା ଅନ୍ତର୍ଗତ ଶ୍ରୀରାମଚନ୍ଦ୍ରପୁର ଶାସନରେ । ଏହା ସତ୍ୟବାଦୀର ଅଦୂରବର୍ତ୍ତୀ । ରତ୍ନଚିରା ନଦୀକୂଳରେ ଅବସ୍ଥିତ ।

ଷୋଡ଼ଶ/ସପ୍ତଦଶ ଶତାବ୍ଦୀରେ ଖୋର୍ଦ୍ଧାର ରାଜବଂଶ ଅନେକଗୁଡ଼ିଏ ଶାସନ ବସାଇଥିଲେ । ଏହାର ଐତିହାସିକ ପୃଷ୍ଠଭୂମି ହେଉଛି— କଳାପାହାଡ଼ ଓଡ଼ିଶା ଜିଣିବାର ପ୍ରାୟ ୨୨ ବର୍ଷ ପରେ ଅର୍ଥାତ୍ ୧୫୯୦ ଖ୍ରୀ: ଅ: ରେ ଭୋଇ ବଂଶର ରାମଚନ୍ଦ୍ର ଦେବଙ୍କୁ ମୋଗଲ ସମ୍ରାଟ ଆକବରଙ୍କ ସେନାପତି ଓ ପ୍ରାଦେଶିକ ଶାସନକର୍ତ୍ତା ମାନସିଂହ ଆସି ଓଡ଼ିଶାର ରାଜାରୂପେ ପ୍ରତିଷ୍ଠିତ କଲେ । କଳାପାହାଡ଼ ବିଧ୍ୱଂସ ପରେ ରାମଚନ୍ଦ୍ର ଦେବ ଓଡ଼ିଶାର ମନ୍ଦିର ଧର୍ମ ପ୍ରଭୃତିର ଯେ ସଂଶୋଧନ ଓ ପୁନଃ ପ୍ରତିଷ୍ଠା କରିଥିଲେ, ଇତିହାସରେ ତାର ପଟାନ୍ତର ଅଛି ବୋଲି ମନେ ହେଉ ନାହିଁ । ତାଙ୍କର ସମୟରେ ମାନସିଂହଙ୍କ ଇଚ୍ଛା ଓ ଦାନଧର୍ମରେ ପୁରୀରେ ମୁକ୍ତି ମଣ୍ଡପ ( ଅର୍ଥାତ୍ ଏବେ ଯେପରି ଅଛି ସେଇ ମୁକ୍ତି ମଣ୍ଡପ ) ନିର୍ମିତ ହୋଇଥିଲା ଓ ସେଥିରେ ଷୋଳଟି ଖମ୍ବର ଅଧିକାର ବ୍ରାହ୍ମଣଙ୍କୁ ଦେବାପାଇଁ ପୁରୀ ନିକଟସ୍ଥ ରହାଙ୍ଗ ପ୍ରଗଣାରେ ଷୋଳଟି ଶାସନ ବସାଇ ଦିଆଯାଇଥିଲା । ଏଇ ରାମଚନ୍ଦ୍ର ଦେବଙ୍କର ଡାକନାମ ଥିଲା ରମାଇ ରାଉତରା । ରାମଚନ୍ଦ୍ର ଦେବ ଭୋଇବଂଶୀ ରାଜା ଗୋବିନ୍ଦ ବିଦ୍ୟାଧରଙ୍କଠାରୁ ନିଜର ରାଜବଂଶ ଗଣନା କରିଥିଲେ ଓ ସେଇ ଅନୁସାରେ ନିଜର ଷୋଳଟି ଶାସନ ପୂର୍ତ୍ତି କରିଥିଲେ । ଏଇ ଶାସନ

Digitized by PPRACHIN, SOA

ଗୁଡ଼ିକର ନାମ ହେଉଛି ବୀର ଗୋବିନ୍ଦ ପୁର ( ଦୁଇଖଣ୍ଡି ବା ଦୁଇ ଶାସନ ) ତାପରେ ବୀର ପ୍ରତାପପୁର (ଦୁଇଖଣ୍ଡି ବା ଦୁଇ ଶାସନ ), ରାମଚନ୍ଦ୍ର ଦେବଙ୍କ ପ୍ରତିଷ୍ଠିତ ବୀର ରାମଚନ୍ଦ୍ର ପୁର ( ଚାରି ଖଣ୍ଡି ବା ଚାରି ଶାସନ ), ଶ୍ରୀରାମଚନ୍ଦ୍ର ପୁର ( ଦୁଇ ଖଣ୍ଡି ବା ଦୁଇ ଶାସନ ) ପ୍ରତାପ ରାମଚନ୍ଦ୍ର ପୁର ( ଏହାର ପୂର୍ବ ନାମ ପାଟଳୀ, ତିନିଖଣ୍ଡି ବା ତିନି ଶାସନ ), ବିଜୟ ରାମଚନ୍ଦ୍ର ପୁର (ଏହାର ପୂର୍ବନାମ କୋରଙ୍ଗା ବା କଳିଙ୍ଗ—ଏହା ଏକ ଖଣ୍ଡି ବା ଏକ ଶାସନ, ଉଭୟ ମୁଖୀ ରାମଚନ୍ଦ୍ରପୁର ( ଏହା ଦୁଇଖଣ୍ଡି ବା ଦୁଇ ଶାସନ )"(୧) । ଏହି ସବୁ ଶାସନ ଅବସ୍ଥିତ ଥିଲା ପୁରୀର ପାଞ୍ଚକୋଶ ମଧ୍ୟରେ । ପୁରୀକୁ ଆଗତ ଯାତ୍ରୀମାନଙ୍କୁ ଆକୃଷ୍ଟ କରିବା, ପୁରୀର ମନ୍ଦିରର ସେବାରେ ସହାୟତା କରିବା ଏହି ସବୁ ଶାସନ ବ୍ରାହ୍ମଣମାନଙ୍କର ଅନ୍ୟତମ କାର୍ଯ୍ୟଥିଲା । ଏକ ସମୟରେ ଏହି ଶାସନ ବ୍ରାହ୍ମଣମାନେ ରାଜାଙ୍କର ଦକ୍ଷିଣ ହସ୍ତ ସ୍ୱରୂପ ଥିଲେ । ଏମାନେ ନିଜେ ବିପୁଳ ସମ୍ପଦ ଅଥବା ଭୋଗୈଶ୍ୱର୍ଯ୍ୟର ଅଧିକାରୀ ନ ଥିଲେ । ମାତ୍ର ନିଜର ଶିକ୍ଷା, ସାଧନା ଓ ତ୍ୟାଗ ବଳରେ ସମାଜର ଶୀର୍ଷ ସ୍ଥାନରେ ଏମାନଙ୍କର ଆସନ ନିର୍ଦ୍ଧାରିତ ଥିଲା । ସତ୍ୟବାଦୀର ସାକ୍ଷୀଗୋପାଳଙ୍କୁ ଘେନି ମରହଟ୍ଟା ଶାସନର ଶେଷ ଆଡ଼କୁ ଏକ ତୀର୍ଥସ୍ଥାନ ଗଢ଼ି ଉଠିଥିଲା । ରତ୍ନଚିରା କୂଳରେ ପ୍ରସିଦ୍ଧ ଛୁରୀଅନା ଓ ବକୁଳ ମୂଳରେ ବିରାଜିତ ଗୋପାଳ ମୂର୍ତ୍ତି ଜନୈକ ସନ୍ନ୍ୟାସୀଙ୍କ ଉଦ୍ୟୋଗରେ ମନ୍ଦିରରେ ଆସୀନ ହେଲେ । ଊନବିଂଶ ଶତାବ୍ଦୀର ଶେଷଭାଗକୁ ଓଡ଼ିଶାକୁ ରେଳ ଆସିଲା । ସତ୍ୟବାଦୀର ରେଳ ଷ୍ଟେସନ୍ଟି ଏହି ସାକ୍ଷୀଗୋପାଳ ନାମରେ ନାମିତ ହେଲା । ଏହି ମନ୍ଦିରକୁ କେନ୍ଦ୍ର କରି ଗଢ଼ି ଉଠିଲା ଏକ ତୀର୍ଥସ୍ଥାନ ଓ ବାଣିଜ୍ୟ କେନ୍ଦ୍ର, ସାକ୍ଷୀଗୋପାଳ ଏବେ ବହୁ ଜନବସତି ପୂର୍ଣ୍ଣ ଏକ କ୍ଷୁଦ୍ର ସହର । ଏହି ସାକ୍ଷୀଗୋପାଳର ଅଦୂରବର୍ତ୍ତୀ ଶ୍ରୀରାମଚନ୍ଦ୍ରପୁର ଗ୍ରାମ । ଶ୍ରୀରାମଚନ୍ଦ୍ରପୁର ସୁପ୍ରାଚୀନ ଶାସନର ଏକ ପ୍ରକୃଷ୍ଟ ପ୍ରତିନିଧି ସ୍ଥାନୀୟ ଗ୍ରାମ । ଭୌମବଂଶୀ ରାଜାଙ୍କଠାରୁ ଧାରାବାହିକ ଭାବରେ ରାଜାମାନଙ୍କ ଦ୍ୱାରା ବ୍ରାହ୍ମଣ ଶାସନ ପ୍ରତିଷ୍ଠାର ଇତିହାସ ଓଡ଼ିଶାରେ ଦେଖିବାକୁ ମିଳେ । ଏହି ଶାସନ ଗୁଡ଼ିକ ସୁପରିକଳ୍ପିତ । ପୂର୍ବରୁ ପଶ୍ଚିମକୁ ପ୍ରସାରିତ ଚାଳିଶ ଫୁଟ ଚଉଡ଼ାର ଗ୍ରାମଦାଣ୍ଡର ଦୁଇ ପାଖରେ ସାରିବନ୍ଧ ଭାବରେ ଶାସନ ଘର ଗୁଡ଼ିକ ଥାଏ । ପୂର୍ବ

---

୧ । ନୀଳକଣ୍ଠ ଗ୍ରନ୍ଥାବଳୀ-ପ୍ରଥମ ଭାଗ । ପୃ. ୪୪

Digitized by PPRACHIN, SOA

ପଶ୍ଚିମ ଦୁଇ ଖଣ୍ଡି ମଝିରେ ଥାଏ ପୁରାଣ ମଣ୍ଡପ । ପୂର୍ବରେ ଶିବ ମନ୍ଦିର ଓ ଠାକୁରାଣୀ ମନ୍ଦିର ପଶ୍ଚିମରେ ଗୋପୀନାଥ ମନ୍ଦିର । ମନ୍ଦିର ପାଖରେ ସାଧାରଣ ପୁଷ୍କରଣୀ । ଏଇ ଢାଞ୍ଚରେ ଶ୍ରୀରାମଚନ୍ଦ୍ରପୁର ଶାସନଟି ଗଢ଼ା । ଏହା ଆକାରରେ ଯେପରି ବଡ଼ ପ୍ରାଚୀନ ବ୍ରାହ୍ମଣ୍ୟ ଆଚାର ଓ ପରଂପରାରେ ସେହିପରି ପ୍ରତିନିଧିସ୍ଥାନୀୟ ।

ପ୍ରାଚୀନ ସଂସ୍କାର ଓ କୁସଂସ୍କାର ଯେନ ଏଇ ଗ୍ରାମରେ ନୀଳକଣ୍ଠ ବନ୍ଦି ଥିଲେ । ତାଙ୍କ ନିଜ ଉକ୍ତିରେ ଏଇ ଶାସନ ଓ ତାର ଅଧିବାସୀଙ୍କର ଦୃଷ୍ଟିକୋଣ କଳନା କରାଯାଇ ପାରେ—"ଆମ ଗ୍ରାମ ପୁରୀ ଜିଲ୍ଲାର ଏକ ସୁବୃହତ୍ ବ୍ରାହ୍ମଣ ଶାସନ । ସେଠାରେ ଶିକ୍ଷିତ ଲୋକଙ୍କର ମଧ୍ୟ ନିତାନ୍ତ ଅଭାବ ନାହିଁ । କାବ୍ୟତୀର୍ଥାଦି ସଂସ୍କୃତ ପଣ୍ଡିତଙ୍କ ଠାରୁ ଆରମ୍ଭ କରି ଭର୍ଣ୍ଣାକ୍ୟୁଲର, ମାଇନର, ଟ୍ରେନିଂ, ଅଣ୍ଡର ଗ୍ରାଜୁଏଟ୍ ଓ ଗ୍ରାଜୁଏଟ୍ ପର୍ଯ୍ୟନ୍ତ ସମସ୍ତଙ୍କ ସଂଖ୍ୟା ମୋଟା ମୋଟି ଧରିବାକୁ ଗଲେ ଗ୍ରାମର ପୁରୁଷ ସଂଖ୍ୟାର ପ୍ରାୟ ଏକ ଚତୁର୍ଥାଂଶ ହେବ । ଏମାନେ ହେଲେ ସାକ୍ଷାତ୍ ଭାବରେ ଶିକ୍ଷିତ, ଏମାନଙ୍କ ଛଡ଼ା ପ୍ରାୟ ଗ୍ରାମର ସମସ୍ତ ଯୁବକ ଓ ଅନେକ ବୟସ୍କ ଲୋକ ସଂସର୍ଗ ଗୁଣରୁ ଶିକ୍ଷିତ ପ୍ରକୃତିର । ଏହା ବ୍ୟତୀତ ଗ୍ରାମଟି ଗୋଟିଏ ବଡ଼ ରାଜ ପ୍ରତିଷ୍ଠିତ ବ୍ରାହ୍ମଣ ଶାସନ ଥିବାରୁ ଏ ଗ୍ରାମର ବ୍ରାହ୍ମଣମାନଙ୍କର ନିକଟସ୍ଥ ଶୂଦ୍ରାଦି ଜାତିମାନଙ୍କ ଉପରେ ଆଧିପତ୍ୟ ଓ ପ୍ରଭୁତା ଖୁବ୍ ଅଛି । ଗ୍ରାମର ନାନାବିଧ ରାଜବିଧି ଅନୁଷ୍ଠାନ ଓ ସର୍ବୋପରି ଏ ଗ୍ରାମର ଲୋକମାନଙ୍କର ଜାତ୍ୟାଭିମାନର ମାତ୍ରା ଅନ୍ୟାନ୍ୟ ଶାସନବାସୀମାନଙ୍କଠାରୁ ବେଶୀ ନ ହୋଇ ପାରେ, କିନ୍ତୁ କୌଣସି ପ୍ରକାରେ କମ୍ ନୁହେଁ । ଏମାନଙ୍କର ସାଧାରଣତଃ ବିଶ୍ୱାସ, ପୃଥିବୀରେ ଶାସନୀ ବ୍ରାହ୍ମଣମାନେଇ ସଭ୍ୟତମ ପ୍ରାଣୀ ଏବଂ ଏକମାତ୍ର ବିଭୁ କୃପା ଓ ସ୍ୱର୍ଗ ରାଜ୍ୟର ଅଧିକାରୀ । ଏମାନଙ୍କ ମତରେ ଆଚାର, ବ୍ୟବହାର, ଧର୍ମଜ୍ଞାନ ଓ ଆଚରଣ, ନୀତିଜ୍ଞାନ ଓ ତାହାର ଅନୁବର୍ତ୍ତନ ପ୍ରଭୃତି ବିଷୟରେ ଶାସନୀ ବ୍ରାହ୍ମଣଙ୍କୁ ଛାଡ଼ ଦେଲେ ପୃଥିବୀରେ ଅନ୍ୟ ସମସ୍ତେ ବର୍ବର ବିନିନ୍ଦିତ ସ୍ଥାନର ଅଧିକାରୀ ।(୧)

---

୧ । 'ଆମର ଥଳ୍ପ ଓ କାରଣ ଥାଇପାରେ' ବା ସାମାଜିକ କୁସଂସ୍କାର-ନୀଳକଣ୍ଠ ଗ୍ରନ୍ଥାବଳୀ (୨ୟ) ପୃ. ୪୮୧

Digitized by PPRACHIN, SOA

## ପିତା ଓ ପରିବାର :—

ଏହି ଗାଁରେ ନୀଳକଣ୍ଠଙ୍କ ପିଲାଦିନ କଟିଥିଲା । ଜେଜେମା, ବୋଉ, ବାପା ଓ ଭଉଣୀମାନଙ୍କୁ ନେଇ ଏକ ଗରିବ ପରିବାର । କିନ୍ତୁ ଏହି ପରିବାରଟିର ସମୃଦ୍ଧି ଓ ଆଭିଜାତ୍ୟର ସ୍ମୃତି ସବୁଦିନେ ନୀଳକଣ୍ଠଙ୍କ ପିତାଙ୍କ ମନରେ ଜାଗରୂକ ହୋଇ ରହିଥିଲା । ତାଙ୍କର ବଂଶରେ ଥିଲେ ମୁକୁନ୍ଦ ଦାସ, ପୌରାଣିକ ପଣ୍ଡିତ । ନୀଳକଣ୍ଠଙ୍କ ପିତାମହ ବନମାଳୀ ଦାସ ଇଂରେଜ ଅମଳରେ ଥିଲେ ପ୍ରଥମ ତହସିଲଦାର । ଗ୍ରାମରେ ସମ୍ମାନ ଓ ମର୍ଯ୍ୟାଦା ଭିତ୍ତିରେ ଏହି ତହସିଲଦାରୀ ମିଳୁଥିଲା । ମରହଟ୍ଟାମାନଙ୍କ ସମୟର ତହସିଲଦାର ଲୋକଙ୍କଠାରୁ ଶସ୍ୟ ଆକାରରେ ଖଜଣା ଆଦାୟ କରୁଥିଲେ । କିନ୍ତୁ ଇଂରେଜ୍‌ମାନେ ଏ ରୀତିର ପରିବର୍ତ୍ତନ କଲେ । ସେମାନେ ଖଜଣା ପାଇଁ ଟଙ୍କା ନେଲେ । ତହସିଲଦାର ନିଜେ କରଜ କରି ଯଥା ସମୟରେ ସରକାରୀ କଚେରୀରେ ଟଙ୍କା ଜମା ଦେଉଥିଲେ । ପରେ ଲୋକଙ୍କଠାରୁ ଏହା କେଉଁଠି ଶସ୍ୟ ଆକାରରେ କେଉଁଠିବା ଅର୍ଥରେ ଆଦାୟ କରୁଥିଲେ । ୧୮୪୮ ଖ୍ରୀ: ଥରେ ହଠାତ୍ ହଇଜାରେ ବନମାଳୀ ଦାସେ ମରିଗଲେ । ଘରେ ଦୁଇଟି ପିଲା ଓ ପତ୍ନୀ । ସେମାନଙ୍କ ପାଖରୁ ପାଉଣା ଆଦାୟ କରି କରଜ ଶୁଝିବା କାହାରି ପକ୍ଷରେ ସମ୍ଭବ ନ ଥିଲା । ତେଣୁ ଦୁଇ ଚାରିବର୍ଷ ମଧ୍ୟରେ ଘରର ସମସ୍ତ ସମ୍ପତ୍ତି ନିଲାମ ହୋଇଗଲା । ଗ୍ରାମର ଏକଧନୀ ଓ ଉଚ୍ଚ ମଧ୍ୟବିତ୍ତ ପରିବାର ନିଃସ୍ୱ ହୋଇଗଲା । ନୀଳକଣ୍ଠଙ୍କ ଭାଷାରେ "ନନା, କକେଇ ଦୁହେଁ ଅନ୍ତପିଲା ହୋଇଥିଲେ । ମା' (ଜେଜେମା) ସେତେବେଳକୁ ପିଲା ବୋହୂ । ନିଃସ୍ୱ ପରିବାରକୁ ମା କିପରି ସମ୍ଭାଳି ଥିଲେ ତାହା କେବଳ ଅନୁମାନ କରିଯାଇ ପାରେ ।"(୧)

ନିଃସ୍ୱ ମାତାର ଦରିଦ୍ର ସନ୍ତାନ ଭାବରେ ବଢିଥିଲେ ହେଁ ଆନନ୍ଦ ଦାସଙ୍କ ଉଚ୍ଚାଭିଳାଷ ଲୋପ ପାଇଯାଇ ନଥିଲା । ବଡ଼ହୋଇ ସେ ଧର୍ମଘରେ ବନ୍ଧା ହୋଇଥିଲେ । ଏଥିରେ ହୁଏତ ଜାତ୍ୟଭିମାନ କିଛିଟା କ୍ଷୁର୍ଣ୍ଣ ହୋଇ

---

(୧) ନୀଳକଣ୍ଠ ଗ୍ରନ୍ଥାବଳୀ (୧ମ) ପୃ: ୨

Digitized by PPRACHIN, SOA

ଥିଲା । ମାତ୍ର ନିଜ ଦାରିଦ୍ର୍ୟର ପ୍ରତିକାର ପାଇଁ ସେ ଦୃଢପ୍ରତିଜ୍ଞ ଥିଲେ । ଜ୍ଞାତି କୁଟୁମ୍ବଙ୍କର ବାଧା ଓ ଘୃଣାକୁ ସେ ଖାତିର କରି ନଥିଲେ । ସେ ସମୟରେ ବ୍ରାହ୍ମଣମାନେ ଜାତିଗତ ଅଧର୍ମିକା ଘେନି କୃଷି ଓ ବାଣିଜ୍ୟଆଦି କରୁ ନଥିଲେ । ଅବଶ୍ୟ ସେତେବେଳେ ସେମାନଙ୍କର ପୂର୍ବକାଳର ଶିକ୍ଷା ଓ ପ୍ରତିଷ୍ଠା ନଥିଲା । ଆନନ୍ଦ ଦାସ ସବୁବେଳେ ନିଜ ପରିବାରର ଉନ୍ନତି ପାଇଁ ପ୍ରୟାସୀ ଥିଲେ । ତେଣୁ ସେ ନିଜେ ଲୋକବାଳ ସଂଗ୍ରହକରି କୃଷି ପାଇଁ ଉଦ୍ୟମ କରିଥିଲେ । ପୂର୍ବ ପ୍ରତି ବ୍ରାହ୍ମଣ ପରିବାରରେ ଦାନଭାଗ ଥିଲା କୋଡ଼ିଏ ଏକର । ଧାନଜମି ସତର ଏକର ଓ ତିନି ଏକର ବଗିଚା । । ଆନନ୍ଦ ଦାସଙ୍କର କୌଣସି ଉଚ୍ଚ ଶିକ୍ଷା ନଥିଲା । ପିଲାଦିନରୁ ପିତୃହୀନ ଆନନ୍ଦଦାସ ଆଧୁନିକ ଉଚ୍ଚଶିକ୍ଷା ତ ଦୂରର କଥା, ପାରମ୍ପରିକ ଶିକ୍ଷାର ସୁଯୋଗରୁ ମଧ୍ୟ ବଞ୍ଚିତ ଥିଲେ । ତାଙ୍କ ନିଜ ଭାଷାରେ ସେ ଏଗାରକ କଡାଗଣ୍ଡା ପର୍ଯ୍ୟନ୍ତ ପଢିଥିଲେ । ଅର୍ଥାତ୍ ଏଗାରକ ପର୍ଯ୍ୟନ୍ତ ପଣିକିଆ ପଢିଥିଲେ, ପଚିଶିକ ପର୍ଯ୍ୟନ୍ତ ପଢିଲେ ସେତେବେଳେ ପାଠ ଶେଷ ହେଉଥିଲା । ମାତ୍ର ସେ ଥିଲେ ଜଣେ ଦୃଢମନା ବ୍ୟକ୍ତି । ତାଙ୍କର ଉଦ୍ୟମ କର୍ମରୁ କେହି ତାଙ୍କୁ ସହଜରେ ବିରତ କରିପାରୁ ନ ଥିଲା । ସେଥିପାଇଁ ସେ ଜ୍ଞାତି କୁଟୁମ୍ବଙ୍କର ସମସ୍ତ ପ୍ରତିରୋଧ ସତ୍ତ୍ୱେ ନିମ୍ନ ଜାତିର ବ୍ରାହ୍ମଣଘରେ ବିଭା ହୋଇଥିଲେ । ଟ ୧୬୦.୦୦ ଯୌତୁକ ପାଇ ପିତୃଋଣ ଶୁଝିଥିଲେ । ଏଇ ତଥାକଥିତ ଜାତି ବିକବା ଫଳରେ ତାଙ୍କର କିଛିଟା ଆର୍ଥିକ ସ୍ୱଚ୍ଛଳତା ବି ବଢ଼ିଥିଲା ।

ସେ ଯୁଗରେ ଶିଶୁ ମୃତ୍ୟୁ ସ୍ୱାଭାବିକ ଥିଲା । ଆନନ୍ଦ ଦାସଙ୍କର ଛଅ କନ୍ୟା ଓ ଦୁଇ ପୁତ୍ରଙ୍କ ମଧ୍ୟରୁ ତିନୋଟି କନ୍ୟା ଓ ଏକମାତ୍ର ପୁତ୍ର ବଞ୍ଚି ଥିଲେ । ସେବତି, ମାଣିକ ଓ ନିମ ଏବଂ ଅଷ୍ଟମ ଗର୍ଭରେ ନୀଳକଣ୍ଠଙ୍କର ଜନ୍ମ । ସେତେବେଳକୁ ଏହି ଦମ୍ପତି ଥିଲେ ପ୍ରୌଢ଼ ଓ ପ୍ରବୀଣ । ସେକାଳର ଜଗତ ବିଶ୍ୱାସ ଓ ଆସ୍ଥାର ନିଷ୍ଠା ଉପରେ ପ୍ରତିଷ୍ଠିତ ଥିଲା । ହୀରାଦେବୀ ଓ ଆନନ୍ଦ ଦାସ ପୁତ୍ରକାମୀ ହୋଇ ସବୁପ୍ରକାର ଆସ୍ଥାର ଅନୁଷ୍ଠାନରେ ବ୍ରତୀଥିଲେ ଓ ପ୍ରତି ନିୟତ ପ୍ରାର୍ଥନା କରୁଥିଲେ ନିଜର ଇଷ୍ଟ ଦେବତା ନୀଳକଣ୍ଠଙ୍କୁ (ଶିବ) । ତେଣୁ ଏକମାତ୍ର ପୁତ୍ରଟିର ନାମରଖିଲେ ନୀଳକଣ୍ଠ । ପିତାଙ୍କର ଏକମାତ୍ର ଅଭିପ୍ରାୟ ଥିଲା ନୀଳକଣ୍ଠ ହେଉ ତେଜସ୍ୱୀ, ଆଦର୍ଶ-ନିଷ୍ଠ ଓ ପୁରାଣ-ପ୍ରସିଦ୍ଧ ପଣ୍ଡିତ । ନୀଳକଣ୍ଠଙ୍କ ବାଲ୍ୟ ସ୍ମୃତିରୁ ଦେଖାଯାଏ ପୁତ୍ରକୁ ତରିକ ଶିକ୍ଷା

Digitized by PPRACHIN, SOA

ଢେବାପାଇଁ ପିତା ଦୃଢ଼ ଇଚ୍ଛାଶକ୍ତି ପ୍ରୟୋଗକରି ନିଜର ସମସ୍ତ ମନପ୍ରାଣ ଢାଳି ପଶାଦ ପରିହାର କରିଥିଲେ । ଯେଉଁ ଗ୍ରାମରେ ଏକଦା ସେ ହରାଇଛନ୍ତି ଜାତ୍ୟ-ଭିମାନ, ପରିବାର ହରାଇଛି ଅର୍ଥ, ଗୌରବ ଓ ଆଭିଜାତ୍ୟ ତାହା ଯେପରି ପୁନ ଫେରାଇ ଆଣୁ, ଏହାହିଁ ଥିଲା ପିତାଙ୍କର ଏକମାତ୍ର କାମନା । ଏକଦିଗରେ ସ୍ନେହମୟୀ ଜନନୀ ଓ ଅନ୍ୟ ଦିଗରେ ବୃଦ୍ଧା ଜେଜେମାଙ୍କର ସ୍ନେହାତିଶଯ୍ୟ ନୀଳକଣ୍ଠଙ୍କ ଶୈଶବ ଜୀବନକୁ ମଧୁମୟ କରିଥିଲା । ସେ କେବେ ନିଃସଙ୍ଗତା ଅନୁଭବ କରିନଥିଲେ । ତିନି ଭଉଣୀ ହୁଏତ ଥିଲେ ତାଙ୍କ କ୍ରୀଡ଼ାର ସଙ୍ଗୀ । ହୁଏତ ଶୈଶବରେ ନିଜର ଜନନୀ, ପିତା ଓ ପୁରଜନ ପରିଜନଙ୍କର ମମତା ନୀଳକଣ୍ଠଙ୍କୁ ନିଜଗ୍ରାମ ପ୍ରତି ଏତେ ବେଶୀ ଆଜୀବନ ଆକୃଷ୍ଟ କରିଥିଲା, ତାଙ୍କର ସମସ୍ତ ଜୀବନ କାଳରେ ଏହି ଗ୍ରାମ ଯେପରିକି ଥିଲା ତାଙ୍କର ପ୍ରାଣର ପ୍ରିୟତମ ସ୍ଥାନ । ନିଜ ପିତାଙ୍କ ପ୍ରେରଣାରେ ଓ ନିଜର ରୁଚି ଅନୁସାରେ ଛରଦାନ ପାଇଁ ସେ ଗ୍ରାମକୁ ହିଁ ନିଜର ପ୍ରଧାନ ଆବାସ ସ୍ଥଳରୂପେ ବାଛି ଥିଲେ । ଏହି ଗ୍ରାମରେ ପିତାଙ୍କର କୁଟୀରଟି ସ୍ଥାନରେ ସେ ତୋଳିଥିଲେ ଏକ ମନୋଜ୍ଞ ସୌଧ ।

**ନୀଳକଣ୍ଠଙ୍କ ପିଲାଦିନ :—**

ଗ୍ରାମର ଚାଟଶାଳୀରେ ନୀଳକଣ୍ଠଙ୍କର ବିଦ୍ୟାରମ୍ଭ ହୋଇଥିଲା । ପିଲାଦିନରୁ ନୀଳକଣ୍ଠ ଥିଲେ ବୁଦ୍ଧିମାନ ଓ ଉଚ୍ଚ ସ୍ମରଣ-ଶକ୍ତି-ସମ୍ପନ୍ନ । ଚାଟଶାଳୀ ଶିକ୍ଷାର ବନ୍ଧାଗତ ଭିତରେ ବି ସେ ନିଜ ବୁଦ୍ଧିର ବେଶ୍ ପରିଚୟ ଦେଉଥିଲେ । ତଥାପି ଅନ୍ୟମାନଙ୍କ ଭଳି ତାଙ୍କୁ ପ୍ରତିଯୋଗିତା କରିବାକୁ ପଡ଼ୁଥିଲା ସ୍କୁଲରେ ଆସି ଶ୍ରୂନ୍ ହେବାପାଇଁ । ହୁଏତ ସେତେବେଳେ ଚାହାଳୀରେ ଘଣ୍ଟାର ନିର୍ଦ୍ଦିଷ୍ଟ ଉପସ୍ଥାନ ସମୟ ନଥିଲା । ଯେ ପ୍ରଥମେ ଚାହାଳୀକୁ ଆସୁଥିଲା, ଅବଧାନେ ବେତରେ ତା ହାତଟିକୁ ଛୁଆଁଇ ଦେଉଥିଲେ, ତା'ପରେ ଏକ, ଦୁଇ କ୍ରମରେ ପିଲାଙ୍କ ହାତରେ ବେତମାଡ଼ ବସେ । ନୀଳକଣ୍ଠଙ୍କ ନିଜକଥାରେ- "ପିଲାଏ ଦୁଇହାତରେ ପାପୁଲି ଯୋଡ଼ିକରି ଦେଖାଇ ଥାଆନ୍ତି, ଅବଧାନେ ଏକକୁ ବାଡ଼ିଏ, ଦୁଇକୁ ଦୁଇବାଡ଼ି ଓ ସେହି କ୍ରମରେ ବାଡ଼େଇବାର ଶୀଘ୍ରତା ବଢ଼ି ଚାଲିଥାଏ ଓ କ୍ରମେ ଶେଷ ଆଡ଼କୁ ପିଲାଙ୍କର ଅବସ୍ଥା କହିଲେ ନସରେ ।(୧) ଏହି ଚାହାଳୀଗୁଡ଼ିକ ଥିଲା ଏକ ପ୍ରକାର ପିଲାଙ୍କ ନିଜସ୍ୱ ରଚିତ ସମାଜ । ପିଲାମାନଙ୍କୁ ଏକାଠି ରଖିବା ଯେପରିକି ଅବଧାନଙ୍କର କାର୍ଯ୍ୟଥିଲା । 'ଘୋଷ

---

୧ । ନୀଳକଣ୍ଠ ଗ୍ରନ୍ଥାବଳୀ ୧ମ ଭାଗ ପୃ: ୫ ।

Digitized by PPRACHIN, SOA

ବନ୍ତଂ ବଳବନ୍ତଂ’ ଏଇ ଖଡ଼ିରେ କଣ୍ଠ ପାଠ ଅବଧାନେ ବା ବଡ଼ଗୃହଙ୍କୁ ଧରାଇ ଦେଇ ନିଶ୍ଚିନ୍ତ ହେଉଥିଲେ । ଏହିଭଳି ଗୃହଶାଳୀରେ ନୀଳକଣ୍ଠ ପଢ଼ିଥିଲେ। ଏଇଠି ତାଳପତ୍ର ଲେଖଣୀ ଧରି ପ୍ରଥମେ ସେ ‘ଶ୍ରୀ’ ଅକ୍ଷର ଲେଖିଥିଲେ । ଏଇ ସ୍କୁଲର ନୀତିଥିଲା ବେତର ବ୍ୟବହାର ନକଲେ ପିଲାଏ ନଷ୍ଟ ହୋଇ ଯାଆନ୍ତି। ଏଇ ଗ୍ରାମ ଗୃହାଳୀରୁ ଉଠି ନୀଳକଣ୍ଠ ଗ୍ରାମର ‘ ମଧ୍ୟ ଓଡ଼ିଆ ’ ସ୍କୁଲରେ ପଢ଼ିଥିଲେ । ସେ କାଳର ନିୟମ ଅନୁସାରେ ସ୍କୁଲରୁ କୌଣସି ପିଲା ବୃତ୍ତି ପାଇଲେ ଶିକ୍ଷକ ଅଧିକ ପାରିଶ୍ରମିକ ପାଉଥିଲେ । ସ୍କୁଲର ଶିକ୍ଷକ ଥିଲେ ବୃଦ୍ଧ ପଣ୍ଡିତ ଲୋକନାଥ ଦାସ । ଏହାଙ୍କ ଛାତ୍ରବତ୍ସଳତା ଓ ଉଦାରତାର କଳନା ନଥିଲା । ଏହି ବିଦ୍ୟାଳୟରେ ନୀଳକଣ୍ଠ ଥିଲେ ସବୁଠାରୁ ବୟଃ-କନିଷ୍ଠ । ଶିକ୍ଷକଙ୍କର ଅତ୍ୟାଚାର ଯେତିକି ନୁହେଁ, ବିଦ୍ୟାଳୟରେ ବଡ଼ଗୃହ ଓ ବୟସାଧିକମାନଙ୍କର ଅତ୍ୟାଚାର ଥିଲା ଅସହନୀୟ । ନୀଳକଣ୍ଠ ନିଜ ଅନୁଭୂତି ନିମ୍ନ ପ୍ରକାରେ ବର୍ଣ୍ଣନା କରିଛନ୍ତି । “ମନେ ଅଛି ମୁଁ ଥିଲି ସହ-ପାଠୀଙ୍କ ଭିତରେ ସବୁସାନ । ବଡ଼ମାନେ ମତେ ବେଳେ ବେଳେ ‘ଏକୁଟିଆ’ କରନ୍ତି । ପଚାରିଲେ ପାଠ କହି ଦିଅନ୍ତି ନାହିଁ । ମୋ ପାଖରେ ସବୁ ବହି ନଥାଏ । ସେମାନଙ୍କ ପାଖରେ ବହିଥିଲେ ସେମାନେ ଦିଅନ୍ତି ନାଇ । ମୁଁ ଯାଇ ତାଙ୍କୁ ନିଦରୁ ଉଠାଇ ତାଙ୍କ ପାଖେ କାନ୍ଦି କାନ୍ଦି ଆପତ୍ତି କଲି । ସେ ଉଠି ମତେ ଟିକିଏ ଚାହିଁଲେ, ତାପରେ ବଡ଼ମାନଙ୍କ ଆଡ଼କୁ ଚାହିଁ କହିଲେ, “ଆଜି ତମେ ତାକୁ ଏକୁଟିଆ କରୁଚ, ପାଣି ପଣା, ପ୍ରାନ୍ତରେ ବୁଲିବ । ତମେ ସବୁ ତା ଗାମୁଛା ବୋହିଲେ ତମ ଦିନ ସରିବ ନାଇ ।” କାହିଁକି କ’ଣ ଦେଖି କ’ଣ ବୁଝି ସେ ଏପରି କଥା କହିଥିଲେ ତା ମୁଁ କହି ପାରିବି ନାଇ । କିନ୍ତୁ ଗ୍ରାମରେ ଲୋକେ ସେ ଏଇପରି କେତେ ଆଉ ଆଉ କଥା କହିବାର ମନେ ରଖିଛନ୍ତି । ଭବିଷ୍ୟତ ବାଣୀ ପରି ସେ ସବୁ କଥାର ଫଳ ଫଳିଚି । ଜଗତର ଅନୁଭବରୁ ଏପରି ଶିକ୍ଷା ପାଇବା ଓ ସେଥିରେ ବିଚକ୍ଷଣ ହେବା ସେ କାଳେ ଅନ୍ୟ ଲୋକଙ୍କର ହୁଏତ ଥିଲା । ହୁଏତ ବନ୍ଧାଗତ ଶିକ୍ଷାରେ ଏସବୁ ବିଚକ୍ଷଣତା ଆସେ ନାଇ । ” (୧)

ନୀଳକଣ୍ଠଙ୍କ ଯଥାର୍ଥ ଶିକ୍ଷା ପଲ୍ଲୀ ସଂସ୍କୃତି ଓ ପରିବେଶରେ ହିଁ ଘଟିଥିଲା । ଗାଁରେ କବି, କାଳେସୀ, ପୂଜକ, ପୁରାଣ ପଣ୍ଡା, ନାଥ ଯୋଗୀ

---

୧ । ନୀଳକଣ୍ଠ ଗ୍ରନ୍ଥାବଳୀ (୧ମ) ପୃ. ୮

Digitized by PPRACHIN, SOA

ପିଲଙ୍କ ଖେଳ, ସାମାଜିକ ଆଗ୍ରହର ଅନୁଷ୍ଠାନ—ସବୁଠାରୁ ତାଙ୍କର ଶିଶୁମନ କୌତୂହଳ ଓ ଆନନ୍ଦ ଲାଭ କରୁଥିଲା । ବଡ଼ ଆଡମ୍ବରରେ କେତେ ଉଷା ପାର୍ବଣ ଏହି ଗ୍ରାମରେ ଅନୁଷ୍ଠିତ ହେଉଥିଲା । ଗ୍ରାମର ପ୍ରତ୍ୟକ୍ଷ ଦେବୀ ହର-ଚଣ୍ଡୀଙ୍କ ଠାରେ ଜନ୍ତାଳ ହେଉଥିଲା । ଗ୍ରାମ ବେଢ଼ାରେ ଦୋଳ ସଭା ଜମୁଥିଲା । ନାହାକ ପାଞ୍ଜି ପଢୁଥିଲେ । ମେଳଣର ଅଙ୍ଗରୂପେ ଠାକୁର ଚଉଦୋଳରେ ବସି ଘରକୁ ଘର ବୁଲି ଭୋଗ ଖାଉଥିଲେ । ଦୋଳ ମେଳଣରେ ନାଗା ଯାତ୍ରା ବାହାରୁ ଥିଲା । ଗ୍ରାମର ଯୁବକମାନେ ଟାଇକ ବେଶଧରି ମାଲ କଚ୍ଛା ମାରି ନାଗା ଯାତରେ ବାହାରୁ ଥିଲେ । ଏବେ ବି ଗ୍ରାମର ପଶ୍ଚିମ ମୁଣ୍ଡରେ ବ୍ରହ୍ମେଶ୍ୱରୀ ମନ୍ଦିରରେ ସେହି ନାଗାଙ୍କର ଚାରିତ୍ର ବ୍ୟଂଜକ ଚିତ୍ର ଅଙ୍କିତ ରହିଛି । ନୀଳକଣ୍ଠଙ୍କ ମନକୁ ଏସବୁ ପ୍ରଭାବିତ କରିଥିଲା । ଖାଲି ପ୍ରଭାବିତ ନୁହେଁ, ଏକାନ୍ତ ସୃଷ୍ଟିଶୀଳ କରିଥିଲା । ଏହି ଗ୍ରାମର ଲୋକଙ୍କ ମୁଖେ ମୁଖେ କେତେ କଥା ଚାଲୁଥିଲା । ଏହି ଗାଁକୁ ଘେରି ରହିଥିଲା ବାରିଖଣ୍ଡି ସେବାଯୁତ ଗ୍ରାମ । ବ୍ରାହ୍ମଣଙ୍କ ଜାତ୍ୟାଭିମାନ ସାଙ୍ଗକୁ ଜାତି ପାଠକ ଘେନ କେତେ ସଭା ବସୁଥିଲା । ଏକ ଦିଗରେ ଛତିଶ ପାଠକର ରାଜା ବ୍ରାହ୍ମଣ ଓ ଅନ୍ୟ ଦିଗରେ ବେଦାଧିକାର ବିହୀନ ଏହି ଶୂଦ୍ରକୁଳ । କେହି ପୁରୁଣା ବିଶ୍ୱାସରୁ ତିଳାର୍ଦ୍ଧେ ଟଳୁ ନଥିଲେ । ସମାଜରେ, ପରିବାରରେ ଓ ବ୍ୟକ୍ତିଜୀବନରେ ଦୁର୍ଭୋଗର ସୀମା ନ ଥିଲା । କେବଳ ଆର୍ଥିକ ଦାରିଦ୍ର୍ୟ ଏହାର କାରଣ ନଥିଲା । ଅନ୍ଧ ବିଶ୍ୱାସ ଓ କୁସଂସ୍କାର ପଦେ ପଦେ ମାନବିକ ସ୍ନେହ ଓ ସହାନୁଭୂତିରୁ ଏମାନଙ୍କୁ ବଂଚିତ କରିଥିଲା । ଅନ୍ୟ ପକ୍ଷରେ ପଲ୍ଲୀଜୀବନର ଥିଲା ଏକ ନିଜସ୍ୱ ରଚିତ ଆତ୍ମୀୟତା ଓ ମାନବିକ ସଂହତିରେ ସୁଗଠିତ ଜଗତ । ଅନ୍ୟର ଦୁଃଖରେ ସମସ୍ତେ ତାଦାତ୍ମ୍ୟ ଅନୁଭବ କରୁଥିଲେ । ଅନ୍ୟର ଦୁଃଖକୁ ନିଜର ବୋଲି ଭାବୁଥିଲେ । ସମସ୍ତଙ୍କ ସମବେତ ଉଦ୍ୟମରେ ଗାଁର ପର୍ବପର୍ବାଣୀ, ଆଗ୍ରହର ଅନୁଷ୍ଠାନ ସବୁ କଟି ଚାଲୁଥିଲା । ନୀଳକଣ୍ଠଙ୍କ ଶିଶୁମନରେ ଏସବୁର ଛାପ ଥିଲା ଅତ୍ୟନ୍ତ ଗଭୀର । ପଲ୍ଲୀଜୀବନର କେଉଁଠି ଶକ୍ତି ଓ କେଉଁଠି ଦୁର୍ବଳତା ତାହା ସେ ଅଙ୍ଗେ ଅଙ୍ଗେ ନିଭେଇ ଥିଲେ । ସଂସ୍କାରକ ନୀଳକଣ୍ଠ ଓ ପଲ୍ଲୀପ୍ରାଣ ନୀଳକଣ୍ଠଙ୍କର ଯଥାର୍ଥ ଶିକ୍ଷା ଏହି ଗ୍ରାମରେ ହିଁ ହୋଇଥିଲା । ବ୍ୟକ୍ତିତ୍ୱର ସମସ୍ତ ମହନୀୟ ଓ ବରଣୀୟ ବିକାଶର ଶୀର୍ଷ ଶିଖରରୁ ମଧ୍ୟ ସେ ଏହି ଗ୍ରାମୀଣ ପରିବେଶକୁ ଜଣେ ଗାଁଉଲି ଲୋକର ପ୍ରାଣ ଓ ଦରଦ ଘେନି ବାରମ୍ବାର

Digitized by PPRACHIN, SOA

ଫେରି ଆସୁଥିଲେ । ସମାଜର ନାନା ଚିତ୍ର ତାଙ୍କ ଆଖି ଆଗରେ ଭାସୁଥିଲା । ଲୋକଙ୍କର ଇତିବୃତ୍ତ, କଥା ଓ ଗୀତ ତାଙ୍କର ତୁଣ୍ଡେ ତୁଣ୍ଡେ ଫେରୁଥିଲା । ଗାଁର କିଏ କିପରି ବୁହ୍ମା, ପଞ୍ଚଯୋଷୀ ବା ବାହ୍ମମାପତି ଉପାଧିରେ ଭୂଷିତ ହୋଇଛି ଅଥବା କୌତୁକପ୍ରିୟ ଗ୍ରାମର କିଶୋର ଓ ତରୁଣ ମୂହଁରେ ବିଦ୍ରୂପ ଓ ଉପହାସରେ କିଏ ବା ମୂଷା, ଲଙ୍ଗୁଡ଼ି, ଚିଡ଼କା, ମାଙ୍କଡ଼, ଏପରି ଅଗଣିତ ଉପାଧିରେ ଭୂଷିତ ହୋଇଛି, ସବୁ କିଛି ତାଙ୍କ ମୁଖରେ ଖେଳୁଥିଲା ।

ଶୈଶବରେ ଡାଳ ମାଙ୍କୁଡ଼ ଖେଳ, ବୋହୂଚୋରୀ, ପ୍ରଭୃତି ଖେଳୁଥିଲେ । ସପ୍ତା ଓ ଖଦା, ମୃତାହ ବା ଶ୍ରାଦ୍ଧ କ୍ରିୟାରେ ବ୍ରାହ୍ମଣ ଭୋଜନ ସବୁଥିରେ ସେ ପିତାଙ୍କ ସଙ୍ଗେ ଯୋଗ ଦେଉଥିଲେ । ଦୂର ଜାଗାରେ ବ୍ରାହ୍ମଣ ଭୋଜନର ନିମନ୍ତ୍ରଣ ଥିଲେ ପିତା ଆନନ୍ଦ ଦାସ ଏକୁଟିଆ ଯାଉ ନ ଥିଲେ, କାନ୍ଧରେ ବସାଇ ଅଳିଅଳ ପୁଅକୁ ଘେନି ଯାଉଥିଲେ । କିନ୍ତୁ ଭୋଜନ ପ୍ରତି ତାଂକର ଲାଳସା ବିଷୟରେ ଏକ ସୁନ୍ଦର ଗଳ୍ପ ଶୁଣାଯାଏ । ବର୍ଷାଦିନ, ଥରେ ନିମନ୍ତ୍ରଣରେ ଯାଉଥିବା ବେଳେ ବାଟରେ ଗୋଟିଏ ବଡ଼ ମାଛ ଦେଖି ଆନନ୍ଦ ଦାସେ ସେଇଟିକୁ ଘେନି ଘରକୁ ଫେରିଲେ । ମାଛଟି ରନ୍ଧାହେଲା । ପିତା ପୁତ୍ର ଆକଣ୍ଠ ଭୋଜନ କରି ତାପରେ ନିମନ୍ତ୍ରଣ ରକ୍ଷା କରିବାକୁ ବାହାରିଲେ ।

ମାତ୍ର ପନ୍ଦର ବର୍ଷ ବୟସରେ ନୀଳକଣ୍ଠଙ୍କୁ ଗ୍ରାମ ଛାଡ଼ିବାକୁ ପଡ଼ିଥିଲା । ଗ୍ରାମର ଭର୍ଣ୍ଣାକ୍ୟୁଲାର ସ୍କୁଲରୁ ମାସିକ ଚାରିଟଂକା 'ମଧ୍ୟ ଓଡ଼ିଆ ବୃତ୍ତି' ପାଇ ସେ ପୁରୀ ଜିଲ୍ଲା ସ୍କୁଲକୁ ପଢ଼ିବାକୁ ଯାଇଥିଲେ । ପ୍ରାୟ ସେହି ଦିନରୁ ଭାଗ୍ୟ-ଚକ୍ରର ଗତିରେ ନୀଳକଣ୍ଠଙ୍କୁ ଦୂର ଦୁରାନ୍ତରକୁ ବାରମ୍ବାର ଯିବାକୁ ହୋଇଥିଲା । କିନ୍ତୁ କେବେ ସେ ଗ୍ରାମକୁ ବାହୁଡ଼ିବାକୁ ଭୁଲୁ ନଥିଲେ । ୨୧ ବର୍ଷ ବୟସରେ ତାଂକର ବିବାହ ହୋଇଥିଲା, ବୀର ପୁରୁଷୋତ୍ତମ ପୁର ଗ୍ରାମର ତାଂକ ପରି-ଚିତା ଏକ ଗ୍ରାମ୍ୟବାଳିକା ରାଧାମଣି ଦେବୀଂକ ସହିତ । ନିଜଗ୍ରାମ ଓ ଶ୍ୱଶୁର-ଘର ଗ୍ରାମ ଭିତରର ଦୂରତ୍ୱଥିଲା ଚାଲି ରାସ୍ତାରେ ମାତ୍ର ୨କୋଶ ବା ୫ମାଇଲ । ବିବାହ ପାଇଁ ଅନେକ ଧନୀଘରୁ ପ୍ରସ୍ତାବ ସବୁ ଆସିଥିଲା । କାରଣ ନୀଳକଣ୍ଠ ଥିଲେ ଏନ୍‌ଟ୍ରାନସ୍ ଶ୍ରେଣୀର ଛାତ୍ର । କିନ୍ତୁ ନୀଳକଣ୍ଠ 'ସ୍ତ୍ରୀବିତ୍ତମଧମାଧମ' କହି ନିମ୍ନ ମଧ୍ୟବିତ୍ତ ପରିବାରରେ ବିବାହ କରିବା ପସନ୍ଦ କରିଥିଲେ ।

ଏଇ ଶ୍ରୀରାମଚନ୍ଦ୍ରପୁରକୁ କେନ୍ଦ୍ର କରି ନୀଳକଣ୍ଠଙ୍କର ଆଦ୍ୟ ଯୌବନର କର୍ମଜୀବନ ଆରମ୍ଭ ହୋଇଥିଲା । ୧୯୦୯ ଖ୍ରୀ: ଅ:ରେ ରେଭେନ୍‌ସା କଲେଜରୁ

Digitized by PPRACHIN, SOA

ବି. ଏ. ପାସକରି ସତ୍ୟବାଦୀ ବିହାର ଗଢିବା ପାଇଁ ଗୋପବନ୍ଧୁଙ୍କ ସାହଚର୍ଯ୍ୟରେ ନିଜଗାଁର ଭର୍ଣ୍ଣାକ୍ୟୁଲର ସ୍କୁଲରୁ ଆସବାବ ପତ୍ର ନେଇଯାଇ ସତ୍ୟବାଦୀ ବକୁଳବନରେ ବିଦ୍ୟାଳୟ ଗଢିଥିଲେ । ୧୯୧୮ରେ ସତ୍ୟବାଦୀ ବନ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ପଦଛାଡ଼ି ସେ ପୁଣିଏଇ ଗ୍ରାମକୁ ଫେରି ଆସିଥିଲେ । ଏଇଠି ପିତାଙ୍କ କୁଟୀର ସ୍ଥାନରେ ନିଜ ଉଦ୍ୟମରେ ହିଁ ସେ ଗଢ଼ିଥିଲେ କ୍ଷୁଦ୍ର ମାତ୍ର ଉନ୍ନତ ରୁଚି ସମ୍ମତ ନିଜର ଆବାସ ସ୍ଥଳ ୧୯୨୧ରେ । ୧୯୨୪ରେ କେନ୍ଦ୍ର ଆସେମ୍ବ୍ଲି ସଭ୍ୟ ଥିବା ସମୟରେ ଏଇ ଆବାସ ସ୍ଥଳଟିର ସଂସ୍କାର କରି ସେ ଏକ ଦ୍ୱିତଳ ପ୍ରସାଦ ଗଢିଥିଲେ ।

୧୯୨୧ ର ଅସହଯୋଗ ଆନ୍ଦୋଳନରେ ଯୋଗ ଦେବାକୁ ତତ୍ପର ହେବା ସମୟରେ ତାଙ୍କ ରାଜନୈତିକ ଜୀବନର ଦୀକ୍ଷାଗୁରୁ ମହାନ ମାନବ-ପ୍ରେମୀ ଉଦାର ମନା ଗୋପବନ୍ଧୁ ତାଙ୍କୁ ଉପଦେଶ ଦେଇଥିଲେ— ଦେଶ ସେବା ଏକ କଠୋର ବ୍ରତ । ଗ୍ରାମରେ ତୁମର ବୃଦ୍ଧ ପିତା ଅଛନ୍ତି ଓ ଅଛି ତୁମର ସ୍ତ୍ରୀ ଓ ପରିବାର । ତୁମେ ଯଦି ରାଜନୀତିରେ ଝାସ ଦିଅ, ତୁମ ପରିବାର ଦାୟିତ୍ୱ ନେବ କିଏ ? ସେମାନଙ୍କର ଗ୍ରାସାଚ୍ଛାଦନ ହେବ କିପରି ? ମାତ୍ର ନୀଳକଣ୍ଠ ତାଙ୍କୁ କୁଆଡେ ସାତ ଦିନ ସମୟ ମାଗିଥିଲେ । ସେ ପରିବାରର ସ୍ୱଚ୍ଛଳତା ପାଇଁ କୃଷି ଜମି ଓ ବଗିଚା ଜମିର ଯଥୋପଯୁକ୍ତ ବ୍ୟବସ୍ଥା କରିଥିଲେ । ଏ ସବୁ ପରିଚାଳନାର ମୁଖ୍ୟଭାର ଥିଲା ସ୍ତ୍ରୀ ରାଧାମଣି ଓ ବୃଦ୍ଧପିତାଙ୍କ ଅନ୍ତେ ନୀଳକଣ୍ଠଙ୍କ ଶଶୁରଙ୍କ ଉପରେ । କିନ୍ତୁ ଏ ସବୁ ପ୍ରତି ତାଙ୍କର ନିଜସ୍ୱ ଦୃଷ୍ଟି ଥିଲା ଅତନ୍ଦ୍ର । ଗ୍ରାମକୁ ଆସିଲେ ନିଜ ରୋପିତ କଦଳୀ ବାଡ଼ିଟିରେ ଆରାମ ଚୌକି ପକାଇ ସେ ବସି ମଧ୍ୟାହ୍ନ କଟାଉ ଥିଲେ । ମଧ୍ୟାହ୍ନର ଉଜ୍ଜ୍ୱଳ ଖରା, କପୋତର ବାହୁନା ଓ ଦୂର ପ୍ରାନ୍ତରର ମରୀଚିକା ସବୁ ଯେପରିକି ତାଙ୍କର ଉନ୍ନତ ହୃଦୟ ଓ ଭାବନାକୁ ଆଲୋଡ଼ିତ କରୁଥିଲା । ପ୍ରକୃତି ସହିତ ସେ ଏକ ପ୍ରାଣ ହୋଇ ଯାଉଥିଲେ ।

ନୀଳକଣ୍ଠଙ୍କୁ ବୁଝିବାକୁ ହେଲେ ଏବେ ବି ଏଇ ଶ୍ରୀ ରାମଚନ୍ଦ୍ରପୁର ଶ୍ରେଣୀବଦ୍ଧ ନାରୀକେଳ , ପୁନାଗ ତମାଳର ଶ୍ୟାମଳତା , ଆମ୍ବ ତୋଟା ଓ ରହଚରାବ ଉର୍ବର ଖାର ଭୂମି ପ୍ରତି ଦୃଷ୍ଟି ନିକ୍ଷେପ କରିବାକୁ ପଡ଼ିବ । ସେ ଯୁଗର ସେଇ ଶ୍ରୀରାମଚନ୍ଦ୍ରପୁର ହୁଏତ ଏବେ ନାହିଁ । ଆଜି ଏ ଗାଁକୁ ଲାଗି ଲମ୍ବି ଆସିଛି ସହର । ଅମାବାସ୍ୟାର ଅନ୍ଧକାର ଓ ଜ୍ୟୋତ୍ସ୍ନାର ରଜତ ଧାର

Digitized by PPRACHIN, SOA

ଏହାକୁ ଆଉ ପ୍ଲାବିତ କରୁନାହିଁ । ଗ୍ରାମ ଦାଣ୍ଡରେ ଶ୍ରେଣୀବଦ୍ଧ ବିଜୁଳି ଆଲୋକରେ ଅମାବାସ୍ୟା ରାତିରେ ମଧ୍ୟ ନଡ଼ିଆ ଗଛର ପତର ଗଣି ହୋଇ ଯାଉଛି । ତଥାପି ଏଇ ଗ୍ରାମ ଦାଣ୍ଡର ଧୂଳି ଧୂସରିତ ପଥରେ ଆଙ୍କି ବ ଶିଶୁର ଦୌଡ଼ିବା, ଗାଁ ବଧୂର ଶଂକିତ ପଦ, ମଣ୍ଡପରୁ ଅଥବା ସାମନ୍ତମାନଙ୍କର ଉଚ୍ଚ ପିଣ୍ଡାରୁ ଗ୍ରାମପଣ୍ଡିତଙ୍କର ମନ୍ତ୍ରଣା ଶୁଣା ଯାଉଛି । ଏହି ଗ୍ରାମର ଉତ୍ତର ଦଣ୍ଡାରେ ପୂର୍ବଖଣ୍ଡିର ସେଇ ଦ୍ୱିତଳ ପ୍ରାସାଦର ନିକଟକୁ ଆସିଲେ ସେ ଦିନର ସେଇ ଆବକ୍ଷ ଶ୍ମଶ୍ରୁ ଜଣେ ମହାନ ପୁରୁଷଙ୍କର ଅଦେହୀ ଆତ୍ମା ଯେପରିକି ମୂର୍ତ୍ତିମାନ ହୋଇ ଉଠେ । ପ୍ରଭାତ ସୂର୍ଯ୍ୟର ନୂତନ ରଶ୍ମି କହିଯାଏ ସେ ଯେପରିକି ମରି ମରି ନାହାନ୍ତି । ଅସ୍ତ ସୂର୍ଯ୍ୟର ସ୍ୱର୍ଣ୍ଣାଭ ଛଟା କହିଯାଏ । ସେ ଦିନ ଯେ ଗତପ୍ରାୟ ।

କେତେ ର ତ୍ରିମନ୍ତ ସୁନ୍ଦର ସେହି ଶ୍ରେଷ୍ଠ ସୌଧଟି । ଗୋଟିକ ପରେ ଗୋଟିଏ ପାହାଚ ଡେଇଁ ବଡ଼ ଉଚ୍ଚ ବାରଣ୍ଡାକୁ ଉଠିଲେ ମନରେ ଏକ ଉତ୍ତରଣର ଭାବ ଆସେ । ଏଇ ଉଚ୍ଚ ପିଣ୍ଡାରେ ସେଇ ବୈଦିକଳ୍ପ ମହାନ୍‌ବ୍ୟକ୍ତି ଗ୍ରାମୀଣ ପରିବେଶରେ କେନ୍ଦ୍ରବିନ୍ଦୁ ହୋଇ କ'ଣ ସତରେ ଦିନେ ବସୁଥିଲେ ! ତାଙ୍କର ପ୍ରଶାନ୍ତ ହାସ୍ୟ ମୁଖରୁ ଏଇ ପଲ୍ଲୀର ଅଗଣିତ ଶିଶୁ ଅଭୟ ମୁଦ୍ରା ପାଇ ଫେରୁଥିଲେ । ଘର ଭିତରକୁ ପଶିଲେ ଏକଦା ସମୃଦ୍ଧ ଓ ନିରାଡ଼ମ୍ବର ଭାବରେ କଳ୍ପିତ ଏଇ ଘରଟି ତାର ବିଗତ ଐତିହ୍ୟ ମନେ ପକାଇ ଦିଏ । ଏବର ନିର୍ଜନତା ଏକ ଉଜ୍ଜ୍ୱଳ ଅତୀତର ମୃତ୍ୟୁ ବହନ କରି ଆଣେ । ତଳ ମହଲାରେ ଦୁଇଟି ବଡ଼ କୋଠରୀ, ପାଖକୁ ଲାଗି ଯୋଡ଼ିଏ ସାହାଲ ଟିକୋ ଘର । ଉପରେ ମହଲାର ଦୁଇଟି କୋଠରୀ ଓ ଏକ ଖୋଲା ଅଳିନ୍ଦ । କୋଠରୀ ଗୁଡ଼ିକର ପୂର୍ବ, ଦକ୍ଷିଣ, ପଶ୍ଚିମ ତିନିପାଖ ଖୋଲା । ଦୁଇ କୋଠରୀ ମଝିରେ ଅଳିନ୍ଦକୁ ଯିବାପାଇଁ ସଙ୍କୀର୍ଣ୍ଣ ରାସ୍ତା । ପୂର୍ବ ପାଖର କୋଠରୀଟି ହୁଏତ ଥିଲା ଗୃହସ୍ୱାମୀଙ୍କ ନିଜ ପ୍ରକୋଷ୍ଠ । ଦକ୍ଷିଣ ଓ ପୂର୍ବରେ ପ୍ରଶସ୍ତ ଝରକା । ଦକ୍ଷିଣର ମଳୟ ଅବାଧରେ ଏହାର କୋଣ ଅନୁକୋଣ ଛୁଇଁ ଯାଇ ପାରେ ଓ ସକାଳର କଅଁଳ ଖରା ଏହାର ପ୍ରତ୍ୟେକ କୋଣକୁ ଆଲୋକିତ କରେ । ପ୍ରାସାଦଚୁମ୍ବୀ ନାରିକେଳ ବୃକ୍ଷର ପତର ମର୍ମର ହୃଦୟର ଅନ୍ତଃସ୍ଥଳରେ ଅନୁରଣନ ସୃଷ୍ଟି କରେ ।

Digitized by PPRACHIN, SOA

ଏହି ସେହି ମନସ୍ୱୀ ପଲ୍ଲୀପ୍ରାଣ ଦ୍ୱୈତଗୃହୀ ନୀଳକଣ୍ଠଙ୍କର ଏକମାତ୍ର ଆବାସ ଗୃହ । ଏଇ ଗ୍ରାମିଣ ଆବାସଟି ଥିଲା ପଣ୍ଡିତ ନୀଳକଣ୍ଠଙ୍କର ଯେପରିକି କୃଷ୍ଟି ଓ ସୃଷ୍ଟିର ପ୍ରତୀକ । ସେଦିନର ସେଇ ହମ୍ବିର (କର୍ମୀମା ତିଆରି) ମଝିରେ ଗାଡ଼ିଟି ଯେନି ଏଇଠିକି କର୍ମକ୍ଲାନ୍ତ ନାଗରିକ ଜୀବନର ସମସ୍ତ ଗୁରୁଭାର ଅପନୋଦନ ପାଇଁ ଆସୁଥିଲେ । ଏଇଠି ଥିଲେ ଶେଷ ବୟସ ପର୍ଯ୍ୟନ୍ତ ତାଙ୍କର ବୃଦ୍ଧପିତା ଓ ତାଙ୍କର ପତ୍ନୀ ରାଧାମଣି ଦେବୀ । ଏଇ ଘରେ କାଳ ଅକାଳରେ ରାଧାମଣିଙ୍କ ରନ୍ଧାରେ ଅଗଣିତ ଅତିଥି ତୃପ୍ତହୋଇ ଫେରୁଥିଲେ । ରାଧାମଣି ଗୃହ କର୍ମରେ ଥିଲେ ସୁନିପୁଣା । ଏକାରେ ଯୋଡ଼ା ଚୂଲିରେ ରାନ୍ଧି ନଅ ତରକାରି ଛ' ଭଜା କରି ସେ ଅତିଥିମାନଙ୍କୁ ଚର୍ଚ୍ଚା କରୁଥିଲେ । ଜୀବନର ଶେଷ ଭାଗ ପର୍ଯ୍ୟନ୍ତ ପ୍ରାଣପ୍ରିୟ ପଲ୍ଲୀ ହିଁ ଥିଲା ଏକାନ୍ତ ଶାନ୍ତ ଓ ଆଶ୍ରୟର ସ୍ଥାନ । 'ଆଚାର ପ୍ରଭବୋଧର୍ମଃ'—ଏହାହିଁ ଥିଲା ନୀଳକଣ୍ଠଙ୍କର ଆଦର୍ଶ । ତେଣୁ ମୁହଁରେ କଥାଏ ଓ କାମରେ ଆଉ ଗୋଟିଏ କଥା—ଏହା ସେ କେବେ କରୁ ନଥିଲେ । ଭାବିଲେ ଅବାକ୍ ଲାଗେ, ଏକଦା ଓଡ଼ିଶାର ରାଜନୀତିର କର୍ଣ୍ଣଧାର, ଆଧୁନିକ ଶିକ୍ଷାରେ ଉଚ୍ଚତମ ସୋପାନରେ ଆରୂଢ଼ ନୀଳକଣ୍ଠ କେବେ ସହରମୁଖୀ ହୋଇ ନଥିଲେ । ସହରରେ ଘର କଲେ କାଳେ ଗ୍ରାମକୁ ଭୁଲିଯିବେ, ବରାବର ଏହି ଆଶଂକା ତାଙ୍କ ପ୍ରାଣରେ ଜାଗ୍ରତ ଥିଲା । ଏପରିକି ପୁଅମାନେ ନିର୍ମାଣ କରି-ଥିବା ସହରର ଆବାସମାନଙ୍କରେ ରହିବାକୁ ସେ କେବେ ସୁଖ ପାଉ ନ ଥିଲେ । ଗ୍ରାମର ଦୁଃଖୀ ଦରିଦ୍ରଙ୍କ ସହିତ ସ୍ନେହ ଓ ସହାନୁଭୂତିରେ ସେ ଏକାତ୍ମ ହୋଇ ପାରୁଥିଲେ । "ସେ ସବୁବେଳେ ନିଜକୁ ଜଣେ ଚାଷୀ ଓ ଗାଉଁଲି ଲୋକ ବୋଲି ମନେ କରୁଥିଲେ । ରାତି ଅଧରେ ଆସି ଗାଁରେ ପହଞ୍ଚିଲେ ମଧ୍ୟ ଲଣ୍ଠନଟିଏ ଧରି କାନ୍ଧରେ ଗାମୁଛାଟିଏ ପକାଇ ଗାଁର ଏମୁଣ୍ଡ ସେମୁଣ୍ଡ ଥରେ ବୁଲି ଆସନ୍ତି । ତାଙ୍କ ପାଟି ଶୁଣିଲେ ନିଦରୁ ଉଠି ଲୋକମାନେ ଆସି ଜୁଟି ଯାଆନ୍ତି । ସେ ମଣ୍ଡପ ଓ ଚଉରା ମୂଳେ ବସି ଗାଁ ଲୋକଙ୍କର ଦୁଃଖ ସୁଖ ସବୁ ତନ୍ନ ତନ୍ନ କରି ବୁଝନ୍ତି । ଗାଁର ଥଟ୍ଟା ଥଟ୍ଟାଳିକୁ ଖୁବ୍ ଭଲ ପାଆନ୍ତି । ଗାଁରେ ପହଞ୍ଚିଲେ ତାଙ୍କ ଚିନ୍ତା ଓ ଭାବନାବହୁଳ ମସ୍ତିଷ୍କର ଭାର ଲଘୁ ହୋଇଯାଏ ।"(୧)

(୧) ପିତୃ ସ୍ମୃତି-ବନମ ଦାସ (ନୀଳକଣ୍ଠ ସ୍ମରଣିକା, ପୃ: ୧୧୭)

Digitized by PPRACHIN, SOA

## ଶିକ୍ଷା ଦୀକ୍ଷା

୧୮୯୯ରେ ଗ୍ରାମର ମିଡ଼ଲ ଭର୍ଣ୍ଣାକ୍ୟୁଲାର ସ୍କୁଲରୁ ଗ୍ରାସ ବୃତ୍ତି ପରୀକ୍ଷାରେ ଓଡ଼ିଶାରେ ପ୍ରଥମ ସ୍ଥାନ ଅଧିକାର କରି ଉତ୍ତୀର୍ଣ୍ଣ ହୋଇ ନୀଳକଣ୍ଠ ପୁରୀ ଜିଲ୍ଲା ସ୍କୁଲରେ ପଢ଼ିବାକୁ ଆସିଲେ । ଏହିବର୍ଷ ପୁରୀ ଭାରତର ରାଜଧାନୀ କଲିକତା ସହିତ ରେଳପଥରେ ସଂଯୁକ୍ତ ହେଲା । ପୁରୀ ଥିଲା ବସ୍ତୁତଃ ମହା-ମାନବର ମିଳନ ସ୍ଥଳ । କେବଳ ଅତୀତର ଐତିହ୍ୟ ନୁହେଁ, ଆଧୁନିକ ଭାରତର ଶିକ୍ଷା ଓ ସଂସ୍କୃତି ସହିତ ଘନିଷ୍ଟ ଭାବରେ ସଂଯୁକ୍ତ । ପ୍ରାଚୀନ ସଂସ୍କୃତିର ପୀଠ ନୀଳାଦ୍ରିବିହାରୀ ଜଗନ୍ନାଥଙ୍କର ମନ୍ଦିରରେ ଅଗଣିତ ଭକ୍ତଙ୍କର ପ୍ରାର୍ଥନାର ସ୍ୱର ସତେ ଯେପରିକି ଉଚ୍ଛଳ ସମୁଦ୍ରର ଉତ୍ତାଳ ତରଙ୍ଗର କୋଳାହଳ ମଧ୍ୟରେ ଲୀନ ହୋଇ ଯାଉଥିଲା ।

ପ୍ରଥମେ ଭର୍ଣ୍ଣାକ୍ୟୁଲାର ପରୀକ୍ଷା ଦେବାକୁ ଆସି ନୀଳକଣ୍ଠ ପୁରୀର ମୋହରେ ପଡ଼ି ଯାଇଥିଲେ । ପିତାମାତାଙ୍କର ଏକମାତ୍ର ଅଳିଅଳ ପୁଅ ଘରଛାଡ଼ି ଦୂରକୁ ଯାଆନ୍ତୁ—ଏହା ତାଙ୍କର ପିତା ମାତାଙ୍କର ଇଚ୍ଛା ନଥିବା ସ୍ୱାଭାବିକ । ନୀଳକଣ୍ଠ ପୁରୀ ଜିଲ୍ଲାସ୍କୁଲରେ ପଢ଼ିବାକୁ ଗଲାବେଳକୁ ଭର୍ଣ୍ଣାକ୍ୟୁଲାର ବୃତ୍ତି ପାଇବା କଥା ମଧ୍ୟ ଜାଣି ନଥିଲେ । ଉଚ୍ଚ ଶିକ୍ଷା ପାଇଁ ଆକୁଳ ଆଗ୍ରହ ତାଙ୍କୁ ପୁରୀ ଟାଣି ନେଇଥିଲା । ନୀଳକଣ୍ଠଙ୍କ ନିଜ ଭାଷାରେ "ମୁଁ ଘରେ ଲୁଚିକରି ଚାଲିଚାଲି ପୁରୀରେ ଯାଇ ପହଞ୍ଚିଲି ଓ ଜଣେଙ୍କ ଜ୍ୱାଇଁ ଜଗନ୍ନାଥ ମିଶ୍ରଙ୍କ ଠାରୁ ପଇସାଟିଏ ଉଧାର କରି ଖଣ୍ଡିଏ ପୋଷ୍ଟକାର୍ଡ କିଣି ନନାଙ୍କୁ ଚିଠି ଲେଖି ଦେଲି । ମୁଁ ବୃତ୍ତି ପାଏ ନ ପାଏ ଏଠି ରହି ପଢ଼ିବି, ମତେ ଚାଉଳ ଓ ଟଙ୍କା ପଠାଅ ।" (୧)

ସ୍କୁଲରେ ପଢ଼ାଇବା ପାଇଁ ମଧ୍ୟବିତ୍ତ ପରିବାରର ଗୃହସ୍ଥ ନୀଳକଣ୍ଠଙ୍କ ପିତାଙ୍କର ସେପରି ସମ୍ବଳ ନଥିଲା । କିନ୍ତୁ ଭର୍ଣ୍ଣାକ୍ୟୁଲାର ବୃତ୍ତି ପାଇବାରୁ ନୀଳକଣ୍ଠଙ୍କର ପଢ଼ିବାରେ କୌଣସି ଅସୁବିଧା ହୋଇ ନଥିଲା ।

ପୁରୀ ଜିଲ୍ଲାସ୍କୁଲରେ ନିରବଚ୍ଛିନ୍ନ ଭାବରେ ପଢ଼ିବା ନୀଳକଣ୍ଠଙ୍କ ପକ୍ଷରେ ସମ୍ଭବ ହୋଇ ନଥିଲା । ଅଗଣିତ ଯାତ୍ରୀଙ୍କ ସଙ୍ଗକୁ ସ୍ୱାସ୍ଥ୍ୟ ପରିବର୍ତ୍ତନ କରିବାକୁ ଆସୁଥିବା ଭଦ୍ରଲୋକଙ୍କୁ ମିଶାଇ ପୁରୀର ଜଳବାୟୁ କ୍ଳୁଷିତ

---

(୧) ନୀଳକଣ୍ଠ ଗ୍ରନ୍ଥାବଳୀ (୧ମ) ପୃ : ୧୦

Digitized by PPRACHIN, SOA

ଅସ୍ୱାସ୍ଥ୍ୟକର ହୋଇପଡ଼ିଥିଲା । କୌଣସି ଏକ ସ୍ଥାନରେ ସ୍ୱାସ୍ଥ୍ୟହାନି ଘଟିଲେ ଚିକିତ୍ସକମାନେ ସେକାଳେ ସ୍ଥାନ ପରିବର୍ତ୍ତନ ପାଇଁ ଉପଦେଶ ଦେଉଥିଲେ । ତେଣୁ ନୀଳକଣ୍ଠଙ୍କୁ ସ୍ୱାସ୍ଥ୍ୟ ପରିବର୍ତ୍ତନ ପାଇଁ ପୁରୀ ଛାଡ଼ି କଟକ କଲେଜିଏଟ୍ ସ୍କୁଲକୁ ଆସିବାକୁ ହୋଇଥିଲା । କଟକରେ ଗୋଟିଏ ବର୍ଷ ରହି ସେ ପୁରୀ ଫେରିଥିଲେ । ମାତ୍ର ଶେଷ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ କାରଣରୁ ପୁରୀରେ ପାଠପଢ଼ା ଛାଡ଼ି କଟକ କଲେଜିଏଟ ସ୍କୁଲରୁ ସେ ଏନ୍‌ଟ୍ରାନ୍‌ସ ପାସ କରିଥିଲେ । ଏହି ଏନ୍‌ଟ୍ରାନ୍‌ସ ପରୀକ୍ଷାରେ ପାସ୍ କରିବା ପାଇଁ ତାଙ୍କୁ ଛଅବର୍ଷ ଲାଗିଥିଲା । ମେଧାବୀ ଛାତ୍ର ଭାବରେ ସେ ଟ ୧୫ ଙ୍କା ବୃତ୍ତି ଲାଭ କରିଥିଲେ ।

ନୀଳକଣ୍ଠଙ୍କ ଚରିତ୍ର ଓ ବ୍ୟକ୍ତିତ୍ୱ ଗଠନ ପାଇଁ ହାଇସ୍କୁଲର ଛାତ୍ର ଜୀବନ ହିଁ ଥିଲା ସବୁଠାରୁ ପ୍ରକୃଷ୍ଟ ସମୟ । ପୁରୀରେ ତାଙ୍କର ପ୍ରଥମ ବନ୍ଧୁ ହୋଇଥିଲେ ତାଙ୍କ ଜୀବନର ଅନ୍ୟତମ ସାଥୀ ଗୋଦାବରୀଶ । "ବଡ଼ ଗୃଠ ହେବା ଗୁଣ ତାଙ୍କର ଥିଲା । ଏକେ ସେ ଭଲ ପଢୁଥିଲେ, ତାଙ୍କ ଶ୍ରେଣୀରେ ପ୍ରଥମ ହେଉଥିଲେ ; ତାପରେ ପୁଣି ଆମ ତିନି ଜଣଙ୍କ ତୁଳନାରେ ସେ ଧନୀ ଘରର ପିଲା । ତୃତୀୟରେ ସେ ଯୁକ୍ତିତର୍କରେ ବେଶ୍ ପଟୁ । ଏସବୁ କାରଣରୁ କିମ୍ବା ଅନ୍ୟ କୌଣସି କାରଣ ଯୋଗେ ସେ କ୍ଷମତା ଯେପରି ବ୍ୟବହାର କରୁଥିଲେ ଦାୟିତ୍ୱ ମଧ୍ୟ ସେହିପରି ମୁଣ୍ଡାଉଥିଲେ । ରାତିରେ ସମୁଦ୍ର ପବନରେ ଝାଉଁ ବଣରୁ ସନସନ ଶବ୍ଦ ଆସେ । ସେଥିରେ ମୋତେ ଡର ମାଡ଼େ ଓ ନିଦ ଥରେ ଭାଙ୍ଗିଗଲେ ଆଉ ଲାଗେ ନାହିଁ । ସେପରି ସମୟରେ ସେ ମୋତେ କହନ୍ତି "ମୁଁ ଜଗିଛି, ତୁମେ ଡର ନାହିଁ, ଶୋଇପଡ଼ ।" ମୁଁ ତାଂକ ତଳ ଶ୍ରେଣୀରେ ପଢ଼ୁଥିବାରୁ ସେତେବେଳେ ତାଙ୍କ ସହିତ ମୋର ଘନିଷ୍ଠତା ଜନ୍ମି ନଥିଲା । ପରେ ମୁଁ ତାଙ୍କଠାରେ ଶ୍ରଦ୍ଧା, ସ୍ନେହ ବହୁତ ଅର୍ଜିଛି । ଏପରିକି, ମୋ ଜୀବନ କାହାଣୀର କେତେକ ଅଧ୍ୟାୟ ତାଂକର ଓ ତାଂକ ଜୀବନର କେତେକ ଅଧ୍ୟାୟ ମୋର ବୋଲି କୁହାଯାଇ ପାରେ । ପରସ୍ପର ବିରୋଧୀ ସ୍ୱଭାବ ଧରି ଦୁଇଜଣ ତେତେ ଅନ୍ତରଙ୍ଗ ବନ୍ଧୁ ହେବା ଯେପରି ଅସମ୍ଭବ, ସେପରି ଦୁଇ ଅନ୍ତରଙ୍ଗ ବନ୍ଧୁଙ୍କର ବିରୋଧ ଘଟିବା ମଧ୍ୟ ସେହିପରି ବିରଳ ।"(୧) ତାଙ୍କ ଶିକ୍ଷକ ଥିଲେ ଆଧୁନିକମନା, ମାନବତା

(୧) ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ- ପୃ୫୧, ୫୨

Digitized by PPRACHIN, SOA

ବାଧା, ସଂସ୍କାର ପନ୍ଥୀ ମନସ୍ୱୀ ଚନ୍ଦ୍ରମୋହନ ମହାରଣା । ପୁରୀରେ ଅବସ୍ଥାନ କାଳରେ ପ୍ରଥମେ ସେ ମହାତ୍ମା ଗୋପବନ୍ଧୁଙ୍କୁ ମଧ୍ୟ ଦେଖିଥିଲେ । ଗୋପବନ୍ଧୁ ବି ଥିଲେ ପୁରୀ ଜିଲ୍ଲାସ୍କୁଲର ଛାତ୍ର । ଯେଉଁ ବର୍ଷ ନୀଳକଣ୍ଠ ଜିଲ୍ଲାସ୍କୁଲରେ ପ୍ରବେଶ କଲେ, ସେଇବର୍ଷ ଗୋପବନ୍ଧୁ ଏହି ସ୍କୁଲ୍‌ରୁ କଟକ ରେଭେନ୍‌ସା କଲେଜକୁ ପଢ଼ିବା ପାଇଁ ଗଲେ । ରାଧାନାଥଙ୍କ ଉଷପୂରେ ଏକ ବ୍ୟଙ୍ଗ କବିତା 'ଇନ୍ଦ୍ରଧନୁ'ରେ ଲେଖି ସେ ବିଖ୍ୟାତ ହୋଇ ଯାଇଥିଲେ ।

ହାଇସ୍କୁଲରେ ଛାତ୍ର ଜୀବନରେ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ ସଙ୍ଗେ ସଙ୍ଗେ ପୁରୀର ସାଂସ୍କୃତିକ ଜୀବନ, ବିଶେଷ କରି ବ୍ରାହ୍ମଣମାନଙ୍କ ମଧ୍ୟରେ ପ୍ରଚଳିତ କୁସଂସ୍କାର ତାଙ୍କୁ ବିଚଳିତ କରିଥିଲା । ନୀଳକଣ୍ଠଙ୍କର ଶିକ୍ଷା କେବଳ ପାଠଗତ ବିଷୟ ମଧ୍ୟରେ ସୀମିତ ନଥିଲା । ନୀଳକଣ୍ଠ ଥିଲେ ଅତ୍ୟନ୍ତ ମେଧାବୀ । କେବଳ ଇଂରାଜୀ ପଢ଼ିବାପାଇଁ ତାଙ୍କ ହାଇସ୍କୁଲର ସବାତଳ କ୍ଲାସରେ ଭର୍ତ୍ତି ହେବାପାଇଁ ପଡ଼ିଥିଲା । ମାତ୍ର ଗୋଟିଏ ବର୍ଷ ସେ ଇଂରାଜୀ ପଢ଼ି ଡବଲ ପ୍ରମୋସନ ପାଇଥିଲେ । ସଂସ୍କୃତ, ଇଂରେଜୀ ଓ ବଙ୍ଗଳା ତିନି ଭାଷାରେ ଅତିରିକ୍ତ ଗ୍ରନ୍ଥ ପଢ଼ିବାଭଳି ଯୋଗ୍ୟତା ସେ ସହଜରେ ଅର୍ଜନ କରିପାରିଥିଲେ । ସେ ସମୟର ପଢ଼ା ପାଠ ମଧୁସୂଦନଙ୍କ 'ପ୍ରବନ୍ଧମାଳା', ରାଧାନାଥଙ୍କ 'କବିତାବଳୀ' ଓ ନିମାଇବଲ୍ଲଭ ବିଦ୍ୟାସାଗରଙ୍କ 'ସଂସାର ବ୍ୟାକରଣ' ମଧ୍ୟରେ ତାଙ୍କ ପଢ଼ା ସୀମାବଦ୍ଧ ନ ଥିଲା । ସେ ସଂସ୍କୃତରେ କେବଳ ହିତୋପଦେଶ ଓ ଦ୍ୱାତ୍ରିଂଶପୁତ୍ତଳିକା ଗ୍ରନ୍ଥ କାଳିଦାସଙ୍କୁ ପଢ଼ିବା ଆରମ୍ଭ କରି ଦେଇଥିଲେ । ଏପରିକି ନିଜେ ସଂସ୍କୃତରେ ଶ୍ଳୋକ ପର୍ଯ୍ୟନ୍ତ ଲେଖି ପାରୁଥିଲେ । ଶିକ୍ଷକ କ୍ଲାସରେ ପଢ଼ାଇବା ବେଳେ ସେ ପଛ ବେଞ୍ଚରେ ବସି ନିଜ ମନରୁ ଲେଖିଥିବା ଶ୍ଳୋକଟି ବଡ଼ କୌତୂହଳପୂର୍ଣ୍ଣ । ଏହା ତାଙ୍କ ଆତ୍ମ ଜୀବନୀରେ ପ୍ରକାଶ କରିଛନ୍ତି ।

"ଅବଟା ବସିତୈ ଭୁଜଂଗ ମୈଃ
ସ୍ୱଭନୋଃ ସୁଂଦରତା ପ୍ରବର୍ଦ୍ଧିତା ।"

ପୁରୀ ଜିଲ୍ଲାସ୍କୁଲରେ ତାଙ୍କର ଶିକ୍ଷକ ଚନ୍ଦ୍ରମୋହନ ମହାରଣାଙ୍କ ବ୍ୟକ୍ତିତ୍ୱ ତାଙ୍କୁ ଖୁବ୍ ପ୍ରଭାବିତ କରିଥିଲା । 'ସଂକଳ୍ପଶକ୍ତି' ପ୍ରୟୋଗ କଲେ ସବୁକିଛି ସାଧିତ ହୋଇପାରେ—ଏହି ଆଦର୍ଶ ସେ ଚନ୍ଦ୍ରମୋହନଂକଠାରୁ ଶିଖିଥିଲେ । ତାକଂର ଆଦର୍ଶରେ ସେ ଏପରିକି ନିଜ ଅକ୍ଷର ପର୍ଯ୍ୟନ୍ତ

Digitized by PPRACHIN, SOA

ବଦଳାଇ ଦେଇଥିଲେ । ନୀଳକଣ୍ଠ ନିଜ ସ୍ମୃତି ବର୍ଣ୍ଣନା କରି ଲେଖିଛନ୍ତି—"ମୋର ହସ୍ତାକ୍ଷର ବଡ଼ ଖରାପ ଥିଲା । ଅକ୍ଷର ଗୁଡ଼ିକ ମୋଡ଼ା ମୋଡ଼ା ହୋଇ ଅକ୍ଷର ଦେହରୁ ଲାଞ୍ଜ ମୁଣ୍ଡରୁ କୁଟିଳ ରେଖା ସବୁ ବହୁତ ବାହାରୁ ଥାଏ । ଅକ୍ଷର ଗୁଡ଼ିକ ମଧ୍ୟ ବହୁତ ବକ୍ରାକୃତି ଥାଏ । ମତେ ଦିନେ ସେ କହିଲେ—"ନୀଳକଣ୍ଠ ତୁମେ ଏଥିକୁ ବଦଳାଇ ଦିଅ ।" ସେତିକି ବେଳେ ମନୁଷ୍ୟର ସଂକଳ୍ପ ଶକ୍ତି ବିଷୟରେ ତାଂକଠାରୁ ମୁଁ ପ୍ରସଙ୍ଗତଃ ଯାହା ଶୁଣିଥିଲି ତା'ର ସ୍ମୃତି ଏବେ ମଧ୍ୟ ଜୀବନ୍ତ ଅଛି । ତହିଁଆର ଦିନ ସଂକଳ୍ପ କରି ମୁଁ ହସ୍ତାକ୍ଷର ବଦଳାଇ ବସିଲି ।" (୧) ଚନ୍ଦ୍ରମୋହନଂକର ନୀଳକଣ୍ଠ ଥିଲେ ଏକାନ୍ତ ପ୍ରିୟଛାତ୍ର । ଛାତ୍ରାବାସରେ ଶୃଙ୍ଖଳା ରକ୍ଷାଠାରୁ ମୁକ୍ତ ଆକାଶକୁ ଚାହିଁ ତାରାଙ୍କ ଗତି ଗଣନା ପର୍ଯ୍ୟନ୍ତ ସବୁଥିରେ ଚନ୍ଦ୍ରମୋହନ ନୀଳକଣ୍ଠଙ୍କୁ ନେଉଥିଲେ ।

ଚନ୍ଦ୍ରମୋହନଙ୍କ ଉଦାରତାର ଆଉ ଗୋଟିଏ ଦୃଷ୍ଟାନ୍ତ ନୀଳକଣ୍ଠଙ୍କ ବର୍ଣ୍ଣନାରୁ ଜଣାଯାଏ । ଥରେ କେତେକ ବନ୍ଧୁଙ୍କୁ ନେଇ ସେ ଗୋଟିଏ ଗୀର୍ଜାର ପ୍ରାର୍ଥନା ସଭାକୁ ଯାଇଥିଲେ । ଏଥିରେ ସ୍କୁଲର ପଣ୍ଡିତ ସଦାଶିବ ମିଶ୍ର ବଡ଼ ବିବ୍ରତ ହୋଇ ଧର୍ମଚ୍ୟୁତ ଭୟରେ ନୀଳକଣ୍ଠଙ୍କ ବିରୁଦ୍ଧରେ ହେଡ୍‌ମାଷ୍ଟରଙ୍କଠାରେ ଅଭିଯୋଗ କରିଥିଲେ । କାରଣ ତାଙ୍କର ଧାରଣା ଥିଲା ନୀଳକଣ୍ଠ ନିଜେ ଖ୍ରୀଷ୍ଟାନ୍ ହୋଇଯିବେ ଓ ବୋର୍ଡିଂର ଅନ୍ୟାନ୍ୟ ଛାତ୍ରଙ୍କୁ ମଧ୍ୟ ଖ୍ରୀଷ୍ଟାନ୍ କରାଇଦେବେ । କିନ୍ତୁ ଚନ୍ଦ୍ରମୋହନ ନୀଳକଣ୍ଠଙ୍କଠାରୁ ଜାଣିଲେ ସେ କ୍ଲାସରେ ପଢ଼ାଇବା Village Black Smith କବିତାର "Here's the Parson pray and Preach" ପଦଟିର ମର୍ମାର୍ଥ ବୁଝିବା ପାଇଁ ସେ ସଙ୍ଗୀମାନଙ୍କୁ ନେଇ ଗୀର୍ଜାକୁ ଯାଇଥିଲେ । ତାଙ୍କଠାରୁ ଏହି ଉତ୍ତର ପାଇ ଚନ୍ଦ୍ରମୋହନ ପ୍ରୀତ ହୋଇଥିଲେ । ସେ କାଳେ ଏପରି କାର୍ଯ୍ୟରେ ଜାତି ଚାଲିଯାଏ ବୋଲି ନୈଷ୍ଠିକମାନଙ୍କର ଧାରଣା ଥିଲା । ନୀଳକଣ୍ଠ କିନ୍ତୁ ଏ ସବୁ ଧାରଣାକୁ ହୀନ ଚକ୍ଷୁରେ ଦେଖୁଥିଲେ । ଏହି ଘଟନାରେ ହେଃ ମାଃ ଙ୍କ ବିଚାରରେ ସନ୍ତୁଷ୍ଟ ନ ହୋଇ ପଣ୍ଡିତେ ନୀଳକଣ୍ଠ ଫେରିବା ବେଳକୁ ତାଂକୁ ପଚାରିଲେ "ତୁମେ ତ ସେଠି ଖ୍ରୀଷ୍ଟିଆନ୍‌ମାନଙ୍କୁ ଛୁଇଁଥିବ—ଏଥିରେ କ'ଣ ତୁମ ଜାତି ଗଲା ନାହିଁ ?" ନୀଳକଣ୍ଠ ସାଙ୍ଗେ ସାଙ୍ଗେ ଉତ୍ତର କଲେ "ଆପଣ ଗୋରା ଇଂରେଜ ସାହେବଙ୍କ ସଙ୍ଗେ କରମର୍ଦ୍ଦନ କଲାବେଳେ ଆପଣଂକ ଜାତିଟାକୁ କ'ଣ ଘରେ ରଖି ଆସିଥିଲେ ?" ପଣ୍ଡିତେ ଅପ୍ରତିଭ ହୋଇ ଆମେ ସେଠୁ ଯାଇ ଘରେ

(୧) ନୀଳକଂଠଗ୍ରନ୍ଥାବଳୀ-୧ମ ଖଣ୍ଡ ପୃ ୩୬, ୩୭

Digitized by PPRACHIN, SOA

'ଅଣ୍ଟା ପାଣି' କରିଥିଲୁ'' ବୋଲି କହନ୍ତେ ନୀଳକଂଠ କହିଲେ ''ମତେ କହିଥିଲେ ତ ମୁଁ ଅଣ୍ଟା ପାଣି କାହିଁ ବେକ ପାଣି କରିଥାନ୍ତି ।''

ହାଇସ୍କୁଲର ଛାତ୍ର ସମୟରୁ ହିଁ ଧର୍ମ ନାମରେ ପ୍ରଚଳିତ ସମସ୍ତ କୁସଂସ୍କାର ପ୍ରତି ନୀଳକଣ୍ଠଙ୍କ ସହଜାତ ସମାଲୋଚନାର ଭାବ ବିକଶିତ ହୋଇଥିଲା । ହରଚଣ୍ଡୀଙ୍କ ପାଇଁ ଥୁଆ ହୋଇଥିବା ପେଣାଏ କଦଳୀରୁ ଦିନ-ଦିନେ ସେ ଗୋଟିଏ ଖାଇ ଦେଇଥିଲେ । ଏଥିରେ ତାଙ୍କର ମା' ଅତି ବ୍ୟସ୍ତ ହୋଇ ପଡ଼ିଲେ, କାଳେ ଦେବୀ ହରଚଣ୍ଡୀ ଏକମାତ୍ର ପୁଅର ଅନିଷ୍ଟ କରିବେ ! ଗାଁର ଦେବଦେବୀଙ୍କର ଶାନ୍ତି ଓ ପ୍ରତିହିଂସା ପରାୟଣତା ଯେଉଁ ସେକାଳ ଲୋକଙ୍କ ମନରେ ଏହି ଭଳି ଆଶଂକାମାନ ଖେଳୁଥିଲା । ଏଥିରେ ନୀଳକଣ୍ଠଙ୍କର କୌଣସି ବିଶ୍ୱାସ ନଥିଲା । ଖ୍ରୀଷ୍ଟାନଙ୍କର ଧର୍ମପ୍ରଚାରରେ ମଧ୍ୟ ତାଙ୍କର କୌଣସି ବିଶ୍ୱାସ ନଥିଲା । ଏହି ସମୟରୁ ସବୁ ପ୍ରକାର ଧର୍ମ ବିଶ୍ୱାସ ଓ ତଦନୁଗତ କ୍ରିୟା ପ୍ରତି ସେ ଅନାସ୍ଥାଭାବ ପ୍ରକାଶ କରୁଥିଲେ । ତାଙ୍କ ଆଖି ଆଗରେ ମନୁଷ୍ୟକୃତ ଓ ଦୈବକୃତ କେତେ ଦୁର୍ଯୋଗମାନ ଘଟି ଯାଉଥିଲା । ସେଥିରୁ ଗୋଟିଏ ଘଟଣା ଥିଲା : ୧୮୯୯ ଖ୍ରୀଷ୍ଟାବ୍ଦରେ ପୁରୀରେ ହଇଜା । ରଥଯାତ୍ରା ସଙ୍ଗେ ସଙ୍ଗେ ପୁରୀରେ ଯାତ୍ରୀଙ୍କ ଗହଳି ଜମୁଥିଲା ଓ ହଇଜା ମହାମାରୀ ଆକାର ଧାରଣ କରୁଥିଲା । ଥରେ ଏଥିପାଇଁ ସ୍କୁଲ ପନ୍ଦର ଦିନ ଛୁଟି ହୋଇଯାଇଥିଲା । ସେହି ବୋର୍ଡିଂର ପିଲାମାନେ, ବାଳକ ନୀଳକଣ୍ଠଙ୍କୁ ସାଙ୍ଗରେ ନେଇ ଗାଁକୁ ଫେରିଥିଲେ । ଜଗନ୍ନାଥ ସଡ଼କରେ ଛଅମାଇଲ ରାସ୍ତାରେ ସେ ଅଗଣିତ ହଇଜା ଶବ ଅସଂସ୍କୃତ ହୋଇ ପଡ଼ିଥିବା ଦେଖିଥିଲେ । ପୀଡ଼ିତର ସେବା ଏଇ କିଶୋର ବୟସରୁ ନୀଳକଣ୍ଠଙ୍କ ଚରିତ୍ରରେ ଏକ ଅଙ୍ଗ ହୋଇ ଯାଇଥିଲା ।

ଜାତୀୟତା ଓ ସ୍ୱଦେଶୀ ଆନ୍ଦୋଳନ ସେ ଯୁଗରେ କ୍ରମଶଃ ପ୍ରାଧାନ୍ୟ ଲାଭ କରୁଥିଲା । ଭାରତୀୟ ରାଜନୀତିରେ ଗାନ୍ଧିଜୀଙ୍କ ଆବିର୍ଭାବର ବହୁ ପୂର୍ବରୁ ଓଡ଼ିଶାରେ ସ୍ୱର୍ଗତଃ ମଧୁସୂଦନ ଦାସ ସ୍ୱଦେଶୀ ପ୍ରଚାର ଆରମ୍ଭ କରିଦେଇଥିଲେ । ୧୯୦୩ ରେ କଟକରେ ଉତ୍କଳ ସମ୍ମିଳନୀ ଆରମ୍ଭ ହୋଇଥିଲା । କିଶୋର ଛାତ୍ର ନୀଳକଣ୍ଠ ଏଇ ସଭାରେ ଦର୍ଶକଙ୍କ ଭିତରେ ଜଣେ ଥିଲେ । ୧୯୦୪ରେ ପୁରୀରେ ମଧୁସୂଦନଙ୍କର ଏକ ବିରାଟ ସଭାରେ କେହି ସ୍ୱଦେଶୀ ପ୍ରତିଜ୍ଞା ପତ୍ରରେ ସ୍ୱାକ୍ଷର ନ କରୁଥିବା ବେଳେ ଏହା କରିବାରେ ନୀଳକଣ୍ଠ ହିଁ ଥିଲେ ଅଗ୍ରଣୀ ।

Digitized by PPRACHIN, SOA

ସେ ଯୁଗରେ ଏହା କରିବା ଥିଲା ଏକ ଦୁଃସାହସିକ କାର୍ଯ୍ୟ । ଇଂରେଜଙ୍କ ଭୟରେ ସାଧାରଣ ଲୋକେ ନିଜ ମନୋଭାବ ପ୍ରକାଶ କରିପାରୁ ନଥିଲେ । ଲୁଗାଠାରୁ ଶ୍ରେଷ୍ଠ ପିନ୍‌କଣ୍ଟା ପର୍ଯ୍ୟନ୍ତ ବିଦେଶରୁ ବିଶେଷତଃ ବିଲାତରୁ ଆସୁଥିଲା । ଇଂରେଜ ବଣିକ ସରକାର ଅମଳରୁ ଭାରତରୁ ସୁଲଭ ମୂଲ୍ୟରେ କଞ୍ଚାମାଲ୍ କିଣି ନିଜ ଦେଶରେ ନାନା ଜିନିଷ ତିଆରି କରାଇ ଏଠି ଇଂରେଜ-ମାନେ ଆଣି ବିକୁଥିଲେ । ଏଥିରେ ଆମ ଦେଶର ଆର୍ଥିକ ମେରୁଦଣ୍ଡ ଭାଙ୍ଗି ପଡ଼ୁ-ଥିଲା । ଏହାର ପ୍ରତିକାର ଲାଗି ଦେଶର ଦୂରଦର୍ଶୀ ନେତାମାନେ ସ୍ୱଦେଶୀ ପ୍ରତିଜ୍ଞା ପତ୍ର ସ୍ୱାକ୍ଷର ପାଇଁ ତରୁଣମାନଙ୍କୁ ପ୍ରଭାବିତ କରୁଥିଲେ । ସର୍ବସାଧାରଣରେ ଏଭଳି ପ୍ରତିଜ୍ଞା ପତ୍ରରେ ଦସ୍ତଖତ କଲେ ସରକାରଙ୍କର ରୋଷଦୃଷ୍ଟି ପଡ଼ିବାର ସମ୍ଭାବନାଥିଲା । ତେଣୁ ସମାଜର ପ୍ରତିଷ୍ଠିତ ଲୋକେ ଏଥିରେ ସ୍ୱାକ୍ଷର କରିବାକୁ ସାହାସ କରୁ ନଥିଲେ । ନୀଳକଣ୍ଠ ଏହିଭଳି ଏକ ପ୍ରତିଜ୍ଞାପତ୍ରରେ ସ୍ୱାକ୍ଷର କରି ନିଜ ସାହସିକତାର ପରିଚୟ ଦେଇଥିଲେ । ସେଇଦିନଠାରୁ ସ୍ୱଦେଶୀ ବସ୍ତ୍ର ପିନ୍ଧିବାକୁ ସେ ପ୍ରତିଜ୍ଞା କରିଥିଲେ ।

ଜାତୀୟତା ଓ ସମାଜ ସେବା ପାଇଁ ଏଇ ବୟସରୁ ହିଁ ନୀଳକଣ୍ଠ ଗୋପବନ୍ଧୁଙ୍କ ସଂଗେ ପରିଚିତ ହୋଇଥିଲେ । ନୀଳକଣ୍ଠଙ୍କ ଜ୍ଞାତିରେ ବଡ ଭାଇ ହରିହର ଦାସ (ସ୍ୱର୍ଗତ ଆଚାର୍ଯ୍ୟ ହରିହର)ଙ୍କ ସଙ୍ଗେ ଗୋଟିଏ ଖରା ଛୁଟିରେ ନୀଳକଣ୍ଠ ଗୋପବନ୍ଧୁଙ୍କ ଗ୍ରାମ ସୁଆଣ୍ଡୋକୁ ଯାଇ ତାଙ୍କ ସହିତ ସାକ୍ଷାତ୍ କରିଥିଲେ । ସୁଆଣ୍ଡୋ ଗ୍ରାମ ଏହି ଶ୍ରୀରାମଚନ୍ଦ୍ର ପୁରଠାରୁ ମାତ୍ର ପାଞ୍ଚମାଇଲ ଦୂର । ଏଇ ଗାଁ ମୁଣ୍ଡ ଜାଗେଶ୍ୱରୀ ଠାକୁରାଣୀଙ୍କଠାରେ ଗୋପବନ୍ଧୁ ହବିଷ୍ୟ କରି ସପ୍ତା ପାଳନ କରୁଥିଲେ । ସେଇଠାରେ ହରିହରଙ୍କ ସାଙ୍ଗରେ ଯାଇ ନୀଳକଣ୍ଠ ଗୋପବନ୍ଧୁଙ୍କର ନିକଟ ସାନ୍ନିଧ୍ୟରେ ଆସିଲେ । ସେଦିନ ଭାର୍ଗବୀ କୂଳରେ ସେଇ ଭାଗବତ ଘର ପାଖ ନିସ୍ତବ୍ଧ ବରଗଛ ପାଖେ ଗୋପବନ୍ଧୁ ଏଇ ତରୁଣମାନଙ୍କୁ ଜାତୀୟତା ଭାବରେ ଉଦ୍‌ବୁଦ୍ଧ କରିଥିଲେ । ନୀଳକଣ୍ଠଙ୍କ ସ୍ମୃତି ସ୍ମରଣୀୟ—"ଗୋପବନ୍ଧୁଙ୍କ ଭଳି ଗଳ୍ପ କହି ଭୁଲାଇବା ଲୋକ ଖୁବ୍ କମ୍ ଅଛନ୍ତି । ବିଶେଷରେ ଆମେ ପିଲା । ସେ ରାତିରେ ଗଳ୍ପର ଚରିତ୍ର ସବୁ ପ୍ରାଣରେ ଆଙ୍କି ହୋଇଗଲା । ଚନ୍ଦ୍ର ବୁଡ଼ିଗଲେ । ରାତି ଯାଇ ସକାଳ ହୋଇ ଆସିଲା । ଆମେ ତନ୍ମୟ । ଶେଷକୁ ଠିକ୍ ହେଲା; "ଆମେ ପାଠ ପଢି ସରକାରୀ ଚାକିରୀ କରିବା ନାହିଁ । ଦେଶପାଇଁ

Digitized by PPRACHIN, SOA

କାନ୍ଧ କରିବା । ଜନ୍ମବେଳେ ଦେଶକୁ ଯାହା ଦେଖିଥାଇଁ ତା'ଠାରୁ ଉନ୍ନତ ଦେଖି ମରିବା ।(୧)

କଟକ କଲେଜିଏଟ ସ୍କୁଲ ବୋର୍ଡିଂରେ ଗୋଟିଏ ବର୍ଷ କଟାଇ ୧୯୦୪ ଆଦ୍ୟରେ ନୀଳକଣ୍ଠ ପୁରୀ ଫେରିଲେ । ସେ ହେଲେ ପୁରୀ ବ୍ରାହ୍ମଣ ସମିତି ବୋର୍ଡିଂର ଅନ୍ତେବାସୀ । ସେ କାଳରେ ଏଇ ଛାତ୍ରାବାସ ଥିଲା କେତେ ଗୁଡ଼ିଏ ଖଲଘରର ସମଷ୍ଟି । ଏଠାରେ ଗୋପବନ୍ଧୁ ଥାଇ ଏଫ୍.ଏ. ଓ ପରେ ଏମ୍. ଏ. ଗ୍ରୁଡ଼ ଓକିଲାତି ପଢ଼ିବା ପାଇଁ ପ୍ରସ୍ତୁତ ହେଉଥିଲେ । ଏଇଠାରେ ହିଁ ଗୋପବନ୍ଧୁଙ୍କ ସଙ୍ଗେ ନୀଳକଣ୍ଠଙ୍କ ଅନ୍ତରଙ୍ଗତା ବଢ଼ିଥିଲା । ସେଇ ସମୟରେ ପୁରୀରେ ଆଉ ଜଣେ ମହାମନା ବ୍ୟକ୍ତି ଥିଲେ । ସେ ହେଉଛନ୍ତି ସ୍ୱର୍ଗତଃ ମୁକ୍ତାର ରାମଚନ୍ଦ୍ର ଦାଶ । ଏ ଥିଲେ ବ୍ରାହ୍ମଣ ସମିତିର ପ୍ରାଣପ୍ରତିଷ୍ଠାତା । ସେ ନିଜେ କାନ୍ଧ ଧନୀ ବା ବିତ୍ତବାନ୍ ନ ଥିଲେ । ମାତ୍ର ରାମଚନ୍ଦ୍ର ଥିଲେ ଅତ୍ୟନ୍ତ ଉଦାର ଓ ଅତିଥି ପରାୟଣ । ମୁକ୍ତାର ଭାବରେ କୋର୍ଟ କଚେରୀରେ ଅଳ୍ପ ସମୟ ସେ କଟାଉଥିଲେ । ତରୁଣ ଛାତ୍ରମାନଙ୍କ ସଙ୍ଗରେ ତାଙ୍କର ଅଧିକ ସମୟ କଟୁଥିଲା । କଟୁଥିଲା ଦେଶ ସେବା ଓ ସାହିତ୍ୟ ଚର୍ଚ୍ଚାରେ । ଏଇଭଳି ଏକ ଆଲୋଚନା ଥରେ ସଦ୍ୟ ପ୍ରକାଶିତ ମଧୁସୂଦନଙ୍କ 'ବସନ୍ତଗାଥା' ପ୍ରସଙ୍ଗରେ ହୋଇଥିଲା । ଏଇ ଆଲୋଚନାରେ ଭାଗ ନେଇଥିଲେ ନୀଳକଣ୍ଠଙ୍କର ଅନ୍ୟତମ ସହପାଠୀ ପରବର୍ତ୍ତୀକାଳର ବିଶିଷ୍ଟ ଓଡ଼ିଆ କବି ପଦ୍ମଚରଣ ପଟ୍ଟନାୟକ । ରାମଚନ୍ଦ୍ର ଦାଶ ପିଲାମାନଙ୍କ ମନରେ ଦେଶସେବା, ସାହିତ୍ୟପ୍ରୀତି ଜାଗ୍ରତ କରିବା ସଙ୍ଗେ ସଙ୍ଗେ ସୁଲେଖକ ଓ ସୁବକ୍ତା ହେବାପାଇଁ ଅନୁପ୍ରେରଣା ଦେଉଥିଲେ । ତରୁଣ ନୀଳକଣ୍ଠଙ୍କ ପ୍ରାଣରେ ଏଇ ସମୟରୁହିଁ ସାହିତ୍ୟ ପ୍ରୀତି ଜାଗ୍ରତ ହୋଇଥିଲା ।

୧୯୦୫ ଖ୍ରୀଷ୍ଟାବ୍ଦରେ ଘଟିଲା ନୀଳକଣ୍ଠଙ୍କ ଜୀବନରେ ଏକ ସ୍ମରଣୀୟ ଘଟଣା । ସେ ବର୍ଷ ଫେବୃୟାରୀ ମାସରେ ଏନ୍‌ଟ୍ରାନ୍‌ସ ପରୀକ୍ଷା ଦେବାପାଇଁ ନୀଳକଣ୍ଠ କଟକ କଲେଜିଏଟ ବୋର୍ଡିଂକୁ ଆସିଲେ । ଏହାର ଠିକ୍ ପୂର୍ବରୁ ନୀଳକଣ୍ଠଙ୍କର ବିବାହ ଅନୁଷ୍ଠିତ ହୋଇଥିଲା । ସେ ସମୟରେ ଏନ୍‌ଟ୍ରାନ୍‌ସ ପଢ଼ିବାଟାକୁ ଲୋକେ ବହୁତ ବଡ଼ ମନେ କରୁଥିଲେ । ତେଣୁ ନୀଳକଣ୍ଠଙ୍କର

---

୧ ନୀଳକଣ୍ଠ ଗ୍ରନ୍ଥାବଳୀ ୧ମଖଣ୍ଡ ପୃ: ୬୧

Digitized by PPRACHIN, SOA

ବିବାହ ପାଇଁ ବହୁ ପ୍ରସ୍ତାବ ଆସୁଥିଲା । ସେହି ବାଲ୍ୟ ବିବାହ ଯୁଗରେ ୨୧ ବର୍ଷର ତରୁଣ ନୀଳକଣ୍ଠଙ୍କର ବିବାହ ଯେପରିକି ବିଳମ୍ବ ହୋଇ-ଯାଇଥିଲା । କିନ୍ତୁ ବିଭାହେଲେ ଦେଶ କାମରେ ବାଧା ଆସିବ ବୋଲି ନୀଳକଣ୍ଠ ବିଭା ହେବାକୁ ରାଜି ନ ଥିଲେ । ଏକ ବ୍ରହ୍ମଚାରୀ ଦେଶ ସେବକ ଦଳ ଗଢ଼ିବାର ପରିକଳ୍ପନା ସେ ମନରେ ପୋଷଣ କରିଥିଲେ ।

ନୀଳକଣ୍ଠ ଥିଲେ ପିତାଙ୍କର ଏକମାତ୍ର ସନ୍ତାନ । ତେଣୁ ତାଙ୍କର ବାପା ବିବାହ ପାଇଁ ଖୁବ୍ ବ୍ୟସ୍ତ ହୋଇପଡ଼ିଥିଲେ । ହେଲେହେଁ ବିବାହପାଇଁ ଧନୀ ଲୋକଙ୍କ ଅର୍ଥକୁ ସେ ପ୍ରତ୍ୟାଖ୍ୟାନ କରିଥିଲେ । ନୀଳକଣ୍ଠଙ୍କ ଯୁକ୍ତି ତାଙ୍କୁ ପ୍ରଭାବିତ କରିଥିଲା ।

"ଉତ୍ତମଂ ସ୍ୱାର୍ଜିତଂ ବିତ୍ତଂ,
ମଧ୍ୟମଂ ପିତୁରର୍ଜିତଂ,
ଅଧମଂ ଭ୍ରାତୃ ବିତ୍ତଂଚ
ସ୍ତ୍ରୀ ବିତ୍ତଂ ଅଧମାଧମଂ ।"

ଏହି ବିଷୟରେ ଗୋପବନ୍ଧୁଙ୍କ ଧାରଣା ମଧ୍ୟ ଅତି ସ୍ପଷ୍ଟ ଥିଲା । ଗୋଦାବରୀଶଙ୍କ ସ୍ମୃତି କଥାରୁ ଜଣାଯାଏ—"ବରପଣ ଗ୍ରହଣ କରି ଯେଉଁ-ମାନେ ବିବାହ କରୁଥିଲେ, ସେମାନଙ୍କୁ ସେ କହୁଥିଲେ ଭାର୍ଯ୍ୟ ସେ କହୁଥିଲେ ଯେ ପ୍ରକୃତ ଭର୍ତ୍ତା ହୋଇ ନପାରେ, ତାଙ୍କ ଦ୍ୱାରା ଦେଶ ସେବା ହୋଇ ନ ପାରେ ।" ଶେଷ ପର୍ଯ୍ୟନ୍ତ ପିତାଂକ ଅନୁରୋଧ ନୀଳକଣ୍ଠଙ୍କୁ ରକ୍ଷା କରିବାକୁ ହୋଇଥିଲା । ନୀଳକଣ୍ଠ ନିଜର ଅନୁଭୂତି ବର୍ଣ୍ଣନା କରି ଲେଖିଛନ୍ତି "ଦାସେ ଆପଣଙ୍କ ସହିତ ପୁଣି ବାରମ୍ବାର କଥାବାର୍ତ୍ତା ହେଲା ++ମତେ ଡାକି ନାନା କଥା ବୁଝାଇ ମୋର ବିବାହ ନ କରିବା ସଂକଳ୍ପକୁ ପରିତ୍ୟାଗ କରିବାକୁ କହିଲେ ।"(୧)

ପାରଂପରିକ ରୀତିରେ ନୀଳକଣ୍ଠଙ୍କର ବିବାହ ଅନୁଷ୍ଠିତ ହୋଇ-ଥିଲା । ପିତା ଓ ମାତାଙ୍କର ଜାତି ବିଚାର କରି କନ୍ୟା ଓ ବରପକ୍ଷକୁ ପଣ ଦେବାକୁ ହେଉଥିଲା । ନୀଳକଣ୍ଠଙ୍କ ପିତା କୌଶିକ ଦାସ ଗୋତ୍ରର ବ୍ରାହ୍ମଣ ଥିଲେ । ସେ ସମୟରେ ଗ୍ରାମ ଲୋକଙ୍କ ନିମ୍ନ ପ୍ରବାଦ ବାକ୍ୟଟି ଚଳୁଥିଲା—

(୧) ନୀଳକଂଠଗ୍ରନ୍ଥାବଳୀ- ପ୍ରଥମ ଭାଗ ପୃ.୩୯,୪୦

Digitized by PPRACHIN, SOA

"ଢୋଲ ମାଠିଆ ନନ୍ଦ
ଦାସଙ୍କ ପାଖେ ନ ଯାଇ ।"

ଗାଁରେ କେହି ମୋଟା ହେଲେ ତାକୁ କହୁଥିଲେ ଢୋଲ । କେହି ବ୍ରାହ୍ମଣଟିଏ କମ୍ ରୋଗ ହେଲେ ତାକୁ କହୁଥିଲେ ମାଠିଆ । ଏକ ସମୟରେ ଶ୍ରୀରାମଚନ୍ଦ୍ରପୁରରେ କୌଳିକ ଦାସ ଗୋଷ୍ଠର ଦେବୋର ଝୁକ୍ ଧନୀ ଥିଲେ । ସାଧାରଣତଃ କୃଷି ବା ବ୍ୟବସାୟ ଅଥବା ଯାନୀ ବ୍ୟବସାୟ କରି ବ୍ରାହ୍ମଣମାନେ ଧନୀ ହେଉଥିଲେ । ଏମାନେ ସମାଜର କୌଳିନ୍ୟ ହରାଉ ଥିଲେ । ଏହି କୌଳିନ୍ୟ ମର୍ଯ୍ୟାଦା ଫେରି ପାଇବା ପାଇଁ ସେମାନେ ଅର୍ଥ ଦେଇ ଉଚ୍ଚ ସାମନ୍ତ ପରିବାରରୁ ଜ୍ୱାଇଁ କିଣୁଥିଲେ । ସେ ନୀଳକଣ୍ଠଙ୍କ ବିଭାଘର ଏଇଭଳି ବନ୍ଦୋବସ୍ତରେ ହୋଇଥିଲା । ନୀଳକଣ୍ଠଙ୍କ ପିତା ଜାତିରେ ଶ୍ରେଷ୍ଠ ଥିଲେ ବୋଲି ପନ୍ଦର ଟଙ୍କା ଓ ତାଙ୍କର ଅଜା (ମାତୃପକ୍ଷର) ଯାନୀ ବ୍ୟବସାୟ କରୁଥିଲେ ବୋଲି ପାଞ୍ଚଟଙ୍କା—ଏହି ପରି କୋଡ଼ିଏ ଟଙ୍କା ଶ୍ୱଶୁର ଘରକୁ ଦେବାକୁ ପଡ଼ିଥିଲା । ନୀଳକଣ୍ଠଙ୍କ ସ୍ତ୍ରୀ ଆଉ ଗୋଟିଏ ନିକଟବର୍ତ୍ତୀ ଗ୍ରାମ ବୀରପୁରୁଷୋତ୍ତମପୁରର ଝିଅ ଥିଲେ । ଏଇ ଦୁଇ ଗ୍ରାମ ମଝିରେ କେବଳ ଗୋଟିଏ ଗହ୍ୱର ବ୍ୟବଧାନ ଥିଲା । ତେଣୁ ଏଇ ବିବାହରେ ନୀଳକଣ୍ଠଙ୍କ ନିଜସ୍ୱ ରୁଚି ଓ ପ୍ରାଣପୂର୍ଣ୍ଣ ପ୍ରଣୟର ଭାବ ଯେତିକି ପ୍ରକାଶ ପାଇଥିଲା । ୧୯୦୫ ଫେବ୍ରୁୟାରୀ ମାସରେ ବିବାହର ସପ୍ତମଙ୍ଗଳା ପରଦିନ ସେ ଏନ୍‌ଟ୍ରାନ୍‌ସ ପରୀକ୍ଷା ଦେବାକୁ କଟକ ଯାଇଥିଲେ । ପରୀକ୍ଷାରେ ନୀଳକଣ୍ଠ କୃତିତ୍ୱ ଅର୍ଜନ କରି ରେଭେନ୍‌ସା କଲେଜରେ ଏଫ୍. ଏ. ଶ୍ରେଣୀରେ ପଢିଲେ ।

ନିଜ ଗ୍ରାମର ଅଦୂରବର୍ତ୍ତୀ ସହର ପୁରୀରେ ହିଁ ସେ ତାଙ୍କର କୈଶୋର କଟାଇଥିଲେ । ପୁରୀ ସାରା ଭାରତର ଏକ ପ୍ରସିଦ୍ଧ ତୀର୍ଥ, ରକ୍ଷଣଶୀଳତାର ଦୁର୍ଗ, ବ୍ରାହ୍ମଣମାନଙ୍କର ନିରଙ୍କୁଶ ଜାତ୍ୟାଭିମାନ ଓ କୁସଂସ୍କାରର ପୀଠସ୍ଥଳୀ ଥିଲା । ଅନ୍ଧାର ଯେଉଁଠି ଯେତେ ପ୍ରବଳ ସେଇଠାରେ ହିଁ ଦୀପର ପ୍ରୟୋଜନ ସେତେ ବେଶୀ । ତେଣୁ ସେକାଳରେ ସେଇ ସଂସ୍କାର ଆନ୍ଦୋଳନ ପୁରୀଠାରେ ହିଁ ଦାନା ବାନ୍ଧିଥିଲା । ମୁକ୍ତାର ରାମଚନ୍ଦ୍ର ଦାଶଙ୍କ ଭଳି ଆଧୁନିକ ପନ୍ଥୀଙ୍କ ସାଙ୍ଗକୁ ମହାମହୋପାଧ୍ୟାୟ ପଣ୍ଡିତ ଜଗନ୍ନାଥ ମିଶ୍ରଙ୍କ ପରି ସଂସ୍କାର ଧର୍ମୀ ପ୍ରାଚୀନ ପଣ୍ଡିତମାନେ ମଧ୍ୟ ଥିଲେ । ପୁରୀ ସଂସ୍କୃତ

Digitized by PPRACHIN, SOA

ମହା ବିଦ୍ୟାଳୟରେ ପ୍ରତିଷ୍ଠାତା ସେକାଳର ଦିଗ୍‌ଗଜ ପଣ୍ଡିତ ପୁଣ୍ୟଶ୍ଳୋକ ହରିହର ଦାସଙ୍କ ସ୍ମୃତିମଧ୍ୟ ଜାଗରୁକ ଥିଲା ! ( ତାଙ୍କର ମୃତ୍ୟୁ ୧୮୭୩ ଖ୍ରୀଷ୍ଟାବ୍ଦ ) । ଏହି ସମୟରେ ପୁରୀରେ ରହୁଥିବା ଆଉ ଜଣେ ପ୍ରସିଦ୍ଧ ଜାତୀୟବାଦୀ ଶଶୀଦା ( ଶଶିଭୂଷଣ ରାୟ ଚୌଧୁରୀ)ଙ୍କ ନାମ ଉଲ୍ଲେଖଯୋଗ୍ୟ । ବଙ୍ଗଭଙ୍ଗ ଆନ୍ଦୋଳନକୁ କେନ୍ଦ୍ର କରି ଏପରିକି ଏଇ ଆନ୍ଦୋଳନର କିଞ୍ଚିତ ପୂର୍ବରୁ ଭାରତର ରାଜଧାନୀ କଲିକତାକୁ କେନ୍ଦ୍ର କରି ସନ୍ତ୍ରାସବାଦୀଙ୍କର ବିଶେଷ ପ୍ରଭାବ ଦେଖାଦେଇଥିଲା । ଶଶିଭୂଷଣ ଥିଲେ ଏଇ ଦଳର ଜଣେ ନେତା । ପୁରୀର ସୁନାମଧନ୍ୟ ପ୍ରଥମ ଓଡ଼ିଆ ହେଡମାଷ୍ଟର ଚନ୍ଦ୍ରମୋହନ ମହାରଣାଙ୍କ ଘରେ ହିଁ ଆସି ପ୍ରଥମେ ଆଶ୍ରୟ ନେଉଥିଲେ । ବସ୍ତୁତଃ ସେ ପୁରୀରେ ଅଜ୍ଞାତ ବାସ କରୁଥିଲେ । ନୀଳକଣ୍ଠ, ଗୋଦାବରୀଶଙ୍କ ଭଳି କୋମଳମତି ଯୁବକ ପ୍ରାଣରେ ତାଙ୍କର ପ୍ରଭାବ ଥିଲା ଅପରିସୀମ । କୋମଳ ବୟସରୁ ଯୁବକମାନଙ୍କ ମନରେ ବିଦେଶୀ ସରକାରଙ୍କ ପ୍ରତି ଘୃଣା ଜନ୍ମାଇବା ଥିଲା ଏହାଙ୍କର ଏକାନ୍ତ ଲକ୍ଷ୍ୟ । ଗୋପବନ୍ଧୁ, ଶଶିଭୂଷଣ, ନୀଳକଣ୍ଠ ଓ ଗୋଦାବରୀଶ ଯେପରି କି ଗୋଟିଏ ବୃତ୍ତର କେନ୍ଦ୍ରାବର୍ତ୍ତୀ ଭଳି ପରସ୍ପର ସହିତ ଘନିଷ୍ଠ ହୋଇଥିଲେ । ଗୋଦାବରୀଶଙ୍କ ସ୍ମୃତି ସ୍ମରଣୀୟ । "ଏକାଦଶ ଶ୍ରେଣୀର ଛାତ୍ର ନୀଳକଣ୍ଠଙ୍କର ଗୋପବନ୍ଧୁ ବାବୁଙ୍କ ସଙ୍ଗେ ଘନିଷ୍ଠତା ଜନ୍ମି ସାରିଥାଏ । ଗୋପବନ୍ଧୁ ବାବୁ ସେତେବେଳେ ଜଣେ ଉଦୀୟମାନ ଉଚ୍ଚକୋଟୀର ନେତା, ନିଜ ଚୁମ୍ବକ ଶକ୍ତିରେ ବଳଶାଳୀ ଯୁବକ ପ୍ରାଣକୁ ଆକର୍ଷଣ କରୁଥାନ୍ତି । ଶଶୀଦା ତାଙ୍କ ସହିତ ବନ୍ଧୁତା କରିସାରିଥିଲେ । ସୁତରାଂ ତାଙ୍କୁ ଭଲରୂପେ ଚିହ୍ନିଥିଲେ ମଧ୍ୟ ତାଙ୍କ କଥା ପଡ଼ିଲାବେଳେ ଶଶୀଦା କହନ୍ତି, "ଏ ବିଦେଶୀ ରାବଣ ରାଜ୍ୟ ଧ୍ୱଂସ କରିବାରେ ସେ ପରା ହନୁମାନ୍, ମୁଁ ସାମାନ୍ୟ ଗୁଣ୍ଡୁଚି ମୂଷା ମାତ୍ର ।" ବୋଧ ହୁଏ ଗୋପବନ୍ଧୁ ବାବୁଙ୍କ ସଂସ୍ପର୍ଶରେ ଆସିଥିବା ଯୋଗୁ ପରେ ନୀଳକଣ୍ଠଙ୍କର ଶଶୀଦାଙ୍କ ସାହାଯ୍ୟ ବିଶେଷ ଦରକାର ହେଲା ନାହିଁ । ତାପରେ ପୁଣି, ସେ ପ୍ରବେଶିକା ପରୀକ୍ଷା ନିମନ୍ତେ ପ୍ରସ୍ତୁତ ହେଉଥିବାରୁ ହୁଏତ ଶଶୀଦାଙ୍କ ସହିତ କଟାଇବାକୁ ବେଶି ସମୟ ପାଉନଥିଲେ । କିନ୍ତୁ ଯେତେବେଳେ ଉଭୟଙ୍କର ଦେଖାହୁଏ, ନୀଳକଣ୍ଠ ଶଶୀଦାଙ୍କୁ ଖୁବ୍ ସମ୍ମାନ ଦେଖାନ୍ତି । ଶଶିଦା ମଧ୍ୟ ତାଂକ ଉପରେ ଅଯାଚିତ ସ୍ନେହ ଢାଳି

Digitized by PPRACHIN, SOA

ହଅନ୍ତି ।(୧) ନୀଳକଣ୍ଠଙ୍କ ସ୍ମୃତିରୁ ମଧ୍ୟ ଏହାହିଁ ପ୍ରମାଣିତ ହୁଏ । ଗୋଦାବରୀଶ ୧୯୦୦ ମସିହାରେ ବାଣପୁର ମଧ୍ୟ ଓଡ଼ିଆ ସ୍କୁଲରୁ ପାଶ କରିଥିଲେ, ମୁଁ ଶ୍ରୀରାମଚନ୍ଦ୍ରପୁର ମଧ୍ୟଓଡ଼ିଆ ସ୍କୁଲରୁ ପାଶ କରିବାର ଠିକ୍ ବରଷକ ପରେ । ତାଙ୍କ ନାନା ବହୁତ ବିଶିଷ୍ଟ ଲୋକଙ୍କ ସାହାଯ୍ୟ ଓ ସାହଚର୍ଯ୍ୟରେ ତାଙ୍କୁ ଆଣି ପୁରୀ ଜିଲ୍ଲା ସ୍କୁଲରେ ପୁରାଇ ଯାଇଥିଲେ । ସେ ବୋର୍ଡିଂରେ ରହିଲେ । ମୁଁ ମଧ୍ୟ ବୋର୍ଡିଂରେ ଥାଏ । ମୋର ତାଙ୍କର ଚିହ୍ନା ଥାଏ । କ୍ରମେ ଉତ୍ତର ବୟସରେ ମୁଁ ଯେତେବେଳେ କଟକରୁ ଫେରି ଏନ୍‌ଟ୍ରାନ୍‌ସ ପରୀକ୍ଷା ପାଇଁ ପୁରୀରେ ପ୍ରସ୍ତୁତ ହେଲି, ସେତେବେଳେ ତାଙ୍କର ମୋର ଖୁବ୍ ଘନିଷ୍ଠତା ହେଲା । ତା'ର ମୁଖ୍ୟ କାରଣ ହେଉଛି ବଙ୍ଗଳାର ଶ୍ରୀ ଶଶୀଭୂଷଣ ରାୟ ଚୌଧୁରୀ । ସେ ଥିଲେ ବିପ୍ଳବୀମାନଙ୍କର ମୂଳରେ । ଯୁବକମାନଙ୍କ ସଙ୍ଗେ ସବୁଠାରେ ସବୁବେଳେ ତାଙ୍କର ପରିଚୟ ହୁଏ । ସେଥିରେ ହିଁ ସେ ଯୁବ ପ୍ରାଣକୁ ତ୍ୟାଗ ଓ ଦେଶ ସେବାପାଇଁ ଉଦ୍‌ବୁଦ୍ଧ କରନ୍ତି ।(୨)

ଊନବିଂଶ ଶତାବ୍ଦୀର ଠିକ୍ ଶେଷବର୍ଷ ୧୮୯୯ରେ ନୀଳକଣ୍ଠ ଶ୍ରୀରାମଚନ୍ଦ୍ରପୁରର ନୈଷ୍ଠିକ ବ୍ରାହ୍ମଣ ସମାଜର ପରିବେଶରୁ ଉଦଗ୍ର କୌତୂହଳ ନେଇ ଉଚ୍ଚଶିକ୍ଷା ପାଇଁ ପୁରୀ ଆସିଥିଲେ । ଏହି ସମୟରେ ପୁରୀ ଓ କଟକ ଏଇ ଦୁଇ ସହର ମଧ୍ୟରେ ଯୋଗାଯୋଗ ରେଲଦ୍ୱାରା ନିକଟତର ହୋଇଥିଲା । ନୀଳକଣ୍ଠଙ୍କୁ ସ୍ୱାସ୍ଥ୍ୟ ପରିବର୍ତ୍ତନ ପାଇଁ ମଝିରେ ମଝିରେ କଟକ ଆସିବାକୁ ପଡ଼ିଥିଲା । ପୁରୀ ଥିଲା ସଂସ୍କୃତିର ପ୍ରାଣକେନ୍ଦ୍ର । ମାତ୍ର କଟକ ଥିଲା ଓଡ଼ିଆ ଜାତୀୟତାର ପ୍ରାଣ କେନ୍ଦ୍ର । ସେ ଯୁଗରେ ସମ୍ବାଦ ପତ୍ର ଆଜି ଭଳି ସମାଜରେ ସର୍ବମୟ ପ୍ରଭାବ ହୁଏତ ବିସ୍ତାର କରିଥିଲା । ତଥାପି ଗୌରୀଶଙ୍କରଙ୍କ ଉତ୍କଳ ଦୀପିକା ଓ ବିଶ୍ୱନାଥ କରଙ୍କ ଉତ୍କଳ ସାହିତ୍ୟ ଓଡ଼ିଆ ସାହିତ୍ୟ ସମାଜ ଓ ଜାତୀୟ ଚେତନାର ମୂର୍ତ୍ତି ପ୍ରତୀକ ଥିଲା । ଏହା ଥିଲା ଭାରତର ନବ ଜାଗରଣର ଊଷାକାଳ । କିନ୍ତୁ ଭାରତୀୟ ନବଜାଗରଣର ପୃଷ୍ଠପଟରେ ଓଡ଼ିଆ ଜାତିର ନିଜସ୍ୱ ଅନ୍ତରାତ୍ମା ଯେପରିକି ଏକ ସ୍ୱତନ୍ତ୍ର ମାଡ଼ର ସନ୍ଧାନ କରୁଥିଲା । ଭାରତୀୟ ଜାତୀୟ କଂଗ୍ରେସ ବିଦେଶୀ ଗୋରା ଶାସକଙ୍କ ସଙ୍ଗେ ବୁଦ୍ଧିଜୀବୀ ଦେଶବାସୀଙ୍କର ମାନସିକ ସ୍ତରରେ ସମନ୍ୱୟର ପ୍ରୟାସ କରୁଥିଲା । ସମ୍ବାଦ

(୧) ନୀଳକଣ୍ଠ ଗ୍ରନ୍ଥାବଳୀ (୧ମ) ପୃ. ୪୦

(୨) ନୀଳକଣ୍ଠ ଗ୍ରନ୍ଥାବଳୀ (୧ମ) ପୃ. ୪୦-୪୧

Digitized by PPRACHIN, SOA

ବାସୀମାନେ ରୁଷ ଓ ଜାପାନ ଯୁଦ୍ଧଦ୍ୱାରା ପ୍ରଭାବିତ ହୋଇଥିଲେ । ଭାରତ ସମଗ୍ର ଜଗତରୁ ବିଚ୍ଛିନ୍ନ ହୋଇ ନ ଥିଲା । ଭାରତର ଉପକୂଳରେ ଗଢି ଉଠୁଥିବା ଆନ୍ତର୍ଜାତୀୟ ମହାନଗରୀ ଗୁଡ଼ିକ ଖାଲି ପଣ୍ୟସମ୍ଭାର ପାଇଁ ନୁହେଁ ଭାବର ଆଦାନ ପ୍ରଦାନ ପାଇଁ କେନ୍ଦ୍ର ସ୍ଥଳ ରୂପେ କାର୍ଯ୍ୟ କରୁଥିଲା । ସିପାହି ବିଦ୍ରୋହର ଅବସାନ ସଙ୍ଗେ ସଙ୍ଗେ ଆଧୁନିକ ଜ୍ଞାନ ବିଜ୍ଞାନର ପ୍ରତିଷ୍ଠା ପାଇଁ କଲିକତା ବମ୍ବେ ଓ ମାନ୍ଦ୍ରାଜରେ ବିଶ୍ୱବିଦ୍ୟାଳୟମାନ ସ୍ଥାପିତ ହେଉଥିଲା । ତାର ପ୍ରଭାବ ଓଡ଼ିଶାରେ ବି ଅନୁଭୂତ ହେଉଥିଲା । ବସ୍ତୁତଃ କଟକ ରେଭେନସା କଲେଜ ଥିଲା ଓଡ଼ିଶାର ଆଧୁନିକ ଶିକ୍ଷାବ୍ୟବସ୍ଥାର ହୃତପିଣ୍ଡ । ୧୯୦୫ରେ ରେଭେନସା କଲେଜକୁ ଏଫ୍. ଏ. ପଢିବାକୁ ଆସିବା ପୂର୍ବରୁ ନୀଳକଣ୍ଠ କଟକର ସାଂସ୍କୃତିକ ଜୀବନ ସହିତ ଏକାନ୍ତ ଅପରିଚିତ ନଥିଲେ । କଲେଜ ଏଣ୍ଡ୍ ବୋର୍ଡ଼ିଂରେ ରୋଗୀସେବା, ୧୯୦୩ରେ ଉତ୍କଳସମ୍ମିଳନୀରେ ଯୋଗଦାନ, ଗୋପବନ୍ଧୁ, ବ୍ରଜସୁନ୍ଦର ଓ ବହୁ ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ସହିତ ସାକ୍ଷାତ ପରିଚୟ ତାଙ୍କର ଘଟିଥିଲା ।

ଓଡ଼ିଶାର ସବୁଠାରୁ ବଡ଼ ସମସ୍ୟା ଥିଲା ମହାଭାରତୀୟ ଅବବୋଧରେ ଆତ୍ମସତ୍ତା (Self identity) ର ସନ୍ଧାନ, ଓଡ଼ିଶା ସେତେବେଳେ ଏକ ଭୌଗଳିକ ନାମ ମାତ୍ର ନ ଥିଲା । ଛବିଶ ଗଡ଼ଜାତ ସାଙ୍ଗକୁ ଓଡ଼ିଆ ଭାଷାଭାଷୀ ଲୋକେ ମଧ୍ୟପ୍ରଦେଶ, ମାନ୍ଦ୍ରାଜ, ବିହାର ଓ ବଙ୍ଗରାଜ୍ୟରେ ବିକ୍ଷିପ୍ତ ହୋଇ ପଡ଼ି ରହିଥିଲେ । ଓଡ଼ିଆ ସଂସ୍କୃତିର ତିନି ପ୍ରଧାନ କେନ୍ଦ୍ର କଟକ, ସମ୍ବଲପୁର ଓ ବରହମପୁର ତିନି ସ୍ୱତନ୍ତ୍ର ପ୍ରଦେଶରେ ଅବସ୍ଥିତ ଥିଲା । ଇଂରେଜମାନେ ପ୍ରାଦେଶିକ ଭାଷାକୁ କୋର୍ଟ କଚେରୀର ଭାଷା ରୂପେ ବ୍ୟବହାର କରିବାକୁ ପକ୍ଷପାତୀ ଥିଲେ । ସମ୍ବଲପୁରରେ ହିନ୍ଦୀ ଭାଷା ଚଳିବାର ଆଦେଶ ହୋଇଥିଲା । ଓଡ଼ିଆମାନେ ଏହାର ଘୋର ପ୍ରତିବାଦ କରିଥିଲେ । ଗଞ୍ଜାମରେ ତେଲୁଗୁ ଭାଷାଭାଷୀଙ୍କ ପ୍ରାଧାନ୍ୟରେ ଓଡ଼ିଆ ଭାଷାଭାଷୀମାନେ ଶ୍ୱାସରୁଦ୍ଧ ହୋଇ ପଡ଼ିଥିଲେ । ସମ୍ବଲପୁରର ଓଡ଼ିଆମାନଙ୍କ ପ୍ରତିନିଧିମାନେ ଶ୍ରୀପତି ମିଶ୍ରଙ୍କ ଅଧିନାୟକତ୍ୱରେ ସେ କାଳର ଗଭର୍ଣ୍ଣର ଲର୍ଡ କର୍ଜନଙ୍କୁ ସିମଳାରେ ଭେଟି ସେମାନଙ୍କର ଦାବୀ ହାସଲ କରିଥିଲେ (୧୯୦୫) । ସମ୍ବଲପୁରରେ ଓଡ଼ିଆ ଚଳିଲା । ମାତ୍ର ସ୍ୱତନ୍ତ୍ର ଓଡ଼ିଆ ପ୍ରଦେଶ ଗଠନ ପ୍ରସ୍ତୁତ ନ ଥିଲା । ପୁଣି ସବୁ ଓଡ଼ିଆ ଅଞ୍ଚଳକୁ ଏକ ପ୍ରଦେଶ ଅନ୍ତର୍ଭୁକ୍ତ କରିବାର ବିଚାର ହେନ

Digitized by PPRACHIN, SOA

ମତଦ୍ୱୈଧ ପ୍ରକାଶ ପାଉଥିଲା । କେହି ଥିଲେ ମଧ୍ୟପ୍ରଦେଶ ଓ କେହିଥିଲେ ବଙ୍ଗପ୍ରଦେଶ ସପକ୍ଷରେ । ବିଶ୍ୱବିଦ୍ୟାଳୟ ଶିକ୍ଷାରେ ଓଡ଼ିଆର ମଧ୍ୟ କୌଣସି ସ୍ଥାନ ନ ଥିଲା । ୧୮୯୯ ଖ୍ରୀଷ୍ଟାବ୍ଦରେ ଗୋପବନ୍ଧୁ କଲେଜକୁ ଆସି କର୍ତ୍ତବ୍ୟ ବୋଧିନୀ ସମିତି ଗଢିଲେ । ଏହି ସମିତିର ପ୍ରଚେଷ୍ଟାରେ ବି. ଏ. ଶ୍ରେଣୀରେ ଓଡ଼ିଆରେ ବାଧ୍ୟତାମୂଳକ ପତ୍ର ପ୍ରଚଳନ କରାଇଲେ ।

## ଉତ୍କଳ ସମ୍ମିଳନୀ :—

ପ୍ରଥମ ଉତ୍କଳ ସମ୍ମିଳନୀର ବିବର୍ତ୍ତନର ଇତିହାସ ମଧ୍ୟ ତରୁଣ ନୀଳକଣ୍ଠଙ୍କ ଚିତ୍ତକୁ ଉଦ୍‌ବୁଦ୍ଧ କରିଥିଲା । ସେ କାଳରେ ବଙ୍ଗଳାର କଂଗ୍ରେସ ନେତାଙ୍କ ମଧ୍ୟରେ ମଧୁବାବୁଙ୍କର ମଧ୍ୟ ବହୁତ ଉଚ୍ଚ ସ୍ଥାନ ଥିଲା । ସେ କଂଗ୍ରେସ ଜରିଆରେ ଓଡ଼ିଶାର ଦେଶମିଶ୍ରଣ କାର୍ଯ୍ୟଟି କରାଇ ନେବେ ବୋଲି ଭାବିଥିଲେ । ମାତ୍ର ତାଙ୍କର ଏହି ଆଶା ଦୁରାଶାରେ ପରିଣତ ହୋଇଥିଲା । ମଧୁସୂଦନ କଂଗ୍ରେସ ଛାଡ଼ି ଓଡ଼ିଶାର ସ୍ୱତନ୍ତ୍ର ଜାତୀୟ ଅଭ୍ୟୁତ୍ଥାନର କଳ୍ପନା କରିବସିଲେ । ତାହାହିଁ ହେଲା ଉତ୍କଳ ସମ୍ମିଳନୀର ସୂତ୍ରପାତ । ସେକାଳର ନିର୍ଦ୍ଧନ ଓ ଆତ୍ମପ୍ରତ୍ୟୟହୀନ ଓଡ଼ିଶାର ପରମୁଖାପେକ୍ଷିତା ଦୂର କରିବାପାଇଁ ଏହି ଉତ୍କଳ ସମ୍ମିଳନୀ ବିଶେଷ ଭୂମିକା ଗ୍ରହଣ କରିଥିଲା । ଏହି ସମ୍ମିଳନୀରେ ଗୋପବନ୍ଧୁଙ୍କ ଦ୍ୱାରା ଲିଖିତ 'ପ୍ରାର୍ଥନା ପୁସ୍ତକ' ବାଣ୍ଟିବାର ଭାର ପଡ଼ିଥିଲା ନୀଳକଣ୍ଠଙ୍କ ଉପରେ । ଏହି ସମ୍ମିଳନୀରେ ଦର୍ଶକ ଭାବରେ ନିଜର ଅନୁଭବ ବର୍ଣ୍ଣନା କରି ନୀଳକଣ୍ଠ ଲେଖିଛନ୍ତି—"ପ୍ରଥମ ସମ୍ମିଳନୀରେ ସଭାପତି ହୋଇଥିଲେ ମୟୂରଭଞ୍ଜର ସ୍ୱନାମଧନ୍ୟ ମହାରାଜା ରାମଚନ୍ଦ୍ର ଭଞ୍ଜ । ମୁଁ ଥିଲି ସେ ସମ୍ମିଳନୀରେ ମାତ୍ରକ ଜଣେ ଦର୍ଶକ । ମହାରାଜା ସଭାପତି ରୂପେ ଭାଷଣ ପଢ଼ିବା ମୋର ଏବେ ମନେ ପଡ଼ି ଯାଉଛି । ସମସ୍ତେ ମଧୁବାବୁଙ୍କ କଳ୍ପିତ ଗୋଲାପୀ କନା ଓଡ଼ିଆ ପଗଡ଼ି ମୁଣ୍ଡରେ ଦେଇ ବସି ଥାନ୍ତି । ମଞ୍ଚ ଉପରେ ସମ୍ବଲପୁରର ରାମନାରାୟଣ ମିଶ୍ର ଏମ୍. ଏ., ବି. ଏଲ୍, ସିଂହଭୂମିର ଯୁଗଳ କିଶୋର ତ୍ରିପାଠୀ, ଏମ୍. ଏ., ବାଲେଶ୍ୱରର ଫକୀରମୋହନ ସେନାପତି, କଟକର ଗୌରୀଶଙ୍କର ରାୟ, କନିକା ରାଜା ରାଜେନ୍ଦ୍ରନାରାୟଣ ଭଞ୍ଜଦେବ, ଗଞ୍ଜାମର କେତେକ ଜମିଦାରଙ୍କ ସଙ୍ଗେ ସ୍ୱର୍ଗତ ହରିହର ପଣ୍ଡା ପ୍ରଭୃତିଙ୍କୁ ଦେଖିବାର ଚିତ୍ର ଆଜି ମଧ୍ୟ ଆଖି ଆଗରେ ନାଚି ଯାଉଛି । ତା'ରି ଭିତରେ

Digitized by PPRACHIN, SOA

ମଧୁବାବୁଙ୍କର ଚଞ୍ଚଳ ଗମନାଗମନ ଓ ଟେବୁଲ ପାଖେ ରାମଚନ୍ଦ୍ର ଭଞ୍ଜଙ୍କର ସୌମ୍ୟ ବପୁ ଓ ମାର୍ଜିତ ସୁଗମ୍ଭୀର ଓ ସୁକଳିତ କଣ୍ଠଧ୍ୱନି, ସେ କିଶୋର ବୟସରେ ମୋତେ କିପରି ଅଭିଭୂତ କରିଥିଲା ତା' କହିପାରିବି ନାହିଁ । ଅନୁଭବର ସେ ସ୍ମୃତିକୁ ଆଜି କାହାରି ଅନୁମାନରେ ଜାଗ୍ରତ କରିବା ମୋ ପକ୍ଷରେ ସମ୍ଭବ ନୁହେଁ । ଏଣେ ଘର ଭିତରେ ବାଲୁକେଶ୍ୱର ମିଶ୍ରଙ୍କୁ ସଙ୍ଗେ ଧରି ନବଯୁବକ ଗୋପବନ୍ଧୁଙ୍କର ଉତ୍ସାହଦୀପ୍ତ ନବକୁଞ୍ଚିତ ଶ୍ମଶ୍ରୁମଣ୍ଡିତ ସେ ସାଧୁ ସୁରମ୍ୟ ପ୍ରଭାବକ ମୁଖମଣ୍ଡଳ ମଧ ମୋର ଆଜି ଜୀବନ୍ତ ସ୍ମୃତି ପଟ ଆଗରେ ଭାସି ଯାଉଛି । ସେତେବେଳେ କେଡ଼େ କେଡ଼େ କି ଉତ୍ସାହ, କି ଚଞ୍ଚଳତା ? ଜୀବନର ସେ ନବୋନ୍ମେଷ ଆଜି ମୋର ମନରେ ପ୍ରାଚୀନ ହେଲେ ମଧ ଜୀର୍ଣ୍ଣ ହୋଇନାହିଁ । ଜୀବନରେ ତାହାହିଁ ଯେପରିକି ମୋର ଏକ ପ୍ରଥମ ଦୀକ୍ଷା ।" (୧)

ଆତ୍ମପ୍ରକାଶର ଆଉ ଏକ ସୋପାନରେ ହିଁ ଏହି କିଶୋର ପ୍ରାଣ ନୀଳକଣ୍ଠ ନିଜର ପ୍ରତିଷ୍ଠା ଅନୁଭବ କରିଥିଲେ । ତାହା ହେଉଛି, ତାଙ୍କର ସାମନ୍ତ ଚନ୍ଦ୍ରଶେଖରଙ୍କ ଉପରେ ଲେଖା, ପ୍ରଥମ ପ୍ରବନ୍ଧ । ସେହି ସମୟରେ ସାମନ୍ତ ଚନ୍ଦ୍ରଶେଖରଙ୍କ ଦେହାନ୍ତ ପୁରୀରେ ଘଟିଥିଲା । ତାଙ୍କର ଦଶାହ ଦିନ ଅନୁଷ୍ଠିତ ସାହିତ୍ୟ ସଭାରେ ପାଠ କରିବା ପାଇଁ ଗୋପବନ୍ଧୁଙ୍କ ଅନୁରୋଧରେ ନୀଳକଣ୍ଠ ନିଜର ପ୍ରଥମ ପ୍ରବନ୍ଧ ରଚନା କରିଥିଲେ । ନୀଳକଣ୍ଠଙ୍କ ନିଜ-କଥାରେ —"ସେତେବେଳେକୁ ମୁଁ ଚନ୍ଦ୍ରଶେଖରଙ୍କ × × ସିଦ୍ଧାନ୍ତ ଦର୍ପଣ ଟିଣ୍ଡି ସଂଗ୍ରହ କରି ପଢ଼ିବା ପାଇଁ ପାଖରେ ରଖିଥାଏ । ତା'ର ଇଂରାଜୀ ମୁଖବନ୍ଧକୁ ମୂଳ କରି ମୁଁ ତାଙ୍କର ଗୋଟିଏ କ୍ଷୁଦ୍ର ଜୀବନୀ ଲେଖି ବସିଲି । ଲେଖା ଶେଷ ହେବାରୁ ଗୋପବନ୍ଧୁ ଦାସେ ପଢ଼ିଲେ । ରାମଚନ୍ଦ୍ର ଦାଶ ମୁକ୍ତାର ସେତେବେଳେ ପ୍ରତିଦିନ ସଂଧ୍ୟାରେ କଚେରୀରୁ ଫେରି ବ୍ରାହ୍ମଣ ସମିତିକୁ ଆସନ୍ତି । ସେ ଆସିଲା ମାତ୍ରେ ଗୋପବନ୍ଧୁ ଦାସ ମୋ ପ୍ରବନ୍ଧଟି ତାଙ୍କ ଆଗେ ନିଜେ ପଢ଼ି ଶୁଣାଇଲେ । ସେହି ପ୍ରବନ୍ଧଟି ପରେ ଦଶାହ ଦିନ ପଢ଼ା ହେଲା । ପ୍ରାୟ ଦୁଇ ବର୍ଷ ପରେ ସେହି ପ୍ରବନ୍ଧଟି ଉତ୍କଳ ସାହିତ୍ୟରେ ବାହାରିଲା । ତାହାହିଁ ମୋର ପ୍ରଥମ ପ୍ରକାଶିତ ଲେଖା ।" (୨)

---

(୧) ନୀଳକଣ୍ଠ ଗ୍ରନ୍ଥାବଳୀ (୧ମ)-ପୃ: ୨୪, ୨୫

(୨) ଏଜନ୍...ପୃ ୩୭

Digitized by PPRACHIN, SOA

କଥାରେ ଅଛୁ ତୁଳସୀ ଦୁଇପତ୍ରରୁ ବାସେ । ଶୈଶବରୁହିଁ ନୀଳକଣ୍ଠଙ୍କର କୌତୁହଳପ୍ରିୟ ଭାବପ୍ରବଣ ମନର ପରିଚୟ ମିଳିଥିଲା । ଆଧୁନିକ ଶିକ୍ଷାଲାଭର ପ୍ରାକ୍‌କାଳରେ ହିଁ ତାଙ୍କ ପ୍ରାଣରେ ଭୂସ୍ୱୋଦର୍ଶନ ଫିଟିଥିଲା । ସେ ସ୍ୱକାଳର କଳନା କରିଥିଲେ । ସମାଜର ଅନ୍ଧ କୁସଂସ୍କାର ଉପରକୁ ଉଠିବା ପାଇଁ ନୀଳକଣ୍ଠ ସଦାପ୍ରୟାସୀ ଥିଲେ । ଉଚ୍ଚଶିକ୍ଷାର ସମସ୍ତ ସୁଯୋଗ ଗ୍ରହଣ କରି ସ୍ୱଦେଶୀୟ ସଂସ୍କୃତିର ପୁରାଣ ପରମ୍ପରା ସଙ୍ଗେ ଏକାତ୍ମ ହୋଇଥିଲେ । ନୀଳକଣ୍ଠ ଆଦର୍ଶ ଶିକ୍ଷକ, ମହାନ୍ ନେତା, ତ୍ୟାଗବନ୍ତ ମହାତ୍ମା, ଅନୁଗତ ବନ୍ଧୁ ସମସ୍ତଂକ ସଂସର୍ଗରେ ଆସି ମହାନ୍ ମାନବପ୍ରାଣତା ଓ ଦେଶପ୍ରେମରେ ଦୀକ୍ଷିତ ହୋଇଥିଲେ । କୈଶୋର ଓ ଆଦ୍ୟ ଯୌବନର ଏଇ ଶିକ୍ଷାର କାଳହିଁ ତାଙ୍କ ପାଇଁ ଥିଲା ଆଦର୍ଶ ଓ ମହତ୍ ଜୀବନ ଅନୁବର୍ତ୍ତନ ପାଇଁ ଦୀକ୍ଷାର ସମୟ ।

## ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ

୧୯୦୫ ମସିହାଟି ଭାରତବର୍ଷ ପକ୍ଷରେ କାହିଁକି ସାରା ଏସିଆରେ ଏକ ସ୍ମରଣୀୟ ବର୍ଷ । ଏହି ବର୍ଷ ରୁଷ ବିରୁଦ୍ଧରେ ଜାପାନ ଯୁଦ୍ଧରେ ସଫଳ ହେଲା । ସମଗ୍ର ଏସିଆରେ ଏକ ନବଜାଗରଣ ଖେଳିଗଲା । ଆଧୁନିକତା ପାଶ୍ଚାତ୍ୟର ଅନୁକରଣ ବା ଦାସତ୍ୱ ବରଣ ନୁହେଁ । ଏହା ଏକ ଭାବ । ଏହା ଜୀବନ ଧାରଣରେ ଏକ ଧାରା । ଯନ୍ତ୍ରଶିଳ୍ପର ଶକ୍ତି, ହେତୁବାଦୀ ବିଜ୍ଞାନର ସଂସ୍କାର, ମୁକ୍ତଜୀବନ ଦର୍ଶନ ଏହାହିଁ ଏହାର ମୂଳଭିତ୍ତି । ଏଇ ଭିତ୍ତି ଯେଉଁଠି ଯେତିକି ଦୃଢ଼ ମାନବ ପ୍ରଗତିର ପଥ ସେଠାରେ ସେତିକି ଉନ୍ମୁକ୍ତ ! ଏଥିରେ କଳା ଗୋରା ଭେଦ ନାହିଁ । ନାରୀ ପୁରୁଷ ଭେଦ ନାହିଁ । ଦେଶ ବିଦେଶର ଭୌଗୋଳିକ ଅବସ୍ଥାନର ମଧ୍ୟ ଭେଦ କଳନାତୀତ । ଜାପାନ ଯଦି ଆଧୁନିକତା ଓ ବିଜ୍ଞାନ ପଥରେ ଅଗ୍ରସର ହୋଇ ରୁଷ ଭଳି ୟୁରୋପର ଏକ ବିରାଟ ସାମ୍ରାଜ୍ୟର ଅଧିକାଂଶ ପ୍ରତିପତ୍ତିଶାଳୀ ଦେଶକୁ ପରାଭୂତ କରିପାରିଲା, ତେବେ ଭାରତ କାହିଁକି ପୃଥିବୀର ଏକ ଅଜ୍ଞାତ କୋଣରେ ଅଖ୍ୟାତ ଦ୍ୱୀପର ମୁଷ୍ଟିମେୟ ଲୋକଙ୍କ ଦ୍ୱାରା ଶାସିତ ହେବ ? ଭାରତରେ ସଭ୍ୟତା, ସାହିତ୍ୟ ଓ ସଂସ୍କୃତି ଭାରତର ଜୈବ ପତାକା । ଔପନିବେଶିକାଶି-ମାନେ ଯେଉଁ ଯୁଗରେ ପୃଥିବୀର ବିପୁଳ ଆଧିପତ୍ୟ ବିସ୍ତାର କରିଥିଲେ,

Digitized by PPRACHIN, SOA

ସେତେବେଳେ ସେହି ଦ୍ୱୀପଟିର ନାମ ପର୍ଯ୍ୟନ୍ତ କେହି ଜାଣିନଥିଲେ । ଏହି ଇତିହାସ କ୍ରମଶଃ ତରୁଣ ମାନଙ୍କ ଆଖି ଖୋଲିଦେଲା । ଅନୁକରଣ ସର୍ବସ୍ୱତା ଓ ହୀନମନ୍ୟତାର ଊର୍ଦ୍ଧ୍ୱକୁ ଉଠିବାକୁ ଏକ ଜାଗରଣ ଦେଖାଦେଲା ।

ଏହି ଭାବ ପରିବେଶରେ ନୀଳକଣ୍ଠ ରେଭେନ୍ସା କଲେଜରେ ଏଫ୍. ଏ. ପଢ଼ିବାକୁ ଆସିଲେ । କଟକର ଜୀବନ ସହିତ ନୀଳକଣ୍ଠ ଅପରିଚିତ ନଥିଲେ । ପୁରୀରେ ତାଙ୍କର ପ୍ରିୟ ଶିକ୍ଷକ ଚନ୍ଦ୍ରମୋହନ ମହାରଣା ଏବେ କଟକ ଟ୍ରେନିଂସ୍କୁଲର ପ୍ରଧାନ ଶିକ୍ଷକ ଥିଲେ । ବ୍ରଜସୁନ୍ଦର ଓ ଗୋପବନ୍ଧୁଙ୍କ ଭଳି ଦେଶସେବକ ଓ ମହାନ୍ ନେତାଙ୍କ ସଙ୍ଗେ ତାଙ୍କର ଘନିଷ୍ଠ ପରିଚୟ ଥିଲା । ଛାତ୍ରଜୀବନ ଗଢ଼ିବା ସଙ୍ଗେ ସଙ୍ଗେ ସମାଜସଂସ୍କାର, ସାହିତ୍ୟ ସେବା ଓ ଦୁସ୍ଥ ଜନର ସେବାରେ ସେ ଉଦ୍‌ବୁଦ୍ଧ ହୋଇଉଠିଥିଲେ । ନୀଳକଣ୍ଠଙ୍କ ଛାତ୍ରାବାସ-ଜୀବନ ଖୁବ୍ ମଧୁମୟଥିଲା । ସେ ଯେଉଁଠି ରହୁଥିଲେ ପ୍ରାୟ ଛାତ୍ର ମହଲରେ ନେତୃତ୍ୱ ତାଙ୍କରଠାରେ ହିଁ ଠୁଳୀଭୂତ ହେଉଥିଲା । ଏକ ସମୟରେ ନୀଳକଣ୍ଠଙ୍କର ଏକାନ୍ତ ନିକଟ ଅନ୍ତେବାସୀ ଥିଲେ ଗୋଦାବରୀଶ, କୃପାସିନ୍ଧୁ ଓ ସାରଙ୍ଗଧର ଦାସ ପ୍ରଭୃତି ବିଶିଷ୍ଟ ଓଡ଼ିଆ ତରୁଣ ମାନେ । କୃପାସିନ୍ଧୁଙ୍କର ବୌଦ୍ଧିକତା ଓ ସାରଙ୍ଗଧରଙ୍କର ଉଚ୍ଚାଭିଳାଷ ଦିନେ ସମସ୍ତ ଉତ୍କଳବାସୀଙ୍କୁ ଚମତ୍କୃତ କରିଦେଇଥିଲା । ଢେଙ୍କାନାଳର ଏକ ସାମାନ୍ୟ ମଧ୍ୟବିତ୍ତ ପରିବାରରେ ଜନ୍ମଲଭିକରି ଏହି ସାରଙ୍ଗଧର ଶର୍କରା ଶିଳ୍ପର ବିଶେଷଜ୍ଞ ଭାବରେ ଜାପାନ ଓ ଆମେରିକାକୁ ଉଚ୍ଚ ଶିକ୍ଷାଲାଭ ପାଇଁ ଯାଇଥିଲେ । ଖୁବ୍ ସମ୍ଭବତଃ ସେ ହେଉଛନ୍ତି ପ୍ରଥମେ ଉତ୍କଳୀୟ ଯୁବକ ଯେ ଜାତିଧର୍ମ ନିର୍ବିଶେଷରେ ଆନ୍ତର୍ଜାତୀୟ ବିବାହକୁ ନିଜଜୀବନରେ ସାର୍ଥକ କରିଥିଲେ । ଫ୍ରିଡାହାଉସ ଓ୍ୱାର୍ଥ ଜାତିରେ ସୁଇସ୍, ମାତ୍ର ଆମେରିକାର ନାଗରିକା, ଶିଳ୍ପୀ, ସାହିତ୍ୟିକ, ମହାନ ଆଦର୍ଶ ବାଦିନୀଙ୍କର ସେ ପାଣି ଗ୍ରହଣ କରିଥିଲେ । ଭାରତର ଦେଶପ୍ରେମ ଦୀକ୍ଷାରେ ନିଜେ ଦୀକ୍ଷିତ ହେବା ଆଗରୁ ଫ୍ରିଡାହିଁ ମହାତ୍ମାଗାନ୍ଧୀଙ୍କ ସାନ୍ନିଧରେ ଆସି ଭାରତୀୟ ଜାତୀୟତାର ପୂଜାରିଣୀ ହୋଇଥିଲେ । ସେ ଯୁଗର ଏସବୁ କାହାଣୀ ଫ୍ରିଡ଼ାହାଉସ୍‌ଓ୍ୱାର୍ଥଙ୍କ ରଚିତ "A marriage to India" ଗ୍ରନ୍ଥରେ ଲିପିବଦ୍ଧ ହୋଇ ରହିଛି ।

କଲେଜ ଛାତ୍ରାବାସର ଅନ୍ତେବାସୀ ଭାବରେ ନୀଳକଣ୍ଠ ସମକାଳୀନ ଜାତୀୟ ଜୀବନରେ ଆତ୍ମବିକାଶର ପ୍ରକୃତ ପଥ ଖୋଜି ପାଇଥିଲେ । ପୁରୀ

Digitized by PPRACHIN, SOA

ଅଥବା କଟକ କଲେଜିଏଟ୍ ବୋର୍ଡିଂର ଛାତ୍ରାବାସରେ ନୀଳକଣ୍ଠଙ୍କ ମନରେ ସମାଜସେବା ଓ ଦେଶସେବାର ଯେଉଁ ଅଙ୍କୁରର ଉନ୍ମେଷ ଘଟିଥିଲା, କଲେଜ ଛାତ୍ରାବାସରେ ତାର ପ୍ରକୃତ ଉନ୍ମୀଳନ ଘଟିଲା । ବସ୍ତୁତଃ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରାବାସର ସ୍ଥିତି ଆଜିଠାରୁ ସେଦିନଥିଲା ଭିନ୍ନ । ସାଧାରଣତଃ ବିଦ୍ୟାଳୟର ଛାତ୍ରଙ୍କର ଦୃଷ୍ଟିଭଙ୍ଗୀ ନିମ୍ନମୁଖୀ । ମଧ୍ୟବିତ୍ତ ଗ୍ରାମୀଣ ପରିବାରରୁ ଆସିଥିବା ବାଳକ ମାନଙ୍କର ମମତାର କେନ୍ଦ୍ରସ୍ଥଳ ଥାଏ ମାୟାମୟ ପଲ୍ଲୀର ମୋହନ ଅବେଶ, ଜନନୀର ସ୍ନେହାଞ୍ଚଳରେ ବାନ୍ଧି ହେବାପାଇଁ ବ୍ୟାକୁଳତା । କିନ୍ତୁ ମହାବିଦ୍ୟାଳୟର ଛାତ୍ରମାନଙ୍କର ଦୃଷ୍ଟି ଊର୍ଦ୍ଧ୍ୱମୁଖୀ । ଦେଶର ମାଟିରେ ଯେତିକି, ତାଠାରୁ ବେଶୀ ତାଙ୍କର ମନ ଘୂରିବୁଲେ ସାରା ପୃଥିବୀର ଆକାଶରୁ ଆଲୋକ ସଂଗ୍ରହ କରିବା ପାଇଁ । ବହୁ ଦେଶବିଦେଶାଗତ ତରୁଣଙ୍କ ସାଙ୍ଗରେ ଭାବର ଆଦାନ ପ୍ରଦାନ ବିଦଗ୍ଧ ଆଧୁନିକ ମନା, ବୁଦ୍ଧିଜୀବୀ, ମହତ୍ପ୍ରାଣ ଅଧ୍ୟାପକ ମାନଙ୍କର ସାହଚର୍ଯ୍ୟ, ସ୍ୱଦେଶ ଓ ବିଦେଶର ସ୍ଥିତି ଓ ପରିସ୍ଥିତି ସହିତ ଯୋଗସୂତ୍ର ସ୍ଥାପନ ଓ ନିଜର ଭାବି ବିଶାଳ ଜୀବନ ଗଢିବାରେ ଉଦଗ୍ର ପ୍ରୟାସ ।

ରେଭେନ୍‌ସା କଲେଜ ଛାତ୍ରାବାସରେ ନୀଳକଣ୍ଠ ନିଜକୁ ଜାତୀୟତାବାଦୀ ଛାତ୍ରଗୋଷ୍ଠୀର ଅଗ୍ରଗାମୀ ନେତାରୂପେ ପ୍ରତିଷ୍ଠିତ କରିଥିଲେ । ଗୋଟିଏ ଦିନ ଛାତ୍ରାବାସରେ ବଙ୍ଗୀୟ ଛାତ୍ରମାନେ ବଙ୍ଗଭଙ୍ଗର ପ୍ରତିବାଦ ସ୍ୱରୂପ ଶୋକ ପାଳନ କରିଥିଲେ ଓ ସମ୍ବଲପୁରର ଓଡ଼ିଆ ଛାତ୍ରମାନେ ସମ୍ବଲପୁର ଓଡ଼ିଶାରେ ମିଶିଥିବାରୁ ଆନନ୍ଦ ଉତ୍ସବ ପାଳନ କରିଥିଲେ । ନୀଳକଣ୍ଠ ଉତ୍କଳୀୟ-ମାନଙ୍କ ଉତ୍ସବରେ ଯୋଗ ନ ଦେଇ ବଙ୍ଗଳା ଛାତ୍ରମାନଙ୍କୁ ସମର୍ଥନ କରିଥିଲେ । ଏଠାରେ ଭରତଚନ୍ଦ୍ର ନାୟକଙ୍କ ସ୍ମୃତି ସ୍ମରଣୀୟ—"ନୀଳକଣ୍ଠ ଦାସ ଆମ୍ଭମାନଙ୍କ ପ୍ରତି ବିରକ୍ତି ପ୍ରକାଶ କଲେ ଓ କଟୂକ୍ତି ପ୍ରୟୋଗ କରି ଆମ୍ଭମାନଙ୍କ ଉତ୍ସବରେ ଯୋଗ ଦେଲେ ନାହିଁ (୧) । ସେ ସମୟରେ ଦୁଇଟି ଭାବଧାରା ତରୁଣମାନଙ୍କୁ ବିଶେଷ ପ୍ରଭାବିତ କରିଥିଲା । ଏକ ଦିଗରେ ବଙ୍ଗଭଙ୍ଗ ଆନ୍ଦୋଳନ ଓ ତତ୍ଜନିତ ସଂଗ୍ରାମବାଦୀ ଆନ୍ଦୋଳନର ପ୍ରଭାବ କଲିକତାରେ ତୀବ୍ରତମ ଥିଲେ ବି କଟକରେ ତାର ତୀବ୍ରତା ଅନୁଭୂତ

---

(୧) ଭରତ ଚନ୍ଦ୍ର ନାୟକ-ମୋର ପୂର୍ବସ୍ମୃତିକଥା-ପୃ ୫୬

Digitized by PPRACHIN, SOA

ହେଉଥିଲା । କୂଟମନ୍ତ୍ରରେ ଇଂରେଜମାନେ ଭାରତକୁ ବାନ୍ଧିରଖିଥିଲେ । ସେଇ କୂଟମନ୍ତ୍ର ଓ ହିଂସାଦ୍ୱାରା ଇଂରେଜଙ୍କୁ ଦେଶରୁ ତଡ଼ିବା ପାଇଁ ତରୁଣ-ମାନଙ୍କ ପ୍ରାଣରେ ଭାବ ଦାନାବାନ୍ଧି ଉଠୁଥିଲା । ଏହି ସମୟରେ ପୁରୀରେ ଅବସ୍ଥାନରତ ସନ୍ତ୍ରାସବାଦୀ ନେତାମାନେ ଆସି କଟକରେ ପହଞ୍ଚିଥିଲେ । ସେ ସମୟରେ ଗୋଟିଏ ଗୋପନ ସଂସ୍ଥା ଗଢି ଉଠିଥିଲା । ଗୋଦାବରୀଶ, ନୀଳକଣ୍ଠ, ଗୋପବନ୍ଧୁ ଓ ଆହୁରି କେତେ ତରୁଣ ଏଥିରେ ଯୋଗ ଦେଇଥିଲେ ; ଏ ସବୁ ଗୁପ୍ତ ସମିତିରେ ବୈଠକ ରାତିରେ ବସୁଥିଲା । ଏଥିରେ ନୀଳକଣ୍ଠ ଅଗ୍ରଣୀ ଥିଲେ । ଗୋଦାବରୀଶଙ୍କ ସ୍ମୃତି ସ୍ମରଣୀୟ—"ଏଇ ସଂଘର ସଭ୍ୟ ସଂଖ୍ୟା ଥିଲା ମୁଷ୍ଟିମେୟ । ଗୋପବନ୍ଧୁ ଥିଲେ ତାର ମୁଖ୍ୟ । ଛାତ୍ରାବାସର ଛାତ୍ରମାନେ ଶୋଇ ଘୁଙ୍ଗୁଡ଼ି ମାରିବା ପରେ କେବେ ନିର୍ଜନ କାଲି ପଡ଼ିଆରେ, କେବେ ବା କାଠଯୋଡ଼ି ବାଲି ଉପରେ ଏଇ ନୈଶ ବୈଠକ ବସୁଥିଲା । ଏଇ ସବୁ ନୈଶ ବୈଠକର ଅଗ୍ରଣୀ ଥିଲେ ନୀଳକଣ୍ଠ ବାବୁ ।" ଏମାନଙ୍କ ପଛରେ ଗୋଇନ୍ଦା ମାନେ ଲାଗିଥା'ନ୍ତି । ରାତିରେ ଛାତ୍ରାବାସ ଛାଡ଼ି ବାହାରକୁ ଯିବା ମନାଥିଲା । କେବଳ କପର କେତେକଥା ଜଣା ପଡୁଥିଲେ ନୀଳକଣ୍ଠ ଅଗ୍ରଣୀ-ହୋଇ କର୍ତ୍ତୃପକ୍ଷଙ୍କ ଠାରେ କୈଫିୟତ ଦେବାକୁ ଯାଉଥିଲେ । ତାଙ୍କର ରାତିରେ ବାହାରକୁ ଯିବାଟା କର୍ତ୍ତୃପକ୍ଷ ସେତେବେଳେ ଧରୁ ନଥିଲେ ।" ୧ କିନ୍ତୁ ଉପସ୍ଥିତ ସନ୍ତ୍ରାସବାଦୀ ଆନ୍ଦୋଳନରେ ସକ୍ରିୟ ଅଂଶ ଗ୍ରହଣ କରିବା ବ୍ୟତୀତ ଫରାସୀ ରାଷ୍ଟ୍ର ବିପ୍ଳବ, ଇଟାଲୀୟ ସ୍ୱାଧୀନତାର କାହାଣୀ ଗାରିବାଲ୍‌ଡ଼ି ବା ମାଟିନ୍‌ସିଙ୍କ ଭଳି ବିପ୍ଳବୀ ବୀରମାନଙ୍କର କାହାଣି ଖାଲି ଯେ ଏମାନଙ୍କୁ ଉଦ୍‌ବୁଦ୍ଧ କରୁ ଥିଲା ତାହା ନୁହେଁ, ଏମାନଙ୍କ ଆଖି ଆଗରେ କେତେକ ତରୁଣ ଗୋରାମାନଙ୍କ ମାରିବାକୁ ଯାଇ ଆତ୍ମବଳି ଦେଉଥିଲେ । ଇଂରେଜ ମାନେ ସନ୍ତ୍ରାସ ବାଦକୁ କଠୋର ହସ୍ତରେ ଦମନ କଲେ । କଲିକତାରେ ଦଳେ ସନ୍ତ୍ରାସ ବାଦୀଙ୍କର କେନ୍ଦ୍ର ହୋଇ ଉଠିଥିଲା ଓଡ଼ିଶା ଗଡ଼ଜାତର ଜଙ୍ଗଲ, କଟକ ଓ ବାଲେଶ୍ୱର ଭଳି ସହର । ଏହି ସମୟରେ ବାଲେଶ୍ୱରର ଅଦୂରବର୍ତ୍ତୀ ଚଷାଖଣ୍ଡରେ ଗୋରା ପୋଲିସ ଅଫିସରଙ୍କ ସଙ୍ଗେ ଯୁଦ୍ଧକରି ବିନୟ, ବାଦଲ ଓ ଖୁଦିରାମ ବନ୍ଦୀ ହେଲେ ଓ ଫାଶି ପାଇଲେ ! ତାର ପ୍ରତିବାଦରେ କଲେଜର ଛାତ୍ରମାନେ ଉପବାସ କଲେ,

---

୧) ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ-(ଗୋଦାବରୀଶ)-ପୃ୧୪୭-୧୪୭

Digitized by PPRACHIN, SOA

ଓଶ୍ରେଣୀ ବର୍ଜନ କଲେ । କର୍ତ୍ତୃପକ୍ଷଙ୍କ ଶାସ୍ତିକୁ ସେମାନେ ଭୟ କରିନଥିଲେ । ଅବଶ୍ୟ ସେ ଯୁଗରେ ସତ୍ ଓ ଅହିଂସା ମାର୍ଗରେ ତରୁଣମାନଙ୍କୁ ଗୃହୀତ କରିବାପାଇଁ ମଧ୍ୟ ପ୍ରେରଣାର ଅଭାବ ନ ଥିଲା । ଏହାର ଉତ୍ସ ଥିଲେ ନୈତିକତାର ପୂଜାରୀ, ପାରଂପରିକ ଧର୍ମଭାବର ମୂର୍ତ୍ତିପ୍ରତୀକ, ଉଦାରମାନବ ବାଦୀ, ଦେଶ ପ୍ରେମୀ, ତରୁଣଗତପ୍ରାଣ ଗୋପବନ୍ଧୁ । ଗୋପବନ୍ଧୁଙ୍କୁ କେନ୍ଦ୍ର କରି ଏଇ ସମୟରେ ଗଢିଉଠିଥିଲା ଏକ ଅନୁଷ୍ଠାନ—"ୟଙ୍ଗ ଉତ୍କଳ ଆସୋସିଏସନ୍" ।

ଏହି ଆସୋସିଏସନ୍ କାର୍ଯ୍ୟରେ ଗୋପନତା ନଥିଲା । ଏହାର ଲକ୍ଷ୍ୟଥିଲା ମହତ ଓ ବହୁମୁଖୀ । ସ୍ୱଦେଶୀୟ ସଂସ୍କୃତିରେ ଗଭୀର ଅବଗାହନ ଥିଲା ଏମାନଙ୍କର ମୂଳମନ୍ତ୍ର । ତରୁଣଙ୍କ ବୁଦ୍ଧି ଓ ଶକ୍ତିକୁ ସୃଷ୍ଟିଶୀଳ ଓ ଜାତୀୟଜୀବନ ଗଠନରେ କ୍ରିୟାମୁଖୀ କରିବା ଏମାନଙ୍କ ଅଭିପ୍ରାୟ ଥିଲା । ସେ ସମୟରେ ପ୍ରବେଶିକା ପରୀକ୍ଷା ଦେବାପାଇଁ ପ୍ରାୟ ସମଗ୍ର ଉତ୍କଳର ତରୁଣ ଛାତ୍ରମାନେ ଆସି କଟକରେ ରୁଣ୍ଡ ହେଉଥିଲେ । କଟକର ଏକ ଯୁବଜନ-ସଭା ସେମାନଙ୍କୁ ସ୍ୱାଗତ କରୁଥିଲେ । ଏଇ ଯୁବଜନସଭାରେ ନୀଳକଣ୍ଠ ମଧ୍ୟ ଥିଲେ ଅଗ୍ରଣୀ ତରୁଣ କର୍ମୀ । ବିଶ୍ୱନାଥ କରଙ୍କ ଭଳି ପ୍ରବୀଣ, ବ୍ରଜ ସୁନ୍ଦରଙ୍କ ଭଳି ପୃଷ୍ଠ ପୋଷକ ଓ ଗୋପବନ୍ଧୁଙ୍କ ଭଳି ଉଦାରବାଦୀ ଜନନେତାଙ୍କ ସାହଚର୍ଯ୍ୟରେ ଏହି ସଭାର କାର୍ଯ୍ୟ ବହୁମୁଖୀ ହୋଇ ପଡ଼ିଥିଲା । ଖେଳ-କସରତ, ଶରୀର ଚର୍ଚ୍ଚା, ଜାପାନୀ ଜୁଜୁତ୍ସୁ ଖଣ୍ଡରେ ଉପସ୍ଥିତ ବିପଦ ସମ୍ମୁଖରେ ଆତ୍ମରକ୍ଷାର କୌଶଳ ଶିକ୍ଷାଠାରୁ ସାହିତ୍ୟ, ସଂସ୍କୃତି ଓ ରାଜନୀତି ଚର୍ଚ୍ଚା ସବୁ କଥାର ପିଣ୍ଡଥିଲା ଏହି ଯୁବଜନ ସଭା । ରେଭେନ୍ସା କଲେଜରେ ଏଫ୍. ଏ. ପଢିବା ସମୟରେ ହିଁ ନୀଳକଣ୍ଠଙ୍କ ପ୍ରଥମ ସାହିତ୍ୟିକ ରଚନା ଉତ୍କଳ ସାହିତ୍ୟର ପୃଷ୍ଠା ମଣ୍ଡନ କରିଥିଲା । ଅବଶ୍ୟ ଦୁଇବର୍ଷ ତଳେ ଏଇ ପ୍ରବନ୍ଧଟି ସେ ଲେଖିଥିଲେ ପୁରୀର ଏନ୍‌ଟ୍ରାନ୍‌ସ ଛାତ୍ର ରୂପେ ଶେଷ ଶ୍ରେଣୀରେ । ଏଇ ଲେଖା ପ୍ରକାଶର ଅନୁଭୂତି ବର୍ଣ୍ଣନା କରି ସେ ଲେଖିଛନ୍ତି । —"ମୁଁ ମଫସଲିଆ ପିଲା, ଘରି ଲାଜକୁଳା । ଲେଖାଟି ବିଶ୍ୱନାଥ କରଙ୍କୁ ଦେବି କପରି ବିଚାରୁଥାଏ, ଦେଇ ପାରୁନଥାଏ । ସାଙ୍ଗରେ କଲେଜରେ ପଦ୍ମଚରଣ ପଟ୍ଟନାୟକ ପଢୁଥାନ୍ତି । ତାଙ୍କର ବିଶ୍ୱନାଥ କରଙ୍କ ଘରକୁ ଘରି ଗତାଗତ ଥାଏ । × × × × ମୁଁ ପଦ୍ମଚରଣ ପଟ୍ଟନାୟକଙ୍କୁ ବହୁ ଦିନପରେ ମୋ

Digitized by PPRACHIN, SOA

ଲେଖାଟି ପଠାଇଲି, ସେ କହିଲେ "ସେ ନେଇ ବିଶ୍ୱନାଥ କରଙ୍କୁ ଦେବେ"; ସେ ବିଶ୍ୱନାଥ କରଙ୍କୁ ଦେବା ପାଇଁ ମେ ଲେଖାଟି ନେଇ ଗଲେ । କେତେଦିନ ପରେ ଲେଖାଟି ଉତ୍କଳ ସାହିତ୍ୟ କାଗଜରେ ବାହାରି ପଡ଼ିଲା । ସେ ଦିନ ମୋ ମନରେ ଯାହା ହୋଇଥିଲା ତା' ଲେଖି ହେବ ନାହିଁ ।"୧ ମଧୁବାବୁ ( ସ୍ୱର୍ଗତଃ ମଧୁସୂଦନ ରାଓ ) ଏହି ଲେଖାଟି ପଢି ନୀଳକଣ୍ଠଙ୍କୁ ଆଶୀର୍ବାଦ ଦେଇଥିଲେ । ତେଣୁ ଏହି ଭାବରେ କଲେଜ ଜୀବନରୁ ହିଁ ନୀଳକଣ୍ଠଙ୍କର ଲେଖକ ବ୍ୟକ୍ତିତ୍ୱର ବିକାଶ ଘଟିଥିଲା ।

ଏହି ସମୟରେ ରେଭେନ୍ସା କଲେଜର ଶିକ୍ଷକମାନେ ପ୍ରାୟ ଥିଲେ ବଙ୍ଗାଳୀ ଓ କଲେଜର ପ୍ରଧାନ ଶିକ୍ଷକ ବା ପ୍ରିନ୍ସିପାଲ ରହୁଥିଲେ ପ୍ରାୟ ଗୋରାମାନେ । ବିଶେଷ ଭାବରେ ଓଡ଼ିଆମାନଙ୍କର ବେଶ ପୋଷାକ ପ୍ରତି ଗୋରାମାନଙ୍କର ବଡ ନଜରଥିଲା । ଜୋତା କୁରୁତା ନ ପିନ୍ଧିଲେ ଛାତ୍ରମାନେ ପରୀକ୍ଷା ଦେବାକୁ ହଲ୍‌ରେ ପ୍ରବେଶ କରିପାରୁ ନଥିଲେ । ସେ ସମୟରେ ଗୋରା ପ୍ରିନ୍ସିପାଲ୍ ଥିଲେ ହାଲଓ୍ୱାର୍ଡ଼ ସାହେବ । ସେ ନିଜେ ଇଂରାଜୀ ଢୋଙ୍ଗ ଥିଲେ । ତାଙ୍କ ଠାରେ ଇଂରାଜୀ ପଢୁଥିଲେ ସହଜରେ ପ୍ରବୀଣତା ଆସିଯାଉଥିଲା ବୋଲି ସେତେବେଳର ଧାରଣା ଥିଲା । ଏହି ସାହେବଙ୍କ ପରେ ନୀଳକଣ୍ଠ ମଜୁମଦାର ଓ ପରେ ବି. ଭି. ଗୁପ୍ତ ଅଧ୍ୟକ୍ଷ ହୋଇ ଆସିଥିଲେ । ବି. ଭି. ଗୁପ୍ତ ଥିଲେ ଜଣେ ମହାମାନ୍ୟ ବ୍ୟକ୍ତି । ଜନସେବା ମୂଳକ ଯେ କୌଣସି କାର୍ଯ୍ୟକୁ ସେ ଉତ୍ସାହିତ କରୁଥିଲେ । ସ୍ୱର୍ଗତଃ ବିପିନ୍ ବିହାରୀ ଗୁପ୍ତ ଥିଲେ ଗଣିତର ଅଧ୍ୟାପକ । ତାଙ୍କର ପାଟୀଗଣିତ ପୁସ୍ତକ ବହୁଯୁଗ ଧରି ପାଠ୍ୟ ଥିଲା । ଥରେ ବୋର୍ଡିଂ ସୁପରିଣ୍ଟେଣ୍ଡେଣ୍ଟଙ୍କ ବିନା ଅନୁମତିରେ କେନ୍ଦ୍ରାପଡ଼ାର ନଈ ବଢ଼ିରେ ସେବାକାର୍ଯ୍ୟ ସକାଶେ ନୀଳକଣ୍ଠ ଯାଇଥିଲେ । ସେ ସମୟର ଗୋରା କଲେକ୍ଟର ଛାତ୍ରମାନଙ୍କର ସେବା କାର୍ଯ୍ୟକୁ ଆଦୌ ପସନ୍ଦ କରୁନଥିଲେ । କର୍ତ୍ତବ୍ୟ ଅନୁରୋଧରେ ପ୍ରିନ୍ସିପାଲ ଗୁପ୍ତ ପିଲାମାନଙ୍କୁ କଠୋର ଭାବରେ ଶାସନ କରୁଥିଲେ । କିନ୍ତୁ ତାଙ୍କ ଅନ୍ତର ତଳେ ଯେ କରୁଣାର ଧାରା ଫଲ୍‌ଗୁ ଭଳି ପ୍ରବାହିତ ହେଉଥିଲା ତାର ଯଥାର୍ଥ ପରିଚୟ ନୀଳକଣ୍ଠ ପାଇଥିଲେ । ଥର କର ସ୍ମୃତି ବର୍ଣ୍ଣନା କରିବାକୁ ଯାଇ ନୀଳକଣ୍ଠ ଲେଖିଛନ୍ତି— ପ୍ରିନ୍ସପାଲ ତାଙ୍କୁ ତାଗିଦ୍ କରିବାକୁ ଡାକିଥିଲେ । ପ୍ରିନସ୍ପାଲ ତାଙ୍କୁ ଅତି ରୁକ୍ଷ ସ୍ୱରରେ ପଚାରିଲେ ବିନା ଅନୁମତିରେ ସେ

୧ । ନୀଳକଣ୍ଠ ଗ୍ରନ୍ଥାବଳୀ ପୃ ୩୬

Digitized by PPRACHIN, SOA

କାହିଁକି କଲେଜ ଛାତ୍ରାବାସ ଛାଡ଼ି ଯାଇଥିଲେ । ଶେଷପର୍ଯ୍ୟନ୍ତ ଯୁକ୍ତିରେ ନୀଳକଣ୍ଠ ତାଙ୍କର ମତ ଖଣ୍ଡନ କରିପାରି ନ ଥିଲେ । ପ୍ରିନ୍ସପାଲ କହିଲେ "ତୁମର ପିତା ଅଛନ୍ତି, ତୁମକୁ ସେ ଏଠାରେ ରଖାଇ ଦେଇଥିଲେ ଆମର ତତ୍ତ୍ୱାବଧାନରେ । ଧର ତୁମର ପିତା ଆସି ଆମକୁ ପଚାରିଥାନ୍ତେ, ଆମେ କଣ ଉତ୍ତର ଦିଅନ୍ତୁ" ଇତ୍ୟାଦି । କିନ୍ତୁ ଅବସ୍ଥାର ଗୁରୁତ୍ୱ ଦୃଷ୍ଟିରୁ ଦେଶର ସେବା କାର୍ଯ୍ୟ ପାଇଁ ନୀଳକଣ୍ଠ ଯାଇଥିବାରୁ ନୀଳକଣ୍ଠଙ୍କ ମନର ଦୃଢ଼ତା କ୍ଷୁର୍ଣ୍ଣ ହୋଇ ନଥିଲା । ସେ କହିଲେ, "ପ୍ରବୀଣ ବୟସ୍କମାନେ ଏପରି କହନ୍ତି, ପିଲାମାନେ ଏପରି କରନ୍ତି । ମୁଁ କିଛି ଅପକାର୍ଯ୍ୟ କରିବାକୁ ଯାଇ ନ ଥିଲି । ପ୍ରିନ୍ସପାଲଙ୍କ କ୍ରୋଧ କୁଆଡ଼େ ମିଳେଇ ଗଲା । ସେ ହସି ହସି କହିଲେ, "ଦୁଷ୍ଟପିଲା ଯାଅ ଯାଅ ।" ଆଉଥରେ କଟକରେ ଖୁବ୍ ହଇଜା ବ୍ୟାପିଥିଲା । ଏଥିରେ ରୋଗୀସେବା ପାଇଁ ଯିବା ଥିଲା ଅତ୍ୟନ୍ତ ବିପଜ୍ଜନକ, ମାତ୍ର ଜରୁରୀ । ନିଜ ସ୍ୱାସ୍ଥ୍ୟ ରକ୍ଷା ପାଇଁ ସେବର ସମସ୍ତ ବ୍ୟବସ୍ଥା କରି ନୀଳକଣ୍ଠଙ୍କୁ ଏପରି ସେବାକାର୍ଯ୍ୟରେ ଯିବାପାଇଁ ପଡ଼ିଥିଲା ଓ ପ୍ରିନ୍ସପାଲଙ୍କ ସହିତ ଆଲୋଚନା କରିବା ପରେ ଅନୁମତିକୁ ଅପେକ୍ଷା ନ କରି ସେ ତରବରରେ ରୋଗୀପାଖକୁ ଚାଲି ଯାଇଥିଲେ ।

ଗୋପବନ୍ଧୁ ଦାସଙ୍କ ସାହଚର୍ଯ୍ୟରେ ଓ ପ୍ରବୀଣ ପରାମର୍ଶରେ ନୀଳକଣ୍ଠ କଲେଜଛାତ୍ର ଜୀବନରୁ ହିଁ ନିଜର ଭବିଷ୍ୟତ କର୍ମପନ୍ଥା ବାଛି ନେଇଥିଲେ । ନୂତନ ଆଦର୍ଶରେ ଏକ ଜାତୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଗୋପବନ୍ଧୁ କଳ୍ପନା କରୁଥିଲେ । ତାଙ୍କ ପକ୍ଷରେ ବ୍ରତୀ ହୋଇଥିଲେ ପ୍ରେରକ ଅନନ୍ତମିଶ୍ର, ଆଚାର୍ଯ୍ୟ ହରିହର ଓ ପଣ୍ଡିତ ନୀଳକଣ୍ଠ । ପରେ ଏମାନଙ୍କ ସଙ୍ଗରେ ମିଶିଥିଲେ କୃପାସିନ୍ଧୁ ମିଶ୍ର ଓ ପଣ୍ଡିତ ଗୋଦାବରୀଶ ମିଶ୍ର । ୧୯୦୩—୧୯୦୪ ସାଲରେ ନୀଳକଣ୍ଠ ଏନ୍ଟ୍ରାନ୍ସ ଶ୍ରେଣୀର ଛାତ୍ର ଥିବା ସମୟରେ ପ୍ରଥମେ ଏହି କଳ୍ପନା ଚାଲିଥିଲା । କ୍ରମଶଃ ଏହା ଆକାର ଧାରଣ କଲା । ପୁଣ୍ୟ ଶ୍ଳୋକ ପଣ୍ଡିତ ହରିହରଙ୍କ ମୁକ୍ତି ପୀଠରେ ପଣ୍ଡିତ ଗୋପବନ୍ଧୁଙ୍କ କଳ୍ପନାର ଯୋଜନା ଶରୀର ଧରିଲା । ସତ୍ୟବାଦୀ ବିଦ୍ୟାଳୟ ୧୯୦୯ ମସିହା କୁମାର ପୂର୍ଣ୍ଣିମା ଦିନ ପ୍ରତିଷ୍ଠା ହେଲା । ଏହାର ଶୁଭ ଦେବା ଉତ୍ସବରେ ଯୋଗ ଦେଇ ଓ ଏହି ବିଦ୍ୟାଳୟର ଶିକ୍ଷକ ଭାବରେ ସର୍ବୋତ୍କୃଷ୍ଟ, ସର୍ବଶ୍ରେଷ୍ଠ ଯୋଗ୍ୟତା ହାସଲ ପାଇଁ କଲିକତାକୁ ଏମ୍.ଏ. ପଢ଼ିବାକୁ ଗଲେ ନୀଳକଣ୍ଠ । ସେ ସମୟରେ ଓଡ଼ିଆ ଛାତ୍ରମାନେ କଲିକତାକୁ ବୃତ୍ତି ପାଇ ସାଧାରଣତଃ ବି. ଏଲ୍. ପଢ଼ିବାକୁ ଯାଉଥିଲେ । ଏ ଦିଗରୁ

Digitized by PPRACHIN, SOA

ନୀଳକଣ୍ଠ ପ୍ରାୟ ଅଗ୍ରଣୀ । ସେ ଆଇନ୍ (Law) ପଢ଼ିବା ପାଇଁ ବୃତ୍ତି ପାଇ-ଥିଲେ ବି କେବଳ ଏମ୍. ଏ. ପଢ଼ିବା ପାଇଁ କୃତସଙ୍କଳ୍ପ ହୋଇ ଯାଇଥିଲେ ।

ସେକାଳରେ ଓଡ଼ିଆ ଛାତ୍ରମାନଙ୍କ ପାଇଁ କଲିକତାର ଏକ ଅଟନ୍ତରରେ ନଅ ନମ୍ବର ପଞ୍ଚାନନ ଘୋଷ ଗଳିରେ ଏକ ଛାତ୍ରାବାସ ଥିଲା । ଏଇଠାରେ ସରକାରୀ ବୃତ୍ତି ପାଇ ପ୍ରାୟ ଡେର ଜଣ ଓଡ଼ିଆ ଯୁବକ ବିଶ୍ୱବିଦ୍ୟାଳୟର ଶିକ୍ଷା ପାଇଁ ସାଧନା କରୁଥିଲେ । ସେତେବେ ଓଡ଼ିଶାରେ ବିଶ୍ୱବିଦ୍ୟାଳୟ ତ ସ୍ୱପ୍ନ, ସ୍ନାତକୋତ୍ତର ଶିକ୍ଷା ଅଥବା ଏପରିକି ଆଇନ ଓ ଶିକ୍ଷକତା ପ୍ରଶିକ୍ଷଣ ପାଇଁ ମଧ୍ୟ କୌଣସି ଶିକ୍ଷାନୁଷ୍ଠାନ ନ ଥିଲା । ଏଇ ଘରଟିର ବର୍ଣ୍ଣନା ଦେବାକୁ ଯାଇ ଗୋଦାବରୀଶ ଲେଖିଛନ୍ତି—"ଘରଟି ଦୋମହଲା ହେଲେ ସୁଦ୍ଧା ନିତାନ୍ତ ବେଢ଼ଙ୍ଗିଆ ଓ ପୁରୁଣା କାଳିଆ । ତାର କୋଠରୀ ଗୁଡ଼ିକ ଖୁବ୍ ଛୋଟ ଓ ବାୟୁ ସଞ୍ଚାଳନର ଅନୁକୂଳ ନୁହେଁ । ରୋଷେଇ ଘରର ଧୂଆଁ ସେ ସବୁରେ ଯେତେଶୀଘ୍ର ପ୍ରବେଶ କରେ ସେତେଶୀଘ୍ର ବାହାରି ପାରେ ନାହିଁ । ସେ ଘରେ ବିଜୁଳି ଲାଗିନଥିଲା । ଘରର ବାହାର ଅଗଣାରେ ଗୋଟିଏ ଛୋଟ ବଗିଚା ଥିଲା । ତାକୁ ଦେଖିଲେ ମନେ ହେଉ ଥିଲା ଯେ ତାର ସମସ୍ତ ଛୋଟବଡ଼ ଫୁଲଗଛ ମିଶି ଗୋଟିଏ ଗଛକୁ ନିଜର ଦୁର୍ଭିକ୍ଷ ପୀଡ଼ିତ ପ୍ରତିଭୂ-ରୂପେ ବାଛିଠିଆ କରି ନିଜେ ପ୍ରଚ୍ଛଦ ଭୂମିରେ ଅଦୃଶ୍ୟ ହୋଇ ଯାଇଥିଲେ । ଉତ୍ତର ବସନ୍ତରେ ସେ ଗଛରେ ଫୁଲ ଫୁଟିଲେ ତାହା ତୋଳାହୋଇ ଯୁବକ କଳ୍ପନାର ମାଳାରେ ଲାଗିବା ପରିବର୍ତ୍ତେ ଚୈତ୍ରମାସର ନିମ୍ବଫୁଲ ଯୋଗାଇବାକୁ ରନ୍ଧନଶାଳାକୁ ଚାଲିଯାଏ । କିନ୍ତୁ ତାର ମଧ୍ୟ ପ୍ରକୃତିଦତ୍ତ ତିକ୍ତ ଜୀବନ ମଧୁମୟ ହୋଇଅଛି—ପଦ୍ମଚରଣଙ୍କ 'ପଦ୍ମପାଖୁଡ଼ା'ର ଉତ୍ପତ୍ତି ବୋଧହୁଏ ତାରି ପିତା ଫୁଲରୁ । ନୀଳକଣ୍ଠଙ୍କ 'ପ୍ରଣୟୀନୀ' ତାରି ଗର୍ଭରୁ ପ୍ରସୂତା କି ନା ସେ ନିଜେ କହିପାରିବେ ।" (୧) ଏହି ନଅନମ୍ବର ଘରକୁ ବର୍ଷକୁ ବର୍ଷ ଯେଉଁମାନେ ଦଳଦଳ ହୋଇ ଯାଉଥିଲେ ସେମାନଙ୍କର ଆଇନ ଜ୍ଞାନ ଯାହା ହେଉନା କାହିଁକି, ସେମାନେ ଆଇନ ଉପାଧିରେ ଭୂଷିତ ହୋଇ ଫେରୁଥିଲେ । ଏହାର ବ୍ୟତିକ୍ରମ କେବଳ ଥିଲେ ନୀଳକଣ୍ଠ, ବିପିନ ବିହାରୀ

୧ । ଗୋଦାବରୀଶ ମିଶ୍ର, ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ । ପୃ. ୧୮୮-୧୮୯

Digitized by PPRACHIN, SOA

ରାୟ ଓ ଗୋଦାବରୀଶ । ସେ ସମୟରେ ଓଡ଼ିଶାର ଜାତୀୟ ଜୀବନ ଗଢ଼ିବା ବିଷୟରେ ସବୁକିଛି କଳ୍ପନା ଜଳ୍ପନା ଏଇଠାରେ ହିଁ ହେଉଥିଲା ।

ଏକଦିଗରେ କତିପୟ ତରୁଣ ଉଚ୍ଚଶିକ୍ଷିତ ଯୁବକ ଓ ଅନ୍ୟଦିଗରେ ଅଗଣିତ ଦରିଦ୍ର ଶ୍ରମଜୀବୀ ଓଡ଼ିଶାର ସାଧାରଣ ମଣିଷ । ଏମାନଙ୍କ ମଧ୍ୟରେ ସଂଯୋଗର ସୂତ୍ରଥିଲା ବଡ଼ କ୍ଷୀଣ । ଜାତି ହିସାବରେ ତ ନୁହେଁ, ଏପରିକି ଏକ ବିଶିଷ୍ଟ ଭାଷାଭାଷୀ ଜନଗୋଷ୍ଠୀ ଭାବରେ ମଧ୍ୟ ଏଇ ଓଡ଼ିଆ ଶ୍ରମିକମାନଙ୍କର କୌଣସି ସତ୍ତା ନଥିଲା ଭାରତର ରାଜଧାନୀ ମହାନଗରୀ କଲିକତାରେ । ଏପରିକି ଶିକ୍ଷିତ ଲୋକେ ବି ସାଧାରଣରେ ଓଡ଼ିଆ ବୋଲି ପରିଚୟ ଦେବାକୁ କୁଣ୍ଠା ବୋଧକରୁଥିଲେ । ତଥାପି ଏଇ ସାଧାରଣ ଶ୍ରମଜୀବୀଙ୍କ ଭିତରେ ହିଁ ଓଡ଼ିଆ ଜାତୀୟତାର ଆତ୍ମା ଜୀବନ୍ତ ରହିଥିଲା ଓଡ଼ିଆ ମୁଖର ନିଜସ୍ୱ ଭାଷା ମାଧ୍ୟମରେ । ବଙ୍ଗୀୟ ରୀତି, ନୀତି, ସହର ଜୀବନର ଚାକଚକ୍ୟ ଏ ସବୁ ଭିତରେ ବି ଯେତେ ବିକୃତ ଭାବରେ ହେଉନା କାହିଁକି, ମାତୃଭାଷା ଏମାନଙ୍କ ମୁଖରୁ ଲୁପ୍ତ ନଥିଲା । ସାଧାରଣଙ୍କ ଆଗରେ ସେଥିଲାଗି ଏମାନେ ବଡ଼ ହେୟ ପ୍ରତିପାଦିତ ହେଉଥିଲେ । ଓଡ଼ିଆମାନଙ୍କ ବ୍ୟଙ୍ଗସୂଚକ ସାଧାରଣ ନାମ ଥିଲା 'ଉଡ଼େ' । ରଙ୍ଗମଞ୍ଚରେ ବିକୃତ ଭାବରେ ସେମାନଙ୍କର ଚିତ୍ର ଉପସ୍ଥାପିତ ହେଉଥିଲା । ଏମାନଙ୍କୁ ଦେଖି ଜାତୀୟ ଭାଷାର ସମୃଦ୍ଧ ଆତ୍ମପ୍ରତିଷ୍ଠାର ପ୍ରେରଣା ଶିକ୍ଷିତ ତରୁଣମାନଙ୍କ ମନରେ ଜାଗିଉଠିଥିଲା । ଓଡ଼ିଆଙ୍କର ଅବିସମ୍ବାଦିତ ନେତା ମଧୁସୂଦନ ଦାସ ଉତ୍କଳ ସମ୍ମିଳନୀ ଗଢ଼ି ଓଡ଼ିଆଙ୍କ ଜାତୀୟତାର ଚିହ୍ନ ସ୍ୱରୂପ ଏକ ପ୍ରକାର ନାଲି ଟୋପି ବ୍ୟବହାର ପାଇଁ ଉତ୍ସାହିତ କରିଥିଲେ । ସେଇ ଟୋପିର ପଛରେ ଏକ ଲମ୍ବା ଲାଙ୍ଗୁଡ଼ ଥିଲା । ନୀଳକଣ୍ଠ, ଗୋଦାବରୀଶଙ୍କ ଭଳି ଜାତୀୟ ଭାବାପନ୍ନ ଯୁବକମାନେ ଓଡ଼ିଆତ୍ୱର ପ୍ରତୀକ ସେଇ ଟୋପିକୁ ମଥାରେ ଦେଇ ସଭାସମିତିକୁ ଗଲେ, କଲେଜକୁ ଗଲେ, ବାହାରେ ବୁଲିଲେ । ସାଧାରଣ ଶ୍ରମଜୀବୀ ଲୋକେ ଏହି ଶିକ୍ଷିତ ବିଶିଷ୍ଟ ଓଡ଼ିଆଙ୍କୁ ଦେଖି ମନଖୋଲା ଓଡ଼ିଆରେ କଥାବାର୍ତ୍ତା ହେଲେ । ଓଡ଼ିଆ ଜାତୀୟତା ବ୍ୟତୀତ ମହାଭାରତୀୟ ଜାତୀୟ ଓ ଉଦାର ନୈତିକ ମାନବିକ ଆନ୍ଦୋଳନ ଦ୍ୱାରା ଉଦ୍‌ବୁଦ୍ଧ ହୋଇ ସବୁଠିକର ଜାତିଭେଦ ପ୍ରଥା ଉଠାଇ ଦେବାକୁ ନିଜ ନିଜ ଭିତରେ ସଂକଳ୍ପ ଗ୍ରହଣ କରୁଥିଲେ । ହିନ୍ଦୁ ସମାଜରୁ ସବୁପ୍ରକାର କୁସଂସ୍କାର ଉଠାଇ ଦେବାପାଇଁ ଏମାନେ ପ୍ରତିଜ୍ଞାବଦ୍ଧ ହେଲେ । "ହିନ୍ଦୁ ସମାଜ" ନାମରେ ଗୋଟିଏ ସଂସ୍ଥା ଗଢ଼ିଲେ ।

Digitized by PPRACHIN, SOA

ଅନ୍ୟମାନଙ୍କ ସାଙ୍ଗରେ ଏଥିରେ ନେତୃତ୍ୱ ନେଇଥିଲେ ନୀଳକଣ୍ଠ ଓ ଗୋଦାବରୀଶ । ସେ କାଳରେ ଓଡ଼ିଆ ବ୍ରାହ୍ମଣ ସମାଜରେ ନିଶ ରଖିବା ବିଧି ନଥିଲା । ନୀଳକଣ୍ଠ ନିଜେ ନିଶ ରଖି ଏଇଠାରେ ହିଁ ସଂସ୍କାର ଆନ୍ଦୋଳନର ସୂତ୍ରପାତ କଲେ ।

ନୀଳକଣ୍ଠ ଥିଲେ ସ୍ନେହୀ, ବନ୍ଧୁବତ୍ସଳ ଓ ମେଧାବୀ । ବି. ଏ. ପରୀକ୍ଷା ଦେବାକୁ ଯାଇ ଗୋଦାବରୀଶ ଦର୍ଶନରେ ଏମ୍. ଏ. ପଢୁଥିବା ନୀଳକଣ୍ଠଙ୍କ କୋଠରୀରେ ହିଁ ଅତିଥି ହୋଇ ରହିଥିଲେ । ଗୋଦାବରୀଶଙ୍କର ଅନ୍ୟତମ ବିଷୟ ମଧ୍ୟ ଥିଲା ଦର୍ଶନ । କିନ୍ତୁ ଦର୍ଶନ ଶାସ୍ତ୍ରରେ ଗୋଦାବରୀଶଙ୍କର ସେପରି ପ୍ରବେଶ ନଥିଲା । ଗୋଦାବରୀଶଙ୍କ ମୁଦ୍ରିତ ଗ୍ରନ୍ଥରୁ ନୀଳକଣ୍ଠଙ୍କର ବନ୍ଧୁବତ୍ସଳତା ଓ ପ୍ରବୁଦ୍ଧ ମାନସିକତାର ସୁନ୍ଦର ନିଦର୍ଶନ ମିଳେ । "ମୁଁ କଲିକତାରେ ପହଞ୍ଚିବା ମାତ୍ରେ ଧରିନେଲି ଯେ ମୋର ଓ ତାଙ୍କର (ନୀଳକଣ୍ଠ ବାବୁଙ୍କର) ସମ୍ପର୍କ ଏକ ପ୍ରକାର ଗୁରୁଶିଷ୍ୟ ସମ୍ପର୍କ ଆଡ଼କୁ ଯାଉଛି ।" (୧) ଗୋଦାବରୀଶ ଅନର୍ସ ବହିସବୁ କିଛି ପଢି ନଥିବା କଥା ସ୍ୱୀକାର କଲେ । ନୀଳକଣ୍ଠ ପୂର୍ବବର୍ଷ ଦର୍ଶନ ଅନର୍ସର ସମସ୍ତ ବହି ପଢିଥିଲେ । ସେ ଗୋଦାବରୀଶଙ୍କୁ ଅଭୟ ଦେଇ କହିଲେ "ଆଚ୍ଛା ତାହା ହେଇଯିବ', ଚିନ୍ତା କରନାହିଁ ।" ପୁଣି ଗୋଦାବରୀଶ ଲେଖିଛନ୍ତି—"ମୁଁ ସନ୍ଧ୍ୟାରେ ଖାଇ ଶୋଇ ପଡେ । ନୀଳକଣ୍ଠବାବୁ ପଢିବାରେ ରାତିସାରା ଲାଗନ୍ତି । ତାଙ୍କର ସେ ପଢିବାଟା ପୁନରାବୃତ୍ତି ମାତ୍ର । ମୁଁ ଦେଖିଛି ସେ ଥରେ ଯାହା ପଢ଼ନ୍ତି ତାଙ୍କ ମନରେ ଗାର କାଟିଲା ପରି ମନେ ରହିଯାଏ । ସେ ଛ'ଅ ଦିନକାଳ ରାତିସାରା ପଢି ପରଦିନ ଶିକ୍ଷକ କ୍ଲାସକୁ ପଢ଼ାଇଲା ଭଳି ମତେ ପଢ଼ାଇବାରେ ଲାଗିଲେ । ସେ ସେତିକି କରି ନଥିଲେ ମୋ ପଢ଼ାପଢି ସେଇଠାରେ ସରିଥାନ୍ତା ଓ ମୁଁ ଚାକିରି ନିମନ୍ତେ ଦରଖାସ୍ତ ଦେଲା ବେଳେ ସେ କାଳର ରୀତିରେ ଯୋଗ୍ୟତା ଲେଖିଥାନ୍ତି ବି. ଏ. ଫେଲ୍ ।" (୨)

ଭାଗ୍ୟର ଗତି ବଡ଼ ବିଚିତ୍ର । ନୀଳକଣ୍ଠ ଥିଲେ ଅତ୍ୟନ୍ତ ମେଧାବୀ ସୁଛାତ୍ର । ସ୍ୱାଧ୍ୟାୟ ଥିଲା ତାଙ୍କର ଏକମାତ୍ର ବିଳାସ । ତଥାପି ପରୀକ୍ଷାରେ

---

୧ । ଗୋଦାବରୀଶ ମିଶ୍ର ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ ପୃ - ୧୪୮

୨ । ତଦେବ ପୃ- ୧୫୯

Digitized by PPRACHIN, SOA

ନୀଳକଣ୍ଠ ନିଜେ କୃତିତ୍ୱ ଅର୍ଜନ କରି ପାରି ନ ଥିଲେ । ପ୍ରଥମ ଶ୍ରେଣୀ ତ ଦୂରର କଥା, ଦ୍ୱିତୀୟ ଶ୍ରେଣୀଟିଏ ମଧ୍ୟ ପାଇ ପାରି ନଥିଲେ । ଏହାର କାରଣ ନୀଳକଂଠଙ୍କ ଉକ୍ତି ସ୍ମରଣୀୟ—"ଏମ୍. ଏ. ପରୀକ୍ଷା ଦେବାରେ ମୋର ବଡ ଅସୁବିଧା ଉପୁଜିଲା । ମୋର ବାତାଜୀର୍ଣ୍ଣ ହେଲା । ମୁଁ ଦିନକେ ଗୋଟିଏ ଡ଼ିଂବ ଛଡ଼ା ଆଉ କିଛି ଖାଉ ନ ଥିଲି । ସମସ୍ତେ କହିଲେ···ମୁଁ ସେ ବର୍ଷ ପରୀକ୍ଷା ଦେବା ଉଚିତ ନୁହେଁ । "ଶରୀରମାଦ୍ୟମ୍", ଅଉ ବର୍ଷେ ଅପେକ୍ଷା କରିବାକୁ ମୋର ମନ ଓ ଅର୍ଥବଳ ନ ଥିଲା । ସେହି ଏମ୍. ଏ. ପରୀକ୍ଷାରେ ଆଠ ଦିନରେ ଆଠୋଟି ଉତ୍ତର କାଗଜ ମଧ୍ୟରୁ ମୁଁ ଦୁଇ ଦିନର ଉତ୍ତର ଦେଇ ପାରି ନ ଥିଲି । କାରଣ, ସେ ଦୁଇ ଦିନ ପ୍ରତି ମୁହୂର୍ତ୍ତରେ ମୁଁ ପାଇଖାନା ଯାଉଥିଲି ।" ତୃତୀୟ ଶ୍ରେଣୀରେ ଏମ୍. ଏ. ପାଶ କରିବା ଯଦି ବା ଜଣେ ଛାତ୍ରର କର୍ତ୍ତବ୍ୟ ଦୃଷ୍ଟିରୁ ଦୂଷଣୀୟ, ନୀଳକଣ୍ଠଙ୍କ ସ୍ୱାଧ୍ୟାୟବ୍ରତ ଓ ଆତ୍ମବିକାଶ ପଥରେ ଏହା କଦାପି ଅନ୍ତରାୟ ହୋଇନାହିଁ ।

———

"ସ୍ନେହ-ହୀନ ଜୀବନ ସଂତାନଟି ଧନ
ସଂତାନ ରମଣୀ-ପରମ-ତପ,
ସଂତତି-କୋଳରେ ସ୍ନେହ ପାରି ବାରେ
ଜଳଇ ଜଗତେ ଜୀବନ ଦୀପ ।

ମମତା ଫୁଟଇ ଜନନୀ ହୃଦୟେ,
ଅନଂତ-ରସରେ ଭରଇ ଧରା,
ସେହି ସ୍ନେହେ କ୍ଷୀର ପଡେ ପୟୋଧର
ଫୁଟଇ ଗଗନେ ତପନ ତାରା ।

( ମାୟାଦେବୀ—ନୀଳକଂଠ )

Digitized by PPRACHIN, SOA

# ସତ୍ୟବାଦୀ

ସୁରପୁନ୍ନାଗ ତମାଳବଟପିଳୁଳ—
　　　　　ବେଲ୍ଲିନଜନିତ ନିକୁଞ୍ଜେ
ନର୍ମଳରତ୍ନଚରଜଳଶୀକର—
　　　　　ମେଦୁରକାଶଳସ୍ପୁଞ୍ଜେ
ସୌଗନ୍ଧକସୁରଶ୍ମିକୃତମାରୁତ
　　　　　ଚଳଦବଂଳାଚକୁରାନ୍ତେ
ଗୁଞ୍ଜନ୍ମଧୁକରନିକରକରମ୍ବିତ—
　　　　　ଫୁଲ୍ଲକୁସୁମଚସ୍ପକାନ୍ତେ
ବଲ୍ଲବଲଳନାବଲ୍ଲଭ ମାଧବ
　　　　　ବହରସି ମଞ୍ଜୁଳଦେଶେ ।

॥ ରାଧାନାଥ ॥

ସତ୍ୟବାଦୀର ଅଦୂରବର୍ତ୍ତୀ କାଂଜିଆ ଅଞ୍ଚଳରୁ ବାହାରି ଗୋଟିଏ କ୍ଷୁଦ୍ର ଜଳଧାରା ଭାର୍ଗବୀରେ ମିଶି ଚିଲିକାରେ ପଡ଼ିଅଛି । ଏହି ନଦୀଟିର ନାମ ରତ୍ନଚର । କେଡ଼େ ସୁନ୍ଦର କାବ୍ୟିକ ନାମଟିଏ । ଏହାର ତୀରଭୂମିର ପୁନାଗ, ତମାଳ, ବଟପିଳୁଳ, ବେତସ ନିକୁଞ୍ଜ, ପୁଷ୍ପିତ କୁରୁଅନାର ସୁରଭି ଓ ମଧୁକରର ଗୁଞ୍ଜନ କବି ରାଧାନାଥଙ୍କ ପ୍ରାଣକୁ ସ୍ପର୍ଶ କରିଥିଲା । 'ପାର୍ବତୀ' କାବ୍ୟରେ ଏହି ରତ୍ନଚର କୂଳର ସ୍ନିଗ୍ଧ ସୁଶୀତଳ ଉପାନ୍ତ ଭୂମିରେ ରତ୍ନପୁର ବିଜେତା ଗଙ୍ଗେଶ୍ୱର ଦେବ ମଧ୍ୟ ଅତିବାହିତ କରିଥିବା କଥା ରାଧାନାଥ ବର୍ଣ୍ଣନା କରିଛନ୍ତି । କୁରୁଅନା ଫୁଲ ବୃକ୍ଷର ସ୍କନ୍ଧରୁ ଫୁଟିଡେ଼ ଓ ସମସ୍ତ ଉଦ୍ୟାନ ସୁରଭିତ କରିଦିଏ । ଏହି ସୌରଭରେ ଅନ୍ଧ ହୋଇ ଅଳିକୁଳ ଘୂରିବୁଲନ୍ତି । ଏହି ସତ୍ୟବାଦୀରେ ବିଂଶ ଶତକର ଓଡ଼ିଆ ପ୍ରାଣର ଜାଗ୍ରତ ଆତ୍ମା ଦିନେ ମୂର୍ତ୍ତିଲାଭ କରିଥିଲା । ବିଦ୍ୟାଳୟ ପାଇଁ ଏହି ସ୍ଥାନଟି ବାଛିଥିଲେ ପୁଣ୍ୟାତ୍ମା ଗୋପବନ୍ଧୁ ଭକ୍ତକବି ମଧୁସୂଦନଙ୍କ ପରାମର୍ଶରେ । ସେକାଳରେ ସେହି ଖଣ୍ଡ ବିଖଣ୍ଡିତ ଉତ୍କଳର ଗଞ୍ଜାମଠାରୁ ମାଳଗିରି ଓ କଳାହାଣ୍ଡି ପର୍ଯ୍ୟନ୍ତ, ମୟୂରଭଞ୍ଜରୁ ସମ୍ବଲପୁର ପର୍ଯ୍ୟନ୍ତ, ପୁରୀରୁ ଗଞ୍ଜାମ ପର୍ଯ୍ୟନ୍ତ ସବୁସ୍ଥାନ ମଧ୍ୟରେ ଏହି ସତ୍ୟବାଦୀକୁ ହିଁ ସେ ବାଛି

Digitized by PPRACHIN, SOA

ଥିଲେ ନିଜର କର୍ମଭୂମି କରି । ସତ୍ୟବାଦୀର ବନବିହାର ଥିଲା ଗୋପବନ୍ଧୁଙ୍କ ମାନସ ସନ୍ତାନ । କିନ୍ତୁ ନୀଳକଣ୍ଠଙ୍କର ସ୍ୱହସ୍ତ ପାଳିତ ଏକ ଜୀବନ୍ତ ଅନୁଷ୍ଠାନ । ଏଇଠାରେ ନିଃସର୍ଗ ପ୍ରକୃତି କୋଳରେ ମନୁଷ୍ୟର ଅନ୍ତର ପ୍ରକୃତିକୁ ଏକ ମହତ୍ତର ଭାବଲୋକକୁ ଉନ୍ନୀତ କରିବା ପାଇଁ ଏକ ମହାନ୍ ସାଧନା ଆରମ୍ଭ ହୋଇଥିଲା ଏଇ ବିଂଶ ଶତକର ଆଦ୍ୟପାଦରେ ଶିକ୍ଷା ଓ ଶାନ୍ତି, ଶାନ୍ତି ଓ ପ୍ରଗତି, ପ୍ରଗତି ଓ ମାନବ ମୈତ୍ରୀ ର ପୃଷ୍ଠଭୂମିରେ ମହାଜାତୀୟତାର ଉଦଗ୍ର ଶକ୍ତିକୁ ବିଶ୍ୱପ୍ରାଣତାର ମହାନ୍ ଆଦର୍ଶରେ ରୂପାନ୍ତରିତ କରିବାପାଇଁ ସାଧନାର ପୀଠ ଥିଲା ସତ୍ୟବାଦୀ ବନବିହାର ।

୧୯୧୧ ଅକ୍ଟୋବର ମାସରେ ନୀଳକଣ୍ଠ ସତ୍ୟବାଦୀରେ ଶିକ୍ଷକ ଭାବରେ ଯୋଗ ଦେଲେ । ରାଜଧାନୀ କଲିକତାର ପ୍ରାଣ ଚାଞ୍ଚଲ୍ୟ ଓ କର୍ମ ବହୁଳ ଜୀବନର ସମସ୍ତ ଅନୁଭୂତି, ଆଧୁନିକ ଉଦାର ନୈତିକ ଶିକ୍ଷାର ସମସ୍ତ ଜ୍ଞାନ ନେଇ ସବୁ ଯେପରିକି ଗୋଟିଏ କ୍ଷୁଦ୍ର ପଲ୍ଲୀର ଶାନ୍ତ କୋଳରେ ଗଢି ଉଠିଥିବା ଏକ ମହାନ୍ ଆଦର୍ଶ ଅନୁଷ୍ଠାନଟିରେ ସେ ଏକପ୍ରାଣ ଓ ଏକନିଷ୍ଠ ହୋଇ ଢାଳି ଦେବାକୁ ଆସିଥିଲେ । ସତ୍ୟବାଦୀକୁ ଫେରିବା ଥିଲା ନୀଳକଣ୍ଠଙ୍କ ପକ୍ଷରେ ଏକ ଘରବାହୁଡ଼ାର ଦିନ । ନିଜର ଜନ୍ମସ୍ଥାନ ଶ୍ରୀରାମଚନ୍ଦ୍ରପୁର ଏହାର ଅଦୂରବର୍ତ୍ତୀ । ନିଜଗ୍ରାମର ପୁରାତନ ଓଡ଼ିଆ ମଧ୍ୟ ଭର୍ଣ୍ଣାକୁଲର୍ ସ୍କୁଲ୍ ଶିକ୍ଷକ,ଗୁରୁ ଏପରିକି ବେଞ୍ଚ ଚୌକି ପର୍ଯ୍ୟନ୍ତ ଅଣା ହୋଇ ସତ୍ୟବାଦୀର ସ୍କୁଲ୍ ଆରମ୍ଭ ହୋଇଥିଲା ଦୁଇ ବର୍ଷ ପୂର୍ବେ ୧୯୦୯ ଖ୍ରୀଷ୍ଟାବ୍ଦରେ । ଏହାର ସ୍ମୃତି ବର୍ଣ୍ଣନା କରି ନୀଳକଣ୍ଠ ଲେଖିଛନ୍ତି—"କର୍ମରେ ବାଧା କ'ଣ ସେ ପ୍ରତି ଦୃଷ୍ଟି ଦିବା ଭଳି ଅବସ୍ଥା ଆଜି ଆମର ନଥିଲା । ଗୋପବନ୍ଧୁଙ୍କ ପ୍ରେରଣାରେ ଶଗଡେ ଇଟା ଧରି ସତ୍ୟବାଦୀ ମନ୍ଦିର ପଛଆଡେ ଦୁହେଁ ଦିନେ ପହଞ୍ଚିଗଲୁ ଗୋଟିଏ ମାପଫିତା ଧରି । କ୍ଷୁଦ୍ର କ୍ଷୁଦ୍ର କୁରାଅନା ଗଛର ଘନ ଜଙ୍ଗଲ । ସିଧାକରି ଫିତା ପକାଇବାର ସ୍ଥାନ ନ ଥିଲା । ଇଟା ରଖିବାକୁ କେଉଁଠାରେ ଜାଗା ହେଲା ନାହିଁ । ମାତ୍ର ତାହାହିଁ ହେଉଛି ବିଶାଳ ସତ୍ୟବାଦୀ ସ୍କୁଲର ଭୌତିକ ପ୍ରାରମ୍ଭ ।" (୧)

ସତ୍ୟବାଦୀର ଏହି ମଧ୍ୟ ଇଂରାଜୀ ବିଦ୍ୟାଳୟଟି ଶ୍ରୀରାମଚନ୍ଦ୍ରପୁରର ଭର୍ଣ୍ଣାକୁଲାର ସ୍କୁଲର ହେଡ଼ ପଣ୍ଡିତ ଶ୍ରୀଯୁକ୍ତ ମଧୁସୂଦନ ମିଶ୍ରଙ୍କର ପ୍ରଧାନ

---

୧ । ନୀଳକଂଠ ଗ୍ରନ୍ଥାବଳୀ ୧ମ ଖଣ୍ଡ ପୃ-୬୧

Digitized by PPRACHIN, SOA

ଶିକ୍ଷକଭାବରେ ଆରମ୍ଭ ହେଲା । ପ୍ରକୃତରେ ସ୍କୁଲ ଆରମ୍ଭ ହେଲା ଶ୍ରୀରାମଚନ୍ଦ୍ରପୁର ଭର୍ଣ୍ଣାକ୍ୟୁଲାର ସ୍କୁଲର ମାତ୍ର ସ୍ଥାନ ପରିବର୍ତ୍ତନ ହୋଇ । ମଧ୍ୟ ଇଂରାଜୀ ବିଦ୍ୟାଳୟଟିକୁ ଉଚ୍ଚ ବିଦ୍ୟାଳୟରେ ପରିବର୍ତ୍ତିତ କରିବା କଳ୍ପନା ଥିଲା, ମାତ୍ର ସେଥିପାଇଁ ସମ୍ବଳ ନଥିଲା ! ନ ଥିଲେ ଶିକ୍ଷକ । ଏହାକୁ ଏକ ସାଧାରଣ ସ୍କୁଲ ରୂପେ ଗଢ଼ିବାକୁ ଏହାର ପ୍ରତିଷ୍ଠାତା ଇଚ୍ଛୁକ ନଥିଲେ । ଇଂଲଣ୍ଡର ଇଟନ୍ ହାରୋ, ରୁଗ୍‌ବି ଭଳି ପବ୍ଲିକ୍ ସ୍କୁଲ, ପୁନାର ଫର୍ଗୁସନ କଲେଜ ଓ ଦେଶରେ ଗଢ଼ିଉଠୁଥିବା ମହତ୍ ଜାତୀୟବାଦୀ ଶିକ୍ଷାନୁଷ୍ଠାନ ଗୁଡ଼ିକର କଥା ଏମାନଙ୍କ ମନରେ ଖେଳୁଥିଲା । ତେଣୁ ସତ୍ୟବାଦୀ ସ୍କୁଲର ଶିକ୍ଷକ ହେବାପାଇଁ ଉଚ୍ଚତମ ଶିକ୍ଷାର ପ୍ରୟୋଜନ ଅନୁଭୂତ ହୋଇଥିଲା । ଏହି ବିଦ୍ୟାଳୟର ଶିକ୍ଷକ ରୂପେ ଯୋଗ୍ୟତା ଅର୍ଜନ କରିବାପାଇଁ ସ୍କୁଲର ଶୁଭାରମ୍ଭ କରି ଦେଇ ନୀଳକଣ୍ଠ ସଂଗେ ସଂଗେ ଉଚ୍ଚଶିକ୍ଷା ଲାଭ କରିବା ପାଇଁ କଲିକତା ଗଲେ । ପାଶ୍ଚାତ୍ୟ ଶିକ୍ଷାର କୁପ୍ରଭାବରୁ ତରୁଣ ସମାଜକୁ ରକ୍ଷାକରିବା ଏଇ ଅନୁଷ୍ଠାନର ଲକ୍ଷ୍ୟ ଥିଲା । ପରେ ଗୋଦାବରୀଶ ଓ କୃପାସିନ୍ଧୁ ମଧ୍ୟ ଏଥି ଲାଗି କଲିକତା ଯାଇଥିଲେ ।

ଏମ୍. ଏ. ପାଶ କରି ନୀଳକଣ୍ଠ ସତ୍ୟବାଦୀ ବିଦ୍ୟାଳୟରେ ଯୋଗ ଦେବା ପରେ ସତ୍ୟବାଦୀ ବନବିହାରକୁ ଏକ ଉଚ୍ଚ ଇରାଜୀ ବିଦ୍ୟାଳୟ କରିବାର ପ୍ରୟାସ ହେଲା । ମାସିକ ତ୍ରିଶ ଟଙ୍କା ବେତନରେ ସେ ରହିଲେ । ଏକାଧାରରେ ପ୍ରଧାନ ଶିକ୍ଷକ ଓ ଛାତ୍ରାବାସର ପରିଚାଳକ ହୋଇ ନୀଳକଣ୍ଠଙ୍କ ପରେ ଏକାଡେମୀ ସ୍କୁଲର ଶିକ୍ଷକତା ଛାଡ଼ି ଆସିଲେ ହରିହର ଦାସ । ସେ ମଧ୍ୟ ତ୍ରିଶ ଟଙ୍କା ପାଇଲେ । ତା ପରେ ଆସିଲେ ଗୋଦାବରୀଶ । ଗୋପବନ୍ଧୁ ନବଗଠିତ ବିହାର ଓଡ଼ିଶା ପ୍ରଦେଶର ଲାଟ ସଭାକୁ ସଭ୍ୟ ମନୋନୀତ ହୋଇ ଗଲେ । ସ୍କୁଲର ପ୍ରାୟ ପ୍ରତ୍ୟକ୍ଷ ଦାୟିତ୍ୱ ରହିଲା ନୀଳକଣ୍ଠଙ୍କ ଉପରେ । ଏଇ ସତ୍ୟବାଦୀ ବନ ବିହାରରେ ନୀଳକଣ୍ଠ ଥିଲେ ଏକ ମହାନ୍ ବନସ୍ପତି ଭଳି । ଉଚ୍ଚ ଶ୍ରେଣୀମାନଙ୍କରେ ସେ ପ୍ରାୟ ସବୁ ବିଷୟରେ ଅଧ୍ୟାପନାର ଭାର ନେଉଥିଲେ । ସ୍କୁଲର କାର୍ଯ୍ୟକ୍ରମ ଠିକ୍ କରୁଥିଲେ । ଶିକ୍ଷକର କୋମଳତା ସଙ୍ଗେ ସଙ୍ଗେ ଶିକ୍ଷାନୁଷ୍ଠାନର ଅଧିକର୍ତ୍ତା ରୂପେ ତାଙ୍କର କର୍ତ୍ତବ୍ୟ ନିଷ୍ଠା ଥିଲା କଠୋର, ତାଙ୍କ ଶାସନର କଠୋରତା ସମସ୍ତେ ଅନୁଭବ କରୁଥିଲେ । ବିଶେଷ ଭାବରେ ସହକର୍ମୀ ଶିକ୍ଷକ କେହି କର୍ତ୍ତବ୍ୟର ଅବହେଳା କରୁଛନ୍ତି ବୋଲି

Digitized by PPRACHIN, SOA

ତାଙ୍କର ଅଣୁମାତ୍ର ଧାରଣା ହେଲେ, ସେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିଲେ । ତାଙ୍କଠାରୁ ବୟସ୍କ ଓ ତାଙ୍କ ନମସ୍ୟ ସ୍କୁଲ ଶିକ୍ଷକ ମଧ୍ୟ କର୍ତ୍ତବ୍ୟରେ ଅବହେଳା କରି ନୀଳକଣ୍ଠଙ୍କଠାରୁ ନିସ୍ତାର ପାଇପାରୁ ନଥିଲେ । ଏହିପରି ଏକ ଘଟଣାରେ ନୀଳକଣ୍ଠ ତାଙ୍କ ବାଲ୍ୟ ଗୁରୁଙ୍କ ପ୍ରତି କଡ଼ା ଦଣ୍ଡ ବିଧାନ କରିଥିଲେ ତାହା ସ୍ମରଣୀୟ । ତାଙ୍କ ନିଜ ଭାଷାରେ "ପଣ୍ଡିତ ମଧୁସୂଦନ ମିଶ୍ର—ସେ ମୋର ବାଲ୍ୟ ଗୁରୁ, × × ମୁଁ ତାଙ୍କର ଶିଷ୍ୟ, ତଥାପି ସତ୍ୟବାଦୀ ବିଦ୍ୟାଳୟରେ ସେଥିପାଇଁ ତାଙ୍କର କେବେ କୌଣସି ନିଷ୍ଠା ବା ଶୃଙ୍ଖଳାରେ ଟିକିଏ ହେଲେ ଶିଥିଳତା ମୁଁ ଦେଖି ନାହିଁ । × × ବଡ଼ ଆପଣେ ବୃଦ୍ଧ ହୋଇ ଆସିଥିଲେ, ଭୋଜନ ପରେ ଗ୍ରାମରୁ ଆସନ୍ତି ଅଧମାଇଲରୁ ବେଶି । ଶ୍ରେଣୀରେ ପାଠ ପଢାଇବା ବେଳେ ଥରେ ଦୁଇଥର ଘୁମାଇବାର ଦେଖିଲି । କିଛି ନ କହି ବସିବାପାଇଁ ହାତ ଥିବା ଚଉକିଟି କାଢିଆଣି ଗୋଟିଏ ଟୁଲ ଦେବାପାଇଁ ତହିଁ ଆରଦଳି ଠାରୁ ବ୍ୟବସ୍ଥା କରିଦେଲି, ସେ କିନ୍ତୁ ନିର୍ବିକଳ୍ପ—ଟୁଲରେ ଆସି ବସିଲେ, ପଢାଇଲେ ।" ଛାତ୍ର ଓ ଶିକ୍ଷକଙ୍କର ନୈତିକ ଉନ୍ନତି ପ୍ରତି ନୀଳକଣ୍ଠଙ୍କର ଦୃଷ୍ଟି ଥିଲା ତୀକ୍ଷ୍ଣ । ୧୯୧୪ ବେଳକୁ ସତ୍ୟବାଦୀରେ ଗୁରୁକୁଳ ଆଶ୍ରମର ଭିତ୍ତି ପଡ଼ିଥିଲା । ଛାତ୍ରମାନେ ନିଜେ ଶୃଙ୍ଖଳାର ସହିତ ଛାତ୍ରାବାସର ସମସ୍ତ କାର୍ଯ୍ୟ ସମ୍ପନ୍ନ କରିବା ବିଧି ପ୍ରବର୍ତ୍ତିତ ହୋଇଥିଲା । ସମସ୍ତ ଛାତ୍ରାବାସକୁ ଏକ ସୁଶୃଙ୍ଖଳ ନିୟମରେ ପରିଚାଳିତ କରିବା ପାଇଁ ନୀଳକଣ୍ଠ ପ୍ରୟାସୀ ଥିଲେ । ସତ୍ୟବାଦୀ ବିଦ୍ୟାଳୟର ବିକାଶ କାଳରେ ପ୍ରାୟ ତିରିଶଟି ପ୍ରକୋଷ୍ଠରେ ସାନବଡ଼ ଧନୀ ଦରିଦ୍ର ଛୁଆଁ ଅଛୁଆଁ ଭେଦରେ ସବୁ ଶ୍ରେଣୀର ଛାତ୍ର ରହୁଥିଲେ । ପ୍ରତି ଶ୍ରେଣୀର ଦାୟିତ୍ୱ ଜଣେ ମେଧାବୀ ସଚ୍ଚରିତ୍ର ମନିଟରଙ୍କୁ ଦିଆ ଯାଉଥିଲା । ସେ ଯୁଗରେ ସମାଜ ଥିଲା ଅତ୍ୟନ୍ତ ରକ୍ଷଣଶୀଳ । ଏହି ଗୁରୁକୁଳରେ କୁଳପତି ଥିବା ସମୟରେ ରକ୍ଷଣଶୀଳ ସମାଜ ବିରୋଧରେ ତାଙ୍କୁ ଅସୀମ ସାହସ ନେଇ ଠିଆ ହେବାକୁ ହୋଇଥିଲା । ଥରେ ଏହି ରକ୍ଷଣଶୀଳମାନେ ଆସି ନୀଳକଣ୍ଠଙ୍କୁ ଅନୁରୋଧ କଲେ—ବ୍ରାହ୍ମଣ ଓ ଅବ୍ରାହ୍ମଣ ଛାତ୍ରମାନଙ୍କ ପାଇଁ ରନ୍ଧନ ଶାଳାର ଭିନ୍ନ ବ୍ୟବସ୍ଥା କରିବା ପାଇଁ । ମାତ୍ର ନୀଳକଣ୍ଠ ସେମାନଙ୍କୁ ଉତ୍ତର ଦେଲେ—"କୁଳଗୃହର ସମସ୍ତ ଅନ୍ତେ-ବାସୀଙ୍କର ମୁଁ କୁଳପତି; ସୁବିଧା ଥିଲେ ମୋର ପତ୍ନୀ ନିଜର ପୁତ୍ର ରୂପେ ସେମାନଙ୍କୁ ରାନ୍ଧି ଖାଇବାକୁ ଦିଅନ୍ତା । ମୁଁ ଏହି ପୁତ୍ରମାନଙ୍କ ମଧ୍ୟରେ ବର୍ଣ୍ଣ

Digitized by PPRACHIN, SOA

ଧର୍ମ ଭେଦ କରିପାରିବ ନାହିଁ । କ୍ଷମା କରନ୍ତୁ ।" ନୀଳକଣ୍ଠଙ୍କର ଏଇ ଉତ୍ତର ରକ୍ଷଣଶୀଳମାନଙ୍କୁ ହୁଏତ ଉତ୍‌କ୍ଷିପ୍ତ କରିଥିଲା । ପରେ ସତ୍ୟବାଦୀ ସ୍କୁଲର ବଡ଼ ଗୃହଘରଟି ଆକସ୍ମିକ ଭାବେ ନିଆଁରେ ପୋଡ଼ି ଭସ୍ମୀଭୂତ ହୋଇ ଯାଇଥିଲା । ହୁଏତ ଏଇ ନିଷ୍ଠୁର କାର୍ଯ୍ୟ ରକ୍ଷଣଶୀଳ ଲୋକେହିଁ କରିଥିଲେ ।

ସତ୍ୟବାଦୀ ବନବିହାର ଏକ ବିଦ୍ୟାଳୟ ମାତ୍ର ନ ଥିଲା । ଏହା ଥିଲା ଏକ ଜୀବନ୍ତ ଅନୁଷ୍ଠାନ, ଏକ ସମ୍ପୂର୍ଣ୍ଣ ସମାଜ । ସ୍କୁଲ ବେଳେ ଶିକ୍ଷକମାନେ, ଛାତ୍ର ଓ ଶିକ୍ଷକ ଭୂମିକାରେ ଭିନ୍ନ ସ୍ଥାନରେ ବସୁଥିଲେ । କିନ୍ତୁ ବଗିଚାରେ କୋଡ଼ିହାଣିବା କିମ୍ବା ପାଣି ମଡାଇବା ବେଳେ ଶିକ୍ଷକ ଓ ଛାତ୍ର ଉଭୟ କାନ୍ଧକୁ କାନ୍ଧପକାଇ ସହକର୍ମୀ ଭାବରେ କାମ କରୁଥିଲେ । ମଫସଲର ଗାଁମାନଙ୍କରୁ ନଡା କାଠ ବାଉଁଶ କୁଲିଙ୍କ ଭଳି ସାଙ୍ଗ ହୋଇ ବୋହୁଥିଲେ । ଶିକ୍ଷକ ଛାତ୍ର ଏକାଠି ମୋଟା ବଗଡା ଖାଉଥିଲେ ଓ ଅକାତରରେ ହସି ହସି ସବୁ ଦୁଃଖ କଷ୍ଟ ବରଣ କରୁଥିଲେ । ଶିକ୍ଷକମାନେ ପ୍ରାଣପାତ କରି କାମରେ ଲାଗିଥିଲେ । ଅନ୍ତେବାସୀ ଛାତ୍ରମାନେ ଏକାପରିବାରର ପିଲାଭଳି ଚଳୁଥିଲେ । ସତ୍ୟବାଦୀ ସ୍କୁଲର ସୁଦିନ ଓ ଦୁର୍ଦ୍ଦିନ ଇତିହାସର କାଳ ରେଖାରେ ଖୁବବଡ ଘୀର୍ଘ ଘଟଣା ନୁହେଁ । ତଥାପି ଏହାର ଅଭ୍ୟୁଦୟ, ବିକାଶ ଓ ଅସ୍ତ ସବୁ କିଛି ଗୋଟିଏ ଦଶନ୍ଧି ମଧ୍ୟରେ ଘଟିଯାଇଥିଲା ।

ଏକ ମହତ୍ ଅନୁଷ୍ଠାନର ସଂକଳ୍ପ ନେଇ ସତ୍ୟବାଦୀ କଳ୍ପିତ ହୋଇଥିଲା । ଏହା ସହଜରେ ସେକାଳେ ସରକାରୀ ସ୍ୱୀକୃତି ପାଇ ନଥିଲା । ଏକ ଦିଗରେ ପାଟନାର ବିହାର ଓଡ଼ିଶା ସରକାର । ଅନ୍ୟଦିଗରେ କଲି-କତାର ବିଶ୍ୱବିଦ୍ୟାଳୟ । ଏହି ସ୍କୁଲକୁ ସ୍ୱୀକୃତି ଦେବା ବିଷୟରେ ପରସ୍ପରକୁ ଦୋଷ ଦେଉଥିଲେ । ସରକାର ଏହାକୁ ଜାତୀୟ ସନ୍ତ୍ରାସବାଦୀଙ୍କର ଏକ ଘାଟୀ ବୋଲି ଆଶଙ୍କା କରୁଥିଲେ । ହୁଏତ ନୂତନ ଶିକ୍ଷା କଳ୍ପନାରେ କିଛି ତ୍ରୁଟିଥିବ ବୋଲି ଭାବି ବିଶ୍ୱବିଦ୍ୟାଳୟ ଏହାକୁ ସ୍ୱୀକୃତି ଦେବାକୁ ଚାହୁଁ ନଥିଲା । ସତ୍ୟବାଦୀ ସ୍କୁଲରେ ଅର୍ଥର ଅଭାବ ନଥିଲା । ସତ୍ୟବାଦୀ ବିଦ୍ୟାଳୟକୁ ଏକ ସ୍ୱୟଂଶାସିତ ଓ ସ୍ୱନିର୍ଭର ଶିକ୍ଷାନୁଷ୍ଠାନ ରୂପେ ଗଢିବାର ପରିକଳ୍ପନା ଥିଲା । ସତ୍ୟବାଦୀକୁ କେନ୍ଦ୍ରକରି ଏକାଧିକ ଆଦର୍ଶବାଦୀ ଶିକ୍ଷାୟତନର କଳ୍ପନା ମଧ୍ୟ

Digitized by PPRACHIN, SOA

କରାଯାଇ ଥିଲା । ଉଚ୍ଚଶିକ୍ଷିତ ଶିକ୍ଷକମାନେ ସବୁଦିନେ କେବଳ ସତ୍ୟବାଦୀରେହିଁ ରହିବେ ଏହା ପ୍ରଥମରୁ କେହି କଳ୍ପନା କରୁ ନଥିଲେ । ଗୋପବନ୍ଧୁ ଏଇ ସ୍କୁଲର ଆନୁଷ୍ଠାନିକ ଶିକ୍ଷକ ନଥିଲେ । ମାତ୍ର ସତ୍ୟବାଦୀ ଆସିଲେ ସମୟ ପାଇଲେ ସେ ଛାତ୍ରଙ୍କ ଗଠଣରେ ଅନ୍ୟତମ କୁଳପତିଭାବରେ ଯୋଗ ଦେଉଥିଲେ । ମୟୂରଭଞ୍ଜ ଷ୍ଟେଟ୍ ଓକିଲ ଭାବରେ ଉପାର୍ଜିତ ଅର୍ଥର ବହୁଳାଂଶ ସେ ଏହି ବିଦ୍ୟାଳୟକୁ ଦାନ କରୁଥିଲେ । ଶିକ୍ଷିତ ଯୁବକମାନେ ଅନ୍ତତଃ ତିନିବର୍ଷ ସତ୍ୟବାଦୀରେ ଶିକ୍ଷକତା କରିବେ । ସେଠାରୁ ଆହରଣ କରିବେ ନୂତନ ଶିକ୍ଷାର ଆଦର୍ଶ ଓ ବ୍ରତ । ଜୀବନର ଯେଉଁ ସ୍ତରରେ ଥାଆନ୍ତୁ ନା କାହିଁକି, ସେମାନେ ହେବେ ଏଇ ବିଦ୍ୟାଳୟର ପୃଷ୍ଠ ପୋଷକ । ଏଇ ପରି କେତେ ଆଦର୍ଶ କଳ୍ପନାମାନ ସତ୍ୟବାଦୀର ବାତାବରଣରେ ଖେଳୁଥିଲା । ସ୍ୱୟଂ ବିହାର ଓ ଓଡ଼ିଶାର ଲାଟ୍ ଏଇ ବିଦ୍ୟାଳୟ ପରିଦର୍ଶନକୁ ଆସିଥିଲେ । ସେଇପରି ଆସିଥିଲେ କଲିକତା ବିଶ୍ୱବିଦ୍ୟାଳୟର କୁଳପତିଗଣ । ଭାରତରୁ ପ୍ରାୟ ଯେତେ ବିଶିଷ୍ଟ ଲୋକ ସେକାଳେ ପୁରୀକୁ ଆସୁଥିଲେ, ସେମାନେ ସତ୍ୟବାଦୀ ବିଦ୍ୟାଳୟ ନ ଦେଖି ଫେରୁ ନଥିଲେ । ବନ ବିଦ୍ୟାଳୟ ଅନେକଙ୍କ ପକ୍ଷରେ ଗୋଟିଏ ବଡ଼ ଆକର୍ଷଣ ହୋଇ ଉଠିଲା । କବି ଓ ଭାବୁକମାନେ ଏହାର ରମଣୀୟ ପରିବେଶ ଦେଖି ମୁଗ୍‌ଧ ହୋଇ ଯାଉଥିଲେ । ସହରର ଆଧୁନିକ-ରୁଚିକର ବଡ଼ କୋଠାଘର ଓ ବିଳାସବହୁଳ ଜୀବନ ପ୍ରତି ବିମୁଖ ଦାର୍ଶନିକ ମାନେ ସତ୍ୟବାଦୀକୁ ନିଜର ପ୍ରାଣର ପ୍ରିୟଭୂମି ବୋଲି ମନେ କରୁଥିଲେ ।

ସତ୍ୟବାଦୀ ଥିଲା ଏକ ସଚଳ ଜୀବନ୍ତ ଅନୁଷ୍ଠାନ । ଏହାର କାର୍ଯ୍ୟ କେବଳ ଗୋଟିଏ ସ୍ଥାନରେ ସୀମାବଦ୍ଧ ନ ଥିଲା । ଏ ସ୍କୁଲର ଛାତ୍ରସଂଖ୍ୟା ଥିଲା ପ୍ରାୟ ସହସ୍ରାଧିକ । ଏମାନଙ୍କ ଭିତରୁ ସ୍ୱେଚ୍ଛାସେବକଗଣ ପୁରୀର ରଥଯାତ୍ରାରେ ସେବା କାର୍ଯ୍ୟ କରୁଥିଲେ । କଟକରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀରେ ସ୍ୱେଚ୍ଛା ସେବକ ରୂପେ ଶାନ୍ତି ଶୃଙ୍ଖଳା ରକ୍ଷା କରିଥିଲେ । ସେ କାଳର କୁଳବୃଦ୍ଧ ନେତା ମଧୁସୂଦନଙ୍କ ଭାଷାରେ—"ଏହା ଥିଲା ଏ ଯୁଗର ଏକ ନାଳନ୍ଦା ।" ଏହି ନାଳନ୍ଦା ଗଢାରେ ମିଶି ରହିଥିଲା, କବିପ୍ରାଣ ଗୋପବନ୍ଧୁଙ୍କର ଭାବୁକତା, ନୀଳକଣ୍ଠଙ୍କର କର୍ମନିଷ୍ଠା ସାଙ୍ଗକୁ ଆଚାର୍ଯ୍ୟ ହରିହର, ଗୋଦାବରୀଶ, କୃପାସିନ୍ଧୁ, ରାମଚନ୍ଦ୍ରରଥ ଓ ବଡ଼ମ୍ବାର ରାଜଦ୍ରୋହୀ ନାରାୟଣ ହୁମନ୍ତ ପଟ୍ଟନାୟକ (କବି ବୈକୁଣ୍ଠନାଥଙ୍କ ବାପା ) ଓ ଅହୁର ଅନେକଙ୍କ ସେବା ଓ ତ୍ୟାଗ ।

Digitized by PPRACHIN, SOA

ଏହି ସତ୍ୟବାଦୀରେ ଶିକ୍ଷକ ଓ ଛାତ୍ରମାନଙ୍କର ସଂପର୍କ କି ଭାବରେ ଥିଲା, ତାହା ବହୁ ଛାତ୍ରଙ୍କର ସ୍ମୃତିକଥାରେ ଦେଖିବାକୁ ମିଳେ । 'ସତ୍ୟବାଦୀରେ ସାତବର୍ଷ' ପୁସ୍ତକରେ ଶ୍ରୀ ଚନ୍ଦ୍ରଶେଖର ମିଶ୍ର ଏହା ଅତି ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି । ଏଥିରୁ ନୀଳକଣ୍ଠଙ୍କର କର୍ତ୍ତବ୍ୟର କଠୋରତା ସାଙ୍ଗକୁ ଛାତ୍ରବତ୍ସଳତାର ସୁନ୍ଦର ନିଦର୍ଶନ ମିଳେ। ଯେତେବେଳେ ସ୍କୁଲର ଏହି ଛାତ୍ର ଚନ୍ଦ୍ରଶେଖରଙ୍କର ପିତୃ ବିୟୋଗ ଘଟିଥିଲା ଓ ସେ ଦୁଃଖରେ ମୂର୍ଚ୍ଛିତ ହୋଇପଡ଼ିଥିଲେ, ନୀଳକଣ୍ଠ ତାଙ୍କୁ ପ୍ରବୋଧନା ଦେଇ ବୁଝାଇଥିଲେ "ନିୟତିର ଇଚ୍ଛାରେ ଯେତେବେଳେ ଯାହା ଘଟେ; ଯିଏ ତାହା ସହିପାରେ ସେହି ଏକା ମନୁଷ୍ୟ । ମନୁଷ୍ୟ କାହାର ମରଣରେ ବିବ୍ରତ ହୁଏ ; କାରଣ ମୃତବ୍ୟକ୍ତିଠାରୁ ସେ ଆଉ ସାହାଯ୍ୟ ପାଇବ ନାହିଁ । ସ୍ତ୍ରୀ ପୁରୁଷ ପାଇଁ, ପୁତ୍ରକନ୍ୟା ପିତାଙ୍କ ପାଇଁ, ବନ୍ଧୁ ବନ୍ଧୁ ପାଇଁ ରୋଦନ କରେ କେବଳ ସ୍ୱାର୍ଥଯୋଗୁଁ । କିନ୍ତୁ ସବଳ, ବଜ୍ରହୃଦୟ ଲୋକ ନିଜ ପରିଶ୍ରମ ଓ ନିଜ ସମ୍ବଳ ନେଇ ଯେ ନିଜ ପରିବାରର ବନ୍ଧୁ ବାନ୍ଧବ ମାନଙ୍କର ଆଶ୍ରିତ ବ୍ୟକ୍ତି ବର୍ଗର ପୋଷକ ହୋଇପାରେ, ସେହି ଏକା ବଡ଼ । ଆଜି ତୁ ପିଲା ହୋଇ ମଧ୍ୟ ତୋର ଶୂନ୍ୟ ସଂସାରର ତୁ ପୋଷକ ଓ ପାଳକ । ଏହା ଭଗବାନଙ୍କର ଅପୂର୍ବ ଦାନ । ସିଂହ ବଳ ନେଇ ସଂସାରରେ ଅବତୀର୍ଣ୍ଣ ହେବାର ସୁବିଧା ତୋତେ ଭଗବାନ ଦେଇଛନ୍ତି ।"(୧)

ସତ୍ୟବାଦୀ ବିଦ୍ୟାଳୟର ଆଉ ଏକ ବିଶେଷ ଦିଗ ଥିଲା ଯଥାସମ୍ଭବ ପଦବ୍ରଜରେ ଭ୍ରମଣ । ସେ କାଳେ ମନ୍ଦିରମାଳିନୀ ଭୁବନେଶ୍ୱରର କଳାଐଶ୍ୱର୍ଯ୍ୟ କୋଣାର୍କର ଭାସ୍କର୍ଯ୍ୟ ଓ ନୀଳମାଧବର ପ୍ରାକୃତିକ ଶୋଭା ନୀଳକଣ୍ଠଙ୍କ ନେତୃତ୍ୱରେ ହିଁ ସତ୍ୟବାଦୀ ଗୁରୁକୁଳର ଶିକ୍ଷକ ଓ ଛାତ୍ରମାନେ ଉପଭୋଗ କରିଥିଲେ । ଭ୍ରମଣ କାଳରେ ସମଗ୍ର ବିଦ୍ୟାଳୟ ଗତିଚଞ୍ଚଳ ହୋଇ ଉଠୁଥିଲା । ପଥମଧ୍ୟରେ ଶିବିର ପଡୁଥିଲା । ରନ୍ଧାବଢ଼ା ହେଉଥିଲା । ସ୍କୁଲର ନିୟମରେ ସାହିତ୍ୟ ଓ ଶିକ୍ଷାର ଚର୍ଚ୍ଚା ହେଉଥିଲା । ପ୍ରାୟ ପ୍ରତିବର୍ଷ ଶେଷକୁ ବିଦ୍ୟାଳୟର ଏକ ବାର୍ଷିକ ଅନୁଷ୍ଠାନ ଅନୁଷ୍ଠିତ ହେଉଥିଲା । ଏହି ଅନୁଷ୍ଠାନକୁ ବିଶିଷ୍ଟ ବ୍ୟକ୍ତିମାନେ ନିମନ୍ତ୍ରିତ ହୋଇ ଆସୁଥିଲେ ।

ସତ୍ୟବାଦୀ ବନବିଦ୍ୟାଳୟର ଇତିହାସ ସେ ଯୁଗର ସାଂସ୍କୃତିକ ଇତିହାସର ଯେପରିକି ଏକ ଅଙ୍ଗ ହୋଇ ଯାଇଥିଲା । ସତ୍ୟବାଦୀର ଶିକ୍ଷକମାନେ

---

୧ । ଚନ୍ଦ୍ରଶେଖର ମିଶ୍ର, ସତ୍ୟବାଦୀରେ ସାତବର୍ଷ ପୃଃ ୩୭।୩୮

Digitized by PPRACHIN, SOA

ଶିକ୍ଷାଦାନ ସଙ୍ଗେ ସଙ୍ଗେ ଉଚ୍ଚ ସାହିତ୍ୟ ସାଧନାରେ ବ୍ରତୀ ହୋଇଥିଲେ । ଏହି ସତ୍ୟବାଦୀକୁ କେନ୍ଦ୍ର କରି ସେ ଯୁଗରେ 'ସତ୍ୟବାଦୀ' ସାହିତ୍ୟପତ୍ର ଓ 'ସମାଜ' ସମ୍ବାଦପତ୍ର ପ୍ରକାଶ ପାଉଥିଲା । ସେ କାଳରେ ଏହି 'ସତ୍ୟବାଦୀ' ପତ୍ରିକାଟି ଥିଲା ଏକାନ୍ତ ଅଭିନବ । ଏଥିରେ କବିତା ଓ ଗଳ୍ପଆଦି କୌଣସି ଲଘୁ ସାହିତ୍ୟ ପ୍ରକାଶ ପାଉ ନଥିଲା । ଏହା ଥିଲା ସାହିତ୍ୟ, ସଂସ୍କୃତି ଓ ରାଜନୀତି ଯେମନ ଉଚ୍ଚ କୋଟୀର ସମୀକ୍ଷା ସମ୍ବଳିତ ଏକ ସାମୟିକ ପତ୍ର । ଗୁରୁକୁଳର ଅନ୍ୟାନ୍ୟ କାର୍ଯ୍ୟଭଳି ଏହି ପତ୍ରକାର ସମ୍ପାଦନା ଦାୟିତ୍ୱ ମଳଜଣଙ୍କ ଉପରେହିଁ ନ୍ୟସ୍ତଥିଲା । ସେ ନିଜେ ଥିଲେ ଏହି ପତ୍ରିକାର ବହୁ ପ୍ରବନ୍ଧର ରଚୟିତା । ଦେଶର ସମସାମୟିକ ନାନା ସମସ୍ୟା ଉପରେ ଗୋପବନ୍ଧୁ ସମ୍ପାଦକୀୟମାନ ଲେଖୁଥିଲେ । ସାହିତ୍ୟ ସେବାମଧ୍ୟରେ ଦେଶ-ସେବା ଥିଲା ସେମାନଙ୍କର ଲକ୍ଷ୍ୟ । ନିଜର ସର୍ବତୋମୁଖୀ ମାନବିକତା ଆଦର୍ଶକୁ କାର୍ଯ୍ୟରେ ରୂପାୟିତ କରିବାପାଇଁ ସେମାନେ ଉତ୍କଳଭୂମି ଓ ତାର ପ୍ରାଣପ୍ରିୟ ଓଡ଼ିଆ ଭାଷାକୁ ହିଁ ବାଛି ନେଇଥିଲେ । ନଦୀ ପର୍ବତ-ଦ୍ୱାରା ବ୍ୟବଚ୍ଛିନ୍ନ ହେଲେହିଁ ଉତ୍କଳ ଭାରତରୁ ଅବଚ୍ଛିନ୍ନ । ଭାରତ ଜଗତର ଅବିଚ୍ଛେଦ୍ୟ ଅଂଶ । ଏହି ଭାବ ସମସ୍ତଙ୍କ ମନରେ ଜାଗ୍ରତ କରିବା ସତ୍ୟବାଦୀର ଆଦର୍ଶ ଥିଲା । ମାନବପ୍ରଜ୍ଞା ଯେଉଁ ସକଳ ସର୍ବତୋ-ମୁଖୀ ସତ୍ୟ ଆବିଷ୍କାର କରିଅଛି, ଯେ ସକଳ ସୌନ୍ଦର୍ଯ୍ୟ ସୃଷ୍ଟି କରିଅଛି, ଯେ ସକଳ ମହତ୍ ଭାବର ଉନ୍ମେଷ ଘଟାଇ ଅଛି; ସେ ସକଳକୁ ଓଡ଼ିଆ ସାହିତ୍ୟର ସମ୍ପଦୀଭୂତ କରିବାରେ 'ସତ୍ୟବାଦୀ'ର ସମ୍ପାଦକ ଓ ଲେଖକ ବୃନ୍ଦ ଥିଲେ ଅତନ୍ଦ୍ର ଉଦ୍ୟମଶୀଳ । 'ସତ୍ୟବାଦୀ' ଯେପରିକି ସତ୍ୟବାଦୀର ଆଦର୍ଶ ଓ ଆକାଂକ୍ଷାର ନବଉତମ ବାଣୀ ବହନ କରୁଥିଲା । ସତ୍ୟବାଦୀ ବନବିହାରର ଅବକ୍ଷୟ କାଳରେ ଏହା ସ୍ୱତଃ ଅବଲୁପ୍ତ ହୋଇ ଯାଇଥିଲା । 'ସତ୍ୟବାଦୀ' ବୁଦ୍ଧିଜୀବୀଙ୍କ ପ୍ରତି ଅଭିପ୍ରେତ ହେଲା ; ବୃହତ୍ତର ଜନସାଧାରଣଙ୍କ ଉପରେ ସ୍ୱମତ ଓ ଆଦର୍ଶର ପ୍ରତିଫଳନ ପାଇଁ 'ସମାଜ' ସମ୍ବାଦପତ୍ରର ଭୂମିକା ଥିଲା ସ୍ୱତନ୍ତ୍ର । ଏହି ଦୁଇଟି ପତ୍ରିକାର ଭୂମିକା ପ୍ରସଙ୍ଗରେ ଗୋଦବରୀଶଙ୍କ ସ୍ମୃତିସ୍ମରଣୀୟ— "ସେ ସମୟରେ ଓଡ଼ିଆ ସାହିତ୍ୟର ଉନ୍ନତି ଓ ଲୋକଶିକ୍ଷାର ବିଧାନ ଲାଗି ଚିନ୍ତା ମଧ୍ୟ ହେଲା । ପୂର୍ବରୁ ସାପ୍ତାହିକ ସମ୍ବାଦ ପତ୍ର 'ଆଶା' ସହିତ ଆମମାନଙ୍କର ଘନିଷ୍ଠ ସମ୍ପର୍କ ଥାଏ ; ଗୋପବନ୍ଧୁ

Digitized by PPRACHIN, SOA

ବାବୁ ପ୍ରତି ସପ୍ତାହରେ ଅଗ୍ରଲେଖା ଓ ସମ୍ପାଦକୀୟ ଆଲୋଚନା ସବୁ ଲେଖନ୍ତି । ନୀଳକଣ୍ଠବାବୁ ଓ ମୁଁ ଆଉ କିଛି କିଛି ଲେଖୁ । ଲେଖାଲେଖି ଶେଷ-ମୁହୂର୍ତ୍ତ ପର୍ଯ୍ୟନ୍ତ ଚାଲିଥାଏ, ତେଣୁ ଡାକକୁ ଯାଇ ପାରେ ନାହିଁ । ମୁଁ ପ୍ରତି ସପ୍ତାହରେ ଡାକ ବିଭାଗର 'ରନର' ପରି ସନ୍ଧ୍ୟାରେ ଷ୍ଟେସନକୁ ଯାଇ ରେଳଗାଡ଼ିରେ ଲେଖାସବୁ ଡାକ ବିଭାଗ କର୍ମଚାରୀଙ୍କୁ ଦେଇଆସେ । ମୋ ଯିବାରେ ଅକସ୍ମାତ୍ ଥରେ ଅଧେ ଟିକିଏ ଡେରି ହୋଇଗଲେ, ଡାକ-ବିଭାଗ କର୍ମଚାରୀଙ୍କ ଅନୁରୋଧରେ ରେଳଗାଡ଼ିକୁ ଦୁଇ ଚାରିମିନିଟ ଅଟକାଇ ରଖାହୁଏ ।

କିନ୍ତୁ ଏପରି ଭାବରେ କାର୍ଯ୍ୟ ଚଳାଇବା ସୁବିଧାଜନକ ବୋଧ ହେଲା ନାହିଁ; ସୁତରାଂ ସାକ୍ଷୀଗୋପାଳରୁ ସାପ୍ତାହିକ ସମ୍ବାଦ ପତ୍ର 'ସମାଜ' ଓ ମାସିକ ସାହିତ୍ୟପତ୍ର 'ସତ୍ୟବାଦୀ' କଢ଼ାଗଲା । ରାଧାନାଥ ରଥ ସରକାରୀ ଚାକିରି କରୁଥିଲେ । ଗୋପବନ୍ଧୁ ବାବୁଙ୍କ କଥାରେ ସେ ତହିଁରୁ 'ଇସ୍ତଫା' ଦେଇ ସାକ୍ଷୀଗୋପାଳ ଆସିଲେ । ଛାପାଖାନା ଓ ଖବର କାଗଜ ଚଳାଇବା ଭାର ତାଙ୍କ ହାତେ ରହିଲା । 'ସତ୍ୟବାଦୀ'ର ପ୍ରତ୍ୟକ୍ଷ ଭାର ନେଲେ ନୀଳକଣ୍ଠ ବାବୁ । ଗୋପବନ୍ଧୁ ବାବୁଙ୍କର ଅନ୍ୟାନ୍ୟ ଦିଗରେ ଯେତେ ବିଚ-କ୍ଷଣତା ଥାଉ, ବିଷୟବୁଦ୍ଧି ସେ ଅନୁପାତରେ ନଥିଲା । ଅନେକ ସ୍ଥଳରେ ଦେଖାଯାଏ, ଘରେ ଦୁଇ ଭାଇ ଜନ୍ମିଲେ, ଜଣେ ହୁଏତ ଖୁବ୍ ଉପରକୁ ଉଠେ, ଅନ୍ୟ ଜଣକ ତଳକୁ ପଡ଼ିଯାଏ । 'ସତ୍ୟବାଦୀ' କେତେବେଳକୁ ପଡ଼ିଥିଲା ମୁଁ କହି ପାରିବି ନାହିଁ, କିନ୍ତୁ ମରି ଲୋପ ପାଇଗଲା । ବଞ୍ଚିଲା 'ସମାଜ' । 'ସମାଜ' ଲେଖାରେ ଗୋପବନ୍ଧୁ ବାବୁ ଜାତିଟାକୁ ଚେତିଲେ, ଉଦ୍‌ବୁଦ୍ଧ କଲେ । 'ସତ୍ୟବାଦୀ ସ୍କୁଲ' ଗଲା । 'ସତ୍ୟବାଦୀ' ମାସିକପତ୍ର ଲୋପ ପାଇଲା । ନିଜେ ଉଭୟର ଜନ୍ମଦାତା । ଗୋପବନ୍ଧୁ ବାବୁଙ୍କ ଦେହ ମାଟି ପାଉଁଶରେ ଲୀନ ହୋଇଗଲା, କିନ୍ତୁ ରହିଲା ଓ ରହିଛି 'ସମାଜ' । ସାପ୍ତାହିକରୁ ଏବେ ତାହା 'ଦୈନିକ' ହୋଇଛି, ଘରେ ଘରେ ପଢାଯାଉଛି ।"(୧)

ସତ୍ୟବାଦୀ ବିଦ୍ୟାଳୟର ଜାତୀୟ ଜୀବନରେ ଆଉ ଏକ ଭୂମିକା ସ୍ମରଣୀୟ । ତାହା ହେଉଛି ଜାତୀୟ ପର୍ବପର୍ବାଣୀ, ଆଚାର ଅନୁଷ୍ଠାନ ଆଦି

---

୧ । ଗୋଦାବରୀଶ, ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ ପୃ-୨୦୨-୨୦୩

Digitized by PPRACHIN, SOA

ପାରଂପରିକ ଅନୁଷ୍ଠାନ ସହିତ ଆଧୁନିକ ଅନୁଷ୍ଠାନ ଗୁଡ଼ିକର ସମନ୍ୱୟ ସାଧନ ସତ୍ୟବାଦୀର ସାଧକମାନେ କୁସଂସ୍କାରଗ୍ରସ୍ତ ସମାଜର ବଡ଼ ବିରୋଧୀ ଥିଲେ । ମାତ୍ର ସମାଜ ଚଳଣିରେ ଯାହା ନିତ୍ୟ ଓ ସତ୍ୟ, ବୃହତ୍ତର ସମାଜ ଜୀବନକୁ ନିୟନ୍ତ୍ରଣ କରିବା ପାଇଁ ଯେଉଁ ସକଳ ସାମାଜିକ ଆଚାର ଓ ଧର୍ମୀୟ ନିଷ୍ଠା ପ୍ରୟୋଜନ, ତାହାର ସେମାନେ ପୃଷ୍ଠପୋଷକତା କରୁଥିଲେ । ଏଇ ଆଦର୍ଶ ଉଦ୍‌ବୋଧରେ ଗୋପବନ୍ଧୁ ଲେଖିଥିଲେ—"ଯାହା କିଛି ଜୀର୍ଣ୍ଣ ଓ ପୁରାତନ ତାହା ମୂଲ୍ୟହୀନ ନୁହେଁ । ଜୀର୍ଣ୍ଣ ବା କ୍ଷୟିତର ଉଦ୍ଧାର ପାଇଁ ପ୍ରାଣପାତ ପର୍ଯ୍ୟନ୍ତ କଲେହିଁ ମନୁଷ୍ୟ ଜୀବନର ସାର୍ଥକତା ମିଳେ ।" ସେ କାଳେ ଜଗବନ୍ଧୁ ସିଂହ, ଗୋପାଳ ଚନ୍ଦ୍ର ପ୍ରହରାଜ, ନନ୍ଦକିଶୋର ବଳ, ଫକୀରମୋହନ ସେନାପତି ଆଦି ପଲ୍ଲୀ ପ୍ରାଣ ଓ ପଲ୍ଲୀର ଆଚାର ଅନୁଷ୍ଠାନ ପ୍ରତି ମମତାଶୀଳ ସଂସ୍କୃତି ପ୍ରେମୀ ଲେଖକ ଗୋଷ୍ଠୀଙ୍କର ଅଭ୍ୟୁଦୟ ଘଟିଥିଲା । ଖୁବ୍ ସମ୍ଭବତଃ ଏହି ପଲ୍ଲୀ ପ୍ରକୃତି ପରିବେଶର ଅଭ୍ୟୁଦୟ ମୂଳରେ ସତ୍ୟବାଦୀହିଁ ପ୍ରାଣ ପ୍ରତିଷ୍ଠା କରିଥିଲା । ନାଗର ଯାତ୍ରାରେ ଗୁହାବାସର ପ୍ରତି କୋଠରୀ ସମ୍ମୁଖରେ ବାଲିରେ ଶିବମୂର୍ତ୍ତି ସ୍ଥାପନ କରି ଅନ୍ତେବାସୀମାନେ ଜାତିବର୍ଣ୍ଣ ନିର୍ବିଶେଷରେ ସମସ୍ତେ ପୂଜା କରୁଥିଲେ । ମଙ୍ଗଳର ଆରାଧ୍ୟ ଦେବତା ଶିବଙ୍କର ସ୍ତୋତ୍ରରେ ସମସ୍ତଙ୍କ ଅନ୍ତର ପବିତ୍ର ହୋଇଉଠୁଥିଲା । ସାର୍ବଜନୀନ ଭାବରେ ବିଦ୍ୟାଳୟ ପକ୍ଷରୁ ଗଣେଶ ପୂଜା ଓ ସରସ୍ୱତୀ ପୂଜା ପାଳିତ ହେଉଥିଲା । ମୂର୍ତ୍ତିପୂଜା ପ୍ରସାଦ ବିତରଣ ସାଙ୍ଗକୁ ସଭା, ଶୋଭାଯାତ୍ରା ଓ ସଂକୀର୍ତ୍ତନ ଆଦି ଏହାର ଅଙ୍ଗ ହୋଇଯାଇଥିଲା । ଏଭଳି ଉତ୍ସବ ପାଇଁ ଆଖପାଖର ଗ୍ରାମବାସୀମାନେ ସ୍ୱତଃ ପ୍ରବୃତ୍ତ ହୋଇ ସମ୍ଭାର ଯୋଗାଡ଼ କରୁଥିଲେ । ଏକ ବିରାଟ ଶୋଭାଯାତ୍ରାରେ ସେହି ଗଣେଶ ବା ସରସ୍ୱତୀ ମୂର୍ତ୍ତି 'ରତ୍ନଚିରା'ର ଉପକୂଳସ୍ଥିତ କାଂକଆଠାରେ ବିସର୍ଜିତ ହେଉଥିଲେ । ସେ କାଳେ ସଂକୀର୍ତ୍ତନ ସହ ଏଇ ବର୍ଣ୍ଣାଢ୍ୟ ଶୋଭାଯାତ୍ରାର ସ୍ୱଚ୍ଛନ୍ଦ ଗତିପାଇଁ ଲୋକଙ୍କ ସହଯୋଗରେ ସତ୍ୟବାଦୀ ବଜାରର ରାସ୍ତାଘାଟ ପର୍ଯ୍ୟନ୍ତ ପ୍ରଶସ୍ତ ଓ ସଂସ୍କୃତ ହେଉଥିଲା ।

ସତ୍ୟବାଦୀ ବିଦ୍ୟାଳୟର ଯେପରି ଆଲୋକର ଦିଗଥିଲା, ସେହିପରି ମଧ୍ୟ ଆସି ଥିଲା ଅନ୍ଧକାରର ଦିଗ । ଏକ ନିଃସ୍ୱ ନିଃସମ୍ବଳ ଅତି ସାଧାରଣ ଅନୁଷ୍ଠାନ ଭାବରେ ସହରଠାରୁ ଅନେକ ଦୂରବର୍ତ୍ତୀ ଏକ ଉପାନ୍ତ ପଲ୍ଲୀରେ ଏହା ପ୍ରତିଷ୍ଠିତ ହୋଇଥିଲା । ଦେଶବାସୀଙ୍କର ଦୃଷ୍ଟି ଆକର୍ଷିତ ହେବା

Digitized by PPRACHIN, SOA

ସଙ୍ଗେ ସଙ୍ଗେ ନାନା ରୁଚିର ଓ ସମାଜର ନାନାସ୍ତରରୁ ଶିକ୍ଷକ ଓ ଛାତ୍ର ଏଠାରେ ସମବେତ ହେଲେ । ସେ ଯୁଗରେ ଗମନାଗମନରେ ବିଶେଷ ସୁବିଧା ନଥିଲା । ଏକତ୍ର ଏକ ପଲ୍ଲୀଗ୍ରାମରେ ଏତେ ଲୋକଙ୍କର ଚଳାଚଳ ପାଇଁ ସୁଖ ସ୍ୱାଚ୍ଛନ୍ଦ୍ୟ ଯୋଗାଇ ଦେବା ସମ୍ଭବ ନଥିଲା । ବିଦ୍ୟାଳୟର ଆରମ୍ଭ-କାଳରେ କର୍ମୀ ଓ ଶିକ୍ଷକ ପ୍ରାୟ ଏକତ୍ର ରହୁଥିଲେ ଓ ଆହାର ବିହାର କରୁଥିଲେ । ଗୋଦାବରୀଶଙ୍କ ଉକ୍ତିରେ—"ହରିଭଞ୍ଜନାଙ୍କର ଗୋଟିଏ ବଡ଼ ମଶାରୀ ଥିଲା । ସେଥିରେ ପାଞ୍ଚ ଛଅଜଣ ଏକାଠି ଶୋଉଥିଲୁ ।" ମାତ୍ର ଏଇଭଳି କୃଚ୍ଛ୍ର ସାଧନା ସବୁବେଳେ ସମସ୍ତଙ୍କ ପକ୍ଷରେ ସମ୍ଭବ ନଥିଲା । ପ୍ରଥମେ ଯେ ଆର୍ଥିକ ଅସୁବିଧା ଥିଲା, ତାହା କ୍ରମଶଃ ଦୂର ହୋଇଗଲା । ପ୍ରାୟ ପ୍ରତି ମାସରେ ବହୁ ବିଶିଷ୍ଟ ବ୍ୟକ୍ତି ସତ୍ୟବାଦୀ ଆସିଲେ । ସେମାନଙ୍କ ଭିତରେ ଅନେକ ରାଜା ମହାରାଜା ଥିଲେ । ସେମାନଙ୍କଠାରୁ ଅର୍ଥ ମିଳିଲା । ଅର୍ଥ ଯେତିକି ବଢ଼ିଲା, ପରାର୍ଥପରତାର ମାତ୍ରା ସେତିକି କମିବାକୁ ଲାଗିଲା । ବିଦ୍ୟାଳୟପାଇଁ ଏକ ସ୍ୱତନ୍ତ୍ର ଅତିଥିଶାଳା ହେଲା । ଶିକ୍ଷକମାନେ ସ୍ୱତନ୍ତ୍ର ବାସ ଗୃହରେ ପରିବାର ନେଇ ରହିଲେ । ଶିକ୍ଷକମାନଙ୍କର ଜୀବନଧାରଣର ମାନ କିନ୍ତୁ ସମସ୍ତଙ୍କର ସମାନ ନ ଥିଲା । ପ୍ରୟୋଜନଭିତ୍ତିକ ପାରିଶ୍ରମିକ ଦେବାର ବିଧି ପ୍ରଚଳିତ ହେଲା । ପ୍ରଥମରୁ ଶିକ୍ଷକମାନେ ଥିଲେ ହୁଏତ ସ୍ଥାନୀୟ ବାସିନ୍ଦା ଓ କର୍ମୀ, ସ୍କୁଲର କର୍ମ କରିବା ସଙ୍ଗେ ସଙ୍ଗେ ନିକଟବର୍ତ୍ତୀ ଗ୍ରାମରେ ନିଜ ପରିବାରର କର୍ମ ତଦାରଖ କରିବା ସେମାନଙ୍କ ପକ୍ଷରେ ସମ୍ଭବ ଥିଲା । ଦୂରାଗତଙ୍କ ପକ୍ଷରେ ତାହା ସମ୍ଭବ ହେଲା ନାହିଁ । ସେକାଳେ ଗୋଦାବରୀଶ, କୃପାସିନ୍ଧୁ ପ୍ରଭୃତି ନିଜେ ନିଜ ପରିବାର ନେଇ ରହିଲେ ଓ ସେମାନଙ୍କୁ ଅଧିକ ବେତନ ଦିଆଗଲା । ଅବଶ୍ୟ ସରକାରୀ ସ୍କୁଲ ମଞ୍ଜୁରୀ ପାଇବା ପରେ ସବୁ ଗ୍ରାଜୁଏଟ ଶିକ୍ଷକଙ୍କର ଦରମା ଆଇନତଃ ସମାନ କରିଦିଆଗଲା । ମାତ୍ର କାର୍ଯ୍ୟତଃ ଯିଏ ଯାହା ନେଉଥିଲେ ସେ ତାହା ନେଲେ । ବଳକା ଦରମା ବିଦ୍ୟାଳୟ ପାଣ୍ଠିରେ ଜମା ହେଲା । ସେଥିରେ ବିଦ୍ୟାଳୟ ପରିସର ବହିର୍ଭୂକ୍ତ ଅନ୍ୟାନ୍ୟ କାର୍ଯ୍ୟ ଯଥା—ଛାପାଖାନା ଆଦି ଚଳାଇବାର ବ୍ୟବସ୍ଥା ହେଲା । ଏକଦା ସମବେତ ଉଦ୍ୟମରେ ଯାହା ଗଢ଼ିଉଠିଥିଲା; ହୁଏତ ସେଥିରେ କେହି କେହି ନିଜର ସାମାନ୍ୟତଃ ହେଲେହେଁ ଅଧିକାର ସାବ୍ୟସ୍ତ କରିବାକୁ ଇଚ୍ଛା କରି ବସିଲେ । ପୁଣି ସ୍ଥାନୀୟ ବାଗତ କର୍ମୀ ଓ ଛାତ୍ରଙ୍କ ମଧ୍ୟରେ କିଛି ମତପାର୍ଥକ୍ୟ ଦାନା ବାନ୍ଧି ଉଠିବା

Digitized by PPRACHIN, SOA

ହୃଏତ ସ୍ୱଭାବକ ଥିଲି । ଛାତ୍ରାବାସ ଯେପରି ନାନା ଅବସାଦକର ପରିସ୍ଥିତି ସୃଷ୍ଟି ହୋଇଥିଲି । ସତ୍ୟବାଦୀ ବନ ବଦାରରେ ନିଜର ପରୀକ୍ଷାକୁ ସାର୍ଥକ କରିବା ପାଇଁ ଗୋପବନ୍ଧୁ ଶାନ୍ତିନିକେତନ ଭ୍ରମଣରେ ଯାଇଥିଲେ । ଶାନ୍ତି ନିକେତନରୁ ଫେରି ସମସ୍ତ ଛାତ୍ର ଓ ଶିକ୍ଷକଙ୍କ ଉପସ୍ଥିତିରେ କେତେକ ନୂତନ ସଂସ୍କାର ଆଣି- ବାକୁ ଚାହିଁଲେ । ନୀଳକଣ୍ଠଙ୍କ ଉକ୍ତିରେ,ଛାତ୍ରାବାସର ଯାବତୀୟ କଥା ପିଲାମାନେ ହାତରେ କରିବେ, ତେବେ ଶିକ୍ଷା ପୂର୍ଣ୍ଣାଙ୍ଗ ହେବ । ଆଜିକାଲି ପାଠପଢ଼ି ଯୁବକ ମାନେ ଚାକିରୀଛଡ଼ା କୌଣସି କାର୍ଯ୍ୟ କରିପାରୁ ନାହାନ୍ତି । ମାତ୍ର ଏଠାରେ ତୁମ୍ଭେ- ମାନେ ଘରକାମ କରି ଶିଖିଲେ ତୁମ୍ଭମାନଙ୍କର ଜୀବନର ସବୁକ୍ଷେତ୍ର ଲାଗି ଓ ସକଳ ଅବସ୍ଥା ଲାଗି ପ୍ରସ୍ତୁତ ହୋଇଯିବ ।···ତୁମ୍ଭେ ମାନେ ସମସ୍ତେ ଭାବି ଏକ ଯୋଜନାଟିଆରି କର । ନିଜକାର୍ଯ୍ୟ ନିଜେ କରିବ ! ଶିକ୍ଷକମାନେ ସର୍ବସାଧାରଣ ଛାତ୍ରଙ୍କ ପରି ରହିବେ । କ୍ଷମତାର ଅପବ୍ୟବହାର ନ ହେବା ପାଇଁ ଶିକ୍ଷକମାନଙ୍କ ଠାରେ ଅଙ୍କୁଶ ମଧ୍ୟ ରହିବ ।" (୧) ବହୁ ଯୋଜନା ପରେ ଶେଷରେ ନୀଳକଣ୍ଠ ମନେ ମନେ ଗୋଟିଏ ଯୋଜନା ସ୍ଥିରକରି ଦେଇଥିଲେ ଓ ସେଇ ଅନୁସାରେ ଛାତ୍ରାବାସ ଚାଲିଥିଲା ; କିନ୍ତୁ ପ୍ରଥମ ଯୁଗର ସେଇ ସାମ୍ୟଭାବ ଅଲିଖିତ ପରଂପରା ଲିଖିତ ବିଧି ନିୟମର କୃତ୍ରିମତା ମଧ୍ୟରେ ତିଷ୍ଠି ପାରିଲା ନାହିଁ । ନିୟମଶୃଙ୍ଖଳା ରକ୍ଷାକରିବା ପାଇଁ କର୍ତ୍ତୃପକ୍ଷ ଯେତେ ଉଦ୍ୟମ କଲେ, ତାହା ଭାଙ୍ଗିବା ପାଇଁ ନାନାଆଡ଼ୁ ଆହୁରି ବେଶୀ ଉଦ୍ୟମ ହେଲା । ଧନୀ ଓ ଦରିଦ୍ର ଛାତ୍ରଙ୍କ ପାଇଁ ସ୍ୱତନ୍ତ୍ର ରନ୍ଧନଶାଳା ହେଲା । ଧନୀମାନେ ପାଞ୍ଚଟଙ୍କା ଓ ଦରିଦ୍ରମାନଙ୍କୁ ତିନି- ଟଙ୍କା ଦେବାକୁ ହେଉଥିଲା । ଅସ୍ୱଚ୍ଛଳ ଜୀବନଯାତ୍ରା ମଧ୍ୟରେ ଅନେକ ରୋଗଗ୍ରସ୍ତ ହୋଇ ପଡ଼ିଲେ । କେବଳ ଆଚାର୍ଯ୍ୟ ହରିହରଙ୍କ ସେବା ଯତ୍ନ ଛଡ଼ା ସେଠାରେ ଚିକିତ୍ସାର ଅନ୍ୟ କୌଣସି ବ୍ୟବସ୍ଥା ନ ଥିଲା । ସେ ଯୁଗର ଜଣେ ଛାତ୍ର ବୈକୁଣ୍ଠନାଥଙ୍କ ଭାଷାରେ—"ଏତେ ଛାତ୍ରଙ୍କ ସ୍ନାନ ପାଇଁ ଥିଲା ଗୋଟିଏ ପୋଖରୀ । ଖାଇବାପାଇଁ ହାଟରୁ ଆସୁଥିଲା ବୋଝାଏ ସାରୁ । ପଇସା ଦେଇ କଣିବାକୁ ଚାହିଁଲେବି ଭଲ ଜିନିଷ ମିଳୁ ନ ଥିଲା । ଏଇ ଅପରିଚ୍ଛନ୍ନ ପରିବେଶରେ ଅନେକ ରୁଗ୍ଣ ହୋଇ ପଡ଼ୁଥିଲେ ; ବହୁ ଆଶା ଘେନି ସତ୍ୟବାଦୀକୁ ଆସି ଭଗ୍ନ ସ୍ୱାସ୍ଥ୍ୟ ଓ ହତାଶ ମନରେ କେତେକ ଛାତ୍ର

---

(୧) ନୀଳକଣ୍ଠ ଗ୍ରନ୍ଥାବଳୀ (୯ମ)-ପୃଃ ୭୧

Digitized by PPRACHIN, SOA

ପୁଣି ସହର ସ୍କୁଲକୁ ଫେରି ଯାଉଥିଲେ ।" ଏ ବିଷୟରେ ଗୋଦାବରୀଶଙ୍କ ସ୍ମୃତି ମଧ୍ୟ ସ୍ମରଣୀୟ—"ସତ୍ୟବାଦୀରେ ଅନେକ ଅଭାବ ଥାଏ । ପ୍ରସା କରିବାକୁ ଗଲେ କାହାରି ଜଣଙ୍କର ଅନୁମତି ନେବାକୁ ହୁଏ । ପାନ ଖାଇବା, ବିଡ଼ି ବା ସିଗାରେଟ ଟାଣିବା, ଗୁଡ଼ାଖୁ ଘସିବା ଛାତ୍ରାବାସରେ ମଧ୍ୟ ଚଳେ ନାହିଁ । ଏଥି ମଧ୍ୟରୁ କୌଣସି କାର୍ଯ୍ୟ ଧରା ପଡ଼ିଲେ କଠୋର ଦଣ୍ଡ ମିଳେ । ବେତ ମାଡ଼ରେ ପିଲାଙ୍କ ପିଠି ଫାଟି ଯିବା ମୁଁ ଦେଖିଛି । ପିଲାମାନେ ଯେ ଅନୁକରଣଶୀଳ ପ୍ରାଣୀ ସେ କଥା ଆମ୍ଭେମାନେ ଭୁଲି ଯାଇଥିଲୁ । ଫଳରେ ଶିକ୍ଷକମାନେ ଅବାଧରେ ପାନ ଖାଉଥିଲେ । ଧାଡ଼ିହୋଇ ପାଞ୍ଚ ସାତଜଣ ଗୁଡ଼ାଖୁରେ ଦାନ୍ତ ଘଷୁଥିଲେ । ପିଲାଙ୍କ ଗୁଡ଼ାଖୁ ରହୁଥିଲା ଗଛ କୋରଡ଼ରେ । ନିଶୀଥ କାଳରେ ଶିକ୍ଷକମାନେ ଘୁଙ୍ଗୁଡ଼ି ମାରୁଥିବା ସମୟରେ ପିଲାମାନଙ୍କ ପାନ ପେଷି ହୋଇ ଯାଉଥିଲା ।" (୨)

ସତ୍ୟବାଦୀ ବିଦ୍ୟାଳୟର ଆଭ୍ୟନ୍ତରୀଣ ଦ୍ୱନ୍ଦ୍ୱ ଛାତ୍ର ସମାଜ ଓ ଶିକ୍ଷକଙ୍କ ମଧ୍ୟରେ କେବଳ ସୀମାବଦ୍ଧ ନ ଥିଲା । ମମତାର ବନ୍ଧନରେ ବାନ୍ଧହୋଇଥିବା ଏକ କ୍ଷୁଦ୍ର ସମାଜ କ୍ଷମତାର ଦଂଶନରେ କ୍ରମଶଃ ଯେପରି କ୍ଷତ ବିକ୍ଷତ ହୋଇ ଉଠିଲା । ଏହି କ୍ଷତ ଦୂର କରିବା ପାଇଁ ମହତ୍ ପ୍ରାଣ ଗୋପବନ୍ଧୁ ଓ ସେବାଗତପ୍ରାଣ ହରିହର ଯଥାସମ୍ଭବ ଚେଷ୍ଟା କରିଥିଲେ । ନିଜ ପ୍ରଧାନ ଶିକ୍ଷକ ସମୟର ଅନୁଭୂତି ବର୍ଣ୍ଣନା କରି ନୀଳକଣ୍ଠ ଲେଖିଛନ୍ତି, "ମୁଁ ଅତି ଗମ୍ଭୀର ଥିଲି । ପିଲାମାନେ କିପରି ଭଲ ପଢ଼ିବେ ଓ ପ୍ରାଞ୍ଜଳ ଭାବରେ ଭାବବ୍ୟକ୍ତ କରିପାରିବେ ସେଥିପାଇଁ ଅତି ତତ୍ପର ଥିଲି । ଏଥିପାଇଁ ମୋତେ ଅତି ଅସହିଷ୍ଣୁ ହେବାକୁ ପଡୁଥିଲା । କେବଳ ଏତିକି ନୁହେଁ, କୌଣସି ଛାତ୍ରର ଔଦ୍ଧତ୍ୟ ବା କ୍ଷୀଣ ଅହମିକା ଦେଖିଲେ ମୁଁ ସହି ପାରୁ ନଥିଲି । ସେଥିପାଇଁ ପିଲାମାନେ ମୋତେ ଦେଖିଲେ ଅତ୍ୟନ୍ତ ଭୟ କରୁଥିଲେ । ଶିକ୍ଷା-ଦାନରେ ଅବହେଳା ପ୍ରଦର୍ଶନ କରୁଥିବା କିମ୍ବା ଭ୍ରମମାର୍ଗରେ ପରିଚାଳିତ କରୁଥିବା ଶିକ୍ଷକମାନଙ୍କପ୍ରତି ମୁଁ ଅତି ନିଷ୍ଠୁର ଥିଲି । ବହୁଛାତ୍ର ଓ ଯୁବକ ଶିକ୍ଷକମାନେ ଏକତ୍ର ବସବାସ କରିବାରୁ ସେମାନଙ୍କ ଆଚରଣରେ କେତେକ ତ୍ରୁଟି ଦେଖାଗଲା । ମୁଁ ଏଥିପ୍ରତି ଅତି ମାତ୍ରାରେ ଅସହିଷ୍ଣୁ ହୋଇ ପଡିଥିଲି । କଠୋର ଦଣ୍ଡ ମଧ୍ୟ ଦେଇ ।" (୧) ଏ ସବୁ ଉଦାର ହୃଦୟ ଗୋପବନ୍ଧୁଙ୍କୁ

(୧) ନୀଳକଣ୍ଠ ଗ୍ରନ୍ଥାବଳୀ ୧ମ ପୃ : ୭୦—୭୨

(୨) ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ ଗୋଦାବରୀଶ, ପୃ-୨୭୨

Digitized by PPRACHIN, SOA

ବେଳେ ବେଳେ ବ୍ୟଥିତ କରୁଥିଲା । ଗଣତନ୍ତ୍ର ମାଡରେ ସମସ୍ତ ଚଳାଇବା ପାଇଁ ସେ ଉଦ୍‌ବୋଧନ ଦେଲେ । ଏଥିରେ କ୍ରମଶଃ ଶିଥିଳତା ପ୍ରକାଶ ପାଇଲା ।

ସତ୍ୟବାଦୀରୁ ଯାଇ ଗୋଦାବରୀଶ ଏମ୍. ଏ. ସାଙ୍ଗକୁ ବି. ଟି. ପାଶ୍ କଲେ । କଲିକତା ବିଶ୍ୱବିଦ୍ୟାଳୟରେ ବି. ଟି. ରେ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ଉତ୍ତୀର୍ଣ୍ଣ ହୋଇଥିଲେ ଓ ୧୯୧୩ ଏପ୍ରିଲ୍‌ରେ କଲିକତାରୁ ଆସି ସତ୍ୟବାଦୀରେ ଯୋଗ ଦେଇଥିଲେ । ସେ ନିଜର ସ୍ମୃତି ସ୍ମରଣ କରି ଲେଖିଛନ୍ତି—"ପୃଥିବୀର କର୍ମକ୍ଷେତ୍ର ବଡ଼ ବିଶାଳ । ଗୁହାଁଲେ ଆଖି ପାଏ ନାହିଁ । କିନ୍ତୁ ମୁଁ ଗୋଟିଏ ଛୋଟିଆ କାର୍ଯ୍ୟ କ୍ଷେତ୍ର ବାଛି ନେଇଥିଲି । ସତ୍ୟବାଦୀ ସ୍କୁଲର ଛାତ୍ର ଓ ଶିକ୍ଷକମାନେ ମୋତେ ପାଛୋଟି ନେବାକୁ ଆସିଥିଲେ । କଲିକତାରୁ ସତ୍ୟବାଦୀକୁ ପରିବର୍ତ୍ତନ । ତାହା ମୋତେ ସେତେ କ୍ଷତି ବଡ଼ ବୋଧ ହେଲା । ସତ୍ୟବାଦୀ ସ୍କୁଲରେ ମୋର ଯୋଗ ଦେବା ଉତ୍ସବ ପାଳନ ହେଲା । ମୁଁ ପରେ ବୁଝିଲି ଯେ ଅନ୍ୟମାନଙ୍କ ପାଇଁ ସେପରି ଉତ୍ସବ ହୋଇ ନ ଥିଲା । ନୀଳକଣ୍ଠବାବୁ ଦୁଇବର୍ଷ ପୂର୍ବରୁ ଯୋଗ ଦେଇଥିଲେ । ସେ ହେଲେ ପ୍ରଥମ ପ୍ରସୂତି । ପ୍ରଥମ ତ୍ୟାଗ ନୀଳକଣ୍ଠଙ୍କ ଜୀବନର ସବୁ ପ୍ରକାର ସୁଖ ସୌଭାଗ୍ୟକୁ ଜଳାଞ୍ଜଳି ଦେଇ ମାସରେ ତିରିଶଟଙ୍କା ଭତ୍ତାରେ ଆସି କାର୍ଯ୍ୟ କରିବା ନିଆଁକୁ ଡେଇଁ ପଡ଼ିବା ସଙ୍ଗେ ସମାନ । ନୀଳକଣ୍ଠବାବୁ ପ୍ରଥମେ ସେଇ ନିଆଁକୁ ଡେଇଁ ଥିଲେ । ଆମେ ପରେ ଗଡ୍‌ଡାଳିକା ପ୍ରବାହରେ ଗତି କଲୁ ମାତ୍ର । ତେବେ ମୋ ଲାଗି ଗୋଟିଏ ସ୍ୱତନ୍ତ୍ର ଉତ୍ସବ ପାଳନ କରିବାର ଗୋଟିଏ କାରଣ ଥାଇପାରେ । ସମସ୍ତେ ସେଠାରେ ସ୍ଥାନୀୟ ଲୋକ । ଏକମାତ୍ର ମୁଁ ଦୂରରୁ ଆସି ଥିଲି । ତାପରେ ପୁଣି କଲ୍ପନା ଜଳ୍ପନା ମଧ୍ୟରେ ମୁଁ ଘନିଷ୍ଠ ଭାବରେ ସଂଶ୍ଳିଷ୍ଟ ହୋଇ ନ ଥିଲି । ମୋର ମନେ ହେଲା ସତ୍ୟବାଦୀ ସ୍କୁଲ ସହିତ ସମ୍ପର୍କ ଦୃଢ଼ କରିବା ଲାଗି ସେ ସଭା ହୋଇଥିଲା ।"୧ ନୀଳକଣ୍ଠ ଲେଖିଛନ୍ତି, "ଗୋଦାବରୀଶ ବଡ଼ ଯୋଗ୍ୟ ବ୍ୟକ୍ତି ଥିଲେ । ତାଙ୍କ ଆଗମନ ପିଲାମାନଙ୍କ ମଧ୍ୟରେ ବେଶ୍ ଆନନ୍ଦ ଓ ଉତ୍ସାହ ଆଣି ଦେଲା ।" ସତ୍ୟବାଦୀ ସ୍କୁଲ ଭାଙ୍ଗିଯିବାର କାରଣ ବର୍ଣ୍ଣନା କରି ନୀଳକଣ୍ଠ ଲେଖିଛନ୍ତି—"ଆମ ଦେଶ ବହୁକାଳ ପରାଧୀନ ଥିଲା ଏପରି ଗୋଟିଏ ସ୍କୁଲ ରଖିବାର ଓ ସେଥିଲାଗି ସ୍ଥାୟୀଭାବରେ କାର୍ଯ୍ୟ କରିବାର

୧- ଅର୍ଦ୍ଧଶତାବ୍ଦୀର ଓଡ଼ିଶା ତହିଁରେ ମୋ ସ୍ଥାନ ଗୋଦାବରୀଶ ପୃ ୭୧୪

Digitized by PPRACHIN, SOA

ଶକ୍ତି ଓ ଧୈର୍ଯ୍ୟ ନ ଥିଲା । ପ୍ରକୃତରେ ସତ୍ୟବାଦୀ ସ୍କୁଲ ଯେଉଁ ସଖ୍ୟ ଓ ସୌହାର୍ଦ୍ଦ ଭିତରେ ଗଢ଼ି ଉଠିଥିଲା, ତାହା ଶେଷ ପର୍ଯ୍ୟନ୍ତ ଅତୁଟ ନ ଥିଲା ।" ଗୋଦାବରୀଶ ବି. ଟି. ପାଶ୍ କରି ଆସିବା ପରେ ସତ୍ୟବାଦୀ ଛାଡ଼ି ଅନ୍ୟତ୍ର କାର୍ଯ୍ୟ କରିବାକୁ ଚାହିଁଥିଲେ । ସେହି ପରିବେଶରେ ଗୋପବନ୍ଧୁ ଗୋଦାବରୀଶ, ନୀଳକଣ୍ଠ, ହରିହର ଓ କୃପାସିନ୍ଧୁଙ୍କୁ ଏକାନ୍ତରେ ଡାକି ନେଇ ସତ୍ୟବାଦୀ ସ୍କୁଲର ଭବିଷ୍ୟତ କଥା ବିଚାର କରୁ କରୁ କାନ୍ଦି ଥିଲେ ଓ ଶେଷରେ ସ୍କୁଲର କେହି ସ୍ଥାୟୀ ଶିକ୍ଷକ ନ ହୋଇ ପ୍ରତ୍ୟେକ ତିନିବର୍ଷ ଲେଖାଏଁ ପ୍ରଧାନ ଶିକ୍ଷକ ରହିବା ସ୍ଥିର ହୋଇଥିଲା । ନୀଳକଣ୍ଠଙ୍କ ଉକ୍ତିରେ— "କିନ୍ତୁ ମୁଁ ବୁଝିଲି ଏହା ଯଥାର୍ଥ ସମାଧାନ ନୁହେଁ । ବିଶେଷରେ ମୋର ମନ ସେହିଠାରୁ ଫାଟିଗଲା । ମୁଁ ଜାଣିଲି ଏ ସ୍କୁଲ ଯେଉଁ ପୀଠରେ ଯେଉଁ ଅଭିଳାଷ ନେଇ ବଢୁଥିଲା, ତାହା ଆଉ ସମ୍ପୂର୍ଣ୍ଣ ହୋଇ ପାରିବ ନାହିଁ । ସେହିଦିନ ଗୋଦାବରୀଶ ପ୍ରଧାନ ଶିକ୍ଷକ ହେଲେ ଓ ମୁଁ ସବୁ ଛାଡ଼ି ଗ୍ରାମକୁ ଗଲି । ଗୋପବନ୍ଧୁ ବାବୁ ମୋତେ ବୋର୍ଡିଂରେ ନ ରହି ଗ୍ରାମକୁ ଯିବାକୁ କହିଲେ ।" (୧) ଗୋଦାବରୀଶଙ୍କ ସ୍ମୃତି କଥା ଅନୁସାରେ, "ଆମ୍ଭମାନଙ୍କ ଭିତରେ କାହାର କାହା ସହିତ ମନ ମିଳିଲା ନାହିଁ । ଦୋଷ କାହାର ଜଣକ ମୁଣ୍ଡରେ ଢଳାଯାଇ ପାରିବ ନାହିଁ । ସ୍କୁଲର କାର୍ଯ୍ୟରେ ଶିଥିଳତା ଦେଖା ଦେଲା । ସ୍କୁଲ ସମୟରେ ଶିକ୍ଷକମାନଙ୍କ ଭିତରୁ କେହି ଘରେ ବସି ଇଂରାଜୀରୁ ପଦ୍ୟ ଅନୁବାଦ କଲେ, କିଏ ବନ୍ଧୁ ଘରକୁ ଗଲେ, କିଏ ନିଜ ଘର ବ୍ୟବସ୍ଥା ବୁଝିବା ପାଇଁ ଗାଁରେ ରହିଲେ । ଏ ସବୁର ବାରମ୍ବାର ଖବର ପାଇ ଦିନେ ଗୋପବନ୍ଧୁ ବାବୁ ଖରାଦିନ ଦି'ପହର ଖରାରେ ପୁରୀରୁ ବାରମାଇଲ ଚାଲିଚାଲି ଆସି ପହଞ୍ଚିଲେ । ସ୍କୁଲ ସେତେବେଳେ ବଗିଚାରେ ହେଉଥାଏ । ସେ ଚାରିଆଡ଼େ ଯାଇ ଦେଖିଲେ ଅନେକ କ୍ଲାସ ଖାଲି ପଡ଼ିଛି । ଉପର ଶ୍ରେଣୀ ଶିକ୍ଷକଙ୍କ ଭିତରୁ କେବଳ ହରିହରବାବୁ ଓ ମୁଁ ପଢ଼ାଉଛୁ । ମୋ ଦେହରେ ହାତ ଦେଇ ଦେଖିଲେ ଯେ ମୋ ଦେହ ତାତିଛି । ସେ ଦିନ ସ୍କୁଲ ଛୁଟି କରି ଦିଆଗଲା । ସନ୍ଧ୍ୟାରେ ଗୋପବନ୍ଧୁ ବାବୁ ଶିକ୍ଷକମାନଙ୍କ ବୈଠକ ଡକାଇଲେ । ବୈଠକରେ ନାନା ଆଲୋଚନା ପରେ ପ୍ରଧାନ ଶିକ୍ଷକ ପଦ

(୧) ନୀଳକଣ୍ଠ ଗ୍ରନ୍ଥାବଳୀ ପୃ : ୮୦

Digitized by PPRACHIN, SOA

ଉଠିଗଲା । ହରିହର ବାବୁଙ୍କୁ ସର୍ବୋଚ୍ଚ ପଦ ଦିଆଯାଇ ଆଚାର୍ଯ୍ୟ ପଦରେ ଅଭିଷିକ୍ତ କରାଗଲା । ହରିହର ବାବୁ ସେବା, ସତ୍ୟନିଷ୍ଠା, ସହିଷ୍ଣୁତା, ଦୟା ଚରିତ୍ରବତ୍ତା ଆଦି ଗୁଣରେ ବଡ ଥିଲେ । କିନ୍ତୁ ଶାସକ ପଦରେ ରହି ଅନୁଷ୍ଠାନଟିକୁ ଚଳାଇ ପାରିଲେ ନାହିଁ । ନୀଳକଣ୍ଠ ବାବୁ ଜଣେ ସ୍ପଷ୍ଟବାଦୀ ଲୋକ । ତାଙ୍କଠାରୁ ଏକାନ୍ତ ଆଲୋଚନାରେ ଶୁଣିଲି—"ହରିଭାଇନା ତ ଗୋଟାଏ ଗୋରୁ ଆଉ ଗୋପବନ୍ଧୁ ବାବୁ ହେଉଛନ୍ତି ଗୋଟାଏ ଅନ୍ଧ । ହରି ଭାଇନାକୁ ମୁଁ ନିଜେ ଗୋରୁ ବୋଲି ଜାଣିଥିଲି । ଗୋରୁ ଗୁହାଳରେ ବନ୍ଧା ହେଲାବେଳେ ବେକ ଦେଖାଇ ଦିଅନ୍ତି । ଶିଙ୍ଘ ଏତେ ଧୀରେ ଧୀରେ ହଲାନ୍ତି ଯେ ଯେପରି କାହାରି ଦେହରେ ନ ବାଜିବ । ତେବେ ଗୋପବନ୍ଧୁ ଯେ ଅନ୍ଧ ସେ କଥା ମୋ କାନରେ ପଶେ ନାହିଁ । ଏଇ ଗୋପବନ୍ଧୁ ବାବୁଙ୍କୁ ମୁଁ ଅବଶ୍ୟ ମଣିଷ ଦୃଷ୍ଟିରେ ଦେଖୁଥିଲି । ମୁଁ ଯୁକ୍ତି କରୁଥିଲି, ଚନ୍ଦ୍ରର କଳଙ୍କ ପରି ମଣିଷର ଦୋଷ ଥାଇ ପାରେ । କିନ୍ତୁ ଗୋଟିଏ ବିଷୟରେ ଉତ୍ତର ଦେବାକୁ ଅକ୍ଷମ ହୁଏ । ନୀଳକଣ୍ଠ ବାବୁ, କୃପାସିନ୍ଧୁ ବାବୁ ଓ ମୁଁ ସମସ୍ତେ ଏମ୍. ଏ. ପାଶ୍ କରିଥିଲୁ । ଗୋପବନ୍ଧୁ ବାବୁ ଆମକୁ ନେଇ ତ୍ୟାଗ ମନ୍ତ୍ରରେ ଦୀକ୍ଷିତ କରାଇଲେ । କିନ୍ତୁ ତାଙ୍କ ଜ୍ୱାଇଁ ଯେତେବେଳେ ଏମ୍. ଏ. ପାଶ୍ କଲେ, ଗୋପବନ୍ଧୁ ବାବୁ ଶିକ୍ଷା ବିଭାଗର ଡିରେକ୍‌ଟରଙ୍କୁ କହି ତାଙ୍କୁ ସରକାରୀ ଚାକିରିରେ ରଖାଇ ଦେଲେ ।" ସପ୍ତାହକ ପରେ ପୁଣି ବୈଠକ ବସିଲା । ପ୍ରଧାନ ଶିକ୍ଷକ ଭାର ବହନ ପାଇଁ ସମସ୍ତେ ମୋତେ ଅନୁରୋଧ କଲେ । ମୋର କିଛି ଲାଳସା ଜନ୍ମି ଥିଲା । ସେଥିପାଇଁ ମୁଁ ପ୍ରଧାନ ଶିକ୍ଷକ ହେବାକୁ ରାଜି ହେଲି । ପ୍ରଧାନ ଶିକ୍ଷକ ଚୌକିରେ ବସି ଅଫିସ ବାକ୍‌ସ ଚାବି କାଠି ପାଖରେ ରଖିଲି । କିନ୍ତୁ ଦୁଇ ମାସ ପରେ ଜଣା ପଡ଼ିଲା ସ୍କୁଲ ଅଚଳ ଅବସ୍ଥା ଆଡକୁ ଯାଉଛି । ମୋ ଅମଳରେ ସମସ୍ତେ ଶିଥିଳ ହୋଇ-ଗଲେ ! ମୋ କାନକୁ ଖବର ଆସିଲା ଯେ ବ୍ୟବସ୍ଥା ସବୁ ଅଚଳ ଆଡ଼କୁ ନେବା ପାଇଁ କୌଣସି ଭିତିରି ଉଦ୍ୟମ ହେଉଥିଲା । ଶିକ୍ଷକମାନଙ୍କ ଗୋଷ୍ଠୀଟା ଗୋଟାଏ ମରୁ କ୍ଷେତ୍ର । ସେଥିରେ ଗଛ ଉଠେ ନାହିଁ । ମାତ୍ର ମନୁଷ୍ୟ ସବୁବେଳେ ଯୁକ୍ତିରେ ଚାଲେ ନାହିଁ । ଗୋପବନ୍ଧୁ ବାବୁ ଦେଖିଲେ ଯେ ଗୁହାଳରୁ ଗୋଟିଏ ଖଣ୍ଡେ ଗୋରୁ ଅନ୍ୟ ଜାଗାକୁ ନ ନେଲେ ଅବସ୍ଥାରେ ଶାନ୍ତି ଆସିବ ନାହିଁ ।" ୧୯୧୯ ଫେବୃୟାରୀ ସାତ ତାରିଖ ଦିନ ସିଂଭୂମିରେ

Digitized by PPRACHIN, SOA

ଓଡ଼ିଆ ଜାଗରଣ ଲାଗି କାର୍ଯ୍ୟ ନିମନ୍ତେ ଗୋଦାବରୀଶ ସତ୍ୟବାଦୀ ଛାଡ଼ିଲେ । ପୁରୀର ଦୁର୍ଭିକ୍ଷ ରିପୋର୍ଟ ଛାପିବାକୁ ନୀଳକଣ୍ଠ କଲିକତା ବିଶ୍ୱବିଦ୍ୟାଳୟର କୁଳପତି ଆଶୁତୋଷ ମୁଖାର୍ଜୀଙ୍କ ସହିତ କଥାବାର୍ତ୍ତା କଲେ, ଓଡ଼ିଆ କମ୍ପାରେ-ଟିଭ ଫିଲଲଜି ଅଧ୍ୟାପକ ପଦରେ କଲିକତା ବିଶ୍ୱବିଦ୍ୟାଳୟରେ ଯୋଗ ଦେବା ପାଇଁ ଚାଲିଗଲେ । ଗୋପବନ୍ଧୁ ନିଜେ କେତେ ଦିନ ସ୍କୁଲ ଚଳାଇବାକୁ ଚେଷ୍ଟା କରି ୧୯୧୯ ପ୍ରାୟ ଅକ୍ଟୋବର ମଝାମଝି ନିଜେ ଥାଇ ସ୍କୁଲ ଭାଙ୍ଗି ଦେଲେ । ଅବଶ୍ୟ ପରେ କିଛି ଦିନ ପାଇଁ ସତ୍ୟବାଦୀ ସ୍କୁଲ ଜାତୀୟ ମହାବିଦ୍ୟାଳୟ ବା କଲେଜରେ ପରିଣତ ହୋଇ ଦୀପ ଶିଖା ଲିଭିବା ପୂର୍ବରୁ ଥରେ ତେଜୋଦୀପ୍ତ ହୋଇ ଜଳିଲା ପରି ଜଳି ଲିଭି ଯାଇଥିଲା ।

ସତ୍ୟବାଦୀର ମୂଳ ଲକ୍ଷ୍ୟ ଥିଲା, ସହରରୁ ଶିକ୍ଷିତ ସାଧାରଣଙ୍କ ମନ ପଲ୍ଲୀ ମୁଖୀ କରିବା । ଶିକ୍ଷାର ଗତି ମତି ବଦଳାଇବା ଲକ୍ଷ୍ୟରେ ସତ୍ୟବାଦୀ ସ୍କୁଲର ପ୍ରତିଷ୍ଠା ଗ୍ରାମରେ କରାଯାଇଥିଲା । ଏହି ସତ୍ୟବାଦୀ ବିଦ୍ୟାଳୟର ଅଭ୍ୟୁଦୟ ଓ ଅଧୋଗତିର ଚିତ୍ର ଦେବାକୁ ଯାଇ ଗୋପବନ୍ଧୁ ଲେଖିଥିଲେ—"ପ୍ରଥମରୁ କେତେ ବର୍ଷ ଗ୍ରାମ ସଂଗଠନ ଉଦ୍ଦେଶ୍ୟରେ କାର୍ଯ୍ୟ ମଧ୍ୟ କରାଯାଇଥିଲା । ସ୍କୁଲରେ ଛାତ୍ରମାନଙ୍କ ପଢ଼ା ସଙ୍ଗେ ସଙ୍ଗେ ନିକଟବର୍ତ୍ତୀ ଗ୍ରାମମାନଙ୍କରେ ଶ୍ରମଜୀବୀ ଯୁବକମାନଙ୍କ ନିମନ୍ତେ ନୈଶ ବିଦ୍ୟାଳୟ ବସିଥିଲା । ଅଛୁଆଁ ଜାତିର ପିଲାମାନଙ୍କ ପାଇଁ ପାବନ ବିଦ୍ୟାଳୟ ଖୋଲା ଥିଲା । ଜର ଆଦି ସାଧାରଣ ରୋଗରେ ବିଶେଷତଃ କଲେରା ପ୍ରଭୃତି ସଂକ୍ରାମକ ରୋଗ ସମୟରେ ନିକଟବର୍ତ୍ତୀ ପଲ୍ଲୀବାସୀମାନଙ୍କ ମଧ୍ୟରେ ଔଷଧ ବିତରଣର ବ୍ୟବସ୍ଥା ହୋଇଥିଲା । । ଗ୍ରାମମାନଙ୍କରେ ସଭା ଗଠନ ଏବଂ ଗ୍ରାମୀୟ କଳହ ବିବାଦ ନିଷ୍ପତ୍ତିର ଉଦ୍ୟମ କରାଯାଉଥିଲା; କୃଷି ବଗିଚା କାମ, ବଢ଼େଇକାମ ଓ ଅନ୍ୟାନ୍ୟ କ୍ଷୁଦ୍ର ଶିଳ୍ପରେ ଛାତ୍ରମାନଙ୍କୁ ଲଗାଇ ସେମାନଙ୍କ ଜୀବିକା ଉପାର୍ଜନର ଚେଷ୍ଟା ହେଉଥିଲା । ପଲ୍ଲୀରୁ ମୁଷ୍ଟି ସଂଗ୍ରହ କରାଯାଇଥିଲା । ଶିକ୍ଷା ପ୍ରଣାଳୀକୁ ଜାତିପୂତ ଓ ପଲ୍ଲୀ ଉପଯୋଗୀ କରିବା ଲାଗି ବେଞ୍ଚ ଚୌକି ଛଡ଼ା ଯାଇଥିଲା, ଗଛମୂଳେ ପଢ଼ା ହେଉଥିଲା । ପ୍ରାଚୀନ ଜାଗାଘର ଓ ପୁରୁଣା ମଣ୍ଡପ ଆଦିର ପୁନରୁଦ୍ଧାର ଲାଗି ଯତ୍ନ ଚାଲିଥିଲା । ଗ୍ରାମର ଯୁବକମାନଙ୍କୁ ବ୍ୟାୟାମ କୁସ୍ତି କସରତ ପ୍ରବର୍ତ୍ତନ କରିବାରେ ପରାମର୍ଶ ଦିଆଯାଇଥିଲା ।

Digitized by PPRACHIN, SOA

ଏ ସବୁ କାର୍ଯ୍ୟରେ ସ୍କୁଲର ଛାତ୍ରମାନଙ୍କ ଅଭ୍ୟାସ ଗଢ଼ା ଯାଉଥିଲା । ଦୁଃଖର କଥା ଦୃଢ଼ତା ଓ ନିଷ୍ଠାର ସହିତ ଏ କାର୍ଯ୍ୟମାନ ସ୍ଥାୟୀଭାବରେ ଅଧିକ ଦିନ ଚାଲି ପାରିଲା ନାହିଁ । ଛାତ୍ରମାନଙ୍କୁ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିମନ୍ତେ ପଠାଇବା ଚିନ୍ତା ଯହୁଁ ଯହୁଁ ପ୍ରବଳ ହେଲା, ଏ ସବୁ ଦିଗରୁ କ୍ରମେ ଆସ୍ଥା ଉଦ୍ୟମ ତୁଟିଲା । ସ୍କୁଲକୁ ବିଶ୍ୱବିଦ୍ୟାଳୟ ସାମିଲ କରାଗଲା; ମୁଁ କାଉନ୍‌ସିଲକୁ ଗଲି; ସ୍କୁଲର ସୁଖ୍ୟାତି ଅଧିକ ପ୍ରସାରିତ ହେଲା । ଲାଟ୍ ସାହେବ ଓ ଅନ୍ୟାନ୍ୟ ବଡ଼ ବଡ଼ ଲୋକେ ସ୍କୁଲ ଦେଖିବାକୁ ଆସିଲେ । କ୍ରମେ ଆମ୍ଭମାନଙ୍କ ମୁହିଁ ଉପରକୁ ହେଲା । ଠେଣିକ ବିଶ୍ୱବିଦ୍ୟାଳୟ ପରୀକ୍ଷାରେ ପୁରୀ, କଟକର ଅନ୍ୟାନ୍ୟ ହାଇସ୍କୁଲ ସଙ୍ଗେ ପ୍ରତିଯୋଗିତା କରିବା ଉଦ୍ୟମ ଲାଗିଲା । ଅଲକ୍ଷିତ ଭାବରେ ଆମ୍ଭେମାନେ ପଲ୍ଲୀରୁ ସହର ଆଡ଼କୁ ଚାଲିଲୁ । ଦେଶର ବଡ଼ ବଡ଼ କଥାରେ ଯୋଗ ଦେବାକୁ ଆକୃଷ୍ଟ ହେଲୁ । ସାମାନ୍ୟ ଅକିଞ୍ଚନ ପଲ୍ଲୀ ସେବକରୁ ଉଚ୍ଚ ଉନ୍ନତ ରାଜନୈତିକ ଦେଶ ସେବକ ବନିଲୁ । ଇଂରେଜୀରେ କହିଲେ ପେଟ୍ରିଅଟ ଓ ପଲିଟିସିଆନ୍ ହେଲୁ ଏବଂ ସାଧାରଣ ପେଟ୍ରିଅଟ ଓ ପଲିଟିସି-ଆନ୍‌ର ନୈସର୍ଗିକ ଦୁର୍ବଳତା ଅହଂକାର ଅଭିମାନ କ୍ରମେ ଗ୍ରାସିଲା । ନୈଶ ବିଦ୍ୟାଳୟ, ପାବନ ବିଦ୍ୟାଳୟ, ପୁରାଣ ମଣ୍ଡପ, ଜାଗାଘରୁ ମନ ଛାଡ଼ି କଲେଜ ଆଡ଼କୁ ଅଇଲା । ସତ୍ୟବାଦୀରେ ଇଣ୍ଟରମିଡିଏଟ କଲେଜ କ୍ଲାସ ଖୋଲିବାର ଆଶା ଜାଗିଲା । ସେ ଦିଗରେ ଉଦ୍ୟମ ମଧ୍ୟ ଆରମ୍ଭ ହେଲା । କିନ୍ତୁ କେଜାଣି କାହିଁକି, ଭିତରେ ବେଳେ ବେଳେ ଆଶଙ୍କା ଜନ୍ମୁ ଥାଏ । "ଅତ୍ୟୁଚ୍ଚେ ପତନାୟ" ବୋଲି କୌଣସି କୌଣସି ଘଟନାରେ ଅତର୍କିତ ଭାବରେ ସହକର୍ମୀ ବନ୍ଧୁଙ୍କୁ ସ୍ୱତଃ କହିଥିବାର ଏବେ ମନେ ପଡ଼ୁଛି । ଫଳରେ ଏ ଉଚ୍ଚ ଆକାଂକ୍ଷା ପୂରିଲା ନାହିଁ, କି ମୌଳିକ ଉଦ୍ଦେଶ୍ୟ ସିଦ୍ଧ ହେଲା ନାହିଁ । (୧)

ସତ୍ୟବାଦୀ ସ୍କୁଲ ଓ ନୀଳକଣ୍ଠଙ୍କର ଜୀବନ ଏକ ସୂତ୍ରରେ ଗୁନ୍ଥା ହୋଇଥିଲା । ନୀଳକଣ୍ଠଙ୍କର ଏହାହିଁ ଥିଲା ପ୍ରଥମ ସାଧନାର ପୀଠ । ନୀଳକଣ୍ଠ ଥିଲେ ଉଭୟଚାରୀ—ଆଦର୍ଶ ଓ ବାସ୍ତବ ଉଭୟ କ୍ଷେତ୍ରରେ ସେ ସବ୍ୟସାଚୀର ଭୂମିକା ପାଳନ କରିଥିଲେ । ସତ୍ୟବାଦୀ ସ୍କୁଲର ପ୍ରଧାନ ଶିକ୍ଷକ ପଦ ଛାଡ଼ିବା ପରେ ତାଙ୍କର ବିପୁଳ କର୍ମ ଶକ୍ତିକୁ ସେ ମ୍ଲାନ ହେବାକୁ ଦେଇ

(୧) ଗୋପବନ୍ଧୁ ରଚନାବଳୀ (୧ମ) ପୃ : ୨୦୮—୨୦୯

Digitized by PPRACHIN, SOA

ନ ଥିଲେ । ଚିରଦିନ ପାଇଁ ଏକ ନୀଡ଼ ରଚନା କରିବାକୁ ସେ ନିଜର ଗ୍ରାମ ଆବାସ ସ୍ଥଳୀଟିକୁ ମାର୍ଜିତ ଓ ରୁଚିବନ୍ତ କରିଥିଲେ । ଏହି ପ୍ରସଂଗରେ ଆଉ ଗୋଟିଏ ଦିଗ ମଧ୍ୟ ଲକ୍ଷଣୀୟ । ତାହା ହେଉଛି ନୀଳକଣ୍ଠଙ୍କର ସାହିତ୍ୟ ସାଧନା । ଅବଶ୍ୟ ଏ ଦିଗରେ ନୀଳକଣ୍ଠଙ୍କର ପ୍ରବଣତା ଥିଲା । ମାତ୍ର ଯଥେଷ୍ଟ ଅବସର ନ ଥିଲା । ସେ ବିଧିବଦ୍ଧ ଭାବରେ ସାହିତ୍ୟ ସାଧନା ଆରମ୍ଭ କଲେ ଇଂରେଜୀରୁ ତର୍ଜମା ମାଧ୍ୟମରେ । ପ୍ରତ୍ୟକ୍ଷରେ ଅନୁବାଦ ନ କରି ବିଦେଶୀ ଗ୍ରନ୍ଥର ଭାବଧାରା ଅନୁକରଣ କରି ଅନେକେ ମୌଳିକ ଲେଖକ ସାଜି ଥିଲେ । ବିଶ୍ୱ ସାହିତ୍ୟକୁ ଓଡ଼ିଆ ସାହିତ୍ୟର ସମ୍ପଦୀଭୂତ କରିବା ପ୍ରୟାସରେ ସେ ଅନୁବାଦର ପନ୍ଥା ଫିଟାଇଲେ । ଭିକ୍ଟୋରିଆ ଯୁଗର ଇଂରେଜ କବି ଟେନିସନ୍‌ଙ୍କ 'ପ୍ରିନ୍‌ସେସ୍' କାବ୍ୟଟି ସେ ଅନୁବାଦ କରି 'ପ୍ରଣୟିନୀ' ନାମରେ ଛାପି ଥିଲେ । ଶିକ୍ଷକ ନୀଳକଣ୍ଠଙ୍କ ପ୍ରତିଭା ଯେତେ ଅସାଧାରଣ ହେଉ ପଛକେ ସତ୍ୟବାଦୀ ସ୍କୁଲରେ ତାର ଯଥାର୍ଥ ବିନିଯୋଗ ଘଟି ନ ଥିଲା । ଗୋଦାବରୀଶଙ୍କ ଭାଷାରେ—"ପ୍ରକୃତରେ ସତ୍ୟବାଦୀ ସ୍କୁଲରେ ତାଙ୍କ ଅଗାଧ ପାଣ୍ଡିତ୍ୟ ଲାଗି କ୍ଷେତ୍ର ମିଳୁ ନ ଥିଲା ।" ଯେଉଁ ମହାନଗରୀ କଲିକତା ବିଶ୍ୱବିଦ୍ୟାଳୟର ସେ ଏକଦା ଜଣେ ପ୍ରାକ୍ତନ ଛାତ୍ର ଥିଲେ, ସେଇଠିକି ପୁଣି ଅଧ୍ୟାପକ ଭାବରେ ଫେରି ଗଲେ । ଏ ଥିଲା ତାଙ୍କ ଜୀବନର ଏକ ଅପୂର୍ବ ସୁଯୋଗ ଅତନ୍ଦ୍ର ଜ୍ଞାନ ସାଧନାର ।

ସତ୍ୟବାଦୀର ବିବରଣୀରୁ ଦେଖାଯାଏ ୧୯୧୭ ଖ୍ରୀ: ଅ: ହିଁ ଥିଲା ଏହାର ବିକାଶର ଶ୍ରେଷ୍ଠ କାଳ । ୧୯୧୭ ଏପ୍ରିଲ ୧୭ ତାରିଖରେ ଓଡ଼ିଶା ଓ ବିହାର ଲେଫ୍‌ଟେନାଣ୍ଟ ଗଭର୍ଣ୍ଣର ଏଡ଼ୱାର୍ଡ ଗେଏଟ୍ ଏଇ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ମୁକ୍ତ ଆକାଶତଳେ ଶିକ୍ଷାଦାନ ବ୍ୟବସ୍ଥା ତାଙ୍କୁ ବିଶେଷ ମୁଗ୍ଧ ବରିଥିଲା ଓ ତା' ସଙ୍ଗେ ସଙ୍ଗେ ମୁଗ୍ଧ କରିଥିଲା ଶିକ୍ଷକ-ମାନଙ୍କର ତ୍ୟାଗ ବ୍ରତ । ଗ୍ରାମ ପ୍ରତି ଶିକ୍ଷକ ଓ ଛାତ୍ରମାନଙ୍କର ଆଗ୍ରହ ଏବଂ ଛାତ୍ରମାନଙ୍କର କ୍ରୀଡ଼ା କୌଶଳ ଦେଖି ସେ ମୁଗ୍ଧ ହୋଇଥିଲେ ଓ ବିଦ୍ୟାଳୟରେ ଟେନିସ୍ ଖେଳ ପ୍ରବର୍ତ୍ତନ ପାଇଁ ସେ ପାଞ୍ଚଶହ ଟଙ୍କାର ଏକ ଦାନ ମଞ୍ଜୁର କରିଥିଲେ । ଜୁନ୍ ୨ ତାରିଖ ୧୯୧୭ରେ କଲିକତା ବିଶ୍ୱ-ବିଦ୍ୟାଳୟର କୁଳପତି ସାର୍ ଆଶୁତୋଷ ମୁର୍ଖାଜୀ ମଧ୍ୟ ଏହି ବିଦ୍ୟାଳୟ ପରିଦର୍ଶନ କରିଥିଲେ । ତାଙ୍କ ମତରେ—"ଏମାନଙ୍କର ଆଦର୍ଶ ଉଚ୍ଚ ।

Digitized by PPRACHIN, SOA

ଏଇ ସ୍କୁଲର ପ୍ରବର୍ତ୍ତକମାନେ ସାରା ଦେଶ ଆଗରେ ଏକ ମହତ ଦୃଷ୍ଟାନ୍ତ ସ୍ଥାପନ କରିଅଛନ୍ତି । ସେମାନେ ସଂସ୍କୃତି ଓ ଶୃଙ୍ଖଳାର ମୂଲ୍ୟ ବୁଝନ୍ତି । ମାନସିକ, "ନୈତିକ ଓ ଦୈହିକ ସବୁଦିଗ ପ୍ରତି ଏମାନଙ୍କର ଦୃଷ୍ଟି ପ୍ରସାରିତ । ଏମାନଙ୍କର ଏଇ ସାମାନ୍ୟ ଉଦ୍ୟମ ମହତ୍ତ୍ୱ ସିଦ୍ଧି ଯେ ଆଣି ଦେବ— ଏହା ନିଃସନ୍ଦେହ । ମୋ ଇଚ୍ଛା ଯଥାର୍ଥ ଶିକ୍ଷାଦାନକାରୀ ସତ୍ୟବାଦୀ ଭଳି ଗୋଟିଏ ଗୋଟିଏ ନେଖାଏଁ ବିଦ୍ୟାଳୟ ବଙ୍ଗଳାର ପ୍ରତି ଗ୍ରାମରେ ଗଢ଼ା ଉଠନ୍ତା କି !" ସତ୍ୟବାଦୀ ବନ ବିଦ୍ୟାଳୟ ଏଇପରି ମହତ୍ତ୍ୱ ଓ ପ୍ରଶଂସାର ତୁଙ୍ଗ ଶିଖରକୁ ଉଠିବା ପରେ ତାହାର ବିଲୟ ଆରମ୍ଭ ହେଲା ।

ଏଠି ସତ୍ୟବାଦୀର ପ୍ରାକ୍ତନ ଛାତ୍ର ଅଧ୍ୟାପକ ଚନ୍ଦ୍ରମଣି ଦାଶଂକ ଉକ୍ତି ସ୍ମରଣୀୟ—"ଆଦ୍ୟର ଅନ୍ତ ଥାଏ, ଉତ୍ଥାନର ପତନ ଥାଏ, ଉତ୍ପତ୍ତିର ବିଲୟ ଥାଏ—ଏହା ଏକ ଚିରନ୍ତନ ସତ୍ୟ । ଗୃହଘର ପରିବର୍ତ୍ତେ ସ୍କୁଲପାଇଁ କୋଠାଘର ତିଆରି ହେଲା । ସ୍କୁଲ ଲାଇବ୍ରେରୀ ପୁଣି ଗଢ଼ି ଉଠି ସ୍କୁଲ ତଥା ଶ୍ରେଣୀ ଲାଇବ୍ରେରୀମାନ ଖୋଲି ହେଲା । ସମାଜ ସଂସ୍କାର ରୂପକ 'ନଶ' ଆନ୍ଦୋଳନ ପୂର୍ଣ୍ଣାଙ୍ଗ ହୋଇ ପୂର୍ଣ୍ଣତଃ ଜୟଯୁକ୍ତ ହେଲା । ସତ୍ୟବାଦୀ ସାହିତ୍ୟ ସାଧନାର ଶୀର୍ଷ ସ୍ଥାନ ଅଧିକାର କଲା । ସାରା ଦେଶରେ ସତ୍ୟବାଦୀର ଜୟଗାନ ଉଚ୍ଚାରିତ ହେଲା । ଏହି ପରିପେକ୍ଷୀରେ ସତ୍ୟବାଦୀ ଯୁଗର କବି ଓ ଲେଖକମାନଙ୍କର କୃତିତ୍ୱର ପରାକାଷ୍ଠା ବିଚାରକୁ ଆଣିଲେ ମନେହୁଏ ନୀଳକଣ୍ଠ ହେଉଛନ୍ତି ଏମାନଙ୍କ ମଧ୍ୟରେ ଅଗ୍ରଣୀ । ଏହାଙ୍କର ସାହିତ୍ୟ ସମୁଚ୍ଚ କୋଟୀ ସ୍ପର୍ଶ କରି ଉଜ୍ଜ୍ୱଳ ହୋଇ ରହିଛି, ଗୋଦାବରୀଶ ସତ୍ୟବାଦୀ ଯୁଗର ଜଣେ ପ୍ରତିଭାଶାଳୀ କବି । ସତ୍ୟବାଦୀ ଯୁଗ ବୋଇଲେ କେବଳ ୧୯୦୯ ଠାରୁ ୧୯୨୧ ମସିହା ପର୍ଯ୍ୟନ୍ତ ଏହି ବାର ବର୍ଷର ବୁଝିବାକୁ ହେବ । ଅବଶ୍ୟ ଏହା ମଧ୍ୟରେ ପଣ୍ଡିତ ନୀଳକଣ୍ଠ ହେ: ମା: ପଦରୁ ଅବ୍ୟାହତି ନେବା ପରେ ସ୍କୁଲର ଅଗ୍ରଗତିରେ କେତେକ ବାଧା ଉପୁଜି ଥିଲେ ହେଁ, ସାହିତ୍ୟ ସାଧନା ପ୍ରାୟ ସେହିପରି ଅକ୍ଷୁର୍ଣ୍ଣ ଥିଲା ।"(ମନୀଷୀ ନୀଳକଣ୍ଠ-ପୃ: ୮୨-୮୩)

ଏ ସମ୍ବନ୍ଧରେ ପଣ୍ଡିତ ନୀଳକଣ୍ଠ ଉଲ୍ଲେଖ କରିଛନ୍ତି:—
୧୭-୯-୧୯୧୮ ତାରିଖରେ ଶ୍ରୀଯୁକ୍ତ ଗୋଦାବରୀଶ ମିଶ୍ର ମୋ ଠାରୁ କାର୍ଯ୍ୟଭାର ନେଲେ ।

Digitized by PPRACHIN, SOA

Today afternoon as the Headmaster of the School and superintendent of the Hostel I took charge of the School, the Hostel and the Industrial Department from the former Headmaster and the superintendent Babu Nilakantha Das, M. A.

Satyabadi School
The 17th, Sep. 1918. } Godavaris Misra(୧)

ଏହା ପରେ ସତ୍ୟବାଦୀ ବିଦ୍ୟାଳୟକୁ ହାଇସ୍କୁଲରୁ କଲେଜରେ ପରିଣତ କରିବା ପାଇଁ ଉଦ୍ୟମ ହୋଇଥିଲା ଓ ବସ୍ତୁତଃ ଏଇ କଲେଜ କ୍ଲାସ ଖୋଲିବା ପାଇଁ ଗୃହ ନିର୍ମାଣ ନିମନ୍ତେ ସରକାର କୋଡିଏ ହଜାର ଟଙ୍କା ଏକକାଳୀନ ସାହାଯ୍ୟ ଦେବା ପାଇଁ ସ୍ଥିର କରିଥିଲେ । ନାଗପୁର କଂଗ୍ରେସ ପରେ ୨୨ ଜାନୁୟାରୀ ୧୯୨୧ ମସିହାରେ ଗୋପବନ୍ଧୁ ଏହାକୁ ଅସହଯୋଗ ଆନ୍ଦୋଳନର ଅଙ୍ଗ ରୂପେ ଜାତୀୟ ବିଦ୍ୟାଳୟରେ ପରିଣତ କରିଥିଲେ । ଜାତୀୟ ବିଦ୍ୟାଳୟ ହେବାପରେ ୧୨ଜଣ ଛାତ୍ରଙ୍କୁ ନେଇ ପ୍ରାକ୍‌ଉପାଧି କଲେଜ ଶ୍ରେଣୀ ଖୋଲି ଯାଇଥିଲା । ଛାତ୍ରଙ୍କଠାରୁ କୌଣସି ମାସିକ ଦରମା ନ ନେଇ ଜନସାଧାରଣଙ୍କ ଦାନରେ ଏହି ବିଦ୍ୟାଳୟକୁ ବଞ୍ଚାଇ ରଖିବା ପାଇଁ ଜାନକୀ ନାଥ ବୋଷ, ଜଗବନ୍ଧୁ ସିଂହ, ଗୋବିନ୍ଦ ଚନ୍ଦ୍ର ମିଶ୍ର ଓ କୃପାସିନ୍ଧୁ ମିଶ୍ରଙ୍କୁ ନେଇ ଏକ ସମିତି ଗଠିତ ହୋଇଥିଲା । ଜାନକୀ ନାଥ ବୋଷ ଏହି ସମିତିର ସଭାପତି, ଜଗବନ୍ଧୁ ସିଂହ ସମ୍ପାଦକ, ପ୍ରଧାନ ଅଧ୍ୟାପକ କୃପାସିନ୍ଧୁ ମିଶ୍ର ସହକାରୀ ସମ୍ପାଦକ ଓ ଗୋବିନ୍ଦ ଚନ୍ଦ୍ର ମିଶ୍ର ସଭ୍ୟଥିଲେ । ଏମାନେ ଦେଶବାସୀଙ୍କ ଠାରୁ ଦେଢଲକ୍ଷ ଟଙ୍କାର ଏକ ସ୍ଥାୟୀ ପାଣ୍ଠି ଉଠାଇ ଏଇ ଜାତୀୟ ବିଦ୍ୟାଳୟଟିକୁ ଦୃଢ଼ ଭିତ୍ତିରେ ପ୍ରତିଷ୍ଠା କରିବାକୁ ଚାହିଁଥିଲେ । ଜାତୀୟ ବିଦ୍ୟାଳୟ ହେବାପରେ ୧୯୨୧ ମାର୍ଚ୍ଚ ମାସରେ ମହାତ୍ମାଗାନ୍ଧି ଏହି ବିଦ୍ୟାଳୟ ପରିଦର୍ଶନ କରିଥିଲେ । ୧୩ ଏପ୍ରିଲ୍ ୧୯୨୧ ରେ ଏହି ବିଦ୍ୟାଳୟ ବିଷୟରେ ସେ ନିଜର Young India ପତ୍ରିକାରେ ଏକ ଲେଖା ପ୍ରକାଶ କରିଥିଲେ । ସେ ଲେଖିଥିଲେ, "ଓଡ଼ିଶାରେ ମଧ୍ୟ କର୍ମୀ ଅଛନ୍ତି । ପଣ୍ଡିତ ଗୋପବନ୍ଧୁ ଦାସ ଓ ଆହୁରି

(୧) 'ଆତ୍ମଜୀବନୀ' ପଣ୍ଡିତ ନୀଳକଣ୍ଠ ଦାସ ପୃ-୨୯୩

Digitized by PPRACHIN, SOA

ଅନେକ ନିଃସ୍ୱାର୍ଥପର କର୍ମୀ ସେ ଓ ତାଙ୍କ ସାଥୀମାନେ କେବଳ ଡ଼ାଲି ଭାତ ଖାଇ ରହନ୍ତି । ଏବେ ସେମାନେ କ୍ୱଚିତ୍ ଘିଅ ଖାଆନ୍ତି । ଅସହ ଯୋଗ ପରେ ଏଇ କର୍ମୀମାନେ ମାସିକ ଦରମା ଟ ୧୦ ଙ୍କାକୁ କମାଇ ଦେଇଛନ୍ତି । ଏହିପରି ସତ୍‌କର୍ମୀଙ୍କୁ ଦେନ ବର୍ଷେ ମଧ୍ୟରେ ଯେ ସ୍ୱରାଜଲାଭ ସମ୍ଭବ, ଏପରି ଭାବିବାରେ କିଛି ଆଶ୍ଚର୍ଯ୍ୟର କଥା ନାହିଁ ।

"ପଣ୍ଡିତ ଗୋପବନ୍ଧୁଙ୍କର ଏହି ବିଦ୍ୟାଳୟ ପ୍ରକୃତରେ ଦର୍ଶନୀୟ । ଏହା ସାକ୍ଷୀଗୋପାଳରେ ଅବସ୍ଥିତ । ଏଠାର ଶିକ୍ଷକ ଓ ଛାତ୍ରଙ୍କ ଦେହରେ ମୁଁ ଏକ ପ୍ରୀତିପୂର୍ଣ୍ଣ ଦିନ ଅତିବାହିତ କରିଛି । ମୁକ୍ତ ଆକାଶ ତଳେ ଶିକ୍ଷାଦାନର ଏକ ନିଷ୍ଠାପର ପରୀକ୍ଷା ଏଠି ଚାଲେ । ତେବେ ମନୁଷ୍ୟର ତ୍ୟାଗର ଏକ ସୀମାଅଛି । ଏଠାରେ ଅଧିକାଂଶ କର୍ମୀ ସମାଜର ଦରିଦ୍ରତମ ଶ୍ରେଣୀର ; ଏହା ସେମାନଙ୍କ ପାଖରେ ଏକ ସୁଯୋଗ । ସେମାନେ ଦରିଦ୍ରର ଆବଶ୍ୟକତା ସବୁଠାରୁ ଭଲ ବୁଝିଛନ୍ତି । ତେଣୁ ଦରିଦ୍ର ଭଳି ବଞ୍ଚିବାକୁ ଓ ମରିବାକୁ ସେମାନେ କୃତ ସଙ୍କଳ୍ପ । ସେମାନଙ୍କର ଏକମାତ୍ର ସଙ୍କଳ୍ପ ପଡ଼ୋଶୀମାନଙ୍କ ଅବସ୍ଥାର କିଞ୍ଚିତ୍ ଉନ୍ନତି ସାଧନ କରିବା । ଏଇଭଳି ତ୍ୟାଗବ୍ରତୀ କର୍ମୀମାନଙ୍କ ପକ୍ଷରେ ମଧ୍ୟ ସାଧାରଣଙ୍କଠାରୁ ସାହାଯ୍ୟ ନ ପାଇଲେ କାମକରି ଚାଲିବା ଅସମ୍ଭବ । ଆତ୍ମନିର୍ଭରଶୀଳତା ପାଇଁ ଏମାନେ ଶିଳ୍ପ ଶିକ୍ଷାକୁ ଗୁରୁତ୍ୱ ଦିଅନ୍ତି । ଚରଖା ଓ ତନ୍ତରୁ ଆୟ ହେବାର ସମ୍ଭାବନା ରହିଛି । ତେବେ ଅଳ୍ପ-ବୟସର ବାଳକମାନଙ୍କୁ ଶିକ୍ଷା ଦେବା ଯେଉଁ ଅନୁଷ୍ଠାନର ଲକ୍ଷ୍ୟ, ସେଠାରୁ ଲାଭ ଆଶା କରାଯାଏ ନାହିଁ । ଅଧିକନ୍ତୁ ସେଠାରେ ଅଧିକ ଲଗ୍ନି ପ୍ରୟୋଜନ ।"

—*—

ଆତ୍ମସୁଖେ ମତ୍ତ କେତେ କରନ୍ତିଗରବ
ଧର୍ମ ନାମେ କାମନାର ଭୋଗ ପ୍ରଚୁରଣେ
ବାସନାର ଏ ବିଶ୍ୱାସେ ସତେ କି ସମ୍ଭବ
ପୂର୍ଣ୍ଣ ଉଦରଶନ ତବ ଅନନ୍ତ ବିମାନେ

-ନୀଳକଣ୍ଠ-

Digitized by PPRACHIN, SOA

# କଲିକତା ବିଶ୍ୱବିଦ୍ୟାଳୟରେ ଭାରତୀୟ ଭାଷା ଚର୍ଚ୍ଚା ଓ ଅଧ୍ୟାପନା

ବିଶ୍ୱବିଦ୍ୟାଳୟ ସ୍ତରରେ ଭାରତୀୟ ଭାଷା ଓ ସାହିତ୍ୟର ଅଧ୍ୟୟନ ପାଇଁ କଲିକତା ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବରେ ପ୍ରଥମ ଭାରତୀୟ କୁଳପତି ଗୁରୁଦାସ ବାନାର୍ଜୀ ନିଜର ବକ୍ତବ୍ୟ ରଖିଥିଲେ । (୨୪ଜାନୁୟାରି ୧୮୯୧): 'ଭାରତୀୟ ଭାଷା ଗୁଡ଼ିକୁ ଉତ୍ସାହ ଦେବା କେବଳ ଆକାଂକ୍ଷିତ ନୁହେଁ, ଏକାନ୍ତ ପ୍ରୟୋଜନ ; ଯେଉଁ ଭାଷା ଗୁଡ଼ିକର ବିଶେଷ ସାହିତ୍ୟ ରହିଛି, ସଂସ୍କୃତ ପ୍ରଭୃତି ଶାସ୍ତ୍ରୀୟ ଭାଷାଗୁଡ଼ିକ ସହିତ ସେଗୁଡ଼ିକୁ ବିଶ୍ୱ-ବିଦ୍ୟାଳୟର ପ୍ରତ୍ୟେକ ଶ୍ରେଣୀରେ ସ୍ଥାନ ଦିଆଯିବା ଦରକାର । ମୋର ଦୃଢ଼ ବିଶ୍ୱାସ ଆମ୍ଭେମାନେ କୌଣସି ବିସ୍ତୃତ ଜାତୀୟ ସଂସ୍କୃତି କଳ୍ପନା ପର୍ଯ୍ୟନ୍ତ କରି ପାରିବୁ ନାହିଁ, ଯଦି ଭାରତୀୟ ଭାଷା ମାଧ୍ୟମରେ ସମସ୍ତ ଜ୍ଞାନର ଚର୍ଚ୍ଚା ନ ହୁଏ । ଅତୀତ ଆମକୁ ଏହାହିଁ ଶିକ୍ଷା ଦିଏ । ଆଧୁନିକ ୟୁରୋପୀୟ ଭାଷା ଗୁଡ଼ିକରେ ଜ୍ଞାନ ଚର୍ଚ୍ଚାର ଧାରା ନ ଫିଟିବା ପର୍ଯ୍ୟନ୍ତ ମଧ୍ୟ ଯୁଗର ୟୁରୋପ ଅଜ୍ଞାନର ଅନ୍ଧକାରରେ ପଡ଼ି ରହିଥିଲା ; ଭାରତବର୍ଷର ଆଜି ସେହି ଦଶା । ସମାଜର ଉଚ୍ଚ ସ୍ତରରେ ଅଳ୍ପ କେତେ ଜଣଙ୍କର ହୃଦୟ ଅଳ୍ପ କେତେକଙ୍କ ଭାଷା ମାଧ୍ୟମରେ ଜ୍ଞାନାଲୋକିତ । କିନ୍ତୁ ଚତୁର୍ଦ୍ଦିଗରେ ଘନୀଭୂତ ଏହି ଅଜ୍ଞାନର ଅନ୍ଧକାର ଦୂର କରିବା ଏକାନ୍ତ ଅସମ୍ଭବ ଯଦି ଭାରତୀୟ ଭାଷା ମାଧ୍ୟମରେ ସାଧାରଣ ଜନସମାଜରେ ଏହି ଜ୍ଞାନର ସ୍ରୋତ ପହଞ୍ଚାଇ ଦିଆ ନଯାଏ ।' (୧)

ଏହି ସୂତ୍ର ଧରି ସାର୍ ଆଶୁତୋଷ ମୁଖାର୍ଜୀ ଏ ଦିଗରେ ପ୍ରୟାସ ଆରମ୍ଭ କରିଥିଲେ । ବିଶ୍ୱବିଦ୍ୟାଳୟରେ ଭାରତୀୟ ଭାଷା ଶିକ୍ଷାର ଯୋଜନା ସାର୍ ଆଶୁତୋଷଙ୍କର ଏକ ମହାନ୍ ଅବଦାନ । ଭାରତୀୟ ଭାଷା ଓ ସାହିତ୍ୟକୁ ବିଶ୍ୱବିଦ୍ୟାଳୟ ଶିକ୍ଷାରେ ଯଥାର୍ଥ ସ୍ଥାନ ଦେଲେ ଭାରତର ଜାତୀୟ ଏକତା ଓ ଜାତୀୟ ପୁନର୍ଜାଗରଣ ସମ୍ଭବ ହେବ—ଏହା ଥିଲା ତାଙ୍କର ଦୃଢ଼ ବିଶ୍ୱାସ । ୧୮୯୦ରେ ସେ କଲିକତା ବିଶ୍ୱବିଦ୍ୟାଳୟର ଜଣେ ଫେଲୋ ନିଯୁକ୍ତ ହେବା

(୧) Hundred years of university of Calcutta (1957) P.145-46

Digitized by PPRACHIN, SOA

ପରେ ୧୯୮୧ ମାର୍ଚ୍ଚରେ ପ୍ରଥମେ ବିଶ୍ୱବିଦ୍ୟାଳୟର କର୍ମ ସଚୀବଙ୍କୁ ଏକ ପତ୍ର ଲେଖି ନିଜର ଏହି ପ୍ରସ୍ତାବ ଉପସ୍ଥାପନ କରିଥିଲେ । ସଂସ୍କୃତ ପରୀକ୍ଷାର୍ଥୀମାନେ ସଂସ୍କୃତ ସାହିତ୍ୟ ବିଷୟରେ ନିଜର ଉତ୍ତର ବଙ୍ଗଳା, ହିନ୍ଦୀ ଅଥବା ଓଡ଼ିଆରେ ଦେଇ ପାରିବେ । ସବୁ ପରୀକ୍ଷାରେ ମାତୃଭାଷାକୁ (ଭାରତୀୟଭାଷା) ଯଥାର୍ଥ ସ୍ଥାନ ଦିଆଯିବା ଦରକାର । ଏମ୍.ଏ. ପର୍ଯ୍ୟନ୍ତ ଏହାର ପଠନର ବ୍ୟବସ୍ଥା ହେବା ଦରକାର । ଏହି ବିଷୟଟି ୧୮୯୧ ଜୁଲାଇ ୧୧ ତାରିଖରେ ବିଶ୍ୱବିଦ୍ୟାଳୟ କଳା ବିଭାଗରେ ଆଲୋଚିତ ହୋଇଥିଲା, କିନ୍ତୁ ପ୍ରସ୍ତାବଟି ସପକ୍ଷରେ ମାତ୍ର ୧୧ ଜଣ ଓ ବିପକ୍ଷରେ ୧୭ ଜଣ ମତ ଦେବାରୁ ଏହା ଗୃହୀତ ହୋଇ ପାରି ନ ଥିଲା । ଏହି ପ୍ରସ୍ତାବର ସମର୍ଥନକାରୀଙ୍କ ମଧ୍ୟରେ ସ୍ୱନାମଧନ୍ୟ ଔପନ୍ୟାସିକ ଶ୍ରୀ ବଙ୍କିମଚନ୍ଦ୍ର ଓ ହରପ୍ରସାଦ ଶାସ୍ତ୍ରୀଙ୍କ ନାମ ଉଲ୍ଲେଖ ଯୋଗ୍ୟ, ପ୍ରସ୍ତାବଟି ଗୃହୀତ ହୋଇ ନଥିଲେ ବି କୁଳପତି ଗୁରୁଦାସ ବାନାର୍ଜୀଙ୍କ ପ୍ରସ୍ତାବ କ୍ରମେ ସିଣ୍ଡିକେଟ୍ ଗୋଟିଏ ସ୍ୱତନ୍ତ୍ର କମିଟି ନିଯୁକ୍ତ କରିଥିଲେ ବିଷୟଟିର ସାମଗ୍ରିକ ପରୀକ୍ଷା ପାଇଁ । ବିଶ୍ୱବିଦ୍ୟାଳୟରେ ଭାରତୀୟ ଭାଷା ଗୁଡ଼ିକର ଅଧ୍ୟୟନ ପାଇଁ କି ପ୍ରକାର ପୃଷ୍ଠପୋଷକତା କରାଯାଇ ପାରିବ, ତାହା ସ୍ଥିର କରିବା ଏହି କମିଟିର ଲକ୍ଷ୍ୟ ଥିଲା । (୧) ୧୯୦୨ରେ ନିଯୁକ୍ତ ବିଶ୍ୱବିଦ୍ୟାଳୟ କମିଶନ୍ ଏହି ବିଷୟଟି ପ୍ରତି ଦୃଷ୍ଟି ଆକର୍ଷଣ କରିଥିଲେ ନିମ୍ନ ପ୍ରସ୍ତାବ ମାଧ୍ୟମରେ । ସେଇ ପ୍ରସ୍ତାବ ଗୁଡ଼ିକ ଥିଲା—

୧) ବି. ଏ. ପର୍ଯ୍ୟନ୍ତ ଭାରତୀୟ ଭାଷାକୁ ବାଧ୍ୟତାମୂଳକ କରାଯିବ ।

୨) ଏମ୍ ଏ. ପରୀକ୍ଷାରେ ଇଂରେଜୀ ସହିତ ଭାରତୀୟ ଭାଷାକୁ ସହଯୋଗୀଭାବେ ରଖାଯିବ ।

୩) ବିଶ୍ୱବିଦ୍ୟାଳୟଗୁଡ଼ିକ ନିଜ ପାଣ୍ଠିରୁ ଭାରତୀୟ ଭାଷାରେ ପ୍ରଫେସର ପଦ ସୃଷ୍ଟି କରି ଗବେଷଣାକୁ ଉତ୍ସାହିତ କରିବେ ।

୪) ଭାରତୀୟ ଭାଷାରେ କୌଣସି ଗବେଷଣା ମୂଳକ ଓ ବୈଜ୍ଞାନିକ କାର୍ଯ୍ୟ ପାଇଁ ପୁରସ୍କାରମାନ ଘୋଷଣା କରିବେ ।

ଏହି ସବୁ ପ୍ରସ୍ତାବ ମୂଳରେ ସେ କାଳର ଗଭର୍ଣ୍ଣର ଜେନେରାଲ ଲର୍ଡ଼ କର୍ଜନଙ୍କର ଶୁଭେଚ୍ଛା ଥିଲା । ସାର୍ ଆଶୁତୋଷ ନିଜର ଏହି ପ୍ରୟାସରୁ ତିଳେ ହେଲେ ବିଚଳିତ ହୋଇ ନ ଥିଲେ ।

---

(୧) Hundred years of University of Calcutta (9257) P. 144—288

Digitized by PPRACHIN, SOA

୧୯୦୭ରେ ସାର୍ ଆଶୁତୋଷ କଲିକତା ବିଶ୍ୱବିଦ୍ୟାଳୟର ପ୍ରଥମ କୁଳପତି ହେଲେ । (ପ୍ରଥମ ଥର ସେ ୧୯୦୭ରୁ ୧୯୧୪ ପର୍ଯ୍ୟନ୍ତ ଓ ପରେ ୧୯୨୧ରେ ପୁନଶ୍ଚ ଦ୍ୱିତୀୟ ଥର ପାଇଁ କୁଳପତି ହୋଇଥିଲେ) ତାଙ୍କର ଉଦ୍ୟମରେ କଲିକତା ବିଶ୍ୱବିଦ୍ୟାଳୟ ଭାରତୀୟ ଆତ୍ମାର ମହତ୍ ସାଧନାର ପୀଠ ହୋଇ ଉଠିଥିଲା । ଆଧୁନିକ ଭାରତୀୟ ଭାଷା ଚର୍ଚ୍ଚା ହେଲା ଏହାର ଏକ ପ୍ରଧାନ ଅଙ୍ଗ ; ଏ ଦିଗରେ ପରାଧୀନ ଭାରତ ବର୍ଷରେ ଶାସକ ଶ୍ରେଣୀର ସମସ୍ତ ବାଧା ଅତିକ୍ରମ କରିବାକୁ ଆଶୁତୋଷ ହିଁ ସଫଳ ହୋଇଥିଲେ । ରବୀନ୍ଦ୍ରନାଥଙ୍କ ଭାଷାରେ କହିଲେ . "ଆଶୁତୋଷଙ୍କ କଣ୍ଠରୁ ହିଁ ବାହାରୁଥିଲା ପ୍ରତିଶ୍ରୁତିର ଯାଦୁକରୀ ବାଣୀ । ସେ ଥିଲେ ସାହସୀ ସ୍ୱପ୍ନଦ୍ରଷ୍ଟା । ସ୍ୱପ୍ନ ଦେଖିବାରେ ଦୁଃସାହସ ତାଙ୍କର ଥିଲା । କାରଣ ସଂଗ୍ରାମ ପାଇଁ ତାଙ୍କର ଥିଲା ଅଦମ୍ୟ ଶକ୍ତି ଓ ଜୟଲାଭରେ ଥିଲା ଦୃଢ଼ ବିଶ୍ୱାସ । ତାଙ୍କର ଏ ବଳବତୀ ଇଚ୍ଛା ତାଙ୍କୁ ଲକ୍ଷ୍ୟ ପଥରେ ଆଗେଇ ନେଉଥିଲା । ଅମଲାତାନ୍ତ୍ରିକ ନିଃଷ୍ପ୍ରାଣ କାରଖାନାର ଲୌହଗୁମ୍ଫ ସେ କାଳର ବିଶ୍ୱବିଦ୍ୟାଳୟରେ ଏକ ଜୀବନ୍ତ ହୃଦୟ ସଂଯୋଗ କରିବାର ସ୍ୱପ୍ନକୁ ସେହି କେବଳ ସଫଳ କରିପାରିଥିଲେ ।" (୧)

୧୯୧୭ରେ ଡଃ ଏମ୍. ଇ. ସାଡ୍‌ଲେରଙ୍କ ନେତୃତ୍ୱରେ କଲିକତା ବିଶ୍ୱବିଦ୍ୟାଳୟର ଆବଶ୍ୟକୀୟ ସଂସ୍କାର ଓ ପୁନର୍ଗଠନ ନିମନ୍ତେ ସୁପାରିସ୍ କରିବା ପାଇଁ ଗୋଟିଏ କମିସନ ନିଯୁକ୍ତ ହୋଇଥିଲା । ଏହାର ଅନ୍ୟତମ ସଭ୍ୟ ଥିଲେ ସାର୍ ଆଶୁତୋଷ ମୁଖାର୍ଜୀ । ଏହି ସାଡ୍‌ଲେର କମିସନର ସଭ୍ୟ ଭାବରେ ଆଶୁତୋଷ ଭାରତବର୍ଷର ବିଶିଷ୍ଟ ଶିକ୍ଷାବିତ୍ ଓ ପଣ୍ଡିତମାନଙ୍କ ସହିତ ବିଶ୍ୱବିଦ୍ୟାଳୟ ସ୍ତରରେ ଭାରତୀୟ ଭାଷାଶିକ୍ଷା ପ୍ରସଙ୍ଗରେ ଆଲୋଚନା କରିଥିଲେ । ଏହାପରେ ସେ ଭାରତୀୟ ଭାଷାଗୁଡିକର ଆଡ୍‌ଭାନ୍ସ ଷ୍ଟଡ଼ି ପାଇଁ ଗୋଟିଏ ଯୋଜନା ପ୍ରସ୍ତୁତ କରିଥିଲେ ସେହି ଯୋଜନା ଅନୁସାରେ କଲିକତା ବିଶ୍ୱବିଦ୍ୟାଳୟରେ ବିଭିନ୍ନ ଭାରତୀୟ ଭାଷା ପ୍ରଶିକ୍ଷଣର ବ୍ୟବସ୍ଥା ହୋଇଥିଲା । ୧୯୨୦।୨୧ ବେଳକୁ କଲିକତା ବିଶ୍ୱବିଦ୍ୟାଳୟରେ ବିଭିନ୍ନ ଭାରତୀୟ ଭଷା ଅଧ୍ୟାପନା ପାଇଁ ସତେଇଶ ଜଣ ଅଧ୍ୟାପକ ନିଯୁକ୍ତ ହୋଇ-

(୧) Hundred years of university of Calcutta (1957)
P. 145—146

Digitized by PPRACHIN, SOA

ଥିଲେ । ଭାରତୀୟ ଭାଷା ବିଭାଗରେ ଷାଠିଏ ଜଣ ଛାତ୍ର ଥିଲେ । ଏହି ବିଭାଗରେ ଅସମୀୟା, ଓଡ଼ିଆ, ହିନ୍ଦୀ, ମରାଠି, ଗୁଜରାଟୀ, ତେଲଗୁ, ତାମିଲ, କର୍ଣ୍ଣାଡ଼ ମାଲୟାଲମ, ମୈଥିଳୀ, ସିଂହଳୀ ଓ ପ୍ରାକୃତ ଭାଷା ସାହିତ୍ୟ ଶିକ୍ଷାର ବ୍ୟବସ୍ଥା ଥିଲା ।

୧୯୧୮ରେ ପ୍ରଥମେ ଭାରତୀୟ ଭାଷା ଗୁଡ଼ିକରେ ଆଡ଼୍ଭାନ୍ସ ଷ୍ଟଡ଼ି ପାଇଁ ଆଶୁତୋଷ ଯେଉଁ ଯୋଜନା ପ୍ରସ୍ତୁତ କରିଥିଲେ, ସେ ପ୍ରସଙ୍ଗରେ ଆଶୁତୋଷ ଲେଖିଥିଲେ, "ମହାନ୍ ଭାରତୀୟ ଭାଷା-ସାହିତ୍ୟର ସମୀକ୍ଷାତ୍ମକ ବୈଜ୍ଞାନିକ, ଐତିହାସିକ ଓ ତୁଳନାତ୍ମକ ଅଧ୍ୟୟନର ବିଶେଷ ପ୍ରାଧାନ୍ୟ ବିଷୟରେ ଭାରତୀୟ ପଣ୍ଡିତମାନଙ୍କୁ ବିଶଦ ଯୁକ୍ତିକରି ବୁଝାଇବାର ସମୟ ବହୁଦିନୁ ଅତିକ୍ରାନ୍ତ ହୋଇଛି । ଗତ ବାରବର୍ଷ ହେଲା ଭାରତୀୟ ଭାଷା ଓ ସାହିତ୍ୟ ଗୁଡ଼ିକ ଧାରାବାହିକ ଚର୍ଚ୍ଚା ତଥା ସେଗୁଡ଼ିକର ବିକାଶର ଦାୟିତ୍ୱ ସରକାରୀ ଭାବରେ ଗୋଟିଏ ବିଶ୍ୱବିଦ୍ୟାଳୟ ଉପରେ ନ୍ୟସ୍ତ ହୋଇଛି । ଏହା ଏକ ପରମ ସୌଭାଗ୍ୟ । ବିଶ୍ୱବିଦ୍ୟାଳୟ ଶିକ୍ଷାର ଶେଷ ସୋପାନରେ (ଏମ୍. ଏ. ଶ୍ରେଣୀରେ) ଆଧୁନିକ ଭାରତୀୟ ଭାଷା ଓ ସାହିତ୍ୟକୁ ସ୍ଥାନ ଦେବାକୁ ମୁଁ ବହୁ ଦିନରୁ ମତ ପୋଷଣ କରି ଆସୁଅଛି ।" ବିଶ୍ୱବିଦ୍ୟାଳୟ କମିସନର କାର୍ଯ୍ୟ ପ୍ରସଙ୍ଗରେ ସାରା ଭାରତରେ ବୁଲି ବିଭିନ୍ନ ଶ୍ରେଣୀର ସୁଧୀ ମଣ୍ଡଳୀଙ୍କ ସହ ଆଲୋଚନା ଫଳରେ ଆଶୁତୋଷ ନିଜ ସିଦ୍ଧାନ୍ତର ଯଥାର୍ଥତା ଉପଲବ୍ଧି କରିଥିଲେ । କଲିକତା ବିଶ୍ୱବିଦ୍ୟାଳୟର ତତ୍କାଳୀନ କୁଳପତି ସାର୍ ଦେବ-ପ୍ରସାଦ ସର୍ବାଧିକାରୀଙ୍କ (୧୯୧୬-୧୯୧୮) ସମର୍ଥନ କ୍ରମେ ବିଭିନ୍ନ ଭାରତୀୟ ଭାଷାରେ ଏମ୍. ଏ. ଶ୍ରେଣୀ ଖୋଲିବାର ସିଦ୍ଧାନ୍ତ କରାଗଲା । ମାତ୍ର ଏଥିପାଇଁ ସରକାରଙ୍କଠାରୁ ଅର୍ଥଲାଭ ସମୟ ସାପେକ୍ଷ ଭାବି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଜନସାଧାରଣଙ୍କ ବଦାନ୍ୟତା ଉପରେ ନିର୍ଭର କରିବାକୁ ସୁଗମ ମନେକଲେ ପ୍ରଥମ ବିଶ୍ୱଯୁଦ୍ଧ ପରେ ଭାରତୀୟ ଜାତୀୟ ଜାଗରଣ ବିଶେଷ ଶକ୍ତି ଅର୍ଜନ କରିଥିଲା । ଧନୀ ଦରିଦ୍ର ସମସ୍ତଙ୍କ ମନରେ ଜାତୀୟ ଗୌରବ ଭାବନାର ପ୍ରାଧାନ୍ୟ ଅନୁଭୂତ ହେଉଥିଲା ।

୧୯୦୮ ଖ୍ରୀ: ଅ: ରେ କଲିକତାର ପୁସ୍ତକ ପ୍ରକାଶକ ସୁଧୀର କୁମାର ଲାହିଡ଼ୀଙ୍କ ବାଛିତ କବିତାଗୁଚ୍ଛ (Lahiri's selected poems) ବହିର ସ୍ୱତ୍ୱାଧିକାର (Copy Right) ବିଶ୍ୱବିଦ୍ୟାଳୟକୁ ଦାନ କରିଥିଲେ । ଏହାର

Digitized by PPRACHIN, SOA

ବିଷୟ ଲବ୍ଧ ଅର୍ଥରୁ ଦାତାଙ୍କ ପିତା ରାମତନୁ ଲାହିଡ଼ୀ, ମାତା ଗଙ୍ଗାମଣି ଦେବୀଙ୍କ ନାମରେ ଦୁଇଟି ମେଡ଼ାଲ ପ୍ରଥମେ ଦିଆଯାଇ ଥିଲା । ୧୯୦୯ରେ ସ୍ପଷ୍ଟ ବଙ୍ଗଳାରେ ରାମତନୁ ଲାହିଡ଼ୀ ଶିର୍ଷକ ଫେଲୋ ପଦଟି ବିଶ୍ୱବିଦ୍ୟାଳୟଙ୍କ ଶୁଭ ଦୃଷ୍ଟିରୁ ୧୯୩୨ରେ ପ୍ରଫେସରସିପ୍‌ରେ ପରିଣତ ହୋଇଥିଲା । ସୋନପୁର ମାହାରାଜା ସାର୍ ବୀର ମିତ୍ରୋଦୟ ସିଂହଦେଓ ଧର୍ମନିଧି କେ. ସି. ଆଇ. ଇ. ଓଡ଼ିଆ ସ୍ନାତକୋତ୍ତର ଶ୍ରେଣୀ ପରିଚାଳନା ତଥା ନିଜ ନାମରେ ଓଡ଼ିଆ ଚେୟାର ଖୋଲିବା ପାଇଁ ଅକାତରେ ଅର୍ଥ ସାହାଯ୍ୟ କରିଥିଲେ । ଏହି ପ୍ରସଙ୍ଗରେ ତତ୍‌କାଳୀନ ଭାରତୀୟ ଭାଷା ବିଭାଗର ଅଧ୍ୟାପକ ବିଜୟ ଚନ୍ଦ୍ର ମଜୁମ୍‌ଦାରଙ୍କ ଉକ୍ତି ସ୍ମରଣୀୟ—"କଲିକତା ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର କଳାଶ୍ରେଣୀରେ ଓଡ଼ିଆ ଭାଷାକୁ ଏମ୍. ଏ ପାଠ୍ୟକ୍ରମର ଅନ୍ତର୍ଭୁକ୍ତ କରିବା ପାଇଁ ସୋନ୍‌ପୁର ମହାରାଜା ନିଜ ନାମରେ ଏକ ଅଧ୍ୟାପକ ପଦ ସୃଷ୍ଟି କରି ଅଛନ୍ତି । ମହାରାଜା ଶ୍ରୀ ସାର୍ ବୀର ମିତ୍ରୋଦୟ ସିଂହଦେଓଙ୍କର ଏହି ବଦାନ୍ୟତା ଅନ୍ୟ ସମସ୍ତଙ୍କ ପାଇଁ ଏକ ଦୃଷ୍ଟାନ୍ତ ହୋଇ ରହିବ ଓ ଦେଶବାସୀମାନେ ସତତ ତାଙ୍କର ନାମ କୃତଜ୍ଞତାର ସଙ୍ଗେ ସ୍ମରଣ କରିବେ ।" (୧) କଲିକତା ବିଶ୍ୱବିଦ୍ୟାଳୟରେ ଓଡ଼ିଆ ଚର୍ଚ୍ଚା ଓ ଓଡ଼ିଆ ଅଧ୍ୟାପନା ପ୍ରସଙ୍ଗରେ କୁଳପତି ସାର୍ ଆଶୁତୋଷଙ୍କର ୧୯୨୨ ମସିହାର ସମାବର୍ତ୍ତନ ଉତ୍ସବର ଭାଷଣର କିୟଦଂଶ ମଧ୍ୟ ଏଠାରେ ଉଲ୍ଲେଖ କରାଯାଇ ପାରେ : "ଓଡ଼ିଆ ସାହିତ୍ୟର ପ୍ରତିନିଧି ସ୍ଥାନୀୟ ରଚନାର ସଂଚୟନର ପ୍ରଥମ ଖଣ୍ଡ ପ୍ରକାଶିତ ହୋଇଅଛି । ହିନ୍ଦୀ ତଥା ଅନ୍ୟାନ୍ୟ ଭାଷାରେ ଏହି କାର୍ଯ୍ୟ ଦ୍ରୁତ ଅଗ୍ରଗତି କରୁଅଛି । ଅତ୍ୟନ୍ତ ଆନନ୍ଦର ବିଷୟ ଏହି କାର୍ଯ୍ୟରେ ବିଶ୍ୱବିଦ୍ୟାଳୟକୁ ସାହାଯ୍ୟ କରିବା ପାଇଁ ବହୁ ସଂସ୍କୃତି-ସମ୍ପନ୍ନ ବ୍ୟକ୍ତି ଆଗେଇ ଆସିଛନ୍ତି । ଓଡ଼ିଶାର ଏକ ଦେଶୀୟ ରାଜ୍ୟ ସୋନ୍‌ପୁରର ମହାରାଜା ଓଡ଼ିଆ ସାହିତ୍ୟର ପ୍ରତିନିଧି ସ୍ଥାନୀୟ ରଚନାର ପ୍ରକାଶନର ସମସ୍ତ ବ୍ୟୟ

1) ....in order to make the Oriya Language a subject for the M. A. Examination, the Maharaja has created a chair in his own name in the Post-Graduate Arts Department of the Calcutta University. Preface to T. S. O. L Vol (I).

Digitized by PPRACHIN, SOA

ବହନ କରିଛନ୍ତି ଓ ଓଡ଼ିଆରେ ଗୋଟିଏ ଅଧ୍ୟାପକ ପଦ ପାଇଁ ମଧ୍ୟ ଆବଶ୍ୟକୀୟ ବ୍ୟୟ ବହନ କରିଛନ୍ତି ।"(୧)

ମହାରାଜା ସାର ମିଶ୍ରୋଦୟ ସିଂହଦେଓ ଜୁନ୍ ୧୯୨୦ ଠାରୁ ତିନିବର୍ଷ ପାଇଁ ମାସିକ ଟ୧୫୦-୦୦ କରି ଏକ ନିୟମିତ ଅନୁଦାନ ଓ ପୁନଶ୍ଚ ୧୯୨୫ ରେ ଏକକାଳୀନ ଟ୬୦,୦୦୦-୦୦ ଷାଠିଏ ହଜାର) କଲିକତା ବିଶ୍ୱବିଦ୍ୟାଳୟକୁ ଦେଇଥିଲେ । ଜଣେ ବଙ୍ଗୀୟ ପୁସ୍ତକ ବ୍ୟବସାୟୀଙ୍କର ଯତ୍‌ସାମାନ୍ୟ ଦାନର ଫଳଶ୍ରୁତି ସ୍ୱରୂପ କଲିକତା ବିଶ୍ୱବିଦ୍ୟାଳୟର ରାମତନୁ ଲାହିଡ଼ୀ ପ୍ରଫେସର ପଦ ପ୍ରତିଷ୍ଠିତ ହୋଇଥିଲେ ହେଁ ସାର ମିଶ୍ରୋଦୟଙ୍କ ମହତ୍ ଦାନର କୌଣସି ଫଳଶ୍ରୁତି ବର୍ତ୍ତମାନ ଦେଖିବାକୁ ମିଳେ ନାହିଁ । ଅବଶ୍ୟ ଏବେ ଏ ଦିଗରେ ବିଭିନ୍ନ ମହଲରୁ ଦୃଢ଼ ଦାବୀ ଉତ୍ଥାପିତ ହୋଇଅଛି ଓ ତାହା ପୂରଣ ହେବାର ଆଶା ମଧ୍ୟ ଅଛି ।

[ Appendices, p. 509, (Benefactors) Hundred years of university of Calcutta ]

ମହାରାଜାଙ୍କ ଅର୍ଥାନୁକୂଲ୍ୟରେ ବିଜୟଚନ୍ଦ୍ର ମଜୁମ୍‌ଦାର ତିନି ଖଣ୍ଡରେ ଓଡ଼ିଆ ସାହିତ୍ୟର ପ୍ରତିନିଧି ସ୍ଥାନୀୟ ରଚନାର ଚୟନିକା (Typical Selections from Oriya Literature) ପ୍ରକାଶ କରିଥିଲେ । ଏହି କାର୍ଯ୍ୟରେ ତାଙ୍କର ସହାୟକ ଥିଲେ ପଣ୍ଡିତ ବିନାୟକ ମିଶ୍ର । କିନ୍ତୁ ଏ ଉଭୟେ କେହି ଯଥାର୍ଥରେ ଓଡ଼ିଆ ଭାଷା ଓ ସାହିତ୍ୟରେ ସେପରି ପ୍ରବୀଣ ନ ଥିଲେ । ତେଣୁ ଓଡ଼ିଆରେ ସ୍ନାତକୋତ୍ତର ଶ୍ରେଣୀରେ ଶିକ୍ଷାଦାନ ଆରମ୍ଭ କରିବା ପାଇଁ ଓଡ଼ିଆ ସାହିତ୍ୟର ଯଥାର୍ଥ ଅବଗାହୀ ଜଣେ ପ୍ରବୀଣ ଅଧ୍ୟାପକଙ୍କର ପ୍ରୟୋଜନ ହୋଇଥିଲା । ପୂର୍ବରୁ ବିଶ୍ୱବିଦ୍ୟାଳୟର ତତ୍‌କାଳୀନ କୁଳପତି ଦେବପ୍ରସାଦ ସର୍ବାଧିକାରୀ ଓ ଭାରତୀୟ ଭାଷାର ପୃଷ୍ଠପୋଷକ ଆଶୁତୋଷ ମୁଖାର୍ଜୀ ସତ୍ୟବାଦୀ ବନ ବିଦ୍ୟାଳୟ ପରିଦର୍ଶନ କରି ଉଚ୍ଚମତ ପୋଷଣ କରିଥିଲେ । ଓଡ଼ିଆ ସାହିତ୍ୟରେ ନାନା ସମାଲୋଚନାତ୍ମକ ପ୍ରବନ୍ଧ ରଚନା, ସତ୍ୟବାଦୀ ସାହିତ୍ୟ ପତ୍ରର କାର୍ଯ୍ୟକାରୀ ସଂପାଦନା ମାଧ୍ୟମରେ ନୀଳକଣ୍ଠ ଓଡ଼ିଆ ସାହିତ୍ୟରେ ନିଜର ଗଭୀର ପ୍ରବେଶର ପରିଚୟ ଦେଇ ପାରିଥିଲେ । ୧୯୧୮-୧୯ରେ ସତ୍ୟବାଦୀ ବିଦ୍ୟାଳୟରୁ ନୀଳକଣ୍ଠ କିଛି ପରିମାଣରେ ମୁକ୍ତ

(1) University of Calcutta Convocation Address, vol v) 1915—1923

Digitized by PPRACHIN, SOA

ହୋଇଥିଲେ ୧୯୧୯ରେ ପୁରୀ ଉତ୍ତର ଦୁର୍ଭିକ୍ଷ ରିପୋର୍ଟ ଛାପିବା କାର୍ଯ୍ୟରେ ତାଙ୍କୁ କଲିକତାରେ କିଛିଦିନ ଅତିବାହିତ କରିବାକୁ ପଡ଼ିଥିଲା । ଏହି ଅବସରରେ କଲିକତା ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ସହିତ ଯୋଗାଯୋଗ କରିବା ନୀଳକଣ୍ଠଙ୍କ ପକ୍ଷେ ସମ୍ଭବ ହୋଇଥିଲା । ସାର୍ ଆଶୁତୋଷଙ୍କ ଅନୁରୋଧ କ୍ରମେ ସେପ୍ଟେମ୍ବର ୨୧, ୧୯୨୦ ମସିହାରେ ସେ ଅଧ୍ୟାପକ ପଦରେ ଯୋଗ ଦେଲେ । ଏଇ ପ୍ରସଙ୍ଗରେ ନୀଳକଣ୍ଠଙ୍କ ସ୍ମୃତି ସ୍ମରଣୀୟ; "ସାର୍ ଆଶୁତୋଷ କଲିକତା ବିଶ୍ୱବିଦ୍ୟାଳୟରେ "ଓଡ଼ିଆ ଓ ତୁଳନାତ୍ମକ ଭାଷାତତ୍ତ୍ୱ" ପଢ଼ାଇବା ପାଇଁ ଡକାଇ ନେଲେ । ମୁଁ ସେଇ ବିଷୟରେ ଜଣେ ଛାତ୍ରକୁ ଯୋଗ୍ୟ କରିବା ପର୍ଯ୍ୟନ୍ତ କଲିକତା ବିଶ୍ୱବିଦ୍ୟାଳୟରେ ରହିବାର ପ୍ରତିଶ୍ରୁତି ଦେଲି ଓ ୧୯୨୦ ମସିହା ସେପ୍ଟେମ୍ବର ୨୦ ତାରିଖରୁ ସତ୍ୟବାଦୀ ଛାଡ଼ି କଲିକତା ଗଲି ।" (ନୀଳକଣ୍ଠ ଗ୍ରନ୍ଥାବଳୀ ୧ମ, ପୃ : ୮୬)

ଏଠି ଗୋଟିଏ ବିଷୟ ଉଲ୍ଲେଖନୀୟ ଯେ ନୀଳକଣ୍ଠ ଗୋପବନ୍ଧୁଙ୍କ ସହିତ ଭାର୍ଗବୀ ନଦୀ କୂଳରେ ସରକାରୀ ଚାକିରୀ କରିବେ ନାହିଁ ବୋଲି ସଂକଳ୍ପ କରିଥିବା ସତ୍ତ୍ୱ କଲିକତା ବିଶ୍ୱବିଦ୍ୟାଳୟରେ ଏଇ ଅଧ୍ୟାପକ ପଦ ଗ୍ରହଣ କଲେ କିପରି ? ଦେଶର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଓ ଓଡ଼ିଆ ଭାଷା ତତ୍ତ୍ୱ ସମ୍ବନ୍ଧରେ ଅଧ୍ୟାପନା ନିମନ୍ତେ ଅନ୍ୟ କେହି ଯୋଗ୍ୟ ବ୍ୟକ୍ତି ମିଳି ନଥିବାରୁ ନୀଳକଣ୍ଠଙ୍କୁ ଗୋପବନ୍ଧୁଙ୍କ ପରାମର୍ଶ କ୍ରମେ ଏଇ ପଦ ଗ୍ରହଣ କରିବାକୁ ପଡ଼ିଥିଲା । ନୀଳକଣ୍ଠଙ୍କ ଉକ୍ତି ସ୍ମରଣୀୟ, "୧୯୨୦ ଖ୍ରୀଷ୍ଟାବ୍ଦ ସେପ୍ଟେମ୍ବର ମାସ ବେଳକୁ ମୁଁ ଗୋପବନ୍ଧୁ ବାବୁ ଓ ଅନ୍ୟାନ୍ୟ ସହକର୍ମୀ ଓ ସହଯୋଗୀମାନଙ୍କ ମତାନୁସାରେ ମାତ୍ରକ ଦୁଇବର୍ଷ ପାଇଁ ସତ୍ୟବାଦୀ ଛାଡ଼ି କଲିକତା ବିଶ୍ୱ-ବିଦ୍ୟାଳୟରେ ନୂତନ ହୋଇ ପ୍ରତିଷ୍ଠିତ ହୋଇଥିବା ଓଡ଼ିଆ ଏମ୍. ଏ. ଶ୍ରେଣୀର ଅଧ୍ୟାପକ ରୂପେ କଲିକତା ଯାଇଥିଲି । କଥାଥିଲା, ଠିକ୍ ଦୁଇବର୍ଷରେ ଗୋଟିଏ ଛାତ୍ର ଓଡ଼ିଆରେ ଏମ୍. ଏ. ପାସ୍ କରି ସାରିଲେ ମୁଁ ପୁଣି ସତ୍ୟବାଦୀକୁ ଫେରି ଆସିବି । ସେଥିପାଇଁ ଗୋଟିଏ ଛାତ୍ର ମଧ୍ୟ ଓଡ଼ିଶାରୁ ସେଠାକୁ ନେଇ ଯାଇଥିଲି । ସେ ଠିକ୍ ଦୁଇବର୍ଷରେ ଏମ୍. ଏ. ପାସ କରି ସାରି ଓଡ଼ିଶାରେ ହାଇସ୍କୁଲ ଶିକ୍ଷକ ରୂପେ କାର୍ଯ୍ୟକରି ଏବେ ପ୍ରାୟ ଦୁଇବର୍ଷ ତଳେ ଅବସର ଗ୍ରହଣ କରିଛନ୍ତି । ସେ ହେଉଛନ୍ତି ବିଶ୍ୱନାଥ ପୁରର । ତାଙ୍କ ନାମ ଶ୍ରୀ ଲୋକନାଥ ମହାପାତ୍ର ।"

Digitized by PPRACHIN, SOA

"ସାର୍ ଆଶୁତୋଷଙ୍କ ଡାକରରେ ମୁଁ ଯାଇ କଲିକତା ବିଶ୍ୱ-ବିଦ୍ୟାଳୟରେ ସ୍ନାତକୋତ୍ତର( Post graduate ) ଶ୍ରେଣୀରେ ଅଧ୍ୟାପକ ରୂପେ ଯୋଗଦେଇ ପ୍ରସିଦ୍ଧ ୯ ନମ୍ବର ପଞ୍ଚାନନ ଘୋଷ ଗଳିରେ ଥିବା ବସାରେ ଯାଇ ରହିଲି । ଗୋପବନ୍ଧୁ ବାବୁ ସେତେବେଳକୁ ବିହାର ଓଡ଼ିଶା କାଉନ୍‌ସିଲ ବା ବ୍ୟବସ୍ଥାପକ ସଭାରେ ମେମ୍ବର ଥାନ୍ତି । ସେ ଶେଷଥର ପାଇଁ ସେଇ ସଭାରେ ଯୋଗ ଦେବାକୁ ପାଟନା ଯାଉଥିଲେ । ମୋ' ମନେଅଛି, ସେ ଖାଉଥାନ୍ତି—ମୁଁ ବିଞ୍ଚି ଦେଉଥାଏ । ଏଇ ଅସହଯୋଗ କଥା ପଡ଼ିଲା । ସେତେବେଳକୁ କଂଗ୍ରେସର କଲିକତାରେ ହୋଇଥିବା ବିଶେଷ ଅଧିବେଶନରେ ମହାତ୍ମା ଗାନ୍ଧି ଅସହଯୋଗ ଆନ୍ଦୋଳନ ମଚାଇବାର ସୂଚନା ଦେଇ ସାରି ଥାନ୍ତି । ଗୋପବନ୍ଧୁ ବାବୁ ସେଥିରେ ଯୋଗ ଦେବାର ଏକ ପ୍ରକାର ସ୍ଥିର ମଧ୍ୟ କରି ସାରି ଥାନ୍ତି । ସେ କଥା ପ୍ରସଙ୍ଗରେ ମତେ କହିଲେ, "ମୁଁ ଯାଉଛି ଅସହଯୋଗ ଆନ୍ଦୋଳନରେ ଯୋଗ ଦେବି । ତୁମେ ଯାଅ, ସତ୍ୟବାଦୀ ସ୍କୁଲର ନେତୃତ୍ୱ ଗ୍ରହଣ କରି ସେଇଠାରେ ରହ" । କଥାଟା ମତେ କପରି ଲାଗିଲା । ମୁଁ କହିଲି, "ଜୀବନରେ ସମସ୍ତେ ଏକ ନାଆରେ ବସିଥାଇଁ । ଆଜି ସ୍କୁଲ ଲୋଭ କାହିଁକି ? ଆପଣ ଯାହା କରିବାକୁ ବସୁଛନ୍ତି, ମୁଁ ସେଇଆ କରିବି । ମୋର ଇଚ୍ଛା ଆମେମାନେ ସମସ୍ତେ ସେଇଆ କରିବୁ ।" ଆଉ ଏ ବିଷୟରେ ସେଦିନ ବିଶେଷ କଥା ହେଲା ପରି ମନେ ହେଉ ନାଇ । ସେ ରେଳକୁ ଗଲେ । ପାଟନାରୁ ଫେରି ଆସି ପୁଣି ସତ୍ୟବାଦୀ କେବେ ଓ କପରି ଗଲେ ତା' ମଧ୍ୟ ମୋ ମନେ ହେଉନାଇ" ।

× × ମନେ ହେଉଛି ୭ତାରିଖ ସକାଳୁ ସମ୍ବଲପୁରରେ ଉପସ୍ଥିତ ହେଲୁ । ସମ୍ବଲପୁରର ଭଗୀରଥୀ ମିଶ୍ର ସେତେବେଳେ ଛାତ୍ର ଭାବରେ କଲିକତାରେ ମୋ ସଙ୍ଗେ ଏକ ବସାରେ ଥିଲେ । ତାଙ୍କ ସଙ୍ଗେ ମୋର ବିଚାରରେ ସ୍ଥିର ହେଲା, ତାଙ୍କୁ ଯେମ ମୁଁ ସମ୍ବଲପୁର ଯିବି । ସେଇ ଜିଲ୍ଲାରେ ଅସହଯୋଗ ଆନ୍ଦୋଳନ ଆରମ୍ଭ କରିବି । ଖୁବ୍ ଉତ୍ସାହ ଖେଳିଗଲା, ସଙ୍ଗେ ସଙ୍ଗେ ଗୋପବନ୍ଧୁ ବାବୁଙ୍କୁ ଟେଲିଗ୍ରାମ କରାଗଲା, ଆପଣ ଆସନ୍ତୁ--ସମ୍ବଲପୁର ଯିବା । ସେଇଠାରେ ମୁଁ ଅସହଯୋଗ ଆରମ୍ଭ କରିବି' । ଜାନୁଆରୀ ୫ ତାରିଖ ସନ୍ଧ୍ୟାରେ ଗୋପବନ୍ଧୁ ବାବୁ ଯାଇ କଲିକତାରେ ଆମ ପାଖ ପହଞ୍ଚିଲେ । ଆମେ ତିନିଜଣ ଯାକ ସମ୍ବଲପୁର ବାହାରିଲୁ, ଜାନୁଆରୀ ୬ ତାରିଖ ଦିନ ।"

Digitized by PPRACHIN, SOA

" କଲିକତାରେ ବିଶ୍ୱବିଦ୍ୟାଳୟରେ ସମସ୍ତଙ୍କଠାରୁ ମୁଁ ବିଦାୟ ନେଇ ଗଲାବେଳେ ଗୋଟିଏ ବିଶେଷ କଥା ଆଜି ଜ୍ୱଳନ୍ତ ଭାବେ ମୋ ମନେ ପଡୁଛି । ଏବର ଡକ୍ଟର ରମେଶଚନ୍ଦ୍ର ମଜୁମଦାର ମୋ ସାଙ୍ଗେ ଇତିହାସ ଅଧ୍ୟାପକ ଥିଲେ, ତାଙ୍କର ମୋର ଅତ୍ୟନ୍ତ ଆତ୍ମୀୟତା ଥିଲା । ସେ ମୋର ସାଙ୍ଗେ କଟକରେ ଏନ୍‌ଟ୍ରାନ୍‌ସ ୨ୟ ଶ୍ରେଣୀରେ 'ସେକାଳର ମାଟ୍ରିକ୍ୟୁଲେସନ୍ ୧୦ମ) ପଢ଼ୁଥିଲେ । ଆମେ ଦୁହେଁ ଏକା ସାଙ୍ଗରେ ଏନ୍‌ଟ୍ରାନସ ପାସ କରିଥିଲୁ । କଲିକତାରେ ବି. ଏ. ପରୀକ୍ଷା ଦେଉଥିଲା ବେଳେ ସେ ପ୍ରେସିଡେନ୍‌ସି କଲେଜର ଇଡେନ୍ ହଷ୍ଟେଲରେ ଥିଲେ । ତାଙ୍କ ସଙ୍ଗେ ଖୁବ୍ ଭାବାଭାବ ଥିଲା । ବିଦାୟ ନେଇ ଗଲାବେଳେ ସେ ମତେ କହିଲେ, "ନୀଳକଣ୍ଠ ତୁମେ କ'ଣ ଏ ସବୁ ଛାଡ଼ି ଦେଇ ଯାଉଚ ?" ମୁଁ ଆଉ କିଛି ନ କହି କହିଲି 'ହଁ' । ସେଥିରେ ତାଙ୍କ ଆଖିରୁ ଟପ୍ ଟପ୍ ହୋଇ ଲୁହ ଗଡ଼ିବାର ମୋର ଏବେ ଛିଙ୍କି ମନେ ପଡ଼ୁଚି ।" (ନୀଳକଣ୍ଠ ଗ୍ରନ୍ଥାବଳୀ, ୧ମ, ପୃ : ୧୨୭-୧୨୮)

କଲିକତା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଭାବରେ ନୀଳକଣ୍ଠ ମାତ୍ର ସ୍ୱଳ୍ପକାଳ ରହିଥିଲେ । ତାଙ୍କର ବହୁଳ କର୍ମ ଜୀବନର ଦୀର୍ଘସମୟ ରେଖାରେ ଏହା ହୁଏତ ଏକ କ୍ଷୁଦ୍ର ବିନ୍ଦୁ । କାର୍ଯ୍ୟତଃ ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଫେସର ପଦ ଔପଚାରିକ ଭାବରେ ଅଳଂକୃତ କରିବା ନୀଳକଣ୍ଠଙ୍କ ପକ୍ଷେ ସମ୍ଭବ ହୋଇ ନଥିଲେ ବି ଆତ୍ମିକ ଭାବରେ ସେ ଓଡ଼ିଆ ଭାଷା ଓ ସାହିତ ଚର୍ଚ୍ଚାକୁ ନିଜ ଜୀବନର ଏକ ବ୍ରତ ରୂପେ ଗ୍ରହଣ କରିଥିଲେ । ଜୀବନର ଉଷା କାଳରେ ସାମନ୍ତ ଚନ୍ଦ୍ରଶେଖର, ରାଧାନାଥ, ଫକୀରମୋହନଙ୍କୁ ନେଇ ଚର୍ଚ୍ଚା । ନିବନ୍ଧ ରଚନା ଠାରୁ ଜୀବନର ଶେଷ ଭାଗରେ 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ' ଓ 'ଆତ୍ମଜୀବନୀ' ରଚନା ମଧ୍ୟରେ ଯଥାର୍ଥ ଅଧ୍ୟାପକର ପ୍ରବୁଦ୍ଧ ମାନସିକତାର ପରିଚୟ ସେ ଦେଇଛନ୍ତି । ସେକାଳେ କଲିକତା ବିଶ୍ୱବିଦ୍ୟାଳୟର ନିର୍ଦ୍ଧାରଣ ଅନୁସାରେ ପ୍ରଫେସରଙ୍କର କର୍ତ୍ତବ୍ୟର ଆଭିମୁଖ୍ୟ ଥିଲା ଦ୍ୱିବିଧ । ପ୍ରଥମତଃ ମୌଳିକ ଗବେଷଣା ଦ୍ୱାରା ନିଜ ଅଧୀତବ୍ୟ ବିଷୟରେ ଜ୍ଞାନରାଜ୍ୟର ସୀମା ବିସ୍ତାର କରିବା ଓ ଏହି ଜ୍ଞାନର ବିନିଯୋଗ ଦ୍ୱାରା ଦେଶର ସାମଗ୍ରିକ ବିକାଶରେ ସହାୟକ ହେବା ଦ୍ୱିତୀୟତଃ ଉଚ୍ଚ ଶ୍ରେଣୀରେ ଅଧ୍ୟୟନରତ ଛାତ୍ରମାନଙ୍କ ମନରେ ଗବେଷଣା ପାଇଁ ମନୋଭାବ

Digitized by PPRACHIN, SOA

ସୃଷ୍ଟି କରିବା ଓ ଦିଗ୍‌ଦର୍ଶନ ଦେବା, ଯାହା ଫଳରେ ଆମ ଦେଶର ତରୁଣମାନଙ୍କ ମନରେ ପ୍ରକୃତ ଶିକ୍ଷା ପାଇଁ ଆଗ୍ରହ ସୃଷ୍ଟି ହୋଇ ପାରିବ । (୧)

ଏହି ଆଭିମୁଖ୍ୟ ପୂରଣରେ ନୀଳକଣ୍ଠ ଥିଲେ ସତତ ଉଦ୍ୟମଶୀଳ । ଜୀବନର ଶେଷ ପର୍ଯ୍ୟନ୍ତ ବିଶ୍ୱଭାରତୀ, ଉତ୍କଳ, ଆନ୍ଧ୍ର ବିଭିନ୍ନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଓଡ଼ିଆ ଶିକ୍ଷା ଓ ଉଚ୍ଚତର ଓଡ଼ିଆ ଗବେଷଣା କାର୍ଯ୍ୟ ସହିତ ତାଙ୍କର ସଂଯୋଗ ଥିଲା ନିବିଡ଼ । ଡକ୍ଟରେଟ୍ ନିବନ୍ଧ ଗୁଡ଼ିକର ପରୀକ୍ଷକ ଭାବରେ ସେ ନିଜେ ନାନା ଉପଦେଶ ଓ ନିର୍ଦ୍ଦେଶ ଦେଇ ଗବେଷକମାନଙ୍କର ପଥ ନିର୍ଦ୍ଦେଶ କରୁଥିଲେ । ଚର୍ଯ୍ୟାଗୀତିରୁ ଓଡ଼ିଆ ଭାଷାର ଉତ୍ସ ସନ୍ଧାନ ଓ ଜଗନ୍ନାଥ ଧର୍ମ ସଂସ୍କୃତି ଘେନି ଲିଖିତ ଡକ୍ଟରେଟ୍ ନିବନ୍ଧ ଦୁଇଟିର ସେ ଥିଲେ ନିର୍ଦ୍ଦେଶକ । ଓଡ଼ିଆ ଭାଷା ଓ ସାହିତ୍ୟ ଘେନି ଏକ ଉଚ୍ଚତର ଗବେଷଣା କେନ୍ଦ୍ର ସ୍ଥାପନ ପାଇଁ ସେ ସର୍ବଦା କହୁଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଭାବରେ ଓଡ଼ିଆ ଭାଷା ଓ ସାହିତ୍ୟର ଗବେଷଣା ପାଇଁ ସେ ନାନା ଯୋଜନା କରୁଥିଲେ । କିନ୍ତୁ ରାଜନୀତିର ଘୂର୍ଣ୍ଣିରେ ତାଙ୍କର କଳ୍ପନାକୁ ରୂପଦେବା ସମ୍ଭବ ହୋଇ ନଥିଲା । କାରଣ ମାତ୍ର ଗୋଟିଏ ବର୍ଷ ରହି ସାହିତ୍ୟ ଏକାଡେମୀ ସଭାପତି ପଦରୁ ତାଙ୍କୁ ଅବ୍ୟାହତି ନେବାକୁ ପଡ଼ିଥିଲା । ଯେତେବେଳେ ଯେଉଁ ଭାବରେ ଥାଆନ୍ତୁ ନା କାହିଁକି, ନୀଳକଣ୍ଠ ଥିଲେ ଓଡ଼ିଆ ଭାଷା ଓ ସାହିତ୍ୟର ଯଥାର୍ଥ ତତ୍ତ୍ୱଜ୍ଞ ଓ ବରେଣ୍ୟ ଗବେଷକ ।

---

(୧) (Hundred years of University of Calcutta, P. 236 (1957)

Digitized by PPRACHIN, SOA

# ଭାରତୀୟ ରାଜନୀତି

ଭାରତୀୟ ରାଜନୀତିରେ ପଣ୍ଡିତ ନୀଳକଣ୍ଠଙ୍କ ସ୍ଥାନ ସୁଦୂର ପ୍ରସାରୀ । ୧୯୨୧ରେ ମହାତ୍ମାଗାନ୍ଧିଙ୍କର ଅସହଯୋଗ ଆନ୍ଦୋଳନରେ ଆତ୍ମୋତ୍ସର୍ଗ ଭାବନାରେ ଭାବିତ ହୋଇ ସେ କଲିକତା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ପଦ ପରିତ୍ୟାଗ କରିଥିଲେ । ୧୯୨୨ ରେ ସେ ପ୍ରଥମେ ଏଥିପାଇଁ କାରାବରଣ କରିଥିଲେ । ୧୯୨୩ରେ ଗୋପବନ୍ଧୁଙ୍କର ପରାମର୍ଶରେ ସେ ଗାନ୍ଧିଜୀଙ୍କୁ ସତ୍ୟବାଦୀକୁ ନିମନ୍ତ୍ରଣ କରିଥିଲେ ଓ ଗାନ୍ଧିଜୀଙ୍କ ଗହଣରେ ପଦଯାତ୍ରାରେ ଯୋଗ ଦେଇଥିଲେ । ଏହି ସମୟରେ ସେ ଥିଲେ ଗାନ୍ଧିଜୀଙ୍କର ଏକାନ୍ତ ଅନୁଗାମୀ । ୧୯୨୩ରେ ହଜାରିବାଗ୍ ଜେଲ୍‌ରେ ଆଚାର୍ଯ୍ୟ କୃପାଳନୀ ଓ ରାଜେନ୍ଦ୍ର ପ୍ରସାଦଙ୍କ ଭଳି ତୁଙ୍ଗ ନେତାଙ୍କ ସହିତ ସେ ଏକତ୍ର ଅବସ୍ଥାନ କରି ସଖ୍ୟ ସ୍ଥାପନ କରିଥିଲେ । ମାତ୍ର ନିଜସ୍ୱ ବିଚାର ଧାରାରେ ସେ ସବୁବେଳେ ଥିଲେ ଅଟଳ । ସବୁ ବିଷୟରେ ସେ ଗାନ୍ଧିଜୀଙ୍କ ସହ ଏପରିକି ତାଙ୍କର ବରେଣ୍ୟ ନେତା ଗୋପବନ୍ଧୁଙ୍କ ସହ ଏକମତ ହୋଇ ପାରୁ ନ ଥିଲେ ।

ଖାଲି ଏକମତ ହେଉ ନ ଥିଲେ, ନୁହେଁ—ସେମାନଙ୍କ କରଣୀରେ କେଉଁଠା ଭୁଲ ତାହା ଦେଖାଇବାକୁ ସେ ପାଶ୍ଚାତ୍‌ପଦ ହେଉ ନ ଥିଲେ । ମହାତ୍ମାଗାନ୍ଧି ମଧ୍ୟ ତାହା ଗ୍ରହଣ କରୁଥିଲେ । ୧୯୨୩ରେ ହଜାରିବାଗ ଜେଲରେ ଥିଲାବେଳେ ନୀଳକଣ୍ଠ ସହ ବନ୍ଦୀ ରାଜେନ୍ଦ୍ର ପ୍ରସାଦଙ୍କ ଜରିଆରେ ଗାନ୍ଧିଙ୍କୁ ପରାମର୍ଶ ଦେଇଥିବା କଥା ତାଙ୍କ ଆତ୍ମଜୀବନୀରେ ଦର୍ଶାଇଛନ୍ତି, "ଏତିକି ବେଳେ ରାଜେନ୍ଦ୍ର ପ୍ରସାଦ ମୋତେ ଗାନ୍ଧିଙ୍କ ଗୀତା ପଢ଼ିବାକୁ ଦେଲେ । ମୁଁ ପଢ଼ି ତହିଁ ଆଚ୍ଛାଦନ ଫେରାଇ ଦେଲି । ମୁଁ କହିଲି, "ଏ ଗୀତା ପରେ ଆଉ କ'ଣ 'ବ୍ରହ୍ମସୂତ୍ର' ଓ 'ଉପନିଷଦ୍'ର ଟୀକା କରି ଗାନ୍ଧି 'ପ୍ରସ୍ଥାନତ୍ରୟ' ଧରି ନୂଆ ମତ ପ୍ରଚାର କରିବେ କି ? ତାଙ୍କୁ ମନାକର' । ସେ ଏପରି ନ କରନ୍ତୁ । ବସ୍ତୁତଃ ଗାନ୍ଧିଙ୍କର ବ୍ରହ୍ମସୂତ୍ର ଓ ଉପନିଷଦ୍ ଉପରେ ଆଉ ଟୀକା ରଚିତ ହୋଇ ନାହିଁ ।" (ନୀଳକଣ୍ଠ ଗ୍ରନ୍ଥାବଳୀ-୧ମ ଭାଗ ପୃ.୯୯)

Digitized by PPRACHIN, SOA

ପୁଣି ମହାତ୍ମା ଗାନ୍ଧି ଯେତେବେଳେ ପୁରୀକୁ ଆସିଥିଲେ ଓ ସେଠାରୁ କଟକ ପଦଯାତ୍ରାରେ ଯିବା କଥା ହେଲା, ପଣ୍ଡିତ ନୀଳକଣ୍ଠ ତାଙ୍କୁ କପରି ପରାମର୍ଶ ଦେଇ କହିଥିଲେ, ତାହା ମଧ୍ୟ ତାଙ୍କ 'ଆତ୍ମଜୀବନୀ'ରେ ଲେଖିଛନ୍ତି, —"ମୁଁ ସେତେବେଳେ ତାଙ୍କୁ ଶେଷ ପରାମର୍ଶ ଦେଇଥିଲି—"ଆପଣ ଯିବେ ତ ରେଳ କରି ଯାଆନ୍ତୁ । ସୁବିଧା ଅନୁସାରେ ଅଧେ ରେଳ, ଅଧେ ରେଳରେ ଯିବା ପରାମର୍ଶ ଯେଉଁ ବନ୍ଧୁମାନେ ଦେଉଛନ୍ତି, ସେମାନେ ଠିକ୍ ଦେଉ ନାହାନ୍ତି । ଏ 'ହରିବୁଲ୍' ବ୍ୟବସ୍ଥା ଆପଣ ବନ୍ଦ କରନ୍ତୁ ।" ଗାନ୍ଧି ନିଜେ ଭକ୍ତ ଠିକ୍ କଲେ ପଦଯାତ୍ରାରେ ସେ ଯିବେ । ମୁଁ ସେଠାରୁ ତାଙ୍କ ସଙ୍ଗେ ସଙ୍ଗେ କଟକ ପର୍ଯ୍ୟନ୍ତ ଆସିଥିଲି ।" (ନୀ. ଗ୍ର.—୧ମଭାଗ, ପୃ ୯୪)

'ଉତ୍କଳମଣି' ଉପାଧି ତାଙ୍କ ପାଇଁ 'ହ୍ରସ୍ୱ' ବୋଲି ତାହା ଗ୍ରହଣ ନ କରିବା ପାଇଁ ନୀଳକଣ୍ଠ ଗୋପବନ୍ଧୁଙ୍କୁ ମଧ୍ୟ କହିଥିଲେ । ଅବଶ୍ୟ ଉଦାର ହୃଦୟ ଗୋପବନ୍ଧୁ ଲବ୍ଧ, ଗୁରୁ କମ୍ବା କୌଣସି ଉପାଧିରେ ଆଗ୍ରହୀ ନ ଥିଲେ । ତେଣୁ ଶ୍ରୀଯୁକ୍ତ ପ୍ରଫୁଲଚନ୍ଦ୍ର ରାୟଙ୍କ ପ୍ରଦତ୍ତ 'ଉତ୍କଳମଣି' ଉପାଧି ତାଙ୍କ ନାମରେ ଲାଗି ଗଲା । ସେଇ ପରି ଜେଲରେ ଲେଖିଥିବା ୩ଟି କବିତା ପୁସ୍ତକ ଯେତେବେଳେ ଗୋପବନ୍ଧୁ ନୀଳକଣ୍ଠଙ୍କୁ ଦେଖାଇଥିଲେ, ନୀଳକଣ୍ଠ 'ଧର୍ମପଦ' ପୁସ୍ତକଟି ପୌରାଣିକ ମିଥ୍ୟାରେ ପୂର୍ଣ୍ଣ, ତାହା ଛଡ଼ା 'ଗୋପବନ୍ଧୁ କୃତ 'ଗୋ ମହାତ୍ମ୍ୟ' କଥା ଛାଡ଼ି ତାକୁ ଛପାନ୍ତୁ ନାହିଁ ବୋଲି ଗୋପବନ୍ଧୁଙ୍କୁ କହିଥିଲେ । ନୀଳକଣ୍ଠ ଆତ୍ମଜୀବନୀ' (ନୀ: ଗ୍ର: ୧ମ ଭାଗ ପୃ ୯୬)ରେ ଲେଖିଛନ୍ତି, "ଫଳରେ ଏବେ ଦେଖୁଛି ସେ ଗୁଡ଼ିକ ସବୁ ଛପା ହୋଇଛି।" ଏଥିରୁ ଗୋପବନ୍ଧୁ ତାଙ୍କ ପରାମର୍ଶ ଗ୍ରହଣ କରିଥିବା ସ୍ପଷ୍ଟ ।

ଗାନ୍ଧିଜୀଙ୍କର ଅସହଯୋଗ ଆନ୍ଦୋଳନ ଥିଲା ସ୍ୱଳ୍ପକାଳସ୍ଥାୟୀ । ୧୯୨୧ ରେ ଏହା ଆରମ୍ଭ ହେଲା । ମାତ୍ର ୧୯୨୨ ଫେବୃୟାରୀ ୫ ତାରିଖରେ ଯୁକ୍ତ ପ୍ରଦେଶରେ ଚୌରୀଚୌରା ପୋଲିସ ଥାନାରେ ଘଟିଥିବା ହିଂସା-କାଣ୍ଡର ପ୍ରତିବାଦ ସ୍ୱରୂପ ଗାନ୍ଧିଜୀ ଅସହଯୋଗ ଆନ୍ଦୋଳନର ପରିସମାପ୍ତି ଘୋଷଣା କରିଥିଲେ, ଫେବୃୟାରୀ ବାର ତାରିଖରେ ଆହୂତ କଂଗ୍ରେସ କାର୍ଯ୍ୟକାରୀ କମିଟିର ଏକ ଅଧିବେଶନରେ । ଏଥିରେ ସାରା ଦେଶରେ ଏକ ତୁମୁଳ ଝଡ଼ ଉଠିଥିଲା । ସ୍ୱରାଜ୍ୟ ନିଶ୍ଚୟ ହେବ ଓ ଏହା ବର୍ଷକ ମଧ୍ୟରେ ହେବ ଏ ବିଶ୍ୱାସର ମୂଳଦୁଆ ଦୋହଲି ଯାଇଥିଲା । ନିଜର ଅହିଂସା ନୀତି ଉପରେ

Digitized by PPRACHIN, SOA

ଗାନ୍ଧିଜୀ ଥିଲେ ଦୃଢ଼ । ଏହି ଅହିଂସା ନୀତିର ସାମାନ୍ୟ ବ୍ୟତିକ୍ରମ ତାଙ୍କୁ ବିଚଳିତ କରିଥିଲା । ଅସହଯୋଗ ଆନ୍ଦୋଳନ ପରିବର୍ତ୍ତେ ପ୍ରଥମେ ଦେଶ ଗଠନ କାର୍ଯ୍ୟରେ ବ୍ରତୀ ହେବା ପାଇଁ ଗାନ୍ଧିଜୀଙ୍କ ନିର୍ଦ୍ଦେଶରେ କଂଗ୍ରେସ ନୂତନ ନୀତି ଘୋଷଣା କଲା ଏଇ ଫେବୃୟାରୀ ଚବିଶ ତାରିଖରେ । ଜନସାଧାରଣଙ୍କ ମଧ୍ୟରେ ଚରଖାର ପ୍ରସାର, ଜାତୀୟ ବିଦ୍ୟାଳୟମାନ ପ୍ରତିଷ୍ଠା, ଶ୍ରମଭିତ୍ତିକ ଓ ମୌଳିକ ଶିକ୍ଷାର ପ୍ରଚାର ଓ ପ୍ରସାର, ସମସ୍ତ ପ୍ରକାର ମାଦକଦ୍ରବ୍ୟ ବର୍ଜନ ଥିଲା ଏହାର ମୂଳମନ୍ତ୍ର । ସେଥି ସଙ୍ଗେ ବ୍ୟକ୍ତିଗତ ଆଇନ ଅମାନ୍ୟ ଆନ୍ଦୋଳନ ପାଇଁ ପ୍ରାଦେଶିକ କଂଗ୍ରେସ କମିଟିର ଅନୁମୋଦନରେ ବ୍ୟକ୍ତି ବିଶେଷଙ୍କୁ ସୁଯୋଗ ଦିଆଗଲା । ଯେଉଁ କଂଗ୍ରେସ କର୍ମୀମାନେ ପ୍ରଥମ ଅସହଯୋଗ ଆନ୍ଦୋଳନରେ ଯୋଗଦେଇ କାରାବରଣ କରିଥିଲେ, ସେମାନେ ହତୋଦ୍ୟମ ହୋଇ ପଡ଼ିଥିଲେ । ଇଂରେଜ ଶାସନ ବିରୁଦ୍ଧରେ ଦେଶବ୍ୟାପୀ ଆନ୍ଦୋଳନର ଜୁଆରରେ ଯେପରି କି ଭଟ୍ଟା ପଡ଼ିଯାଇଥିଲା । ଇଂରେଜ ସରକାରଙ୍କ ମନରୁ ଭାରତୀୟ ସ୍ୱାଧୀନତା ଆନ୍ଦୋଳନର ଉଗ୍ର ବିସ୍ଫୋରଣର ସମସ୍ତ ଆଶଙ୍କା ଦୂରୀଭୂତ ହୋଇଥିଲା । ସେମାନେ ଅନାୟାସରେ ଗାନ୍ଧିଜୀଙ୍କୁ ମଧ୍ୟ ମାର୍ଚ୍ଚ ଦଶ ତାରିଖରେ କାରାରୁଦ୍ଧ କରିଥିଲେ । ଗାନ୍ଧୀଜୀ କାରାରୁଦ୍ଧ ହେବା ସଙ୍ଗେ ସଙ୍ଗେ ଅବଶ୍ୟ ବହୁ ବିଶିଷ୍ଟ ଜନନେତା ବ୍ୟକ୍ତିଗତ ଆଇନ ଅମାନ୍ୟ ଆନ୍ଦୋଳନ ପାଇଁ କାରାରୁଦ୍ଧ ହେଲେ । ଓଡ଼ିଶାରୁ ପଣ୍ଡିତ ଗୋପବନ୍ଧୁ ଓ ପଣ୍ଡିତ ନୀଳକଣ୍ଠ ପ୍ରଭୃତି ମଧ୍ୟ କାରାବରଣ କଲେ । ଏହାକୁ ବିଶେଷ ଗୁରୁତ୍ୱ ନ ଦେଇ ୧୯୧୯ରେ ଶାସନ ବିଧାନ ଅନୁସାରେ ସାରା ଦେଶରେ କେନ୍ଦ୍ର ଆସେମ୍ବ୍ଲି ପାଇଁ ନିର୍ବାଚନର ପ୍ରସ୍ତୁତ ଘୋଷଣା ହୋଇଥିଲା । ଏପରି ପରିସ୍ଥିତିରେ ୧୯୧୯ ଅମୃତସର କଂଗ୍ରେସରେ ଯେଉଁ କଂଗ୍ରେସ ଇଂରେଜଙ୍କ ଶାସନ ସଂସ୍କାରର ପୂର୍ଣ୍ଣ ବିରୋଧ କରି ସ୍ୱରାଜ୍ୟ ଦାବି କରୁଥିଲା । ତାହା ଦ୍ୱିଧା ବିଭକ୍ତ ହୋଇଗଲା Pro-changer ଏବଂ No changer । ୧୯୨୩ର ଲକ୍ଷ୍ନୌ କଂଗ୍ରେସରେ କଂଗ୍ରେସର କର୍ତ୍ତବ୍ୟ ସ୍ଥିର କରିବା ପାଇଁ ଏକ ସ୍ୱତନ୍ତ୍ର କମିଟି ନିଯୁକ୍ତ ହେଲା । ସାରା ଦେଶ ଭ୍ରମଣ କରି ଦେଶର ପରିସ୍ଥିତି ତଥା ବିଭିନ୍ନ ଅଞ୍ଚଳର କଂଗ୍ରେସ ନେତା ଓ କର୍ମୀମାନଙ୍କର ମତାମତ ଭିତ୍ତିରେ ଏକ ସିଦ୍ଧାନ୍ତରେ ପହଞ୍ଚିବା ପାଇଁ କଂଗ୍ରେସ ଛଅଜଣ ସଭ୍ୟଙ୍କୁ ନେଇ ଏକ କମିଟି ନିଯୁକ୍ତ କଲେ । ମାତ୍ର ଏହି କମିଟି ଏକ ନିର୍ଦ୍ଦିଷ୍ଟ ସିଦ୍ଧାନ୍ତରେ ପହଞ୍ଚି

Digitized by PPRACHIN, SOA

ପାରିଲା ନାହିଁ । ଏହି କମିଟିର ତିନିଜଣ ସଭ୍ୟ ଚକ୍ରବର୍ତ୍ତୀ ରାଜଗୋପାଳ ଗ୍ରୀ, ମୌଲାନା ଆନ୍‌ସାରୀ ଓ କେ. ଆର୍. ଆଏଙ୍ଗାର କୌଣସି ପରିବର୍ତ୍ତନ ଚାହୁଁ ନ ଥିଲେ, ସେମାନେ ଥିଲେ No-changer । କିନ୍ତୁ ଅନ୍ୟ ପକ୍ଷରେ ମୋତିଲାଲ ନେହେରୁ, ହାକିମ୍ ଆଜ୍‌ମଲ ଖାଁ ଓ ବିଠୋଲଭାଇ ପଟେଲ ଅସହଯୋଗ ସମ୍ବନ୍ଧରେ ନୀତିଗତ ପରିବର୍ତ୍ତନର ପକ୍ଷପାତୀ ଥିଲେ । ଏମାନଙ୍କ ମତ ଥିଲା କଂଗ୍ରେସ ନିର୍ବାଚନରେ ଯୋଗ ଦେଇ ଆସେମ୍ବ୍ଲିକୁ ଯିବା ପ୍ରୟୋଜନ ଓ ସରକାରୀ ଅମଲାତନ୍ତ୍ରର ଏକଚ୍ଛତ୍ର କର୍ତ୍ତୃତ୍ୱ ବିରୁଦ୍ଧରେ ଦୃଢ଼ ପ୍ରତିବାଦ କରିବା ଆବଶ୍ୟକ । ଏଇମାନଙ୍କୁ କୁହାଯାଉଥିଲା Pro-changer । ଏକ ଦିଗରେ ଚିତ୍ତରଞ୍ଜନ ଦାସ ଓ ମୋତିଲାଲ ନେହେରୁ ଓ ଅନ୍ୟ ଦିଗରେ ରାଜଗୋପାଳାଚାରୀ ଓ ରାଜେନ୍ଦ୍ର ପ୍ରସାଦ ଯଥାକ୍ରମେ ପରିବର୍ତ୍ତନର ପକ୍ଷପାତୀ ଓ ପରିବର୍ତ୍ତନର ବିରୋଧୀ ପକ୍ଷଙ୍କ ନେତୃତ୍ୱ ନେଇଥିଲେ । ପରିଶେଷରେ କଂଗ୍ରେସର ସାଧାରଣ ସଭାରେ ଏଇ ପ୍ରସଙ୍ଗରେ ମତଦ୍ୱୈଧ ଚରମ ଆକାର ଧାରଣ କରିଥିଲା । ଚିତ୍ତରଞ୍ଜନ ଦାସ ଥିଲେ କଂଗ୍ରେସର ସଭାପତି ଓ ପରିବର୍ତ୍ତନର ପକ୍ଷପାତୀ ତଥା ସମର୍ଥକ । ତଥାପି ଏଇ ପ୍ରସ୍ତାବ ସପକ୍ଷରେ ମାତ୍ର ୮୯୦ଟି ଓ ବିପକ୍ଷରେ ୧୭୦୮ଟି ଭୋଟ ଉଠିଥିଲା । ତେଣୁ ଚିତ୍ତରଞ୍ଜନ ଦାସ କଂଗ୍ରେସ ସଭାପତି ପଦରୁ ତଥା ମୋତିଲାଲ ନେହେରୁ କଂଗ୍ରେସର ସମ୍ପାଦକ ପଦରୁ ଇସ୍ତଫା ଦେଇଦେଲେ ଓ ସଙ୍ଗେ ସଙ୍ଗେ ନିଜ ମତରେ ଅଟଳ ବିଶ୍ୱାସ ଥିବାରୁ ସେମାନେ ନିଜ ମତକୁ କାର୍ଯ୍ୟକାରୀ କରାଇବା ପାଇଁ ପହିଲା ଜାନୁୟାରୀ ୧୯୨୩ରେ 'ସ୍ୱରାଜ୍ୟଦଳ' ନାମରେ ଏକ ସ୍ୱତନ୍ତ୍ର ଦଳ ଗଠନ କରିଥିଲେ । ୧୯୨୩ ସେପ୍‌ଟେମ୍ବର ମାସରେ ମୌଲାନା ଆବୁଲ କାଲାମ୍ ଆଜାଦ୍‌ଙ୍କ ସଭାପତିତ୍ୱରେ ଦିଲ୍ଲୀରେ କଂଗ୍ରେସର ଏକ ସ୍ୱତନ୍ତ୍ର ଅଧିବେଶନରେ ଏଇ ଦୁଇ ଦଳଙ୍କ ମଧ୍ୟରେ ଏକ ଆପୋସ ବୁଝାମଣାର ପ୍ରୟାସ ସଫଳ ହେଲା ଓ ଯେଉଁମାନଙ୍କର ଆସେମ୍ବ୍ଲିରେ ପ୍ରବେଶ ପାଇଁ କୌଣସି ପ୍ରକାର ବିବେକସମ୍ମତ ବିରୋଧ ନାହିଁ, ସେମାନେ ଇଚ୍ଛାକଲେ ନିର୍ବାଚନରେ ଅଂଶ ଗ୍ରହଣ କରିବାର ସ୍ୱାଧୀନତା ସ୍ୱୀକୃତ ହେଲା । ଆସେମ୍ବ୍ଲି ନିର୍ବାଚନ ବିରୁଦ୍ଧରେ କଂଗ୍ରେସ ସମସ୍ତ ବିରୋଧ ପ୍ରତ୍ୟାହାର କରିନେଲା ଓ ସକଳ କର୍ମୀଙ୍କୁ ଗଠନମୂଳକ କାର୍ଯ୍ୟକ୍ରମକୁ ଅଧିକ ସକ୍ରିୟ ଓ ବଳିଷ୍ଠ କରିବା ପାଇଁ ଆହ୍ୱାନ ଦେଲା । ଏଇ ପରିସ୍ଥିତିରେ ହଜାରିବାଗ ଜେଲରୁ ମୁକ୍ତ ହୋଇ ଆସି

Digitized by PPRACHIN, SOA

ମାଳକଣ୍ଠ ନିର୍ବାଚନର ରାଜନୀତିରେ ଯୋଗ ଦେଲେ । ମାଳକଣ୍ଠଙ୍କ ନିଜସ୍ୱ ଉକ୍ତି ଏଠାରେ ସ୍ମରଣୀୟ—"୧୯୨୩ ରେ ଗୋପବନ୍ଧୁଙ୍କ ସଙ୍ଗେ ହଜାରିବାଗ୍ ଜେଲରେ ଥିବାବେଳେ ଏଇ ଆସେମ୍ବ୍ଲିକୁ ଯିବାପାଇଁ ତାଙ୍କ ଅନୁମତି ନେଇ ଥିଲି । ସେ ସ୍ପଷ୍ଟ କହିଲେ ତୁମେ ଏଇ ପ୍ରୋଗ୍ରାମର ଦଳରେ ସି. ଆର. ଦାସଙ୍କ ସହିତ ଯୋଗଦିଅ ।" (ମା. ଗ୍ର. ୧ଭାଗ, ପୃ-୧୨୧) । ଏହି ପ୍ରସଙ୍ଗରେ ସେ ସମୟର କଂଗ୍ରେସର ଅନ୍ୟ ଜଣେ ତରୁଣ କର୍ମୀ ମହତାବ୍‌ଙ୍କର ଉକ୍ତି ମଧ୍ୟ ସ୍ମରଣୀୟ—"ସେହିଦିନ ଜେଲରୁ ପଣ୍ଡିତ ମାଳକଣ୍ଠ ମୁକ୍ତ ହୋଇଥାନ୍ତି ; ଆମେ ଦୁହେଁଯାକ ଏକା ସଙ୍ଗରେ ଆସିଲୁ । ତାଙ୍କଠାରୁ ଉତ୍ସାହ ପାଇଲି ପରି କଥା କିଛି ମୁଁ ଶୁଣି ନଥିଲି । ଗାନ୍ଧୀଜୀ ଓ ତାଙ୍କ ନୀତି ବିରୁଦ୍ଧରେ ତୀବ୍ର ସମାଲୋଚନା ମୁଁ ପ୍ରଥମେ ମାଳକଣ୍ଠ ବାବୁଙ୍କ ଠାରୁ ଶୁଣିଲି ।"(୧)

ଦେଶର ସ୍ୱାଧୀନତା ଲାଭ ପାଇଁ ଜନ ଆନ୍ଦୋଳନ ଓ ବିଧାନସଭା ଜରିଆରେ ଆନ୍ଦୋଳନ ଭଳି ଦୁଇଟି ମତଧାରା ପ୍ରକାଶ ପାଉଥିଲା । ବିଧାନସଭା ମାଧ୍ୟମରେ ସ୍ୱାଧୀନତା ସଂଗ୍ରାମ ପାଇଁ ଚିତ୍ତରଞ୍ଜନ ଦାସଙ୍କ ଅଧିନାୟକତ୍ୱରେ କଂଗ୍ରେସର ସ୍ୱରାଜ ଦଳ ଗଠିତ ହୋଇଥିଲା । ଗୋପବନ୍ଧୁଙ୍କ ଅନୁମୋଦନ କ୍ରମେ ମାଳକଣ୍ଠ ଏହି ସ୍ୱରାଜ ଦଳରେ ଯୋଗଦେଲେ । ୧୯୧୯ ଭାରତ ଶାସନ ଆଇନ ଅନୁସାରେ ନଭେମ୍ବର ୧୯୨୩ରେ କେନ୍ଦ୍ର ଲେଜିସ୍‌ଲେଟିଭ ଆସେମ୍ବ୍ଲି ପାଇଁ ନିର୍ବାଚନ ଅନୁଷ୍ଠିତ ହେଲା । ମାଳକଣ୍ଠ ଏହି ନିର୍ବାଚନରେ ଜୟଯୁକ୍ତ ହୋଇ ୧୯୨୪ ଜାନୁୟାରୀରେ ପ୍ରଥମେ କେନ୍ଦ୍ର ଆସେମ୍ବ୍ଲିରେ ପ୍ରବେଶ କରି ଥିଲେ । ଏହି ଆସେମ୍ବ୍ଲିର ୧୦୪ଜଣ ସଭ୍ୟଙ୍କ ମଧ୍ୟରେ ୪୨ ଜଣ ଥିଲେ ଆଇନ୍‌ଜୀବୀ, ୨୭ ଜଣ ଥିଲେ ଭୂମ୍ୟାଧିକାରୀ, ୧୭ଜଣ ବ୍ୟବସାୟୀ ଓ ଅନ୍ୟ-ମାନେ ବିଭିନ୍ନ ପେଶାର ଲୋକ । ଏକମାତ୍ର ମାଳକଣ୍ଠ ଥିଲେ ଅଧ୍ୟାପକ । ତେଣୁ ଜଣେ ବୁଦ୍ଧିଜୀବୀ ଭାବରେ ସେ ବିଶେଷ ସମ୍ମାନ ଓ ଶ୍ରଦ୍ଧାର ଅଧିକାରୀ ହୋଇ ଥିଲେ । ଏହି ସମୟରେ ମାଳକଣ୍ଠ ଦିଲ୍ଲୀ ବିଶ୍ୱବିଦ୍ୟାଳୟ କାଉନ୍‌ସିଲର ସଭ୍ୟ ଥିଲେ । ବିଧାୟକ ସଭାର ନେତା ପଣ୍ଡିତ ମୋତିଲାଲ ନେହେରୁ ୧୯୨୪ ମସିହାରେ ପଣ୍ଡିତ ମାଳକଣ୍ଠଙ୍କୁ ଦଳର ଅନ୍ୟତମ ସମ୍ପାଦକ ରୂପେ ମନୋନୀତ କରିଥିଲେ । ପରକାଳରେ ମଧ୍ୟ ୧୯୩୫ରେ ଶ୍ରୀଯୁକ୍ତ ବୁଲାଭାଇ ଦେଶାଇ ଏଇ ସଭାର ନେତା ନିର୍ବାଚିତ ହୁଅନ୍ତେ, ସେ ମଧ୍ୟ ପଣ୍ଡିତ ମାଳକଣ୍ଠଙ୍କୁ ଏଇ

୧ । (ହରେକୃଷ୍ଣ ମହତାବ-ସାଧନା ପଥେ, ପୃ-୮୭, ୧୯୭୨)

Digitized by PPRACHIN, SOA

ଉପରେ ଅଧିରୂଢ଼ କରାଇ ଥିଲେ । ତା ବ୍ୟତୀତ କେନ୍ଦ୍ର ବିଧାନସଭାରେ ପଣ୍ଡିତ ନୀଳକଣ୍ଠଙ୍କର ସ୍ଥାନ କେତେ ଗୁରୁତ୍ୱପୂର୍ଣ୍ଣ ଥିଲା ତାର ସୂଚନା ତାଙ୍କର ବକ୍ତୃତା ଗୁଡ଼ିକରୁ ମଧ୍ୟ ମିଳିଥାଏ । ଏବେ ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି ପକ୍ଷରୁ ସେ ବକ୍ତୃତା ଗୁଡ଼ିକର ସଂକଳନର ଉଦ୍ୟମ ହେଉଛି । ତାଙ୍କର ସମସ୍ତ ବକ୍ତୃତା ଆମ ହାତରେ ନାହିଁ । ଏଠି ୧୯୨୯ ରେ ଲୁଣକର ଓ ସାଧାରଣ ନିରାପତ୍ତା ଆଇନ ବିରୁଦ୍ଧରେ ଦେଇଥିବା ବକ୍ତୃତାର କେତେକ ଅଂଶ ଉଦ୍ଧାର କରାଗଲା । ବିଷୟ ବସ୍ତୁଟିର ଗୁରୁତ୍ୱ ଏବେ ସେତେ ଭାବରେ ଉପଲବ୍ଧି କରାଯାଇ ନ ପାରିଲେହେଁ ତହିଁରୁ ନୀଳକଣ୍ଠଙ୍କର ଜ୍ଞାନ, ଗବେଷଣାର ବୈଶିଷ୍ଟ୍ୟ ତଥା ତାଙ୍କ ଭୂୟୋଦର୍ଶନର ଯଥେଷ୍ଟ ପ୍ରମାଣ ମିଳି ପାରିବ ।

ରାଜନୀତିଜ୍ଞ ଭାବରେ ନୀଳକଣ୍ଠ ଥିଲେ ଏକାନ୍ତ ଆଦର୍ଶବାଦୀ, ସେ ନିଜର ଭାବାଦର୍ଶକୁ କାର୍ଯ୍ୟରେ ପରିଣତ କରିବା ପାଇଁ ଗୋପନରେ କିଛି କରୁନଥିଲେ ଓ ପ୍ରୟୋଜନ ବୋଧରେ ଦଳର ତୁଙ୍ଗ ନେତାମାନଙ୍କ ବିରୁଦ୍ଧରେ ନିର୍ଭୀକ ଭାବରେ ସ୍ୱର ଉତ୍ତୋଳନ କରୁଥିଲେ । ୧୯୨୦ ପରେ ଯେପରି ବିଧାନସଭାରେ ପ୍ରବେଶ ଓ ତାର ବିରୋଧ ଯୋଗ କଂଗ୍ରେସରେ ମତ-ଭେଦ ପ୍ରକାଶ ପାଇଥିଲା, ୧୯୩୦ ପରେ ଅର୍ଥନୈତିକ ଦୃଷ୍ଟିକୋଣରୁ କଂଗ୍ରେସ ମଧ୍ୟରେ ସେହିପରି ମତଭେଦ ପ୍ରକାଶ ପାଇଥିଲା । ଏମାନଙ୍କ ମଧ୍ୟରେ ଭିନ୍ନଧାରାର ଲୋକ ଥିଲେ । କେତେ ଥିଲେ ମୌଳିକ ପରିବର୍ତ୍ତନବାଦୀ ତଥା ଜାତୀୟତାବାଦୀ ଓ ଆଉ କେତେକ ଥିଲେ ସାମ୍ୟବାଦୀ, ଅନ୍ୟମାନେ ଉଦାରପନ୍ଥୀ । ନୀଳକଣ୍ଠ ମୌଳିକ ଭାରତୀୟ ଆଦର୍ଶରେ ବିଶେଷ ଆସ୍ଥାଶୀଳ ଥିଲେ । ମାତ୍ର ଦୃଷ୍ଟିରୁ ମାର୍କସ୍ ପ୍ରଭାବିତ ସାମ୍ୟବାଦୀମାନଙ୍କୁ ସେ ସମ୍ପୂର୍ଣ୍ଣ ସମର୍ଥନ କରିପାରୁ ନଥିଲେ ତଥାପି ସେ ଥିଲେ ସେମାନଙ୍କର ଏକାନ୍ତ ନିକଟବର୍ତ୍ତୀ । ଓଡ଼ିଶାରେ କଂଗ୍ରେସ ସଭାପତି ଥାଇ ମଧ୍ୟ ସେ ସାମ୍ୟବାଦୀ ନେତା ମାନବେନ୍ଦ୍ରନାଥ ରାୟଙ୍କୁ ସମର୍ଥନ କରିଥିଲେ । ଏକ ସମୟରେ କଂଗ୍ରେସ ସାମ୍ୟବାଦୀ ସଭ୍ୟମାନଙ୍କର ନେତୃତ୍ୱ ଯୋଗ ପଣ୍ଡିତ ନେହେରୁ ଓ ସୁଭାଷ ବୋଷଙ୍କ ମଧ୍ୟରେ ମତଭେଦ ଦେଖା ଦେଇଥିଲା । ଏହି ମତଭେଦ କ୍ରମଶଃ ତୀବ୍ରତର ଆକାର ଧାରଣ କରିଥିଲା । ୧୯୩୮ରେ ସୁଭାଷ ବୋଷ କଂଗ୍ରେସ ସଭାପତି ନିର୍ବାଚିତ ହୋଇ ମଧ୍ୟ କଂଗ୍ରେସ କାର୍ଯ୍ୟକାରୀ କମିଟି ଗଠନ କରିବାକୁ ସମର୍ଥ ହୋଇ ନଥିଲେ । ପରିଶେଷରେ ରାଜେନ୍ଦ୍ର ପ୍ରସାଦ ସଭାପତି ମନୋନୀତ ହୋଇଥିଲେ । ଏହି

Digitized by PPRACHIN, SOA

କଂଗ୍ରେସ କାର୍ଯ୍ୟକାରୀ ସମିତିରେ ସୁଭାଷ ବୋଷ ସଭ୍ୟ ପଦରେ ରହିବାକୁ ଅସମ୍ମତ ହୋଇଥିଲେ ଓ ମେ' ୩ତାରିଖ ୧୯୩୯ ଦିନ କଲିକତାରେ ଫରୱାର୍ଡ ବ୍ଲକ ଗଠନ କରିଥିଲେ । ପଣ୍ଡିତ ନୀଳକଣ୍ଠ ନେତାଜୀ ସୁଭାଷ ଚନ୍ଦ୍ରଙ୍କର ଥିଲେ ଅକୃତ୍ରିମ ସମର୍ଥକ । ସେ ପ୍ରତ୍ୟକ୍ଷ ଭାବରେ ଫରୱାର୍ଡ ବ୍ଲକରେ ଯୋଗଦାନ କରି ନ ଥିଲେ ମଧ୍ୟ ନେତାଜୀଙ୍କ ପରାମର୍ଶରେ ନିଜର ରାଜନୈତିକ ଶକ୍ତି ନିୟୋଜିତ କରିଥିଲେ । ଭାରତୀୟ ରାଜନୀତି ସହିତ ତାଳ ଦେଇ ସେ ଓଡ଼ିଶା ରାଜନୀତି ନିୟନ୍ତ୍ରଣ କରୁଥିଲେ । ପଣ୍ଡିତଙ୍କ ଉକ୍ତି ସ୍ମରଣୀୟ—"୧୯୩୯ ମସିହାର କଥା । ଠିକ୍ ଦ୍ୱିତୀୟ ପୃଥିବୀ ମହାଯୁଦ୍ଧର ଆସନ୍ନ କାଳ । ସୁଭାଷ ବୋଷ ନିଜ ୩୮।୨ ଏଲ୍‌ଗିନ୍‌ରୋଡ଼ ଘରକୁ ଆମକୁ ଡକାଇଲେ । ଯଦୁମଣି ମଙ୍ଗରାଜ, ମୁଁ ଓ ଗୋଦାବରୀଶ ଯାଇଥିଲୁ । ଅନେକ ସମୟ କଥାବାର୍ତ୍ତା ହେବା ପରେ ସେ କହିଲେ—ଏ ମହାଯୁଦ୍ଧରେ ଜାପାନ ଜିଣିବାର ଖୁବ୍ ସମ୍ଭାବନା ଅଛି । ସେତେବେଳକୁ ଅନ୍ତତଃ ବଙ୍ଗ, ଓଡ଼ିଶା, ବିହାର ଓ ଆସାମ—ଏହି ଚାରି ପ୍ରଦେଶର ରାଜତ୍ୱ ଆମ ଲୋକଙ୍କ ହାତରେ ଥିବା ଦରକାର । ମୁଁ ସେଥିପାଇ ଆସାମରେ ଶ୍ରୀଯୁକ୍ତ ବର୍ଦୋଲଇ ଓ ମୁସଲମାନ ନେତା (ବୋଧହୁଏ ଫକ୍ରୁଦ୍ଦିନ୍)ଙ୍କୁ ଧରି ମନ୍ତ୍ରିମଣ୍ଡଳ ଗଢ଼ିବାର ବ୍ୟବସ୍ଥା କରିଛି । ବଙ୍ଗଳାରେ ଶରତ ବୋଷ ଓ ଫଜଲହକ୍—ଏ ଦୁହିଁଙ୍କୁ ଧରି ମନ୍ତ୍ରିମଣ୍ଡଳ ଗଢ଼ାହେବ । ମୁଁ ବିହାରରେ ମଧ୍ୟ ଏହିପରି ଗୋଟିଏ ମନ୍ତ୍ରିମଣ୍ଡଳ ଗଢ଼ିବାକୁ ଯାଉଛି । ଓଡ଼ିଶାରେ ତୁମ୍ଭେମାନେ ଯାଇ ମନ୍ତ୍ରିମଣ୍ଡଳ ଗଢ଼ । ସେଥିପାଇଁ ଗୋଦାବରୀଶ ଓ ଯଦୁମଣି ମଙ୍ଗରାଜ ଯାଆନ୍ତୁ, ନୀଳକଣ୍ଠ ଦାସ ଫରୱାର୍ଡ ବ୍ଲକ ତରଫରୁ କାର୍ଯ୍ୟକାରୀ କମିଟିକୁ ଯାଆନ୍ତୁ । ଶେଷକୁ ଗୋଦାବରୀଶ ଓ ଯଦୁମଣି ଉତ୍ତର ଦେଲେ—ନୀଳକଣ୍ଠ ବାବୁ ନ ଗଲେ ଆମେ ଏ କାମ ତୁଲାଇ ପାରିବୁ ନାଇ । ସେହି ଏଲ୍‌ଗିନ୍ ରୋଡ ଘରୁ ଗଞ୍ଜାମର ଦିବାକର ପଟ୍ଟନାୟକଙ୍କ ପାଖୁ ଟେଲିଗ୍ରାମ କରାଗଲା । ସେ ଦୁଇଦିନ ପରେ କଲିକତାରେ ପହଞ୍ଚି ଫରୱାର୍ଡ ବ୍ଲକର କାର୍ଯ୍ୟକାରୀ କମିଟିକୁ ଗଲେ ଓ ଆମ୍ଭେମାନେ ମନ୍ତ୍ରିମଣ୍ଡଳ ଗଢ଼ିବାକୁ ଓଡ଼ିଶାକୁ ଆସିଲୁ ।" (ନୀଳକଣ୍ଠ ଗ୍ରନ୍ଥାବଳୀ ୧ମ-ପୃ : ୧୧୩) ।

ଓଡ଼ିଶାରେ ଏଇ ମିଳିତ ମନ୍ତ୍ରୀମଣ୍ଡଳ ଗଠନ ବିଷୟରେ ପର ଅଧ୍ୟାୟରେ ବିଶେଷ ଆଲୋଚନା କରାଯିବ । ମାତ୍ର ଉପରୋକ୍ତ ଉକ୍ତିରୁ ପଣ୍ଡିତ

Digitized by PPRACHIN, SOA

ନୀଳକଣ୍ଠଙ୍କର ରାଜନୈତିକ ପାରଙ୍ଗମତା ତଥା ନେତାଜୀ ସୁବାଷ ବୋଷଙ୍କର ମଧ୍ୟ ପଣ୍ଡିତ ନୀଳକଣ୍ଠଙ୍କ ପ୍ରତି କେତେ ଶ୍ରଦ୍ଧା ଓ ସମ୍ମାନ ରହିଥିଲା, ତାହା ବେଶ ଅନୁମିତ ହୁଏ। କାରଣ ସେ ଫରଓ୍ୱାର୍ଡ ବ୍ଲକ ପକ୍ଷରୁ ପଣ୍ଡିତ ନୀଳକଣ୍ଠଙ୍କୁହିଁ ସେଥିରେ ଯୋଗଦେବା ପାଇଁ ଅନୁରୋଧ କରିଥିଲେ ଓ ପଣ୍ଡିତ ନୀଳକଣ୍ଠଙ୍କ ବ୍ୟତୀତ ଅନ୍ୟ କେହି ଯେ ମିଳିତ ମନ୍ତ୍ରୀମଣ୍ଡଳ ଗଠନ କରିବାକୁ ସମର୍ଥ ନୁହନ୍ତି ତାହା ଜାଣିଗଲେ । ନେତାଜୀଙ୍କର ନୀତିକୁ କାର୍ଯ୍ୟକାରୀ କରିବା ପାଇଁ ପଣ୍ଡିତଜୀଙ୍କୁ ଶେଷ ପର୍ଯ୍ୟନ୍ତ ତାଙ୍କର ଚରମପ୍ରିୟ କଂଗ୍ରେସ ଅନୁଷ୍ଠାନରୁ ଓହରି ଆସିବାକୁ ପଡିଥିଲା। କଂଗ୍ରେସ କାର୍ଯ୍ୟକାରୀ କମିଟିର ପଦ ଗ୍ରହଣ ନ କରି ନେତାଜୀ ନିଜର ଯେଉଁ ବଳିଷ୍ଠ ବିଚାର ଧାରା ପ୍ରକାଶ କରିଥିଲେ ତାହାକୁ ସମର୍ଥନ କରି ରବୀନ୍ଦ୍ରନାଥ ଲେଖିଥିଲେ—
" The dignity and forbearance which you have shown in the midst of a most aggravating situation has my admiration and confidence in your leadership".
ପଣ୍ଡିତଜୀଙ୍କର କଂଗ୍ରେସ ତ୍ୟାଗ ଓ ଯୁକ୍ତ ସାମ୍ମୁଖ୍ୟରେ ଯୋଗଦାନକୁ କେହି କେହି ଜାତି ବିରୋଧୀ କାର୍ଯ୍ୟ ବୋଲି ଗ୍ରହଣ କରିଥାନ୍ତି, ମାତ୍ର ସେକାଳର ପରିସ୍ଥିତି କଳନାରେ ପଣ୍ଡିତ ନୀଳକଣ୍ଠ ଯେଉଁ ଦୃଢ଼ ମନୋବଳ ଓ ଆତ୍ମ-ବିଶ୍ୱାସ ଉପରେ ଭିତ୍ତିକରି ନେତାଜୀଙ୍କର ଆଦର୍ଶକୁ ସମର୍ଥନ କରିଥିଲେ, ସେଥିରେ ତାଙ୍କର ନେତୃତ୍ୱସୁଲଭ ମହାନ ଦୂରଦୃଷ୍ଟି ହିଁ ପ୍ରକାଶିତ ହୋଇ ଥିଲା—ଏହା ନିଃସନ୍ଦେହ । ସ୍ୱାଧୀନତା ପ୍ରାପ୍ତି ପରେ ମଧ୍ୟ ବହୁଦିନ ଧରି ପଣ୍ଡିତ ନୀଳକଣ୍ଠ କ୍ଷମତା ରାଜନୀତିରୁ ଦୂରରେ ରହିଥିଲେ ଓ ଦ୍ୱିଧା ବିଭକ୍ତ ଭାରତର ଦୁର୍ଦ୍ଦଶା ଅବଗାହନ ପାଇଁ ସମ୍ପୂର୍ଣ୍ଣ ଭାବରେ ନିଜସ୍ୱ ସ୍ୱାଧୀନ ମତ ପ୍ରଚାର କରିଥିଲେ । ଅବଶେଷରେ ୧୯୫୫ରେ ପଣ୍ଡିତ ନେହୁରୁଙ୍କର ବିଶେଷ ଆମନ୍ତ୍ରଣ କ୍ରମେ ସେ କଂଗ୍ରେସରେ ଯୋଗ ଦେଇଥିଲେ । କଂଗ୍ରେସରେ ଯୋଗ ଦେଇ ମଧ୍ୟ ସେ କ୍ଷମତାର ସିଂହାସନଠାରୁ ନିଜକୁ ଯଥାସମ୍ଭବ ଦୂରରେ ରଖିଥିଲେ । ବିଧାନସଭାର ବାଚସ୍ପତି ରୂପେ ବିଧାନସଭାର ମର୍ଯ୍ୟାଦା ବୃଦ୍ଧି ପାଇଁ ସେ ବିଶେଷ ପ୍ରୟାସ କରିଥିଲେ । ପର ଅଧ୍ୟାୟରେ ଏହାର ବିଶଦ ଆଲୋଚନା କରାଯିବ । ରାଜନୀତିଜ୍ଞ ନୀଳକଣ୍ଠ ଥିଲେ ପରମ ମାନବତାବାଦୀ ଓ ଆଇନର ଶାସନ ପ୍ରବର୍ତ୍ତନ ପାଇଁ ତାଙ୍କର ଥିଲା ପରମ

Digitized by PPRACHIN, SOA

ଅବସ୍ଥା । ତେଣୁ ପରାଧୀନ ଭାରତବର୍ଷର କେନ୍ଦ୍ର ବ୍ୟବସ୍ଥାପକ ଓ ସ୍ୱାଧୀନ ଭାରତବର୍ଷରେ ସମ୍ବିଧାନସଭାର ବାଚସ୍ପତି—ଏ ଉଭୟ ଭୂମିକାରେ ଆଦର୍ଶବାଦୀ ଅକୁତୋଭୟ ବୁଦ୍ଧିଜୀବୀ ପଣ୍ଡିତ ନୀଳକଣ୍ଠଙ୍କର ଯଥାର୍ଥ ସ୍ୱରୂପ ହିଁ ପ୍ରକାଶିତ ହୋଇଅଛି ।

## କେନ୍ଦ୍ର ବ୍ୟବସ୍ଥା ସଭାରେ ନୀଳକଣ୍ଠ

ଜନନାୟକ ଭୂମିକାରେ ନୀଳକଣ୍ଠ ଏକ ପକ୍ଷରେ ସ୍ୱାଧୀନତା ପାଇଁ ପ୍ରତ୍ୟକ୍ଷ ସଂଗ୍ରାମ ଓ ଆନ୍ଦୋଳନ ଏବଂ ସେଥି ସଙ୍ଗେ ସଙ୍ଗେ ବ୍ୟବସ୍ଥାପକ ଭାବରେ ଇଂରେଜ ଶାସନର ଦୋଷ ଦୁର୍ବଳତା ପ୍ରତି ସଂଗ୍ରାମ ଓ ଦେଶର ଦୃଷ୍ଟି ଆକର୍ଷଣ ପାଇଁ ବିଧାନ ସଭାର ସୁଯୋଗ ନେବା ଆବଶ୍ୟକ ବୋଲି ବୁଝିଥିଲେ ଓ ଏହି ମତ ବ୍ୟକ୍ତ କରି ନୀଳକଣ୍ଠ ବ୍ୟବସ୍ଥା ସଭାରେ ପ୍ରବେଶ କରିଥିଲେ । ୧୯୨୪ ଜାନୁୟାରୀ ୯ତାରିଖରେ ସେ କେନ୍ଦ୍ର ଆସେମ୍ବ୍ଲିକୁ ସଭ୍ୟରୂପେ ନିର୍ବାଚିତ ହେଲେ । ୧୯୨୪-୧୯୨୯ ମଧ୍ୟରେ କେନ୍ଦ୍ର ବ୍ୟବସ୍ଥା ସଭାରେ ପ୍ରଦତ୍ତ ଭାଷଣ ଗୁଡ଼ିକରେ ଓଡ଼ିଶାର ସ୍ୱତନ୍ତ୍ର ରାଜନୀତିକ ପରିସ୍ଥିତି ପ୍ରତି ଦୃଷ୍ଟି ଆକର୍ଷଣ କରିବା ସଙ୍ଗେ ସଙ୍ଗେ ରେଲୱେ ବଜେଟ, ଭାରତର ଅର୍ଥବିଲ୍, ଦେଶର ଲବଣ ନୀତି, ସାଧାରଣ ନିର୍ବାଚନ ଆଇନ, ବିଲାତରୁ ରେଲୱେ ସ୍ଲିପର ଆମଦାନୀ ପ୍ରଭୃତି ବିଷୟରେ ନୀଳକଣ୍ଠଙ୍କର ସ୍ପଷ୍ଟ ମତ ଓ ବକ୍ତବ୍ୟ ଦେଖିବାକୁ ମିଳେ । ଏଠି କେବଳ ଲବଣ ନୀତି ଓ ସାଧାରଣ ନିର୍ବାଚନ ଆଇନ ବିରୋଧରେ ଦେଇଥିବା ବକ୍ତୃତାର କେତେକାଂଶ ଉଦ୍ଧାର କରୁଛୁ । ପର ଅଧ୍ୟାୟରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ଶୀର୍ଷକ ବେସରକାରୀ ବିଲ୍ ବିଷୟ ଉଦ୍ଧାର କରିବୁ ।

**ଲବଣ କର :–**

୧୯୨୯ରେ ଲବଣ ଉପରେ କର ବସାଇବା ନୀତିର ବିରୋଧ କରି ଏକ ଦୀର୍ଘ ଭାଷଣ ଦେଇ ନୀଳକଣ୍ଠ କହିଥିଲେ ଯେ ପ୍ରାକ୍ବ୍ରିଟିଶ ଓଡ଼ିଶାର ଅନ୍ୟାନ୍ୟ ଶିଳ୍ପ ମଧ୍ୟରେ ଲୁଣଥିଲା ଏକ ପ୍ରଧାନ ଶିଳ୍ପ । ଊନବିଂଶ ଶତାବ୍ଦୀରେ ଓଡ଼ିଶାର ଲୁଣ ସାରା ଭାରତରେ ପ୍ରସିଦ୍ଧ ଥିଲା, କିନ୍ତୁ ଇଂରେଜ ସରକାର ଓଡ଼ିଶାର ଲବଣ ଶିଳ୍ପକୁ ବନ୍ଦ କରିଦେବା ଫଳରେ ଓଡ଼ିଶାର ଅର୍ଥନୀତିରେ ବିରାଟ ବିପର୍ଯ୍ୟୟ ଦେଖା ଦେଇଥିଲା । ୧୯୧୮ ଖ୍ରୀଷ୍ଟାବ୍ଦରେ ବିହାର ଓଡ଼ିଶା ଆସେମ୍ବ୍ଲିରେ ପ୍ରଥମେ ଗୋପବନ୍ଧୁ ଓଡ଼ିଶାରେ ଲବଣ ଶିଳ୍ପର ବିକାଶ

Digitized by PPRACHIN, SOA

ପାଇଁ ଦାବୀ କରିଥିଲେ । କେନ୍ଦ୍ର ଆସେମ୍ବ୍ଲିରେ ୧୯୨୯ ଖ୍ରୀଷ୍ଟାବ୍ଦରେ ନୀଳକଣ୍ଠ ସେହି ପ୍ରସଙ୍ଗ ପୁନର୍ବାର ଉପସ୍ଥାପିତ କରିଥିଲେ । ସରକାରୀ ପକ୍ଷ ଓଡ଼ିଶାରେ ଲବଣ ଶିଳ୍ପ ବିକାଶର ସମ୍ଭାବନା ନଥିବା ସପକ୍ଷରେ ଯୁକ୍ତି ଦର୍ଶାଇଥିଲେ । ପ୍ରଥମତଃ ଓଡ଼ିଶା ଉପକୂଳରେ ଲୁଣଭାଗ କମ୍, ଦ୍ୱିତୀୟତଃ ବୃଷ୍ଟିର ପ୍ରାଚୁର୍ଯ୍ୟ ହେତୁ ସୂର୍ଯ୍ୟ କିରଣରେ ଲୁଣ ମାରିବା ଏବଂ ତୃତୀୟତଃ ଓଡ଼ିଶାରେ ଜାଳେଣିର ଅଭାବରୁ ମଧ୍ୟ କୃତ୍ରିମ ଉପାୟରେ ଲୁଣ ମାରିବା ସମ୍ଭବ ନୁହେଁ ପ୍ରଭୃତି ସରକାର ପକ୍ଷର ସମସ୍ତ ଯୁକ୍ତି ନୀଳକଣ୍ଠ ଖଣ୍ଡନ କରିଥିଲେ । ନୀଳକଣ୍ଠଙ୍କର ଯୁକ୍ତି ଥିଲା, ୧୮୨୨ ଖ୍ରୀଷ୍ଟାବ୍ଦରେ ଷ୍ଟାର୍ଲିଂ ଲେଖି ଯାଇଥିଲେ, ଭାରତ ବର୍ଷରେ ସବୁଠାରୁ ଭଲ ଲୁଣ ହିଁ ଓଡ଼ିଶାରୁ ମିଳେ । ଯଦି କେବେ ଫସଲ ହାନି ହୁଏ, ଲୁଣ ଉପରେ ସମ୍ବଳ କରି ଓଡିଆମାନେ ନିଜର ଆର୍ଥିକ ଦୁଃସ୍ଥିତି ସୁଧାରି ନେଉଥିଲେ । ଓଡ଼ିଶାର ଲବଣ ଶିଳ୍ପ ଥିଲା ଏକ ସର୍ବସାଧାରଣଙ୍କର କୁଟୀର ଶିଳ୍ପ । ଓଡ଼ିଶାରେ ଯେଉଁ ଦୁଇପ୍ରକାର ଲୁଣ ମରାଯାଉଥିଲା, ପଙ୍ଗା ଓ କର୍କଚ, ତାହା ସମସ୍ତ ମଧ୍ୟ ଭାରତକୁ ମହାନଦୀ ପଥରେ ଅନାୟାସରେ ଯାଇପାରୁଥିଲା । ପ୍ରାଚୀନ କାଳରେ ବଣିକମାନେ ଅନ୍ୟଦେଶରୁ ପଣ୍ୟ ଆମଦାନି କରିବା ପାଇଁ ଖାଲି ବଳଦଗାଡ଼ି ନେଲା ବେଳେ ସେଥିରେ ଲୁଣ ବୋଝେଇ କରି ନେଇ ଯାଉଥିଲେ । ଇଂରେଜମାନେ ଖାଲି ଜାହାଜରେ ଲୁଣ ଆଣି ଭାରତରେ ସୁଲଭ ମୂଲ୍ୟରେ ବିକ୍ରି କରିପାରୁଥିବା ହେତୁ ଓଡ଼ିଶାର ଲବଣ ଶିଳ୍ପ କୌଣସି ପ୍ରାକୃତିକ କାରଣରୁ ଅବଲୁପ୍ତ ନହୋଇ ପୂର୍ବପୂର୍ବ ସରକାରଙ୍କ ଦ୍ୱାରା କୃତ୍ରିମ ଉପାୟରେ ବନ୍ଦ କରି ଦିଆଯାଇଥିଲା । ଏହି ସୁଦୀର୍ଘ ଇତିହାସ ଅତ୍ୟନ୍ତ କରୁଣ । ୧୯୨୪-୨୫ ବଜେଟ ଉପରେ ଭାଷଣ ପ୍ରସଙ୍ଗରେ ଓଡ଼ିଶାରେ ଲବଣ ଶିଳ୍ପକୁ ନିରୁତ୍ସାହିତ କରିବା ପାଇଁ ସରକାରଙ୍କ ପକ୍ଷରୁ ଯୁକ୍ତି ହୋଇଥିଲା । ବେଙ୍ଗଲ ନାଗପୁର ରେଲ୍‌ୱେ ମାନ୍ଦ୍ରାଜରୁ ଓଡ଼ିଶାକୁ ସୁଲଭ ମୂଲ୍ୟରେ ଲୁଣ ଆଣି ପାରୁଛନ୍ତି । ଓଡ଼ିଶାରେ ଯଦି ବଡ଼ ଆକାରରେ ଲବଣ ଶିଳ୍ପ ଗଢିଉଠେ, ତେବେ ତାହା ଅତ୍ୟନ୍ତ ବ୍ୟୟସାପେକ୍ଷ ହେବ । ଏପରିକି ଘରୋଇ ଭାବରେ କେହି ଏହି ବ୍ୟବସାୟରେ ହାତ ଦେଲେ ସେ ପ୍ରଚୁର କ୍ଷତିରେ ପଡ଼ିବ । କେହି ଘରୋଇ ଭାବରେ ଲୁଣ ମାରିବା ପାଇଁ ପଟ୍ଟା ନେବାକୁ ଚାହିଁଲେ ସରକାର ତାହା ଦେବାକୁ ରାଜି ହେଉ ନଥିଲେ । ପାରିକୁଦର ରାଜା ଚିଲିକା ଅଞ୍ଚଳରେ ଲୁଣମାରିବାକୁ

Digitized by PPRACHIN, SOA

ଗୃହିଁଥିଲେ । ମାତ୍ର ଏଥିପାଇଁ ତାଙ୍କୁ କୌଣସି ଅନୁମତି ମିଳି ନ ଥିଲା । ଲୁଣ ପରିବହନ ଦ୍ୱାରା ରେଲ୍‌ୱେ ମଧ୍ୟ ପ୍ରଚୁର ଲାଭ କରୁଥିଲେ । ସରକାର ଲୁଣ ଉପରେ ମନଇଚ୍ଛା ଖଜଣା ବସାଉଥିଲେ ।” ଏହାର ବିରୋଧ କରି ମାଳକଣ୍ଠ ଯୁକ୍ତି କରିଥିଲେ—“ଲୁଣ ଜୀବନ ଧାରଣ ପାଇଁ ଏକ ଅତ୍ୟନ୍ତ ପ୍ରୟୋଜନୀୟ ବସ୍ତୁ—ମନୁଷ୍ୟ, ପଶୁ ଏପରିକି ଗଛଲତା ପାଇଁ ଏହା ପ୍ରୟୋଜନ । ତେଣୁ ଲୁଣ ଉପରେ କୌଣସି ଖଜଣା ବସିବା ଉଚିତ ନୁହେଁ । ଲୁଣ ମାରିବାରେ ମଧ୍ୟ କାହାକୁ ବାଧା ଦେବା ଉଚିତ ନୁହେଁ । ଅନ୍ତତଃ କୁଟୀର ଶିଳ୍ପ ଭାବରେ ଏହାକୁ ଉତ୍ସାହିତ କରିବା ପ୍ରୟୋଜନ । ବୃହତ୍ ଶିଳ୍ପ ଭାବରେ ଲୁଣ ମାରିବା ପାଇଁ ଦୂରରୁ ଜାଳେଣି ଯୋଗାଡ଼ କରିବା ପାଇଁ ହୁଏ । ଶ୍ରମିକଙ୍କୁ ମଜୁରି ଦେବାକୁ ହୁଏ । ତେଣୁ ଏହାର ବ୍ୟୟ ବେଶି ପଡ଼ିଥାରେ—ମାତ୍ର କୁଟୀର ଶିଳ୍ପ ଭାବରେ ଏହାର ଉତ୍ପାଦନ ସହଜ ଓ ସୁଲଭ । ଗ୍ରାମର ଲୋକେ ନିଜର ଅବସର ସମୟ ଏଥିରେ ଲଗି ପାରନ୍ତି ।”

ସର୍ବଭାରତୀୟ ସ୍ତରରେ ଭାରତରେ ତିଆରି ଲୁଣ ଉପରୁ ସମସ୍ତ ପ୍ରକାର ଖଜଣା ଉଠାଇବା ପାଇଁ ୧୯୨୯ ମାର୍ଚ୍ଚ ୨୧ ତାରିଖରେ ମାଳକଣ୍ଠ ଏକ ଦୀର୍ଘ ଭାଷଣ ଦେଇଥିଲେ । ସେ କାଳରେ ବିଲାତରୁ ଆମଦାନୀ କରା ଲୁଣ ଉପରେ ଆମଦାନୀ ଶୁଳ୍କ ଓ ଭାରତରେ ତିଆରି ହେଉଥିବା ଲୁଣ ଉପରେ ଅବକାରୀ ଶୁଳ୍କ ସରକାର ବସାଉଥିଲେ । ଶ୍ରୀଯୁକ୍ତ ଦୁରେଇସ୍ୱାମୀ ଆୟଙ୍ଗାର ଏହି ଶୁଳ୍କର ପରିମାଣ ହ୍ରାସ କରିବାକୁ ଗୃହିଁଥିଲେ । ମାତ୍ର ମାଳକଣ୍ଠ ଏହାକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିନେବା ପାଇଁ ସରକାରଙ୍କୁ ନିବେଦନ କରିଥିଲେ । ଏହି ଲବଣ କରକୁ ସେ ଏକ ଆଦିମ ମଧ୍ୟଯୁଗୀୟ ବର୍ବର ବ୍ୟବସ୍ଥା ବୋଲି ବର୍ଣ୍ଣନା କରିଥିଲେ । ଏହି ଲୁଣ କର ଗ୍ଲାନିକର । ପ୍ରାଚୀନ ଦାସ ବ୍ୟବସ୍ଥା ଓ ମଧ୍ୟଯୁଗୀୟ ମତାନ୍ଧତାର ପରିପୋଷକ । ଏଥିପାଇଁ ବିଂଶ ଶତାବ୍ଦୀରେ ଯେ ସରକାରଙ୍କ ସହିତ ଜନସାଧାରଣଙ୍କୁ ସଂଗ୍ରାମରେ ଲିପ୍ତ ହେବାକୁ ହେଉଛି, ଏହାହିଁ ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ । ଯେଉଁ ସରକାର ଏହି ଲବଣ କରର ପକ୍ଷପାତୀ, ତାକୁ ଏକ ସଂଗଠିତ ବା ସଭ୍ୟ ସରକାର ବୋଲି କୁହାଯାଇ ପାରିବ ନାହିଁ । ଲୋକଙ୍କ ଅଜ୍ଞତା ଉପରେ ଭିତ୍ତିକରି ସରକାର ଏହି କର ଆଦାୟ କରୁଅଛନ୍ତି ଏହା ସାମ୍ରାଜ୍ୟବାଦୀ ସଭ୍ୟତାର ଏକ ଚିହ୍ନିତ ଧର୍ମ । ସାରା ପୃଥିବୀରେ ସମ୍ପଦ ଲୁଟି କରିବା ସାମ୍ରାଜ୍ୟବାଦର ଧର୍ମ । ବିଶେଷ

Digitized by PPRACHIN, SOA

ଭାରତରେ ଦୁର୍ବଳର ସମ୍ପଦ ଲୁଣ୍ଠନ ଏମାନଙ୍କର କାମ । ଏହି ଲବଣ ଟିକସକୁ ଦରିଦ୍ରଙ୍କ ଶୋଷଣ ଛଡ଼ା ଆଉ କଣ କୁହାଯାଇ ପାରେ ? ଏହା ସାମ୍ରାଜ୍ୟ ବାଦୀ ଶୋଷଣ ଯନ୍ତ୍ରର ନଗ୍ନରୂପ ପ୍ରକାଶ କରେ । ସରକାର କର ନାମରେ ମଣିଷର ରକ୍ତ ଶୋଷୁଛନ୍ତି । ଏହି କର ଦେଇ ସରକାରଙ୍କ ଖଜଣା ଖାନା ଭରିବା ପାଇଁ ଦରିଦ୍ର ଗୁଡ଼ିକରୁ ରକ୍ତ ଝରୁଅଛି । ମୁଁ ଅବଶ୍ୟ ଜଣେ ରସାୟନବିତ୍ ନୁହେଁ, ତେବେ ମଣିଷ ରକ୍ତର ଶତକଡ଼ା ନବେଭାଗ ହେଉଛି ଏହି ଲବଣ । ଦାରିଦ୍ର୍ୟ ପାପର ଏହା ଏକ ପ୍ରାୟଶ୍ଚିତ । କିନ୍ତୁ କେତେଦିନ ଧରି ଏହି ପ୍ରାୟଶ୍ଚିତ କରିବାକୁ ପଡ଼ିବ ? ଲୁଣକୁ ରାଜସ୍ୱ ଆଦାୟର ପନ୍ଥା ରୂପେ ଗ୍ରହଣ କରିବା ଉଚିତ୍ ନୁହେଁ । ଅନ୍ୟ ଦ୍ରବ୍ୟରେ କର ବସିଲେ କର ପରିମାଣ ସମ୍ବନ୍ଧରେ ଅନିଶ୍ଚିତତା ଥାଇପାରେ, କିନ୍ତୁ ଧନୀହେଉ ବା ଗରିବ ହେଉ ଲୁଣ ଚୋପାଏ ନଖାଇ କିଏ ରହିପାରେ ? ତେଣୁ ଦରିଦ୍ରର ତଣ୍ଟି ଚିପି ଧରିବାପାଇଁ, ଦରିଦ୍ରର ରକ୍ତ ଝରାଇବାପାଇଁ ଲୁଣ ଟିକସ ବସାଉଥିବା ସରକାର କେବେ ଲୋଭ ସମ୍ବରଣ କରିପାରିବେ ନାହିଁ । ଏହା ମାନବତାର ସମ୍ପୂର୍ଣ୍ଣ ବିରୋଧୀ । ଅଜ୍ଞତା ଓ ଦୁର୍ବଳତାକୁ ହତିଆର କରିବା ମନୁଷ୍ୟ ଜାତିକୁ ହତ୍ୟାକରିବା ସଙ୍ଗେ ସମାନ । ଲବଣ କର ହେଉଛି ଏହିପରି ଏକ କର । ଦୁଇଟି କାରଣରୁ ସେ ଭାରତରେ ପ୍ରସ୍ତୁତ ଲୁଣ ଉପରୁ ସମ୍ପୂର୍ଣ୍ଣ କର ଉଠାଇ ଦେବାପାଇଁ ଦାବୀ କରିଥିଲେ । "ପ୍ରଥମତଃ ଏହାଦ୍ୱାରା ଜାତୀୟ ଶିଳ୍ପର ସୁରକ୍ଷା ସମ୍ଭବ ହେବ । ଦ୍ୱିତୀୟତଃ ଆମଦାନୀ କରାହେଉଥିବା ଲୁଣ ଉପରେ କିଛି ଟିକସ ବସାଇଲେ ବଜାରରେ ଉଭୟ ଲୁଣର ମୂଲ୍ୟ ସମାନ ରହିବ ।" ଅନ୍ୟ ଦେଶରେ ଲୁଣ ଉପରେ ଟିକସ ଥିବା ପ୍ରସଙ୍ଗରେ ସରକାର ପକ୍ଷକୁ ଉତ୍ତର ଦେଇ ସେ କହିଥିଲେ— "ଦେଶ ଭେଦରେ ଭିନ୍ନ ଅବସ୍ଥା ଥାଇପାରେ । କିନ୍ତୁ ଭାରତୀୟ ପରିସ୍ଥିତି ଆମର ବିଚାର୍ଯ୍ୟ ଓ ସେଥି ସଙ୍ଗେ ସଙ୍ଗେ ଆମେ କେବଳ ଇଂଲଣ୍ଡ କଥା ବିଚାରକୁ ନେଇପାରୁ । ଯେଉଁ ଇଂଲଣ୍ଡରୁ ଆସି ସରକାରୀ ପକ୍ଷର ବନ୍ଧୁମାନେ ଭାରତର ଆର୍ଥିକ ଓ ରାଜନୈତିକ ଭାଗ୍ୟ ନିୟନ୍ତ୍ରଣ କରୁଛନ୍ତି, ଦରିଦ୍ର ଲୁଣ ଚୋପାକ ଉପରୁ ପଇସା ଗୁଣିବାକୁ ଚାହୁଁଥିଲା ବେଳେ ଏମାନଙ୍କ ଆଖି ଛଅ ହଜାର ମାଇଲର ସେଇ ପାଖ ସମୁଦ୍ର ଉପରେ ଯାଇ କିପରି ପଡ଼ୁଛି ? ଇଂଲଣ୍ଡରେ ଏବେ ଲୁଣ ଟିକସ

Digitized by PPRACHIN, SOA

ଅଛି କି ? ମୁଁ ଜାଣେ ହୁଏତ ଶହେ ବର୍ଷ ଆଗେ ତାହା ଥିଲା । ସେ ତ ମଧ୍ୟ ଯୁଗର କଥା । ଏ ଭିତରେ ପୃଥିବୀ କେତେ ଅଗ୍ରଗତି କଲାଣି । ଟେମସ୍ ନଦୀର ପୋଲ ତଳେ କେତେ ପାଣି ବୋହି ଗଲାଣି । ଦିନେ ସେମାନଙ୍କ ଦେଶରେ ଲବଣ କର ଥିଲା । ମାତ୍ର ଲୋକେ ଯେତେବେଳେ ଶାସନରେ ସେମାନଙ୍କର ଅଧିକାର ଅଛି ବୋଲି ବୁଝିଲେ, ଜାତି ଓ ଦେଶର ଭବିଷ୍ୟତ ଉପରେ ତାଙ୍କର ଆଖି ପଡ଼ିଲା, ସେମାନେ ଏଇ ନିୟମ ଭାଙ୍ଗି ଦେଲେ । ଏ ବିଷୟରେ ମୁଁ ଅସଂଖ୍ୟ ଉଦ୍ଧୃତି ଦେବାରୁ ବିରତ ହୋଇ କେବଳ ଗୋଟିଏ କଥା କହିବାକୁ ଚାହେଁ । ମଣିଷର ସ୍ୱାସ୍ଥ୍ୟ ଦିଗରୁ, ଶିଳ୍ପର ଅଭିବୃଦ୍ଧି ଦିଗରୁ ତଥା ସମସ୍ତ ଦିଗରୁ ଏହି କର ଆପତ୍ତିଜନକ । ତେବେ ଗୋଟିଏ ଉଦ୍ଧୃତି ଦେବାର ମୁଁ ଲୋଭ ସମ୍ବରଣ କରିପାରୁ ନାହିଁ । ୧୮୩୬ ଖ୍ରୀଷ୍ଟାବ୍ଦରେ ଉଇଲିୟମ ଓ୍ୱିଢିଂନ୍ ନାମକ ଜଣେ ଲବଣ ନିର୍ମାତାଙ୍କୁ ପାର୍ଲାମେଣ୍ଟର ସିଲେକ୍ଟ କମିଟିର ଜଣେ ସଭ୍ୟ ପଚାରିଲେ, "କର ଉଠାଇ ଦେବାପରେ ଲୁଣର ଚାହିଦା ବଢ଼ିଛି କି ? ସେ କହିଲେ "ନିଶ୍ଚୟ ବହୁଗୁଣରେ ବଢ଼ିଛି ।" ଆଜି ଭାରତ ବର୍ଷରେ ଏହି ଲୁଣରୁ ଦଶ କୋଟି ବା ଉର୍ଦ୍ଧ୍ୱ ଟଙ୍କା ସରକାର ଆଦାୟ କରୁଛନ୍ତି । ମୁଣ୍ଡପିଛା ଏହା ହୁଏତ ମାତ୍ର ଚାରଅଣା ବା ବା ଛ'ଅ ଅଣା ହେବ । ଏ ତ ଅତି ସାମାନ୍ୟ ଅର୍ଥ । କିନ୍ତୁ ଯେଉଁ ଭଦ୍ର ମହୋଦୟଗଣ ଶୀତଦିନେ ସାମ୍ରାଜ୍ୟର ରାଣୀ ଦିଲ୍ଲୀରେ ବସୁଛନ୍ତି ଓ ଖରାଦିନେ ସିମିଳାର ପାହାଡ଼ ଉପରେ କଟାଉଛନ୍ତି ସେମାନଙ୍କ ପାଇଁ ଏଇ ଛ'ଅଣା କିଛି ନୁହେଁ । ମୋର ମନେ ହେଉଛି, ସେମାନେ ଜୀବନରେ କେବେ ଚାରଣି ଦେଖି ନଥିବେ । ସେ ସୁନା ନୁହେଁ କି କାଗଜ ତିଆରି ନୋଟ୍ ନୁହେଁ । କିନ୍ତୁ ସଭାଗୃହରେ ବସିଥିବା ସଭ୍ୟମାନେ ଆମେ ପ୍ରତ୍ୟକ୍ଷ ଅନୁଭୂତିରୁ ଜାଣୁ, ଆମର ଦରିଦ୍ର ଗ୍ରାମବାସୀଙ୍କଠାରେ ଏହାର ମୂଲ୍ୟ କେତେ । ସେମାନଙ୍କ ଜୀବନ ମରଣ ଏହାରି ଉପରେ ନିର୍ଭର କରେ ।

ଏବେ ଭାରତ ବର୍ଷରେ ଲୁଣକର ସମ୍ପର୍କରେ କିଛି ଇତିହାସର ସୂଚନା ଦେବା ଦରକାର । ବ୍ରିଟିଶ୍ ଶାସନରେ ଲୁଣ କରର ଇତିହାସ ଦୀର୍ଘ ଓ ବେଦନାଦାୟକ । କିନ୍ତୁ ମୁଁ ଆଶ୍ଚର୍ଯ୍ୟ ହେଉଛି ଯେ ଏ କ୍ଷେତ୍ରରେ ଚାଣକ୍ୟଙ୍କ ଅର୍ଥଶାସ୍ତ୍ର କଥା କୁହାଯାଉଛି । ମୋର ବଡ଼ ଦୁଃଖ ଭାରତୀୟ ସଂସ୍କୃତି, ଭାରତୀୟ ଶାସନ ବ୍ୟବସ୍ଥା, ଭାରତ ରାଜନୀତି ବିଷୟରେ ବେଶୀ ଅଜ୍ଞତା ଏଠାରେ

Digitized by PPRACHIN, SOA

ପ୍ରକାଶ ପାଉଛି। ସଂସ୍କୃତିକ୍ଷେତ୍ରରେ ଆମକୁ ଏବେ ଶିଶୁ ସୁଲଭ ଧାରଣା ଦିଆଯାଉଛି ଓ ଆମର ଅତୀତର ପୂର୍ବ ପୁରୁଷଗଣ କଣ ଥିଲେ ତାହା ପ୍ରକୃତରେ ଜାଣିବାପାଇଁ ଆମେ ଆଦୌ ଆଗ୍ରହ ପ୍ରକାଶ କରୁନାହୁଁ । ସେ ଯୁଗରେ କର ଆଦାୟର ନୀତି କଣ ଥିଲା, ସେ ବିଷୟରେ ଆମେ ସମ୍ପୂର୍ଣ୍ଣ ଅଜ୍ଞ । ଆଜି ଦେଶର ସବୁ ଭୂମି ସରକାରଙ୍କର ଅଥବା ଜମିଦାରଙ୍କର ବୋଲି କୁହାଯାଉଛି । କିନ୍ତୁ ସେ କାଳରେ ଏ ଧାରଣା ନଥିଲା । ପ୍ରଜା ନିଜ ସ୍ୱେଚ୍ଛାରେ ଯାହା ଫଳାଉଥିଲା ତାହାର ଏକ ଷଷ୍ଠାଂଶ ରାଜାଙ୍କ ପାଇଁ ଦେଉଥିଲା । ରାଜା ଏହି କର ଗ୍ରହଣ କରି ଲୋକଙ୍କର ସୁଖ ସନ୍ତୋଷ ବିଧାନ କରୁଥିଲେ ଲୋକଙ୍କର ଜଣେ ଯଥାର୍ଥ ସେବକ ରୂପେ । ତେଣୁ ସେ ଯୁଗରେ ଏହିପରି ଲୁଣ ଟିକସ ଆସିବ କାହିଁ ? ହୁଏତ ଯେଉଁ ପ୍ରଜା ନିଜେ ଲୁଣ ଉତ୍ପନ୍ନ କରୁଥିଲେ, ସେ ତାର ଏକ ଅଂଶ ରାଜାଙ୍କୁ ଦେଉଥିଲେ । ଏପରିକି ଏହା ବି ଥିଲା ଏକପ୍ରକାର ଭୂମି ରାଜସ୍ୱ । କେବଳ ସେତିକି ନୁହେଁ, ଯେଉଁ କୁଟୀର ବାସୀ ସନ୍ନ୍ୟାସୀ ଜଣକ ପଥ ପାର୍ଶ୍ୱରୁ ଶସ୍ୟକଣା ସଂଗ୍ରହ କରି ଜୀବନ ଧାରଣ କରୁଥିଲେ, ସେ ମଧ୍ୟ ରାଜାଙ୍କୁ ତାଙ୍କ ଭାଗ ଦେଉଥିଲେ । ରାଜାଙ୍କ ଦିଗରୁ ଏହାକୁ ହୁଏତ କର କୁହାଯାଇ ପାରେ, କିନ୍ତୁ ରାଜା ନିଜେ କୌଣସି ପ୍ରକାର କର ପ୍ରଜାଙ୍କ ଉପରେ ବସାଉ ନଥିଲେ । ସେ ଯୁଗରେ ଆମ ସଂସ୍କୃତିର ମୂଳମନ୍ତ୍ର ଥିଲା କର୍ତ୍ତବ୍ୟ (Duty), କିନ୍ତୁ ଆଜି ସାରା ପୃଥିବୀର ପୂର୍ଣ୍ଣ ପରିବର୍ତ୍ତନ ସ୍ରୋତ ବହି ଚାଲିଛି । କର୍ତ୍ତବ୍ୟର ସ୍ଥାନ ନେଇଛି ଦାବୀ । ରାଜା କହୁଛନ୍ତି ମୋତେ ଟିକସ ଦିଅ । ପ୍ରଜା କହୁଛନ୍ତି ଆମକୁ ପ୍ରତିନିଧିତ୍ୱ ଅଧିକାର ଦିଅ—"No representation, No taxation" । ସେହି ପ୍ରାଚୀନ ଯୁଗରେ ଏଭଳି ଜୀବନ ସଂଗ୍ରାମ ନ ଥିଲା । ନ ଥିଲା ଏପରି ରାଜତନ୍ତ୍ର । ରାଜକୀୟ ଅତ୍ୟାଚାର ଥିଲା ସ୍ୱପ୍ନ । ରାଜାଙ୍କଠାରୁ କୌଣସି କ୍ଷମତା ହାସଲ କରିବା କଥା ପ୍ରଜାମାନେ ଭାବୁ ନ ଥିଲେ । ସେ ଥିଲା ଏକ ଭିନ୍ନ ସଂସ୍କୃତି । ତେଣୁ କୌଟିଲ୍ୟଙ୍କ ଉଦ୍ଧୃତି ଦେଇ ପ୍ରାଚୀନ ଭାରତରେ ଲୁଣ ଟିକସ ଥିଲା ବୋଲି କହିବାରେ କୌଣସି ଯୁକ୍ତି ଥାଇ ପାରେ କି ?

ମୁସଲମାନ ଶାସନରେ ଲୁଣ ଉପରେ ଟିକସ ଥିଲା ବୋଲି କୁହାଯାଇଛି । ଏହା ଥିଲା ଶତକଡ଼ା ଅଢ଼ାଇରୁ ପାଞ୍ଚ ଭାଗ, କିନ୍ତୁ ପ୍ରକୃତରେ ଏହା ଟିକସ ଥିଲା କି ? ନା କେବଳ ଯେଉଁ ଭୂମିରୁ ବା ସମୁଦ୍ରରୁ ଲୁଣ ମରା

Digitized by PPRACHIN, SOA

ହେଉଥିଲା, ତାହାର ଉପରେ ଏହା ଏକ ଭୂମି କର ରୂପେ ହୁଏତ ଥାଇପାରେ । ଏହା ପୁଣି ବସିଥିଲା ମହମ୍ମଦ ତୋଗଲକଙ୍କ ସମୟରେ । ସେ ଜଣେ ଆଦର୍ଶବାଦୀ ପଣ୍ଡିତ ସମ୍ରାଟ ଥିଲେ ଓ ଆର୍ଥିକ ସମସ୍ୟାର ସମାଧାନ ପାଇଁ ନାନା ପରୀକ୍ଷା କରୁଥିଲେ । ହୁଏତ ସେ ପ୍ରଥମେ ଅର୍ଥାଭାବରୁ ଏଭଳି ଟିକସ ବସାଇ ଥାଇ ପାରନ୍ତି । ସେ ତ ପ୍ରଥମେ ନୋଟ ଚଳାଇଥିଲେ । ତମ୍ବା ଉପରେ ସମ୍ରାଟଙ୍କ ମୋହର ମାରି ସୁନା ଓ ରୂପାଟଙ୍କା ଭାବରେ ରାଜ୍ୟରେ ଚଳାଇବାକୁ ଚାହିଁଥିଲେ । କିନ୍ତୁ ତଥାପି ସେ ଲୁଣ ଉପରେ ଟିକସ ବସାଇବା କଥା ସେ ଯୁଗର ବିଦେଶୀ ପରିବ୍ରାଜକ ଇବନ୍ ବତୁତା (IBN BATUTA) ଲିପିବଦ୍ଧ କରି ନାହାନ୍ତି । ତେଣୁ ଯଥାର୍ଥରେ ଏ ଦେଶରେ ଇଷ୍ଟଇଣ୍ଡିଆ କମ୍ପାନୀର ଆଗମନ ପୂର୍ବରୁ ଲୁଣ କରର କୌଣସି ଇତିହାସ ନ ଥିଲା । ପଞ୍ଜାବର ପାହାଡ଼ରେ ଲୁଣ ଖଣି ମିଳେ । ହୁଏତ ଶିଖ ଶାସନରେ ଖଣିକର ଭାବରେ ଲୁଣ ଉପରେ କିଛି ଟିକସ ବସିଥିବ ।'' ପରିଶେଷରେ ସେ କହିଥିଲେ, ''ଯଦି ସୂକ୍ଷ୍ମ ହିସାବରେ ଧରାଯାଏ, ଭାରତ ବର୍ଷରେ ପୂର୍ବ କାଳରେ ଲୁଣ ଟିକସ ଥିଲା, ତଥାପି ମୁଁ ସରକାରୀ ଦଳର ସଭ୍ୟ ମହୋଦୟଙ୍କୁ ଅନୁରୋଧ କରିବି, ଏଇ ତଥ୍ୟଟି ମନେ ରଖିବା ପାଇଁ ଯେ ଲୁଣ ଉତ୍ପାଦନର ସମସ୍ତ କ୍ଷେତ୍ର ଲୋକଙ୍କ ପାଇଁ ଉନ୍ମୁକ୍ତ ଥିଲା । ପଞ୍ଜାବରେ ଥିଲା ଲୁଣ ଖଣି । ସିନ୍ଧୁରୁ ଚଟ୍ଟଗ୍ରାମ ପର୍ଯ୍ୟନ୍ତ ଥିଲା ବିସ୍ତୃତ ସମୁଦ୍ର ଉପକୂଳ । ଲୋକେ ନିଜ ଗୃହଦା ମୁତାବକ ନିଜ ଇଚ୍ଛା ଅନୁସାରେ ଲୁଣ ତିଆରି କରିପାରୁଥିଲେ । କିଏ ଏହି ଏକ ଗୁଟିଆ କାରବାର ଖୋଲିଲା ? ଏ ଦେଶକୁ ଇଷ୍ଟଇଣ୍ଡିଆ କମ୍ପାନୀ ଆସିବା ପରେ ଏକଗୁଟିଆ ବାଣିଜ୍ୟ ବା 'ମନୋପଲି' କଥାଟି ଆସିଛି । ବ୍ରିଟିଶ ବଣିକ ଶାସନର ଆବିର୍ଭାବ ପରେ ଏହି ଅଭିଶପ୍ତ 'ମନୋପଲି' ନୀତିଟି ଏ ଦେଶକୁ ଆସିଛି । ଯେଉଁ ଦେଶରେ 'ମନୋପଲି' ବୋଲି କିଛି ନଥିଲା, ସେ ଦେଶରେ ଖଜଣା ବୋଲି କିଛି ଥିଲା କହିବା ପରସ୍ପର ବିରୋଧୀ ଉକ୍ତି ହେବ । ସେ ଯୁଗରେ ଲୁଣ ତିଆରି ପାଇଁ କାରଖାନା ନ ଥିଲା । ଲୋକେ ମାଟିଆଏ ଲୁଣ ପାଣି ନେଇ ଯାଇ ନିଜ ଘରେ ଲୁଣ ତିଆରି କରୁଥିଲେ । କିନ୍ତୁ ଏଇ 'ମନୋପଲି' ବ୍ୟବସ୍ଥା ଦରିଦ୍ର ଲୋକଙ୍କ ଉପରେ ଅସମ୍ଭବ ଚାପ ସୃଷ୍ଟି କରିଛି । ଆଇନକୁ ଫାଙ୍କି ଦେଇ ଲୁଣ ମାରିବା ପାଇଁ ଲୋକଙ୍କୁ ବାଧ୍ୟ କରିଛି । ଏପରିକି ଏଥିପାଇଁ ସେମାନଙ୍କ ଜମିଦାରମାନଙ୍କୁ ମଧ୍ୟ ଶାସ୍ତି

Digitized by PPRACHIN, SOA

ଭୋଗିବାକୁ ପଡୁଛି । ହୁଏତ ସରକାରୀ ପକ୍ଷ ଯୁକ୍ତି କରିବେ ଯେ ଲୁଣ ମାରିବା ପାଇଁ ସମସ୍ତଙ୍କୁ ସ୍ୱାଧୀନତା ଦିଆଯାଏ, ତା ସମୁଦ୍ର କୂଳ ଲୋକଙ୍କୁ ସୁବିଧା ଦିଆଇପାରେ । ଦେଶର ଅଭ୍ୟନ୍ତର ଲୋକେ ଲୁଣ ପାଇଁ ବହୁତ ଖର୍ଚ୍ଚାନ୍ତ ହେବେ । କିନ୍ତୁ ପ୍ରକୃତରେ ଭାରତରେ ଲୁଣ କେବଳ ସମୁଦ୍ରରୁ ମିଳିଯାଏ ନାହିଁ । ଦେଶର ଅଭ୍ୟନ୍ତର ଭାଗରେ ମଧ୍ୟ ମାଟିତଳେ ଲୁଣ ସଞ୍ଚିତ ଅଛି । ଏହି ଲୁଣ ମାଟିକୁ ପାଣିରେ ଧୋଇ ସେହି ପାଣିକୁ ଫୁଟାଇ ଲୁଣ ମିଳିଯାଏ । ଏପରିକି ଏଲାହାବାଦ ପାଖରେ ବି ଏପରି ଲୁଣ ଥିବା ମାଟି ଦେଖାଯାଏ । ୧୮୬୭ ଖ୍ରୀଷ୍ଟାବ୍ଦରେ ମାନ୍ଦ୍ରାଜ ବୋର୍ଡ ଅଫ୍ ରେଭିନ୍ୟୁର ସଭ୍ୟ ଲୁଣ ଉପରେ ପ୍ରଦତ୍ତ ନିଜ ରିପୋର୍ଟରେ ୯୪ ପୃଷ୍ଠାରେ କହିଛନ୍ତି--The quality of earth salt very greatly differs from locality to locality. That produced from the black cotton soil is generally the best and it is pure white. ଏହି ଲୁଣ ଟେସାପ୍ଲାରର ଲୁଣ ଭଳି ଶୁଭ୍ର, ସ୍ୱଚ୍ଛ ଦାନା ବିଶିଷ୍ଟ । ଲାଲ ମାଟିରୁ ଯେଉଁ ଲୁଣ ହୁଏ, ତାହା ମଇଳା ଓ ମଳଛିଆ । ପ୍ରଥମୋକ୍ତ ଲୁଣ ସାଧାରଣ ମଣିଷଙ୍କ ପାଇଁ ଓ ମଳଛିଆ ଲୁଣ କେବଳ ଗୋରୁଙ୍କୁ ଦିଆଯାଏ ।" (୧)

ଏଠି ଲକ୍ଷ୍ୟ କରିବାର କଥା ପ୍ରତି ପରିବାରରେ ଗୃହପାଳିତ ପଶୁମାନଙ୍କୁ ମଧ୍ୟ ଲୁଣ ଖୁଆଇବାର ବ୍ୟବସ୍ଥା ଥିଲା ।

ବନ୍ୟା ଓ ଦୁର୍ଭିକ୍ଷ କବଳିତ ଲୋକଙ୍କ ପାଇଁ ଲବଣ ଶିଳ୍ପ ଅନ୍ନ ସଂସ୍ଥାନର ଥିଲା ଏକ ବିକଳ୍ପ ବ୍ୟବସ୍ଥା । ଏହି ଲବଣ ଶିଳ୍ପର ଧ୍ୱଂସ ଫଳରେ ଲୋକେ ଦେଶାନ୍ତରୀ ହେବାକୁ ବାଧ୍ୟ ହୋଇଥିଲେ । ୧୮୬୬ରେ ବିଧ୍ୱଂସୀ ବନ୍ୟା ଫଳରେ ବାଲେଶ୍ୱର ଜିଲ୍ଲାର ଲବଣ ଶିଳ୍ପ ଗୁଡ଼ିକର ଅବସ୍ଥା ଦୃଷ୍ଟାନ୍ତ ସ୍ୱରୂପ ଦିଆଯାଇ ପାରେ । ଏକଚାଟିଆ ଭାବରେ ଲୁଣ ମାରୁଥିବା ଶିଳ୍ପପତି କେବଳ ଲାଭ ଦେଖନ୍ତି । ସେମାନେ ଶ୍ରମିକଙ୍କ ସ୍ୱାର୍ଥ ଦେଖନ୍ତି ନାହିଁ । ବିଶେଷତଃ ସମୁଦ୍ରକୂଳବର୍ତ୍ତୀ ଲୁଣା ଜମିରେ ଲୁଣ ମାରିବା ସହଜ, କିନ୍ତୁ ଫସଲ ଫଳାଇବା ଅସମ୍ଭବ । ତେଣୁ ରୟତମାନେ ନିଜ ଜମି ଓ ଘର ଗୁଡ଼ି କୁଲି ମଜୁରିଆ ହୋଇ ଜାମସେଦପୁର, କଲିକତା ପଳାଇ ଯାଆନ୍ତି । ୧୮୬୬

(୧) Speches and Remarks of Pandit Nilakanth Das
Page—54-75 Vol. 1

Digitized by PPRACHIN, SOA

ଖ୍ରୀ: ଅ: ରେ କେବଳ ବର୍ଷକ ପାଇଁ ବାଲେଶ୍ୱର ବନ୍ୟା ଦୁର୍ଭିକ୍ଷଗ୍ରସ୍ତ ଲୋକଙ୍କୁ ଲୁଣ ମାରିବାପାଇଁ ଅନୁମତି ଦିଆଯାଇଥିଲା । ଏହା ଫଳରେ ରପ୍ତାନିମାନଙ୍କ ଦେଶାନ୍ତରୀ ହେବାର ସଂଖ୍ୟା ବହୁ ପରିମାଣରେ ହ୍ରାସ ପାଇଥିଲା ।

କମ୍ପାନୀ ଅମଳରେ ଏକଚାଟିଆ ଲୁଣ ବ୍ୟବସାୟ ରାଜା ପ୍ରଜା ସମସ୍ତଙ୍କୁ ଅତ୍ୟାଚରିତ କରୁଥିଲା । ବ୍ରିଟିଶ ଇଣ୍ଡିଆନ ଆସୋସିଏସନ୍ ପକ୍ଷରୁ ମହର୍ଷି ଦେବେନ୍ଦ୍ର ନାଥ ଏହା ବିରୁଦ୍ଧରେ ଏକ ଆବେଦନ ପତ୍ର ଦେଇ-ଥିଲେ । ସମୁଦ୍ରରୁ ପାଣି ଆଣି ପ୍ରତ୍ୟକ୍ଷରେ ଲୁଣ ମାରିବା ନିଷିଦ୍ଧ ହେବାରୁ ଦରିଦ୍ର ଲୋକେ କନାକୁ ଲୁଣ ପାଣିରେ ଭିଜାଇ ତାକୁ ଖରାରେ ଶୁଖାଇ ସେଇ ପାଉଁଶକୁ ଲୁଣ ଭାବରେ ବ୍ୟବହାର କରୁଥିଲେ । ୧୮୨୭ରେ କମ୍ପାନୀ ଏକ ଆଇନ କରି ଏଥିପାଇଁ ମଧ୍ୟ କଠୋର ଶାସ୍ତି ବିଧାନର ବ୍ୟବସ୍ଥା କରିଥିଲେ । ସେ ଥିଲା ଏକ ବର୍ବରତାର ଯୁଗ । ଏପରିକି ଏଇ ଧରଣର ଅପରାଧ ପାଇଁ ବିଚାର କୌଣସି ଆଇନ୍ ଅଦାଲତରେ ହେଉ ନଥିଲା । ପ୍ରଜାଙ୍କର ଏଇ ଅପରାଧ ପାଇଁ ପ୍ରଜାଙ୍କୁ ଶାସ୍ତି ଦେବା ସଙ୍ଗେ ସଙ୍ଗେ ଜମିଦାରଙ୍କୁ ମଧ୍ୟ ଜୋରିମାନା କରା ହେଉଥିଲା । ମହର୍ଷି ଦେବେନ୍ଦ୍ର ନାଥ ଠାକୁରଙ୍କୁ ମଧ୍ୟ ସାଞ୍ଚଶହଟଙ୍କା କରି ଏଥିପାଇଁ ଏକାଧିକବାର ଜୋରିମାନା ଦେବାକୁ ପଡ଼ିଥିଲା । ୧୮୬୬ ର ଦୁର୍ଭିକ୍ଷ ପ୍ରସଙ୍ଗରେ ଫେମିନ୍ କମିସନ୍ ରିପୋର୍ଟରେ ମଧ୍ୟ ଏହି କଥା ଉଲ୍ଲିଖିତ ହୋଇଥିଲା । (୧) ସରକାର ଏହି ଲୁଣରେ ଏକଚାଟିଆ ବ୍ୟବସାୟ କରିବା ଫଳରେ ଯେଉଁ ଭୂମିହୀନ କୃଷକ-ମାନେ ଲୁଣ ମାରି ଚଳୁଥିଲେ, ସେମାନେ ଚରମ ଦାରିଦ୍ର୍ୟର ସମ୍ମୁଖୀନ ହୋଇଥିଲେ । ଓଡ଼ିଶାର ଷାଠିଏ ଲକ୍ଷ ଲୋକଙ୍କ ମଧ୍ୟରୁ ଏଇ ଦୁର୍ଭିକ୍ଷରେ କୋଡ଼ିଏ ଲକ୍ଷ ଲୋକ ମରିଥିଲେ । କହିବାକୁ ଗଲେ, ଲୁଣର ଏକଚାଟିଆ ବ୍ୟବସାୟର ଏମାନେ ଶିକାର ହୋଇଥିଲେ । କମ୍ପାନୀ ଏହି ଲୁଣ ଉପରେ ଟିକସ ବସାଇବାର ଆଉ ଏକ କାରଣ ଥିଲା, ସେମାନେ ନିଜ କର୍ମଚାରୀ ମାନଙ୍କୁ ନିୟମିତ ଦରମା ଦେଉ ନ ଥିଲେ । ମନଇଚ୍ଛା ଲୋକଙ୍କୁ ଶୋଷଣ କରି ଅର୍ଥ ସଞ୍ଚୟ କରିବା ପାଇଁ କର୍ମଚାରୀମାନଙ୍କୁ ଛାଡ଼ ଦିଆଯାଉଥିଲା । ଜଣେ ବନ୍ଧୁଙ୍କ ଠାରୁ ମୁଁ ଜାଣିଛି, ଐତିହାସିକ ଭିନ୍‌ସେଣ୍ଟ ସ୍ମିଥ୍ (Vincent Smith) ଙ୍କୁ ସେ ଦେଖାକରି କମ୍ପାନୀର ନିଜ ଦୁଷ୍କର୍ମ କଥା କାହିଁକି ସେ ଇତିହାସରେ

(୧) Famine Report of Orissa of 1866 Page-222

Digitized by PPRACHIN, SOA

ଲେଖି ନାହାନ୍ତି, ତାହା ଜାଣିବାକୁ ଚାହିଁଥିଲେ । ଉତ୍ତରରେ ଐତିହାସିକ ସ୍ମିଥ୍ କହିଥିଲେ "ମୁଁ ଜାଣେ ଯେ କଂପାନୀର ଲୋକ ଗୁଡ଼ିକ ଥିଲେ ଏକାବେଳକେ ବର୍ବର କିନ୍ତୁ ରାଜନୈତିକ କାରଣରୁ ଏ ସବୁକୁ ଲେଖିବା ମୋ ପକ୍ଷରେ ସମ୍ଭବ ନଥିଲା ।" ଏହା ଅବଶ୍ୟ ଶୁଣା କଥା, କିନ୍ତୁ ଏହା ଯେ ସତ୍ୟ ହୋଇଥିବ, ତାହା ବିଶ୍ୱାସ କରିବାର ବହୁତ କାରଣ ରହିଛି । ଏହି ଲୁଣର ପ୍ରବର୍ତ୍ତନ ପ୍ରସଙ୍ଗରେ ଭାରତ ସଚିବ Duke of Argyll କହିଥିଲେ—ସବୁ ଦିଗରୁ ବିଚାର କରି ସାଧାରଣ ଭାବରେ କୁହାଯାଇ ପାରେ, ଲୁଣ ଉପରେ କର ବସାଇବା ପୂର୍ଣ୍ଣତଃ ଆଇନ ସମ୍ମତ । ରାଜ୍ୟର ବ୍ୟୟ ନିର୍ବାହ ପାଇଁ ସମଗ୍ର ଜନସାଧାରଣଙ୍କଠାରୁ କର ଆଦାୟ କରିବା ଅସମ୍ଭବ । କିନ୍ତୁ ଲୁଣ ବ୍ୟତୀତ ସମଗ୍ର ଭାରତବର୍ଷରେ ଆଉ କୌଣସି ପଦାର୍ଥ ନାହିଁ ଯାହା ଜରିଆରେ ସମସ୍ତଙ୍କ ଉପରେ କର ବସାଯାଇ ପାରିବ । ଏହା ପରେ ଏକ ବିଦ୍ରୂପ ଭଙ୍ଗୀରେ ଗରିବମାନଙ୍କୁ ସରକାର ରକ୍ଷା କରିବା ପାଇଁ ଗରିବଙ୍କ ଠାରୁ କିଛି କର ଆଦାୟ କରିବା ଦରକାର, ଏହି ମତ ଉପରେ ଲୁଣ କର ବସିଥିଲା । କୌଣସି ଯୁକ୍ତି ଦ୍ୱାରା ଏହାକୁ ସମର୍ଥନ କରାଯାଇ ପାରେ ନାହିଁ । ଏହି ପ୍ରସଙ୍ଗରେ ବହୁଦିନ ପୂର୍ବେ ପ୍ରଦତ୍ତ ଦାଦା ଭାଇ ନାରୋଜୀଙ୍କ ବକ୍ତୃତାର ଏକ ଅଂଶ ଉଦ୍ଧାର କରି ନୀଳକଣ୍ଠ କହିଲେ ଯେ ସୁଦୀର୍ଘ ବ୍ରିଟିଶ ଶାସନ ପକ୍ଷରେ ଏହାଠାରୁ ଲଜ୍ୟାକର ପରିସ୍ଥିତି ଆଉ କଣ ହୋଇପାରେ ? ସରକାରଙ୍କୁ ଟିକସ ଦେବାପାଇଁ ଲୋକଙ୍କର ଆଉ କୌଣସି ସମ୍ବଳ ନାହିଁ । ସେମାନେ ଆଉ କଣ କୌଣସି ଭୋଗ୍ୟ ପଣ୍ୟ ବ୍ୟବହାର କରୁ ନାହାନ୍ତି, ଯାହା ଉପରେ ସେମାନେ ସରକାରଙ୍କୁ ଖଜଣା ଦେଇ ପାରିବେ ? ଜୀବନର ସମସ୍ତ ଭୋଗ୍ୟ ସାମଗ୍ରୀରୁ ବଞ୍ଚିତ ହେବା ଓ ହରଗଞ୍ଜ ହେବା ଯେପରିକି ସେମାନଙ୍କର ଭାଗ୍ୟଲିପି । ମହାନ୍ ଜାତୀୟ ନେତା ନାରୋଜୀଙ୍କର ମୁଖରେହିଁ ସମଗ୍ର ଭାରତବାସୀଙ୍କ ବାଣୀ ରୂପ ପାଇଅଛି । ସରକାର ଟିକସ ବସାନ୍ତୁ ବା ନ ବସାନ୍ତୁ, ଲୋକଙ୍କୁ ଲୁଣ ଖାଇବାକୁ ପଡ଼ିବ । ଯଦି ଲୁଣ ଉପରେ ମହଣକୁ ତିରିଶ ଟଙ୍କା ଟିକସ ବସେ ତଥାପି ଲୋକେ ଲୁଣ ଖାଇବେ ।

ନୀଳକଣ୍ଠଙ୍କର ଏହି ଲୁଣ ବିଷୟକ ବକ୍ତୃତା ଏତେ ଦୀର୍ଘ ହୋଇଥିଲା ଯେ ପରିଶେଷରେ ତାଙ୍କୁ ନିଜ ବକ୍ତୃତାର ପରିସମାପ୍ତି ଶୀଘ୍ର କରିବାକୁ ପଡ଼ିଥିଲା । ହେଲେହେଁ ଶେଷରେ ନୀତିଗତ ଭାବରେ ଲୁଣ ମାରିବା

Digitized by PPRACHIN, SOA

ପାଇଁ କୌଣସି ଘରୋଇ କମ୍ପାନୀକୁ ଅନୁମତି ଦେବା ଲାଗି ସରକାର ପ୍ରସ୍ତୁତ ହୋଇ ନ ଥିଲେ । ଅର୍ଥ ସଚିବ ସାର୍ ଜର୍ଜ ଶୁଷ୍ଟାର (George Schuster) କହିଥିଲେ "I was just coming to that. I was going to say, that if the Honourable Pandit himself or anybody else liked to apply for facilities to be given to erect a factory, the govt. would give him every encouragement (1)

କେନ୍ଦ୍ର ଆସେମ୍ବ୍ଲିରେ ନୀଳକଣ୍ଠଙ୍କ ବକ୍ତୃତା ସବୁ କେତେ ଉପାଦେୟ ଓ ଦେଶର ସମୃଦ୍ଧ ହିତପାଇଁ ସେ କେତେ ସଚେତନ ଥିଲେ ତାହାର ଦୃଷ୍ଟାନ୍ତ ସ୍ୱରୂପ ଲୁଣ ବିଷୟକ ତାଙ୍କର ଏହି ଦୀର୍ଘ ବକ୍ତୃତାର ଅବତାରଣା କରାଗଲା ।

## ଦେଶାନ୍ତରୀ ଶ୍ରମିକ ସମସ୍ୟା—

ଅନ୍ୟ ଏକ ପ୍ରଧାନ ସମସ୍ୟା ଥିଲା ଦେଶାନ୍ତରୀ ଶ୍ରମିକ (ଦାଦନ-ଶ୍ରମିକ) ସମସ୍ୟା । ଓଡ଼ିଶାର ଗ୍ରାମୀଣ ଜନସାଧାରଣଙ୍କର ସ୍ୱାର୍ଥ ଏହା ସହ ଏକାନ୍ତ ଭାବରେ ଜଡ଼ିତ ଥିଲା । ସର୍ଦ୍ଦାରମାନଙ୍କ ଦ୍ୱାରା ପ୍ରଲୋଭିତ ହୋଇ ଏମାନେ ଆସାମର ଚା ବଗିଚାରେ କୁଲି କାମ କରିବାକୁ ଯାଉଥିଲେ । ଏହି ଶ୍ରମିକଙ୍କୁ ଗଞ୍ଜା ଓ ମାଦକ ଦ୍ରବ୍ୟ ଇତ୍ୟାଦି ସେବନ କରାଇ ସର୍ଦ୍ଦାରମାନେ ଏକାବେଳକେ ବିଭ୍ରାନ୍ତ କରି ଦେଉଥିଲେ । ଏମାନେ ଏକାବେଳକେ ଭଗ୍ନ ସ୍ୱାସ୍ଥ୍ୟ ହୋଇ କେତେବେଳେ କେମିତି ମୁମୂର୍ଷୁ ଜୀବନ ଘେନି ନିଜ ଜନ୍ମ ଭୂମିକୁ ଫେରୁଥିଲେ । ଏମାନଙ୍କ ଦୁଃଖ ଦୁର୍ଦ୍ଦଶା ଦୂର କରିବା ପାଇଁ ସବୁ ସ୍ତରରେ ଉଦ୍ୟମ ପାଇଁ ପଣ୍ଡିତଜୀ ଆହ୍ୱାନ ଦେଉଥିଲେ । କଲିକତା, ଟାଟା ପ୍ରଭୃତି ଶିଳ୍ପକେନ୍ଦ୍ର ଗୁଡ଼ିକରେ ଓଡ଼ିଆ ଶ୍ରମିକମାନଙ୍କର ଅବସ୍ଥା ସେ ପ୍ରତ୍ୟକ୍ଷ ଭାବରେ ଅନୁଧ୍ୟାନ କରୁଥିଲେ ।

ଅନ୍ୟ ଯେଉଁ ସବୁ ବିଷୟରେ ନୀଳକଣ୍ଠ କେନ୍ଦ୍ର ଆସେମ୍ବ୍ଲିରେ ଦୃଷ୍ଟି ଆକର୍ଷଣ କରିଥିଲେ ସେଗୁଡ଼ିକ ମଧ୍ୟରେ ଭାଷା ସୂତ୍ରରେ ପ୍ରଦେଶ ଗଠନ, ଜାତୀୟ ଶିଳ୍ପର ସୁରକ୍ଷା, ଭାରତରେ ରେଳ ପଥର ବିସ୍ତାର ଓ ଜାତୀୟ ନଗରଶ୍ରେଣୀ ବିଲ୍ ଉପରେ ଆଲୋଚନା ଇତ୍ୟାଦି । ଇଂରେଜ ସରକାରଙ୍କ ଆର୍ଥିନୀତିକ ଭାରତର ସ୍ୱାର୍ଥ ଦୃଷ୍ଟିରୁ ନୁହେଁ, ବିଲାତର ସ୍ୱାର୍ଥ ଦୃଷ୍ଟିରୁ ନିୟନ୍ତ୍ରିତ

(1) Speaches and Remarks of Pandit Nilakanthe Das vol I p. 33.

Digitized by PPRACHIN, SOA

ହୋଇଥିଲା । ଏପରି କି ଟାଟାଙ୍କ ଉଦ୍ୟମରେ ସ୍ଥାପିତ ଲୁହା କାରଖାନାରେ ମଧ୍ୟ ଇଂଲଣ୍ଡର ସ୍ୱାର୍ଥ ସଂରକ୍ଷିତ ହୋଇଥିଲା । ଇଂରେଜ ପୁଞ୍ଜିପତିମାନେ ଅତି ଉଚ୍ଚ ହାର ସୁଧରେ ଏଥିରେ ଅର୍ଥ ବିନିଯୋଗ କରୁଥିଲେ । ଏ ସବୁ ଶିଳ୍ପ ସଂସ୍ଥା ମାଧ୍ୟମରେ ଇଂଲଣ୍ଡରୁ ନିଜର ଯନ୍ତ୍ରପାତି କିଣିବାକୁ ବାଧ୍ୟ କରାଯାଉଥିଲା । ଏହି ପରିପ୍ରେକ୍ଷୀରେ ଏହି ସମସ୍ତ ଶିଳ୍ପ ସଂସ୍ଥାର ଯଥାର୍ଥ ଭାରତୀୟକରଣ ପାଇଁ ପଣ୍ଡିତଜୀ ଦୃଢ଼ ଯୁକ୍ତି ଉପସ୍ଥାପନ କରୁଥିଲେ ।

ଭାରତର ସ୍ୱାଧୀନତା ସଂଗ୍ରାମରେ ଜାତୀୟ କଂଗ୍ରେସ ଓ ଅସହ-ଯୋଗ ଆନ୍ଦୋଳନ ନିଶ୍ଚିତ ଭାବରେ ମୁଖ୍ୟ ଭୂମିକା ନେଇଥିଲା । କିନ୍ତୁ ଏଇ ଜାତୀୟ ଆନ୍ଦୋଳନର ମର୍ମବାଣୀ ଇଂରେଜୀ ଶାସକଙ୍କଠାରେ ପ୍ରକାଶ କରିବାରେ କେନ୍ଦ୍ର ବ୍ୟବସ୍ଥାସଭା ଏକ ବିଶେଷ ଅଂଶ ଗ୍ରହଣ କରିଥିଲା । ଏହି ଦୃଷ୍ଟିରୁ ସ୍ୱାଧୀନତା ସଂଗ୍ରାମରେ ଏହାର ଦାନ ଅନସ୍ୱୀକାର୍ଯ୍ୟ । ପ୍ରଥମତଃ ଭାରତବର୍ଷ ଶାସନରେ ସାମ୍ବିଧାନିକ ଅଗ୍ରଗତି ପାଇଁ ଏହାର ଭୂମିକା ଥିଲା ଅତ୍ୟନ୍ତ ଉଲ୍ଲେଖଯୋଗ୍ୟ । ସେନାବାହିନୀ, ଶାସନ ବିଭାଗ ଓ ରେଳ ବିଭାଗରେ ଭାରତୀୟମାନଙ୍କର ପ୍ରବେଶ, ଶିଳ୍ପ ଓ ଅର୍ଥନୀତି କ୍ଷେତ୍ରରେ ଭାରତୀୟ ସ୍ୱାର୍ଥର ସଂରକ୍ଷଣ, ସାମାଜିକ ବିକାଶ ଓ ଶ୍ରମିକମାନଙ୍କର ସ୍ୱାର୍ଥରକ୍ଷା ଦୃଷ୍ଟିରୁ ପ୍ରଗତିଧର୍ମୀ ଆଇନ୍ ପ୍ରଣୟନରେ କେନ୍ଦ୍ର ଆସେମ୍ବ୍ଲିର ଭାରତୀୟ ସଭ୍ୟମାନଙ୍କ ଦାନ ଥିଲା ସୁଦୂରପ୍ରସାରୀ । ସବୁପ୍ରକାର ପ୍ରଗତିବାଦୀ ଚିନ୍ତା, ଓ ସେ ସମ୍ପର୍କୀୟ ସାମ୍ୟବାଦୀ ଓ ଶ୍ରମିକ ଆନ୍ଦୋଳନର କଣ୍ଠରୋଧ କରିବାପାଇଁ ୧୯୨୮-୨୯ରେ ସରକାର Public Safety Bill ଆଗତ କରିଥିଲେ ଓ ଏଇ ଆଇନ୍‌ର ବିରୋଧ କରିବାରେ ନୀଳକଣ୍ଠ ଥିଲେ ଅଗ୍ରଣୀ ।

## କମ୍ୟୁନିଜମ୍ ବିଷୟରେ ନୀଳକଣ୍ଠଙ୍କ ମତ

କମ୍ୟୁନିଜମ୍ ପ୍ରସାର ବନ୍ଦ କରିବା ପାଇଁ କେନ୍ଦ୍ର ବ୍ୟବସ୍ଥାସଭାରେ ଉକ୍ତ ଜାତୀୟ ନିରାପତ୍ତା ବିଲ୍ ଅଣାଯାଇଥିଲା । ଏହାର ବିରୋଧ କରି ୧୯୨୯ ଫେବୃୟାରି ୮ ତାରିଖରେ ନୀଳକଣ୍ଠ ଯେଉଁ ଦୂରଦୃଷ୍ଟିସମ୍ପନ୍ନ ବକ୍ତୃତା ଦେଇଥିଲେ, ତାର କିୟଦଂଶ ନିମ୍ନରେ ଦିଆଗଲା :—

କମ୍ୟୁନିଜମ୍ ଏଠାକୁ ଆସି ଯାଇଛି । ମୁଁ ଜାଣେ ପୃଥିବୀର ସାମ୍ରାଜ୍ୟ-ବାଦ ଓ ପୁଞ୍ଜିବାଦର ଶିବିରରେ ଏହି ଶବ୍ଦଟି ଭୟ ଓ ସନ୍ତ୍ରାସ ସୃଷ୍ଟି କରିଥାଏ । ଏକ ନୂତନ ଆଦର୍ଶ ବିଶ୍ୱ ସଭ୍ୟତାର ବାହକ ଏହି କମ୍ୟୁନିଜମ୍-

Digitized by PPRACHIN, SOA

ସିଗ୍‌ବଳୟରେ ତାର ଉଦୟ ସଙ୍କେତ । ଏହା ଏବେ ଆସି ଉପସ୍ଥିତ । ସମଗ୍ର କ୍ରମେ ଏହା ପରିବ୍ୟାପ୍ତ ହେବ । ଅଷ୍ଟାଦରେ ପୃଥିବୀକୁ ଯେତେ ଆଦର୍ଶ ଆସିଛି—ସେଥିରେ ଏହା କଛି ପରିବର୍ତ୍ତନ ଘଟାଇବ । ଏଥିରେ ସନ୍ଦେହର ଅବକାଶ କେଉଁଠି ?

ପୁରୁଣା ଇତିହାସକୁ ଫେରି ଗୁହିଁଲେ ଦେଖାଯିବ, ଯେତେବେଳେ କୌଣସି ନୂତନ ଆଦର୍ଶର ଅଭ୍ୟୁଦୟ ଘଟେ, ସେତେବେଳେ ପୁରାତନ ପାଇଁ କଛି ବିପଦ ସୃଷ୍ଟି ହୁଏ । ପୁରାତନ ବ୍ୟବସ୍ଥାରୁ ଯେଉଁମାନେ ଲାଭ ଉଠାଉ ଥାନ୍ତି, (୧) ସେମାନେ ନୂତନର ପ୍ରବଳ ବିରୋଧ କରନ୍ତି । ବ୍ଲଡ଼ ମେରି (Bloody Marv) ଙ୍କ ରାଜତ୍ୱ କାଳରେ ସ୍ମିଥ୍ ଫିଲ୍‌ଡ୍ (Smith Field) ର ହତ୍ୟାକାଣ୍ଡ ଘଟିଥିଲା । ବିଧର୍ମୀ ହତ୍ୟାକାଳରେ ଏହିଭଳି କଠୋର ଶାସ୍ତି ବିଧାନର ବ୍ୟବସ୍ଥା ହୋଇଥିଲା । ତଥାପି ପ୍ରୋଟେଷ୍ଟାଣ୍ଟ (Protestant) ଧର୍ମ ମରି ନ ଥିଲା । ଗାଲିଲିଓଙ୍କୁ ଯେଉଁ ପୋପ୍ ଜେଲ୍‌ଦଣ୍ଡ ଦେଇଥିଲେ, ସେ, ନା ଗାଲିଲିଓ ଆଜି ଅମର ହୋଇ ରହିଛନ୍ତି ?

କମ୍ୟୁନିଜମ୍‌ର ଅଭ୍ୟୁଦୟକାଳ ଉପସ୍ଥିତ ଏ କଥା କେହି ଅସ୍ୱୀକାର କରି ପାରିବେ ନାହିଁ । ଏହା କପରି ଆସିଲା ? ରୁଷିଆରେ କିଏ ଏହା ପ୍ରଚ୍ୟର କଲା ? ସାଇବେରିଆର ବରଫ ଭିତରେ କମ୍ୟୁନିଜମ୍‌କୁ ବନ୍ଦୀ କରି ରଖି ଦିଆଯାଇ ପାରିଲା କି ? ଚିରଦିନ ଅନ୍ଧକାରରେ ରଖି ବ୍ରିଟିଶ ସାମ୍ରାଜ୍ୟବାଦୀଙ୍କ ଶୋଷଣ ପାଇଁ ଭାରତକୁ ଆପଣମାନେ ଏକ ହାରେମ୍—(ଅନ୍ତଃପୁର) କରି ରଖି ପାରିବେ ନାହିଁ । ମୁଁ କହେଁ କମ୍ୟୁନିଜମ୍ ଆସିଛି, ଆସୁ । ଆମେ ଏଇଠି ତାର ସମ୍ମୁଖୀନ ହେବୁଁ । ଏଠାରେ ତୁମର (ଇଂରେଜ-ମାନଙ୍କର) ସ୍ଥିତି ବିଷୟରେ ଯଦି ସନ୍ଦେହ ଥାଏ, ସରକାର ଯଦି ଲୋକ ମତର ବଳିଷ୍ଠ ଭିତ୍ତି ଉପରେ ପ୍ରତିଷ୍ଠିତ ହୋଇ ନ ଥାଏ, ଯଦି ଲୋକଙ୍କୁ ବୁଝେଇ ନ ପାରୁଁ ଯେ ସରକାର ଲୋକଙ୍କ ହିତ ପାଇଁ କାମ କରୁଛି ଓ ପ୍ରଶାସନ ଦୃଢ଼ ରହିଛି, କପରି ସ୍ଥିତାବସ୍ଥା ବଜାୟ ରଖିବା ସମ୍ଭବ ହେବ ? ବମ୍ବେ ଉପକୂଳରୁ କମ୍ୟୁନିଜମ୍ ଓ ସମଧର୍ମୀ ଆଦର୍ଶ ସବୁକୁ ଆପଣମାନେ କଣ ବିତାଡ଼ିତ କରି ପାରିବେ ? ଆପଣମାନେ ଏ ଦେଶରୁ କେତେ ଜଣ ଇଂରେଜ ବା ଇଉରୋପୀୟଙ୍କୁ ଆପଣଙ୍କ ଯୁକ୍ତି ଅନୁସାରେ ତଡ଼ି ଦେଇ ପାରନ୍ତି, ଆପଣମାନେ ଅତି ଉତ୍ସାହରେ ଗଢି ଉଠୁଥିବା ଯୁବଆନ୍ଦୋଳନକୁ

Digitized by PPRACHIN, SOA

କ୍ଷମତା ବଳରେ ଚପାଇ ଦେଇ ପାରନ୍ତି, କିନ୍ତୁ ଏହା ଫଳରେ କଣ କମ୍ୟୁନିଜିମକୁ ଦୂର କରି ଦିଆଯାଇ ପାରିବ ? ଏହା ଏକ ନୂତନ ଆଦର୍ଶ, ଏହା ଯେତେବେଳେ ସାରା ପୃଥିବୀ ବାୟୁମଣ୍ଡଳରେ ପ୍ରସାରିତ ହୋଇ ପଡ଼ିବ, ସେତେବେଳେ ତାହା ଭାରତକୁ ଆସିବ, ଯେପରି ଆସିଛି ବିଲାତକୁ ବା ଅନ୍ୟ ଯେ କୌଣସି ଦେଶକୁ ।

ଆପଣମାନେ ଏହାକୁ ଏକ ବିପ୍ଳବ କହନ୍ତି । କିନ୍ତୁ ବିପ୍ଳବ କଣ ? ଜଣେ ଦର୍ଶନ ଛାତ୍ର ଭାବରେ ମୁଁ ବିପ୍ଳବର ଅର୍ଥ ବୁଝି ପାରୁ ନାହିଁ । ଅଭିଧାନରୁ ମଧ୍ୟ ଏହା ଠିକ୍ ଅର୍ଥ ମିଳିବ ନାହିଁ । ମୋ ଜାଣିବାରେ ପ୍ରଗତିର ଧାରାରେ ପ୍ରତି ପରିବର୍ତ୍ତନ ହେଉଛି ଏକ କ୍ରମ ପରିଣାମ (evolution) । ଏକ ଭୁଲ ଅର୍ଥରେ ଅବୈଜ୍ଞାନିକ ବ୍ୟାଖ୍ୟା ଉପରେ ବିପ୍ଳବର ଧାରଣା ପ୍ରତିଷ୍ଠିତ । ଗୋଟିଏ ଗୃର ଗଛ ଓ ଫୁଲର ଦୃଷ୍ଟାନ୍ତ ନିଅନ୍ତୁ, ଯେ କୌଣସି ଉଦ୍ଭିଦ୍-ବିଜ୍ଞାନୀ କହିବେ ଏହା ପରର ଏକ ବିବର୍ତ୍ତିତ ଅବସ୍ଥା । କିନ୍ତୁ ଜଣେ ସାଧାରଣ ଲୋକ ଗଛରେ ଫୁଲ ଫୁଟିବାର ଦେଖିଲେ ତାକୁ ନୂଆ ଲାଗିବ, ଏହାକୁ ସେ ବୃକ୍ଷ ଜୀବନର ଏକ ବିପ୍ଳବ କହିବ ! କିନ୍ତୁ ବୈଜ୍ଞାନିକ ଦୃଷ୍ଟିରେ ଏହା ବିବର୍ତ୍ତନର (କ୍ରମ ପରିଣାମ) ଏକ ଧାରା । ଏଥିରେ ନୂତନତ୍ୱ କିଛି ନାହିଁ । ତେଣୁ ଯାହା କିଛି ନୂଆ ଦେଖା ଦେବ, ତାକୁ ଆପଣ ବିପ୍ଳବ କହି ପାରନ୍ତି । ଅତି ଆଶ୍ଚର୍ଯ୍ୟ କଥା—ଏକା ଭଳି ଗୋଟିକ ପରେ ଗୋଟିଏ ପତ୍ର କଅଁଳୁ ଥିଲେ, ଆମେ ତାକୁ ବିବର୍ତ୍ତନ କହୁଁ, ଅଥଚ ଗଛର ଯୌବନ ଅବସ୍ଥା ଆସିଲେ (Summum bonum) ଫୁଲଟିଏ ଫୁଟିଲେ, ଗଛ ନିଜ ଜୀବନର ସାର୍ଥକତା ଲାଭ କଲେ ତାକୁ କଣ ବିବର୍ତ୍ତନର ଏକ ଧାରା କହିବା ନାହିଁ ? କିଏ ଜାଣେ, ହୁଏତ ଏଇ ଯେଉଁ ନୂତନ ଆଦର୍ଶ ଆସୁଛି, ତାହା ମାନବ ସଂସ୍କୃତିର ବିବର୍ତ୍ତନ ଧାରାରେ ଶ୍ରେଷ୍ଠ ଅବସ୍ଥା ଆଣି ଦେଇପାରେ—ଏତେ ଦିନ ମାନବ ଜାତି ସୃଷ୍ଟି ରହିବାରେ ସାର୍ଥକତା ଆଣି ଦେଇପାରେ ? ସାରା ପୃଥିବୀରେ ଏହାକୁ ଥରେ ପରୀକ୍ଷା କରି ଦେଖା ଯାଉ । ଭାରତରେ ମଧ୍ୟ ଥରେ ଏହାର ପରୀକ୍ଷା ହେଉ । ଆମେ ତାର ସମ୍ମୁଖୀନ ହେବା—ଏହା ହିଁ ମୁଁ ଆପଣମାନଙ୍କୁ କହିବାକୁ ଚାହୁଁଛି ।

Digitized by PPRACHIN, SOA

କେନ୍ଦ୍ର ବ୍ୟବସ୍ଥାସଭାର କାର୍ଯ୍ୟର ଆଉ ଏକ ଅଙ୍ଗ ଥିଲା ବିଧାନ ସଭାର ସ୍ୱାଧୀନତା ଓ ସଭ୍ୟମାନଙ୍କର ଦାବୀର ସୁବିଚାରର ବିଶେଷ ସୁବିଧା ସୁଯୋଗ ସୃଷ୍ଟି କରିବା । ଶାସନର କାର୍ଯ୍ୟକାରୀ ଶାଖାଠାରୁ ବିଧାୟକ ଶାଖାର ଗୁରୁତ୍ୱ ଯେ ଆଦୌ କମ୍ ନୁହେଁ, ଏହା ଏମାନେ ପ୍ରତିପାଦନ କରିଥିଲେ । ପଣ୍ଡିତ ନୀଳକଣ୍ଠ ଏ ବିଷୟରେ ମଧ୍ୟ ଥିଲେ ଅଗ୍ରଣୀ । ୧୯୨୪ ରୁ ୧୯୩୦ ଓ ୧୯୩୫ରୁ ୧୯୩୯ କେନ୍ଦ୍ରୀୟ ଆସେମ୍ବ୍ଲି କ୍ଷେତ୍ରରେ ଥିଲା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସମୟ । କେନ୍ଦ୍ର ଆସେମ୍ବ୍ଲି ପ୍ରତି ମହାତ୍ମାଗାନ୍ଧୀଙ୍କ ଭଳି ଶୀର୍ଷ ନେତାମାନଙ୍କର ବିଶେଷ ଆସ୍ଥା ନ ଥିଲେ ବି ଦେଶର ଜନମତକୁ ପ୍ରତିଫଳିତ କରିବାରେ କେନ୍ଦ୍ର ଆସେମ୍ବ୍ଲିର ଭାରତୀୟ ସଭ୍ୟମାନେ ବିଶେଷ ଭୂମିକା ଗ୍ରହଣ କରିଥିଲେ । ମୋତିଲାଲନେହେରୁ, ଭୁଲା ଭାଇ ଦେଶାଇ, ସତ୍ୟମୂର୍ତ୍ତି, ଗୋବିନ୍ଦ ବଲ୍ଲଭ ପନ୍ଥ ଆଦି ଅତି ଧୂରୀଣ ସଭ୍ୟମାନଙ୍କ ମଧ୍ୟରେ ନୀଳକଣ୍ଠ ଥିଲେ ଅନ୍ୟତମ । ପ୍ରାୟ ୧୮ ବର୍ଷର କାର୍ଯ୍ୟକାଳ ଭିତରେ ପ୍ରଦତ୍ତ ପଣ୍ଡିତ ନୀଳକଣ୍ଠଙ୍କର ସମସ୍ତ ବକ୍ତୃତା ଏକତ୍ର ସଂକଳିତ ହୋଇ ନାଇ । ତାହା ହେବା ଆବଶ୍ୟକ । ସେଇଥିରୁ ହିଁ ସର୍ବଭାରତୀୟ ରାଜନୀତିରେ ପଣ୍ଡିତଜୀଙ୍କର ଯଥାର୍ଥ ଭାବମୂର୍ତ୍ତି ପ୍ରକଟିତ ହେବ ।

ତାଙ୍କ ପ୍ରଦତ୍ତ ବକ୍ତୃତା ଗୁଡ଼ିକ ସଂକଳିତ ହୋଇ ପ୍ରକାଶ ପାଇଲେ କେବଳ ଭାରତୀୟ ରାଜନୀତିରେ ନୁହେଁ, ତାଙ୍କର ଉଚ୍ଚ ଆଦର୍ଶ ଓ ଉନ୍ନତ ଚିନ୍ତାଧାରା ତଥା ଦେଶରେ ପଣ୍ଡିତ ନୀଳକଣ୍ଠଙ୍କର ସ୍ଥାନ ଓ ସମ୍ମାନର କେତେକ ଆଭାସ ମଧ୍ୟ ମିଳିପାରିବ । ଏ ଅଧ୍ୟାୟଟି ଶେଷହେବା ପୂର୍ବରୁ ପଣ୍ଡିତଜୀ ତାଙ୍କ ଜେଲ ଜୀବନ ଭିତରେ ଲେଖି, ଜେଲରୁ ମୁକ୍ତ ହେବା ସଙ୍ଗେ ସଙ୍ଗେ ଯାଇ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ପାଠ କରିଥିବା ଗୋଟିଏ ସାରଗର୍ଭକ ବକ୍ତୃତାର ବିଷୟ ଉଲ୍ଲେଖ କରିବା ସମୀଚୀନ ମନେ କରୁଛି ।

ତାହା ହେଲା, ୧୯୩୦ ମସିହାର ଘଟଣା । ଜେଲ ଜୀବନରେ ବିଭିନ୍ନ ଗ୍ରନ୍ଥର ସାହାଯ୍ୟ ପାଇବା ସମ୍ଭବପର ନୁହେଁ—ନିଜ ସ୍ମୃତିରୁ ବକ୍ତୃତାଟି ଲେଖା ଯାଇଥିବା ବିଷୟ ପଣ୍ଡିତଜୀ ମଧ୍ୟ ଉଲ୍ଲେଖ କରିଛନ୍ତି । ବିଷୟଟି ହେଲା The ideal & out look in Education (in India & the East) ଏବଂ ଏହା ପଠିତ ହୋଇଥିଲା ୧୯୩୦, ଡିସେମ୍ବର ୨୯ ତାରିଖରେ

Digitized by PPRACHIN, SOA

All Asia Educational Conference ରେ । ସେ ସମୟରେ ଏପରି ଏକ ସମ୍ମିଳନୀରେ ଜେଲରୁ ଖଲାସ ହେବା ପରେ ଯାଇ ପାଠ କରିବା ଯେପରି ଓଡ଼ିଆ ଜାତି ପକ୍ଷରେ ଏକ ଗୌରବର ବିଷୟ, ସେ ବକ୍ତୃତାର ବିଭିନ୍ନ ସମସ୍ୟାର ବିଶ୍ଳେଷଣ ସେଥିରେ ପଣ୍ଡିତ ନୀଳକଣ୍ଠଙ୍କ ପାଣ୍ଡିତ୍ୟର ଏକ ଦୃଷ୍ଟାନ୍ତ କହିଲେ ଅତ୍ୟୁକ୍ତି ହେବ ନାହିଁ । ନୀଳକଣ୍ଠ ସ୍ମୃତି ସମିତି ଏ ସମସ୍ତ ବକ୍ତୃତା ସଂକଳନ କରି ଓଡ଼ିଶାର ସୁଧୀ, ଭକ୍ତ ପାଠକଙ୍କର ଆକାଂକ୍ଷା ଚରିତାର୍ଥ କରିବେ ବୋଲି ଆଶା କରୁ ।

—❈—

ସମ୍ଭୋଗେ ତ ବାଞ୍ଛୁ ଅଛୁ ତାର ମୂଳ
ତାର ସଞ୍ଜୀବନ, ସମ୍ଭୋଗ ତାର
ନୟନେ ମଜ୍ଜୁ ତାର-ବୈଭବ
ତାର ତହିଁ ଶୁଭ୍ର ତପନ କର ।
ମର୍ତ୍ତ୍ୟ ଲୋକେ କେତେ ସଙ୍ଗେ ଆସନ୍ତି
ସରଗୁ ଦେବତା ସୁର ସୁନ୍ଦରୀ,
ଏ ଭାରତେ ପୁଣି ଆଦର ବସନ୍ତି
ତୀର୍ଥ ନାମେ ପୁର, ବିପିନ, ଗିରି ।”

—ନୀଳକଣ୍ଠ—

Digitized by PPRACHIN, SOA

# ଓଡ଼ିଶାର ରାଜନୀତି

(‘ନବଭାରତ’ ପ୍ରେସରେ ପଣ୍ଡିତ ନୀଳକଣ୍ଠଙ୍କ ସହଯୋଗୀ, ଓଡ଼ିଶା ବିଧାନ ସଭାର ଅବସରପ୍ରାପ୍ତ ବିବରଣୀ ସମ୍ପାଦକ ଓ ଉତ୍କଳ ବିଶ୍ୱ-ବିଦ୍ୟାଳୟର ନୀଳକଣ୍ଠ ଗବେଷକ ଅଧ୍ୟାପକ ଶ୍ରୀ ବନମାଳୀ ମିଶ୍ରଙ୍କ ପ୍ରଦତ୍ତ ତଥ୍ୟ ଉପରେ ଆଧାରିତ)

ଭାରତୀୟ ରାଜନୀତିରେ ବିଧାୟକ, ବୁଦ୍ଧିଜୀବୀ ଓ ପ୍ରଗତିମନା ନେତା ଭାବରେ ନୀଳକଣ୍ଠ ପ୍ରତିଷ୍ଠିତ । ସାହିତ୍ୟକୃତିକୁ ବାଦ ଦେଲେ ତାଙ୍କର କଂଗ୍ରେସରେ ଯୋଗଦାନ, ହଜାରିବାଗର ଜେଲ ଜୀବନ, ସ୍ୱରାଜ୍ୟ ପାର୍ଟିର ନେତୃତ୍ୱ ଓ କେନ୍ଦ୍ର ଆସେମ୍ବ୍ଲିର ୧୮ ବର୍ଷର ବିଧାୟକ ଜୀବନ ମଧ୍ୟରେ ନୀଳକଣ୍ଠଙ୍କର ପ୍ରତିଷ୍ଠା । ଅବଶ୍ୟ ଅତି ତରୁଣ ବୟସରୁ ସମାଜ ସଂସ୍କାର, ପୀଡ଼ିତର ସେବା ମାଧ୍ୟମରେ ହିଁ ବଙ୍ଗଳାର ସନ୍ତ୍ରାସବାଦୀଙ୍କ ସହ ସମ୍ପର୍କ ରକ୍ଷା କରି ନୀଳକଣ୍ଠ ଓଡ଼ିଶାରେ ରାଜନୈତିକ ଜୀବନ ଆରମ୍ଭ କରିଥିଲେ । ମହତ୍ତର ମାନବ ସେବାର ଏହା ଥିଲା ଏକ ଉଦ୍ଦେଶ୍ୟ । ତ୍ୟାଗବୃତ୍ତି—ସ୍ୱେଚ୍ଛାସେବୀ ଭାବେ ନିରନ୍ନ ଦୁର୍ଭିକ୍ଷ ପ୍ରପୀଡ଼ିତ ବୁଭୁକ୍ଷୁ ଜନତାର ସେବା ତାଙ୍କର ଥିଲା ପ୍ରଥମ ଆଦର୍ଶ । ହୃଦୟବତ୍ତା ଓ ମାନବିକତାର ମଣିକାଞ୍ଚନ ସଂଯୋଗ ଘଟିଥିଲା, ତାଙ୍କର ପ୍ରିୟ ନେତା ଗୋପବନ୍ଧୁଙ୍କର ଜୀବନରେ । ସେହି ଆଦର୍ଶରେ ଦୀକ୍ଷିତ ହୋଇ ତରୁଣ ବୟସରୁ ଶେଷ ଜୀବନ ପର୍ଯ୍ୟନ୍ତ ନୀଳକଣ୍ଠ ଜନସେବା ଓ ସେହି ଭାବରେ ଦେଶ ସେବାରେ ହିଁ ଆତ୍ମୋତ୍ସର୍ଗ କରି ଯାଇଅଛନ୍ତି । ପଣ୍ଡିତ ନୀଳକଣ୍ଠ ରାଜନୀତିରେ ଓଡ଼ିଶାରେ ଶୀର୍ଷସ୍ଥାନ ଅଧିକାର କରିଥିଲେ । ଏଥିରେ ସନ୍ଦେହ ପାଇଁ କେହି ଆସନ ଦୃଢ଼ କରି ରଖି ପାରନ୍ତି ନାହିଁ । ପଣ୍ଡିତଜୀଙ୍କ ଜୀବନରେ ତାହାହିଁ ଘଟିଥିଲା ।

## ନୀଳକଣ୍ଠଙ୍କର ପ୍ରତ୍ୟକ୍ଷ ରାଜନୀତିରେ ଯୋଗଦାନ

ପଣ୍ଡିତ ନୀଳକଣ୍ଠ ୧୯୨୧ ମସିହା ଜାନୁୟାରୀ ୬ ତାରିଖ ଦିନ ପଣ୍ଡିତ ଗୋପବନ୍ଧୁ ଓ ସମ୍ବଲପୁରର କଲେଜ ଛାତ୍ର ଶ୍ରୀ ଭାଗିରଥୀ ମିଶ୍ରଙ୍କ ସହିତ କଲିକତା ଛାଡ଼ି ଟ୍ରେନରେ ସମ୍ବଲପୁର ଅଭିମୁଖେ ଯାତ୍ରା କରିଥିବା କଥା ପୂର୍ବ ଅଧ୍ୟାୟରେ ବର୍ଣ୍ଣାଯାଇଛି । ୭ ତାରିଖ ଦିନ ସମ୍ବଲପୁରରେ

Digitized by PPRACHIN, SOA

ଫେରିବା ପରଠାରୁ ହିଁ ତାଙ୍କର ପ୍ରତ୍ୟକ୍ଷ ରାଜନୈତିକ ଜୀବନର ଶୁଭାରମ୍ଭ । ନୀଳକଣ୍ଠଙ୍କ ଉକ୍ତି ସ୍ମରଣୀୟ—"ଏବେ ସମ୍ବଲପୁର ଷ୍ଟେସନରେ ଲୋକେ ଅପେକ୍ଷା କରଚନ୍ତି—ଲୋକେ ମଧ୍ୟ ଖଣ୍ଡିଏ ମଟରକାର ଆଣିଥିଲେ । ସେଇଠାରୁ ବରାବର ଶୋଭାଯାତ୍ରାରେ ସମସ୍ତ ସମ୍ବଲପୁର ବୁଲାଥିଲୁ । ଦ୍ୱାରେଦ୍ୱାରେ ଅଭ୍ୟର୍ଥନା, ଫୁଲମାଳ । କିଏ ଚନ୍ଦନ ଦେଇ ମୁଣ୍ଡରେ ଗୁଡ଼ାଇ ଦେଉଥାଏ ଓ ଛତା ନଡ଼ିଆ ଆଣି ମୁଣ୍ଡରେ ଲଗାଉ ଥାଏ । ଯୁବତୀମାନେ ଆସି ମୁଣ୍ଡରେ ଚନ୍ଦନ, ସିନ୍ଦୂର ଦେଉଥାନ୍ତି । ସେ ଶୋଭାଯାତ୍ରାର ଦୃଶ୍ୟ ଭୁଲିବାର ନୁହେଁ, ଜୟଧ୍ୱନିର ସ୍ୱର ବରାବର ଉଠୁଥାଏ । × × × ଗୋପବନ୍ଧୁ ବାବୁ ବୋଧହୁଏ, ସେଇଦିନ ସନ୍ଧ୍ୟାକୁ ଚାଲି ଆସିଲେ । ··· ··· ମୋର ପ୍ରଥମ କାର୍ଯ୍ୟ ହେଉଚି, ଚନ୍ଦ୍ରଶେଖର ବେହେରା ଓ ଧରଣୀଧର ମିଶ୍ର ପ୍ରଭୃତିଙ୍କୁ ନେଇ ସମ୍ବଲପୁର ଜିଲ୍ଲାର କଂଗ୍ରେସ କାର୍ଯ୍ୟ ଓ ସଙ୍ଗେ ସଙ୍ଗେ ସମ୍ବଲପୁରରେ ଜାତୀୟବିଦ୍ୟାଳୟ ଆରମ୍ଭ କରିବା ।" (ନୀଳକଣ୍ଠ ଗ୍ରନ୍ଥାବଳୀ ୧ମଭାଗ ପୃ.୧୨୮)

## ସମ୍ବଲପୁରରେ ନଅମାସ

ପଣ୍ଡିତ ଗୋପବନ୍ଧୁଙ୍କ ସଭାପତିତ୍ୱରେ ଗଠିତ ଉତ୍କଳ କଂଗ୍ରେସ କାର୍ଯ୍ୟକାରୀ କମିଟିର ସଭ୍ୟ ରହି ପଣ୍ଡିତ ନୀଳକଣ୍ଠ ସମ୍ବଲପୁର ଜିଲ୍ଲାରେ କଂଗ୍ରେସର ସ୍ୱାଧୀନତା ଆନ୍ଦୋଳନ ବହୁ ଭାବରେ ଆଗେଇ ନେଇଥିଲେ । ସତ୍ୟବାଦୀ ଗୁଞ୍ଜରେ ଗୋଟିଏ ଜାତୀୟ ବିଦ୍ୟାଳୟ ଗଢ଼ି ସେଇ ସ୍କୁଲର ଛାତ୍ରମାନଙ୍କୁ ଧରି ମଫସଲ ଅଞ୍ଚଳରେ କଲେରା, ବସନ୍ତ ପ୍ରଭୃତିରେ ଯାଇ ସେବା କରିବା ବ୍ୟତୀତ ପଣ୍ଡିତ ନୀଳକଣ୍ଠଙ୍କ 'ସେବା' ନାମରେ ଗୋଟିଏ ସାପ୍ତାହିକ ସଂବାଦପତ୍ର ମଧ୍ୟ ସେଠି ବାହାର କରିଥିଲେ ଓ ତା'ର ମାଧ୍ୟମରେ ସ୍ୱାଧୀନତା ସଂଗ୍ରାମର ବାର୍ତ୍ତା ପ୍ରଚାର କରିବାରେ ଲାଗିଥିଲେ ।

ସମ୍ବଲପୁରରେ ୯ ମାସ ରହଣି ମଧ୍ୟରେ ପଣ୍ଡିତ ନୀଳକଣ୍ଠଙ୍କ କାର୍ଯ୍ୟର କିଞ୍ଚିତ ଆଭାସ ତାଙ୍କ ନିଜ ସ୍ମୃତିରୁ ଜଣା ପଡ଼େ । "ପ୍ରଥମେ ସେଠାରେ ସତ୍ୟବାଦୀ ଗୁଞ୍ଜରେ ଏକ ଜାତୀୟବିଦ୍ୟାଳୟ ଆରମ୍ଭ କଲି, ସେଥିରେ ଲୋକଙ୍କର ଖୁବ୍ ଉତ୍ସାହ ଦେଖା ଗଲା । ସବୁଠାରୁ ପ୍ରଧାନ ଧନୀ ଓ ଉକିଲ ଶ୍ରୀ ରାମନାରାୟଣ ମିଶ୍ର ଏମ.ଏ.ବି.ଏଲ. ସେହି ସ୍କୁଲକୁ ତାଙ୍କର ଦ୍ୱିତୀୟ ପୁତ୍ରକୁ ପଠାଇ ଦେଇଥିଲେ ତଥା ସହରର ଅନେକ ବିଶିଷ୍ଟ ଲୋକ ତାଙ୍କ ପୁତ୍ରମାନଙ୍କୁ ସେହି ସ୍କୁଲକୁ ପଠାଇଲେ । ଏହି ସ୍କୁଲ ଯୋଗେ ସହର

Digitized by PPRACHIN, SOA

ତଥା ମଫସଲରେ ଏକ ଶୃଙ୍ଖଳ୍ୟ ଖେଳ ଯାଇଥିଲା । ସେହି ବର୍ଷ ଏପ୍ରିଲ ମାସ ୬ ତାରିଖ ଦିନ ହରତାଳ କରିବା ଉଦ୍ଦେଶ୍ୟରେ ନଙ୍କବାଲରେ ସନ୍ଧ୍ୟା ସମୟରେ ଯେଉଁ ବିରାଟ ସଭା ହୋଇଥିଲା, ତାହା ମୋର ଏବେ ମନେ ପଡୁଛି । ସେଥିରେ ସହରର ବହୁ ପ୍ରଧାନ ଲୋକ ଉପସ୍ଥିତ ହୋଇ ହରତାଳ ବିଷୟ ଶୁଣି ଚମତ୍କୃତ ହୋଇ ଯାଇଥିଲେ ଓ ସମସ୍ତେ ମୋ ସଙ୍ଗେ ସଙ୍ଗେ ସଭାରୁ ଉଠି ବରାବର ସମସ୍ତ ସହରରେ ବୁଲିଯାଇ ସମସ୍ତଙ୍କୁ ହରତାଳ ବିଷୟରେ ଜଣାଇ ଦେଇ ଯାଇଥିଲେ । ବିଶେଷତଃ ଶ୍ରୀ ଅନନ୍ତରାମ ସୂତ୍ରକାର ମୋ ସଙ୍ଗେ ସଙ୍ଗେ ଲୋକଙ୍କୁ ବିଶେଷରେ ଦୋକାନମାନଙ୍କୁ ହରତାଳ କଥା କହି କହି ବୁଲୁଥାନ୍ତି । ଏପ୍ରିଲ ୧୩ ତାରିଖ, ସେଦିନ ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡ । ଏପ୍ରିଲ ୬ରୁ ତେର ତାରିଖ ପର୍ଯ୍ୟନ୍ତ ସେତେବେଳେ ଜାତୀୟ ସପ୍ତାହରୂପେ ପାଳିତ ହେଉଥିଲା । ସେଦିନ ସମ୍ବଲପୁରରେ ନାଇ ନଥିବା ହରତାଳ ହୋଇଥିଲା । ସେହି ସମୟରେ ଛାତ୍ରମାନଙ୍କୁ ସ୍କୁଲରୁ ଛଡ଼ାଇବା ପାଇଁ ଓ ଓକିଲମାନଙ୍କୁ କଚେରୀରୁ ଛଡ଼ାଇବା ପାଇଁ ମୁଁ ଗୋଟିଏ ଶୋଭା-ଯାତ୍ରାର ଗୀତ ଲେଖି ସହରରେ ଶୋଭାଯାତ୍ରା କରାଇଥିଲି । ସେ ଗୀତଟି ସମ୍ପୂର୍ଣ୍ଣ ମନେ ନାଇ । ତାର ଦୁଇଟି ଧାଡ଼ି ମାତ୍ର ମନେ ପଡୁଛି ।

'ସ୍ୱରାଜ ଭାଇୟା ଅଲବତ୍ ହୋଗା
ଛୋଡ଼କେ ଆଓ ଗୋଲାମୀ
ଭାରତ୍ ଲଡ଼କା ଗୋଲାମ ହୋକେ
କାହେ କରୋ ବଦନାମୀ ।'

× × × ×

ସ୍କୁଲ୍ କଚେରୀ କାଉନ୍‌ସିଲକୁ ଯ୍ୟାଦ୍‌ରଖୋ ବାବୁଜୀ
ମାୟା ଏ ସବ୍ ଗୋଲାମୀକା ଇସ୍‌ମେ ନାହିଁ ଭୁଲେଗି ।'

ଏହି ଓଡ଼ିଆ ମିଶା ହିନ୍ଦି ଗୀତଟି ବୋଲି ପ୍ରସେସନ୍ କଲାବେଳେ ସମସ୍ତ ହାଇସ୍କୁଲର ଛାତ୍ରମାନେ ସ୍କୁଲ ଛାଡ଼ି ଅଲଗା ହୋଇ ଆସିଥିଲେ । ସେତେବେଳେ ମୋର ସୁପରିଚିତ ନମାଡ଼ୋର ମାଷ୍ଟର ମଧୁସୂଦନ ଦାସ ସ୍କୁଲର ହେଡ୍‌ମାଷ୍ଟର ଥିଲେ । ପିଲାଏ ଛାଡ଼ି ଆସିବାରେ ତାଙ୍କ କରୁଣ ଦୃଶ୍ୟ ଓ ସମବେଦନା ଝଲକେ ଆଗ୍ରହ ବ୍ୟଞ୍ଜିତ ମୁଖ ଏବେ ବି ମନେ ପଡୁଛି ।" (ନୀଳକଣ୍ଠ ଗ୍ରନ୍ଥାବଳୀ, ୧ମ ଭାଗ ପୃ. ୮୮)

Digitized by PPRACHIN, SOA

ସଂବଲପୁରରେ ୯ମାସ ରହିବା ପରେ ସେହିବର୍ଷ ଅକ୍ଟୋବର ମାସ ପ୍ରଥମରେ ପଣ୍ଡିତ ନୀଳକଣ୍ଠ ଗୋପବଂଧୁ ବାବୁଙ୍କ ପରାମର୍ଶରେ ସତ୍ୟବାଦୀ ଫେରି ଆସିଲେ ଓ ପ୍ରାଦେଶିକ କଂଗ୍ରେସ କାର୍ଯ୍ୟ ସହିତ ସେତେବେଳର ସତ୍ୟବାଦୀ ଜାତୀୟ କଲେଜରେ ଓଡ଼ିଆ ଅଧ୍ୟାପକର ଦାୟିତ୍ୱ ବହନ କଲେ ।

## ଓଡ଼ିଶାରେ କଂଗ୍ରେସ ଆନ୍ଦୋଳନ

ବହୁଛାତ୍ର ସ୍କୁଲକଲେଜ ଛାଡ଼ିବାରୁ ନୀଳକଣ୍ଠଙ୍କ ପରି ଶିକ୍ଷାବିତ୍ କଂଗ୍ରେସ ନେତାମାନେ ନୂତନ ପ୍ରଣାଳୀରେ ଜାତୀୟ ସ୍କୁଲ କଲେଜ ବସାଇବାକୁ ନିଷ୍ପତ୍ତି ଗ୍ରହଣ କଲେ । ଓଡ଼ିଶାରେ ଯେଉଁ କେତେକ ଜାତୀୟ ବିଦ୍ୟାଳୟ ପ୍ରତିଷ୍ଠା କରାଗଲା, ସେଥିରେ ପ୍ରଥମ ହେଲା ସମ୍ବଲପୁରରେ ପଣ୍ଡିତ ନୀଳକଣ୍ଠଙ୍କ ଦ୍ୱାରା ପ୍ରତିଷ୍ଠିତ ଜାତୀୟ ହାଇସ୍କୁଲ । ସତ୍ୟବାଦୀ ସ୍କୁଲ ଓ ଚକ୍ରଧରପୁର ହାଇସ୍କୁଲ ସରକାରୀ ସମ୍ପର୍କ ତ୍ୟାଗ କରି ଜାତୀୟ ବିଦ୍ୟାଳୟରେ ପରିଣତ ହେଲା । କଟକ, ଜଗତସିଂହପୁର, ସୋର ଓ ଅନ୍ୟ କେତେକ ସ୍ଥାନରେ ଜାତୀୟ ସ୍କୁଲପ୍ରତିଷ୍ଠା କରାଗଲା । ଏହି ଜାତୀୟ ବିଦ୍ୟାଳୟର ଛାତ୍ରମାନଙ୍କ ପରୀକ୍ଷା ପରିଚାଳନା ନିମନ୍ତେ "ଉତ୍କଳମଣି ଶିକ୍ଷା ପରିଷଦ" ନାମରେ ଗୋଟିଏ ଅନୁଷ୍ଠାନ ଗଠିତ ହେଲା । ଏଥିରେ ପଣ୍ଡିତ ଗୋପବନ୍ଧୁ ଓ ନନ୍ଦ କିଶୋର ଦାସ ଯଥାକ୍ରମେ ସଭାପତି ଓ ସଂପାଦକ ରହିଲେ । ଅବଶ୍ୟ ଆନ୍ଦୋଳନ ପ୍ରତ୍ୟାହୃତ ହେବା ମାତ୍ରେ ଏହି ଜାତୀୟ ବିଦ୍ୟାଳୟ ଗୁଡ଼ିକ ବନ୍ଦ ହୋଇ ଯାଇଥିଲା । (Orissa State legislative and Freedom Struggle— 1912—1947 by K. M Patra, Page 37.)

ପଣ୍ଡିତ ଗୋପବଂଧୁ ଓ ତାଙ୍କର ସହଯୋଗୀମାନଙ୍କର ନେତୃତ୍ୱରେ ଓଡ଼ିଶାରେ ଅସହଯୋଗ ଆନ୍ଦୋଳନ ଯଥାରୀତି ଚାଲିଲା । ସେଇ ୧୯୨୧ ମାର୍ଚ୍ଚ ମାସରେ ଗାନ୍ଧିଜୀ ପ୍ରଥମ ଥର ପାଇଁ ଛଅଦିନ ନିମନ୍ତେ ଓଡ଼ିଶା ଗସ୍ତରେ ଆସି କଟକ, ଭଦ୍ରକ, ସତ୍ୟବାଦୀ, ପୁରୀ ଓ ବ୍ରହ୍ମପୁର ସଭାମାନଙ୍କରେ ବକ୍ତୃତା ଦେଲେ ଓ ତାଙ୍କ ପ୍ରେରଣାରେ ଓଡ଼ିଶାରୁ ଜୁନ୍ ସୁଦ୍ଧା ଅଣଚାଳିଶ ହଜାର କଂଗ୍ରେସ ସଭ୍ୟ ସଂଗୃହୀତ ହେବା ସଙ୍ଗେ ସଙ୍ଗେ "ତିଳକ ସ୍ୱରାଜ୍ୟ ପାଣ୍ଠି" ପାଇଁ ଏକୋଇଶ ହଜାର ଟଙ୍କା ମଧ୍ୟ ଆଦାୟ ହୋଇଥିଲା ।

Digitized by PPRACHIN, SOA

## ପ୍ରଦେଶ କାର୍ଯ୍ୟକାରୀ କମିଟିର ସଭ୍ୟ ନୀଳକଣ୍ଠ

ପଣ୍ଡିତ ନୀଳକଣ୍ଠ ସମ୍ବଲପୁରରୁ ଫେରିଆସିବା ପରେ ୧୯୨୧ ନଭେମ୍ବର ୩୦ ତାରିଖରେ ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟି ପୁନର୍ଗଠିତ ହେଲା । ଏଥିରେ ପଣ୍ଡିତ ଗୋପବନ୍ଧୁ ଦାସ ସଭାପତି, ଜଗବନ୍ଧୁ ସିଂହ ଉପସଭାପତି, ପଣ୍ଡିତ ଲିଙ୍ଗରାଜ ମିଶ୍ର ଓ ଭଗୀରଥୀ ମହାପାତ୍ର ସେକ୍ରେଟାରୀ ଏବଂ ପଣ୍ଡିତ ନୀଳକଣ୍ଠ ଦାସ, ଡାକ୍ତର ଏକରାମ ରସୁଲ, ହରେକୃଷ୍ଣ ମହତାବ, ନିରଞ୍ଜନ ପଟ୍ଟନାୟକ, ଗୋପବନ୍ଧୁ ଚୌଧୁରୀ ପ୍ରଭୃତି ୭ ଜଣ କାର୍ଯ୍ୟକାରୀ କମିଟି ସଭ୍ୟ ରହିଲେ ।

ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟିର ପୁନର୍ଗଠନ ପରେ କଂଗ୍ରେସ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଲା । ୬ମାସ ପରେ ୧୯୨୨ ଫେବୃୟାରୀରେ ଚୌରି ଚୌରାର ଦୁଃଖାବହ ଘଟଣା ହେତୁ ଗାନ୍ଧିଜୀଙ୍କ ନିର୍ଦ୍ଦେଶରେ ଆନ୍ଦୋଳନ ଅଳ୍ପ ଦିନ ପାଇଁ ସ୍ଥଗିତ ରଖା ଯାଇଥିଲା । ମାର୍ଚ୍ଚ ମାସରେ ବର୍ଦ୍ଦୋଲି ପ୍ରସ୍ତାବ ଅନୁଯାୟୀ ପୁଣି ସତ୍ୟାଗ୍ରହ ଓ ଆନ୍ଦୋଳନ ଆରମ୍ଭ ହେଲା । ମାର୍ଚ୍ଚ ୧୦ ତାରିଖରେ ଗାନ୍ଧିଜୀଙ୍କର ଗିରଫ ପରେ ଏହା ତୀବ୍ର ଆକାର ଧାରଣ କଲା । ପଣ୍ଡିତ ଗୋପବନ୍ଧୁ ଓ ଭଗୀରଥୀ ମହାପାତ୍ର ଗିରଫ ହେଲେ । ସେମାନଙ୍କୁ ହାତକଡ଼ି ଦେଇ ଦଉଡ଼ିରେ ବାନ୍ଧି କଟକ ଅଣାଗଲା ।

## ପଣ୍ଡିତ ନୀଳକଣ୍ଠ ଗିରଫ ହୋଇ ଜେଲ ଯିବା

ପଣ୍ଡିତ ନୀଳକଣ୍ଠ ପୁରୀରେ ଗିରଫ ହେଲେ । ମାତ୍ର ପୁରୀ ଜେଲରୁ ପୁଲିସ ତାଙ୍କୁ ଯେତେବେଳେ ହାତକଡ଼ି ଦେଇ ହଜାରିବାଗ୍ ଜେଲକୁ ପଠାଇବା ପାଇଁ ବସିଲେ, ସେ ପୋଲିସକୁ କହିଥିଲେ,—"ଆପଣ ମୋତେ ଭଦ୍ରଲୋକ ପରି ବ୍ୟବହାର କରିବାର କଥା । ଏ କ'ଣ କରୁଛନ୍ତି, ମୋତେ ହାତକଡ଼ି ଦେବାକୁ ହାତ ଦେଖା ବୋଇଲେ, ଦେଖାଇବି ନାହିଁ । ଦାଣ୍ଡରେ ଚାଲ ବୋଇଲେ ଚାଲିବି ନାହିଁ । ମତେ ହାତକଡ଼ି ଦେଇ ଷ୍ଟେସନକୁ ଘୋଷାରି ଘୋଷାରି ନିଅନ୍ତୁ ।" (ଆତ୍ମ ଜୀବନୀ-ପୃ ୧୭୪) ଫଳରେ ସେଦିନ ପଣ୍ଡିତଜୀଙ୍କୁ ହଜାରିବାଗ୍ ଜେଲକୁ ପଠାଇବା ବନ୍ଦ ହେଲା । ତା'ପର ଦିନ ତାଙ୍କୁ ଘୋଡା ଗାଡ଼ିରେ ବସାଇ ଷ୍ଟେସନକୁ ନିଆ ଯାଇଥିଲା । ହଜାରିବାଗ୍ ଜେଲରେ ପଣ୍ଡିତଜୀ ୭ମାସ ରହିଥିଲେ ।

Digitized by PPRACHIN, SOA

## କେନ୍ଦ୍ର ଆସେମ୍ବ୍ଲିରେ ନୀଳକଣ୍ଠ

ଜେଲରେ ଥିବା ବେଳେ ଏକ ଦିଗରେ ପ୍ରତ୍ୟକ୍ଷ ଜନ ଆନ୍ଦୋଳନ ଓ ଅନ୍ୟ ଦିଗରେ ଇଂରେଜ ଶାସନ ସହିତ ସହଯୋଗ ଆଳରେ ବିଧାନ ସଭାରେ ପ୍ରବେଶ ଓ ଇଂରେଜ ଶାସନ ମଣ୍ଡଳର ଦୁର୍ବଳତମ ଦିଗରେ କଠୋର ସମାଲୋଚନା କରି ଇଂରେଜ ଶାସନର ପ୍ରକୃତ ସ୍ୱରୂପ ପ୍ରକାଶ ପାଇଁ ସୁଯୋଗ ଗ୍ରହଣ—ସ୍ୱାଧୀନତା ପ୍ରାପ୍ତିର ଏ ଉଭୟ ପଥରୁ ଗୋପବନ୍ଧୁଙ୍କ ପରାମର୍ଶ କ୍ରମେ ପଣ୍ଡିତ ନୀଳକଣ୍ଠ ଦ୍ୱିତୀୟ ପଥହିଁ ବାଛି ନେଇଥିଲେ । ୧୯୨୩ ନଭେମ୍ବରରେ ଅନୁଷ୍ଠିତ ପାର୍ଲିଆମେଣ୍ଟ ନିର୍ବାଚନରେ ସେ ଓଡ଼ିଶାରୁ ନିର୍ବାଚିତ ହେଲେ । କେନ୍ଦ୍ର ବିଧାୟକ ସଭାର ସଭ୍ୟ ଭାବରେ ବିଶେଷତଃ ସ୍ୱରାଜ୍ୟ ଦଳର ସମ୍ପାଦକ ଭାବରେ ସମଗ୍ର ଭାରତ ବର୍ଷର ସମସ୍ୟା ପ୍ରତି ପଣ୍ଡିତ ନୀଳକଣ୍ଠଙ୍କୁ ଅବହିତ ହେବାକୁ ପଡ଼ିଥିବା ବିଷୟ ପୂର୍ବ ଅଧ୍ୟାୟରେ ଦର୍ଶାଯାଇଛି । ମାତ୍ର ତା' ସତ୍ତ୍ୱେ ଓଡ଼ିଶା ଥିଲା ତାଙ୍କର ପରମ ଧ୍ୟାନର ବସ୍ତୁ । କେନ୍ଦ୍ର ଆସେମ୍ବ୍ଲିରେ ନୀଳକଣ୍ଠଙ୍କ କାର୍ଯ୍ୟରେ ଗୋପବନ୍ଧୁ ବିଶେଷ ସନ୍ତୋଷ ଲାଭ କରୁଥିଲେ । ଯୁକ୍ତିବାଦୀ ନୀଳକଣ୍ଠ କେବେ ହେଲେ ପଣ୍ଡିତ ଗୋପବନ୍ଧୁଙ୍କ ପରାମର୍ଶ ଓ ନିର୍ଦ୍ଦେଶକୁ ଦୂରକୁ ପକାଇ ଦେଉ ନ ଥିଲେ ।

## ଓଡ଼ିଶା କଂଗ୍ରେସରେ ଗୋଷ୍ଠୀ ବିବାଦ

ଏଠି ସୂଚାଇ ଦେବା ଦରକାର ଯେ ଏଥି ମଧ୍ୟରେ ଓଡ଼ିଶା କଂଗ୍ରେସ ଭିତରେ ଗୋଷ୍ଠୀ ବିଭେଦ କ୍ରମେ ମୁଣ୍ଡ ଟେକି ଥିଲା । ସତ୍ୟବାଦୀ ବିଦ୍ୟାଳୟ ମାଧ୍ୟମରେ ପଣ୍ଡିତ ଗୋପବନ୍ଧୁଙ୍କ ନେତୃତ୍ୱରେ ସ୍ୱାଧୀନତା ସଂଗ୍ରାମର ଯେଉଁ ବିସ୍ଫୋରଣ ହେଲା, ତାହା ସମଗ୍ର ଓଡ଼ିଶାରେ କ୍ରମେ ବ୍ୟାପିଗଲା । ସେହି ବିସ୍ଫୋରଣର ଶିଖା କ୍ରମେ ଚାରିଆଡ଼େ ଦେଖାଗଲା । ୧୯୨୧ ମସିହା ବେଳକୁ ଜଗତସିଂହପୁର ନିକଟରେ ଯେଉଁ 'ଅଳକାଶ୍ରମ' ପ୍ରତିଷ୍ଠିତ ହୋଇଥିଲା, ତାହା ବସ୍ତୁତଃ ଏକ ସମାନ୍ତରାଳ ଅନୁଷ୍ଠାନ ରୂପେ କାର୍ଯ୍ୟକଲା । ତାହାର ପ୍ରତିଷ୍ଠାତା ଥିଲେ ଶ୍ରୀ ଗୋପବନ୍ଧୁ ଚୌଧୁରୀ, ଶ୍ରୀ ଭାଗୀରଥୀ ମହାପାତ୍ର ଓ ନିତ୍ୟାନନ୍ଦ କାନୁନ୍‌ଗୋ ପ୍ରଭୃତି । ଏହି ଅଳକାଶ୍ରମ ଗୋଷ୍ଠୀ ଓ ସତ୍ୟବାଦୀ ଗୋଷ୍ଠୀ ମଧ୍ୟରେ କ୍ରମେ ବିବାଦ ଅଙ୍କୁରିତ ହେଲା ।

ପଣ୍ଡିତ ଗୋପବନ୍ଧୁ ହିଁ ପ୍ରଥମେ ଅଳକା ଗୋଷ୍ଠୀର ଶରବ୍ୟ ହେଲେ। ଗାନ୍ଧିଜୀ ତାଙ୍କର ଦ୍ୱିତୀୟଥର ଓଡ଼ିଶା ଭ୍ରମଣ ବେଳେ ଯେପରି ସତ୍ୟବାଦୀ ଆସି ନ ପାରିବେ, ସେଥିଲାଗି ସେଇ ଗୋଷ୍ଠୀ ତରଫରୁ ସବୁ

Digitized by PPRACHIN, SOA

ବ୍ୟବସ୍ଥା କରାଯାଇଥିଲା । ଗାନ୍ଧିଜୀ ସମ୍ଭବତଃ ତାହାର ଠିକଏ ସୂଚନା ପାଇଲେ ଓ ବାଣପୁରଠାରୁ ଗୋବିନ୍ଦ ମିଶ୍ରଙ୍କୁ ଗୋପବନ୍ଧୁ ବାବୁଙ୍କ ପାଖକୁ ପଠାଇଲେ । ଗୋପବନ୍ଧୁ ପ୍ରଥମେ ଗାନ୍ଧିଜୀଙ୍କୁ ସତ୍ୟବାଦୀକୁ ପାଛୋଟି ଆଣିବା ପାଇଁ ରାଜି ନ ଥିଲେ ମଧ୍ୟ ଶେଷରେ ଏଥିପାଇଁ ପଣ୍ଡିତ ନୀଳକଣ୍ଠଙ୍କୁ ବାଣପୁର ପଠାଇଲେ । ଗାନ୍ଧିଜୀ ସତ୍ୟବାଦୀ ଆସିଲେ ଏବଂ ସତ୍ୟବାଦୀରୁ ପଣ୍ଡିତ ଗୋପବନ୍ଧୁ ପ୍ରଭୃତି ଓଡ଼ିଶାର ତତ୍କାଳୀନ ନେତୃବର୍ଗଙ୍କ ସହ ପୁରୀ ଗଲେ । ଏହାର ପୁଣି ବହିଃ ପ୍ରକାଶ ହେଲା, ଯେତେବେଳେ ୧୯୨୮ ଜାନୁୟାରୀରେ ଶ୍ରୀଯୁକ୍ତ ଭୁବନାନନ୍ଦ ଦାସ 'ୟୁଙ୍ଗ ଉତ୍କଳ'ରେ ପଣ୍ଡିତ ଗୋପବନ୍ଧୁ ବଢ଼ି କଉଡ଼ି ଆତ୍ମସାତ୍ କରିଥିବାର ଅଭିଯୋଗ କରି ଲେଖା ପ୍ରକାଶ କଲେ । ଏଇ ବନ୍ୟା ସାହାଯ୍ୟ କମିଟିରେ ପଣ୍ଡିତ ଗୋପବନ୍ଧୁ ସମ୍ପାଦକ ଥିଲେ ଓ ପଣ୍ଡିତ ନୀଳକଣ୍ଠ ସହକାରୀ ସମ୍ପାଦକ ଥିଲେ । ଅବଶ୍ୟ ପଣ୍ଡିତ ନୀଳକଣ୍ଠ କେନ୍ଦ୍ର ଆସେମ୍ବ୍ଲିର ସଭ୍ୟ ଭାବରେ ଓଡ଼ିଶାରୁ ବହୁ ସମୟରେ ଦୂରରେ ରହୁଥିବା ହେତୁ ଉକ୍ତ କମିଟିରୁ ପୂର୍ବରୁ ଇସ୍ତଫା ଦେଇଥିଲେ । ପଣ୍ଡିତ ଗୋପବନ୍ଧୁ ଏପରି ଅଭିଯୋଗରେ ମ୍ରିୟମାଣ ହୋଇ ପଡ଼ିଲେ । ଟେଲିଗ୍ରାମ କରି ନୀଳକଣ୍ଠଙ୍କୁ ଡକାଇ ଆଣିଲେ ଓ ତାଙ୍କ ଆଗରେ ଭେ, ଭେ ହୋଇ କାନ୍ଦି କହିଲେ, "ଭୁବନାନନ୍ଦ ଲେଖିଛି ମୁଁ ବଢ଼ି କଉଡ଼ି ଖାଇଗଲି ।" ପଣ୍ଡିତ ନୀଳକଣ୍ଠ ତାଙ୍କୁ ପ୍ରବୋଧନା ଦେଲେ । Young utkal ସମ୍ପାଦକଙ୍କୁ ଅସତ୍ୟ ଓ କୁତ୍ସା ରଟନାରୁ ନିବୃତ୍ତ ହେବାକୁ ଅନୁରୋଧ କରି ଚିଠି ଲେଖିଲେ । ଦେଶର ଚାରିଆଡ଼େ ଚହଳ ପଡ଼ିଗଲା ଓ ଦୀନବନ୍ଧୁ ଆଣ୍ଡ୍ରୁଜ୍ ମଧ୍ୟ ଏହାର ପ୍ରତିବାଦ କଲେ । ଏହାର ଅନୁସନ୍ଧାନରେ ଏହା ମିଥ୍ୟା ଓ କପୋଳ କଳ୍ପିତ ପ୍ରମାଣିତ ହେଲା । ତଥାପି ଦେଶପ୍ରାଣ ଗୋପବନ୍ଧୁ ଜାତୀୟ କଂଗ୍ରେସର ସମସ୍ତ ନେତୃତ୍ୱ ଛାଡ଼ି ନିଜର ସେହି ପ୍ରିୟ ଅନୁଷ୍ଠାନ ସତ୍ୟବାଦୀକୁ ଫେରିଥିଲେ ଓ ଆଉ କଟକ ଫେରିବାର ତାଙ୍କର ଇଚ୍ଛା ନାହିଁ ବୋଲି ବ୍ରଜସୁନ୍ଦର ଦାସଙ୍କ ପାଖେ ପ୍ରକାଶ କରିଥିଲେ । ସତ୍ୟବାଦୀ ବିଦ୍ୟାଳୟକୁ ନୂଆ ଛାଞ୍ଚରେ ଗଢ଼ିବାକୁ ନିଜର ପରିକଳ୍ପନା କରିଥିଲେ । ସାଧାରଣ ଶିକ୍ଷା, ବ୍ରହ୍ମଚର୍ଯ୍ୟ ଶିକ୍ଷା ଓ ଲୌକିକ ଶିକ୍ଷା—ଏହି ତିନି ଭାଗରେ ସେ ସତ୍ୟବାଦୀର ଶିକ୍ଷାକୁ ସଂଗଠିତ କରିବାକୁ ଚାହିଁଥିଲେ । ବାରବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତଙ୍କୁ ସାଧାରଣ ଶିକ୍ଷା ୧୨ବର୍ଷରୁ ୧୫ ବର୍ଷ ପର୍ଯ୍ୟନ୍ତ

Digitized by PPRACHIN, SOA

ବ୍ରହ୍ମଚର୍ଯ୍ୟ ଶିକ୍ଷା ଓ ୧୫ବର୍ଷ ବୟସ ପରେ ୮ବର୍ଷ ଧରି ଲୌକିକ ଶିକ୍ଷା ଦେବା ପାଇଁ ତାଙ୍କର ପରିକଳ୍ପନା ଥିଲା । ଗ୍ରାମ ସଙ୍ଗଠନ ଓ ପଲ୍ଲୀକର୍ମୀ ସୃଷ୍ଟି କରିବା ଏହି ଶିକ୍ଷା ବିଧାନର ଥିଲା ମୂଳ ଉଦ୍ଦେଶ୍ୟ । ଏହାର ଅଳ୍ପଦିନ ପରେ ଗୋପବନ୍ଧୁଙ୍କର ଅକାଳରେ ଦେହାନ୍ତ ହୋଇଗଲା ଓ ବସ୍ତୁତଃ ସେ ଆଉ କଟକ ଫେରି ନାହାନ୍ତି ।

## ନିର୍ଭୀକ ନୀଳକଣ୍ଠଙ୍କ ଉପରେ ଗାନ୍ଧିଜୀଙ୍କ ଆସ୍ଥା

୧୯୨୭ରେ ଗାନ୍ଧିଜୀଙ୍କୁ ସତ୍ୟବାଦୀ ଅଣାଇ ସେଠାରେ ତାଙ୍କ ସହିତ ଯେଉଁ ଆଲୋଚନା ହେଲ, ସେଥିରେ ସୂତାକଟା ଏକ ମୁଖ୍ୟ ଅଂଶ ଗ୍ରହଣ କରିଥିଲା । ପଣ୍ଡିତ ନୀଳକଣ୍ଠ ଆତ୍ମଜୀବନୀରେ ଲେଖିଛନ୍ତି, "ସତ୍ୟବାଦୀରେ ଗାନ୍ଧିଙ୍କ ସହିତ ମୋର ସୂତାକଟା ବିଷୟରେ କଥା ହେଲା । ସତ୍ୟବାଦୀରେ ପାଠ ବନ୍ଦ କରାଯାଇ କେତେକ ଛାତ୍ରଙ୍କ ପାଇଁ ସୂତାକଟା ପାଠ୍ୟରୂପେ ପ୍ରଚଳନ ହୋଇଥାଏ । ବହୁତ ଆଲୋଚନା ପରେ ସୂତାକଟା ଦ୍ୱାରା ଓଡ଼ିଶାରେ ତଥା ଦେଶରେ ଆର୍ଥିକ ସମାସ୍ୟାର ସମାଧାନ ହେବ ବୋଲି ଗାନ୍ଧି ମତ ଦେଲେ; କିନ୍ତୁ ମୁଁ ଏ ମତକୁ ଆଦୌ ଗ୍ରହଣ କରି ପାରିଲି ନାହିଁ । ମତେ ଗାନ୍ଧିଜୀ ବୁଝାଇ ସନ୍ତୁଷ୍ଟ କରି ପାରିଲେ ନାହିଁ ମୁଁ ସେଠାରେ ଶେଷକୁ କହିଥିଲି,

"ତା' ହେଲେ, By faith & faith alone we embrace,
Beliveing when we cannot prove."

ମୁଁ ଟେନିସନ୍‌ଙ୍କ In Memoriumରୁ ଏହି ଧାଡ଼ିଟି ବୋଲିବା ପରେ ଗାନ୍ଧିଜୀ କହିଥିଲେ —"Exactly, that is the attitude," କିନ୍ତୁ ମୋର ସେତେବେଳକୁ ଆଉ ଯୁକ୍ତି ଛାଡ଼ି Belief ରେ ଭୁଲିବା ପାଇଁ ଅବସ୍ଥା ରହିନଥିଲା । ମୁଁ ସେଠାରୁ ନମସ୍କାର କରି ଉଠି ଆସିଥିଲି," (ନୀ. ଗ୍ର.୧ମ— ପୃ-୯୭ ) ଏହା ପଣ୍ଡିତ ନୀଳକଂଠଙ୍କର ସିଂହ ସମ ନିର୍ଭୀକତାର ଏକ ଜ୍ୱଳନ୍ତ ଉଦାହରଣ ମାତ୍ର ।

ପଣ୍ଡିତ ନୀଳକଣ୍ଠଙ୍କ ଆତ୍ମଜୀବନୀରୁ ଆହୁରି ଜଣାଯାଏ, ଗାନ୍ଧିଜୀଙ୍କର ପ୍ରସ୍ତାବିତ ପଦଯାତ୍ରାରେ କେତେ ବାଟ ରେଳ ଓ ମଟର ଯୋଗେ ଓ ଅବଶିଷ୍ଟ ବାଟ ପାଦରେ ଯିବାର ବ୍ୟବସ୍ଥା ଦେଖି ନୀଳକଣ୍ଠ ଗାନ୍ଧିଜୀଙ୍କୁ କହିଲେ, "ଆପଣ ଏ 'ହରିବୁଲ୍' ବ୍ୟବସ୍ଥା ବନ୍ଦ କରନ୍ତୁ । "ସମସ୍ତ ପଥ ପାଦରେ ଯାଆନ୍ତୁ । ଗାନ୍ଧିଜୀ ନୀଳକଣ୍ଠଙ୍କର ପରାମର୍ଶ ଗ୍ରହଣ କରିଥିଲେ । ନୀଳକଣ୍ଠ ପୁରୀରୁ

Digitized by PPRACHIN, SOA

କଟକ ଯାଏ ତାଙ୍କର ଅନୁଧାବନ କରିଥିଲେ । ସେବେ ମଧ୍ୟ ତାଙ୍କ ବିରୁଦ୍ଧରେ ଗାନ୍ଧିଜୀଙ୍କୁ ବିଗାଡ଼ିବାର ଉଦ୍ୟମ ହୋଇଥିଲା । ଆତ୍ମ ଜୀବନୀରେ ପଣ୍ଡିତ ନୀଳକଣ୍ଠ ସୂଚନାରେ ଲେଖିଛନ୍ତି ଯେ ଗାନ୍ଧିଜୀଙ୍କୁ ବିଗାଡ଼ିବା ପାଇଁ କେତେକ ନେତା ଏତେକି ସେ ମାଛ ଖାଉଥିବା କଥା ଗାନ୍ଧିଜୀଙ୍କ ପାଖରେ ଚୁଗୁଲି କରି କହୁଥିଲେ । ସତ୍ୟବାଦୀ ଗୋଷ୍ଠୀକୁ ରାଜନୀତିରେ ବାଦ ଦେବା ଲାଗି ବରାବର ଉଦ୍ୟମ ହୋଇ ଆସୁଥିବା କଥା ଏଥିରୁ ସ୍ପଷ୍ଟ ।

ଏ ସବୁ ସତ୍ତ୍ୱେ ଗାନ୍ଧିଜୀ ପଣ୍ଡିତ ନୀଳକଣ୍ଠଙ୍କର ପ୍ରକୃତ ଦେଶପ୍ରୀତି ଓ ଅନୁଶୀଳନ ମନୋଭାବ ସଂପର୍କରେ ଯେ ଉତ୍ତମ ରୂପେ ଅବହିତ ଥିଲେ, ତାହା ନିମ୍ନୋକ୍ତ କେତେକ ଘଟଣାରୁ ଅନୁମାନ କରାଯାଇ ପାରେ । ନୀଳକଣ୍ଠ ହଜାରିବାଗ ଜେଲରେ ଥିବାବେଳେ ଗାନ୍ଧିଜୀ ଡଃ ରାଜେନ୍ଦ୍ର ପ୍ରସାଦଙ୍କ ଜରିଆରେ ତାଙ୍କ ମତାମତ ପାଇଁ ନିଜ ଲିଖିତ ଗୀତାଟି ତାଙ୍କ ପାଖକୁ ପଠାଇ ଦେଇଥିଲେ । ପଣ୍ଡିତ ନୀଳକଣ୍ଠ ଗାନ୍ଧିଜୀଙ୍କୁ ତାହାପରେ 'ବ୍ରହ୍ମସୂତ୍ର' ଓ 'ଉପନିଷଦ'ର ଟୀକା ଲେଖି 'ପ୍ରସ୍ଥାନତ୍ରୈ' ଧରି ନୂଆନତ ପ୍ରସ୍ତୁତରେ ବିରତ ହେବାକୁ ପରାମର୍ଶ ଦେଇଥିଲେ ଓ ଗାନ୍ଧିଜୀ ତାହା ଗ୍ରହଣ କରିଥିବା କଥା ପୂର୍ବ ଅଧ୍ୟାୟରେ ଦର୍ଶାଇ ଦିଆଯାଇଛି ।

୧୯୩୩ରେ ପ୍ରଳୟଙ୍କରୀ ବନ୍ୟାରେ ଯେତେବେଳେ ଓଡ଼ିଶା ବାସୀଙ୍କର ଧନ ଜୀବନ ବିପନ୍ନ ହେଲା, ଓଡ଼ିଶାରୁ ଯଥାଶକ୍ତି ସାହାଯ୍ୟ ସଂଗ୍ରହ କରି ପଣ୍ଡିତ ନୀଳକଣ୍ଠ ଲକ୍ଷ୍ମୀନାରାୟଣ ସାହୁଙ୍କୁ ସଙ୍ଗରେ ଘେନି ଧାଇଁ ଯାଇଥିଲେ ମହାତ୍ମା ଗାନ୍ଧିଙ୍କ ସାହାଯ୍ୟ ଓ ସହାନୁଭୂତି ପାଇଁ । ମହାତ୍ମାଜୀ ନୀଳକଣ୍ଠଙ୍କ ଆକୁଳତା ବୁଝି ପାରି ବମ୍ବେବାସୀଙ୍କ ଉଦ୍ଦେଶ୍ୟରେ ୨୨।୯।୩୩ ତାରିଖ ବମ୍ବେ କ୍ରନିକଲରେ ପଣ୍ଡିତ ନୀଳକଣ୍ଠଙ୍କ ସଂଗଠନ ଶକ୍ତିର ଉଲ୍ଲେଖ କରି ଓଡ଼ିଶାର ବନ୍ୟା ଦୁର୍ଗତଙ୍କ ସାହାଯ୍ୟ ଲାଗି ସମସ୍ତ ପ୍ରକାର ସାହାଯ୍ୟ ଦେବାପାଇଁ ନିବେଦନ ପ୍ରକାଶ କରିଥିଲେ । ଏଥିରୁ ପଣ୍ଡିତ ଗୋପବନ୍ଧୁ ବା ସତ୍ୟବାଦୀ ଗୋଷ୍ଠୀ ବିରୁଦ୍ଧରେ ଆଗରୁ ହୋଇଥିବା ବନ୍ୟା ସାହାଯ୍ୟ ପାଣ୍ଠିର ଅସଦ୍ ବ୍ୟବହାର ସଂପର୍କୀୟ ଅଭିଯୋଗ ଅଳୀକ ବୋଲି ଗାନ୍ଧିଜୀ ବୁଝିଥିବା ମଧ୍ୟ ସ୍ପଷ୍ଟ ।

Digitized by PPRACHIN, SOA

## କେନ୍ଦ୍ର ଆସେମ୍ବ୍ଲି ନିର୍ବାଚନରେ ନୀଳକଣ୍ଠଙ୍କୁ ଗୋପବନ୍ଧୁଙ୍କର ସମର୍ଥନ

ସମାଜର ଅଗ୍ରଲେଖାରେ କେନ୍ଦ୍ର ଆସେମ୍ବ୍ଲି ସଭ୍ୟ ଭାବରେ ନୀଳକଣ୍ଠଙ୍କର ଓଡ଼ିଶା ପ୍ରୀତି ଓ ଜଣେ ଯୋଗ୍ୟ ସଭ୍ୟ ଭାବରେ 'ସ୍ୱରାଜ୍ୟ' ଦଳରେ ତାଙ୍କ ପ୍ରତିଷ୍ଠା ବିଷୟରେ ଗୋପବନ୍ଧୁ ଜନ ସାଧାରଣଙ୍କୁ ଅବହିତ କରାଉଥିଲେ । ୧୯୨୭ ମସିହା ନିର୍ବାଚନ ପାଇଁ ନୀଳକଣ୍ଠଙ୍କୁ ଓଡ଼ିଶାର କଂଗ୍ରେସର ସମର୍ଥନ ସହଜରେ ମିଳି ନ ଥିଲା । ଏପରିକି ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀ ନୀଳକଣ୍ଠଙ୍କୁ ଭୋଟ ନ ଦେବା ଲାଗି ମଧ୍ୟ ଏକ ନିବେଦନ ପ୍ରକାଶ କରିଥିଲେ । ଏହି ଅବସ୍ଥାରେ ନୀଳକଣ୍ଠଙ୍କ ପକ୍ଷ ସମର୍ଥନ କରି "ଉପଯୁକ୍ତ ପ୍ରାର୍ଥୀ ବାଛ" ଶିରୋ ନାମାରେ ଗୋପବନ୍ଧୁ ଲେଖିଥିଲେ—ନୀଳକଣ୍ଠ ବାବୁ ଆସେମ୍ବ୍ଲିରେ ସ୍ୱରାଜ୍ୟ ଦଳର ମେମ୍ବର ହୋଇ ଏବେ ସୁଦ୍ଧା ଅଛନ୍ତି । ଦଳର ନିୟମ ମାନି ବରାବର ଚଳି ଆସିଛନ୍ତି । ଦଳ ମଧ୍ୟରେ ତାଙ୍କର ପ୍ରତିଷ୍ଠା ଓ ପ୍ରତିପତ୍ତି ଅଛି । ବଡଲାଟ ଦରବାର ସ୍ୱରାଜ୍ୟ ଦଳର ସେ ଜଣେ ସଂପାଦକ । ଏହି ସଭାର ବେସରକାରୀ ମେମ୍ବରମାନଙ୍କ ମଧ୍ୟରୁ ଗୃହ ଜଣ ଦିଲ୍ଲୀ ବିଶ୍ୱବିଦ୍ୟାଳୟକୁ ବଗ୍ଗ ହୋଇ ଆସନ୍ତି । ପଣ୍ଡିତ ନୀଳକଣ୍ଠ ଗଲା ଦୁଇ ବର୍ଷ ହେଲା ସେ ଗୃହଜଣଙ୍କ ମଧ୍ୟରେ ଜଣେ ବଗ୍ଗ ହେଉଛନ୍ତି । ଦଳର ନିରୂପିତ ନିୟମରେ ଯଥା ସମୟରେ ସେ ମତ ବ୍ୟକ୍ତ କରି ଥାନ୍ତି । କୌଣସି ଦଳଭୁକ୍ତ ହେଲେ ଅନେକ ସମୟରେ ବ୍ୟକ୍ତି ବିଶେଷଙ୍କୁ ନିଜ ଇଚ୍ଛା ଅନୁସାରେ କାର୍ଯ୍ୟ କରିବାର ସୁବିଧା ମିଳେ ନାହିଁ । ଦଳର ମୁଖିଆ ୮।୭ ଜଣଙ୍କ ପାଟି କେବଳ ଶୁଣାଯାଏ । ସେହିମାନେ ଦଳର ନାୟକ । ଅନ୍ୟମାନେ ସେମାନଙ୍କୁ ସମର୍ଥନ କରିଥାନ୍ତି ମାତ୍ର । ଦଳର ଶାସନ ଶୃଙ୍ଖଳା ମାନି ନୀଳକଣ୍ଠ କାର୍ଯ୍ୟ କରନ୍ତି ଏବଂ ଦଳର ପରାମର୍ଶ ବେଳେ ନାନା ଯୁକ୍ତି ତର୍କ ଦେଖାଇ ଆଲୋଚନା ବିଷୟରେ ମତ ଦେଇଥାନ୍ତି ବୋଲି ସରକାର ଦଳର କୌଣସି କୌଣସି ବିଶିଷ୍ଟ ନେତାଙ୍କଠାରୁ ଆମ୍ଭେମାନେ ଅବଗତ ହୋଇ ଅଛୁ । (୧)

## କେନ୍ଦ୍ର ଆସେମ୍ବ୍ଲିରେ ଓଡ଼ିଶା ପାଇଁ ନୀଳକଣ୍ଠଙ୍କର ସ୍ୱତନ୍ତ୍ର ପ୍ରଦେଶ ଦାବୀ

୧୯୨୭ ମସିହା ନିର୍ବାଚନରେ ନୀଳକଣ୍ଠ ବିପୁଳ ଭୋଟରେ ଜୟ-ଲାଭ କରି ୨ୟ ଥର ପାଇଁ କେନ୍ଦ୍ର ବ୍ୟବସ୍ଥା ସଭାକୁ ନିର୍ବାଚିତ ହେଲେ ଓ

(୧) ଗୋପବନ୍ଧୁ ରଚନାବଳୀ,-୮ମ-ବିବିଧ ପ୍ରସଙ୍ଗ, ପୃ ୩୩୪—'ସମାଜ' ତା ୧୭।୫।୨୭

Digitized by PPRACHIN, SOA

ବ୍ୟବସ୍ଥା ସମ୍ବନ୍ଧରେ ନିଜର ବ୍ୟକ୍ତିଗତ ମହତ୍ତ୍ୱ ଓ 'ସ୍ୱରାଜ୍ୟ' ପାର୍ଟି ସମ୍ପାଦକ ପଦର ମର୍ଯ୍ୟାଦା ବୃଦ୍ଧି କରିଥିଲେ । ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣ ନିମନ୍ତେ ସେ ୧୯୨୭ ମସିହା ଫେବୃୟାରୀ ୮ ତାରିଖରେ ଗୋଟିଏ ବେସରକାରୀ ବିଲ୍ ଆଗତ କରିଥିଲେ ପ୍ରସ୍ତାବଟି ଗୃହୀତ ହୋଇ ନୂତନ ଓଡ଼ିଆ ପ୍ରଦେଶ ଗଠନର ପଥ ସୁଗମ କରି ଦେଇଥିଲା । ପଣ୍ଡିତଙ୍କର ଉକ୍ତ ବକ୍ତୃତାର ସାରାଂଶ ଉଲ୍ଲେଖ ଯୋଗ୍ୟ ।

ବିଲ ଆଗତ କରି ପଣ୍ଡିତ ନୀଳକଣ୍ଠ କହିଲେ, "ଏ ପ୍ରସ୍ତାବ ସରକାରଙ୍କ ପକ୍ଷରେ ଏକ ନୂଆ ବିଷୟ ନୁହେଁ—ପ୍ରାୟ ଦୀର୍ଘ ୨୫ବର୍ଷ ହେଲା ଏହା ଦେଶର ରାଜନୈତିକ ସମସ୍ୟା ମଧ୍ୟରେ ମୁଖ୍ୟସ୍ଥାନ ଅଧିକାର କରି ଆସିଛି । ଏହି ଆନ୍ଦୋଳନ ୧୯୦୩ ମସିହାରୁ ଆରମ୍ଭ ହୋଇଛି । ତତ୍କାଳୀନ ଘରୋଇ ମନ୍ତ୍ରୀ ଓଡ଼ିଆ ଅଞ୍ଚଳ ମାନ ଏକ ଶାସନାଧୀନ ହେବା ଆବଶ୍ୟକ ବୋଲି ସ୍ୱୀକାର କରିଥିଲେ । ଶାସନ ତାନ୍ତ୍ରିକ ସୁବିଧା ଆଳ ଦେଖାଇ ଏହାକୁ ବାରମ୍ବାର ସ୍ଥଗିତ ରଖା ଯାଇଛି । ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳମାନ ଏକ ସରକାର ଅଧୀନରେ ରଖା ଯିବ ବୋଲି ଆମକୁ ନିର୍ଭର ଜବାବ ଦିଆ ଯାଇଛି, ଗୋଟିଏ ଉପପ୍ରଦେଶ ଗଢାଯିବାର ପ୍ରସ୍ତାବ ମଝିରେ ମଝିରେ ଉପସ୍ଥାପନ କରାଯାଇଛି । ମାତ୍ର ଓଡ଼ିଆମାନଙ୍କୁ ସନ୍ତୁଷ୍ଟ କରିବା ଭଳି କୌଣସି କାର୍ଯ୍ୟ ଆଜିଯାଏ ହୋଇନାହିଁ । ମାନ୍ୟବର ଶ୍ରୀ ସଚ୍ଚିଦାନନ୍ଦ ସିଂହ ଗତ ବଡ଼ଲାଟ ପରିଷଦର ଅନ୍ତିମ ପର୍ଯ୍ୟାୟରେ ୧୯୨୦ ମସିହାରେ ଏପରି ଏକ ପ୍ରସ୍ତାବ ଉପସ୍ଥାପିତ କରିବାରୁ ସରକାର ଏ ବିଷୟରେ ଅନୁସନ୍ଧାନ କରିବେ ବୋଲି ରାଜି ହୋଇଥିଲେ । ସମ୍ଭବତଃ ନୂତନ ଶାସନ ସଂସ୍କାର ଖସଡ଼ା କାର୍ଯ୍ୟକାରୀ ହେବା ପୂର୍ବରୁ ସରକାର କିଛି କରିବାକୁ ମନସ୍ଥ କରିଥିଲେ । କିନ୍ତୁ ନୂତନଶାସନ ସଂସ୍କାର ମତେ ଗଠିତ ପ୍ରଥମ ପରିଷଦର କାର୍ଯ୍ୟକାଳ ପୂରି ଗଲା । ଅଥଚ ସରକାର ଏ ବିଷୟରେ କିଛି କଲେ ନାହିଁ । ଦ୍ୱିତୀୟ ପରିଷଦର ପ୍ରାରମ୍ଭରେ ମୋର ବନ୍ଧୁ ଶ୍ରୀ ଭୁବନାନନ୍ଦ ଦାସଙ୍କ ଏକ ପ୍ରଶ୍ନର ଉତ୍ତରରେ ସରକାର ମାନ୍ଦ୍ରାଜ ପ୍ରଦେଶର ଓଡ଼ିଆ ମାନଙ୍କ ବିଷୟ ଅନୁସନ୍ଧାନ କରିବେ ବୋଲି ରାଜି ହେଲେ, ଫିଲିପ୍ ଡଫ୍ କମିସନ ବସାଇଲେ । ଉକ୍ତ କମିସନ ଅନୁସନ୍ଧାନ କରି ରିପୋର୍ଟ ଦେଲେ, ଗଞ୍ଜାମ ଓ ବିଶାଖା ପାଟଣା ଲୋକେ ଓଡ଼ିଶା ଡ଼ିଭିଜନ ସହ ମିଶିବାର ପ୍ରବଳ ଇଚ୍ଛା ପ୍ରକାଶ କରିଛନ୍ତି ।

Digitized by PPRACHIN, SOA

ମୁଁ ଏଠାରେ ସ୍ପଷ୍ଟ ଜଣାଇ ଦେବାକୁ ଚାହେଁ, ବହୁ ଓଡ଼ିଆ ଅଂଚଳ ବିଭିନ୍ନ ପ୍ରଦେଶ ମାନଙ୍କ ଅଧୀନରେ ରହିବା ଓ ସେହି ପ୍ରଦେଶ ମାନଙ୍କରେ ଗୋଟିଏ ଗୋଟିଏ ସ୍ୱାର୍ଥାନ୍ୱେଷୀ ଶାସକଗୋଷ୍ଠୀ ସୃଷ୍ଟି ହୋଇଛନ୍ତି । ବଂଗ ସରକାର ସ୍ପଷ୍ଟ ଜଣାଇଛଂନ୍ତି ଜନଗଣନାକାରୀ ଅଫିସରମାନେ ଲୋକଂକୁ ଓଡ଼ିଆ ଭାଷାଭାଷୀ ବୋଲି ରେକର୍ଡ କରିବାକୁ ଡ଼ରୁଛନ୍ତି । କାରଣ ସେମାନଙ୍କର ଭୟ କାଳେ ଏମାନଂକୁ ଓଡ଼ିଆଭାଷୀ ବୋଲି ଜନଗଣନା ରିପୋର୍ଟରେ ଲେଖିଦେଲେ ସେହି ଅଂଚଳ ଗୁଡ଼ିକ ଓଡ଼ିଶା ଡ଼ିଭିଜନ ସହିତ ମିଶିଯିବ । ବାସ୍ତବରେ ଜନ ଗଣନା ସୁପରିଂଟେଣ୍ଡେଣ୍ଟ ଜନଗଣନାକାରୀ ଅଫିସର ଓ ସୁପରଭାଇଜରଙ୍କର ଏକ ମିଟିଂରେ ଶୁଣିବାକୁ ପାଇଥିଲେ, ଦାନ୍ତନରେ ବହୁ ଓଡ଼ିଆଭାଷୀ ଲୋକ ରହିଥିବା ହେତୁ ଦାନ୍ତନ ବାଲେଶ୍ୱର ଜିଲ୍ଲା ସହିତ ମିଶି ଯାଇପାରେ । ସର୍କଲ ଅଫିସର ଶ୍ରୀ ଏ. ଏମ୍. ଚକ୍ରବର୍ତ୍ତୀ ୧୯୬୧ ଜୁଲାଇ ୫ ତାରିଖ ଶଠିରେ ଜଣାଇ ଥିଲେ, ଦାନ୍ତନ ଓ ମୋହନ ପୁରରେ ଓଡ଼ିଆ ଭାଷାଭାଷୀ ଲୋକଂକ ସଂଖ୍ୟା ଅଧିକ । ଆଉ ଏକ କଥା କୁହା ଯାଇଛି ଯେ ଆନ୍ଦୋଳନ ହେତୁ ଲୋକେ ଏପରି ଇଚ୍ଛା ପ୍ରକାଶ କରିଛନ୍ତି । ଏ କଥା ହୋଇପାରେ ଯେ ଯେତେବେଳେ କୌଣସି ଏକ ଦାବୀ ଉପରେ ଆନ୍ଦୋଳନ ଆରଂଭ କରାଯାଏ, ସେତେବେଳେ ଆନ୍ଦୋଳନର ନେତୃବର୍ଗ ଦେଶର ହିତକୁ ଦୃଷ୍ଟିରେ ରଖି ଜନମତ ସୃଷ୍ଟି କରିଥାଂନ୍ତି ।

ଏ ବିଷୟରେ ବୁଝାଇ କହିବା ପୂର୍ବରୁ ଓଡ଼ିଶାର ସଂସ୍କୃତି, ପରମ୍ପରା, ଐତିହ୍ୟ ଆଦି ବିଷୟରେ ମୁଁ ପରିଷଦର ସଭ୍ୟ ମାନଙ୍କର ଦୃଷ୍ଟି ଆକର୍ଷଣ କରିବାକୁ ଚାହେଁ । ଏପରିକି ଗତ ବିଧାନ ପରିଷଦର ଜଣେ ସଭ୍ୟ ମୁଁ 'ଓଡ଼ିଶା ସଭ୍ୟ' ବୋଲି କହିବାରୁ କିଛି ବୁଝି ପାରି ନ ଥିଲେ ।ତେଣୁରେ ମୁଁ "ବିହାର ଓ ଓଡ଼ିଶାର ସଭ୍ୟ" ବୋଲି କହିଲି । ସେତେବେଳେ ଉକ୍ତ ସଭ୍ୟ କହିଲେ"ଏ ସ୍ଥାନଟି ଆସାମ ନିକଟବର୍ତ୍ତୀ ଏକ ଅଞ୍ଚଳ" । ଗଲା ଦୁଇଶହ ବର୍ଷହେଲା ଆମ ଲୋକେ ବିଭିନ୍ନ ପ୍ରଦେଶରେ ବିଚ୍ଛିନ୍ନ ହୋଇ ରହିବା ଫଳରେ ସମ୍ଭବତଃ ଭାରତର ଅନ୍ୟ ପ୍ରଦେଶ ଲୋକେ ଆମର ଯଥାର୍ଥ ପରିଚୟ ପାଇ ପାରୁ ନାହାନ୍ତି । ଆଧୁନିକ ଓଡ଼ିଶା ତିନୋଟି ପୁରାତନ ସଂସ୍କୃତିକୁ ନେଇ ଗଠିତ ହୋଇଛି । ଯଥା:—କଳିଙ୍ଗ, ଉତ୍କଳ ଓ ଉଡ୍ର । ପୁରାତନ କଳିଙ୍ଗ ହେଲା, ଦ୍ରାବିଡ଼ ରାଜ୍ୟର ସୀମାନ୍ତରେ ଆର୍ଯ୍ୟମାନଙ୍କର ପ୍ରଥମ ଉପନିବେଶ । ଏହା

Digitized by PPRACHIN, SOA

ଖ୍ରୀଷ୍ଟପୂର୍ବ ୭ମ ଶତାବ୍ଦୀର କଥା । ଏହି କଳିଙ୍ଗ କଲିକତା ବା ତାମ୍ରଲିପ୍ତଠାରୁ ଗଞ୍ଜାମର ସୀମାନ୍ତ ଅଞ୍ଚଳ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ମଗଧ ସମ୍ରାଟ ଅଶୋକ ଏହି କଳିଙ୍ଗକୁ ଜୟ କରିବାରେ ଧର୍ମାଶୋକରେ ପରିଣତ ହୋଇଥିଲେ । କଳିଙ୍ଗର ଏକ ବଳିଷ୍ଠ ସଂସ୍କୃତି ଥିଲା । ଓଡ଼ିଶାରେ ଏବେ ଯେଉଁ ଉନ୍ନତ ଶିଳ୍ପକଳା ଫୁଟି ଉଠିଛି, ତାହା ଆର୍ଯ୍ୟ ଶିଳ୍ପକଳାର କଳିଙ୍ଗ ସଂସ୍କରଣ ଓ ତାହା ଏବେ ମଧ୍ୟ ଓଡ଼ିଶାର ଗୁମ୍ଫା ମନ୍ଦିର ମାନଙ୍କରେ ଦେଖିବାକୁ ମିଳେ । କଳିଙ୍ଗର ଲୋକେ ସମୁଦ୍ର ଡେଇଁ ଜଳଯାତ୍ରା କରିବାରେ ଖୁବ୍ ପଟୁ ଥିବା କଥା ବେଶ୍ ଜଣାଶୁଣା । ଭାରତ ଇତିହାସରେ ବିଜୟ ସିଂହଙ୍କ ନାମ ସୁପରିଚିତ । ଅବଶ୍ୟ ବିଜୟ ସିଂହଙ୍କୁ ଓଡ଼ିଶା, ବଙ୍ଗଳା, ଗୁଜରାଟ ଓ ବର୍ମା ପ୍ରତ୍ୟେକେ ନିଜ ଅଞ୍ଚଳର ଲୋକ ବୋଲି ଦାବି କରିଥାନ୍ତି । ଏଇ ବିଜୟ ସିଂହଙ୍କ ସହିତ ତାଙ୍କ ସ୍ତ୍ରୀ ଯାଇ ଶ୍ରୀଲଙ୍କାରେ ଉପନିବେଶ ସ୍ଥାପନ କରିଥିଲେ । ତାଙ୍କ ସ୍ତ୍ରୀ କିନ୍ତୁ ନିଶ୍ଚିତଭାବରେ କଳିଙ୍ଗର ରାଜକନ୍ୟା ବୋଲି ଜଣାଯାଏ । ବର୍ମା ଓ ପୂର୍ବ ଭାରତୀୟ ଦ୍ୱୀପ ପୁଞ୍ଜରେ କଳିଙ୍ଗ ଲୋକେ ଉପନିବେଶ ସ୍ଥାପନ କରିଥିଲେ । ଏବର ପେଗୁର ସ୍ଥାନୀୟ ନାଁ 'ଓଶା' ଓ ଏହା ଓଡ଼ିଶାର ଅପଭ୍ରଂଶ ମାତ୍ର । ବର୍ମାର କେତେକ ମନ୍ଦିର ଓଡ଼ିଶାର ଉଦୟଗିରି ଗୁମ୍ଫା ମନ୍ଦିରର ଅନୁକରଣରେ ନିର୍ମିତ । ଓଡ଼ିଶାର ନୌ ବାଣିଜ୍ୟ ଗତ ଶତାବ୍ଦୀର ସପ୍ତ ଦଶକ ପର୍ଯ୍ୟନ୍ତ ଚାଲୁଥିଲା । ଓଡ଼ିଶାର ଉପକୂଳବର୍ତ୍ତୀ ଲବଣ ବ୍ୟବସାୟ ସରକାର ନାନା ଭାବରେ ଧ୍ୱଂସ କରି ଦେବାରେ ନୌ-ବାଣିଜ୍ୟରେ ଓଡ଼ିଆଙ୍କର ବିଶେଷତ୍ୱ ଲୋପ ପାଇଗଲା । ତଥାପି ବାଲେଶ୍ୱର ଓ ଓଡ଼ିଶାର କେତେକ କ୍ଷୁଦ୍ର ବନ୍ଦର ମାନଙ୍କରେ ଓଡ଼ିଆ ନୌ-ବାଣିଜ୍ୟର ଭଗ୍ନାବଶେଷ ଏବେ ବି ଦେଖାଯାଏ ।

ଏହି କଳିଙ୍ଗ ପୁଣି ବୌଦ୍ଧ ସଂସ୍କୃତିର ପ୍ରଧାନ କେନ୍ଦ୍ର ହୋଇଥିଲା । ଏହାପରେ ଉଡ୍ରରାଜ୍ୟ ସଭ୍ୟତା କଳିଙ୍ଗର ବୌଦ୍ଧ ସଭ୍ୟତାକୁ ଗ୍ରାସ କରି ହିନ୍ଦୁ ଧର୍ମପୀଠରେ ଏହାକୁ ପରିଣତ କରିଥିଲା । ଏହି ଉଡ୍ର ସଭ୍ୟତା ଏବେ ମଧ୍ୟ ପ୍ରଦେଶର ଦକ୍ଷିଣ-ପୂର୍ବାଞ୍ଚଳ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଏବେ ଆମର ଯେଉଁ ଜଗନ୍ନାଥ ମନ୍ଦିର ଭାରତ ବିଖ୍ୟାତ ହୋଇ ରହିଛି, ତାହା ଉଡ୍ର ସଭ୍ୟତାର ହିଁ ଅବଦାନ । ଓଡ଼ିଶାର ସଂସ୍କୃତି ଏହି ଜଗନ୍ନାଥ ମନ୍ଦିର ଯେନ ନିଜକୁ ଧନ୍ୟ ମଣିଥାଏ ଯେ ହେତୁ ଏହି ମନ୍ଦିର ମଧ୍ୟରେ ଜାତି, ବର୍ଣ୍ଣ, ଅସ୍ପୃଶ୍ୟତା

Digitized by PPRACHIN, SOA

ଆଉ ଭେଦ ଭାବ ନାହିଁ । ଭାରତର ଅନ୍ୟ କୁତାପି ଏହା ପରିଲକ୍ଷିତ ହୁଏ ନାହିଁ । ଏହାହିଁ ସ୍ପଷ୍ଟତଃ ଓଡ଼ିଆ ସଭ୍ୟତା । ଭାରତର ଧର୍ମ ବଗିଚାରେ ଏବେ ଓଡ଼ିଶାର ସ୍ୱତନ୍ତ୍ର ସତ୍ତା ବଗିଚାକୁ ନିଆଯାଉ ।

ସେହିପରି ପ୍ରାଚୀନ ଉତ୍କଳର ପ୍ରଭାବ ସିଂହଭୂମି ପଠୁ ଆସି ସଭ୍ୟତାର ପ୍ରବାହରେ ବହୁକିଛି ସଂଯୋଗ କରିଥିଲା । ଏଇପରି ତିନିଗୋଟି ସଭ୍ୟତାର ମିଶ୍ରଣରେ ଓଡ଼ିଶାରେ ଯେ ଏକ ପୁଷ୍କଳ ସଭ୍ୟତା ଗଢି ଉଠିଥିଲା, ତାହା ସ୍ପଷ୍ଟ । ଏହି ଓଡ଼ିଆ ସଭ୍ୟତାକୁ ଧ୍ୱଂସ କରିବା ପାଇଁ ବାରମ୍ବାର ତୀବ୍ର ଆକ୍ରମଣ କରାଯାଇଛି ସତ, କିନ୍ତୁ ଏପରି ଏକ ବଳିଷ୍ଠ ସଭ୍ୟତା ଧ୍ୱଂସ ହେବାର ନୁହେଁ, ହୋଇ ପାରି ନାହିଁ ।

କେହି କେନ୍ଦ୍ରର ମନନ କରିବା ଉଚିତ ନୁହେଁ ଯେ ଏହି ବିଂଶ ଶତାବ୍ଦୀରେ ପ୍ରଥମ କରି ଆମେ ଆମକୁ ଏକ ପ୍ରଦେଶରେ ଅନ୍ତର୍ଭୁକ୍ତ କରିବା ଲାଗି ଆମର ଦାବୀ ଜଣାଉଛୁ । କାରଣ ଇତିହାସରେ ଓଡ଼ିଶା ଏକ ସ୍ୱତନ୍ତ୍ର ରାଜ୍ୟ ହୋଇ ବରାବର ଥିଲା, କେବଳ ଏହାର ରାଜସ୍ୱରୁ କୌଣସି ମତେ ଚଳି କରି ନୁହେଁ ଏହା ବରାବର ଏକ ସମୃଦ୍ଧିଶାଳୀ ରାଜ୍ୟ ଥିଲା, ନିଜର ଶିଳ୍ପକଳା, ସାହିତ୍ୟ ଓ ସଂସ୍କୃତିକୁ ନେଇ ଏକ ଖୁବ୍ ଉନ୍ନତ ଓ କ୍ଷମତାଶାଳି ରାଜ୍ୟ । ମେଦିନୀପୁରଠାରୁ ଗଞ୍ଜାମର ଦକ୍ଷିଣାଞ୍ଚଳ ଓ ସମୁଦ୍ର ତଟଭୂମିଠାରୁ ସିଂହଭୂମି ଓ ମଧ୍ୟ ପ୍ରଦେଶର ପୂର୍ବାଞ୍ଚଳ ପର୍ଯ୍ୟନ୍ତ ଓଡ଼ିଶା ବିସ୍ତୃତ ଥିଲା ବୋଲି ଇତିହାସରେ ଲିପିବଦ୍ଧ ହୋଇ ରହିଛି । ପୂର୍ବକାଳରେ ବିଜୟ ନଗର, ବାହ୍ମାନି ରାଜ୍ୟ ଓ ବଙ୍ଗ ଦେଶର ସୁବର୍ଣ୍ଣ ଯୁଗରେ ମଧ୍ୟ ଓଡ଼ିଶାର ସମ୍ରାଟମାନେ ନିଜର ସ୍ୱାଧୀନତା ରକ୍ଷା କରିବା ବ୍ୟତୀତ ସେମାନଙ୍କର ଲକ୍ଷେ ସେନା ନେଇ ଏହି ରାଜ୍ୟମାନଙ୍କ ଅନ୍ତର୍ଦେଶ ପର୍ଯ୍ୟନ୍ତ ମାଡ଼ି ଯାଉଥିଲେ । ମୋଗଲ ସମ୍ରାଟ ଆକବର ଜଣେ ବିଚକ୍ଷଣ ରାଜନୀତିଜ୍ଞ ଥିଲେ । ସେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ରାଜ୍ୟରୂପେ ରଖିବାର ଆବଶ୍ୟକତା ବୁଝିଥିଲେ । ତେଣୁ ମୋଗଲ କାଳରେ ମଧ୍ୟ ଓଡ଼ିଶା ଗୋଟିଏ ସ୍ୱତନ୍ତ୍ର ରାଜ୍ୟ ହୋଇ ରହିଥିଲା । ମୁଁ ଏଠି କହି ଦେବାକୁ ଚାହେଁ ଯେ ଓଡ଼ିଶାର ମୁସଲମାନ ମାନେ ଅତି ସମ୍ମାନମାନ୍ୟ ଜାତି । ତେଣୁ ଓଡ଼ିଶାରେ କେବେ ହିନ୍ଦୁ ମୁସଲମାନଙ୍କ ଭିତରେ ସାମ୍ପ୍ରଦାୟିକ ଦଙ୍ଗା ହୋଇନାଇ ।

Digitized by PPRACHIN, SOA

ଏହାପରେ ଓଡ଼ିଶା ଉପରେ ବାରମ୍ବାର ଆକ୍ରମଣ କରାଯାଇଛି । ଆମକୁ ଏକ କନ୍ଦୁକ ସଦୃଶ ବ୍ୟବହାର କରାଯାଇଛି । ସମ୍ଭବତଃ ଇଂରେଜ ଅମଳରେ ଓଡ଼ିଶାର ଚରମ ଅଧୋଗତି ହୋଇଛି । ପଲାସୀ ଯୁଦ୍ଧର ଅଳ୍ପଦିନ ପୂର୍ବରୁ ଏହା ବଙ୍ଗଳାର ଅଂଶ ବିଶେଷ ହୋଇ ରହିଥିଲା ଓ ତାର କିଛି କାଳ ପୂର୍ବରୁ ଓଡ଼ିଶା ନାଗପୁର ଅଧୀନରେ ରହିଥିଲା । ଖୁବ୍ ସମ୍ଭବ, ମରହଟ୍ଟାଙ୍କ ଭୟରେ ବଙ୍ଗାଳୀ ବଣିକମାନେ ବଙ୍ଗଲାଠଂକୁ ପ୍ରଭାବିତ କରି ମରହଟ୍ଟା ମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ଓଡ଼ିଶାକୁ ମରହଟ୍ଟାଙ୍କ ହାତରେ ସମର୍ପଣ କରି ଦେଇଥିଲେ ଓ ଏହା ମଧ୍ୟପ୍ରଦେଶର ଅନ୍ତର୍ଭୁକ୍ତ ହେଲା । ଦ୍ୱିତୀୟ ମରହଟ୍ଟା ଯୁଦ୍ଧପରେ ଓଡ଼ିଶାକୁ ପୁଣି ବଂଗଳା ସହିତ ସାମିଲ କରାଗଲା । ପ୍ରସିଦ୍ଧ ଐତିହାସିକ ହଣ୍ଟର ସାହେବ ସ୍ୱୀକାର କରିଛନ୍ତି, ଓଡ଼ିଶାର ଦୈନ୍ୟ ଏବଂ ଦୁର୍ଭିକ୍ଷ ଲାଗି ଇଂରେଜ ମାନେହିଁ ଦାୟୀ ।

ପଣ୍ଡିତ ଦାସ କ୍ଷୋଭ ପ୍ରକାଶ କରି କହିଲେ, ଓଡ଼ିଶାକୁ ଏକ ପଣ୍ୟରୂପେ ବ୍ୟବହାର କରାଯାଇଛି । ବିଭିନ୍ନ ସମୟରେ ବିଭିନ୍ନ ପ୍ରଦେଶର ନିରାପତ୍ତା ଓ ସୁଖସୁବିଧା ପାଇଁ ଓଡ଼ିଶାକୁ ଖଣ୍ଡ ବିଖଣ୍ଡିତ କରି ବିଭିନ୍ନ ପ୍ରଦେଶ ସହିତ ଯୋଡ଼ି ଦିଆଯାଇଛି । ଶେଷରେ ଏହାକୁ ବିହାର ସହିତ ଯୋଡ଼ି ଏକ ଅପଚେଷ୍ଟା କରାଯାଇଛି । କୁହାଯାଉଛି ବିହାରକୁ ଏକ ସାମୁ-ଦ୍ରିକ ଉପକୂଳର ସୁବିଧା ଦେବା ପାଇଁ ଏପରି କରା ଯାଇଛି । କିନ୍ତୁ ଏବେ ବି ଓଡ଼ିଶାରେ କୌଣସି ବନ୍ଦର ପ୍ରତିଷ୍ଠା କରାଯାଇଛି କି ? ଓଡ଼ିଶା ସମୁଦ୍ର ଉପକୂଳ ଅଞ୍ଚଳର ଉନ୍ନତି ନିମନ୍ତେ କୌଣସି ଉଦ୍ୟମ କରା ଯାଇଛି-କି ?

ବିହାର ସହିତ ସମସ୍ତ ସମ୍ପର୍କ ଛିନ୍ନ କରି ଦେବାକୁ ଚାହାନ୍ତି କି ବୋଲି ମଧ୍ୟ ପ୍ରଦେଶର ଜଣେ ସଭ୍ୟଙ୍କ ପ୍ରଶ୍ନର ଉତ୍ତରରେ ପଣ୍ଡିତ ଦାସ କହିଲେ, ଆମେ ଆସାମ ବା ମଧ୍ୟ ପ୍ରଦେଶ ଭଳି ଏକ ସ୍ୱତନ୍ତ୍ର ପ୍ରଦେଶହୋଇ ରହିବାକୁ ଚାହୁଁ । ଲୋକସଂଖ୍ୟା ଏବଂ ଆୟ ଦୃଷ୍ଟିରୁ ଓଡିଶା ସହିତ ପ୍ରାୟ ସମାନ ହେଲେ ମଧ୍ୟ ଆସାମକୁ ଏକ ସ୍ୱତନ୍ତ୍ର ପ୍ରଦେଶ କରାଗଲା । ସ୍ୱତନ୍ତ୍ର ହାଇକୋର୍ଟ ଓ ବିଶ୍ୱବିଦ୍ୟାଳୟ ନ ଥାଇ ମଧ୍ୟ ଆସାମ ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ସ୍ୱୀକୃତି ପାଇଛି । ଅତୀତରେ ଓଡିଶା ନିଜର ସ୍ୱାତନ୍ତ୍ର୍ୟ ବଜାୟ ରଖିଥିବା କଥା ମୁଁ ପୂର୍ବରୁ ଦର୍ଶାଇଛି । ମାତ୍ର ପ୍ରାୟ ଦୁଇଶହ ବର୍ଷ ହେଲା ଇଂରେଜ ସରକାରଙ୍କ କାରସାଦିରୁ ଏହାକୁ ବିଭିନ୍ନ ପ୍ରଦେଶ ସହିତ ଯୋଡ଼ି

Digitized by PPRACHIN, SOA

ଦିଆ ଯାଉଛି । ତେଣୁ ଏବେ ଆର୍ଥିକ ଦୁର୍ଗତିର ଆଶଙ୍କା ସତ୍ତ୍ୱେ ଆମେ ଏକ ସ୍ୱତନ୍ତ୍ର ପ୍ରଦେଶ ଚାହିଁବା ସ୍ୱାଭାବିକ । ତେବେ, ଯେହେତୁ ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳର ଏକତ୍ରିକରଣ ନିମନ୍ତେ ଏଠି ଆଲୋଚନା ଚାଲିଛି, ତେଣୁ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠନ କରିବା ବିଷୟ ମୁଁ ଏଠାରେ ଉଠାଉ ନାହିଁ । ମାତ୍ର ଏକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ହିଁ ଆମର ଲକ୍ଷ୍ୟ ।

ପଣ୍ଡିତ ଦାସ ଭାଷଣ ପ୍ରସଙ୍ଗରେ ଉଲ୍ଲେଖ କରିଥିଲେ ଯେ ବିହାର ଭିତରେ ଓଡ଼ିଶା ଡିଭିଜନର ଆକାର ବୃଦ୍ଧି କରିବା ପାଇଁ ବାରମ୍ବାର ଏହିପରି କୁହାଯାଉଛି ଓ ପ୍ରସ୍ତାବମାନ ଅଣାଯାଇଛି । ବିହାର ଓ ଓଡ଼ିଶା ବ୍ୟବସ୍ଥା ପରିଷଦରେ ୧୯୨୧ରେ ଏହିପରି ଏକ ପ୍ରସ୍ତାବ ଆସି କାଟ ଖାଇ ଯାଇଥିଲା । କିନ୍ତୁ ଏହି ପ୍ରସ୍ତାବରେ ଟିକିଏ ପରିବର୍ତ୍ତନ କରି "ବିହାର ଓ ଓଡ଼ିଶା ଶାସନାଧୀନ"ରେ ଓଡ଼ିଶା ଡିଭିଜନର ବିଚ୍ଛିନ୍ନାଞ୍ଚଳର ଏକତ୍ରିକରଣ ପ୍ରସ୍ତାବ ଆସିଲା ବେଳେ ତାହା ଗୃହୀତ ହୋଇଗଲା । ତେଣୁ ଏଠି ସଂଶୋଧନ ପ୍ରସ୍ତାବରେ ଏକ ଶାସନାଧୀନରେ ରହିବା କଥା କହିଲାବେଳେ ମୁଁ ଓଡ଼ିଶାକୁ ବିହାର ଓ ଓଡ଼ିଶା ଅଧୀନରେ ରହିବା ସ୍ୱତନ୍ତ୍ର ପ୍ରଦେଶ ହୋଇ ରହିବା କଥାରେ ଛନ୍ଦି ହୋଇ ନାହିଁ । ସ୍ୱତନ୍ତ୍ର ପ୍ରଦେଶ ହିଁ ଆମର ପରବର୍ତ୍ତୀ ଅଭିଳାଷ ।

ପଣ୍ଡିତ ଦାସ ବୁଝାଇ ଥିଲେ ଯେ ଯଦି ଅନ୍ୟ କୌଣସି ପ୍ରଦେଶ ସହିତ ପରୀକ୍ଷାମୂଳକ ଭାବେ ଓଡ଼ିଶାକୁ ଯୋଡ଼ିବା କଥା ହୁଏ, ତେବେ ତାକୁ ମଧ୍ୟ-ପ୍ରଦେଶ ସହିତ ସଂଲଗ୍ନ କରିବା ଉଚିତ । କାରଣ କଟକରୁ ସମ୍ବଲପୁର ଦେଇ ପରିକଳ୍ପିତ ରେଳ ଲାଇନ ଯୋଗେ ନାଗପୁର ସହିତ ଯୋଗାଯୋଗ ସ୍ଥାପନ କରାଯାଇ ପାରିବ । ଏହାଛଡ଼ା ବିଶାଖାପାଟଣା ବନ୍ଦର ପାଇବାରେ ଆମର ଅନ୍ୟଏକ ସୁବିଧା ମଧ୍ୟ ହେବ । ତାହା ଯଦି ନ ହୁଏ, ବଙ୍ଗଳା ସହିତ ମଧ୍ୟ ଆମକୁ ମିଶାଇ ଦିଆଯାଇ ପାରେ । ତଦ୍ୱାରା ହାଇକୋର୍ଟ ଓ ବିଶ୍ୱ ବିଦ୍ୟାଳୟର ସୁବିଧା ଛଡ଼ା ଓଡ଼ିଶାର ଯେ କୌଣସି ସ୍ଥାନରୁ ୧୨ ଘଣ୍ଟାରେ ରାଜଧାନୀ କଲିକତାରେ ପହଂଚ ହେବ । ବିହାର ସହିତ ଆମକୁ ସଂଯୁକ୍ତ କରି ରଖିବାରେ କି ମାଧୁର୍ଯ୍ୟ (Charm) ଅଛି, ମୁଁ ବୁଝି ପାରୁନାହିଁ । ରାଜଧାନୀ ପାଟନା ଆମଠାରୁ ବହୁ ଦୂରରେ । ପୁଣି ଇତିହାସରେ ବଙ୍ଗଳା କିଂବା ମଧ୍ୟପ୍ରଦେଶ ଛଡ଼ା ଅନ୍ୟ କୌଣସି ପ୍ରଦେଶ ସଙ୍ଗେ ଆମକୁ କେବେ

Digitized by PPRACHIN, SOA

ରଖାଯାଇ ନ ଥିବା କଥା, ମୁଁ ଆଗରୁ ଦର୍ଶାଇଛି । ୧୯୧୧ ରୁ ବଙ୍ଗ ବିଚ୍ଛେଦ ରଦ୍ଦ କରି ବିହାରକୁ ଠିକଏ ସୁବିଧା ଦେବାପାଇଁ ଆମକୁ ବିହାର ଅଧୀନରେ ରଖାଯାଇଛି । ତଥାପି ଯଦି ସରକାର ଆମକୁ ବିହାର ଅଧୀନରେ ରଖିବାକୁ ଚାହୁଁଥାଆନ୍ତି ଓ ତହିଁରେ ଆମେ ଆମର ଭାଗ୍ୟ ଆଦରିବାକୁ ବାଧ୍ୟ ହେଉଁ, ତେବେ ସମଗ୍ର ଓଡ଼ିଆ ଭାଷା ଭାଷୀ ଅଂଚଳକୁ ଏକତ୍ରିତ କରି ବିହାର ଅଧୀନରେ ରଖନ୍ତୁ । ଆମେ ବର୍ତ୍ତମାନ ଏ ଇଂରେଜ ସରକାରଂର ଅଧୀନରେ ଗୋଟିଏ ମୃତ ଜାତି ରୂପେ ରହିଛୁ । ଏପରି ପରିସ୍ଥିତିରେ କେଉଁ ପ୍ରଦେଶରେ ରହିବୁ ତାହା ଲେଡ଼ିବାର ଅବକାଶ ଏବେ ଆମର ନାହିଁ । କେବଳ ସମଗ୍ର ଓଡ଼ିଆ ଭାଷାଭାଷୀ ଅଂଚଳକୁ ଏକ ଶାସନାଧୀନ କରିବାକୁ ଆମେ ଏଠି ଏବେ ଚାହିଁଛୁ, ତାହା ନ ହେବା ପର୍ଯ୍ୟନ୍ତ ଆମେ ଆନ୍ଦୋଳନରୁ କ୍ଷାନ୍ତ ହେବୁ ନାଇ । ଶାନ୍ତ ହେବୁ ନାଇ ।

ଗୋଟିଏ ଉପ ପ୍ରଦେଶ ପ୍ରସ୍ତାବ ମଧ୍ୟ ଉଠିଛି--ମୁଁ କିମ୍ବା ମାନ୍ୟବର ଘରେଇ ବିଭାଗ ସଭ୍ୟ, ଏହା ବାସ୍ତବରେ କ'ଣ ବୁଝୁନାହୁଁ । ଗୋଟିଏ ପ୍ରଦେଶକୁ ଉପପ୍ରଦେଶ କହିବା ଅସଂଗତ, ( Somewhat odd ) । ଉପ ପ୍ରଦେଶ ବୋଇଲେ ଗୋଟିଏ ହାଇକୋର୍ଟ ଓ ବିଶ୍ୱବିଦ୍ୟାଳୟ ବିହୀନ ଏକ ପ୍ରଦେଶ ବୋଲି ମୁଁ ବୁଝେ । ଏ ସମସ୍ତ ଖର୍ଚ୍ଚ ବୁଲାଇବା ଆମ ପ୍ରଦେଶର ଆର୍ଥିକ ଅବସ୍ଥା ଦୃଷ୍ଟିରୁ ସମ୍ଭବ ନୁହେ ବୋଲି କୁହାଯାଉଥିଲେ ହେଁ ହାଇକୋର୍ଟ ଓ ବିଶ୍ୱବିଦ୍ୟାଳୟ ସମେତ ସବୁର ଖର୍ଚ୍ଚ ଆମେ କୌଣସି ମତେ ବୁଲାଇ ପାରିବୁ ବୋଲି ମୋର ଦୃଢ଼ ମତ । କିନ୍ତୁ ଆମ ଭାଗ୍ୟନିୟଂତାମାନେ ଏହା ସମ୍ଭବ ନୁହେ ବୋଲି ଯଦି ଦେଖନ୍ତେ, ତେବେ ଆସାମ ସଦୃଶ ଗୋଟିଏ ପ୍ରଦେଶ ଆମକୁ ଦିଆଯାଉ । ଉପ-ପ୍ରଦେଶ କେବଳ ନାମତଃ ଅପମାନ ସୂଚକ ନୁହେଁ, ତଦ୍ୱାରା ଆମକୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଆମ ଲୋକଙ୍କର ଆଶଙ୍କା ।

ଏହାପରେ ପଣ୍ଡିତଙ୍କଙ୍କର ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଓଡ଼ିଶା ଡ଼ିଭିଜନ ସହିତ ଏକତ୍ର କରି ବିହାର ଓଡ଼ିଶା ଅଧୀନରେ ରଖିବା ପ୍ରସ୍ତାବ ଗୃହୀତ ହୋଇଥିଲା ।

ନୀଳକଣ୍ଠଙ୍କ ପ୍ରସ୍ତାବକୁ ସମର୍ଥନ କରି ତା୧୯।୨।୧୯୨୭ରେ ପଣ୍ଡିତ ଗୋପବନ୍ଧୁ "ସମାଜ"ରେ 'ଦେଶ ମିଶ୍ରଣ ପ୍ରସଙ୍ଗ' ଶିରୋନାମାରେ ଏକ

Digitized by PPRACHIN, SOA

ଅଗ୍ରଲେଖା ଲେଖିଥିଲେ । ତାହା ହେଲା, "ପଣ୍ଡିତ ନୀଳକଣ୍ଠ ଦାସ ବେଳକାଳ ଉଣ୍ଡି ଦେଶ ମିଶ୍ରଣ ପ୍ରସ୍ତାବ ବଡ଼ଲାଟ ସଭାରେ ଆଣିଥିଲେ । ମୁଡ଼ିମ୍ୟାନ ସାହେବ ଅଳ୍ପ ଦିନ ତଳେ ଓଡ଼ିଶା ବୁଲି ଯାଇଛନ୍ତି । ଓଡ଼ିଶାର କେତେ ଲୋକଙ୍କ ମୁହଁରୁ ଓଡ଼ିଆମାନଙ୍କ ଆପତ୍ତି ଅଭିଯୋଗମାନ ଶୁଣି ଯାଇଛନ୍ତି ।" × × × ନୀଳକଣ୍ଠଙ୍କୁ ଜବାବ ଦେଇ ମୁଡ଼ିମ୍ୟାନ ସାହେବ ତାଙ୍କର ଓଡ଼ିଶା ଆସିଥିବା କଥା ମଧ୍ୟ କହିଲେ । ଓଡ଼ିଆଙ୍କର ସ୍ୱତନ୍ତ୍ର ଶିଳ୍ପ, ସଭ୍ୟତା ଜାଣିପୃତା ମଧ୍ୟ ସ୍ୱୀକାର କଲେ । × × × ଏତେ ଦିନ ସରକାର ଯାହା ଭଲ ରୂପେ ବୁଝିଲେ ଏବଂ ଓଡ଼ିଆ ସମସ୍ୟାର ଏକ ମାତ୍ର ପ୍ରତିକାର ବୋଲି ଯେ ମାନିଲେ ତାହା ଭାଗ୍ୟର କଥା । ନୀଳକଣ୍ଠ Sub—Province ର କଥା ନ ଉଠାଇ ଦେଶ ମିଶ୍ରଣ ପ୍ରସଙ୍ଗକୁ ଜଟିଳ ନ କରିବା ଠିକ୍ ହୋଇଛି । + + + "ଶୀଘ୍ର ଦେଶ ମିଶ୍ରଣର ବ୍ୟବସ୍ଥା ନ ହେଲେ ଓଡ଼ିଆ ଶାନ୍ତ ଓ କ୍ଷାନ୍ତ ହେବ ନାହିଁ ବୋଲି ପଣ୍ଡିତ ନୀଳକଣ୍ଠ ଟାଣରେ ଯାହା ବଡ଼ଲାଟ ସଭାରେ କହିଲେ ଓଡ଼ିଆମାନେ ତହିଁର ପ୍ରମାଣ ଦେବା ଲାଗି ଆଜଠୁଁ ପ୍ରସ୍ତୁତ ହେବା ଉଚିତ ।"

ଖାଲି ସେତିକି ନୁହେ—ପଣ୍ଡିତ ନୀଳକଣ୍ଠଙ୍କର ଏ ସମ୍ପର୍କୀୟ ଲେଖା ବାହାରର ପତ୍ରପତ୍ରିକା ମାନଙ୍କରେ ବାହାରିଲେ ପଣ୍ଡିତ ଗୋପବନ୍ଧୁ ତାଙ୍କ ନୀଳକଣ୍ଠଙ୍କ କୃତି ସବୁ କାଠଯୋଡ଼ି କୂଳଠାରୁ ଆରମ୍ଭ କରି କଟକ ସହର ତମାମ ବୁଲି ବୁଲି ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଦେଖାଇ ପଢ଼ାଇ ମଧ୍ୟ ଗର୍ବ ଅନୁଭବ କରୁଥିଲେ । ନୀଳକଣ୍ଠଙ୍କ ଭାଷାରେ ମୃତ୍ୟୁ ପର୍ଯ୍ୟନ୍ତ ଗୋପବନ୍ଧୁ ବାବୁ ମୋ କାର୍ଯ୍ୟରେ ବଡ଼ ଆଗ୍ରହ ଓ ଆଦର ପ୍ରକାଶ କରୁଥିବାର ମୁଁ ଜାଣେ ।"

## ସ୍ୱତନ୍ତ୍ର ପ୍ରଦେଶ ପାଇଁ ପଣ୍ଡିତ ନୀଳକଣ୍ଠଙ୍କର ଅତନ୍ଦ୍ର ଉଦ୍ୟମ

କେବଳ ବଡ଼ଲାଟ ସଭାରେ ଗୋଟିଏ ପ୍ରସ୍ତାବ ଆକାରରେ ସ୍ୱତନ୍ତ୍ର ପ୍ରଦେଶ ଲାଗି ଦାବୀ ଉତ୍ଥାପିତ କରି ନୀଳକଣ୍ଠ ନିଶ୍ଚିନ୍ତ ରହି ନ ଥିଲେ । ସେଥିପାଇଁ ରାଜ୍ୟର ଅନ୍ୟାନ୍ୟ ନେତାମାନଙ୍କ ସହିତ ତାଙ୍କୁ ଅତନ୍ଦ୍ର ଉଦ୍ୟମ ମଧ୍ୟ କରିବାକୁ ପଡ଼ିଥିଲା । ଦେଶର ପ୍ରଧାନ ପ୍ରଧାନ ସମ୍ବାଦପତ୍ର ମାନଙ୍କରେ ତଥ୍ୟମୂଳକ ପ୍ରବନ୍ଧମାନ ପ୍ରକାଶ କରିବା ଓ ତତ୍କାଳୀନ କେନ୍ଦ୍ର ସରକାରଙ୍କ ଅର୍ଥ ସଚିବ ଓ ଅନ୍ୟମାନଙ୍କ ସହିତ ବାରମ୍ବାର ଆଲୋଚନା ଚଳାଇବା, ରାଜ୍ୟରେ ଓ ରାଜ୍ୟ ବାହାରର ବିଚ୍ଛିନ୍ନାଞ୍ଚଳରେ ଜନମତ ସୃଷ୍ଟି

Digitized by PPRACHIN, SOA

କରିବା ଓ ଗଣ ଆନ୍ଦୋଳନ ଚଳାଇବାରେ ମଧ୍ୟ ନୀଳକଣ୍ଠ ଲାଗି ପଡ଼ିଥିଲେ ଏବଂ ତାଙ୍କ ପ୍ରସ୍ତାବଟି କେତେର କାର୍ଯ୍ୟକାରୀ ହେବ ତାହାହିଁ ଥିଲା, ତାଙ୍କର ଚରମ ଧ୍ୟେୟ । ଏ ସବୁର ଫଳ ସ୍ୱରୂପ ୧୯୨୯ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ବିଷୟ ଭାରତ ସରକାରଙ୍କ କ୍ୟାବିନେଟ୍‌ରେ ବିଚାର ହେଲା ଓ ୧୯୩୧ ମସିହାରେ ବିଷୟଟିର ସମାଧାନ ପାଇଁ ଓଡ଼ୋନେଲ କମିଟି ଗଠିତ ହେଲା । ପଣ୍ଡିତ ନୀଳକଣ୍ଠ ଏ କମିଟିକୁ ପ୍ରାଦେଶିକ କଂଗ୍ରେସ କମିଟିର ସଭାପତି ଭାବରେ ଗୋଟିଏ ଦୀର୍ଘ ସ୍ମାରକ ପତ୍ର (Memorandum) ଦେଇଥିଲେ । ଏହି ପୁସ୍ତକର ପରିସର ମଧ୍ୟରେ ଉକ୍ତ ସ୍ମାରକ ପତ୍ରର ସାରାଂଶ ଦେବାମଧ୍ୟ ସମ୍ଭବ ନୁହେଁ । ଯାହାହେଉ କଂଗ୍ରେସର ଆଞ୍ଚଳିକ ଅଧ୍ୟକ୍ଷ ଭାବରେ ଡ଼ଃ ରାଜେନ୍ଦ୍ର ପ୍ରସାଦ ଉକ୍ତ କମିଟିକୁ ବର୍ଜନ କରିବା ନିମନ୍ତେ ଆଦେଶ ଦେବା ହେତୁ ପଣ୍ଡିତ ନୀଳକଣ୍ଠ କମିଟି ଆଗରେ ଏଥିପାଇଁ କିଛି ସାକ୍ଷ୍ୟ ଦେଇପାରି ନ ଥିଲେ । ତଥାପି ସେତେବେଳେ ପଣ୍ଡିତ ନୀଳକଣ୍ଠ କେନ୍ଦ୍ର ଆସେମ୍ବ୍ଲି ବିରୋଧୀ (କଂଗ୍ରେସ) ଦଳ ସେକ୍ରେଟାରୀ, ତାଙ୍କୁ ବାଦ ଦେଇ ସରକାର ଏ ବିଷୟରେ କୌଣସି ଏକ ନିଷ୍ପତ୍ତି ନେବାକୁ ସାହାସ କରି ନ ଥିଲେ । ସରକାରଙ୍କର ଇଚ୍ଛା ଥିଲା, ଓଡ଼ିଆ ଭାଷାଭାଷୀ ବିଚ୍ଛିନ୍ନ ଅଞ୍ଚଳକୁ ଏକତ୍ର କରି ଗୋଟିଏ ଉପପ୍ରଦେଶ ଗଠନ କରାଇ ବିଷୟଟିର ସମାଧାନ କରାଇ ନେବା ; ଏ ପ୍ରସ୍ତାବରେ ନୀଳକଣ୍ଠଙ୍କୁ ରାଜି କରାଇବା ନିମନ୍ତେ ଭାରତ ସରକାରଙ୍କ ଅର୍ଥ ସଚିବ ମୁଡ଼ିମାନ ସାହେବ ନୀଳକଣ୍ଠଙ୍କ ବସାକୁ ଆସି ତାଙ୍କ ସହିତ ବାରମ୍ବାର ଆଲୋଚନା କରିଥିଲେ । ଶେଷରେ ସେ ନୀଳକଣ୍ଠଙ୍କୁ "ସାର୍" ଉପାଧି ଦିଆଯିବା ପ୍ରଲୋଭନ ମଧ୍ୟ ଦେଖାଇଥିଲେ । ପଣ୍ଡିତଜୀ ତାଙ୍କୁ "You have come to a wrong" door କହି ଫେରାଇ ଦେବା ପରେ ସରକାରଙ୍କର ଓଡ଼ିଶାକୁ ଉପପ୍ରଦେଶ କରାଇବା ଚେଷ୍ଟା ବିଫଳ ହେଲା ଓ ଏହାକୁ ଏକ ସ୍ୱତନ୍ତ୍ର ପ୍ରଦେଶ କରାଯିବା ବିଷୟରେ ସରକାର ଘୋଷଣା କରିବାକୁ ବାଧ୍ୟ ହେଲେ । ପରିଶେଷରେ ଓଡ଼ିଶାକୁ ବାର୍ଷିକ ମାତ୍ର ୪୦ ଲକ୍ଷ ଟଙ୍କା ଦେବା ସର୍ତ୍ତରେ ପଣ୍ଡିତଜୀଙ୍କୁ ରାଜି କରାଇ ଓଡ଼ୋନେଲ କମିଟିଙ୍କ ରିପୋର୍ଟ ଚୂଡ଼ାନ୍ତ କରାଇଲେ । ଏ ସମ୍ପର୍କରେ ପଣ୍ଡିତ ନୀଳକଣ୍ଠ ଲେଖିଛନ୍ତି— "୧୯୨୯ ମସିହାରେ ବୋଧହୁଏ କ୍ୟାବିନେଟ୍‌ରେ ବିଚାର କରି ମୁଡ଼ିମାନ ସାହେବ ମୋ ସଙ୍ଗେ ଉପପ୍ରଦେଶ ପାଇଁ ଆଳାପ କରିଥିଲେ ଓ ସେଇ

Digitized by PPRACHIN, SOA

ଆଲୋଚନା ଫଳରେ ଭାରତ ସରକାରଙ୍କର ଅର୍ଥମନ୍ତ୍ରୀ ମତେ କହିଲେ ଯେ, ଓଡ଼ିଶା କେନ୍ଦ୍ର ସରକାରଙ୍କଠାରୁ ବର୍ଷକୁ ୪୦ ଲକ୍ଷ ଟଙ୍କା ପାଇ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ହେଉ । ଏହି ସର୍ତ୍ତରେ ସେ ମୋତେ ଓଡ଼ିଶା ପ୍ରଦେଶ ଗଢିବାକୁ ରାଜି ହେବାପାଇଁ ପ୍ରବର୍ତ୍ତାଇ ଥିଲେ । ମାତ୍ର ଓଡ଼ିଶାର ଉନ୍ନତି ପାଇଁ ବର୍ଷକୁ ୮୦ ଲକ୍ଷ ଟଙ୍କା ଦେଅନ୍ତୁ ବୋଲି ମୁଁ ଜିଦ୍ ଧରିଥିଲି । କିନ୍ତୁ ଭୁବନାନନ୍ଦ ବାବୁ ମତେ ଆସେମ୍ବ୍ଲି ଭିତରେ ବହୁତ ମତାଇଲେ ଏବଂ ଏଇ ସର୍ତ୍ତରେ ରାଜି ହେବା ପାଇଁ କହିଲେ । ମୁଁ ବାଧ୍ୟ ହୋଇ ଅର୍ଥସଚିବଙ୍କ ଆଗରେ ହଁ କଲି । ଏ ୧୯୩୩-୩୪ ସାଲର କଥା । ସେଥିରେ ହିଁ ଓଡ଼ନେଲ କମିଟି ରିପୋର୍ଟ ଅନୁସାରେ ପୁରୀ, କଟକ, ବାଲେଶ୍ୱର, ସମ୍ବଲପୁର, ଗଞ୍ଜାମ ସଙ୍ଗେ ଜୟପୁରକୁ ମିଶାଇ ଓଡ଼ିଶା ପ୍ରଦେଶ ଗଢା ହେବାର ଇଂରେଜ ସରକାର ସ୍ଥିର କଲେ । ୧୯୩୬ ମସିହା, ଏପ୍ରିଲ ପହିଲାରେ ତାହା କାର୍ଯ୍ୟକାରୀ ହେଲା ।" ( ଆତ୍ମଜୀବନୀ ୨୮୬-୯୭ ପୃଷ୍ଠା ) ଅବଶ୍ୟ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା କେବଳ ଯେ ନୀଳକଣ୍ଠଙ୍କ କୃତି, ତାହା କହିବା ଏ ଲେଖାର ଉଦ୍ଦେଶ୍ୟ ନୁହେଁ । ଉତ୍କଳ ଗୌରବ ମଧୁସୂଦନ ଓ ଉତ୍କଳମଣି ଗୋପବନ୍ଧୁଙ୍କ ବ୍ୟତୀତ ପାରଳାର ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି, ପଣ୍ଡିତ ଗୋଦାବରୀଶ, ଶ୍ରୀ ଲିଙ୍ଗରାଜ ପାଣିଗ୍ରାହୀ, ଶ୍ରୀ ନିରଞ୍ଜନ ପଟ୍ଟନାୟକ ପ୍ରମୁଖ ତତ୍କାଳୀନ ନେତୃବର୍ଗଙ୍କର ଏଥିରେ ସକ୍ରିୟ ସହଯୋଗ ଥିଲା । ମାତ୍ର ବୁଝି ରଖିବାର ଅଛି ଯେ ଉତ୍କଳ ପ୍ରଦେଶ ଗଠନର ବହୁ ପୂର୍ବରୁ ୧୯୨୮ ମସିହାରେ ପଣ୍ଡିତ ଗୋପବନ୍ଧୁଙ୍କର ଓ ଦୀର୍ଘ ଶଯ୍ୟାଶାୟୀ ହେବା ପରେ ୧୯୩୪ ମସିହାରେ କୁଳବୃଦ୍ଧ ମଧୁସୂଦନଙ୍କର ଦେହାନ୍ତ ହୋଇଥିଲା । ନୀଳକଣ୍ଠ ଉଭୟ ମଧୁସୂଦନ ଓ ଗୋପବନ୍ଧୁଙ୍କ ଆଦର୍ଶରେ ଯଥାର୍ଥରେ ଉଦ୍‌ବୁଦ୍ଧ ହୋଇଥିଲେ । ସେ ଥିଲେ ପଣ୍ଡିତ ଗୋପବନ୍ଧୁଙ୍କର ସକଳ କାର୍ଯ୍ୟରେ ଦକ୍ଷିଣ ହସ୍ତ ସ୍ୱରୂପ ଓ କୁଳବୃଦ୍ଧ ମଧୁସୂଦନଙ୍କର ସକଳ ଆଶା ଭରସାର ସ୍ଥଳ । ସେଥିପାଇଁ ମୃତ୍ୟୁର ପ୍ରାକ୍‌କାଳରେ ମଧୁସୂଦନ ନୀଳକଣ୍ଠଙ୍କୁ ଡକାଇ ଆଣି, ତାଙ୍କୁ ଦେଖାଇ ଉପସ୍ଥିତ ତତ୍କାଳୀନ ନେତାମାନଙ୍କୁ କହିଥିଲେ, "ମୁଁ ମଲାପରେ ନୀଳକଣ୍ଠ ରହିବ, ସେ ଓଡ଼ିଶାର ସବୁ କାମ କରିବ, ସମସ୍ତେ ତାକୁ ଧରି ଚଳିବ ।"

Digitized by PPRACHIN, SOA

## ଡ଼ଃ ଶ୍ରୀମତୀ ନିବେଦିତା ମହାନ୍ତିଙ୍କ ସଂଗୃହୀତ ତଥ୍ୟାବଳୀ

୧୯୮୧ ମସିହା 'ଉତ୍କଳ ପ୍ରସଙ୍ଗ' ଓଡ଼ିଶା ଦିବସ ସ୍ୱତଂତ୍ର ସଂଖ୍ୟାରେ ଓଡ଼ିଶା ପ୍ରଦେଶ ଗଠନ ଉପରେ ଗବେଷଣା କରି ଡକ୍ଟରେଟ୍ ପାଇଥିବା ଡଃ ଶ୍ରୀମତୀ ନିବେଦିତା ମହାନ୍ତିଙ୍କର ପ୍ରକାଶିତ ପ୍ରବନ୍ଧର କେତେକାଂଶ ଏଠାରେ ଉଲ୍ଲେଖ କରିବା ସମୀଚୀନ ମନେହେବ । ଡ଼ଃ ଶ୍ରୀମତୀ ମହାନ୍ତି ଦର୍ଶାଇଛନ୍ତି—'୧୯୨୨ ରେ ଅସହଯୋଗ ଆନ୍ଦୋଳନ ପ୍ରତ୍ୟାହୃତ ହେବା ପରେ ନୀଳକଂଠ ଜେଲରୁ ମୁକ୍ତ ହେଲେ ଓ ତା' ପରେ ଓଡ଼ିଆ ଜାତୀୟ ଆଂଦୋଳନରେ ମନୋନିବେଶ କଲେ । ୧୯୨୪ ରେ ସେ କାକିନାଡାଠାରେ ନିଖିଳ ଭାରତ କଂଗ୍ରେସ କମିଟି ଅଧିବେଶନରେ ଯୋଗ-ଦେଇ ଆନ୍ଧ୍ର ଓ ଓଡ଼ିଶା ସୀମା ନିର୍ଦ୍ଧାରଣ କରାଯିବା ଜରୁରି ବୋଲି ପ୍ରସ୍ତାବ କଲେ । ତଦନୁଯାୟୀ ରାଜଗୋପାଳାଚାରିଙ୍କ ସଭାପତିତ୍ୱରେ ଏକ ସନ୍ଧିସଭା ଗଠିତ ହେଲା ଓ ସେଥିକୁ ଉତ୍କଳରୁ ପଣ୍ଡିତ ନୀଳକଣ୍ଠ ଓ ନିରଞ୍ଜନ ପଟ୍ଟନାୟକ ଏବଂ ଆନ୍ଧ୍ରରୁ ପଟ୍ଟାଭି ସିତାରାମାୟା ଓ ଭେଙ୍କଟ ସତ୍ୟନାରାୟଣ ସଭ୍ୟ ଭାବରେ ନିର୍ବାଚିତ ହେଲେ । ମାତ୍ର ପରେ ରାଜଗୋପାଳାଚାରିଙ୍କର ଇସ୍ତଫା ଓ ଡ଼ଃ ରାଜେନ୍ଦ୍ର ପ୍ରସାଦଙ୍କର ନିଯୁକ୍ତି ସତ୍ତ୍ୱେ ଏହି ସଭା ମାଧ୍ୟମରେ କୌଣସି ନିଷ୍ପତ୍ତି ହୋଇ ପାରି ନ ଥିଲା । × × ×

କେନ୍ଦ୍ର ବ୍ୟବସ୍ଥା ସଭାରେ ୧୯୨୭ ଫେବୃୟାରୀ ୮ ତାରିଖରେ ନୀଳକଣ୍ଠଙ୍କର ସ୍ୱତନ୍ତ୍ର ପ୍ରଦେଶ ଗଠନ ଦାବୀ ଉପସ୍ଥାପନା ପରେ ଏ ଆନ୍ଦୋଳନ ଓଡ଼ିଶାରେ ଏକ ପ୍ରତ୍ୟକ୍ଷ ରୂପ ନେଇଥିଲା । × × × କଂଗ୍ରେସର ପୂର୍ଣ୍ଣ ସମର୍ଥନ ପାଇବା ଆଶାରେ ନୀଳକଣ୍ଠ କଂଗ୍ରେସରେ ମଧ୍ୟ ଏ ଦାବୀ ଉପସ୍ଥାପନ କରିଥିଲେ । ସେତେବେଳକୁ ସାଇମନ୍ କମିଶନ୍‌କୁ ବର୍ଜନ କରି ଜାତୀୟ କଂଗ୍ରେସ ଏକ ସର୍ବଦଳ ସମ୍ମିଳନୀ ଗଢିଥାନ୍ତି—ସେଥିରେ ଓଡ଼ିଶାର ପ୍ରତିନିଧିତ୍ୱ କଲେ ପଣ୍ଡିତ ନୀଳକଣ୍ଠ, ଭୁବନାନନ୍ଦ ଦାସ ଓ ରାଜକୃଷ୍ଣ ବୋଷ । ଏହି ସମ୍ମିଳନୀ ତାଙ୍କ ରିପୋର୍ଟରେ ଯାହାକି ନେହେରୁ ରିପୋର୍ଟ ନାମରେ ଖ୍ୟାତ, ସେଥିରେ ସୁପାରିସ୍ କରିଥିଲେ ଯେ ଓଡ଼ିଶାର ଆର୍ଥିକ ଅବସ୍ଥା ଯଦି ଅନୁକୂଳ ସୂଚନା ଦିଏ, ତେବେ ଯାଇ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ପ୍ରସ୍ତାବକୁ ସମର୍ଥନ କରାଯାଇ ପାରେ । ନୀଳକଣ୍ଠ ଏଥିରେ ନିରାଶ ନ ହୋଇ କଲିକତାରେ ଅନୁଷ୍ଠିତ ହେଉଥିବା ସର୍ବଦଳ ସମ୍ମିଳନୀର ଦ୍ୱିତୀୟ

Digitized by PPRACHIN, SOA

ଜବାଚନ କମିଟିରେ ନିରଞ୍ଜନ ପଟ୍ଟନାୟକଙ୍କଦ୍ୱାରା ଗୋଟିଏ ସଂଶୋଧନ ପ୍ରସ୍ତାବ ଆଗତ କରିବା ଉଦ୍ୟମ କଲେ । ସଭାପତି ମୋତିଲାଲ ନେହେରୁ ଏଥି ପାଇଁ ଅନୁମତି ନ ଦେବାରୁ ସେମାନଙ୍କ ଓଡ଼ିଶାର ସମସ୍ତ ସଭ୍ୟଙ୍କୁ ନେଇ ଏହି ସଭା ବର୍ଜନ କରିଥିଲେ ଓ ତହିଁ ପରଦିନ କଲିକତାରେ ତାଙ୍କ ଦାବୀ ଘୋଷଣା କରି ରାସ୍ତାରେ ଏକ ପଟୁଆର ବାହାର କରିଥିଲେ । ମହାତ୍ମାଗାନ୍ଧିଙ୍କ ହସ୍ତକ୍ଷେପ ଫଳରେ ସବୁର ଗୋଟାଏ ସମାଧାନ କରା ଯାଇଥିଲା ।

× × × ×

କଂଗ୍ରେସର ଲବଣ ସତ୍ୟାଗ୍ରହ ଆନ୍ଦୋଳନରେ ଯୋଗ ଦେଇ ଓ ପୁରୀ ଜିଲ୍ଲାରେ ଏହି ଆନ୍ଦୋଳନ ଚଳାଇ ସେ ନୀଳକଂଠ କାରାବରଣ କରିଥିଲେ । ଦେଢ଼ବର୍ଷ ପରେ ଜେଲରୁ ମୁକ୍ତ ହୁଅନ୍ତେ, ୧୯୩୧ ମେ ୨ ତାରିଖରେ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ କାର୍ଯ୍ୟ ପନ୍ଥା ନିରୂପଣ କରିବା ନିମନ୍ତେ ତାଙ୍କ ସଭାପତିତ୍ୱରେ କଂଗ୍ରେସ, ବେକଂଗ୍ରେସ ଦଳ ମତ ନିର୍ବିଶେଷରେ ଉତ୍କଳର ପ୍ରାୟ ସମସ୍ତ ଅଞ୍ଚଳର ପ୍ରତିନିଧିଙ୍କୁ ନେଇ କଟକରେ ଗୋଟିଏ ଆଲୋଚନା ସଭା ଅନୁଷ୍ଠିତ ହେଲା । ଦୁଇଦିନର ଦୀର୍ଘ ଆଲୋଚନା ପରେ ଯେଉଁ ସବୁ ପ୍ରସ୍ତାବ ମାନ ଗ୍ରହଣ କରାଗଲା, ସେ ସବୁକୁ କାର୍ଯ୍ୟକାରୀ କରିବା ନିମନ୍ତେ ଗୋଟିଏ ସର୍ବ ଦଳୀୟ କମିଟି ଗଠିତ ହେଲା ଓ ତହିଁରେ ନୀଳକଂଠ ସଭାପତି ରହିଲେ । ଏଥିର ସହଯୋଗୀମାନେ ହେଲେ, ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀ ସହକାରୀ ସଭାପତି, ଲକ୍ଷ୍ମୀ ନାରାୟଣ ପଟ୍ଟନାୟକ ଓ ଶଶୀ ଭୂଷଣ ରଥ ସଂପାଦକ, ବିଚିତ୍ରାନନ୍ଦ ଦାସ କୋଷାଧ୍ୟକ୍ଷ ଏବଂ ନିରଞ୍ଜନ ପଟ୍ଟନାୟକ ଓ କୃଷ୍ଣଚନ୍ଦ୍ର ରାଜ ପାଣିଗ୍ରାହୀ ସଭ୍ୟ ।

ପ୍ରାଦେଶିକ କଂଗ୍ରେସ କମିଟି ତରଫରୁ ସ୍ୱତନ୍ତ୍ର ପ୍ରଦେଶ ଗଠନ ବିଷୟରେ କାର୍ଯ୍ୟପନ୍ଥା ନିର୍ଣ୍ଣୟ କରିବା ପାଇଁ ସେଇ ମେ' ମାସ ପ୍ରଥମ ସପ୍ତାହରେ ଗଠିତ କମିଟିରେ ପଣ୍ଡିତ ନୀଳକଣ୍ଠ ଦାସ ସଭାପତି ରହିଲେ । ସଭ୍ୟହେଲେ, ଗୋପବନ୍ଧୁ ଚୌଧୁରୀ, କୃଷ୍ଣଚନ୍ଦ୍ର ରାଜ ପାଣିଗ୍ରାହୀ, ଶଶୀ ଭୂଷଣ ରଥ, ନିରଞ୍ଜନ ପଟ୍ଟନାୟକ, ମୁକୁନ୍ଦ ପ୍ରସାଦ ଦାସ, ବିଚିତ୍ରାନନ୍ଦ ଦାସ ଓ ଲକ୍ଷ୍ମୀ ନାରାୟଣ ମିଶ୍ର । ପଣ୍ଡିତ ନୀଳକଣ୍ଠ ଶଶୀ ଭୂଷଣ ରଥଙ୍କ ସହିତ ସିଂହଭୂମି ଅଞ୍ଚଳରେ ପ୍ରଚାର କାର୍ଯ୍ୟରେ ଅତନ୍ଦ୍ର ଭାବେ ଲାଗି ପଡ଼ିଥିଲେ । ଏଠାରେ ପ୍ରତ୍ୟେକ ରାଜବଂଶର ଇତିହାସ ଅଧ୍ୟୟନ କରି ସେ ସବୁ ଉପରେ ସେ ବିଭିନ୍ନ

Digitized by PPRACHIN, SOA

ପକ୍ଷରେ ଆଲୋକପାତ କରିଥିଲେ । ଏମାନେ ଓଡ଼ିଆମାନଙ୍କ ବଂଶଧର ବୋଲି ସ୍ଥାନୀୟ ଲୋକଙ୍କୁ ପ୍ରାଞ୍ଜଳ କରି ବୁଝାଇ ଦେଉଥିଲେ । ସିଂହଭୂମି ଉପରେ ବିହାରର ଦାବୀ ଅତ୍ୟନ୍ତ ଅସଙ୍ଗତ, ଏହା ସେ ପ୍ରମାଣ ସହ ସଭ୍ୟମାନଙ୍କଠାରେ ପ୍ରତିପାଦନ କରୁଥିଲେ । ବଙ୍ଗୀୟ ଭାଇମାନଙ୍କୁ ମଧ୍ୟ ସବୁ କଥା ବୁଝାଉଥିଲେ । ଓଡ଼ିଆ ବିଦ୍ୱେଷ ଆନ୍ଦୋଳନ ବିରୁଦ୍ଧରେ ସଂଗ୍ରାମ କରିବାକୁ ମଧ୍ୟ ନୀଳକଣ୍ଠ ସିଂହଭୂମି ଅଞ୍ଚଳରେ ବୁଲି ବୁଲି ପ୍ରଚାର କରିଥିଲେ । × ×

ମେଦିନୀପୁରରେ ଏହି ପ୍ରଚାର କାର୍ଯ୍ୟ ଲାଗି ନୀଳକଣ୍ଠଙ୍କୁ କଠିନ ପରିଶ୍ରମ କରିବାକୁ ପଡିଥିଲା । ଏଠି ସୂଚାଇଦେବା ଆବଶ୍ୟକ ଯେ ଏ ସମୟରେ ନୀଳକଣ୍ଠ ବଡ଼ ଅସୁସ୍ଥ ଥିଲେ । ଲବଣ ସତ୍ୟାଗ୍ରହ ପାଇଁ କାରାଦଣ୍ଡ ଭୋଗିବା ବେଳେ ସେ ରୋଗଗ୍ରସ୍ତ ହୋଇ ପଡ଼ିଥିଲେ, ଯେଉଁଥିଲାଗି ତାଙ୍କୁ ଚିକିତ୍ସା ପାଇଁ ପାଟଣା ନିଆଯାଇଥିଲା । ଜେଲ୍‌ରୁ ଫେରିବା ପରେ ମଧ୍ୟ ତାଙ୍କର ଯଥେଷ୍ଟ ସ୍ୱାସ୍ଥ୍ୟ ହାନି ଘଟିଥିଲା । ତା' ସତ୍ତ୍ୱେ ନୀଳକଣ୍ଠ ସ୍ୱତନ୍ତ୍ର ପ୍ରଦେଶ ଗଠନ ପାଇଁ ମନପ୍ରାଣ ଦେଇ କାର୍ଯ୍ୟ କରିବାରେ ହେଳା କରିନଥିଲେ ।

କ ପରିସ୍ଥିତିରେ କଂଗ୍ରେସର Zonal headଙ୍କ (ଆଞ୍ଚଳିକ ମୁଖ୍ୟ) ନିର୍ଦ୍ଦେଶରେ ଓଡ଼ନେଲ କମିଟିକୁ ତାଙ୍କ Memorandum ଟି ନେଇ ଦେଇ ତାଙ୍କ ଆଗରେ ସାକ୍ଷ୍ୟ ଦେବାରୁ ନୀଳକଣ୍ଠ ବଞ୍ଚିତ ହୋଇଥିଲେ, ସେ ସମସ୍ତ ମଧ୍ୟ ଡ଼ଃ ଶ୍ରୀମତି ମହାନ୍ତି ଉକ୍ତ ଲେଖାରେ ବିଶଦ ଭାବରେ ଉଲ୍ଲେଖ କରିଛନ୍ତି ।

## ସ୍ୱତନ୍ତ୍ର 'ଓଡ଼ିଶା ପ୍ରଦେଶ' ଓଡ଼ିଶାକୁ ପଣ୍ଡିତ ନୀଳକଣ୍ଠଙ୍କର ଏକ ମହନୀୟ ଅବଦାନ:—

ପ୍ରାୟ ବର୍ଷେକତଳେ ଗୋଟିଏ ସାଧାରଣ ସଭାରେ 'ସମାଜ' ସମ୍ପାଦକ ଡ଼ଃ ରାଧାନାଥ ରଥ ଏ ସମ୍ବନ୍ଧରେ ଆଲୋଚନା କରି କହିଥିଲେ ଯେ ପଣ୍ଡିତ ନୀଳକଣ୍ଠ ଦାସ ଓ ଭୁବନାନନ୍ଦ ଦାସ ନଥିଲେ, ଆମେମାନେ ଆଜିଯାଏ ଗୋଟିଏ ସ୍ୱତନ୍ତ୍ରପ୍ରଦେଶ ପାଇ ପାରିଥାନ୍ତୁ କି ନା ସନ୍ଦେହ । ତାର କାରଣ ବୁଝାଇବାକୁ ଯାଇ ଡ଼ଃ ରଥ କହିଥିଲେ ଯେ ପଣ୍ଡିତ ନୀଳକଣ୍ଠ କେନ୍ଦ୍ର ବ୍ୟବସ୍ଥା ସଭାର ମେମ୍ବର ଥିବାବେଳେ ସ୍ୱତନ୍ତ୍ର ପ୍ରଦେଶ ଲାଗି ବେସରକାରୀ ବିଲ୍ ଜରିଆରେ ଦାବୀ ଉପସ୍ଥାପନ କରିବା ବ୍ୟତୀତ ଇଂରାଜ ସରକାରଙ୍କ ସହ ନାନା ଭାବରେ ଆଲୋଚନା କରିବାରେ ଓଡ଼ିଶା ଉପପ୍ରଦେଶ ନହୋଇ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ ହେବା ସ୍ଥିରହେଲା ଓ ବାହାରେ ରହିଯାଉଥିବା

Digitized by PPRACHIN, SOA

ନିକଟତଙ୍କ ଅଞ୍ଚଳ ପରେ ଗୋଟିଏ ରାଜ୍ୟ ପୁନର୍ଗଠନ କମିସନ ବସି ସ୍ଥିର କରିବେ ବୋଲି କଥାହେଲା । ମାତ୍ର ଆଲୋଚନାର ଶେଷ ପର୍ଯ୍ୟାୟରେ ଯେତେବେଳେ କେନ୍ଦ୍ର ସରକାରଙ୍କର ଅର୍ଥ ମନ୍ତ୍ରୀ ବର୍ଷକୁ ୫୦ ଲକ୍ଷ ଟଙ୍କା ପାଇ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେଉ ବୋଲି ସର୍ତ୍ତ ବାନ୍ଧିଲେ, ନୀଳକଣ୍ଠ ବର୍ଷକୁ ୮୦ ଲକ୍ଷ ଟଙ୍କାପାଇଁ ଜିଦ୍ ଧରିଲେ ଓ ଆଲୋଚନା ଅଚଳ ଅବସ୍ଥାରେ ପଡ଼ିଥିଲା, ସେତିକବେଳେ ଭୁବନାନନ୍ଦ ବାବୁ ନୀଳକଣ୍ଠ ବାବୁଙ୍କୁ ସରକାରଙ୍କ ସର୍ତ୍ତରେ ରାଜି କରାଇଥିଲେ ଓ ଫଳରେ ବନ୍ଦୋବସ୍ତି ଚୁଡ଼ାନ୍ତ ହୋଇ ପାରିଥିଲା । ତାଙ୍କ ଯୁକ୍ତିକୁ ବୁଝାଇବାକୁ ଯାଇ ଡ଼ଃ ରଥ କହିଲେ ଯେ ପର କାଳରେ ନୀଳକଣ୍ଠଙ୍କ ଭଳି ବ୍ୟକ୍ତିତ୍ୱ ଏ ରାଜ୍ୟରେ ଫୁଟିନ ଥିଲା—ରାଜ୍ୟ ପୁନର୍ଗଠନ କମିସନ ବସିବା ବେଳକୁ ନୀଳକଣ୍ଠ ବୃଦ୍ଧ ଓ ରୁଗ୍ଣ ହୋଇ ପଡ଼ିଥିଲେ । ଆମମାନଙ୍କର ପ୍ରଗାଢ଼ ଉଦ୍ୟମ ସତ୍ତ୍ୱେ ପ୍ରଦେଶ ବାହାରେ ରହି ଯାଇଥିବା ବିଚ୍ଛିନ୍ନାଞ୍ଚଳରୁ କିଛିମାତ୍ର ଅଞ୍ଚଳ ଆମେ ପାଇପାରିଲୁ ନାହିଁ ! ଏପରିକି ମୁଁ ଓ ସେ ସମୟର ମୁଖ୍ୟମନ୍ତ୍ରୀ ଶ୍ରୀ ନବକୃଷ୍ଣ ଚୌଧୁରୀ ଏ ସମ୍ବନ୍ଧରେ ବିହାର, ମାନ୍ଦ୍ରାଜ ଓ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀମାନଙ୍କୁ ମନାଇ ଦିଲ୍ଲୀ ଯାଇ ପଣ୍ଡିତ ଜହାରଲାଲ୍ ନେହେରୁଙ୍କ ନିକଟରେ ସେ ସବୁ ଅଞ୍ଚଳରେ ଆମର ଦାବୀର ଯଥାର୍ଥତା ପ୍ରତିପାଦନ କରିଥିଲେହେଁ ଓ ସେ ତାହା ଉପଲବ୍ଧି କରିବା ପ୍ରକାଶ କରିଥିଲେହେଁ ଶେଷକୁ ସମସ୍ତେ 'ପ୍ରତାରଣା' କଲେ । ବିଚ୍ଛିନ୍ନାଞ୍ଚଳର ଇଞ୍ଚେ ମାତ୍ର ଜାଗା ଆମେ ପାଇପାରିଲୁ ନାହିଁ । ଏଥିରୁ ନୀଳକଣ୍ଠଙ୍କ ବ୍ୟକ୍ତିତ୍ୱ ଓ ସରକାରଙ୍କର ଉପରେ ତାଙ୍କର ପ୍ରଭାବ ସହଜରେ ଅନୁମେୟ ।

**ନୀଳକଣ୍ଠଙ୍କର ରାଜ୍ୟ କଂଗ୍ରେସ ନିର୍ବାଚନରେ ପରାଜୟ—**

ଗୋପବନ୍ଧୁଙ୍କର ମୃତ୍ୟୁହୁଏ ୧୯୨୮ ମସିହା ଜୁନ୍ ମାସରେ, ମାତ୍ର ୫୨ ବର୍ଷ ବୟସରେ । ତାଙ୍କର ଆକସ୍ମିକ ଦେହାବସାନ ପରେ ତାଙ୍କ ସ୍ୱପ୍ନକୁ କାର୍ଯ୍ୟକାରୀ କରିବାପାଇଁ ନୀଳକଣ୍ଠ ହିଁ ଥିଲେ ଏକମାତ୍ର ଯୋଗ୍ୟତମ ବ୍ୟକ୍ତି । ଗୋପବନ୍ଧୁଙ୍କ ଦେହାନ୍ତ ସଙ୍ଗେ ସଙ୍ଗେ ନୀଳକଣ୍ଠ ସାକ୍ଷିଗୋପାଳଠାରେ "ଗୋପବନ୍ଧୁ ସେବା ସମିତି" ନାମରେ ଏକ ଅନୁଷ୍ଠାନ ଗଢ଼ି କର୍ମୋଦ୍ୟୋଗ ଆରମ୍ଭ କରିଥିଲେ । ଏକ ଦିଗରେ ବାଧ୍ୟତାମୂଳକ ଭାବରେ ନିଜର କର୍ତ୍ତବ୍ୟ ଦୃଷ୍ଟିରେ ଜନସେବାର ମୂଳ କର୍ମଯଜ୍ଞ, ଓ ଦୃଷ୍ଟିରେ କଂଗ୍ରେସ ସାଙ୍ଗଠନିକ କାର୍ଯ୍ୟ, ସବୁଥିରେ ନୀଳକଣ୍ଠ ନିଜକୁ ଏକନିଷ୍ଠ ଭାବରେ ପ୍ରତିଷ୍ଠା

Digitized by PPRACHIN, SOA

କରିପାରି ଥିଲେ । ଏହାହିଁ ତାଙ୍କ ବ୍ୟକ୍ତିତ୍ୱର ମହନୀୟ ଦିଗ । ସେବା ଓ ସାଧନାର ଯେତେ ତୁଙ୍ଗ ଆସନକୁ ନୀଳକଣ୍ଠ ଉଠୁଥିଲେ, ତାଙ୍କର ବିପ୍ଲବୀଜନଙ୍କ କେତେକ ତରୁଣମାନଙ୍କ ପକ୍ଷରେ ହୋଇ ଉଠିଥିଲା ସେତିକି ଦୁର୍ବୋଧ୍ୟ ଭାବରେ ରହସ୍ୟମୟ ଓ ଅସହ୍ୟ। କର୍ମକ୍ଷେତ୍ରରେ ସେ ଥିଲେ ଅତ୍ୟନ୍ତ ପୁରୋଗାମୀ ତେଣୁ ଉଦାରମନା ମହତ୍ପ୍ରାଣ ଗୋପବନ୍ଧୁଙ୍କ ବିରୁଦ୍ଧରେ ଯେଉଁ ବିରୋଧ ସାମାନ୍ୟ ଦାନା ବାନ୍ଧି ଉଠିଥିଲା, ନୀଳକଣ୍ଠଙ୍କ ନେତୃତ୍ୱ ବିରୁଦ୍ଧରେ ତାହା ସ୍ପଷ୍ଟ ଆକାର ଧାରଣ କଲା । ୧୯୩୦ରେ ପ୍ରଦେଶ କଂଗ୍ରେସ କମିଟି ନିର୍ବାଚନରେ ସେ ପରାଭୂତ ହୋଇଥିଲେ ଓ ବାଲେଶ୍ୱରର ତରୁଣ ଜନନେତା ହରେକୃଷ୍ଣ ମହତାବ ହେଲେ ଓଡ଼ିଶା କଂଗ୍ରେସର ସଭାପତି ।

## ଲବଣ ସତ୍ୟାଗ୍ରହ—କେନ୍ଦ୍ର ବ୍ୟବସ୍ଥା ସଭାରୁ ଇସ୍ତଫା—

ପ୍ରଦେଶ କଂଗ୍ରେସ ନିର୍ବାଚନରେ ପରାଜୟ ନୀଳକଣ୍ଠଙ୍କୁ ଦ୍ୱିଗୁଣ ଉତ୍ସାହରେ କର୍ମୋଦ୍ୟମ ପାଇଁ ପ୍ରଭାବିତ କରିଥିଲା । ସେତେବେଳେ ସେ Pro-changer ବା ସ୍ୱରାଜ୍ୟ ପାର୍ଟିର ସଭ୍ୟ ଥିଲେ ଏବଂ ସେହି ଦଳର ଅନ୍ୟତମ ସେକ୍ରେଟେରୀ ମଧ୍ୟ ଥିଲେ । ଦଳର ନେତା ଥିଲେ ମୋତିଲାଲ ନେହେରୁ ଏତିକିବେଳେ ପଣ୍ଡିତ ନୀଳକଣ୍ଠ କଂଗ୍ରେସର ନିର୍ଦ୍ଦେଶରେ ବ୍ୟବସ୍ଥା ସଭାରୁ ଇସ୍ତଫା ଦେଲେ । ପରେ ଯେତେବେଳେ ମଦନ ମୋହନ ମାଲବ୍ୟଙ୍କ ଦଳପକ୍ଷରୁ ବ୍ୟବସ୍ଥା ସଭାକୁ ବର୍ଜନ ନ କରିବା ସ୍ଥିର ହେଲା, ନୀଳକଣ୍ଠ ଏହି ଦଳର ପ୍ରାର୍ଥୀ ହେଲେ । ଶ୍ରୀଯୁକ୍ତ ଗୋପବନ୍ଧୁ ଚୌଧୁରୀ ନୀଳକଣ୍ଠ ଦାସଙ୍କୁ ଭୋଟ ନ ଦେବା ପାଇଁ ଲୋକଙ୍କୁ ନିବେଦନ କରିଥିଲେ । ମାତ୍ର ପଣ୍ଡିତ ନୀଳକଣ୍ଠ ବହୁ ଭୋଟରେ ଜୟଯୁକ୍ତ ହେଲେ । ଅବଶ୍ୟ ପଣ୍ଡିତ ନୀଳକଣ୍ଠଙ୍କର ପ୍ରକୃତରେ ଲବଣ ସତ୍ୟାଗ୍ରହଦ୍ୱାରା ସ୍ୱରାଜ୍ୟ ପ୍ରାପ୍ତିରେ ବିଶ୍ୱାସ ନଥିଲା । କିନ୍ତୁ ସେ ଲକ୍ଷ୍ୟ କଲେ, ଏହି ସତ୍ୟାଗ୍ରହ ମାଧ୍ୟମରେ ଦେଶରେ ଏକ ଗଣ ଆନ୍ଦୋଳନ ସୃଷ୍ଟି କରାଯାଉଛି, ଯାହା ପରକାଳରେ ସ୍ୱାଧୀନତାର ପଥ ପରିଷ୍କାର କରିପାରେ। ସେ ଆଉ ସମ୍ଭାଳି ରହି ପାରିଲେ ନାହିଁ । କେନ୍ଦ୍ର ବ୍ୟବସ୍ଥା ସଭାରେ ଏ ସମ୍ପର୍କରେ ଗୋଟିଏ ଓଜସ୍ୱିନୀ ବକ୍ତୃତା ଦେଇ ନିର୍ବାଚିତ ହେବାର ୧୨ଦିନ ପରେ ସଭ୍ୟପଦରୁ ଇସ୍ତଫା ଦେଲେ । ଉକ୍ତ ବକ୍ତୃତାଟି ପୂର୍ବ ଅଧ୍ୟାୟରେ ବର୍ଣ୍ଣନା କରାଯାଇଛି । ଦିଲ୍ଲୀରୁ ଫେରି ପୁରୀ ଜିଲ୍ଲାରେ ନିଜେ ଅସ୍ତରଙ୍ଗଠାରେ ଲବଣ ସତ୍ୟାଗ୍ରହ ଆରମ୍ଭ କଲେ । ପୁରୀଜିଲ୍ଲାର କୁହୁଡ଼ି,

Digitized by PPRACHIN, SOA

ସିଂହେଶ୍ୱର ପ୍ରଭୃତିରେ ଏହି ସତ୍ୟାଗ୍ରହ ପରିଚାଳନା କରି ନୀଳକଣ୍ଠ ସାରା ଭାରତର ଦୃଷ୍ଟି ଆକର୍ଷଣ କରିପାରିଥିଲେ । ୧୯୩୦ ମଇ ମାସ ୩୦ ତାରିଖରେ ସେ ଗିରଫ ହୋଇ ହଜାରିବାଗ ଜେଲରେ ପ୍ରଥମ ଶ୍ରେଣୀବନ୍ଦୀ ଭାବେ ପ୍ରାୟ ଦେଢ଼ବର୍ଷ ରହିଲେ । ଏହି ଜେଲରେ ସେତେବେଳେ ଡଃ, ରାଜେନ୍ଦ୍ର ପ୍ରସାଦ ଓ ଜେ. ବି. କୃପାଳନୀ, ହରେକୃଷ୍ଣ ମହତାବ ପ୍ରଭୃତି ତାଙ୍କର ସହବନ୍ଦୀ ଥିଲେ । ପଣ୍ଡିତଜୀଙ୍କ ପତ୍ନୀ ଶ୍ରୀମତୀ ରାଧାମଣି ଦେବୀ ମଧ୍ୟ ଗିରଫ ହୋଇ ପ୍ରଥମ ଶ୍ରେଣୀ ବନ୍ଦୀ ରୂପେ ପୁରୀ ଜେଲରେ ରହିଲେ । ପଣ୍ଡିତ ନୀଳକଣ୍ଠ ନିଜ ଆତ୍ମଜୀବନୀରେ ଲେଖିଛନ୍ତି, "ମୁଁ ଏବଂ ମୋ ଭାରିଯା ୧୯୩୩-୩୪ରେ ଜେଲରେ ପ୍ରଥମ ଶ୍ରେଣୀ କଏଦୀ ଥିବାରୁ ଭୁବନାନନ୍ଦ ବାବୁ Central Assembly ରେ ମୋ ଅନୁପସ୍ଥିତିରେ ଘୋର ଆପତ୍ତି କରିଥିଲେ ।" ଏଥିରୁ କଂଗ୍ରେସ ଭିତରର ଗୋଷ୍ଠୀ ବିବାଦ ଓ ପଣ୍ଡିତ ନୀଳକଣ୍ଠଙ୍କ ପ୍ରତି ଏ ଦଳର ଅସୂୟା ସ୍ପଷ୍ଟ ।

## ଓଡ଼ିଶାରେ ନିଖିଳ ଭାରତ କଂଗ୍ରେସ କମିଟି ବୈଠକର ଆୟୋଜନ

୧୯୩୨ରେ ଓଡ଼ିଶାରେ କଂଗ୍ରେସର ସାଧାରଣ (A. I. C. C) ଅଧିବେଶନ ପାଇଁ ନିଷ୍ପତ୍ତି ହେଲା । ଓଡ଼ିଶା କଂଗ୍ରେସର ତୁଙ୍ଗ ନେତା ରୂପେ ପଣ୍ଡିତ ନୀଳକଣ୍ଠ ଅଭ୍ୟର୍ଥନା ସମିତିର ସଭାପତି ହେବାର କଥା । କିନ୍ତୁ ତାଙ୍କୁ ସଭାପତି କରି ନ ଦେବା ପାଇଁ ଉଦ୍ୟମ ଆରମ୍ଭ ହେଲା । ସବୁ ବାଧା ଓ ବିରୋଧ ସତ୍ତ୍ୱେ ସେତେବେଳେ କଟକର ଲୋକ ସଂଖ୍ୟା ୨୨ଲକ୍ଷ ସ୍ଥଳେ ପୁରୀ ଜିଲ୍ଲାର ଲୋକ ସଂଖ୍ୟା ୧୦ଲକ୍ଷ ଥିଲେ ମଧ୍ୟ ଏଠାରୁ କଂଗ୍ରେସ ଅଭ୍ୟର୍ଥନା ସମିତି ପାଇଁ ନୀଳକଣ୍ଠଙ୍କ ଉଦ୍ୟମରେ ଅଧିକ ସଂଖ୍ୟାରେ ସଭ୍ୟ ସଂଗ୍ରହ କରାଯାଇଥିଲା ଓ ଫଳରେ ପଣ୍ଡିତ ନୀଳକଣ୍ଠ ହିଁ ସେ କାଳର ବହୁ ବିରୋଧୀ ନେତାଙ୍କ ଅନିଚ୍ଛା ସତ୍ତ୍ୱେ ଅଭ୍ୟର୍ଥନା ସମିତିର ସଭାପତି ହୋଇପାରିଥିଲେ । ଅବଶ୍ୟ ୧୯୩୨ ଜାନୁୟାରୀ ୪ ତାରିଖରେ କଂଗ୍ରେସ ବେଆଇନ ଘୋଷିତ ହେବାରୁ ପ୍ରସ୍ତାବିତ କଂଗ୍ରେସ ଅଧିବେଶନ ଆଉ ବସି ପାରି ନ ଥିଲା ।

## ପ୍ରଦେଶ କଂଗ୍ରେସ ସଭାପତି

ପଣ୍ଡିତ ଗୋପବନ୍ଧୁ ୧୯୨୦ରୁ ୧୯୨୮ରେ ମୃତ୍ୟୁ ପର୍ଯ୍ୟନ୍ତ ଓଡ଼ିଶା କଂଗ୍ରେସର ସର୍ବୋଚ୍ଚ ନେତା ଥିଲେ । ଗୋପବନ୍ଧୁଙ୍କ ଯଥାର୍ଥ ଉତ୍ତରାଧିକାରୀ

Digitized by PPRACHIN, SOA

ଥିଲେ ପଣ୍ଡିତ ନୀଳକଣ୍ଠ । ଏପରିକି ଗୋପବନ୍ଧୁଙ୍କ ମୃତ୍ୟୁ ସମ୍ବାଦ ମହାତ୍ମାଗାନ୍ଧିଙ୍କୁ ଟେଲିଗ୍ରାମରେ ନୀଳକଣ୍ଠଙ୍କୁ ଜଣାଇବାକୁ ପଡ଼ିଥିଲା । ଯାହା ହେଲେ ମଧ୍ୟ ନୀଳକଣ୍ଠ ବହୁଦିନ ଯାଏ ପ୍ରାଦେଶିକ କଂଗ୍ରେସସଭାପତି ହୋଇ ପାରି ନ ଥିଲେ । ଗୋପବନ୍ଧୁ ଥାଉ ଥାଉ ସତ୍ୟବାଦୀର ବୁଦ୍ଧିଜୀବୀମାନେ ଓଡ଼ିଶାରେ ଭିନ୍ନ ଭିନ୍ନ ହୋଇ ରହି-ଥିଲେ । ତଥାପି ଗୋପବନ୍ଧୁ ବଡ଼ ଖୁଣ୍ଟ ଭଳି ସମସ୍ତଙ୍କୁ ଦିଗଦର୍ଶନ ଦେଉଥିଲେ । ପଣ୍ଡିତ ନୀଳକଣ୍ଠ ଗୋପବନ୍ଧୁଙ୍କ ସମୟରୁହିଁ ତାଙ୍କ ପରାମର୍ଶ କ୍ରମେ କେନ୍ଦ୍ର ବ୍ୟବସ୍ଥା ସଭାର ସଭ୍ୟ ହୋଇଥିଲେ । ସେଥିଲାଗି ବର୍ଷର ଅଧିକାଂଶ ସମୟ ପ୍ରଦେଶ ବାହାରେ ରହୁ ଥିବାରୁ ଗୋପବନ୍ଧୁଙ୍କ ମୃତ୍ୟୁପରେ ଉତ୍କଳ କଂଗ୍ରେସର ସଭାପତି ହେବା ତାଙ୍କପକ୍ଷେ ସମ୍ଭବପର ହୋଇ ନଥିଲା । ସେତେବେଳେ କଟକ ଓଡ଼ିଶାର ରାଜଧାନୀ ଥିଲା ଓ ପ୍ରଦେଶର ସବୁ ବୁଦ୍ଧିଜୀବୀ ତଥା ରାଜନୈତିକ ନେତୃବୃନ୍ଦ କଟକରେ ହିଁ ରହୁଥିଲେ । ପଣ୍ଡିତ ନୀଳକଣ୍ଠ କଟକରେ ଅଧିକାଂଶ ସମୟ ରହିପାରୁ ନଥିବାରୁ ପ୍ରାଦେଶିକ କଂଗ୍ରେସର ନେତୃତ୍ୱ ନେବା ତାଙ୍କ ପକ୍ଷରେ ସମ୍ଭବ ହୋଇ ନ ଥିଲା । ୧୯୩୩-୩୪ରେ ପଣ୍ଡିତଜୀ 'ନବଭାରତ' ପ୍ରେସ ପ୍ରତିଷ୍ଠା କଲେ, କଟକରେ ତାଙ୍କର ଗୋଟିଏ ସ୍ଥାୟୀ ଆସ୍ଥାନ ହେଲା ଓ ସେ ୧୯୩୪-୧୯୩୭ ରେ ଉତ୍କଳ କଂଗ୍ରେସର ସଭାପତି ହେବାକୁ ସମର୍ଥ ହେଲେ ।

## ପ୍ରତିଷ୍ଠାର ତୁଙ୍ଗଶିଖରରେ ନୀଳକଣ୍ଠ :

ଏତେବେଳେ ନୀଳକଣ୍ଠ ପୁଣି ଥରେ ସମଗ୍ର ଓଡ଼ିଶାର ଜନସାଧାରଣ-ଙ୍କର ଏକନିଷ୍ଠ ଶ୍ରଦ୍ଧା ଓ ସମ୍ମାନର ଅଧିକାରୀ ହୋଇଥିଲେ । ୧୯୩୪ରେ କୁଳବୃଦ୍ଧ ମଧୁସୂଦନ ମୃତ୍ୟୁପୂର୍ବରୁ ନୀଳକଣ୍ଠଙ୍କୁହିଁ ତାଙ୍କର ଦାୟାଦରୂପେ ଘୋଷଣା କରିଥିଲେ । ଏବେ ପାଖ ୫ବର୍ଷ ଧରି ସେ ଥିଲେ ଉତ୍କଳରେ କଂଗ୍ରେସର ଅପ୍ରତିଦ୍ୱନ୍ଦୀ ନେତା । ୧୯୩୪ ଡ଼ିସେମ୍ବର ମାସରେ ସେ ପୁଣି କେନ୍ଦ୍ର ଆସେମ୍ବ୍ଲିକୁ ନିର୍ବାଚିତ ହୋଇଥିଲେ । ଏହି ଯୁଗରେ କଂଗ୍ରେସ ଥିଲା ଜାତୀୟ ଆନ୍ଦୋଳନ, ସେବା ଓ ସଂହତିର ମୂର୍ତ୍ତି ପ୍ରତୀକ । ଏକ ଦିଗରେ ପ୍ରାଦେଶିକ କଂଗ୍ରେସ କମିଟିର ସଭାପତି ଓ ଅନ୍ୟ ଦିଗରେ ଭୁଲାଭାଇ ଦେଶାଇଙ୍କ ନେତୃତ୍ୱରେ ଗଠିତ କେନ୍ଦ୍ର ଆସେମ୍ବ୍ଲିର କଂଗ୍ରେସ ଦଳର ସମ୍ପାଦକ ହୋଇ ପଣ୍ଡିତ ନୀଳକଣ୍ଠ ଏତେବେଳେ ପ୍ରତିଷ୍ଠାର ତୁଙ୍ଗ ଶିଖରରେ ଆରୋହଣ କରିଥିଲେ ।

Digitized by PPRACHIN, SOA

୧୯୩୫ରେ ବିଲାତର ପ୍ରଧାନମନ୍ତ୍ରୀ ଉଦାର ପନ୍ଥୀ ଚେମ୍ବରଲେନ୍ ଭାରତର ଶାସନ ସଂସ୍କାର ଉଦ୍ଦିଷ୍ଟ କରି ଶାସନ ପାଇଁ ଭାରତକୁ ବିଲାତର ଅତ୍ୟନ୍ତ ନିକଟ କରିବା ପାଇଁ ଚେଷ୍ଟା କଲେ ଏବଂ ଭାରତରେ ଏକ ସଂଘୀୟ ସରକାର ସ୍ଥାପନର କଳ୍ପନା ହେଲା । ୧୯୩୬ ଏପ୍ରିଲ ପହିଲାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଘୋଷିତ ହେବା ସଙ୍ଗେ ସଙ୍ଗେ ଓଡ଼ିଶା ପ୍ରଦେଶରେ ନବଗଠିତ ସ୍ୱତନ୍ତ୍ର ବିଧାନ ସଭା ପାଇଁ ନିର୍ବାଚନ ଆରମ୍ଭ ହୋଇଥିଲା ।

## ଓଡ଼ିଶା ବିଧାନ ସଭାର ପ୍ରଥମ ନିର୍ବାଚନ :

ଓଡ଼ିଶାର କଂଗ୍ରେସ ନେତାମାନେ ନିର୍ବାଚନରେ ସେ ସମୟର ଖଲ୍ଲିକୋଟ, କନିକା, ପାରଳା ପ୍ରଭୃତି ଜମିଦାରଙ୍କ ମେଣ୍ଟ ବିରୁଦ୍ଧରେ ଜିଣିବାର ଭରସା ରଖି ପାରୁ ନ ଥିଲେ । କେତେକ କଂଗ୍ରେସ ନେତା ଏପରିକି ଜମିଦାରଙ୍କ ସହ ମେଣ୍ଟ କରି ନିର୍ବାଚନ ଲଢ଼ିବାର ପ୍ରସ୍ତାବ ମଧ୍ୟ ଦେଲେ । କିନ୍ତୁ ପଣ୍ଡିତ ନୀଳକଣ୍ଠ ଦୃଢ଼ ଭାବରେ କହିଲେ, "ମୁଁ ମୋ ଲୋକଙ୍କୁ ଜାଣେ । କଂଗ୍ରେସ ଏକାକୀ ନିର୍ବାଚନରେ ଲଢ଼ିବ । କୌଣସି ଜମିଦାର ସହ ମେଣ୍ଟ କରିବା ଅପେକ୍ଷା ନିର୍ବାଚନରେ କଂଗ୍ରେସ ଭାଗ ନ ନେବା ଶ୍ରେୟସ୍କର ।" କାର୍ଯ୍ୟତଃ ପଣ୍ଡିତ ନୀଳକଣ୍ଠ ନିଜର ଏକକ ଉଦ୍ୟମରେ କଂଗ୍ରେସରୁ ୩୬ଜଣ ପ୍ରାର୍ଥୀଙ୍କୁ ଠିଆ କରାଇଲେ । ସେତେବେଳେ କଂଗ୍ରେସ ପ୍ରାର୍ଥୀ ଭାବରେ ଲୋକେ ଛିଡ଼ା ହେବାକୁ ଭୟ କରୁଥିଲେ । ପୁଣି ଏହି ନିର୍ବାଚନ ପାଇଁ ପ୍ରଦେଶ କଂଗ୍ରେସର ପାଣ୍ଠି ଆଦୌ ନ ଥାଏ । ନୀଳକଣ୍ଠ କଂଗ୍ରେସ ପାର୍ଲିମେଣ୍ଟାରି ବୋର୍ଡରୁ ଏଥି ଲାଗି ମାତ୍ର ୮ ହଜାର ଟଙ୍କା ଆଣିଥିଲେ । ଏହି ୮ ହଜାର ଟଙ୍କାରୁ ୫ ହଜାର ଟଙ୍କା ନିର୍ବାଚନ ଖର୍ଚ୍ଚ ଓ ୩ ହଜାର ଟଙ୍କା ନିର୍ବାଚନ ପ୍ରଚାର ନିମିତ୍ତ ଏକ ସାପ୍ତାହିକ ପ୍ରକାଶନ ପାଇଁ ଉଦ୍ଦିଷ୍ଟ ଥିଲା । ଏହିପରି ୮ ହଜାର ଟଙ୍କା ପାଇ ନୀଳକଣ୍ଠ ପ୍ରସ୍ତାବ ଦେବାବେଳେ, ତାହା ବୋର୍ଡର ତୁଙ୍ଗ ନେତା ଶ୍ରୀ ଭୁଲାଭାଇ ଦେଶାଇ ଓ ଶ୍ରୀ ଗୋବିନ୍ଦବଲ୍ଲଭ ପନ୍ଥଙ୍କୁ ବଡ଼ ଅପସନ୍ଦ ଲାଗିଥିଲା । ଜାତୀୟ କଂଗ୍ରେସର ସଭାପତି ଥିଲେ ପଣ୍ଡିତ ନେହେରୁ । ତାଙ୍କୁ ଘେନି ପଣ୍ଡିତ ନୀଳକଣ୍ଠ ଓଡ଼ିଶାର ବହୁ ସ୍ଥାନରେ ନିର୍ବାଚନ ସଭା କଲେ । ସେତେବେଳର ପରିସ୍ଥିତିରେ କଂଗ୍ରେସ ସଭାକୁ ଆସିବାକୁ ମଧ୍ୟ ପ୍ରାର୍ଥୀ ଭାବରେ ଛିଡ଼ା ହେବା ପରି କଂଗ୍ରେସକୁ ମଧ୍ୟ ଲୋକେ ଭୟ କରୁଥିଲେ । ଏହା ସତ୍ତ୍ୱେ ଏହି ସଭାମାନଙ୍କରେ ବହୁ ଜନ ସମାଗମ ହେଲା । କଂଗ୍ରେସ

Digitized by PPRACHIN, SOA

ପ୍ରତିଦ୍ୱନ୍ଦିତା କରୁଥିବା ୩୭ଟି ସ୍ଥାନ ମଧ୍ୟରୁ ୩୬ଟି ସ୍ଥାନରେ ଜୟଯୁକ୍ତ ହୋଇଲେ । ଅନ୍ୟ ସ୍ଥାନଟିରେ, କଟକ ଜିଲ୍ଲାର ଧର୍ମଶାଳାରେ କଂଗ୍ରେସ ପ୍ରାର୍ଥୀଙ୍କ ବିରୁଦ୍ଧରେ ପ୍ରଦେଶ କଂଗ୍ରେସର ଏକ ଗୋଷ୍ଠୀ ଗାନ୍ଧିଜୀଙ୍କ ପାଖକୁ କେତେକ ଆପତ୍ତି ଦରଖାସ୍ତ ପଠାଇଲେ ଓ ଗାନ୍ଧିଜୀ ତାଙ୍କୁ ଭୋଟ ନ ଦେବା ଲାଗି 'ହରିଜନ' ପତ୍ରିକାରେ ଏକ ଲେଖା ପ୍ରକାଶ କରି ଦେଲେ । ତେଣୁ କଂଗ୍ରେସ ଏହି ସ୍ଥାନଟିରେ ମାତ୍ର ୬୨ଟି ଭୋଟ ଲାଗି ହାରିଗଲା । ଓଡ଼ିଶାର ନିର୍ବାଚନ ସମଗ୍ର ଭାରତରେ ପ୍ରଥମେ ଅନୁଷ୍ଠିତ ହୋଇ ତାହାର ଫଳ ପ୍ରକାଶ ପାଇଥିଲା । ତେଣୁ ଏହାର ଫଳ ଅନ୍ୟାନ୍ୟ ପ୍ରଦେଶର ନିର୍ବାଚନରେ ସୁପ୍ରଭାବ ପକାଇଥିବା ନିଶ୍ଚିତ । ଏହି ବିଜୟ ଲାଗି ସର୍ଦ୍ଦାର ପଟେଲ Bravo Orissa ବୋଲି ନୀଳକଣ୍ଠଙ୍କ ନିକଟକୁ ଟେଲିଗ୍ରାମ କଲେ ଓ କେନ୍ଦ୍ର ନେତାମାନେ ପଣ୍ଡିତ ନୀଳକଣ୍ଠ ତଥା ଓଡ଼ିଶା କଂଗ୍ରେସର ଉଚ୍ଛ୍ୱସିତ ପ୍ରଶଂସା କଲେ ।

## ପଣ୍ଡିତ ନୀଳକଂଠଂକର ପ୍ରଧାନମନ୍ତ୍ରୀ (ମୁଖ୍ୟମନ୍ତ୍ରୀ) ହୋଇ ନ ପାରିବା କଥା

ନିର୍ବାଚନ ପରେ କଂଗ୍ରେସ ମନ୍ତ୍ରୀ ମଣ୍ଡଳରେ କିଏ ପ୍ରଧାନ ମନ୍ତ୍ରୀ ହେବ ? ଆଗରୁ କଥାଥିଲା, ପଣ୍ଡିତ ନୀଳକଣ୍ଠ ହିଁ ପ୍ରଧାନମନ୍ତ୍ରୀ ହେବେ । ଏତେବେଳେ ପଣ୍ଡିତ ନୀଳକଣ୍ଠ କେନ୍ଦ୍ର ବ୍ୟବସ୍ଥା ସଭାରେ ସଭ୍ୟ ଥାନ୍ତି । ନିଜେ ନିର୍ବାଚନରେ ଛିଡ଼ାହେଲେ ସେତେବେଳ ପରିସ୍ଥିତିରେ ଅନ୍ୟମାନଙ୍କୁ ନିର୍ବାଚିତ କରାଇବାରେ ଅସୁବିଧା ହେବ ବୋଲି ପଣ୍ଡିତଜୀ ଓଡ଼ିଶା ଆସେମ୍ବ୍ଲି ନିର୍ବାଚନରେ ଠିଆ ହୋଇ ନ ଥିଲେ । କଂଗ୍ରେସର ବିପୁଳ ବିଜୟ ପରେ ପରେ ଏହି ବିଜୟ ତାଙ୍କ ପ୍ରଚେଷ୍ଟାର ଫଳ ହେଲେହେଁ ତାଙ୍କୁ ବହୁ ପ୍ରତ୍ୟାଶିତ ପ୍ରଧାନମନ୍ତ୍ରୀ ନକରାଇ ଦେବାପାଇଁ ଉଦ୍ୟମ ଆରମ୍ଭ ହେଲା ।

ସେଥିପାଇଁ ପ୍ରଥମେ ତାଙ୍କୁ କଂଗ୍ରେସ ସଭାପତି ପଦରୁ ଅନ୍ତର କରିବାର ପ୍ରୟାସ ହୁଏ । ଶ୍ରୀ ହରେକୃଷ୍ଣ ମହତାବ ଆସି କଂଗ୍ରେସ ସଭାପତି ପଦଲାଗି ପ୍ରାର୍ଥୀ ହୁଅନ୍ତି ଓ ପଣ୍ଡିତ ନୀଳକଣ୍ଠଙ୍କର ୨ ଜଣ ଅନ୍ତରଙ୍ଗ ସହକର୍ମୀଙ୍କୁ ହାତକରି ନିଅନ୍ତି । ଫଳରେ ନିର୍ବାଚନରେ ମହତାବ ୧୩ ଓ ପଣ୍ଡିତ. ନୀଳକଣ୍ଠ ୧୨ ଭୋଟ ପାଇଲେ ପଣ୍ଡିତ ନୀଳକଣ୍ଠଙ୍କୁ ହରାଇ ମହତାବ କଂଗ୍ରେସ ସଭାପତି ହେଲେ । ପ୍ରଧାନମନ୍ତ୍ରୀ ନ କରାଇ ଦେବାର ଷଡଯନ୍ତ୍ରର ପ୍ରଥମ ପଦକ୍ଷେପ ସ୍ୱରୂପ ପଣ୍ଡିତଜୀଙ୍କୁ ପ୍ରାଦେଶିକ କମିଟିରେ ନିର୍ବାଚନ ବିଧାନ

Digitized by PPRACHIN, SOA

ମଗାଇ ହେଲା । ଆଠହଜାର ଟଙ୍କାରେ ସମଗ୍ର ପ୍ରାଦେଶିକ ନିର୍ବାଚନ ଯେଉଁ ବ୍ୟକ୍ତି ଅପ୍ରତ୍ୟାଶିତ ସଫଳତାର ସହ ପରିଚାଳିତ କଲେ ସେ ଏଥିରୁ କେତେ ଟଙ୍କା ଖାଇଥିବେ, ତାହା ଯେ କୌଣସି ନିରପେକ୍ଷ ବ୍ୟକ୍ତି କଳନା କରିପାରନ୍ତି କେବଳ ପଣ୍ଡିତଜୀଙ୍କୁ ପ୍ରଧାନମନ୍ତ୍ରୀ କରାଇ ନ ଦେବା ଲାଗି ଓ ଲୋକରେ ନିନ୍ଦିତ କରିବା ପାଇଁ ସୁପରିକଳ୍ପିତ ଉପାୟରେ କଂଗ୍ରେସ କମିଟିରେ ଏହି ପ୍ରକାର "ହିସାବ ଦେବା ଦାବୀ"ର ଏକ ପ୍ରହସନ କରାଗଲା । ଏହା ପରେ କଂଗ୍ରେସ ଆସେମ୍ବ୍ଲି ଦଳର ନେତା ନିର୍ବାଚନ ପ୍ରଶ୍ନ ଉଠିଲା । ସେବେ ଏଇ ପରି ନେତା ନିର୍ବାଚନ ଦିଲ୍ଲୀର ନିର୍ଦ୍ଦେଶରେ ହେବାର ପ୍ରଥା ନଥିଲା । କଂଗ୍ରେସ ଆସେମ୍ବ୍ଲି ସଭ୍ୟମାନଙ୍କରୁ ପଣ୍ଡିତଜୀଙ୍କ ସପକ୍ଷରେ ୨୦ଜଣ ଥାନ୍ତି । ତେଣୁ ନେତା ନିର୍ବାଚନରେ ତାଙ୍କୁ ହରାଇବା ବଡ଼ ଦୁରୂହ ବ୍ୟାପାର ଥିଲା । ସେଥିପାଇଁ ସ୍ୱାମୀ ବିଚିତ୍ରାନନ୍ଦଦାସଙ୍କ ସଭାପତିତ୍ୱରେ ଗୋଟିଏ Rules Committee ଗଠିତ ହେଲା ଓ ସେହି Rules କମିଟି ଏ ଦିନର ସକାଳ ବେଳାର ବୈଠକରେ ସ୍ଥିର କରିଦେଲେ ଯେ, ଆସେମ୍ବ୍ଲି ସଭ୍ୟ ନ ଥିବା କେହି ବ୍ୟକ୍ତି ନେତା ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରି ପାରିବେ ନାହିଁ । ନେତା ନିର୍ବାଚନ ଅପରାହ୍ଣ ବୈଠକରେ ହେବାର କଥା ଥିବାରୁ ସକାଳଓଳି ବୈଠକରେ ପଣ୍ଡିତଜୀଙ୍କୁ ସମର୍ଥନ କରୁଥିବା ବହୁ ସଭ୍ୟ ଅନୁପସ୍ଥିତ ଥିଲେ । ତେଣୁ ଅପରାହ୍ଣ ବୈଠକରେ ପଣ୍ଡିତଜୀଙ୍କ ନାମ ନେତା ପଦଲାଗି ପ୍ରସ୍ତାବ ଆସନ୍ତେ Rules Committeeର ନିଷ୍ପତ୍ତି ଦୃଷ୍ଟିରୁ ପଣ୍ଡିତଜୀ ପ୍ରାର୍ଥୀ ହୋଇ ପାରିବେ ନାହିଁ ବୋଲି ଯୁକ୍ତି ଉଠିଲା । ଅନ୍ୟ ଏକ ପ୍ରଶ୍ନ ମଧ୍ୟ ଉଠାଗଲା ଯେ ପଣ୍ଡିତ ନୀଳକଣ୍ଠ କେନ୍ଦ୍ର ଆସେମ୍ବ୍ଲି ହୋଇଥିବା କେନ୍ଦ୍ର ପାର୍ଲାମେଣ୍ଟାରୀ ବୋର୍ଡର ବିନାନୁମତିରେ ସେ ରାଜ୍ୟ ଆସେମ୍ବ୍ଲି ଦଳର ନେତାପାଇଁ ପ୍ରାର୍ଥୀ ହୋଇ ପାରିବେ ନାହିଁ । ଏହି ପରିସ୍ଥିତିରୁ ବୈଠକରେ ହଟ୍ଟଗୋଳ ହୋଇ ସଭା କାର୍ଯ୍ୟ ମୁଲତବି ରହିଲା । ପଣ୍ଡିତ ନୀଳକଣ୍ଠ ଅନ୍ୟ ଉପାୟ ନ ଦେଖି ନିଜ ଦଳ ଲୋକଙ୍କର ଏକ ଘରୋଇ ଆଲୋଚନା କଲେ । ସେଥିରେ କଥା ହେଲା, ବର୍ତ୍ତମାନ ପାଇଁ ଶ୍ରୀ ବିଶ୍ୱନାଥ ଦାସ ନେତା ନିର୍ବାଚିତ ହେବେ । ପରେ ବିଶ୍ୱନାଥ ଦାସ Rules Committee ର ନିଷ୍ପତ୍ତି ବଦଳାଇ ପଣ୍ଡିତଜୀଙ୍କୁ ନେତା ନିର୍ବାଚିତ କରାଇବେ ଓ ନିଜେ ଜଣେ ମନ୍ତ୍ରୀ ହୋଇ ରହିବେ । କିନ୍ତୁ ବିଶ୍ୱନାଥ ଦାସ ଏ କଥା ପରେ ସ୍ୱୀକାର କରି ନ ଥିଲେ ।

Digitized by PPRACHIN, SOA

ବୋଲି ପଣ୍ଡିତଜୀ ନିଜ 'ଆତ୍ମଜୀବନୀ'ରେ ଲେଖିଛନ୍ତି । କୌତୁହଳର କଥା ଯେ ଏହି ବିଶ୍ୱନାଥ ଦାଶ ୧୯୭୧ରେ ଆସେମ୍ବ୍ଲି ସଭ୍ୟ ନ ଥାଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦ ମଣ୍ଡନ କରିଥିଲେ । ଏହାପରେ ପ୍ରଦେଶରେ କଂଗ୍ରେସ ଶାସନ ଗଢ଼ିଲା । କଂଗ୍ରେସ ଶାସନରେ ପଣ୍ଡିତ ନୀଳକଣ୍ଠଙ୍କ ଉପରେ ବହୁ ଅତ୍ୟାଚାର ଆରମ୍ଭ ହୋଇଛି । ଏପରିକି ତାଙ୍କର କେତେକ ଲୋକଙ୍କ ନାମରେ ମିଥ୍ୟାରେ (Criminal Case)ଫୌଜଦାରୀ ମକଦ୍ଦମା କରାଯାଇ ତାଙ୍କର ୧୯ଜଣ ଲୋକଙ୍କୁ ଖଣ୍ଡରେ ଚଲାଇ ଚଲାଇ ପୁଲିସ ଗିରଫ୍ତ କରାଗଲା । ଯେଉଁମାନେ ପରେ Courtରେ ସମସ୍ତେ ପ୍ରମାଣ ଅଭାବରୁ ବିଚାରରେ ଖଲାସ ହୋଇଥିଲେ ଓ ଏହା Got up case ଆକ୍ରୋଶ ମୂଳକ ତିଆରି ମକଦମା ବୋଲି ଜଣା ପଡ଼ିଥିଲା ।

## ପ୍ରଦେଶ କଂଗ୍ରେସ ସଭାପତି ଓ ପ୍ରଦେଶ ଶାସନ ଭିତରେ ଦ୍ୱନ୍ଦ

ପଣ୍ଡିତ ନୀଳକଣ୍ଠ ଏତେବେଳେ କଂଗ୍ରେସ ଶାସନର ନାନା ଭାବରେ ବିରୋଧ କରିଚନ୍ତି । କିନ୍ତୁ କ୍ଷମତା ଓ ଅର୍ଥ ବିରୁଦ୍ଧରେ ପଣ୍ଡିତଜୀଙ୍କର ଏହି ବିରୋଧ ମିଳାଇ ଯାଇଛି ଓ ସେତେବେଳର ପ୍ରଥା ଭିନ୍ନ ଥିବା ହେତୁ ଉକ୍ତ କଂଗ୍ରେସ କର୍ତ୍ତୃପକ୍ଷ ମଧ୍ୟ ଏଥିରେ କିଛି କରି ପାରି ନାହାନ୍ତି । ବରଂ ପଣ୍ଡିତ ନୀଳକଣ୍ଠ ନିର୍ବାଚନରେ ଠିଆ ନ ହୋଇ ବୋକାମୀ କରିଚନ୍ତି ବୋଲି ତାଙ୍କୁ ଚେତାଇଛନ୍ତି ଯଦିଓ ନିର୍ବାଚିତ ନ ହୋଇ ୬ ମାସ ଲାଗି ମୁଖ୍ୟମନ୍ତ୍ରୀ ହେବା ଏବେ ସାଧାରଣ କଥାରେ ପରିଣତ ହେଲାଣି ।

ଏହା ପରେ ପରେ ୧୯୩୯ ପ୍ରଦେଶ କଂଗ୍ରେସ ନିର୍ବାଚନରେ ପଣ୍ଡିତ ନୀଳକଣ୍ଠ ଜୟଯୁକ୍ତ ହୋଇ ଉତ୍କଳ କଂଗ୍ରେସର ସଭାପତି ହେଲେ । ଏହା ଯେମିତି ମନ୍ତ୍ରୀ ଚକ୍ର ବଡ଼ ଅଡୁଆରେ ପଡ଼ିଲେ । ପଣ୍ଡିତ ନୀଳକଣ୍ଠ କଂଗ୍ରେସ ସଭାପତି ଭାବରେ ରାଜ୍ୟର ବିଭିନ୍ନ ସମସ୍ୟାରେ ମନ୍ତ୍ରୀମଣ୍ଡଳକୁ ନାନା ନିର୍ଦ୍ଦେଶ ଦେଇ ନିୟନ୍ତ୍ରଣ କରିବା ପାଇଁ ଚାହିଁଲେ, ଯେହେତୁ ପ୍ରଦେଶ କଂଗ୍ରେସ ଓ ତାହାର ସଭାପତି ରାଜ୍ୟ କଂଗ୍ରେସକୁ ଶାସନ ଗାଦିରେ ଅଧିଷ୍ଠିତ କରାଇଚନ୍ତି । ମୁଖ୍ୟମନ୍ତ୍ରୀ ବିଶ୍ୱନାଥ ଦାସଙ୍କୁ ତା ୧୬ । ୬ । ୩୯ ରିଖରେ କଂଗ୍ରେସ ସଭାପତି ପଣ୍ଡିତ ନୀଳକଣ୍ଠ ଗୋଟିଏ ଚିଠିରେ ନିର୍ଦ୍ଦେଶ ଦେଲେ।

"The majority in the Assembly was secured and cousequently the Govt. was set up by the Congress and as such Primarily by the P.C.C., who practically gave the Pledge,

Digitized by PPRACHIN, SOA

explained its terms and implications to the people and asked them to vote for candidates without any consideration of their personal tendencies and qualifications. Thus for all activities of the Govt, P. C. C. is directly responsible to the people. The members of the Assembly and consequently those of the Govt. are infact creatures of the P. C. C. to which they are primarily responsible. The P. C.C. should be always at their back and by their side."

ଏଠି କୌତୂହଳର ବିଷୟ ଯେ ଶ୍ରୀ ବିଶ୍ୱନାଥ ଦାଶ ୧୯୩୭ ପୂର୍ବରୁ କଂଗ୍ରେସର ସଭ୍ୟ ନ ଥିଲେ । ନିର୍ବାଚନ ପୂର୍ବରୁ କଂଗ୍ରେସ ପ୍ରତିଜ୍ଞା ପତ୍ରରେ ତାଙ୍କର ଦସ୍ତଖତ ଅଣାଇବା ପାଇଁ ପଣ୍ଡିତ ନୀଳକଣ୍ଠଙ୍କୁ ତାଙ୍କୁ ୨ ଦିନ କାଳ ପ୍ରବର୍ତ୍ତାଇବାକୁ ପଡ଼ିଥିଲା । ଦସ୍ତଖତ ଦେବା ପରେ ଶ୍ରୀଯୁକ୍ତ ଦାସ କହିଥିଲେ, "Pandit Das" you have murdered me' ଯାହାହେଉ, ଉପରୋକ୍ତ ନିର୍ଦ୍ଦେଶରେ ପ୍ରାଦେଶିକ କଂଗ୍ରେସ କମିଟି ଓ ମନ୍ତ୍ରୀମଣ୍ଡଳ ମଧ୍ୟରେ ଦ୍ୱନ୍ଦ୍ୱ ଉଠିଲା । ତେଣୁ ସରକାରୀ ଦଳ କଂଗ୍ରେସ ସଭାପତି ପଦରୁ ପଣ୍ଡିତଜୀଙ୍କୁ ତଡ଼ିବାକୁ ଉଦ୍ୟମ କଲେ । ମନ୍ତ୍ରୀ ଦଳ ଥରକୁ ଥର ପ୍ରାଦେଶିକ କଂଗ୍ରେସ କମିଟିର ବରାଦୀ ବୈଠକ (Requisition meeting) ଡାକଲେ । ପଣ୍ଡିତ ନୀଳକଣ୍ଠ ନିଜ 'ଆତ୍ମଜୀବନୀ'ରେ ଲେଖିଛନ୍ତିଯେ ଏହିପରି ବରାଦୀ ବୈଠକରେ ନିଜର ସଂଖ୍ୟାଗରିଷ୍ଠତା ରକ୍ଷା କରିବା ଲାଗି ତାଙ୍କୁ ବହୁ ଅର୍ଥ ବ୍ୟୟ କରିବାକୁ ପଡ଼ିଥିଲା । ପଣ୍ଡିତଜୀ ଦୁଇଥର ଏପରି ବୈଠକର ସମ୍ମୁଖୀନ ହେଲେ । ତୃତୀୟ ବରାଦୀ ବୈଠକରେ ଯୋଗ ଦେଇ ସେ ଆଉ ଖର୍ଚ୍ଚାନ୍ତ ହେବାକୁ ଚାହିଁଲେ ନାହିଁ । କାରଣ ସେ ଅନୁଭବ କଲେ ଯେ ମନ୍ତ୍ରୀଦଳର ଅର୍ଥ ଓ କ୍ଷମତା ବିରୁଦ୍ଧରେ ବହୁ ଦିନ ଧରି ତିଷ୍ଠିବା ତାଙ୍କ ପକ୍ଷରେ ସମ୍ଭବ ନୁହେଁ । ରାଜ୍ୟର ମନ୍ତ୍ରୀମଣ୍ଡଳ ପ୍ରାଦେଶିକ କମିଟିର ନିର୍ଦ୍ଦେଶରେ ପରିଚାଳିତ ହେବା ଦରକାର ବୋଲି ନୀଳକଣ୍ଠଙ୍କର ମତ ଯେ କେତେଦୂର ଯୁକ୍ତି ଯୁକ୍ତ, ତାହା ସହଜରେ ବୋଧଗମ୍ୟ ହେଲେହେଁ ଏବେ ବି ଏ ବିଷୟରେ ନିଷ୍ପତ୍ତି ହୋଇ ପାରି ନାହିଁ । ଫଳରେ ମନ୍ତ୍ରୀମଣ୍ଡଳ ତଥା ମୁଖ୍ୟମନ୍ତ୍ରୀମାନଙ୍କର ପ୍ରାଦେଶିକ କଂଗ୍ରେସ ସହିତ ଦ୍ୱନ୍ଦ୍ୱ ଲାଗି ରହିଚି

Digitized by PPRACHIN, SOA

ଅଥବା ପ୍ରାଦେଶିକ କଂଗ୍ରେସ ସଭାପତିଙ୍କୁ ସରକାରଙ୍କର ହାତବାରେସୀ ରୂପେ କାର୍ଯ୍ୟ କରିବାକୁ ପଡ଼ୁଛି । ଏହି କାରଣରୁ ମଧ୍ୟ କଂଗ୍ରେସ ବହୁ ଭାଗରେ ବିଭକ୍ତ ହୋଇ ଯାଉଛି । କ୍ଷମତା ଆଗରେ ଏହି ଦ୍ୱନ୍ଦ୍ୱର ଅନ୍ତ ବା ନିବୃତ୍ତି ହୋଇପାରି ନାହିଁ କି ନିକଟରେ ହୋଇ ପାରିବାର ସମ୍ଭାବନା ନାହିଁ । ଦୂରଦ୍ରଷ୍ଟା ନୀଳକଣ୍ଠ ଏଥିପାଇଁ ବହୁ ଭାବରେ କେନ୍ଦ୍ର ଓ ପ୍ରାଦେଶିକ ନେତାଙ୍କୁ ବୁଝାଇ କହିଥିଲେ । କିନ୍ତୁ ତାଙ୍କର ସେ ସମସ୍ତ ଚେଷ୍ଟା ବିଫଳ ହେଲା ।

ପଣ୍ଡିତ ନୀଳକଣ୍ଠ ଥିଲେ ବଡ଼ ନିର୍ଭୀକ— ସେ ନାନା ଭାବରେ ଏହି କଂଗ୍ରେସ ମନ୍ତ୍ରୀ ମଣ୍ଡଳର ସମାଲୋଚନା କଲେ । ତାଙ୍କ ସହିତ ଓଡ଼ିଶା ଆସେମ୍ବ୍ଲି ସଭ୍ୟ ଥିବା ତାଙ୍କ ସାଥୀ ପଣ୍ଡିତ ଗୋଦାବରୀଶ ଏହି ବିଦ୍ରୋହରେ ଯୋଗ ଦେଇଥିଲେ । ତେଣୁ ଆସେମ୍ବ୍ଲି ଭିତରେ ଓ ବାହାରେ ମନ୍ତ୍ରୀମଣ୍ଡଳର ତ୍ରୁଟିମାନ ପଦାରେ ପଡ଼ିଲା ।

୧୯୨୭ରୁ କଂଗ୍ରେସ ଭାରତ ପାଇଁ ସ୍ୱାଧୀନତା ଓ ସ୍ୱାଧୀନତା ଲାଭ ପାଇଁ ଆଇନ ଅମାନ୍ୟ ନିଜ ଲକ୍ଷ୍ୟ ଘୋଷଣା କରି ଆସିଥିଲା । ଏକ ଦିଗରେ ଆନ୍ଦୋଳନ ଏବଂ ଅନ୍ୟ ଦିଗରେ ସାଲିସ୍ ଓ କ୍ଷମତାଲାଭ ଏ ଉଭୟ ମଧ୍ୟରେ ଭାରସାମ୍ୟ ରକ୍ଷା କରିବା ପାଇଁ କଂଗ୍ରେସ ଦଳର ସଂଗଠନ କ୍ରମଶଃ ସ୍ୱୈରତାନ୍ତ୍ରିକ ହୋଇ ପଡ଼ିଲା । କେବଳ ରାଜନୈତିକ ସ୍ୱାଧୀନତା ନୁହେଁ, ଏକ ନିର୍ଦ୍ଦିଷ୍ଟ ସାମାଜିକ ଓ ଆର୍ଥିକ ଦୃଷ୍ଟିଭଙ୍ଗୀର ବିବର୍ତ୍ତନ ପାଇଁ ଏହି ସମୟରେ ଉଦ୍ୟମ ଆରମ୍ଭ ହେଲା । ଏକ ଦିଗରେ କଂଗ୍ରେସରେ ଐକ୍ୟ ପାଇଁ ପ୍ରବଳ ସଂଗଠନ ଓ ଅନ୍ୟ ଦିଗରେ ସ୍ୱତନ୍ତ୍ର ମତାବଲମ୍ବୀମାନଙ୍କର ନିଜସ୍ୱ ବିଶ୍ୱାସଧାରାରେ ଅଟଳ ରହିବା ପାଇଁ ଉଦ୍ୟମ ଆରମ୍ଭ ହେଲା । ଏକ ଦିଗରେ ଉଦାରପନ୍ଥୀ ରାଜଗୋପାଳାଚାରୀ ଓ ଅନ୍ୟ ଦିଗରେ ଜବାହରଲାଲ ଓ ସୁଭାଷ ବୋଷ ଯଥାକ୍ରମେ ଦକ୍ଷିଣ ଓ ବାମ ଆଡ଼କୁ କଂଗ୍ରେସକୁ ପରିଚାଳିତ କରିବାକୁ ଚାହିଁଲେ । ଅର୍ଥାତ୍ ଏକ ଦିଗରେ ସାମ୍ୟବାଦ ଓ ଅନ୍ୟ ଦିଗରେ ପ୍ରତିକ୍ରିୟାଶୀଳ ଦକ୍ଷିଣପନ୍ଥୀ । ପ୍ରଥମ ଦଳରେ ଥିଲେ ସାଧାରଣ ଜନତା ଓ ନିସ୍ୱ ବୁଦ୍ଧିଜୀବୀ ମଧ୍ୟବିତ୍ତ ଶ୍ରେଣୀ ଓ ଦ୍ୱିତୀୟ ଦଳରେ ଥିଲେ ଜମିଦାର ଓ ଧନୀ ବ୍ୟବସାୟୀ ଗୋଷ୍ଠୀ । ସାଧାରଣ ଜନତା ଚାହୁଁଥିଲେ ସାମ୍ୟ ଓ ସମ୍ପଦର ସୁଷମ ବଣ୍ଟନ ଏବଂ ଧନୀ ବ୍ୟବସାୟୀମାନେ ଚାହୁଁଥିଲେ ଇଂରେଜ ମାନଙ୍କ ସହିତ ସମାନ ଆସନରେ ସମାନ ମର୍ଯ୍ୟାଦାରେ ପ୍ରତିଷ୍ଠିତ ହୋଇ ନିଜ

Digitized by PPRACHIN, SOA

ସୃଷ୍ଟିକୁ ନିରୋଧ କରିବା । ସମସ୍ତେ ଥିଲେ ପରିବର୍ତ୍ତନର ପକ୍ଷପାତୀ । ମାତ୍ର ପରିବର୍ତ୍ତନର ପନ୍ଥା ନେଇ କ୍ରମଶଃ ମତଭେଦ ଦେଖା ଦେଇଥିଲା ।

## ଦ୍ୱିତୀୟ ବିଶ୍ୱଯୁଦ୍ଧ :

ଏହି ପରିବେଶରେ ୧୯୩୯ ସେପ୍ଟେମ୍ବର ମାସରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭରେ ଦେଶ ଆଗରେ ଏକ ନୂତନ ସଙ୍କଟ ଦେଖା ଦେଲା । ସେପ୍ଟେମ୍ବର ୩, ୧୯୩୯ ବ୍ରିଟେନ ଜର୍ମାନ୍ ବିରୁଦ୍ଧରେ ଯୁଦ୍ଧ ଘୋଷଣା କଲା । ସେହି ଦିନ ରାତିରେ ଭାରତର ଗଭର୍ଣ୍ଣର ଜେନେରାଲ ଲର୍ଡ ଲିନ୍‌ଲିଥ୍‌ଗୋ ଜର୍ମାନୀ ବିରୁଦ୍ଧରେ କେନ୍ଦ୍ର ଶାସନର ବିନା ଅନୁମୋଦନରେ ଭାରତ ପକ୍ଷରୁ ଯୁଦ୍ଧ ଘୋଷଣା କରିଦେଲେ । ଏହାର ଭୂମୂଳ ପ୍ରତିବାଦ ହେଲା । ଏହି ପ୍ରତି-ବାଦର ଅଙ୍ଗ ସ୍ୱରୂପ ୨୨ଅକ୍ଟୋବର ୧୯୩୯ରେ ପ୍ରାଦେଶିକ କଂଗ୍ରେସ ସରକାର ମାନେ ଇସ୍ତଫା ଦେଲେ । ଓଡ଼ିଶାପାଇଁ ଏହା ଥିଲା ଏକ ବିଶେଷ ସଙ୍କଟର ମୁହୂର୍ତ୍ତ । ଦୀର୍ଘ ଦିନର ଆନ୍ଦୋଳନ ପରେ ଓଡ଼ିଶା ପ୍ରଦେଶରେ ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠା ସଙ୍ଗେ ସଙ୍ଗେ ଓଡ଼ିଆମାନଙ୍କୁ ଶାସନର ଆଂଶିକ ଅଧିକାର ମିଳିଥିଲା । ଏହି ସୁଯୋଗକୁ କାମରେ ଲଗାଇ ଓଡ଼ିଶାର ସାଂସ୍କୃତିକ ବୈଶିଷ୍ଟ୍ୟ ରକ୍ଷା କରିବା ପାଇଁ ବହୁ କଳ୍ପନା କରାଯାଉଥିଲା । ପଣ୍ଡିତ ନୀଳକଣ୍ଠଙ୍କ ଅଧ୍ୟକ୍ଷତାରେ ଗୋଟିଏ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ କମିଟି ଗଠିତ ହୋଇଥିଲା । ସରକାରରୁ ବାହାରି ଆସି ଏ ସବୁକୁ କାର୍ଯ୍ୟକାରୀ କରିବା ସମ୍ଭବ ହୋଇ ନ ଥାନ୍ତା । ଯୁଦ୍ଧରେ ଇଂରେଜମାନଙ୍କୁ ସମର୍ଥନ କରିବା ନେଇ ମଧ୍ୟ ଦେଶରେ ଦ୍ୱିଧା ଥିଲା । ଗାନ୍ଧୀ ନିଜେ କହୁଥିଲେ, ବିଲାତର ଧ୍ୱଂସରେ ଆମେ ଭାରତକୁ ସ୍ୱାଧୀନ କରିବା ପାଇଁ ଚାହିଁବା ନାହିଁ । ଏହି ପରିବେଶରେ ଗାନ୍ଧୀଜୀଙ୍କୁ ମଧ୍ୟ ଏହି ସମୟରେ ଏଥି ନିମନ୍ତେ କେତେଦିନ ପାଇଁ କଂଗ୍ରେସ ଛାଡ଼ିବାକୁ ପଡ଼ିଥିଲା ।

ଏହି ପରି ଏକ ଘଡ଼ିସନ୍ଧି ସମୟରେ ସୁଭାଷ ଚନ୍ଦ୍ର ବୋଷ କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେଇ ଫରୱାର୍ଡ ବ୍ଲକ ଗଢିଥାନ୍ତି । ଫରୱାର୍ଡ ବ୍ଲକ ସଭାପତି ଭାବରେ ସେ ଉତ୍କଳ ଯୁବସମ୍ମିଳନୀରେ ଯୋଗ ଦେବାକୁ କଟକ ଆସିଲେ । ଏହା ୧୯୩୯ ମସିହାର ଘଟଣା । ସେତେବେଳକୁ ପଣ୍ଡିତ ନୀଳକଣ୍ଠ ଉତ୍କଳ କଂଗ୍ରେସର ସଭାପତି ଥାନ୍ତି । ଏପରି ଅବସ୍ଥାରେ ସେ ଦ୍ୱିଧାଗ୍ରସ୍ତ କଂଗ୍ରେସରୁ ସମ୍ପର୍କ ତ୍ୟାଗକରି ସୁଭାଷ ବୋଷଙ୍କୁ ସମ୍ବର୍ଦ୍ଧନା ଜଣାଇ ତାଙ୍କ ସହିତ କଟକ ସହରରେ ହାତୀରେ ସହର

Digitized by PPRACHIN, SOA

ପରିକ୍ରମା କରିଥିଲେ । ଏଥିପାଇଁ ଯେଉଁ ଶୋଭା ଯାତ୍ରା ବାହାରିଥିଲା, ସେ କାଳର ଲୋକେ ତାହା ଏବେ ବି ଭୁଲି ନାହାନ୍ତି ।

**ପ୍ରଦେଶ କଂଗ୍ରେସ ସଭାପତି ପଦରୁ ନୀଳକଣ୍ଠଙ୍କର ଇସ୍ତଫା: —**

ପଣ୍ଡିତ ନୀଳକଂଠ କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେଲେ । ଏହିକାଳବେଳେ ପୁଣି ଗାନ୍ଧୀ ବିରୋଧୀ ରାଡ଼ିକାଲ୍ ଡେମୋକ୍ରାଟିକ୍ ଦଳର ନେତା ଶ୍ରୀଯୁକ୍ତ ମାନବେନ୍ଦ୍ର ରାୟ ଓଡ଼ିଶା ଗସ୍ତରେ ଆସିଥିଲେ ଏବଂ ତାଙ୍କୁ ସମ୍ବର୍ଦ୍ଧନା ଜଣାଇବା ଲାଗି ଯେଉଁ ସଭା ହେଲା, ସେଥିରେ ନୀଳକଣ୍ଠ ସଭାପତିତ୍ୱ କଲେ । ଏସବୁ ଲାଗି କଂଗ୍ରେସର ତତ୍‌କାଳୀନ ସେକ୍ରେଟେରୀ ପଣ୍ଡିତଙ୍କୁ କଂଗ୍ରେସରୁ ବାହାର କରିବାପାଇଁ ପ୍ରସ୍ତାବ କଲେ । ମାତ୍ର ଡକ୍ଟର ରାଜେନ୍ଦ୍ର ପ୍ରସାଦଙ୍କ ପରାମର୍ଶ ଫଳରେ ଉକ୍ତ ପ୍ରସ୍ତାବ କଂଗ୍ରେସ କମିଟିରେ ମଧ୍ୟ ପଡ଼ି ପାରି ନ ଥିଲା ।

**ମିଳିତ ମନ୍ତ୍ରୀମଣ୍ଡଳ ଗଠନ ଦେଶପ୍ରୀତିର ପରିଚାୟକ :**

ସମଗ୍ର ଭାରତରେ କଂଗ୍ରେସ ମନ୍ତ୍ରୀମଣ୍ଡଳ ଶାସନଗାଦି ପରିତ୍ୟାଗ କରିବା ସଙ୍ଗେ ଭାରତ ରାଜନୀତିରେ ଘୋର ପରିବର୍ତ୍ତନ ଦେଖାଗଲା । କଂଗ୍ରେସ ଇଂରେଜଙ୍କ ଯୁଦ୍ଧ ଉଦ୍ୟମରେ ସାହାଯ୍ୟ କରିବେ ନାହିଁ ବୋଲି ସ୍ପଷ୍ଟ ଜଣାଇଦେଲେ । ଏହିକାଳବେଳେ ପୂର୍ବ ଅଧ୍ୟାୟରେ ଦର୍ଶାଯାଇଛି ଯେ ପଣ୍ଡିତଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପରାମର୍ଶରେ ପଣ୍ଡିତ ଗୋଦାବରୀଶଙ୍କୁ ଧରି ପାରଳା ମହାରାଜାଙ୍କ ନେତୃତ୍ୱରେ ମିଳିତ ମନ୍ତ୍ରୀମଣ୍ଡଳ ଗଢ଼ିଦେଲେ । ପଣ୍ଡିତ ନୀଳକଣ୍ଠ ପୁଣି ରାଷ୍ଟ୍ରୀୟ ଯୁଦ୍ଧସାମୁଖ୍ୟର ସଭାପତି ହେଲେ । ଏଥି ଲାଗି ତାଙ୍କୁ କଂଗ୍ରେସ ଲୋକେ ବହୁ ସମାଲୋଚନା କରିଥାନ୍ତି । କିନ୍ତୁ ଏହା ଠିକ୍ ଯେ ପଣ୍ଡିତ ନୀଳକଣ୍ଠ ସୁଭାଷ ବୋଷଙ୍କ ନିର୍ଦ୍ଦେଶରେ ଇଂରେଜଙ୍କୁ ଏ ଦେଶରୁ ତଡ଼ିବାକୁ ମିଳିତ ମନ୍ତ୍ରୀମଣ୍ଡଳ ଗଢ଼ିଥିଲେ । ଏ ସମ୍ପର୍କରେ ଡ: ହରେକୃଷ୍ଣ ମହତାବ 'ନୀଳକଣ୍ଠ ସ୍ମାରକୀ'ରେ (ପୃ: ୧୭) ଲେଖିଛନ୍ତି, "ଗାନ୍ଧିଜୀଙ୍କ ଅହିଂସାତ୍ମକ ଆନ୍ଦୋଳନକୁ ସୁଭାଷ ଚନ୍ଦ୍ର ବୋଷ ଯେତେବେଳେ ଆହ୍ୱାନ କରି ନିଜର ସ୍ୱକୀୟ କାର୍ଯ୍ୟକ୍ରମ ଆରମ୍ଭ କଲେ, ପଣ୍ଡିତ ନୀଳକଣ୍ଠ ସୁଭାଷ ବାବୁଙ୍କର ଜଣେ ଦୃଢ଼ ସମର୍ଥକ ଥିଲେ । ସେହି କାର୍ଯ୍ୟକ୍ରମରେ ସେ କଂଗ୍ରେସ ଛାଡ଼ିଲେ ଏବଂ ଯୁଦ୍ଧ କାଳୀନ ପରିସ୍ଥିତିରେ ଏକ ଅଣ କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠନରେ ପୁରୋଧା ହେଲେ । ସେ ସମୟର ସରକାରୀ କାଗଜ ପତ୍ର ପ୍ରକାଶ ପାଇ ନାହିଁ । ସେ ସବୁ ପ୍ରକାଶ

Digitized by PPRACHIN, SOA

ଯାଇଲେ ଜଣାଯିବ କିପରି ସୁଭାଷ ବାବୁଙ୍କ କାର୍ଯ୍ୟକ୍ରମ ଓଡ଼ିଶାରେ ପ୍ରସାର ଲାଭ କରିଥିଲା । ବିବୁଧେନ୍ଦ୍ର ମିଶ୍ର, ଅଶୋକ ଦାସ, ସୁରଜମଲ୍ଲ ସାହା, ଶ୍ରୀହର୍ଷ ମିଶ୍ର ପ୍ରମୁଖ ଯୁବକ ସେତେବେଳେ ଯେ ବନ୍ଦୀ ହୋଇଥିଲେ, ତାହା ଏକ ସୁପରିକଳ୍ପିତ ଆନ୍ଦୋଳନର ପରିଣାମ ଥିଲା ।”

ଡକ୍ଟର ରାଧାନାଥ ରଥ ସେଦିନ ଭୁବନେଶ୍ୱରରେ ଏକ ବକ୍ତୃତାରେ କହିଥିଲେ, “ପଣ୍ଡିତ ନୀଳକଣ୍ଠ ପଣ୍ଡିତ ଗୋଦାବରୀଶ ପ୍ରଭୃତି ଯେଉଁ ମନ୍ତ୍ରୀମଣ୍ଡଳ ଗଠନ କରିଥିଲେ, ତାହା ସେମାନଙ୍କର କେବଳ ସାଧାରଣ ଦେଶ ପ୍ରୀତିର ପରିଚୟ ଦିଏ ନାହିଁ, ଉପରନ୍ତୁ ସେମାନେ ମନ୍ତ୍ରୀତ୍ୱର ସୁଯୋଗ ନେଇ ଗୋପନରେ ଯେପରି ସେତେବେଳର ବିପ୍ଳବାତ୍ମକ କାର୍ଯ୍ୟକୁ ପ୍ରଶ୍ରୟ ଦେଇଥିଲେ ଓ ତାହା ଧରାପଡ଼ିଥିଲେ ଯୁଦ୍ଧ କାଳୀନ ପରିସ୍ଥିତିରେ ସେମାନଙ୍କୁ ଯେ ଫାଶୀଦଣ୍ଡକୁ ସାମ୍ନା କରିବାକୁ ପଡ଼ିଥାନ୍ତା, ଏହା ଜାଣି ମଧ୍ୟ ସେମାନେ ଯେଉଁପରି ଦୁଃସାହସିକ ପଦକ୍ଷେପ ନେଇଥିଲେ, ତାହା ମନେକଲେ ଏହି ଦେଶପ୍ରାଣ ନେତାମାନଙ୍କ ନିକଟରେ ମୁଣ୍ଡ ସ୍ୱତଃ ନଇଁ ଯାଏ ।”

## ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା :

ପ୍ରସ୍ତାବିତ ଓଡ଼ିଶା ପ୍ରଦେଶରେ ଗୋଟିଏ ବିଶ୍ୱବିଦ୍ୟାଳୟ ରହିଥିବା କଥା ପଣ୍ଡିତ ନୀଳକଣ୍ଠ କେନ୍ଦ୍ର ବ୍ୟବସ୍ଥାପିକା ସଭାରେ ଦାବି କରିଥିଲେ । ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ପରେ ପରେ ସେ ଏଥିଲାଗି ନାନା ଭାବରେ ଉଦ୍ୟମ କଲେ । ‘ନବଭାରତ’ ପତ୍ରିକାରେ ଏ ସମ୍ପର୍କରେ ବହୁ ଲେଖା ଓ ସମ୍ପାଦକୀୟ ପ୍ରକାଶ କଲେ । ଶ୍ରୀ ବିଶ୍ୱନାଥ ଦାସଙ୍କ ପ୍ରଥମ କଂଗ୍ରେସ ମନ୍ତ୍ରୀ ମଣ୍ଡଳ ନୀଳକଣ୍ଠଙ୍କ ପ୍ରରୋଚନାରେ ଏଥିପାଇଁ ଗୋଟିଏ କମିଟି ବସାଇଲେ ଓ ତହିଁରେ ପଣ୍ଡିତ ନୀଳକଣ୍ଠଙ୍କୁ ଚେୟାରମ୍ୟାନ କରିଥିଲେ । ମାତ୍ର ଏ କମିଟି ରିପୋର୍ଟ ପାଇ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ନିଷ୍ପତ୍ତି ଗ୍ରହଣ କରିବା ପୂର୍ବରୁ ଉକ୍ତ ମନ୍ତ୍ରୀମଣ୍ଡଳ ବିଶ୍ୱଯୁଦ୍ଧ ବେଳେ ଇଂରେଜଙ୍କୁ ସାହାଯ୍ୟ ନ କରିବା ମତରେ ଇସ୍ତଫା ଦେଇ ଦେଲେ । ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସେଇଠି ଅଟକି ଗଲା ।

ଏବେ ଏଇ ଯୁଦ୍ଧ କାଳୀନ ସରକାରରେ ନୀଳକଣ୍ଠ ପ୍ରତ୍ୟକ୍ଷ ଭାବରେ ଯୋଗ ଦେଇ ମନ୍ତ୍ରୀପଦର ଅଧିକାରୀ ହୋଇ ନ ଥିଲେ ହେଁ, ସେ ଥିଲେ ଏହାର ମାର୍ଗଦର୍ଶକ । ମିଳିତ ମନ୍ତ୍ରୀମଣ୍ଡଳ ଗଠନ ପରେ

Digitized by PPRACHIN, SOA

୧୯୪୩ ମସିହାରେ ନୀଳକଣ୍ଠଙ୍କର ଅନ୍ୟ ଏକ ରିପୋର୍ଟ ଭିତ୍ତିରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହେଲା । ଶୁଣିବାରେ, ଉକ୍ତ ରିପୋର୍ଟଟି ବଡ଼ ଉପାଦେୟ ଥିଲା— ବହୁ ପ୍ରତିଷ୍ଠିତ ବ୍ୟକ୍ତିଙ୍କର, ଡଃ ମହତାବ ଓ ରାଧାନାଥ ରଥଙ୍କର ଦାବୀ ସତ୍ତ୍ୱେ ରିପୋର୍ଟଟି କିନ୍ତୁ ଏବେ ମିଳୁନାହିଁ ।

## ଉତ୍କଳ ବିଶ୍ୱବିଦ୍ୟାଳୟର ଉପକୁଳାଧିପତି ନୀଳକଣ୍ଠ :

ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠିତ ହେବାର ପ୍ରାୟ ୧୨ ବର୍ଷ ପରେ ୧୯୫୫ ମସିହା ଅଗଷ୍ଟ ମାସରେ ପଣ୍ଡିତ ନୀଳକଣ୍ଠ ସିନେଟ୍ ବୈଠକରେ ଉପକୁଳାଧିପତି ଭାବେ ମନୋନୀତ ହେଲେ—ଏହି ପଦରେ ଦୀର୍ଘ ୭ ବର୍ଷକାଳ ରହି ଓଡ଼ିଶାର ଶିକ୍ଷା ପ୍ରସାର କ୍ଷେତ୍ରରେ ସେ ଉଲ୍ଲେଖନୀୟ ପଦକ୍ଷେପ ମାନ ଗ୍ରହଣ କରି ଯାଇଚନ୍ତି ।

ପୁଣି ଏଇ ବର୍ଷ ଡ଼ିସେମ୍ବର ମାସରେ ଉକ୍ତ ବିଶ୍ୱବିଦ୍ୟାଳୟ ତରଫରୁ ପଣ୍ଡିତ ନୀଳକଣ୍ଠଙ୍କୁ ତାଙ୍କ ପାଣ୍ଡିତ୍ୟର ନିଦର୍ଶନ ସ୍ୱରୂପ ସାହିତ୍ୟରେ ଡକ୍ଟରେଟ୍ ( D. Litt ) ଉପାଧିରେ ଭୂଷିତ କରାଯାଇଥିଲା—ଉପାଧି ପ୍ରଦାନ କରିଥିଲେ, ସମାବର୍ତ୍ତନ ଉତ୍ସବରେ ଶ୍ରୀଯୁକ୍ତ କୃଷ୍ଣମେନନ୍ ।

## ନୀଳକଂଠଙ୍କର ଯୁଦ୍ଧବେଳର ଆଭିମୁଖ୍ୟ -ମିଳିତ ମନ୍ତ୍ରୀମଣ୍ଡଳ ଭାଙ୍ଗି ଯିବା :

ଏ କଥା ନିଶ୍ଚିତ ଯେ ଦେଶପ୍ରାଣ ପଣ୍ଡିତ ନୀଳକଣ୍ଠ ସୁଦ୍ଧାଙ୍କ ନିର୍ଦ୍ଦେଶ କ୍ରମେ ମିଳିତ ମନ୍ତ୍ରୀମଣ୍ଡଳ ଗଠନ କରାଇଥିଲେ ଓ ଏଥିପାଇଁ ସେ ନିଜେ ଜାତୀୟ ଯୁଦ୍ଧ ସାମୁଖ୍ୟର ନେତା ମଧ୍ୟ ହୋଇଥିଲେ । କିନ୍ତୁ ଯେତେବେଳେ କଟକ ସହରରେ ଧ୍ୱନି ଦିଆଗଲା, "God save the king", ସେତେବେଳେ ଏହି ଧ୍ୱନି ସହ ପଣ୍ଡିତ ନୀଳକଣ୍ଠ ନିଜକୁ ସାମିଲ କରି ପାରିଲେ ନାହିଁ । ସେଠି ବଜ୍ର ଗମ୍ଭୀର ସ୍ୱରରେ ସେ କହିଲେ, "ବର୍ତ୍ତମାନ God save the king' ଧ୍ୱନି ଦେବାର କୌଣସି ଆବଶ୍ୟକତା ନାହିଁ । ବର୍ତ୍ତମାନ ଆମର ଜାତି ତଥା ମାନବ ଜାତି ବିପଦଗ୍ରସ୍ତ । ତେଣୁ ଏବେ "God save the nation" ଧ୍ୱନି ଦେବା ହିଁ ଆବଶ୍ୟକ ।" ପଣ୍ଡିତ ନୀଳକଣ୍ଠ ଦୈନିକ 'ନବଭାରତ'ରେ ତା ୧୪ । ୧୦ । ୪୫ ରିଖ ସପ୍ତାହିକ ସଂଖ୍ୟାରେ

Digitized by PPRACHIN, SOA

ଆଉରି ଲେଖିଛନ୍ତି, "ମୁଁ କହିଥିଲି, 'ଏହି ସାମ୍ରାଜ୍ୟବାଦ ନାଜୀବାଦଠାରୁ ଆଉରି କଦର୍ଯ୍ୟ । ଭାରତୀୟମାନେ ଏହାକୁ ଘୃଣାରେ ଗ୍ରହିବା ଉଚିତ । ଏହି ବକ୍ତୃତା ତା ୮ । ୯ । ୪୨ର 'ନବଭାରତ' ରେ ବେଶ୍ ଭଲଭାବରେ ରିପୋର୍ଟରେ ପ୍ରକାଶିତ ହୋଇଥିଲା × × × । ଏଥିରେ ଗଭର୍ଣ୍ଣର, ପଣ୍ଡିତ ଗୋଦାବରୀଶ ମିଶ୍ର ତଥା ମନ୍ତ୍ରୀମଣ୍ଡଳ ଓ ସମସ୍ତଙ୍କ ସଂଗେ ମୋର ସ୍ପଷ୍ଟ ଭେଦ ଓ ବିରୋଧ ହୋଇଥିଲା । ଅସ୍ପୃହଣୀୟ ମନେ କରି ଯୁଦ୍ଧ ସାମୁଖ୍ୟରୁ ଇସ୍ତଫା ଦେଇଦେବା ପାଇଁ ମତେ କୁହାଯାଇଥିଲା । କିନ୍ତୁ ମୁଁ ଲେଖିଥିଲି, "ଠିକ୍ କାରଣଟି ମତେ କହିଲେ" ମୁଁ ଇସ୍ତଫା ସଙ୍ଗେ ତାହା ଜଣାଇ ଦେବି । ସେ କାରଣ ମତେ ଦିଆଗଲା ନାହିଁ । ବାଦାନୁବାଦ ଚାଲିଲା । ସମସ୍ତ ଯୁଦ୍ଧ ସାମୁଖ୍ୟ ଅନୁଷ୍ଠାନଟି କାମ ନ କରି ବନ୍ଦ ରହିଗଲା । ଶେଷକୁ ମୁଁ କେନ୍ଦ୍ର ବ୍ୟବସ୍ଥା ସଭାର ବଜେଟ୍‌ରେ ଗୋଟିଏ କାଟ୍ ପ୍ରସ୍ତାବରେ ବକ୍ତୃତା ଦେଇ ଯୁଦ୍ଧ ସାମୁଖ୍ୟ ବିଷୟରେ ଗୋଲ ଖୋଲି ଦେଲି ଓ ସେହି ବକ୍ତୃତାର ନକଲ ସଙ୍ଗେ ଇସ୍ତଫାଟି ପଠାଇ ଦେଲି । ସେ ବକ୍ତୃତାଟି ବ୍ୟବସ୍ଥାସଭା ବିବରଣୀରେ ଛପା ହୋଇଛି । ପଢିଲେ ଯେ କେହି ଜାଣି ପାରିବେ (ଏହାର ଅନୁବାଦ ମଧ୍ୟ 'ନବଭାରତ' ରେ ସେତେବେଳେ ପ୍ରକାଶିତ ହୋଇଥିଲା ) । ଆଉ କହିବା ଦରକାର ନାହିଁ, ଏହା ପରେ ମନ୍ତ୍ରୀମଣ୍ଡଳରୁ ବିଶେଷତଃ ସେଥିରେ ଥିବା ପଣ୍ଡିତ ମିଶ୍ରଙ୍କ କାର୍ଯ୍ୟରେ ମୋର ସମସ୍ତ ମମତା ତୁଟିଗଲା । କଂଗ୍ରେସ ଏମ୍. ଏଲ୍. ଏ. ମାନେ ବାହାରେ ନଥିଲେ । ତେଣୁ ମନ୍ତ୍ରୀମଣ୍ଡଳଟି ଭାଙ୍ଗିବା ସମ୍ଭବ ହୁଅନ୍ତା ନାହିଁ । ଅତଏବ ଅଟକବନ୍ଦୀଙ୍କୁ ମୁକ୍ତି ଓ ଖାଦ୍ୟ ପରିସ୍ଥିତିକୁ ଲୋକଙ୍କ ହାତେ ଦେବା ଦିଗରେ ମନ୍ତ୍ରୀମଣ୍ଡଳଟିକୁ ବ୍ୟବହାର କରିବାର ଉଦ୍ୟମ କଲି । ପ୍ରଧାନମନ୍ତ୍ରୀ ଏଥିରେ ଊଣା ଅଧିକେ ରାଜି ହେଲେ, କିନ୍ତୁ ପଣ୍ଡିତ ମିଶ୍ର ହେଲେ ନାହିଁ । ପଣ୍ଡିତ ମିଶ୍ର ମଧ୍ୟ କୌଶଳରେ ସେତେବେଳକୁ ଅସ୍ଥ ମନ୍ତ୍ରୀ ସୋଭାନ୍ ଖାଁଙ୍କୁ ହାତରେ ରଖି ନେଲେ ।

ଶେଷକୁ ଯେତେବେଳେ ପଣ୍ଡିତ ମିଶ୍ର ପ୍ରଧାନମନ୍ତ୍ରୀଙ୍କୁ ବାହାର କରି ନିଜେ ପ୍ରଧାନମନ୍ତ୍ରୀ ହେବାକୁ ବସିଲେ, ସେତେବେଳେ ଅବସ୍ଥା ସାଂଘାତିକ ହେଲା । ତା' ମୁଁ ବନ୍ଦ କରିଥିଲି ଓ ଫଳରେ କୌଣସି ପ୍ରତିକ୍ରିୟାଶୀଳ ମନ୍ତ୍ରୀମଣ୍ଡଳ କାର୍ଯ୍ୟ କରିବା ବାଟ ବନ୍ଦ ହୋଇଥିଲା ।"

Digitized by PPRACHIN, SOA

ଏତିକି ବେଳେ ପୂର୍ବି ପଣ୍ଡିତଙ୍କ ପ୍ରତିଷ୍ଠିତ 'ନବଭାରତ' ପ୍ରେସରୁ ପ୍ରକାଶିତ "ବନ୍ଧୁକା ସ୍ଫୁଲିଙ୍ଗ" ବନ୍ଦ ହେବା 'ନବଭାରତ' ପ୍ରେସ ଖାନ ତଲାସ କରାଗଲା ଓ ସରକାରୀ ସାହାଯ୍ୟ ପ୍ରାପ୍ତ 'ଦୈନିକ ନବଭାରତ' ସହ ସଂପୃକ୍ତ ଥିବା ସହକାରୀ ସମ୍ପାଦକ ଶ୍ରୀ ବଳରାମ ମହାନ୍ତି ଓ ଶ୍ରୀ ଚତୁର୍ଭୁଜ ମିଶ୍ରଙ୍କୁ ଫର୍ ୱାର୍ଡ ବ୍ଲକ କାର୍ଯ୍ୟରେ ଲିପ୍ତ ଥିବାଯୋଗୁ ଭାରତ ରକ୍ଷା ଆଇନ ବଳରେ ଗିରଫ କରାଗଲା । ସାମ୍ବାଦିକ ସୁମନ୍ତ ଘୋଷ Orissa in turmoil" ପୁସ୍ତକରେ ଏହାର ସୂଚନା ଦେଇ ଲେଖିଛନ୍ତି । —

There are evidences to prove that they ( Pandit Nilakantha Das and Pandit Godavarish ) sought ro utilise the levers of the administration and National War Front for Sabotaging the war efforts with the ulterior motive of helping the Indian National Army and Netajee.

ଉପରୋକ୍ତ ଘଟଣା, ମନ୍ତବ୍ୟ ଓ ବିବୃତି ମାନ ପଣ୍ଡିତ ନୀଳକଣ୍ଠଙ୍କର ଯୁଦ୍ଧକାଳୀନ ଅଭିମୁଖ୍ୟ ଓ କାର୍ଯ୍ୟାବଳୀର ଯଥେଷ୍ଟ ପ୍ରମାଣ ବହନ କରେ ।

## ନୀଳକଣ୍ଠ ବା ଗୋଦାବରୀଶ ବିଶ୍ୱାସଘାତକ ନ ଥିଲେ :

ମିଳିତ ମନ୍ତ୍ରୀମଣ୍ଡଳ ଗଠନ ବିଷୟଟି ବିସ୍ତୃତ ଭାବରେ ପ୍ରକାଶ କରିବାର ଉଦ୍ଦେଶ୍ୟ ହେଲା, ଏଥିରେ ପଣ୍ଡିତ ନୀଳକଣ୍ଠଙ୍କର ଆଭିମୁଖ୍ୟ ସାଧାରଣ ଲୋକେ ବୁଝିବା ସହଜ ନ ଥିଲା । ପରବର୍ତ୍ତୀ କାଳରେ ମଧ୍ୟ ଯେତେବେଳେ ୧୯୫୨ ମସିହାରେ ପଣ୍ଡିତ ନୀଳକଣ୍ଠ "ସ୍ୱାଧିନ ଜନସଂଘ ଦଳ ଗଢ଼ି ସେ ଓ ପଣ୍ଡିତ ଗୋଦାବରୀଶ ଏହି ଦଳର ନେତା ଓ ଉପନେତା ଭାବରେ ବିରୋଧୀ ଦଳର ଆସନ ମଣ୍ଡନ କରିଥିଲେ, ସେତେବେଳେ କଂଗ୍ରେସ ଦଳର ସଚେତକ ଶ୍ରୀ ଗଦାଧର ଦତ୍ତ M L.A ପଣ୍ଡିତ ଗୋଦାବରୀଶଂକୁ ଏହି ମନ୍ତ୍ରୀ ମଣ୍ଡଳରେ ଯୋଗ ଦେଇଥିବା ହେତୁ 'ବିଶ୍ୱାସ ଘାତକ' ବୋଲି ଅଭିହିତ କରିଥିଲେ । ତା'ର ଉତ୍ତରରେ ଏକ ଦାମ୍ଭିକ ଓ ନିର୍ଭୀକ ନେତା ଭାବରେ ପଣ୍ଡିତ ନୀଳକଣ୍ଠ ତା ୪।୩।୫୨ ରେ ଓଡ଼ିଶା ବିଧାନ ସଭାରେ ଯେଉଁ ଭାଷଣ ଦେଇଥିଲେ, ତାହା ଏଠି ସ୍ମରଣୀୟ —"ମିଳିତ ମନ୍ତ୍ରୀ ମଣ୍ଡଳ ଏଠି ଓଡ଼ିଶାରେ ହୋଇଥିଲା । ··· ମୁଁ ସେହି ମନ୍ତ୍ରୀ ମଣ୍ଡଳ ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ଥିଲି । ···ମୁଁ କହିବାକୁ

Digitized by PPRACHIN, SOA

ନୁହେଁ, ସେହି ଯେ ମନ୍ତ୍ରୀମଣ୍ଡଳ ଗଠିତ ହୋଇଥିଲା, ସେଥିରେ କେହି ବିଶ୍ୱାସ ଘାତକ ନ ଥିଲେ । ଆମେ ଦେଶରେ ସେତେବେଳେ ଯାହା କରିଥିଲୁ, ତା’ ଶ୍ରେଷ୍ଠ ତ୍ୟାଗ । ତାହା ଏ ପର୍ଯ୍ୟନ୍ତ ଆଉ କେହି କରି ନାହିଁ । × × × ଏହି ପାଞ୍ଚ ଛଅ ବର୍ଷ ଭିତରେ ବା ତା’ ପୂର୍ବରୁ ଆମର ରାଜନୀତିରେ ଯେଉଁ ଆବିଳ ବାୟୁମଣ୍ଡଳ ସୃଷ୍ଟି ହୋଇଥିଲା ଓ ଆବିଳ ବେଷ୍ଟନୀ ପୂରି ରହିଥିଲା, ସେ ବାୟୁମଣ୍ଡଳ ଭିତରେ ସତତା ଲୁଚି ରହିଥିଲା ।...ପ୍ରକୃତରେ ଏହି ଅପପ୍ରଚାର କରି କେତେକ କଂଗ୍ରେସ ଲୋକ ଦଳର ଅନ୍ୟମାନଙ୍କୁ ଚପାଇ, ଏପରି କୁଚକ୍ରାନ୍ତ କରି, ଅନ୍ୟମାନଙ୍କୁ ବାହାର କରିଦେଇ, ନେତା ସାଜିଛନ୍ତି ।” ପୂର୍ବର ଇତିହାସ ବିଷୟରେ ସୂଚନା ଦେବାକୁ ଯାଇ ପଣ୍ଡିତଜୀ ଅତି ସ୍ପଷ୍ଟ ଭାବରେ କହିଥିଲେ —“ସେତେବେଳେ ଥିଲା ବ୍ରିଟିଶ ଶାସନ ଓ ଆମେ ଥିଲୁ ଗୋଲାମ । ଏହି ଦାସତ୍ୱ ଶୃଙ୍ଖଳ ଭିତରେ ରହି ଆମେ ଯାହା କରିଛୁ, ସ୍ୱାଧୀନତା ପାଇବାର ଏତେ ସମୟ ବିତିଥିଲେ ମଧ୍ୟ ଏମାନେ ତାହା କରିପାରି ନାହାନ୍ତି । × × ମୁଁ ପରିଷ୍କାର ଭାବରେ କହିଦେବାକୁ ଚାହେଁ, ଆମେ ସେତେବେଳେ ଭିତରେ ପଶି ଲଢ଼ାଇ କରୁଥିଲୁ, ବାହାରେ ରହି ବି ଲଢ଼ାଇ କରୁଥିଲୁ । ତେଣୁ ବିଶ୍ୱାସ ଘାତକ ବୋଲି, ଯେଉଁ କଟୂକ୍ତି କରାଯାଉଛି, ଆମ ପ୍ରତି ସେ ପ୍ରୟୋଗ କେତେଦୂର ସମୀଚୀନ, ତାହା ଇତିହାସ କହିବ । ଆଉ ସେହି ଇତିହାସ କହିବ ଆମେ ଇଂରେଜର ଦାସତ୍ୱଶୃଙ୍ଖଳରେ ପିଞ୍ଜରାରେ ରହି କ’ଣ କରିଛୁ, ଆଉ ଏମାନେ ସ୍ୱାଧୀନତାର ଉନ୍ମୁକ୍ତ ବିହଙ୍ଗମ ହୋଇ କ’ଣ କରିଛନ୍ତି ।” ଖାଲି ଏତିକି ନୁହେଁ, ୧୯୩୬।୩୭ ସାଲର କେନ୍ଦ୍ର ପାର୍ଲାମେଂଟାରୀ ବୋର୍ଡର ସଭ୍ୟ ଭାବରେ, (ଏହି ବୋର୍ଡରେ ୨୦ ଜଣ ସଭ୍ୟ ଥିଲେ ଓ ସ୍ୱର୍ଗତ ବଲ୍ଲଭ ଭାଇ ପଟେଲ ଥିଲେ ଏହାର ସଭାପତି ) ନିଜର ଅନୁଭୂତି ବର୍ଣ୍ଣନାକରି ସେ ସ୍ପଷ୍ଟ କହିଥିଲେ—” ନିର୍ବାଚନରେ କଂଗ୍ରେସ ମେଜରିଟି ହେବା ପରେ ସର୍ଦ୍ଦାର ପଟେଲ ଓ ଜବାହାରଲାଲ୍ ପ୍ରଭୃତି ଲିଗ୍ ସହିତ ଯେ ବ୍ୟବହାର କରିଥିଲେ, ତାକୁଇ ରାଜନୀତିରେ କୁହାଯାଏ, ‘ବିଶ୍ୱାସ ଘାତକତା’ ଓ ସେଇଥିରେ ପରେ ହୋଇଥିଲା ପାକିସ୍ଥାନ । × × × ‘କୁଇଟ୍ ଇଣ୍ଡିଆ’ର ଶେଷକୁ ଏଇ ହେଲା ଫଳ ଓ ପରିଣାମ । ଜବାହାରଲାଲଙ୍କ ବ୍ୟବହାର ଆମକୁ ତଥା ସୁଭାଷ ପନ୍ଥୀଙ୍କୁ ସେତେ ସନ୍ତୋଷ ଦେଇ ନ ଥିଲା । × × × ତେଣୁ ମୁସଲିମ୍ ଲିଗକୁ ଧରି ମନ୍ତ୍ରୀ ମଣ୍ଡଳ ଗଢ଼ିଲୁ । ସେତେବେଳର ପରିକଳ୍ପନା

Digitized by PPRACHIN, SOA

ଅନୁସାରେ ସବୁ ବାମପନ୍ଥୀଙ୍କୁ ଧରି ସମାନ୍ତରାଳ ସରକାର ଗଢ଼ିବା ପାଇଁ ରହିଥିଲେ, ଫରଓ୍ୱାର୍ଡ ବ୍ଲକ୍ । କିନ୍ତୁ ଏହି କଳ୍ପନା ଶେଷ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇ ପାରି ନ ଥିଲା । ଶରତ ବୋଷ "କୋଡ଼ାଇ କେନାଲ"ରେ ବନ୍ଦୀ ହେଲେ ଓ ତାର କିଛୁଦିନ ପରେ ସୁଭାଷ ବୋଷ ଅନ୍ତର୍ଦ୍ଧାନ ହେଲେ" । ଲିଗ୍ ସହିତ ସଂଯୋଗ ରକ୍ଷାକରି ଭାରତର ସଂହତି ରକ୍ଷା କରିବା ଅଥବା ଫରଓ୍ୱାର୍ଡ ବ୍ଲକ ଦ୍ୱାରା ଏକ ସାମ୍ୟବାଦୀ ବିକଳ୍ପ ସରକାର ଗଠନ କରିବାର ସମ୍ଭାବନା ଯେତେବେଳେ ଲୋପ ପାଇଲା, ସେତେବେଳେ ପଣ୍ଡିତ ନୀଳକଣ୍ଠ ଓଡ଼ିଶାର ମିଳିତ ମନ୍ତ୍ରୀ ମଣ୍ଡଳକୁ ଭାଙ୍ଗି ଦେବାପାଇଁ ସିଦ୍ଧାନ୍ତ ଗ୍ରହଣ କରି-ଥିଲେ । ଏହି ବିଷୟରେ ଗୋଦାବରୀଶ ଓ ନୀଳକଣ୍ଠଙ୍କର ଅବଶ୍ୟ ମତାନ୍ତର ଘଟିଥିଲା । ଇଂରେଜ ସରକାର ସହିତ ସହଯୋଗ କରି ଅବହେଳିତ ଓଡ଼ିଶାରେ ବିଶ୍ୱବିଦ୍ୟାଳୟ, ମେଡ଼ିକାଲ କଲେଜ, ହାଇକୋର୍ଟ ଆଦି ସହିତ କରି ଓଡ଼ିଶାକୁ ଆଧୁନିକ କରି ଗଢ଼ିବା ଗୋଦାବରୀଙ୍କ ଲକ୍ଷ୍ୟ ଥିଲା । ତେବେ ସମଗ୍ର ଭାରତବର୍ଷର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ନୀଳକଣ୍ଠ ମିଳିତ ମନ୍ତ୍ରୀମଣ୍ଡଳକୁ ଭାଙ୍ଗି ଦେବା ସିଦ୍ଧାନ୍ତରେ ଅଟଳ ରହିଥିଲେ । ୩ ବର୍ଷ ମଧ୍ୟରେ ଏହି ମନ୍ତ୍ରୀମଣ୍ଡଳ ଭାଙ୍ଗି ଯାଇଥିଲା । କାରଣ ମିଳିତ ମନ୍ତ୍ରୀମଣ୍ଡଳର ପ୍ରାୟ ୩ବର୍ଷର କାର୍ଯ୍ୟକଳାପ ପରେ ନୀଳକଣ୍ଠ ଅନୁଭବ କଲେ ଯେ ସେ ଯେଉଁ ମହତ ଉଦ୍ଦେଶ୍ୟ ନେଇ ଏହା ଗଠନ କରାଇଥିଲେ, ତାହାଆଉ ଫଳବତୀ ହେବାର ଆଶା ନାଇ ଓ ମନ୍ତ୍ରୀମଣ୍ଡଳଟି ପ୍ରତିକ୍ରିୟାଶୀଳ ହୋଇ ଭାଙ୍ଗିବା ଉପରେ । ତେଣୁ ବଦ୍‌ନାମରେ ଭାଗୀଦାର ନ ହେବା ଲାଗି, ସେ ମନ୍ତ୍ରୀମଣ୍ଡଳଟି ଭାଙ୍ଗିବାରେ ସହାୟକ ହେଲେ । ଏ ସଂପର୍କରେ ତାଙ୍କର ଉକ୍ତି ୩୧ ପୃଷ୍ଠାରେ ଦ୍ରଷ୍ଟବ୍ୟ ।

ଯୁଦ୍ଧରେ ଅବଶ୍ୟ ମିତ୍ରପକ୍ଷର ଜୟ ହେଲା—ସୁଭାଷ ବୋଷଙ୍କର ଗୋଟିଏ ଉଡ଼ାଜାହାଜ ଦୁର୍ଘଟଣାରେ ମୃତ୍ୟୁ ହେଲା । ସମସ୍ତ ଘଟଣା ଚକ୍ର ବୁଲିଗଲା ଭାରତକୁ ସ୍ୱାଧୀନ କରାଇବା ସୌଭାଗ୍ୟ ଏମାନଙ୍କୁ ଜୁଟି ନଥିଲା ।

**୧୯୪୬ ନିର୍ବାଚନରେ ପଣ୍ଡିତ ନୀଳକଣ୍ଠ ପ୍ରାର୍ଥୀ ନ ହୋଇ ସାହିତ୍ୟ ସାଧନାରେ ରହିଲେ :**

ଯୁଦ୍ଧ ବିରତି ପରେ ୧୯୪୫ ମସିହାରେ କଂଗ୍ରେସ ନେତାମାନେ ଖଲାସ ହେଲେ । ୧୯୪୬ରେ ପୁଣି ନିର୍ବାଚନ ହେଲା । ପଣ୍ଡିତ ନୀଳକଣ୍ଠ

Digitized by PPRACHIN, SOA

ତାଙ୍କର ଯୁଦ୍ଧ କାଳୀନ ଆଭିମୁଖ୍ୟ ଓ ମିଳିତ ମନ୍ତ୍ରୀମଣ୍ଡଳ ଗଠନର ପୃଷ୍ଠଭୂମି କଥା ଜଣାଇ କେନ୍ଦ୍ର ବ୍ୟବସ୍ଥା ସଭାକୁ ପ୍ରାର୍ଥୀ ଭାବରେ ଛିଡ଼ାହେବା ପାଇଁ କଂଗ୍ରେସକୁ ଦରଖାସ୍ତ କଲେ । ପ୍ରାର୍ଥୀ ହେଲେ କଂଗ୍ରେସକୁ Pledge ବା ପ୍ରତିଶ୍ରୁତି ଦେବାକୁ ହୁଏ ଯେ, କଂଗ୍ରେସ ତାଙ୍କୁ ନ ବାଛିଲେ, ସେ ଆଉ କଂଗ୍ରେସ ପ୍ରାର୍ଥୀ ବିରୁଦ୍ଧରେ ଛିଡ଼ାହେବେ ନାହିଁ । କଂଗ୍ରେସ ପଣ୍ଡିତଙ୍କୁ ପ୍ରାର୍ଥୀ ରୂପେ ଗ୍ରହଣ ନକରି ତାଙ୍କ ଅମାନତ ଟ.୧୦୦.୦୦ ଫେରାଇ ଦେଲେ । କଂଗ୍ରେସ ଟିକେଟ୍ ନ ହେଲେ ମଧ୍ୟ ତାଙ୍କ ନିର୍ବାଚନ ମଣ୍ଡଳୀରେ ନୀଳକଣ୍ଠଙ୍କର ଯେଉଁ ପ୍ରତିପତ୍ତି ଥିଲା, ସେ ଯେପରି ହେଲେ ଜୟଯୁକ୍ତ ହୋଇଥାନ୍ତେ । ଏଥିପାଇଁ ପଣ୍ଡିତ ନୀଳକଣ୍ଠଙ୍କର ବହୁ ଶୁଭେଚ୍ଛୁ ବ୍ୟକ୍ତି ତାଙ୍କୁ କଂଗ୍ରେସ ପ୍ରାର୍ଥୀଙ୍କ ବିରୁଦ୍ଧରେ ଛିଡ଼ା ହେବାକୁ ମଧ୍ୟ ପ୍ରବର୍ତ୍ତାଇ ଥିଲେ । କିନ୍ତୁ ପଣ୍ଡିତଜୀ କହିଲେ, "ମୁଁ ପ୍ରାର୍ଥୀ ପତ୍ର ଦାଖଲ ବେଳେ କଂଗ୍ରେସକୁ ପ୍ରତିଶ୍ରୁତି ଦେଇଛି ଯେ କଂଗ୍ରେସ ପ୍ରାର୍ଥୀ ବିରୁଦ୍ଧରେ ଛିଡ଼ା ହେବି ନାହିଁ । ବରଂ ପଣ୍ଡିତ ଲିଙ୍ଗରାଜ ମିଶ୍ର କଂଗ୍ରେସ ପ୍ରାର୍ଥୀ ଭାବରେ ସାକ୍ଷୀଗୋପାଳରୁ ଓଡ଼ିଶା ଆସେମ୍ବ୍ଲି ପାଇଁ ଠିଆ ହୁଅନ୍ତୁ" । ତହିଁରେ ପଣ୍ଡିତ ନୀଳକଂଠ ପ୍ରସ୍ତାବକ ହେଲେ । ଏହିପରି ଭାବରେ ଯୁକ୍ତିବାଦୀ ଓ ଦୃଢ଼ ପ୍ରତିଜ୍ଞ ନୀଳକଣ୍ଠ କେବେ ହେଲେ ନୀତିଭ୍ରଷ୍ଟ ହେବାର ଦେଖାଯାଏ ନାହିଁ, ଯଦିଓ ବହୁ ସମୟରେ ତାଙ୍କର ଆଭିମୁଖ୍ୟ ବୁଝି ନ ପାରୁଥିବା ଲୋକେ ତାଙ୍କୁ ଘୋର ସମାଲୋଚନା କରିଥାନ୍ତି । ତେଣୁ ତାଙ୍କର ରାଜନୀତି ତନଖି କରିବା ବାଞ୍ଛନୀୟ ।

ପଣ୍ଡିତ ନୀଳକଣ୍ଠ ୧୯୪୬ରୁ ୧୯୫୧, ପାଞ୍ଚବର୍ଷ ଧରି ରାଜନୀତିରୁ ଅଲଗା ହୋଇ ନିର୍ଲିପ୍ତ ଭାବରେ ସାହିତ୍ୟ ସେବାରେ ସମୟ ଅତିବାହିତ କଲେ । ସେହି ପାଞ୍ଚ ବର୍ଷ ଭିତରେ 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ' ( ୧ମ ଓ ୨ୟ ଭାଗ ) ଓ 'ସଂସ୍କୃତ ଓ ସଂସ୍କୃତି' ପୁସ୍ତକ ପ୍ରକାଶିତ ହେଲା । ତାଙ୍କର ଓଡ଼ିଆ ସାହିତ୍ୟ ଓ ସଂସ୍କୃତିକୁ ଦାନ ଚିରଦିନ ଲାଗି ତିଷ୍ଠି ରହିବ । ସେଥିପାଇଁ ଡଃ ମାୟାଧର ମାନସିଂହଙ୍କ ଉକ୍ତିକୁ ସମର୍ଥନ ଜଣାଇ କୁହାଯାଏ, ରାଜନୀତିକ ନୀଳକଣ୍ଠ ସ୍ମୃତିରୁ ଲୋପ ପାଇ ପାରନ୍ତି, କିନ୍ତୁ ସାହିତ୍ୟିକ ନୀଳକଣ୍ଠ ଚିରଦିନ ଅମର ରହିବେ । ଓଡ଼ିଶା ସାହିତ୍ୟ ଏକାଡେମିରୁ ମାନପତ୍ର ପ୍ରଦାନ ଅବକାଶରେ ଡଃ ମହତାବଙ୍କର ଉକ୍ତି ଓ 'ନୀଳକଣ୍ଠ ସ୍ମରଣିକା'ରେ ପ୍ରକାଶିତ କୁଞ୍ଜବିହାରୀ ଦାସଙ୍କ ମନ୍ତବ୍ୟ ଏଠି ସ୍ମରଣୀୟ ।ରାଜନୀତିକ ନୀଳକଣ୍ଠ ମଧ୍ୟ ବନ୍ଦନୀୟ

Digitized by PPRACHIN, SOA

## ଓଡ଼ିଶା ବିଧାନ ସଭାରେ ନୀଳକଣ୍ଠ :

୧୯୫୧ ମସିହାରେ ପଣ୍ଡିତ ନୀଳକଣ୍ଠ ସାର୍ଥୀ ଗୋଦାବରୀଶଙ୍କୁ ଧରି ସ୍ୱାଧୀନ ଜନସଂଘ ନାମରେ ଗୋଟିଏ ଦଳ ଗଠନ କଲେ ଓ ୧୯୫୨ ନିର୍ବାଚନରେ ନିଜେ ନିଜର ସବୁ ସମୟର ନିର୍ବାଚନ ମଣ୍ଡଳୀ ସତ୍ୟବାଦୀରୁ ବିଧାନସଭା ନିମନ୍ତେ ଠିଆ ହେଲେ । ମାତ୍ର ଏତେବେଳକୁ ତାଙ୍କ ନିର୍ବାଚନ ମଣ୍ଡଳୀର ପୁନର୍ଗଠନ ହୋଇ ନୂତନ ନିର୍ବାଚନ ମଣ୍ଡଳୀଟି ଏପରି ସ୍ଥିର କରାଯାଇ ଥିଲା ଯେ ଏଥିର ଅଧିକାଂଶ ଜାଗାକୁ ଜିପ୍‌ରେ ଯିବା ମଧ୍ୟ ସମ୍ଭବପର ନ ଥିଲା । ତେଣୁ ନିର୍ବାଚନ ପ୍ରଚାର ନିମନ୍ତେ ନୀଳକଣ୍ଠଙ୍କୁ ଖଣ୍ଡିଏ ଟେଣ୍ଡ ଗାଡ଼ିରେ ଗାଁକୁ ଗାଁ ଯିବାକୁ ପଡ଼ୁଥିଲା । ସାଥିରେ ଶ୍ରୀମତୀ ରାଧାମଣି ଦେବୀ ଓ ପୁତ୍ର ବିକ୍ରମ । ରାଧାମଣି ଦେବୀ ଥିଲେ ପଣ୍ଡିତ ନୀଳକଣ୍ଠଙ୍କର ଯଥାର୍ଥ ସହଧର୍ମିଣୀ ଓ ସହ-କର୍ମିଣୀ ଏବଂ ପୁରୀଜିଲାରେ ଜଣେ ନିଷ୍ଠାପର ନାମଜାଦା ସମାଜସେବୀ ନେତ୍ରୀ । ପଣ୍ଡିତ ନୀଳକଣ୍ଠ ତାଙ୍କ 'ଆତ୍ମଜୀବନୀରେ' ରାଧାମଣି ଦେବୀଙ୍କର ବହୁ ପ୍ରଶଂସା କରି ଲେଖିଛନ୍ତି । ଧାନକଟା ସମୟରେ କୃଷୀମାନଙ୍କୁ ଦିନରେ ପ୍ରାୟ ଦେଖା ମିଳେ ନାହିଁ ବୋଲି ନୀଳକଣ୍ଠ ସହକର୍ମୀମାନଙ୍କ ସହିତ ସଂଧ୍ୟା ପରେ ଗାଁମାନଙ୍କରେ ପହଞ୍ଚି ସେଠାରେ ଆଲୋଚନା ସଭାମାନ ଶେଷ କରି ଅନ୍ୟତ୍ର ଗମନ କରନ୍ତି । ପୁଣି ଅନ୍ୟ ଗନ୍ତବ୍ୟ ସ୍ଥଳରେ ଭୋର ଭୋର ପହଞ୍ଚିବାକୁ ହେଲେ ଏ ସବୁ ବିଶ୍ରାମ ସ୍ଥଳରୁ ରାତି ପହରେ ଥାଇ ବାହାରିବା ଆବଶ୍ୟକ ପଡ଼େ । ତେଣୁ କର୍ମୀମାନଙ୍କୁ ଖାଇ ପିଇ ରାତିରେ ବିଶ୍ରାମ ପାଇଁ ପ୍ରାୟ ବେଳ ମିଳେନାହିଁ । କର୍ମରେ ଉଦ୍‌ବୁଦ୍ଧହେବା ନିମନ୍ତେ ନୀଳକଣ୍ଠ ସେମାନଙ୍କୁ କହନ୍ତି, "ଶ୍ରମ ପରେ ଯିବା ବିଶ୍ରାମ, ଏଇଲେ କଣ ବିଶ୍ରାମ ? ଏବେ ଚର କର୍ମ ଲାଗି ରହିଛୁ" । କୌଣସି ଏକ ନିର୍ବାଚନ ସଭାରେ ଜଣେ କେହି ପ୍ରଶ୍ନ କଲେ, "ବିଧାନ ସଭାର ଶହେ ଚାଳିଶଟି ଆସନରୁ ଆପଣ ସ୍ୱଳ୍ପ ସଂଖ୍ୟକ ସଭ୍ୟ ନେଇ କ'ଣ କରି ପାରିବେ ଯେ ଆମେ ଆପଣଙ୍କୁ ଭୋଟ ଦେବୁ ?" ନୀଳକଣ୍ଠ ସାଥୀ ସାଥୀ ଉତ୍ତର ଦେଇଥିଲେ "ଝିଙ୍କାଳିଆ ବରଗଛରେ ଯେତେ ପଲେ ମାଙ୍କଡ଼ ବସିଥିବେ, ତଳୁ ଗୋଟିଏ ମହାବଳର ଚାଡ଼ରେ ସେମାନେ ଝଡ଼ି ପଡ଼ନ୍ତି ନ କି ?" ନିର୍ବାଚନରେ ସେ ବିପୁଳ ଭୋଟରେ ଜୟଯୁକ୍ତ ହେଲେ ଓ ତାଙ୍କ ଦଳରୁ ପଣ୍ଡିତ ଗୋଦାବରୀଶ ଓ ଆଉ ଦୁଇ ଜଣ ମାତ୍ର ସଭ୍ୟ ନିର୍ବାଚିତ ହୋଇଥିଲେ । ପରେ ପୁଣି ନିର୍ବାଚନ ମକଦ୍ଦମାରେ

Digitized by PPRACHIN, SOA

ବ୍ରହ୍ମପୁର ଦ୍ୱୈତ ନିର୍ବାଚନ ମଣ୍ଡଳୀର ଏଠ ଦୁଇଜଣଯୋଗ ସଭ୍ୟ କାଣ୍ଟ ଖାଇଗଲେ । ମାତ୍ର ସତକୁ ସତ ଦୁଇ ପଣ୍ଡିତଙ୍କର ଗଠନ ମୂଳକ ଦୃଢ଼ ସମାଲୋଚନା ପ୍ରତି ବିଧାନ ସଭାରେ ସରକାରଙ୍କୁ ସବୁବେଳେ ସଜାଗ ରହିବାକୁ ପଡ଼ୁଥିଲା । ତା' ସଙ୍ଗେ ସଙ୍ଗେ ଏ ଦୁହିଁଙ୍କର ବିଧାନ ସଭାରେ ବହୁ ଦିନର ଅଭିଜ୍ଞତା ଥିବା ହେତୁ ସେ ସମୟର ଆସେମ୍ବ୍ଲି ବିବରଣୀ ଦେଖିଲେ ସ୍ପଷ୍ଟ ଜଣାଯିବ, ଦୁଇ ପଣ୍ଡିତ ସରକାରଙ୍କ ଦୋଷ ତ୍ରୁଟିର ଘୋର ସମାଲୋଚନା କରି, କେବଳ ଯେ ସରକାରୀ ଅପାରଗତା ସଜାଡ଼ିବାରେ ବହୁ ଭାବରେ ସାହାଯ୍ୟ କରିଥିଲେ, ତା' ନୁହେଁ, ସେବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ପଣ୍ଡିତ ନୀଳକଣ୍ଠଙ୍କର ବହୁ ପ୍ରସ୍ତାବ ମଧ୍ୟ ଗ୍ରହଣ କରି ନେଇଥିଲେ ଓ ପରେ ସେଥିଲାଗି ତାଙ୍କଠାରେ କୃତଜ୍ଞତା ଜଣାଇ ଆଶୀର୍ବାଦ ଭିକ୍ଷା କରୁଥିଲେ ।

## କଂଗ୍ରେସକୁ ପ୍ରତ୍ୟାବର୍ତ୍ତନ :

ନୀଳକଣ୍ଠ ବଳିଷ୍ଠ ଗଠନ ମୂଳକ ସମାଲୋଚନାରେ ମୁଗ୍ଧ ହୋଇ ଶ୍ରୀଯୁକ୍ତ ଚୌଧୁରୀ ପଣ୍ଡିତଙ୍କୁ କଂଗ୍ରେସକୁ ଫେରାଇ ଆଣିବା ନିମନ୍ତେ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହରୁଙ୍କୁ ଅନୁରୋଧ କଲେ । ପଣ୍ଡିତ ନୀଳକଣ୍ଠ କେନ୍ଦ୍ର ବ୍ୟବସ୍ଥା ସଭାରେ ଥିବା ବେଳେ ନେହରୁଙ୍କ ପିତା ପଣ୍ଡିତ ମୋତିଲାଲ ନେହରୁ ତାଙ୍କୁ ସମ୍ପାଦକ ଭାବେ ବାଛିଥିବା କଥା ପୂର୍ବରୁ କୁହା-ଯାଇଛି । ସେ ଭାବରେ ପଣ୍ଡିତ ନେହେରୁ ନୀଳକଣ୍ଠଙ୍କୁ ସେବେଠାରୁ ଉତ୍ତମ-ରୂପେ ଜାଣିଥିଲେ ମଧ୍ୟ ୧୯୩୭ରେ ନୀଳକଣ୍ଠଙ୍କ ସହିତ ନିର୍ବାଚନ ଗସ୍ତ-ବେଳେ ତାଙ୍କର ପାରଙ୍ଗମତା ବିଷୟ ବିଶେଷ ଭାବେ ହୃଦୟଙ୍ଗମ କରିଥିଲେ । ଜାତୀୟ କଂଗ୍ରେସର ସଭାପତି ଭାବରେ ସେ ନୀଳକଣ୍ଠଙ୍କୁ ୧୯୫୫ ମାର୍ଚ୍ଚ ତା ୨୫ ରେ ଚିଠି ଲେଖିଲେ, "ଆପଣ ଅତୀତରେ କଂଗ୍ରେସର ଜଣେ ସ୍ତମ୍ଭ ସ୍ୱରୂପ ଥିଲେ । ୧୫ ବର୍ଷ ତଳେ ଆପଣ ଯେତେବେଳେ ଏହାକୁ ଛାଡ଼ିଗଲେ ମୁଁ ଓ ଅନ୍ୟମାନେ ବିଶେଷ ଦୁଃଖିତ ହୋଇଥିଲୁ—ଏବେ ଆପଣ କଂଗ୍ରେସକୁ ଫେରି ଆସି ଆପଣଙ୍କର ବିଜ୍ଞ ପରାମର୍ଶ ଦେଇ ଆମ୍ଭମାନଙ୍କୁ ସାହାଯ୍ୟ କଲେ ମୁଁ ବାସ୍ତବରେ ଖୁସି ହେବି" ପଣ୍ଡିତ ନୀଳକଣ୍ଠ ଏ ଚିଠି ପାଇ ତାଙ୍କ ନିର୍ବାଚନ ମଣ୍ଡଳୀରେ ମତ ନେବାକୁ ଚାହିଁଲେ । ସେ ସତ୍ୟବାଦୀ ଅଞ୍ଚଳର ମୁରବୀ ତଥା ନେତୃସ୍ଥାନୀୟ ବ୍ୟକ୍ତି ମାନଙ୍କର ପରାମର୍ଶ ନେଲେ । ସଭା

Digitized by PPRACHIN, SOA

ସମିତିରେ ଭୋଟର ମାନଙ୍କର ମତ ନେଉଥିଲେ । ସେମାନଙ୍କର ସମ୍ମତି ଘେନି ଏକ ସୁସ୍ଥ ପରଂପରା ସୃଷ୍ଟି କରି ନୀଳକଣ୍ଠ କଂଗ୍ରେସକୁ ଫେରି ଆସିଲେ, ୧୯୫୫ ମେ' ମାସରେ ।

## ନବବାବୁଙ୍କର ସଂସଦୀୟ ରାଜନୀତିରୁ ଓହରିଯିବା ଓ ଡ଼କ୍ଟ ମହତାବଙ୍କର ମୁଖ୍ୟମନ୍ତ୍ରୀ ହେବା :

ଏହାର କେତେଦିନ ପରର ଘଟଣା—ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ତାଙ୍କର Parliamentary politics ( ସଂସଦୀୟ ରାଜନୀତି )ରେ ବିଶ୍ୱାସ ନାହିଁ ବୋଲି ବିବୃତି ଦେଲେ ଓ ୧୯୫୬ ଅକ୍ଟୋବର ମାସରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଦେଲେ । ଏବେ ମୁଖ୍ୟମନ୍ତ୍ରୀ କିଏ ହେବ ? ଶ୍ରୀଯୁକ୍ତ ଚୌଧୁରୀଙ୍କର ଉପରୋକ୍ତ ମତ ସତ୍ତ୍ୱେ ରାଜ୍ୟର ବହୁ ନେତା, ବିଧାୟକ ଓ ମନ୍ତ୍ରୀମାନେ ସେ ମୁଖ୍ୟମନ୍ତ୍ରୀ ହୋଇ ରହନ୍ତୁ ବୋଲି ଚାହୁଁ ଥାନ୍ତି—ପଣ୍ଡିତ ନୀଳକଣ୍ଠଙ୍କୁ ବହୁ ବିଧାୟକ ଓ ମନ୍ତ୍ରୀ ଦେଖା କଲେ, ଚୌଧୁରୀଙ୍କ ପକ୍ଷ ସମର୍ଥନ କରିବାକୁ । ବାସ୍ତବରେ କହିବାକୁ ଗଲେ, ନୀଳକଣ୍ଠ ପାଖୁ ଏମାନଙ୍କର ସୁଅ ଛୁଟିଲା । ନୀଳକଣ୍ଠ ଏ ବିଷୟରେ କାହା କଥାରେ ପ୍ରଭାବିତ ହେବା ଲୋକ ନୁହନ୍ତି । ଶେଷକୁ ଉପମନ୍ତ୍ରୀ ଭୈରବ ବାବୁ ଆସିଲେ—ପଣ୍ଡିତ ନୀଳକଣ୍ଠ ତାଙ୍କୁ ବଡ଼ ସୁଖ ପାଉଥିଲେ । କହନ୍ତି, "ମୁଁ ଦେଖେ, ମାତ୍ର ଅଳ୍ପ କେତେଜଣ ବିଧାୟକ ବା ମନ୍ତ୍ରୀ ଯେପରି ପଏଣ୍ଟ ଉପରେ କଥା କହନ୍ତି, ଭୈରବ ସେହିପରି ପ୍ରଶ୍ନର ଉତ୍ତର ପାଇଁ ଯେତିକି ଦରକାର, ସେତିକି କହେ ।" ଭୈରବ ବାବୁ ଯେତେବେଳେ ନୀଳକଣ୍ଠଙ୍କୁ ଏ ବିଷୟରେ ଟିକିଏ ଚେଷ୍ଟା କରିବାକୁ ଅନୁରୋଧ କଲେ, ନୀଳକଣ୍ଠ କହିଥିଲେ, "ହଇଓ, ଶଗଡ ବୋହୁଥିବା ବଳଦ ଯଦି ଶୋଇଲା, ତାକୁ ଶଗଡ଼ିଆ କେଞ୍ଚି କରି କେତେ ବାଟ ଆଉ ଟାଣିବ ? ନବ ତ ଶୋଉଛି, ଆମେ କ'ଣ କରିବା ? × × ତମେ ତେବେ ଗୋଟିଏ କାମ କର, ତାକୁ କହ, ସେ ଏବେ ଗୋଟାଏ Statement ଦେଇ କହୁ, 'ମୁଁ ଯେପରି କହିଥିଲି । ମାତ୍ର ଏବେ ସମସ୍ତ କଥା ବିଚାର କରି ଦେଖୁଛି, ରାଜ୍ୟର ହିତ ଦୃଷ୍ଟିରୁ ମୁଁ ଆଉ କେତେଦିନ ଏ ଦାୟିତ୍ୱ ତୁଲାଇ ଯିବା ଦରକାର ।' ମୁଁ ତାକୁ ଉଠେଇ ଦେବ ।"

Digitized by PPRACHIN, SOA

ନବବାବୁ ଏପରି Statement ଦେଲେ ନାହିଁ । ରାଜ୍ୟର ପରିସ୍ଥିତି ଅନୁଧ୍ୟାନ କରିବାକୁ ପଣ୍ଡିତ ନେହରୁ କଂଗ୍ରେସର ସାଧାରଣ ସମ୍ପାଦକ ମାଧବନ୍ ନାୟାରଙ୍କୁ ଭୁବନେଶ୍ୱର ପଠାଇଲେ—ଦୁଇଦିନ କାଳ ଅନୁଧ୍ୟାନ ଯଥାରୀତି ଚାଲିଲା । ଶେଷରେ ସେ ପଣ୍ଡିତ ନୀଳକଣ୍ଠଙ୍କୁ ଦେଖା କଲେ, କହିଲେ, "ପଣ୍ଡିତ ନେହରୁ ସବୁ ଶେଷରେ ଆପଣଙ୍କ ପରାମର୍ଶ ନେଇ ଯିବା ପାଇଁ କହିଛନ୍ତି ।" ପଣ୍ଡିତ ନୀଳକଣ୍ଠ କହିଲେ, "ବମ୍ବେରୁ ମହତାବଙ୍କୁ ଆଣନ୍ତୁ—ତାଙ୍କ ବ୍ୟତୀତ ବର୍ତ୍ତମାନ ଏ ରାଜ୍ୟ ଚଳାଇବାକୁ ଆଉ ଲୋକ ନାହାନ୍ତି ।" ତହିଁର ଅଳ୍ପ ଦିନ ପରେ ୧୯୫୬ ନଭେମ୍ବରରେ ଡ଼ଃ ମହତାବ ପୁଣି ଓଡ଼ିଶାର ମୁଖ୍ୟମନ୍ତ୍ରୀ ହେଲେ ।

**ବିଧାନ ସଭାର ବାଚସ୍ପତି ପଦ ମଣ୍ଡନ କରିବା ଓ ତାର ସ୍ୱାତନ୍ତ୍ର୍ୟ ଅଣାଇବା :**

ନୀଳକଣ୍ଠ ୧୯୫୭ ମସିହାରେ ରାଜ୍ୟ ବିଧାନ ସଭାକୁ କଂଗ୍ରେସ ସଭ୍ୟ ଭାବେ ନିର୍ବାଚନରେ ନିର୍ବାଚିତ ହେଲେ ଓ ତା ୨୭ । ୫ । ୫୭ ରୁ ବିଧାନ ସଭାର ବାଚସ୍ପତି ପଦ ମଣ୍ଡନ କଲେ । ସ୍ୱାଧୀନ ସଭ୍ୟ ଶ୍ରୀ ନିତ୍ୟାନନ୍ଦ ମହାପାତ୍ରଙ୍କୁ ବହୁ ଭୋଟରେ ପରାସ୍ତ କରି ବାଚସ୍ପତି ହେବା ପରେ ସେ ଅନୁଭବ କଲେ ଯେ ଏହାର ସ୍ୱାତନ୍ତ୍ର୍ୟ ନ ଥାଇ ସରକାରଙ୍କ ଅଧୀନରେ ରହିଥିବା ଯାଏ, ଯଥାର୍ଥରେ ବାଚସ୍ପତିର ଦାୟିତ୍ୱ ସୁଚାରୁ ଚାଳନା ସମ୍ଭବ ନୁହେଁ । ଏହାର ସାର୍ବଭୌମତ୍ୱ ଲୋଡ଼ା । କେଉଁ ସରକାର ବିଭାଗ ବା ନୀଳକଣ୍ଠଙ୍କୁ ଅଧୀନସ୍ଥ କରି ରଖି ପାରନ୍ତା ? ବିଧାନସଭା ସଦସ୍ୟ ଶ୍ରୀ ହରିହର ବାହିନୀପତିଙ୍କ ଏକ ମୂଳତତ୍ତ୍ୱ ପ୍ରସ୍ତାବ ଉପରେ ଏହାର ସ୍ଥିତି ନିରୂପଣ କରିବା ନିମନ୍ତେ ଗୋଟିଏ ସବ୍ କମିଟି ଗଠିତ ହେଲା । କମିଟି ବିଭିନ୍ନ ରାଜ୍ୟ ତଥା କେନ୍ଦ୍ରର ପ୍ରଚଳିତ ରୀତି ସମ୍ବନ୍ଧରେ ଅନୁଧ୍ୟାନ କଲେ । ବୁଝାଗଲା, କେବଳ କେନ୍ଦ୍ର ବ୍ୟବସ୍ଥା ସଭାର ଏହି ସ୍ୱାତନ୍ତ୍ର୍ୟ ଅଛି ଏବଂ ସମ୍ବିଧାନ ପ୍ରଣୟନ ସମୟରେ ରାଜ୍ୟର ବିଧାନ ସଭାମାନଙ୍କ ଏପରି ସ୍ୱାତନ୍ତ୍ର୍ୟ ଦେବାର ପରିକଳ୍ପନା ମାତ୍ର କରାଯାଇଥିଲା । ସବ୍ କମିଟିର ମିଟିଂ ଥରକୁ ଥର ବସି ସିଦ୍ଧାନ୍ତରେ ଉପନୀତ ହେବାରେ ବିଳମ୍ବ ହେବାର ଦେଖି ପଣ୍ଡିତ ନୀଳକଣ୍ଠ କହିଥିଲେ, "ମହତାବ, ତୁମେ ବୁଝିବା ଉଚିତ ଯେ ବିଧାନ ସଭାର ଗୃହ ମୋ ହାତରେ । ଏ ବିଷୟ ସିଦ୍ଧାନ୍ତ ନ ହେବା ଯାଏ, ତୁମେ ଆସେମ୍ବ୍ଲି ବୈଠକ ଡକାଇ ପାରିବ ନାହିଁ ।"

Digitized by PPRACHIN, SOA

ବସ୍ତୁତଃ ନୂତନ ବିଧାନସଭା ଭବନ ଉଦ୍‌ଘାଟନ ତା ୧୬ । ୨ । ୬୧ ବେଳକୁ ଏହାହିଁ ଥିଲା ପଣ୍ଡିତ ନୀଳକଣ୍ଠଙ୍କର ଏହି ପବିତ୍ର ଅନୁଷ୍ଠାନ ପ୍ରତି ମହାନ ଉପହାର ଏବଂ ଏ ଭବନ ଉଦ୍‌ଘାଟନ ଉତ୍ସବ ଉପଲକ୍ଷେ ପଣ୍ଡିତ ନୀଳକଣ୍ଠ କହିଥିଲେ, "ମତେ ଆମ ବିଧାନ ସଭାକୁ ଉପଯୁକ୍ତ ସ୍ଥାନ ଓ ମର୍ଯ୍ୟାଦା ଦେବା ନିମନ୍ତେ ପ୍ରାୟ ୨ବର୍ଷ ଉଦ୍ୟମ କରିବାକୁ ପଡ଼ିଥିଲା ।"

## ବାଚସ୍ପତିଙ୍କ କାର୍ଯ୍ୟକାଳର ନୂତନ ପରମ୍ପରା ସୃଷ୍ଟି :

ତା ୨୫ । ୬ । ୧୯୬୧ରେ ମହତାବ ମନ୍ତ୍ରୀମଣ୍ଡଳ ଭାଙ୍ଗିଗଲା । ରାଜ୍ୟ ମାନଙ୍କରେ ମନ୍ତ୍ରୀମଣ୍ଡଳ ଭାଙ୍ଗିଗଲେ ବାଚସ୍ପତି ଅନ୍ତର ହେବାର ପରମ୍ପରା ଥିଲା । ଏହା ବିରୁଦ୍ଧରେ ପଣ୍ଡିତ ନୀଳକଣ୍ଠ ଲଢ଼ିଲେ । କେନ୍ଦ୍ର ସରକାରଙ୍କୁ ସମ୍ବିଧାନର ୧୭୯ ଧାରା ନିୟମ ଦେଖାଇ ପ୍ରଚଳିତ ପରମ୍ପରା ଅସିଦ୍ଧ ବୋଲି ପ୍ରତିପାଦନ କରିବାର ଚେଷ୍ଟା କଲେ । ଏଠି ସ୍ମରଣୀୟ ଯେ ସେତେବେଳକୁ ତାଙ୍କୁ ଆସେମ୍ବ୍ଲି ସେକ୍ରେଟେରିଏଟ୍‌ର କୌଣସି ସାହାଯ୍ୟ ମିଳୁ ନ ଥିଲା । ରାଜଧାନୀର ସୁସଜ୍ଜିତ ଅଟ୍ଟାଳିକାରେ ଆସ୍ଥାସରେ ରହିବା ଅଭିଳାଷ ନେଇ ସେ ଏହି ଲଢ଼ାଇ କରୁଛନ୍ତି ବୋଲି କାଳେ ଲୋକେ ବିଗୁରିବେ, ଏଥି ପାଇଁ ସେତେବେଳର ରାଜ୍ୟପାଳ ଶ୍ରୀଯୁକ୍ତ ସୁଖ୍‌ଥଙ୍କର ଓ ମୁଖ୍ୟ ଶାସନ ସଚିବ ଶ୍ରୀଯୁକ୍ତ ରାମନାଥନ୍‌ଙ୍କର ବିନମ୍ର ଅନୁରୋଧ ଏଡ଼ି, ସେ ବାଚସ୍ପତି ବାସଭବନ ଛାଡ଼ି ଚାଲିଗଲେ । ମାତ୍ର ତାଙ୍କର ଉକ୍ତ ଲେଖା ଫଳରେ ନୂତନ ବିଧାନ ସଭା ଗଠିତ ହୋଇ ନୂଆ ବାଚସ୍ପତି ନିର୍ବାଚିତ ହେବା ପର୍ଯ୍ୟନ୍ତ ଅର୍ଥାତ୍ ତା ୧ । ୭ । ୬୧ ଯାଏ ନୀଳକଣ୍ଠ ବାଚସ୍ପତି ଭାବେ ରହିଥିବାର ଘୋଷିତ ହେଲା ଓ ସେବଠାରୁ ଏହା ସବୁ ରାଜ୍ୟପ୍ରତି ଲାଗୁହୋଇ ନୂତନ ପରମ୍ପରା ସୃଷ୍ଟି କଲା ।

—×—

Digitized by PPRACHIN, SOA

# ରାଜନୀତି ପରେ

## ସାହିତ୍ୟ ସାଧନା :

ପଣ୍ଡିତ ନୀଳକଣ୍ଠ ବାଚସ୍ପତି ପଦରୁ ୧୯୬୧ ମସିହାରେ ଅବ୍ୟାହତି ନେବାପରେ ବସ୍ତୁତଃ ରାଜନୀତିରୁ ସଂପୂର୍ଣ୍ଣ ଭାବରେ ବିଦାୟ ନେଇଥିଲେ । ମହତାବଙ୍କ ମନ୍ତ୍ରୀମଣ୍ଡଳ ଭାଙ୍ଗିଯିବା ପରେ ୧୯୬୧ରେ ଯେଉଁ ନିର୍ବାଚନ ହେଲା, ସେଥିପାଇଁ ସତ୍ୟବାଦୀ ମଣ୍ଡଳ କଂଗ୍ରେସ କମିଟି ପଣ୍ଡିତ ନୀଳକଣ୍ଠଙ୍କୁ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ତରଫରୁ ପ୍ରତିଦ୍ୱନ୍ଦ୍ୱିତା କରିବାପାଇଁ ସୁପାରିଶ କରିଥିଲେ, ମାତ୍ର ରାଜ୍ୟର ଯୁବ କଂଗ୍ରେସ ନେତା ଶ୍ରୀଯୁକ୍ତ ବିଜୁ ପଟ୍ଟନାୟକଙ୍କ ନେତୃତ୍ୱରେ ପ୍ରାଦେଶିକ ନିର୍ବାଚନ କମିଟି ପଣ୍ଡିତ ନୀଳକଣ୍ଠଙ୍କୁ କଂଗ୍ରେସ ପ୍ରାର୍ଥୀଭାବେ ମନୋନୀତ କଲେ ନାହିଁ । ବୃଦ୍ଧ ବୟସରେ ଏଥିପାଇଁ ନିଜର ଦାବି ସାବ୍ୟସ୍ତ କରିବାକୁ ମନ ନ ବଳାଇ ଅବସରରେ ନୀରବରେ ସ୍ୱଚ୍ଛ ଚୁପ୍ ରହିବା ସାର ହେଲା ବୋଲି ପଣ୍ଡିତଜୀ ନିଜ ଆତ୍ମଜୀବନୀରେ ଖେଦ ପ୍ରକାଶ କରି ଉଲ୍ଲେଖ କରିଛନ୍ତି । ରାଜନୀତି କରିବା ଲାଗି ଅର୍ଥବଳ ତାଙ୍କର ନ ଥିଲା । ସେ ସମୟରେ ପଣ୍ଡିତ ନୀଳକଣ୍ଠ ବରାବର କହୁଥିଲେ, "ରାଜନୀତିକୁ ଆଜି ଲୋକେ ପେଷା ରୂପେ ଗ୍ରହଣ କଲେଣି । ଏଥିରେ ସକ୍ରିୟ ଅଂଶ ଗ୍ରହଣ କରିବାକୁ ହେଲେ ରାଜଧାନୀରେ ନିଜର ଖଣ୍ଡିଏ ଘର ଦରକାର । ମଟର ଗାଡ଼ି, ଟେଲିଫୋନ୍ ସହ କର୍ମୀମାନଙ୍କ ଲାଗି ଖାଦ୍ୟ-ପେୟର ବ୍ୟବସ୍ଥା କରିବା ପାଇଁ ସଂବଳ ଆବଶ୍ୟକ । ଅନ୍ୟଥା ଦଳରେ ନେତୃତ୍ୱ ଦେବା ବଦଳରେ କେବଳ 'ବୁକ୍ ର ବୁହା' ରାଜନୀତି କରିବାକୁ ପଡ଼ିବ ।"

ପଣ୍ଡିତ ନୀଳକଣ୍ଠ ତ୍ୟାଗପୂତ ଜୀବନ ଯାପନ ଛଡ଼ା ଭୋଗ କଥା ଜାଣି ନ ଥିଲେ । ଅବିଶ୍ରାନ୍ତ ଭାବେ ପୁସ୍ତକ ପାଠ ସହିତ ପ୍ରଚୁର ମାଛ ଖାଇବା

Digitized by PPRACHIN, SOA

ପଣ୍ଡିତଙ୍କ ଜୀବନରେ ଦୁଇଟି ବଳାସ ଅଙ୍ଗାଙ୍ଗୀଭାବେ ଜଡ଼ିତ ବୋଲି କହିଲେ ଚଳେ । ପଣ୍ଡିତ ନୀଳକଣ୍ଠ ଥିଲେ କର୍ମବୀର—କର୍ମରେହିଁ ଲୋଡ଼ୁଥିଲେ ଜୀବନର ସାର୍ଥକତା । ତେଣୁ ୧୯୭୧ ନିର୍ବାଚନରେ ବିଧାନ ସଭାକୁ ପ୍ରାର୍ଥୀ ନ ହେବା ପରେ ଶେଷ ଜୀବନରେ ପୁଣି ସେ ସାହିତ୍ୟ ସାଧନାରେ ଲାଗିଲେ

## 'ଆତ୍ମଜୀବନୀ'— କେନ୍ଦ୍ର ସାହିତ୍ୟ ଏକାଡେ଼ମୀ ପୁରସ୍କାର :

ଏତେବେଳକୁ ତାଙ୍କ 'ଆତ୍ମଜୀବନୀ' କିଛି ଲେଖା ହୋଇଥାଏ— ବାସ୍ତବରେ ସେ ନିଜ ଆତ୍ମଜୀବନୀ ଲେଖି ନଥିଲେ—ତାଙ୍କର କର୍ମମୟ ଜୀବନ କାହାଣୀ ଲିପିବଦ୍ଧ କରି ଯିବାକୁ ଅଧ୍ୟାପକ ଡ଼ଃ କୁଞ୍ଜବିହାରୀ ଦାଶ ପ୍ରମୁଖ ବହୁ ଗୁଣମୁଗ୍ଧ ବ୍ୟକ୍ତି ତାଙ୍କୁ ଅନୁରୋଧ କରିବାରେ ସେ କହିଥିଲେ, "ଧାରାବାହିକ ଭାବେ ସେ କଥା କହି ପାରିବା ଭଳି ମୋ ପାଖେ ସାମଗ୍ରୀ ନାହିଁ—ଯେତିକି ମନେ ପଡ଼ିବ, ତା' ଭିତରୁ କିଛି କହିବି—ମାତ୍ର ଶୃଙ୍ଖଳିତ ଭାବେ କିଛି କହି ପାରିବି ନାହିଁ ।" ଏହା କହି ସେ ତାଙ୍କର ଜୀବନ ଗାଥା ଡ଼ାକି ଯାଇଥିଲେ ଓ ତାହା ପ୍ରକାଶ ପାଇଲା ୧୯୬୩ ମସିହାରେ । ଏହି ଆତ୍ମଜୀବନୀରେ ନୀଳକଣ୍ଠ ଊନବିଂଶ ଶତାବ୍ଦୀର ଶେଷ ଭାଗଠାରୁ ବିଂଶ ଶତାବ୍ଦୀର ଉତ୍ତରାର୍ଦ୍ଧ ପର୍ଯ୍ୟନ୍ତ କାଳର ଏକ ସାମାଜିକ, ଐତିହାସିକ ଓ ରାଜନୈତିକ ଚିତ୍ର ନିଖୁଣ ଭାବରେ ଦର୍ଶାଇଛନ୍ତି ଓ ଏହାକୁ ଏକ Century Book ବା ଶତକ-ଗ୍ରନ୍ଥ କୁହାଯାଇ ପାରେ" ବୋଲି ଅଧ୍ୟାପକ ଚିନ୍ତାମଣି ଦାଶ ମତ ଦେଇଛନ୍ତି ।

ଏହି "ଆତ୍ମଜୀବନୀ" ପାଇଁ ପଣ୍ଡିତ ନୀଳକଣ୍ଠ କେନ୍ଦ୍ର ସାହିତ୍ୟ ଏକାଡେ଼ମୀରୁ ପୁରସ୍କାର ପାଇଥିଲେ, ସେଇ ୧୯୬୩ ମସିହା ମାର୍ଚ୍ଚ ୧୪ ତାରିଖରେ ।

## ଗ୍ରନ୍ଥାବଳୀ ପ୍ରକାଶନ :

ତତ୍ପରେ ତାଙ୍କର ଗ୍ରନ୍ଥାବଳୀ ସଙ୍କଳନ ଆରମ୍ଭ ହେଲା । ୧୯୬୩ ମସିହାରେ ଗ୍ରନ୍ଥାବଳୀ ୧ମ ଖଣ୍ଡ ଓ ୧୯୬୫ ରେ ୨ୟ ଖଣ୍ଡ ପ୍ରକାଶ ପାଇଲା । ୩ୟ ଖଣ୍ଡର ବିଷୟ ବସ୍ତୁ ଯାହା ସେ ପ୍ରକାଶକଙ୍କୁ ଦେଇ ଯାଇଥିଲେ, ତାହା ପ୍ରକାଶ ପାଇଲା, ତାଙ୍କ ମୃତ୍ୟୁରେ ଠିକ୍ ପରେ ପରେ, ଦ୍ୱାଦଶାହ ଦିନ, ୧୯୬୭ ମସିହା, ରାସ ପୂର୍ଣ୍ଣିମୀରେ । ୪ର୍ଥ ଖଣ୍ଡର ପ୍ରକାଶନ ଏବେ ଯାଏ ସମ୍ଭବ ହୋଇ ନାହିଁ—ଲେଖା ସବୁ ରହି ଯାଇଛି, ଏବେ ମଧ୍ୟ ପ୍ରକାଶକଙ୍କ ନିକଟରେ । ତାହା ଅଚିରେ ପ୍ରକାଶ ପାଉ, ଏତିକି କାମନା ।

Digitized by PPRACHIN, SOA

## ସାହିତ୍ୟ ଏକାଡେ଼ମୀ ଓ ଅନ୍ୟାନ୍ୟ ଅନୁଷ୍ଠାନ ପକ୍ଷରୁ ସଂବର୍ଦ୍ଧନା :

ପଣ୍ଡିତ ନୀଳକଣ୍ଠ ଅନ୍ତିମ ଜୀବନରେ ଯେଉଁସବୁ ସମ୍ବର୍ଦ୍ଧନା ପାଇଲେ, ତା' ମଧ୍ୟରେ ଓଡ଼ିଶା ସାହିତ୍ୟ ଏକାଡେ଼ମୀ ପକ୍ଷରୁ ତାଙ୍କର ସାହିତ୍ୟ ସାଧନା ନିମନ୍ତେ ନିଖିଳ ଉତ୍କଳ ସାହିତ୍ୟ ସମ୍ମିଳନୀ ଉପଲକ୍ଷେ ତାଙ୍କ ସମ୍ବର୍ଦ୍ଧନା ଅନ୍ୟତମ । ସାହିତ୍ୟ ଏକାଡେମୀର ସଭାପତି ଡଃ ହରେକୃଷ୍ଣ ମହତାବ ପଣ୍ଡିତ ନୀଳକଣ୍ଠ ରାଜନୀତିରୁ ବିଦାୟ ନେବା ପରେ ପରେ ୧୯୬୧ ଡିସେମ୍ବର ୨୫ ତାରିଖ ଦିନ ତାଙ୍କୁ ଏକ ମାନପତ୍ର ପ୍ରଦାନ କରି କହିଥିଲେ, "ପାଣ୍ଡିତ୍ୟ ପୂର୍ଣ୍ଣ ଆଲୋଚନା ବଳରେ ବିଶ୍ୱ ସଭ୍ୟତା ସହିତ ଭାରତୀୟ ସଭ୍ୟତାର ଯୋଗ ସୂତ୍ର ସ୍ଥାପନ କରି ଓ ଭାରତୀୟ ସଭ୍ୟତାରେ ଉତ୍କଳୀୟ ସଭ୍ୟତାର ସାମିତ୍ୟ ଓ ସୌସାଦୃଶ୍ୟ ପ୍ରତିପାଦନ କରି, ଆପଣ ସାମୁହିକ ଭାବରେ ଉତ୍କଳର ତଥା ଭାରତର ଗୌରବ ପ୍ରତିପାଦନରେ ବିଶେଷ ଯତ୍ନଶୀଳ ହୋଇ ଅଛନ୍ତି ।" ଏହା ବ୍ୟତୀତ ତାଙ୍କ ଅଶୀତିତମ ଜନ୍ମ ଦିବସରେ ଅଧ୍ୟାପକ ବିପିନ ବିହାରୀ ରାୟ, ଆଚାର୍ଯ୍ୟ ହରିହର, ଡଃ ରାଧାନାଥ ରଥ ଓ ଅନ୍ୟ ମାନଙ୍କ ଗହଣରେ ତାଙ୍କର ନିରାମୟ, ଦୀର୍ଘ ଜୀବନ କାମନା ଓ ଉତ୍କଳ ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ଶ୍ରୀରାମଚନ୍ଦ୍ର ଭବନରେ ପଣ୍ଡିତ ନୀଳକଣ୍ଠଙ୍କର ତୈଳଚିତ୍ର ଉନ୍ମୋଚନ ପ୍ରଭୃତି ମଧ୍ୟ ତାଙ୍କ ଶେଷ ଜୀବନରେ ଅନୁଷ୍ଠିତ ହୋଇଥିଲା ।

ପଣ୍ଡିତ ନୀଳକଣ୍ଠ ମୃତ୍ୟୁର ଶେଷ କେତେ ବର୍ଷ ରୁଗ୍‌ଣ ହୋଇ ପଡ଼ିଥିଲେ । ଅବଶ୍ୟ ଆଗରୁ ତାଙ୍କୁ 'ବହୁମୂତ୍ର' ଆକ୍ରମଣ କରିଥିଲା ଓ ପରେ ସେ ପକ୍ଷାଘାତରେ ଆକ୍ରାନ୍ତ ହୋଇଥିଲେ । ମାତ୍ର ତାଙ୍କର ମନୋବଳ ଅତୁଟ ରହିଥିଲା । ଶେଷ ଜୀବନରେ ସେ ନିଜର ଜ୍ୟେଷ୍ଠ ଜାମାତା ତତ୍‌କାଳୀନ ଜଳସେଚନ ବିଭାଗ ସୁପରିଂଟେଣ୍ଡିଂଗ ଇଂଜିନିଅର ଶ୍ରୀ ଦଣ୍ଡପାଣି ରଥଙ୍କ କଟକସ୍ଥ ସରକାରୀ ବାସଭବନରେ ଅତିବାହିତ କଲେ ଏବଂ ପଣ୍ଡିତଜୀଙ୍କର ଅସୁବିଧା ନ ଘଟିବା ଲାଗି ବିଜୁ ବାବୁଙ୍କଠାରୁ ଆରମ୍ଭକରି ପ୍ରତି ସରକାର ତାଙ୍କ ଜାମାତାଙ୍କର କଟକ ଅବସ୍ଥାନ ପରିବର୍ତ୍ତନ ନ କରିବାର ଆଦେଶ ଦେଇଥିଲେ । ସେବେ ବୃଦ୍ଧ ବା ରୁଗ୍‌ଣ ଦେଶସେବୀଙ୍କର ଚିକିତ୍ସା ଭାର ସରକାର ଗ୍ରହଣ

Digitized by PPRACHIN, SOA

କରିବାର ପନ୍ଥା ଖୋଲି ନଥିଲା । ପଣ୍ଡିତଜୀଙ୍କ ନିଜ ଲିଖିତ ପୁସ୍ତକର Royalty ଆୟ ଥିଲା ଅତି ସାମାନ୍ୟ । ପାଠ୍ୟ ପୁସ୍ତକ ସରକାର ଜାତୀୟ କରଣ କଲେ । ଗ୍ରନ୍ଥାବଳୀ ଓ 'ଆତ୍ମଜୀବନୀ'ର ଲେଖକ ସତ୍ତ୍ୱ ( Royalty ) ପାଇବାର ଅବକାଶ ତାଙ୍କୁ ମିଳି ନ ଥିଲା । ତେଣୁ ଭୂସମ୍ପତ୍ତିର ଆୟରୁ ହିଁ ତାଙ୍କର ସହଧର୍ମିଣୀ ଚଳୁଥିଲା ଓ ଅନ୍ୟାନ୍ୟ ଖର୍ଚ୍ଚ ସମସ୍ତ ଚଳାଇ ଯାଉଥିଲେ । ଅବଶ୍ୟ ଆର୍ଥିକ ସ୍ୱଚ୍ଛଳତା ଅଭାବରୁ ତାଙ୍କୁ ଅନେକ କ୍ଷେତ୍ରରେ ବିଭିନ୍ନ ସଭା ସମିତିରେ ଯୋଗଦେବାରୁ ନିବୃତ୍ତ ରହିବାକୁ ପଡୁଥିଲା—କାରଣ, ପଣ୍ଡିତ ନୀଳକଣ୍ଠ ଅନ୍ୟର ଖର୍ଚ୍ଚରେ ସଭା ସମିତିରେ କେବେ ଯୋଗ ଦେଉ ନ ଥିଲେ । ଏଠି ପୁଣି ଉଲ୍ଲେଖ ଯୋଗ୍ୟ ଯେ ତାଙ୍କର ସେବା ଶୁଶ୍ରୂଷା ନିମନ୍ତେ ଗଣେଶ୍ୱର ମିଶ୍ର ନାମକ ଜଣେ ଅତନ୍ଦ୍ରିତ ସେବକ ପଣ୍ଡିତ ନୀଳକଣ୍ଠଙ୍କୁ ତାଙ୍କ ଅନ୍ତିମ ଜୀବନରେ ମିଳିଥିଲା ଯାହାଙ୍କୁ ସେ ଅତ୍ୟନ୍ତ ସୁଖ ପାଉଥିଲେ ।

## ସେବର ରାଜ୍ୟ ମୁଖ୍ୟମନ୍ତ୍ରୀମାନଙ୍କର ନୀଳକଣ୍ଠଙ୍କ ପ୍ରତି ଶ୍ରଦ୍ଧା ଓ ଭକ୍ତି :

୧୯୫୬ ମସିହା ଫେବୃୟାରୀ ୨୧ ତାରିଖରେ ଶ୍ରୀ ସଦାଶିବ ତ୍ରିପାଠୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କଲେ ଓ ତା' ପରେ ପରେ ପ୍ରଥମେ ପଣ୍ଡିତ ନୀଳକଣ୍ଠଙ୍କୁ ଟେଲିଫୋନରେ ବଧାଇ ଜଣାଇଲେ । ତତ୍ପରେ ସେ ଭୁବନେଶ୍ୱରରୁ କଟକ ଯାଇ ପଣ୍ଡିତଜୀଙ୍କ ଆଶୀର୍ବାଦ ଭିକ୍ଷା କରି କହିଲେ, "ଆପଣଙ୍କ ଯୋଗୁ ମୁଁ ଆଜି ମୁଖ୍ୟମନ୍ତ୍ରୀ ହେଲି । ଆପଣଙ୍କ ପନ୍ଥା ଅନୁସରଣରେ ମୁଁ ଯେପରି ଏକ ନିର୍ମଳ ଶାସନ ପ୍ରତିଷ୍ଠା କରି ଦେଶ କଲ୍ୟାଣରେ ଲାଗି ରହେ, ଏତିକି ଆଶୀର୍ବାଦ ଦିଅନ୍ତୁ ।" ଶ୍ରୀ ତ୍ରିପାଠୀଙ୍କର ପଣ୍ଡିତଜୀଙ୍କ ପ୍ରତି ଶ୍ରଦ୍ଧାନତ ହେବାର ଏକ ସୁଦୀର୍ଘ ଇତିହାସ ଥିଲା । ୧୯୩୭ରେ ଓଡ଼ିଶାର ପ୍ରଥମ ନିର୍ବାଚନ ପାଇଁ କଂଗ୍ରେସ ପ୍ରାର୍ଥୀ ହେବାକୁ କେହି ଉପଯୁକ୍ତ ବ୍ୟକ୍ତି ରାଜି ହେଉ ନ ଥାନ୍ତି । ସମସ୍ତଙ୍କର ଇଂରେଜ ସରକାରଙ୍କ ପ୍ରତି କୋଳୁଆ ଭୟ । ଶ୍ରୀ ତ୍ରିପାଠୀ ସେତେବେଳେ ଜଣେ ସାମାନ୍ୟ ଶିକ୍ଷକ ; ଚାକିରି ଛାଡ଼ି କଂଗ୍ରେସ ପ୍ରାର୍ଥୀ ହେବାକୁ ଅନିଚ୍ଛୁକ ହେଲେ । ମାତ୍ର ତାଙ୍କ ପିତା ଥିଲେ ନୀଳକଣ୍ଠଙ୍କର ଜଣେ ବର୍ଷୀୟାନ ଶୁଭେଚ୍ଛୁ ବନ୍ଧୁ । ନୀଳକଣ୍ଠଙ୍କ

Digitized by PPRACHIN, SOA

ପରବର୍ତ୍ତୀକାଳରେ ତାଙ୍କ ପିତା ସମ୍ମତ ହେଲେ । ପଣ୍ଡିତଜୀଙ୍କର ପ୍ରେରଣାରେ ଶ୍ରୀଯୁକ୍ତ ତ୍ରିପାଠୀ କଂଗ୍ରେସ ପ୍ରାର୍ଥୀ ହୋଇ ବିଧାନ ସଭାକୁ ନିର୍ବାଚିତ ହେଲେ । ସେହି ଦିନୁ ସେ କଂଗ୍ରେସ ଆନ୍ଦୋଳନରେ ଆତ୍ମୋତ୍ସର୍ଗ କରିବା ସଙ୍ଗେ ସଙ୍ଗେ ପଣ୍ଡିତ ନୀଳକଣ୍ଠଙ୍କୁ ତାଙ୍କର ରାଜନୈତିକ ଗୁରୁଭାବେ ଗ୍ରହଣ କରିଥିଲେ ଓ ମଧ୍ୟେ ମଧ୍ୟେ ତାଙ୍କର ପରାମର୍ଶ ନେଉଥିଲେ ।

ଏ ସମ୍ବନ୍ଧରେ ଏଠି ଗୋଟିଏ ବିଷୟ ଉଲ୍ଲେଖ ଯୋଗ୍ୟ । ୧୯୬୭ ମସିହାରେ ଓଡ଼ିଶାର ତତ୍କାଳୀନ ମୁଖ୍ୟ ମନ୍ତ୍ରୀମାନଙ୍କ ବିରୁଦ୍ଧରେ ଦୁର୍ନୀତିର ତଦନ୍ତ ପାଇଁ ଗଠିତ ଖାନ୍ନା କମିସନ ଅନ୍ୟମାନଙ୍କର ଅନେକ ଦୋଷ ଦୁର୍ବଳତା ଦର୍ଶାଇ ଥିଲେ ମଧ୍ୟ, ଶ୍ରୀଯୁକ୍ତ ତ୍ରିପାଠୀଙ୍କର ଶାସନର ନିର୍ମଳତାକୁ ବହୁ ଭାବରେ ପ୍ରଶଂସା କରିଥିଲେ ।

୧୯୬୭ ସାଧାରଣ ନିର୍ବାଚନରେ ସ୍ୱତନ୍ତ୍ର ଦଳର ଶ୍ରୀଯୁକ୍ତ ରାଜେନ୍ଦ୍ର ନାରାୟଣ ସିଂହ ଦେଓ ମୁଖ୍ୟମନ୍ତ୍ରୀ ହେଲେ । ସିଂହ ଦେଓଙ୍କ ପିତା ପଣ୍ଡିତ ନୀଳକଣ୍ଠଙ୍କର ପରମ ବନ୍ଧୁ ଥିଲେ ଓ ଓଡ଼ିଆ ଆନ୍ଦୋଳନରେ ବରାବର ସହଯୋଗ କରିଥିଲେ । ରାଜନୈତିକ ଜୀବନର ପ୍ରାରମ୍ଭରେ ବହୁ ସମୟରେ ଶ୍ରୀଯୁକ୍ତ ସିଂହ ଦେଓ ପଣ୍ଡିତ ନୀଳକଣ୍ଠ ଓ ତାଙ୍କ ସାଥୀ ପଣ୍ଡିତ ଗୋଦାବରୀଶଙ୍କର ପରାମର୍ଶ ନେଉଥିଲେ । ଶ୍ରୀଯୁକ୍ତ ସିଂହ ଦେଓ ହିଁ ଓଡ଼ିଶାରେ ନୀଳକଣ୍ଠଙ୍କ ଜୀବନର ଶେଷ ମୁଖ୍ୟମନ୍ତ୍ରୀ ।

Digitized by PPRACHIN, SOA

# ବଂଧୁ ପରିବାର

କୌଣସି ଏକ କାହାଣୀରେ ଜଣେ ନାୟକ ଓ ତାଙ୍କର କାର୍ଯ୍ୟର ଆନୁପୂର୍ବିକ ବର୍ଣ୍ଣନା ନ ହେଲେ ନହୁଏ । ନାୟକଙ୍କୁ ଏକୁଟିଆ ଗୋଟିଏ ନିରୋଳା ଜାଗାରେ ରଖିଦେଇ ତାଙ୍କୁ ଜାଣିବାର କୌଣସି ସୁଯୋଗ ହୁଏନା । ସବୁ କଥାର ନାୟକ ଭଳି ଜୀବନର ନାୟକ । ତାଙ୍କୁ ସମୟର କଷଟିରେ ପରଖିବାକୁ ହୁଏ । ତାଙ୍କ ଉପରେ କୌଣସି ଦୋଷ ବା ଗୁଣ ଖାଲିରେ ଆରୋପ କଲେ ଚଳେ ନାହିଁ । ଯେଉଁମାନେ ତାଙ୍କୁ ପାଖରୁ ଦେଖୁଛନ୍ତି ଓ ସିଏ ଯାହାଙ୍କୁ ଅତି ଆପଣାର ଭାବି ଖୋଲଖୋଲା ନିଜକୁ ପ୍ରକାଶ କରିଛନ୍ତି—ସେଇମାନଙ୍କୁ ହିଁ ନାୟକଙ୍କ ଆତ୍ମ-ବିକାଶର ଧାରା ଖୋଜିବାକୁ ପଡ଼େ ।

ଆମ ଆଖି ଆଗରେ ନୀଳକଣ୍ଠ ବ୍ୟକ୍ତିତ୍ୱ ଆର୍ଷ ମହିମାରେ ପ୍ରତିଷ୍ଠିତ ; ସତେ ଯେପରିକି ଏକ ତୁଙ୍ଗ ହିମାଳୟ । ଆବକ୍ଷ ବିସ୍ତୃତ ଧବଳ ଶ୍ମଶ୍ରୁ ପକ୍ୱକେଶ । ମଝିରେ ଏକ ଉନ୍ନତ ନାଶା । ଦୁଇଟି ଉଜ୍ଜ୍ୱଳ ଚକ୍ଷୁ ଶିଶୁପରି କୌତୁକ ପ୍ରିୟ । ଋଷିଭଳି ତେଜୋଦୀପ୍ତ । ନୀରବ ଭାବମଗ୍ନ ଏଇ ମୁଖମଣ୍ଡଳରୁ ବୈଠକୀ ଗଳାପରେ, ସଭାସମିତିରେ ଭାସି ଆସୁଥିଲା ଟାଣ ଟାଣ ଶାଣ-ଦିଆ କଥା । ସବୁଥିରେ ଏକ ଅନାସକ୍ତ ଗମ୍ଭୀର ସ୍ୱର; ପୁଣି ହାସ ପରିହାସ ପୂର୍ଣ୍ଣ ରସିକତା, ବଳିଷ୍ଠ ନିର୍ଭୀକ ଏକ ବ୍ୟକ୍ତିତ୍ୱ—ସମସ୍ତଙ୍କର ଶ୍ରଦ୍ଧା ଓ ସମ୍ମାନ ଯାହାଙ୍କଠାରେ ସ୍ୱତଃ ଅଜାଡ଼ି ହୋଇଯାଏ ; ମଣିଷ କିନ୍ତୁ ଦେବତା ନୁହେଁ, କି ସବୁ ମଣିଷ ଋଷି ନୁହନ୍ତି ! ରକ୍ତ ମାଂସ ଧାରୀ ମଣିଷକୁ ବୁଝିବାକୁ ହେଲେ ଆମକୁ ଦୃଷ୍ଟି ପକାଇବାକୁ ହୁଏ କାଳର ଉଜାଣି ସ୍ରୋତରେ, ଯେତେବେଳେକି ଆମ ନାୟକ ଥିଲେ ଅତି ସାଧାରଣଙ୍କ ଭିତରେ ଜଣେ । ଏଇ ପରିପ୍ରେକ୍ଷିରେ ନୀଳକଣ୍ଠଙ୍କର ସୁଦୀର୍ଘ କର୍ମମୟ ଜୀବନର ବିଭବ ଉପରେ ଆମକୁ ଏବେ ସାମାନ୍ୟ ଦୃଷ୍ଟି ନିକ୍ଷେପ କରିବାକୁ ହେବ ।

Digitized by PPRACHIN, SOA

## ପ୍ରଥମ ଜୀବନ :

ଶୈଶବରୁ ନୀଳକଣ୍ଠ ସେହି ସମାଜରେ ବଢ଼ିଥିଲେ, ଯେଉଁଠି ବ୍ୟକ୍ତିନୁହେଁ, ସମାଜହିଁ ନିଜସ୍ୱ ମହିମାରେ ପ୍ରତିଷ୍ଠିତ । ତିନି ଭଉଣୀରେ ଏକ ମାତ୍ର ପୁତ୍ର ସନ୍ତାନଥିଲେ ନୀଳକଣ୍ଠ । ବୁଢ଼ିମା' ଓ ପିତା ମାତାଙ୍କର ସ୍ନେହ-ସିକ୍ତଥିଲା ତାଙ୍କର ଶୈଶବ । ସେଇ ଗାଁରେ ସେ ବଡ଼ ହୋଇଥିଲେ, ସେଇଠି ତାଙ୍କର ବିଦ୍ୟାରମ୍ଭ, ସେଇଠି ତାଙ୍କର କର୍ମ ଜୀବନ ଆରମ୍ଭ । ସତେ ଯେପରିକି ଏକାନ୍ତ ପରିଚିତ, ଏକାନ୍ତ ପ୍ରିୟ ସଜୀବ ମାଟିର ସ୍ପର୍ଶ ତାଙ୍କ ଜୀବନକୁ ଓତଃପ୍ରୋତ ଭାବେ ଲାଗି ରହିଥିଲା । ପିତା ଆନନ୍ଦ ଦାସଙ୍କ ସ୍ନେହ-ଶୁଶ୍ରୂଷାରେ ନୀଳକଣ୍ଠଙ୍କ ଜୀବନର ଅଧେ ବଢ଼ିଥିଲା । ବାପାଙ୍କ ଅନୁରୋଧରେ ହିଁ ସେ ସଂସାର ଗଢ଼ିଥିଲେ ।

କ୍ରୀଡ଼ାଚପଳ ନୀଳକଣ୍ଠଙ୍କର ଶୈଶବର ବନ୍ଧୁ କେଉଁମାନେ ଥିଲେ ଓ ସେମାନଙ୍କ ଭିତରେ ନୀଳକଣ୍ଠଙ୍କର କି ସ୍ଥାନ ଥିଲା, ତାହା ଏକ ଗବେଷଣାର ବିଷୟ । ତୁଳସୀ ଦୁଇପତ୍ରକୁ ବାସିଲା ଭଳି ନୀଳକଣ୍ଠଙ୍କର ଶିଶୁ ମନ ମଧ୍ୟ ସହଜ ବିଶ୍ୱାସରେ ଭଳି ଯାଉ ନ ଥିଲା । ତାଙ୍କର ସ୍କୁଲ ସହପାଠୀ ବନ୍ଧୁମାନେ ବିଶ୍ୱାସ କରୁଥିଲେ, ଶୂନ୍ୟ ତାଳପତ୍ରରେ ଥରେ ଲେଖନୀ ଲାଗିଲେ ସେଥିରେ ସରସ୍ୱତୀ ବସିଯାଆନ୍ତି । ତେଣୁ ତାର ଓଜନ ବଢ଼ିଯାଏ । ଲୋକଙ୍କର ବିଶ୍ୱାସ ଥିଲା ଯେଉଁଥିରେ ସରସ୍ୱତୀ ରହନ୍ତି ସେ ସହଜରେ ନଷ୍ଟ ହୁଏ ନାହିଁ । କାଗଜରେ ଯେତେ ଲେଖା ଟାଣି ଲାଗିଲେ ସେ ନଷ୍ଟ ହୋଇ ଯାଏ । କିନ୍ତୁ ତାଳପତ୍ର ନଷ୍ଟ ହୁଏ ନାହିଁ । ତେଣୁ ବିଶ୍ୱାସ-ସର୍ବସ୍ୱ ବନ୍ଧୁଙ୍କ ଗହଣରେ ସେ ଏକୁଟିଆ ପଡ଼ିଯାଉଥିଲେ । ନୀଳକଣ୍ଠ ପିଲାଦିନରୁ ଗାଁ ଛାଡ଼ିଥିଲେ । ତେବେ ଗାଁର ଖୋଲା ଜୀବନ ପ୍ରତି ତାଙ୍କର ଆକର୍ଷଣ ଥିଲା ଅନେକ ବେଶୀ । ପିଲାଦିନୁ ପିତାଙ୍କର ଅତ୍ୟଧିକ ସ୍ନେହ ସେ ଭୋଗ କରିଥିଲେ । ମାତ୍ର ତାଙ୍କୁ ମନେ ପକାଇ ଗାଁକୁ ପାଠ ପଢ଼ା କର୍ମସ୍ଥଳୀରୁ ପଳାଇ ଆସିବାର ଚିନ୍ତା ସେ କେବେ କରିନାହାନ୍ତି । ନୀଳକଣ୍ଠଙ୍କ ଉପରେ ତାଙ୍କ ଭଉଣୀ, ମା ଆଦିଙ୍କର କି ପ୍ରଭାବ ପଡ଼ିଥିଲା ତାହା ଜାଣିବାର ଉପାୟ ନାହିଁ । କିନ୍ତୁ ତାଙ୍କ ବୁଢ଼ିମା'ଙ୍କ ସ୍ମୃତି, ପିତାଙ୍କ ଦୃଢ଼ ମନୋବଳ ସବୁକିଛି ତାଙ୍କୁ ପ୍ରଭାବିତ କରିଥିଲା ।

Digitized by PPRACHIN, SOA

## ସତ୍ୟବାଦୀର ପଞ୍ଚସଖା :

ନୀଳକଣ୍ଠ ଗାଁର ଆଉ ଯେ ଜଣେ ଦୁ ଜଣ ତାଙ୍କ ସଙ୍ଗେ ସଙ୍ଗେ ରହି ତାଙ୍କୁ ଭିନ୍ନ ପଥରେ ନେଇଯାଇଥିଲେ ସେ ହେଉଛନ୍ତି ତାଙ୍କର ଜ୍ଞାତି ବଡ଼ ଭାଇ ହରିହର । ହରିହର ତାଙ୍କଠାରୁ ବୟସରେ କିଛି ବଡ଼ ଥିଲେ । ନୀଳକଣ୍ଠ ତାଙ୍କୁ ହରିଭାଇନା ବୋଲି ଡାକୁଥିଲେ । ଏଇ ହରି ଭାଇନା ତାଙ୍କୁ ପ୍ରଥମେ କର୍ମ ଜୀବନର ଦୀକ୍ଷାଗୁରୁ ଗୋପବନ୍ଧୁଙ୍କ ନିକଟକୁ ନେଇ ଯାଇଥିଲେ । ଗୋପବନ୍ଧୁ, ହରିହର, ନୀଳକଣ୍ଠ ଓ ପରେ ଗୋଦାବରୀଶ ଆଜୀବନ ଏକ ସୂତ୍ରରେ ନିଜକୁ ବାନ୍ଧି ରଖିଥିଲେ । ମାତ୍ର ସୌଖ୍ୟ ସମ୍ଭ୍ରମ ଓ ଅନ୍ତରଙ୍ଗ ପରିବେଶ ଭିତରେ ବି ଏମାନେ ବେଳେ ବେଳେ ପରସ୍ପରକୁ ଭୁଲ ବୁଝୁଥିଲେ । ହରିହର ଥିଲେ ଅଜାତଶତ୍ରୁ । କୌଣସି ଆକାଂକ୍ଷାର ତାଡ଼ନାରେ ସେ ନିଜକୁ କାହାଠାରୁ କେବେ ଧନ୍ତି ବୋଲି ଭାବୁ ନ ଥିଲେ । ନୀଳକଣ୍ଠ ଥିଲେ ତାଙ୍କର ସ୍ନେହାଧୀନ । ଆହାର ବିହାରରେ, ରୁଚିରେ ତାଙ୍କର କିଛି ସୌକୁମାର୍ଯ୍ୟ ଥିଲା । ସତ୍ୟ-ବାଦୀର କୃଚ୍ଛ୍ର ସାଧନାକାଳରେ ଏହି ହରିହରହିଁ ଗୋଟିଏ ଭଙ୍ଗା ସାଇକେଲରେ ଦୂରବଜାରକୁ ଯାଇ ନୀଳକଣ୍ଠଙ୍କ ପାଇଁ ମାଛ କିଣି ଆଣୁଥିଲେ । ନିଜ ବଡ଼ ମଶାରିଟିରେ ନୀଳକଣ୍ଠ, ଗୋଦାବରୀଶ ଆଦି ସମସ୍ତଙ୍କୁ ନେଇ ଶୋଉଥିଲେ । ସତରେ ସିଏ ଯେପରିକି ଥିଲେ ଆଶ୍ରମର ଅନ୍ତରଙ୍ଗ ସ୍ନେହ ଜନକ । ଆଉ ଥିଲେ କୃପାସିନ୍ଧୁ । ୧୯୨୧ରେ ସତ୍ୟବାଦୀ ବିହାର ଅର୍ଥାତ୍ ଜାତୀୟ କଲେଜ ଯେତେବେଳେ ପ୍ରତିଷ୍ଠା ହେଲା, ସେ ହୋଇଥିଲେ ସତ୍ୟବାଦୀ ବିହାରର ପ୍ରଧାନ । ସେ ଥିଲେ ପ୍ରଥମରୁ ନୀଳକଣ୍ଠଙ୍କ ପ୍ରିୟ ଓ ପରିଚିତ । ତାଙ୍କର ନିଜ ଗ୍ରାମ ବୀରପ୍ରତାପ ପୁର ସତ୍ୟବାଦୀର ଅଦୂରରେ । ନୀଳକଣ୍ଠଙ୍କ ଗାଁ ଶ୍ରୀରାମ-ଚନ୍ଦ୍ରପୁର ଓ ବୀରପ୍ରତାପପୁର ମଧ୍ୟରେ କେବଳ ଗୋଟିଏ ଖୋଲା ପଦାରର ୨।୩ କୋଶର ବ୍ୟବଧାନ । ଏହି କୃପାସିନ୍ଧୁ ଥିଲେ ନୀଳକଣ୍ଠଙ୍କର ପ୍ରତିବେଶୀ ଦଦେଇପୁଅ ଭାଇର ଭଣଜା । କୃପାସିନ୍ଧୁ ମାମୁଁଘରେ ବୀରପ୍ରତାପ ପୁରରେ ରହି ମଣିଷ ହୋଇଥିଲେ । ବୟସରେ ସେ ନୀଳକଣ୍ଠଙ୍କଠାରୁ ମାତ୍ର ଦୁଇବର୍ଷ ସାନ ଓ ପାଠପଢ଼ାରେ ତିନିବର୍ଷ ସାନ ଥିଲେ । ପୁରୀଜିଲ୍ଲା ସ୍କୁଲରେ ଥିଲେ ତାଙ୍କର ତଳଶ୍ରେଣୀର ଛାତ୍ର । କୃପାସିନ୍ଧୁ ଥିଲେ ବୋଧହୁଏ ଇତିହାସରେ ଏମ୍.ଏ. ଯଦିଓ ନୀଳକଣ୍ଠ ତାଙ୍କୁ ଦର୍ଶନରେ ଏମ୍.ଏ. ବୋଲି ଲେଖିଯାଇଛନ୍ତି । ନିରଳସ ଅଧ୍ୟୟନ ଓ ଗବେଷଣାରେ ସେ

Digitized by PPRACHIN, SOA

ଥିଲେ ଅନନ୍ୟ ସାଧାରଣ । ସ୍ୱଳ୍ପ ଶିକ୍ଷିତା ତାଙ୍କର ଧର୍ମପତ୍ନୀ ସାବିତ୍ରୀ ଦେବୀଙ୍କୁ ସେ ନିଜେ ପଢ଼ାଇ ନିଜର ଉପଯୁକ୍ତ ସହଧର୍ମିଣୀ କରିପାରିଥିଲେ । ୧୯୧୧ରେ ସେ ଆସି ସତ୍ୟବାଦୀ ସ୍କୁଲରେ ଯୋଗ ଦେଇଥିଲେ । ସତ୍ୟବାଦୀ ସ୍କୁଲର ଅସ୍ତକାଳରେ ସେ ଧଳଭୂମର ବାହାଡ଼ାଗୋଡ଼ାରେ ଓଡ଼ିଆ ସ୍କୁଲ୍ ସ୍ଥାପନ କରି ଥିଲେ । ପୁଣି ସତ୍ୟବାଦୀକୁ ୧୯୨୧ରେ ଫେରିଆସିଥିଲେ । ଓଡ଼ିଶାର ଇତିହାସ ଚର୍ଚ୍ଚାରେ ସେ ମନପ୍ରାଣ ଢାଳିଦେଇଥିଲେ । ପଞ୍ଚସଖାଙ୍କ ମଧ୍ୟରେ କୃପାସିନ୍ଧୁହିଁ ପ୍ରଥମେ ସ୍ୱର୍ଗଗାମୀ ହୋଇଥିଲେ । ତାଙ୍କର ଅପୂର୍ଣ୍ଣ "ଓଡ଼ିଶା ଇତିହାସ"ର ଶେଷ ପରିଚ୍ଛେଦ ଗୋପବନ୍ଧୁ ନିଜେ ଲେଖିଥିଲେ । କୃପାସିନ୍ଧୁଙ୍କର ନୀଳକଣ୍ଠ, ଗୋଦାବରୀଶ ଅଥବା ହରିହରଙ୍କ ବିଷୟରେ କି ଧାରଣା ଥିଲା, ତାହା ପ୍ରକାଶିତ ଗ୍ରନ୍ଥରେ କେଉଁଠି ଦେଖିବାକୁ ମିଳେ ନାହିଁ । କୃପାସିନ୍ଧୁଙ୍କର ନିରପେକ୍ଷ ଐତିହାସିକ ଦୃଷ୍ଟି ଯଦି କେବେ କୌଣସି ଦିନଲିପି ଅଥବା ବ୍ୟକ୍ତିଗତ ପତ୍ରାଳାପ ଆଦିରୁ ସନ୍ଧାନ କରିବା ସମ୍ଭବ ହୁଏ, ତେବେ ସତ୍ୟର ବହୁ ଯଥାର୍ଥ ରୂପ ପ୍ରକାଶ ପାଇବ ।

ଆଚାର୍ଯ୍ୟ ହରିହର ନୀରବକର୍ମୀ । ସେ କେଉଁଠି ତାଙ୍କର ଅନ୍ତରଙ୍ଗ ବନ୍ଧୁମାନଙ୍କ ବିଷୟରେ କିଛି ପ୍ରକାଶ କରି ନାହାନ୍ତି । ଆଚାର୍ଯ୍ୟ ହରିହର ଥିଲେ ଶୁଦ୍ଧ ମହତ୍ ପଣିଆର ଅବତାର । ତେଣୁ ତାଙ୍କ ଆଖିରେ ସମସ୍ତଙ୍କର ଭଲଦିଗ ଛଡ଼ା ଆଉ କିଛି ହୁଏତ ଦିଶିନାହିଁ ।

ସତ୍ୟବାଦୀର ବିରାଟ କର୍ମଯଜ୍ଞର ମୂଳରେ ଥିଲେ ମହାମନା ଗୋପବନ୍ଧୁ । ନୀଳକଣ୍ଠ, ହରିହର, କୃପାସିନ୍ଧୁ, ଅନନ୍ତମିଶ୍ର ଆଦି ସ୍ଥାନୀୟ ଯୁବକମାନଙ୍କ ସାଙ୍ଗରେ ଗୋଦାବରୀଶ, ନନ୍ଦକିଶୋର ଦାସ ଆଦି ଦୂରରୁ କେତେ ଶିକ୍ଷିତ ଯୁବକଙ୍କୁ ସେ ଏହି କର୍ମପୀଠକୁ ଟାଣି ଆଣିଥିଲେ । ମାତ୍ର ଯେପରି ମନେହୁଏ ସେ ଶେଷପର୍ଯ୍ୟନ୍ତ ତାଙ୍କର ନିଜ ବାଟରେ ସମସ୍ତଙ୍କୁ ଚଳାଇ ପାରି ନଥିଲେ । ସେ ଏକାକୀ ଯେତେବେଳେ ୧୯୨୭ରେ ଓଡ଼ିଶା କଂଗ୍ରେସର ନେତୃତ୍ୱ, 'ସମାଜ' ସମ୍ବାଦପତ୍ର ଓ କଟକର ଆକର୍ଷଣ ଛାଡ଼ି ସତ୍ୟବାଦୀକୁ ନିଜର କର୍ମପୀଠ କରିବା ପାଇଁ ଆସିଲେ, ସେତେବେଳେ ତାଙ୍କ ପୂର୍ବତନ କର୍ମୀମାନେ କେହି ତାଙ୍କ ସଙ୍ଗରେ ନଥିଲେ । ଜାତୀୟକର୍ମୀମାନଙ୍କର ସାଧନା, ଦୁଃଖ, କଷ୍ଟ, ନିର୍ଯ୍ୟାତନାହିଁ ଜାତୀୟ ଉନ୍ନତିର ମୂଳଭିତ୍ତି । ଏହା ଗୋପବନ୍ଧୁ ବୁଝିଥିଲେ । ସତ୍ୟବାଦୀ ସ୍କୁଲରେ ସାଧାରଣ ଶିକ୍ଷା,

Digitized by PPRACHIN, SOA

ବ୍ରହ୍ମବୋଧ ଶିକ୍ଷା ଓ ଲୌକିକ ଶିକ୍ଷା ପ୍ରବର୍ତ୍ତନ କରି ସମଗ୍ର ଓଡ଼ିଶା ପାଇଁ ଦଳେ ବୈପ୍ଳବିକ କର୍ମୀ ଗଢ଼ିବାର ଆଶା ପୋଷଣ କରିଥିଲେ । ସତ୍ୟବାଦୀର ପ୍ରାଥମିକ ବିପର୍ଯ୍ୟୟ ମୂଳରେ ସେ ତାଙ୍କର ସହକର୍ମୀ ମାନଙ୍କର ତଥା ନିଜର ବ୍ୟର୍ଥତା ଦେଖିପାରି ଥିଲେ । ଜୀବନର ଶେଷବର୍ଷ 'ସତ୍ୟବାଦୀ ବିଦ୍ୟାଳୟ ଓ ଗ୍ରାମ ସଂଗଠନ' ବିଷୟକ ଲେଖାରେ ସତ୍ୟବାଦୀ ବିଦ୍ୟାଳୟର ବିଫଳତା କଥା ସେ ସ୍ୱୀକାର କରିଛନ୍ତି । "ସହରଆଡ଼ୁ ମଫସଲକୁ ସମାଜର ଦୃଷ୍ଟି ଫେରାଇବା ଥିଲା ସତ୍ୟବାଦୀ ସ୍କୁଲର ମୂଳଲକ୍ଷ୍ୟ । ତେଣୁ ଏହାର ପ୍ରତିଷ୍ଠାନ ପଲ୍ଲୀରେ କରା ହୋଇଥିଲା । ପ୍ରଥମରୁ କେତେବର୍ଷ ଗ୍ରାମସଂଗଠନ ଉଦ୍ଦେଶ୍ୟରେ କାର୍ଯ୍ୟ ମଧ୍ୟ କରା ହୋଇଥିଲା ।" ଗୋପବନ୍ଧୁ ସ୍ୱୀକାର କରିଛନ୍ତି—"ଦୁଃଖର କଥା, ଦୃଢ଼ତା ଓ ନିଷ୍ଠାର ସହିତ ଏ କାର୍ଯ୍ୟମାନ ଅଧିକ ଦିନ ଚାଲି ପାରିଲା ନାହିଁ । ଛାତ୍ରମାନଙ୍କୁ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିମନ୍ତେ ପଠାଇବା ଚିନ୍ତା ଯହୁଁ ଯହୁଁ ପ୍ରବଳ ହେଲା, ଏସବୁ ଦିଗରୁ କ୍ରମେ କ୍ରମେ ଆସ୍ଥା ଉଦ୍ୟମ ତୁଟିଲା । × × × ଅଲକ୍ଷିତ ଭାବରେ ଆମ୍ଭେମାନେ ପଲ୍ଲୀରୁ ସହର ଆଡ଼କୁ ଯାଉଛୁ । ଦେଶର ବଡ଼ ବଡ଼ କଥାରେ ଯୋଗ ଦେବାକୁ ଆକୃଷ୍ଟ ହେଉଛୁ । ସାମାନ୍ୟ ଅକିଞ୍ଚନ ପଲ୍ଲୀ ସେବକରୁ ଉଚ୍ଚ ଉନ୍ନତ ଦେଶ ସେବକ ବନିଲୁ । ଇଂରେଜୀରେ କହିଲେ Patriot ଓ politi ହେଲୁ ଏବଂ ସାଧାରଣ Patriot ଓ politicianର ନୈସର୍ଗିକ ଦୁର୍ବଳତା ଓ ଅଭିମାନ କ୍ରମେ ଆସି ଗ୍ରାସିଲା । ନୈଶ ବିଦ୍ୟାଳୟ, ପାବନ ବିଦ୍ୟାଳୟ, ପୁରାଣ ମଣ୍ଡପରୁ ମନଗୁଡ଼ି କଲେଜ ଆଡ଼କୁ ଅଇଲା । କେଜାଣି କାହିଁକି ଭିତରେ ବେଳେ ବେଳେ ଆଶଙ୍କା ଜନ୍ମୁ ଥାଏ, "ଅତ୍ୟୁଚ୍ଚେ ପତନାୟ" (୧) ଫଳରେ ଏଭଳି ଆକାଂକ୍ଷା ପୂରିଲା ନାହିଁ, କି ମୌଳିକ ଉଦ୍ଦେଶ୍ୟ ସିଦ୍ଧି ହେଲାନାହିଁ । ସତ୍ୟବାଦୀରେ ରହି ଲୋକ ସେବାପାଇଁ ଜାତୀୟ କର୍ମୀ ପ୍ରସ୍ତୁତ ଲାଗି ଗୋପବଂଧୁଙ୍କ ସାଥିରେ ତାଙ୍କ ପୂର୍ବତନ ବଂଧୁ କେହି ଆଗେଇ ଆସି ନଥିଲେ । ଗୋଦାବରୀଶ ଓ ନୀଳକଣ୍ଠ ଉଭୟେ ସେତେବେଳକୁ କାଏ ପ୍ରାଦେଶିକ ବିଧାନ ସଭାରେ ଅଥବା କେନ୍ଦ୍ର ଆସେମ୍ବ୍ଲିରେ ସଭ୍ୟ । ନୀଳକଣ୍ଠ ପୁଣି

---

(୧) ଗୋପବନ୍ଧୁ ରଚନାବଳୀ (୧ ମ) ପୃ. ୨୦୯

Digitized by PPRACHIN, SOA

ଗୋପବନ୍ଧୁଙ୍କ ଦେହାନ୍ତ ପରେ 'ଗୋପବନ୍ଧୁ ସେବା ପ୍ରତିଷ୍ଠାନ' ଗଢ଼ି ନିଜ ଗୁରୁଙ୍କର ଅପୂର୍ଣ୍ଣ ଅଭିଳାଷକୁ ପୂର୍ଣ୍ଣରୂପ ଦେବାପାଇଁ କ୍ଷୀଣପ୍ରୟାସ କରିଥିଲେ । କିନ୍ତୁ ତାହାବି ସମ୍ଭବ ହୋଇନଥିଲା । ୧୯୦୨ରେ ଭାର୍ଗବୀ ନଦୀ କୂଳରେ ଯେଉଁ ଗୁରୁଙ୍କ ଦ୍ୱାରା ନୀଳକଣ୍ଠ ଦୀକ୍ଷିତ ହୋଇଥିଲେ ତାଙ୍କର ସେହି ଉପାସ୍ୟଗୁରୁ ଦୀର୍ଘଦିନର କର୍ମର ସାଥୀ ଗୋପବନ୍ଧୁ କେବଳ ଜୀବନର ପରପାରରେହିଁ ତାଙ୍କର ପରିପୂର୍ଣ୍ଣ ଶ୍ରଦ୍ଧାଲାଭ କରିଥିଲେ । ଗୋପବନ୍ଧୁଙ୍କର ସବୁକାର୍ଯ୍ୟ ନୀଳକଣ୍ଠଙ୍କର ସମର୍ଥନ ପାଇ ନ ଥିଲା । ସତ୍ୟବାଦୀର ରାଜନୀତିରେ ବିଶେଷକୁ ଗୋଦାବରୀଶ କୃପାସିନ୍ଧୁ ଓ ନୀଳକଣ୍ଠଙ୍କର ଯେଉଁ ଭୂମିକା ଗୋପବନ୍ଧୁ ସ୍ଥିର କରିଦେଇଥିଲେ, ସେଥିରେ ନୀଳକଣ୍ଠ ସନ୍ତୁଷ୍ଟ ହୋଇ ନଥିଲେ । ୧୯୧୮ରେ ଗୋପବନ୍ଧୁ ନୀଳକଣ୍ଠଙ୍କୁ ବୋର୍ଡିଂରେ ରହିବାକୁ ମନାକରି ଗ୍ରାମରେ ରହିବାକୁ ପଠାଇ ଦେଇଥିଲେ ! 'ଆମ ରାଜନୀତି'—ଆତ୍ମଜୀବନୀର ଏହି ପର୍ଯ୍ୟାୟରେ ନୀଳକଣ୍ଠ ଏହାର ସୂଚନା ଦେଇଛନ୍ତି । ଗୋଦାବରୀଶଙ୍କ ସ୍ମୃତିକଥାରୁ ଜଣାଯାଏ ଏହାକୁ ଗୋପବନ୍ଧୁଙ୍କର ବିଚାର ଭ୍ରାନ୍ତି ମନେକରି ନୀଳକଣ୍ଠ ଖୋଲାଖୋଲି କହୁଥିଲେ— "ହରିଭାଇନା ଗୋଟିଏ ଗୋରୁ ଓ ଗୋପବନ୍ଧୁବାବୁ ଜଣେ ଅନ୍ଧ" । ଗୋପବନ୍ଧୁଙ୍କଠାରୁ ନୀଳକଣ୍ଠଙ୍କ ବିଚାର ଥିଲା ଏକାନ୍ତ ସ୍ୱତନ୍ତ୍ର । ନୀଳକଣ୍ଠଙ୍କ ଭାଷାରେ ଗୋପବନ୍ଧୁ ଥିଲେ ଅତ୍ୟନ୍ତ କୃଷ୍ଣଭକ୍ତ । ସେ କୃଷ୍ଣଙ୍କର କାଳ୍ପନିକ ଭକ୍ତିକ ମିଥ୍ୟାପୂର୍ଣ୍ଣ ପ୍ରବନ୍ଧ 'ସାକ୍ଷୀଗୋପାଳ' ନାମରେ ସତ୍ୟବାଦୀ ପତ୍ରିକାରେ ଧାରାବାହିକ ଭାବରେ ଲେଖୁଥିଲେ । ଗୋପବନ୍ଧୁଙ୍କ 'ଧର୍ମପଦ' ଓ 'ଗୋ ମାହାତ୍ମ୍ୟ'ର ଉପାଦେୟତା ବିଷୟରେ ଖୋଲାଖୋଲି ନୀଳକଣ୍ଠ ନିଜର ମତାମତ ପ୍ରକାଶ କରିଥିଲେ । "ଗୋପ ଦାସ କୃତ ଗୋ-ମାହାତ୍ମ୍ୟ ପଢ଼ି ଲୋକେ ଘୃଣାକରିବେ ।" କିନ୍ତୁ ଗୋପବନ୍ଧୁ ନୀଳକଣ୍ଠଙ୍କୁ କହୁଥିଲେ— "ଏପରି ଭାବିବ ନାହିଁ, ଏଥିରେ ପାପ ହେବ ।" ଭକ୍ତିକ ମିଥ୍ୟା ଓ ଦାର୍ଶନିକ ମୈତ୍ରୀ ଧର୍ମ ଯେନ ଯେ କେବଳ ବିଚାରଗତ ପାର୍ଥକ୍ୟ ଏ ଉଭୟ ମନୀଷୀଙ୍କ ମଧ୍ୟରେ ଥିଲା ତାହାନୁହେଁ, କର୍ମରେ ଓ ବ୍ୟବହାରରେ ମଧ୍ୟ ଗୋପବନ୍ଧୁଙ୍କଠାରୁ ସେ ଥିଲେ ସ୍ୱତନ୍ତ୍ର ।

**ସତ୍ୟବାଦୀ ପ୍ରେସ :**

ଗ୍ରାଜୁଏଟ୍ ଶିକ୍ଷକ ମାନଙ୍କର ସରକାରୀ ନୀତି ଅନୁସାରେ ସତ୍ୟବାଦୀ ସ୍କୁଲ୍ ସରକାରୀ ସ୍ୱୀକୃତି ପାଇବା ପରେ ସମାନ ଦରମା (ଟ.୧୨୦ ୦୦)

Digitized by PPRACHIN, SOA

ନେବାର ମତ ସ୍ଥିରହେଲା । କିନ୍ତୁ ହରିହର, ନୀଳକଣ୍ଠ ଓ କୃପାସିନ୍ଧୁ ନିଜଙ୍କ ପୂର୍ବ ଦରମା ଅର୍ଥାତ ହରିହର ଓ ନୀଳକଣ୍ଠ ଟ. ୪୦ ଓ କୃପାସିନ୍ଧୁ ଟ. ୫୦ କରି ନେଉଥିଲେ । ଅବଶିଷ୍ଟ ଟଙ୍କା ସ୍କୁଲ ପାଣ୍ଠିରେ ଜମା ଦେଉଥିଲେ । ସେହି ଟଙ୍କାରେ ହୋଇଥିଲା ସତ୍ୟବାଦୀ ପ୍ରେସ ଗୋପବନ୍ଧୁଙ୍କ ପରାମର୍ଶକ୍ରମେ ସ୍କୁଲରୁ ଅଲଗାକରି ପ୍ରେସ୍‌କୁ ଗୋପବନ୍ଧୁଙ୍କ ନାମରେ ରଖାଯାଇଥିଲା । ଏହି ପ୍ରେସ ପାଇଁ ସତ୍ୟବାଦୀରେ ନୀଳକଣ୍ଠ ଗୋଟିଏ ଘର ମଧ୍ୟ କିଣିଥିଲେ । କିନ୍ତୁ ତାଙ୍କୁ କିଛି ନ ଜଣାଇ ଏଇ ଘର ଗୋପବନ୍ଧୁ ଏମାର ମଠ ମହନ୍ତଙ୍କୁ ବିକି ଦେଇଥିଲେ ଓ ସତ୍ୟବାଦୀ ପ୍ରେସକୁ ସହରକୁ ନେଇ ଯାଇଥିଲେ । ଏହି ପ୍ରସଙ୍ଗରେ Servants of the people Society ବା 'ଲୋକ ସେବକ ସମାଜ' ସହିତ ସମ୍ପର୍କ ନେଇ ନୀଳକଣ୍ଠ ଓ ଗୋପବନ୍ଧୁଙ୍କର ସମ୍ପର୍କର ସୂଚନା ଦିଆଯାଇ ପାରେ । ଏହି 'ଲୋକ ସେବକ ସମାଜ' ସହିତ ନିଜର ସମ୍ପର୍କ ନେଇ ଗୋପବନ୍ଧୁ 'ସମାଜ'ରେ ଅନେକ ଗୁଡ଼ିଏ ଅଗ୍ରଲେଖା ଲେଖିଥିଲେ । 'ଲୋକ ସେବକ ସମାଜ' ୧୯୨୦ରେ ପ୍ରଥମେ ଲାହୋରରେ ପ୍ରତିଷ୍ଠିତ ହୋଇଥିଲା । ୧୯୨୭ରେ ଗୋପବନ୍ଧୁ ଲେଖିଥିଲେ—"୧୯୨୭ ସାଲ ଫେବୃୟାରୀ ମାସରେ ଲାଲା ଲାଜପତ୍‌ରାୟ ତାଙ୍କୁ ଏହି ଲୋକ ସେବକ ସମାଜରେ ସଭ୍ୟଭାବେ ଯୋଗ ଦେବାକୁ ପ୍ରବର୍ତ୍ତାଇ ଥିଲେ । ଲୋକ ସେବକ ସମାଜ ପୂର୍ଣ୍ଣ ସାଧାରଣତନ୍ତ୍ର ମତ ଉପରେ ପ୍ରତିଷ୍ଠିତ; ବିଶୁଦ୍ଧ ଦେଶାନୁରାଗ ଏବଂ ନୈଷ୍ଠିକ ଲୋକସେବା ଏହାର ସାଧାରଣ ମୂଳମନ୍ତ୍ର" ବହୁ ଭାବିଚିନ୍ତି ଗୋପବନ୍ଧୁ ଏହି ସମିତିର ସଭ୍ୟ ହୋଇଥିଲେ । ଏହି ସମିତିରେ ସଭ୍ୟହେବାର ଅନ୍ୟତମ କାରଣ ଥିଲା, ଏକ ବୃହତ୍ତର ଭାରତୀୟ ଅନୁଷ୍ଠାନ ସହିତ ଓଡ଼ିଶାକୁ ଐକ୍ୟ-ସୂତ୍ରରେ ସଂଗତ କରି ତାହାର ସର୍ବବିଧ ଉନ୍ନତି ସାଧନ । ଗୋପବନ୍ଧୁଙ୍କ ଭାଷାରେ "ନାନା ସୂତ୍ରରେ ବିଶାଳ ଭାରତ ସମ୍ପର୍କରେ ଓଡ଼ିଶାକୁ ଆଣିବା ଆବଶ୍ୟକ । ବାହାରର ଖୋଲା ପବନ ନ ପାଇଲେ, ପ୍ରଶସ୍ତ ପଡ଼ିଆରେ ବିଚରଣର ସୁବିଧା ନପାଇଲେ ଉତ୍କଳ ଜାତୀୟ ଜୀବନର ସୌଷ୍ଠବ ଶ୍ରୀବୃଦ୍ଧି ହେବନାହିଁ ।" ଲାଲା ଲାଜପତରାଏ ୧୯୨୭ ଫେବୃଆରୀ ମାସରେ କଲିକତାରେ ଗୋପବନ୍ଧୁଙ୍କ ଏହି ସମିତିର ସଭ୍ୟ ହେବାପାଇଁ ଅନୁରୋଧ କରିବାପରେ ସେ କଲିକତାରୁ ଓଡ଼ିଶାକୁ ଫେରିଆସି ଆତ୍ମୀୟ ବନ୍ଧୁମାନଙ୍କ

Digitized by PPRACHIN, SOA

ସହିତ ପରାମର୍ଶ କଲେ ଓ ସେହି ଫେବୃୟାରୀ ମାସରେ ଏହି ସୋସାଇଟିର ସଭ୍ୟ ହୋଇଥିଲେ । ଏହା ପରେ ଏହି ସୋସାଇଟିର ଏକ ଶାଖା କଟକରେ ଖୋଲିଥିଲା । ୧୯୨୭ ଖ୍ରୀଷ୍ଟାବ୍ଦରେ ଓଡ଼ିଶାରୁ ଆଉ ଦୁଇଜଣ ଶିକ୍ଷିତ ବ୍ୟକ୍ତି ଗୋପବନ୍ଧୁଙ୍କ ଅନୁପ୍ରେରଣାରେ ଏହି ସମିତିର ସଭ୍ୟ ହୋଇଥିଲେ । ସେମାନେ ହେଉଛନ୍ତି, ଶ୍ରୀଯୁକ୍ତ ଲିଙ୍ଗରାଜ ମିଶ୍ର ଓ ଶ୍ରୀଯୁକ୍ତ ମଥୁରାନନ୍ଦ ମହାନ୍ତି । 'ଗୋପବନ୍ଧୁ ପିପୁଲସ୍ ସୋସାଇଟି'ର ସଭ୍ୟ ହେବାପରେ ସତ୍ୟବାଦୀ ସ୍କୁଲ ଓ 'ସମାଜ' ସମ୍ବାଦପତ୍ର 'ଲୋକସେବକ ସମାଜ'ର ଅନୁଷ୍ଠାନ ହୋଇ ଅଛି ବୋଲି ଭ୍ରମଧାରଣା ସୃଷ୍ଟି ହୋଇଥିଲା । ୧୯୨୭ ମାର୍ଚ୍ଚ ସାତ ତାରିଖ 'ସମାଜ'ର ଏକ ଅଗ୍ରଲେଖାରେ ସେ ଏହି ଭ୍ରମ ଧାରଣା ଖଣ୍ଡନ କରିଥିଲେ । କେବଳ ମୃତ୍ୟୁ ଶଯ୍ୟାରେ ଗୋପବନ୍ଧୁ ଏହି 'ସମାଜ' ପ୍ରେସକୁ ଲୋକ ସେବକ ମଣ୍ଡଳ ହାତରେ ସମର୍ପଣ କରିଥିଲେ ।

'ସମାଜ' ଅନୁଷ୍ଠାନ ଅଥବା 'ଲୋକ ସେବକ ମଣ୍ଡଳ' ସହିତ ଆର୍ଥିକଭାବେ ଯୋଗଦେବା ନୀଳକଣ୍ଠଙ୍କ ଭଳି ବ୍ୟକ୍ତିସ୍ୱାତନ୍ତ୍ର୍ୟବାଦୀ ସ୍ୱାଧୀନଚେତା ବୁଦ୍ଧିଜୀବୀଙ୍କ ପକ୍ଷେ ସମ୍ଭବ ନଥିଲା । ଗୋପବନ୍ଧୁଙ୍କର କୌଣସି ଦୋଷ ଦୁର୍ବଳତା ନୀଳକଣ୍ଠଙ୍କୁ ବଡ଼ହୋଇ ଦିଶୁ ନ ଥିଲା । ଗୋପବନ୍ଧୁ ଶେଷ ବୟସରେ ସତ୍ୟବାଦୀରେ ଜ୍ୱରାକ୍ରାନ୍ତ ହୋଇ ପଡ଼ିଥିଲା ବେଳେ ନିଜ ଗ୍ରାମ ଶ୍ରୀରାମଚନ୍ଦ୍ର ପୁରରୁ ଆସି ନୀଳକଣ୍ଠ ବରାବର ତାଙ୍କ ସେବା କରୁଥିଲେ । ନୀଳକଣ୍ଠ ତାଙ୍କ 'ଆତ୍ମଜୀବନୀ'ରେ ଲେଖିଛନ୍ତି, ପ୍ରାଣ ଛାଡ଼ିବାବେଳେ ମୁଁ ପ୍ରାୟ ୧୦ । ୧୫ ମିନିଟ କାଳ ତାଙ୍କୁ ଚାହିଁ ନିର୍ବାକ ଓ ନିଷ୍ପନ୍ଦ ହୋଇ ଠିଆ ହୋଇ ରହିଲି । × × ଆମେ ସମସ୍ତେ ଅନ୍ଧାରରେ ଅଣ୍ଡାଳି ହେଲାପରି ଲାଗୁଥାଏ ।" (ଗ୍ରନ୍ଥାବଳୀ ପୃ ୯୮)

**ନୀଳକଣ୍ଠ ଓ ଗୋଦାବରୀଶ—**

ଓଡ଼ିଶାର ରାଜନୀତି ଓ ସଂସ୍କୃତି ଜଗତରେ ଦୁଇଟି ବ୍ୟକ୍ତିତ୍ୱ ନୀଳକଣ୍ଠ ଓ ଗୋଦାବରୀଶ । ସେମାନେ ପରସ୍ପର କେତେ ନିକଟରେ ପୁଣି କେତେ ଦୂରରେ ଥିଲେ ଭାବିଲେ ଅବାକ୍ ଲାଗେ । ଏମାନଙ୍କ ସମ୍ପର୍କର ସମୟକ୍ରମେ ଚାରୋଟି ସ୍ତର ଦେଖିବାକୁ ମିଳେ । ପ୍ରଥମତଃ ଛାତ୍ର ଜୀବନ, ଦ୍ୱିତୀୟତଃ ସତ୍ୟବାଦୀର ଶିକ୍ଷକ ଜୀବନ । ତୃତୀୟତଃ ସ୍ୱାଧୀନତା ପୂର୍ବର ରାଜନୈତିକ ଜୀବନ ଓ ଚତୁର୍ଥତଃ ସ୍ୱାଧୀନତା ପରବର୍ତ୍ତୀ ରାଜନୈତିକ ଜୀବନ ।

Digitized by PPRACHIN, SOA

ଉଭୟଙ୍କର ପ୍ରଥମ ସାକ୍ଷାତ ଘଟିଥିଲା ପୁରୀ ଜିଲ୍ଲା ସ୍କୁଲର ଛାତ୍ରାବାସରେ । ନୀଳକଣ୍ଠ ଥିଲେ ହଷ୍ଟେଲର ମନିଟର । ଏକପ୍ରକାର ଗୋଦାବରୀଶଙ୍କର ଅନୌପଚାରିକ ଅଭିଭାବକ । ଝାଉଁ ଗଛର ମର୍ମର ଶବ୍ଦରେ, ସମୁଦ୍ରର ଗର୍ଜନର ଭୟରେ ଡରକୁଳା ଗୋଦାବରୀଶଙ୍କ ନିଦଭାଙ୍ଗି ଯାଉଥିଲା । ନୀଳକଣ୍ଠ ତାଙ୍କୁ ଆଶ୍ୱସ୍ତ କରି ଶୋଇ ପକାଉଥିଲେ । ସେ କାଳରେ ଛାତ୍ର ଜୀବନରେ ବୈପ୍ଳବିକ ଆନ୍ଦୋଳନରେ ଗୋଦାବରୀଶ ନୀଳକଣ୍ଠଙ୍କୁ ଆଦର୍ଶ ରୂପେ ଅନୁସରଣ କରୁଥିଲେ । କଲିକତାର ପଞ୍ଚାନନ ଘୋଷଲେନ୍ ମେସ୍‌ରେ ହିନ୍ଦୁ ସମାଜ-ଗତି ସମାଜ ସଂସ୍କାରର ବ୍ରତ ଉଭୟେ ଗ୍ରହଣ କରିଥିଲେ । ନୀଳକଣ୍ଠଙ୍କ 'ନିଶ' ଆନ୍ଦୋଳନର ଅବସାନ ଘଟିଲା କେବେ ? ଗୋଦାବରୀଶଙ୍କ ସ୍ମୃତି ସ୍ମରଣୀୟ । "ସତ୍ୟବାଦୀ ସ୍କୁଲ ସରକାରୀ ମଂଜୁରୀ ପାଇବା ସମୟର କଥା । ସରକାରୀ ମଂଜୁରୀ ପାଇବା ପରେ ଗୋଟିଏ ବଡ଼ ଧରଣର ଉତ୍ସବ ହେଲା । ରମା ବଲ୍ଲଭ ମିଶ୍ର କଲେକ୍ଟର ସଭାପତି ହେଲେ । ତାଙ୍କ ନିର୍ଦ୍ଦେଶରେ ମହାମହୋପାଧ୍ୟାୟ ସଦାଶିବ ମିଶ୍ରଙ୍କୁ ନିମନ୍ତ୍ରଣ କରାହେଲା । ସତ୍ୟବାଦୀ ସ୍କୁଲ ସାମାଜିକ ବିଭ୍ରାଟ ଘଟାଇଛି, ଏହି ଧାରଣା ଯୋଗେ ସେ ତାକୁ ବିଷ ଦୃଷ୍ଟିରେ ଦେଖୁଥିଲେ । ଗୋପବନ୍ଧୁଙ୍କଠାରୁ ଆରମ୍ଭକରି ଆମେମାନେ ସମସ୍ତେ ତାଙ୍କର ଛାତ୍ର । ଆମେ ସବୁ ତାଙ୍କ ପାଦତଳେ ମୁଣ୍ଡିଆ ମାରି ପ୍ରଣାମ କରିଥିଲୁ । 'ସେ ଆମକୁ କ୍ଷମାଦେବେ' । ବୋଧହୁଏ ସେହି ଘଟଣା ପରେ ହରିହର ବାବୁ ଓ ନୀଳକଣ୍ଠବାବୁ ତାଙ୍କ ପାଟି ଉପର ନିଶ ସହିତ ପାଟିତଳର ଦାଢି ଯୋଗକଲେ । ମୁଁ କଲିନାହିଁ ।" (୧) ଆଉଗୋଟିଏ ସ୍ଥଳରେ 'କିଏ କଣ'ରେ ଗୋଦାବରୀଶ ନିଜକୁ ଏହି ଭଳି ନୀଳକଣ୍ଠ ସହିତ ତୁଳନା କରିଛନ୍ତି । "ମୁଁ ଯେ ନୀଳକଣ୍ଠ ବାବୁଙ୍କର ବନ୍ଧୁ ବା ସହକର୍ମୀ ଥିଲି, ତାହାନୁହେଁ । ତାଙ୍କର ଅନୁଗତ ଭୃତ୍ୟ ମଧ୍ୟ ଥିଲି । ଦୁହେଁ ଏକାଠି ଗାଧୋଇଲେ ମୁଁ ତାଙ୍କର ପାଲଟା ଲୁଗା ଚପୁଡ଼ି କାନ୍ଧରେ ଧରୁଥିଲି । × × × × କେତେକ ପିଲା ନୀଳକଣ୍ଠବାବୁଙ୍କ ସମାଲୋଚକ ଥିଲେ । ସେମାନେ ମତେ ବୁକୁରୁ ବୁହା ଗୁକର ନାଁ ଦେଇଥିଲେ । × × × ନୀଳକଣ୍ଠ ବାବୁଙ୍କ

(୧) ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ ଗୋଦାବରୀଶ ମିଶ୍ର ପୃ : ୨୨୬–୨୭

Digitized by PPRACHIN, SOA

ସମ୍ଭବତ ମୋର ସାମଞ୍ଜସ୍ୟ ଅତି କମ୍ । × × × ଶ୍ରେୟ ଓ ପ୍ରେୟ ମଧ୍ୟରୁ ତାଙ୍କର ଆଦର୍ଶ ଶ୍ରେୟ ଓ ମୋର ଆଦର୍ଶ ପ୍ରେୟ । ସେ କଳା, ମୁଁ ଗୋରା । ସେ ବସ୍ତର ପାନ ଖାଉଥିଲେ, ମୁଁ ଖାଉନଥିଲି । ସେ ଗୁଡ଼ାଖୁରେ ଦାନ୍ତ ଘସନ୍ତି, ମୁଁ ଘସେ ନାହିଁ । ସେ ପ୍ରଚୁର ମାଛ ଖାନ୍ତି, ମୁଁ ଲୋଡ଼େ ମିଠା । ସେ ଅନ୍ୟଙ୍କୁ ଶାସନ କରିବାରେ ସୁଦକ୍ଷ, ମୁଁ ପାରେ ନାହିଁ"। ପୁଣି ଗୋଦାବରୀଶ ଲେଖିଛନ୍ତି "ସତ୍ୟବାଦୀରେ ରହିବା ଦିନୁ ନୀଳକଣ୍ଠବାବୁଙ୍କ ସଙ୍ଗେ ପାଣି ନଗଲାଲା ଭଳି ଘନିଷ୍ଠ ଭାବରେ ମୁଁ ରହିଥିଲି । ନଅମାସ କଲିକତାରେ ରହି ଫେରିବା ପରେ ଅନୁଭବ କଲି ଯେ ପାଣି ନଗଳାବା ସ୍ଥାନରେ କୁଆଡ଼ୁ କପର ଗୋଟିଏ ଗ୍ରେଟିଆ ଗଳିଆ ପଡ଼ି ଯାଇଛି । ମଝିରେ ଥରେ ଗଳିଆ ପଡ଼ିଲେ ତାହା କ୍ରମଶଃ ମୋଟ ହେବାକୁ ବସେ ଓ ଶେଷରେ ପ୍ରକାଣ୍ଡ ଘାଇରେ ପରିଣତ ହୁଏ"। (୧) କପର ଥରକୁଥର ନୀଳକଣ୍ଠ ଗୋଦାବରୀଶ ଏକନ କାର୍ଯ୍ୟ କରିଛନ୍ତି, ପୁଣି ପରସ୍ପରଠାରୁ ଦୂରେଇ ଯାଇଛନ୍ତି, ଓଡ଼ିଶାର ଜାତୀୟ ଜୀବନରେ ଏ ଇତିହାସର ଏକ ସ୍ୱତନ୍ତ୍ର ଭୂମିକା ଅଛି । ବହୁସ୍ଥଳରେ ନୀଳକଣ୍ଠ ଗୋଦାବରୀଶଙ୍କୁ ଅତି ବଡ଼କରି ଚିହ୍ନଣ କରିଛନ୍ତି । ନୀଳକଣ୍ଠଙ୍କ ଉକ୍ତିରେ "ଆହାର ଓ ବହାରରେ ସେଥିଲେ ଅତି ଉନ୍ନତ ଓ ସଦାଗ୍ରହୀ । ଇଂରେଜୀରେ ଯାହାକୁ କହନ୍ତି perfect gentleman ସେଥିଲେ ସେୟା । × × × × (୨) "ମୁଁ ବରାବର ଦେଖିଥିଲି ସେ ବଡ଼ ଦରିଦ୍ର ହୋଇ ଜନ୍ମ ହୋଇଥିଲେ । କୌଣସି ପ୍ରକାର ଟଙ୍କା ରୋଜଗାର କରି ବଡ଼ ହେବା ଓ ସେଥିପାଇଁ ଗୃହକର୍ମମାନ କରିବା ଭାବଟି ତାଙ୍କ ଭିତରେ ଏକପ୍ରକାର ବଦ୍ଧମୂଳଥିଲା । ମରିବାର ଶେଷ ବର୍ଷ ପର୍ଯ୍ୟନ୍ତ ମୁଁ ଜାଣେ ପ୍ରତି ମାସରେ ବମ୍ବେ ଟାଇମ୍ସର ସାପ୍ତାହିକରେ ଶବ୍ଦନିର୍ମାଣ ପ୍ରହେଳିକାଟି ପ୍ରତିଥର ସେ ଦେଖୁଥିଲେ ଓ ଶବ୍ଦଧନ୍ଦାର ଭିନ୍ନ ଭିନ୍ନ ନିର୍ମାଣମାନ ପୁରସ୍କାର ପାଇବା ଆଶାରେ ପଠାଉଥିଲେ ।" × × × ପୁରୀଜିଲ୍ଲା ବୋର୍ଡ଼ ଚ୍ୟାରମାନ ହେବାକୁ ଗୋଦାବରୀଶ ଚେଷ୍ଟାକରୁ ଥାନ୍ତି, ଗୋପବନ୍ଧୁବାବୁ

---

(୧)ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ ଗୋଦବରୀଶ—ପୃ, ୨୪୧

(୨) ନୀଳକଣ୍ଠ ଗ୍ରନ୍ଥାବଳୀ (୧ମ) ପୃ· ୧୪୭,

Digitized by PPRACHIN, SOA

"ମତେ ଓ ଅନ୍ୟମାନଙ୍କୁ ଡ଼ାକି କହିଲେ, ଯେଉଁଠାରେ ଟଙ୍କା ପଇସାର ସମ୍ପର୍କ ଥିବ ସେଠାରେ ଗୋଦାବରୀଶଙ୍କୁ ରଖିବ ନାହିଁ ।" ଶେଷରେ ବାଣପୁର କୋଅପ୍‌ରେଟିଭ୍ ବ୍ୟାଙ୍କର ଟଙ୍କା ଆତ୍ମସାତ୍ କରିଥିବା ଦାୟରେ ଗୋଦାବରୀଶଙ୍କୁ ହାଇକୋର୍ଟ ପର୍ଯ୍ୟନ୍ତ ଯିବାକୁ ହୋଇଥିଲା । (ନୀ. ଗ୍ର. ପୃ. ୧୧୨)

ଗୋଦାବରୀଶ ନୀଳକଣ୍ଠଙ୍କ ଦେବୋପମ ଚରିତ୍ରର ବହୁ ଅବତାରଣା କରିଛନ୍ତି । ତଥାପି ତାଙ୍କର ମାନବିକ ଦୋଷ ଦୁର୍ବଳତା ଉପରେ କିଛି ମନ୍ତବ୍ୟ କରିବାକୁ ଛାଡ଼ି ନାହାନ୍ତି । ୧୯୪୫ର ଗୋଟିଏ ଚିଠିରେ ଯୁଦ୍ଧ କାଳରେ ୧୯୪୧ରୁ ୧୯୪୩ ନିଜର ମନ୍ତ୍ରୀ ହେବା ସମ୍ପର୍କର ଅନୁଭୂତି ବର୍ଣ୍ଣନା କରିଛନ୍ତି-- "ମୋ ପନ୍ଥାରେ ନୀରବ ଭାବରେ ଧନହୀନ ବେଶରେ ଦେଶର ସେବା ଯଥା ସମ୍ଭବ କରୁଥିଲି । କେତେ ପରିମାଣରେ ଇଚ୍ଛା ବିରୁଦ୍ଧରେ ମନ୍ତ୍ରୀଗାଦୀକୁ ଟଣା ହୋଇଗଲି । ମୁଁ କେବେ ସଙ୍କୀର୍ଣ୍ଣ ଭାବରେ କୌଣସି ଦଳରେ ରହି କାର୍ଯ୍ୟ କରିବା ଠିକ୍ ବୋଲି ଭାବେ ନାହିଁ । X X ମୁଁ ବରାବର ଲକ୍ଷ୍ୟ ଧରିଛି ଗୋଟିଏ ନୀତି । ମନ୍ତ୍ରୀପଦ ଗ୍ରହଣ କଲାବେଳେ ମୁଁ ସେହି ନୀତି ଅନୁସାରେ କେତେକ କାର୍ଯ୍ୟ କରିବି ବୋଲି ସ୍ଥିର କରିଥିଲି । ସମ୍ମୁଖଭାବରେ ଦେଶର ସ୍ୱାଧୀନତା ଲାଭ, ଓଡ଼ିଆ ଜାତିର ପୁନର୍ଗଠନ ତାର ଅନ୍ତର୍ଗତ ଥିଲା । ସତ୍ୟ ଓ ନ୍ୟାୟ ଉପରେ ପ୍ରତିଷ୍ଠିତ ପନ୍ଥାରେ ଏ କାର୍ଯ୍ୟ କରିବାକୁ ମୁଁ ବଡ଼ି ନେଇଥିଲି । ତେଣୁ ଦଳର ପାର୍ଟି ଆବର୍ଜନାମାନ— ଏ ଭାଗଟା ମୋତେ କେତେବେଳେ ହେଲେ ପ୍ରଭାବିତ କରି ନଥିଲା । ମୁଁ ଭାବିଲି, ଆମର ଲକ୍ଷ୍ୟ ଲାଭ ଲାଗି 'ନବଭାରତ' ହେବ, ଆମମାନଙ୍କ ପ୍ରଚାରର ମୁଖ୍ୟପତ୍ର ଓ ତାହାର ବିକ୍ରୟଲବ୍ଧ ଅର୍ଥ ହେବ ଆମର ପାର୍ଟି । ସଙ୍ଗଠନ ଆଦି କାର୍ଯ୍ୟ ମୋ ହାତରେ ହୁଏ ନାହିଁ । ତେଣୁ ସେ କାର୍ଯ୍ୟ ସମର୍ପି ଦେଇ କହିଲି, "ତ୍ୱୟା ହୃଷୀକେଶ ହୃଦିସ୍ଥିତେନ, ଯଥା ନିଯୁକ୍ତୋଽସ୍ମି ତଥା କରୋମି । ମୁଁ ହଜାର ହଜାର ଲୋକଙ୍କ ସଭାରେ ମୁକ୍ତ କଣ୍ଠରେ ନିଜର ସତ୍ତା, ମନ୍ତ୍ରୀପଦର ଗୌରବ ଚୂର୍ଣ୍ଣ କରିଦେଇ କହୁଛି, ମୁଁ ଜଣେ ଛାର ଲୋକ, ମୋତେ ଛାଡ଼ି ଦେଇ ମୋ ଗୁରୁଙ୍କ ପ୍ରେରଣା ଅନୁସାରେ କାର୍ଯ୍ୟ କର ।" (ଗୋ, ଗ୍ରନ୍ଥାବଳୀ-ପୃ. ୫୧୨)

**ସତ୍ୟବାଦୀ ଜୀବନର ସନ୍ଧ୍ୟା :**

୧୯୧୮ରେ ନୀଳକଣ୍ଠ ସତ୍ୟବାଦୀ ବିଦ୍ୟାଳୟ ବୋଡିଂ ଛାଡ଼ି ଗାଁରେ ରହିବାକୁ ଗଲେ, ଗୋପବନ୍ଧୁଙ୍କ ନିର୍ଦ୍ଦେଶରେ । ସ୍କୁଲରୁ ପ୍ରାପ୍ୟ ଏକପ୍ରକାର

Digitized by PPRACHIN, SOA

ତାଙ୍କର ମମତା ଗ୍ରୁଡ଼ିଗଲା । ଏଇଠାରୁ ଆରମ୍ଭ ହେଲା ସତ୍ୟବାଦୀ ଜୀବନର ସଂଧ୍ୟା । ଗୋଦାବରୀଶଙ୍କ ସ୍ମୃତି ସ୍ମରଣୀୟ—"ଗୋପବନ୍ଧୁବାବୁ ବହୁ ଆଶା ମନରେ ପୋଷଣ କରି ସତ୍ୟବାଦୀ ସ୍କୁଲ ବସାଇଲେ । × × × × ମୋର ମନେ ହେଉଛି ସିଏ ଗବମଞ୍ଜି ପୋତି ଥିଲେ । ଫଳରେ ଗଛଟା ବଢ଼ିଲା, ଫୁଲଧରିଲା, ଫଳଫଳିଲା କିନ୍ତୁ ସଙ୍ଗେ ସଙ୍ଗେ ବୁଡ଼ାହୋଇ କ୍ଷୟ ପାଇବାକୁ ଆରମ୍ଭକଲା । ଆମ ମାନଙ୍କଭିତରେ କାହାମନ କାହା ସହିତ ମିଳିଲାନାହିଁ । × × × ସ୍କୁଲ କାର୍ଯ୍ୟରେ ଶିଥିଳତା ଦେଖାଦେଲା । ସ୍କୁଲ ସମୟରେ କିଏ ବସି ଇଂରାଜୀରୁ ପଦ୍ୟ ଅନୁବାଦ କଲେ । କିଏ ନିଜଘର ବ୍ୟବସ୍ଥା ବୁଝିବାପାଇଁ ଗାଁରେ ରହିଲେ । ସତ୍ୟବାଦୀକୁ କେନ୍ଦ୍ରକରି ଯେ ନେତୃତ୍ୱରେ ନୀଳକଣ୍ଠ ଅଧିଷ୍ଠିତ ହୋଇଥିଲେ, ତାର ସମୟସୀମା ଥିଲା ୧୯୧୧ ଅକ୍ଟୋବର ୧୧ ତାରିଖରୁ ୧୯୧୮ ସେପ୍ଟେମ୍ବର ୧୭ତାରିଖ । ସତ୍ୟ-ବାଦୀର ଜଣେ ପୂର୍ବତନ ଛାତ୍ର ହରିହର ମହାପାତ୍ରଙ୍କ ଉକ୍ତିରେ, "ନେତୃତ୍ୱ ଯିବା ପରେ ନୀଳକଣ୍ଠ ପ୍ରାୟ ଅକ୍ଷମ ହୋଇ ପଡ଼ିଲେ । କର୍ମ ତତ୍ପରତା ଉବେଇଲା ନାହିଁ" । ପୁଣିଥରେ ସମ୍ବଲପୁରରୁ ଫେରି ନୀଳକଣ୍ଠ କିଛିଦିନ ଅବଶ୍ୟ ୧୯୨୧ରେ ସତ୍ୟବାଦୀ ବିଦ୍ୟାପୀଠ କଲେଜରେ ଅଧ୍ୟାପନା ପାଇଁ ରହିଲେ ମାତ୍ର କାଳର ପ୍ରବାହରେ ସତ୍ୟବାଦୀ ବିଦ୍ୟାପୀଠ ଭାଙ୍ଗିଯାଇଥିଲା ।

## ରାଜନୀତିରେ ଓ 'ସମାଜ'ଅନୁଷ୍ଠାନରେ ନୀଳକଣ୍ଠ :

କୋଡ଼ିଏ ବର୍ଷଧରି ରାଜନୈତିକ ଦୃଷ୍ଟି ଭିତରେ ନୀଳକଣ୍ଠ ସାମୟିକ କେତେବେଳେ କପରି ନେତୃତ୍ୱର ସିଂହାସନରୁ ଓହରି ଆସୁଥିଲେ । ୧୯୩୪ରୁ ୧୯୩୯ ଏଇ କେତେବର୍ଷ ମାତ୍ର ନୀଳକଣ୍ଠ ଥିଲେ ଓଡ଼ିଶା କଂଗ୍ରେସର କର୍ଣ୍ଣଧାର । ଦଳର ରାଜନୀତିରେ ବ୍ୟକ୍ତିସ୍ୱାତନ୍ତ୍ର୍ୟବାଦୀ ନୀଳକଣ୍ଠ ଅନେକ ସମୟରେ ଏକୁଟିଆ ପଡ଼ି ଯାଉଥିଲେ । ଜାତୀୟ ସ୍ୱାଧୀନତା ସଂଗ୍ରାମର ଚରମ ମୁହୂର୍ତ୍ତରେ ଗାନ୍ଧୀ, ପଟେଲ, ନେହେରୁଙ୍କର ନେତୃତ୍ୱର ପରିସରରୁ ସେ ମଧ୍ୟ ଅନେକ ଦୂରକୁ ଖସିଯାଇଥିଲେ । ନୀଳକଣ୍ଠ ଆତ୍ମଜୀବନୀରେ ସ୍ପଷ୍ଟତଃ ଲେଖିଛନ୍ତି—"ସତ୍ୟବାଦୀର ବିରୋଧି ପକ୍ଷମାନ ସୁଯୋଗ ଜଗି ବଲ୍ଲଭ ଭାଇଙ୍କ ଆଗରେ ମୋ ବିରୁଦ୍ଧରେ ନାନା କଥା କହି ତାଙ୍କୁ ମୋ ଉପରେ ବିମନା କରି ଦେଇଥିଲେ । ଏହିପରି ବଡ ବଡ଼ ଲୋକଙ୍କୁ ବିମନା

Digitized by PPRACHIN, SOA

କରିବା ବହୁଆଗରୁ ସମ୍ଭବତଃ ଗୋପବନ୍ଧୁ ବାବୁଙ୍କ ମୃତ୍ୟୁ ପୂର୍ବରୁ ଆରମ୍ଭ ହୋଇ ଯାଇଥିଲା ।" ପୁସ୍ତକର ୯୯ ପୃଷ୍ଠା ଏ ସମ୍ବନ୍ଧରେ ଦର୍ଶନୀୟ ।

ଗୋପବନ୍ଧୁଙ୍କ ଦ୍ୱିତୀୟ ପ୍ରିୟ ଅନୁଷ୍ଠାନ 'ସମାଜରୁ' କପରି ନୀଳକଣ୍ଠ ଅନ୍ତର ହେଲେ ତାହାର ସୂଚନା ମଧ୍ୟ ସେ ଦେଇଛନ୍ତି । ଗୋପବନ୍ଧୁଙ୍କ ମୃତ୍ୟୁ ପରେ ଲାଲା ଲଜପତରାୟ ଶ୍ରୀ ମୋହନଲାଲ ନାମକ ଲୋକସେବକ ମଣ୍ଡଳର ଜଣେ କର୍ମୀଙ୍କୁ ସତ୍ୟବାଦୀ ପଠାଇଥିଲେ । କୃପାସିନ୍ଧୁ ହୋତାଙ୍କ ପରାମର୍ଶରେ ନୀଳକଣ୍ଠଙ୍କ ବିରୁଦ୍ଧରେ ମୋହନଲାଲଙ୍କୁ ବୁଝାଇ ବିଗାଡ଼ ଦିଆ ଯାଇଥିଲା । ଫଳରେ ଗୋପବନ୍ଧୁଙ୍କ ମୃତ୍ୟୁ ପରେ ଅଳ୍ପଦିନ ପାଇଁ 'ସମାଜର' ସଂପାଦକ ହୋଇ ସେ ବିଦାୟ ନେଇଥିଲେ । (ନୀ ଗ୍ରନ୍ଥାବଳୀ, ପୃ ୧୧୭)

## ପାରିବାରିକ ଜୀବନ

ଶ୍ରୀରାମଚନ୍ଦ୍ର ପୁରରେ ନିଜର ପରିବାର । ଏହାକୁ ଗଢିବା ପାଇଁ ନୀଳକଣ୍ଠ ଅତନ୍ଦ୍ର ଦୃଷ୍ଟି ରଖିଥିଲେ । ଏହି ପରିବାରକୁ ଗଢିବା ପାଇଁ ତାଙ୍କ ପିତା ଆନନ୍ଦ ଦାସ ମଧ୍ୟ କମ୍ ପ୍ରେରଣା ଯୋଗାଇ ନଥିଲେ । ନୀଳକଣ୍ଠଙ୍କ ପିତା ଥରେ ପୁଅଙ୍କୁ ମନର ଆବେଗରେ କହିଥିଲେ—"ମୁଁ ମରିବା ପୂର୍ବରୁ ଯେପରି ଗୃହ ଘରଟିକୁ ପକାଘର ଦେଖି ମରିବ ।" ସତ୍ୟବାଦୀ ବିଦ୍ୟାଳୟ କର୍ତ୍ତୃତ୍ୱରୁ ଅବ୍ୟାହତି ପାଇ ପ୍ରାୟ ଦୁଇବର୍ଷ ନୀଳକଣ୍ଠ ନିଜ ଗ୍ରାମ ଗୃହରେ କଟାଇ ଥିଲେ । ପିତାଙ୍କ କୁଟୀର ସ୍ଥାନରେ ସେ ଗଢିଥିଲେ ରୁଚିମନ୍ତ ସୁନ୍ଦର ସୌଧଟିଏ । ଏହି ଆବାସ ଗୃହକୁ କେନ୍ଦ୍ର କରି ସ୍ୱଚ୍ଛନ୍ଦ ଜୀବନଯାପନ ପାଇଁ ନୀଳକଣ୍ଠଙ୍କ ଶଶୁର ଓ ପିତାଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ବହୁଳ ଭୂସଂପତ୍ତି ଓ ଫଳ ବଗିଚା ଆଦିର ଆୟୋଜନ କରିଥିଲେ । ଆଧୁନିକ ଶିକ୍ଷିତଙ୍କ ମନକୁ ସହରମୁଖୀ ନକରି ଗ୍ରାମମୁଖୀ କରିବା ସତ୍ୟବାଦୀର ଅନ୍ୟତମ ଆଦର୍ଶ ଥିଲା । ଏହି ବିଚାରରେ ଗୋଦାବରୀଶ ମଧ୍ୟ ସତ୍ୟବାଦୀ ଛାଡ଼ିବା ପରେ ଏକ ସମୟରେ ବାଣପୁରକୁ ନିଜର କର୍ମକ୍ଷେତ୍ର ଓ ଆବାସ କରି ଗଢିଥିଲେ । ନିଜ ବଡ଼ ଭାଇ ନାରାୟଣ ଦାସଙ୍କ ମୃତ୍ୟୁ ପରେ ଗୋପବନ୍ଧୁଙ୍କ ଉପରେ ମଧ୍ୟ ତାଙ୍କ ଗ୍ରାମ ସୁଆଣ୍ଡରେ ଭୂସଂପତ୍ତିର ପରିଚାଳନା ଭାର ପଡ଼ିଥିଲା । କିନ୍ତୁ ଗୋପବନ୍ଧୁ ଅଥବା ଗୋଦାବରୀଶ ତାଙ୍କ ଗ୍ରାମରେ ତିଷ୍ଠି ପାରି ନଥିଲେ । କଥା ଅଛି, ଭାଇନାଙ୍କ ମୃତ୍ୟୁପରେ ଗୋପବନ୍ଧୁ ଦେଖିଲେ ଯେ ଶତାଧିକ ଋଣ ଗ୍ରହୀତାମାନଙ୍କର

Digitized by PPRACHIN, SOA

ହସ୍ତାକ୍ଷର ଇତ୍ୟାଦି ଅଛି । ଏହା ଦେଖି ସେ ବିମୂଢ଼ ହୋଇ ପଡ଼ିଥିଲେ । ସେ ସବୁଥିରେ ଗ୍ରାମ ଲୋକଙ୍କ ସହିତ ସଂଘର୍ଷରେ ଆସିବାକୁ ହେବ, ତେଣୁ ସେସବୁ ନିଜ ହାତରେ ପୋଡ଼ି ନଷ୍ଟକରି ଦେଇଥିଲେ । ଗୋଦାବରୀଶ ନିଜ ଆୟତ୍ତରେ ଚଉଦ ଏକରର ଏକ ଫଳ ବଗିଚା ଓ ଦଶ ଏକର କୃଷି ଜମି କରି ବାଣପୁରରେ ସ୍ୱଚ୍ଛନ୍ଦ ଜୀବନ ଯାପନର ଉଦ୍ୟମ କରିଥିଲେ । ମାତ୍ର ଶେଷ ପର୍ଯ୍ୟନ୍ତ ସେସବୁ ଛାଡ଼ି ତାଙ୍କୁ ଗ୍ରାମରୁ ଚାଲି ଆସିବାକୁ ପଡ଼ିଥିଲା । କିନ୍ତୁ ନିଜଗୃହ, ନିଜର ଗ୍ରାମ ଓ ନିଜର ପରିବାର ସବୁଠି ନୀଳକଣ୍ଠ ନିଜର ମୁରବି ପଣିଆ ଦୃଢ଼କରି ରଖିଥିଲେ । ଦରକାର ହେଲେ କ୍ଷେତଖମାର, ବାଡ଼ି ବଗିଚାରେ ନିଜର ସମସ୍ତ ସତ୍ତ୍ୱ ଓ ସଂପଦ ରକ୍ଷା କରିବା ପାଇଁ ସିଏ କୋର୍ଟ କଚେରୀକୁ ଯିବାକୁ କୁଣ୍ଠାବୋଧ କରୁନଥିଲେ । ନୀଳକଣ୍ଠଙ୍କ ଉଦାରତାର ପରିମାନ୍ତର ନଥିଲା । ସେ ଥିଲେ ବନ୍ଧୁ ବତ୍ସଳ, ତ୍ୟାଗୀ ଦେଶ ସେବକ । ଭାବ-ବିଭୋଳ କବି ଓ ଛାତ୍ର ବତ୍ସଳ ଶିକ୍ଷକ । ମାତ୍ର ନିଜର ଯାହା ଅଧିକାର, ତାଙ୍କ ସରଳତାର ସୁଯୋଗ ନେଇ ତାଙ୍କୁ କେହି ସେଥିରୁ ବଂଚିତ କରୁ, ଏହା ସେ ସହି ପାରୁନଥିଲେ ।

ନୀଳକଣ୍ଠ ଥିଲେ ପାଞ୍ଚ କନ୍ୟାର ଜନକ । ଦୁଇଟି କନ୍ୟା ଶୈଶବରେ ମୃତ୍ୟୁ ମୁଖରେ ପଡ଼ିଥିଲେ । ତିନୋଟି କନ୍ୟାଙ୍କ ପିତା ଭାବରେ ସେ ନିଜର କର୍ତ୍ତବ୍ୟ ପୂର୍ଣ୍ଣ ଭାବରେ ପାଳନ କରିଥିଲେ । ଶୈଶବରୁ ପୁତ୍ର ଓ କନ୍ୟା ଉଭୟଙ୍କ ଶିକ୍ଷା ପାଇଁ ସେ ବିଶେଷ ଦୃଷ୍ଟି ଦେଉଥିଲେ । ଅବଶ୍ୟ ସେ କାଳରେ ଝିଅ ମାନଙ୍କ ପାଇଁ ଉଚ୍ଚ ଶିକ୍ଷାର ବ୍ୟବସ୍ଥା ନଥିଲା । ପୁଅ ଓ ଝିଅ-ମାନଙ୍କୁ କୌଣସି ଭିନ୍ନ ଦୃଷ୍ଟିରେ ଦେଖିବାର ସେ ପକ୍ଷପାତୀ ନଥିଲେ । ଏପରିକି ନିଜ ଅର୍ଜିତ ଭୂସଂପତ୍ତିର ଯଥାର୍ଥ ଭାଗ କନ୍ୟାମାନଙ୍କୁ ଦେବାକୁ ଯାଇ ତାଙ୍କ ପୁଅଙ୍କ ସହିତ ତାଙ୍କୁ ବିରୋଧରେ ଲିପ୍ତ ହେବାକୁ ପଡ଼ିଥିଲା । ନୀଳକଣ୍ଠଙ୍କ ଉଦାରତା ଓ ମହତ୍ତ୍ୱର ଇଏ ଆଉ ଏକ ଦିଗ । ଗାଁର ଅରକ୍ଷିତ ଅନାଥ ବିଧବାମାନଙ୍କ ପାଇଁ ତାଙ୍କ ଘର ଉନ୍ମୁକ୍ତ ଥିଲା । ରାଧାମଣି ଦେବୀ ସବୁବେଳେ ଗୃହର ଥିଲେ ଅସପନ୍ନ କର୍ତ୍ତ୍ରୀ । ତାଙ୍କର ବଡ଼ପୁଅ ଅଶୋକ ଦାସ ମୂଳରୁ ଥିଲେ ଏକାନ୍ତ ଅନୁଗତ । ସ୍ୱାସ୍ଥ୍ୟପରିବର୍ତ୍ତନ ଓ ଭାରତର ରାଜଧାନୀ ସୁଦୃଶ୍ୟ ସ୍ଥାନ ସବୁ ଦେଖାଇବା ପାଇଁ ନିଜର ପୁତ୍ର ପତ୍ନୀ ଓ ପରିବାର ଲୋକଙ୍କୁ ନୀଳକଣ୍ଠ ସାଙ୍ଗରେ ନେଇ ଯାଉଥିଲେ । ତେବେ ସେ ନିଜ ପିତା ଓ ପତ୍ନୀଙ୍କ

Digitized by PPRACHIN, SOA

ବିଶ୍ୱାସକୁ ଶ୍ରଦ୍ଧା ଓ ସମ୍ମାନ ଦେଉଥିଲେ । ସେହି ହେତୁରୁ ପିତାଙ୍କ ମୃତ୍ୟୁ ପରେ ଅତ୍ୟନ୍ତ ନିଷ୍ଠାର ସହିତ ସେ ପତ୍ନୀଙ୍କୁ ନେଇ ଗୟା ଶ୍ରାଦ୍ଧ କରିଥିଲେ ।

ଯୌବନରେ ସଂସ୍କାର ଧର୍ମୀ ମାଳକଣ୍ଠ ଗ୍ରାମର ସୃଷ୍ଟିଶୀଳ ପରଂପରା ଓ ସରଳ ଗ୍ରାମବାସୀ ମାନଙ୍କର ଆନ୍ତର ବ୍ୟବହାରକୁ ବଡ଼ ସମାଦର କରୁଥିଲେ । ସିଏ ଗ୍ରାମର ଯୁବକମାନଙ୍କୁ ଆତ୍ମନିର୍ଭରଶୀଳ ହେବାକୁ ଖୁବ୍ ଉତ୍ସାହିତ କରୁଥିଲେ । ନିଜ ପିଲାଙ୍କୁ ମଧ୍ୟ ସେହି ଭାବରେ ସେ ଗଢ଼ିବାକୁ ଚାହୁଁଥିଲେ । ତାଙ୍କର ସାନ ପୁଅ ବିକ୍ରମ ଦାସ କଟକ କଲେଜିଏଟ୍ ସ୍କୁଲର ବୋର୍ଡିଂରେ ରହି ପଢ଼ୁଥିବା ବେଳର ଗୋଟିଏ ଚିଠିରୁ ଏହାର ଏକ ସୁନ୍ଦର ଦୃଷ୍ଟାନ୍ତ ମିଳେ । ଜୀବନର ବୃହତ୍ତର ପରୀକ୍ଷା ପାଇଁ ମନୁଷ୍ୟତା ଅର୍ଜ୍ଜନକୁ ସେ ଗୁରୁତ୍ୱ ଦେଉଥିଲେ । ପରୀକ୍ଷା ପୂର୍ବରୁ ଲେଖା ତାଙ୍କର ଚିଠିଟି ଏଠାରେ ଉଦ୍ଧାର କରାଗଲା ।

ଜଗନ୍ନାଥେ ଭଲ କରନ୍ତୁ !

ଦିଲ୍ଲୀ

୨୬ । ୧୧ । ୧୯୩୮

ବାପା ବିକ୍ରମ,

ପରୀକ୍ଷାରେ କିପରି କଲୁ ବୋଲି ତୋର ଧାରଣା ? କଲୁ ହେଲା ନହେଲାରେ ବେଶି ବ୍ୟସ୍ତ ବା ଚିନ୍ତିତ ହେବୁନାହିଁ । ମନୁଷ୍ୟ କର୍ମ କରିବ । ମାତ୍ର କର୍ମର ଫଳ ମନୁଷ୍ୟ ହାତେ ନାହିଁ । ଏହି ଭାବରେ ସବୁ କାର୍ଯ୍ୟରେ ଲାଗିବା ହିଁ ମନୁଷ୍ୟତା, ତା ନହେଲେ ଚିତ୍ତ ଚଞ୍ଚଳ ହୋଇ ମନୁଷ୍ୟତା ନଷ୍ଟ ହୁଏ ।

ଶୁଭାକାଂକ୍ଷୀ

ମାଳକଣ୍ଠ ଦାସ

## ଉତ୍ତର ଜୀବନର ରାଜନୀତି —

ଯେଉଁ ସ୍ୱପ୍ନ ସେ ଆଦ୍ୟ ଯୌବନରେ ଏହି ସତ୍ୟବାଦୀରେ ଦେଖି-ଥିଲେ 'ସେଇ ସ୍ୱପ୍ନ ତାଙ୍କର ଜୀବନର ଶେଷପର୍ଯ୍ୟନ୍ତ ଅମ୍ଳାନ ରହିଥିଲା । କଂଗ୍ରେସ ରାଜନୀତିରୁ ବାହାରି ଯାଇ ସ୍ୱାଧୀନ ଭାରତ ବର୍ଷରେ ଏହି ନିଜ ଗ୍ରାମ ଓ ସତ୍ୟବାଦୀକୁ ନେଇ ସେ ପୁଣି ଥରେ ଯୁବ ବିକ୍ରମରେ ସକ୍ରିୟ ରାଜନୀତିରେ ଯୋଗ ଦେବାକୁ ଆଗେଇ ଯାଇଥିଲେ । ୧୯୫୧, ପଣ୍ଡିତଜୀଙ୍କ

Digitized by PPRACHIN, SOA

ଜୀବନର ସାମ୍ପ୍ରାହ୍ମ । ତାଙ୍କର ପ୍ରିୟ ବନ୍ଧୁ ଗୋଦାବରୀଶ ସବୁ ଭୁଲ ବୁଝାମଣା ଭିତରେ ବି ପୁଣି ତାଙ୍କ ନିକଟକୁ ଆସି ଥିଲେ, ଏକାନ୍ତ ସହକର୍ମୀ ଭାବରେ । ୧୯୫୧ ରେ ଏହି ସତ୍ୟବାଦୀରୁ ସେ ନିର୍ବାଚିତ ହୋଇଥିଲେ, ସେକାଳର କ୍ଷମତାସୀନ ଦଳର ପ୍ରତିଦ୍ୱନ୍ଦୀ କଂଗ୍ରେସ ନେତାଙ୍କୁ ପରାଜିତ କରି । ଏଇ କାଳରେ ତାଙ୍କର ଘୋରକର୍ମୀ ଥିଲେ ତାଙ୍କର ସାନ ପୁଅ ଡାକ୍ତର ଚିନ୍ତାମଣି ଦାସ । ତାଙ୍କ ଉକ୍ତିରେ କହିଲେ—"ଦେଖିଲି ସେ ଘୋର ଭିଖାରୀ ନୁହନ୍ତି । ସେ ଜାତିର ଜଣେ ମୁରବି । ସବୁ ଲୋକଙ୍କରହିଁ ଲୋକ । ଆବାଳ ବୃଦ୍ଧବନିତା ତାଙ୍କୁ ଅତି ନିଜର ବୋଲି ଭାବୁଥିଲେ ।"

ଓଡ଼ିଶା ଆସେମ୍ବ୍ଲିକୁ ଆସି ବିରୋଧୀ ଦଳରେ ଥାଇ ସ୍ୱାଧୀନ ଜନସଂଘର ନେତା ନୀଳକଣ୍ଠ ଆତ୍ମବିଶ୍ୱାସ ହରାଇ ନଥିଲେ । କେବଳ ସେ ଚାହୁଁଥିଲେ ତାଙ୍କ ପଛରେ ଯୁବ ଶକ୍ତିର ଏକ ଅକୁତୋଭୟ ସମର୍ଥନ । ଏହି ସମୟରେ 'ନବଭାରତ' ପ୍ରେସରେ ଥାଇ ଆମେରିକାରେ ଥିବା ବିକ୍ରମବାବୁଙ୍କୁ ଲେଖା ଗୋଟିଏ ଚିଠିରୁ ଏହାର ପରିଚୟ ମିଳେ —

"ରାଜନୀତିରେ ପଶିବାର ଗଣି ଗଣି କାମ ପଡ଼ିରହିଛି । ସବୁ ପରିସ୍ଥିତି କ୍ରମେ ବଦଳିବା ଆଡ଼କୁ ଯାଉଛି । × × × ନିରାଶ ହେବା ଲୋକ ମୁଁ ନୁହେଁ । ଆତ୍ମାକୁ ଯୋଗସ୍ଥ କରି ରଖି ଯେ କୌଣସି ଯୁବକଠାରୁ କମ୍ ଉତ୍ସାହରେ ଲଗି ନାହିଁ ।" (୬ । ୮ । ୫୨)

ଆଉ ଗୋଟିଏ ଚିଠିରେ —

"ମୁଁ ସବୁକାର୍ଯ୍ୟ କରୁଛି । କିନ୍ତୁ ସବୁବେଳେ ମନେ ହେଉଛି ସାଙ୍ଗକୁ କେହି ନାହିଁ । ଆଗପଛକୁ କେହି ନାହିଁ । ଏକାରେ ଏତେ ଲୋକ ବିଶ୍ୱାସ ପ୍ରତିଷ୍ଠା ମୋଠି ଥିଲା । ଏହା ଏବେ ବି ମୋତେ ବିସ୍ମିତ କରୁଛି । କିନ୍ତୁ ଏ ସବୁର ବ୍ୟବହାର ପାଇଁ ପ୍ରଶସ୍ତ କ୍ଷେତ୍ର ଓ ପରିସର ଥିଲେ ମଧ୍ୟ ପରିସ୍ଥିତି ନାହିଁ । ଏହାହିଁ ମୋର ଦୁଃଖ" (୧)

**ସାହିତ୍ୟିକ ଜୀବନ ଓ ସାହିତ୍ୟିକ ପରିବାର —**

ରାଜନୈତିକ କର୍ମୀ, ଆତ୍ମୀୟ ପରିବାରଙ୍କ ଭଳି ପଣ୍ଡିତଜୀଙ୍କର ଆଉ ଏକ ପରିବାର ଥିଲା । ଆଉ ଏକ ଜୀବନ ଥିଲା । ତାହା ସାହିତ୍ୟିକର ଜୀବନ ଓ ସାହିତ୍ୟିକ ପରିବାର । ଏମାନେ ଥିଲେ ଭାବ ଜଗତରେ ପରସ୍ପରରି

(୧) ନୀଳକଣ୍ଠ ସ୍ମରଣୀକା—ପୃ ୧୧୯-୬୦

Digitized by PPRACHIN, SOA

ନିକଟବର୍ତ୍ତୀ । ପଣ୍ଡିତଜୀ ସବୁବେଳେ କହୁଥିଲେ, "ମୋର ନିଜ ଲେଖାରେ ଏବେ ମଧ୍ୟ ଆତ୍ମ ଦୈନ୍ୟର ଭାବ ଯାଇ ନାହିଁ । ଏବେ ବି କିଛି ଲେଖିଲେ ଯାହାକୁ ହେଲେ ଶୁଣାଇ ଭଲ ଅନୁମୋଦନ ନ ପାଇଲେ ମୁଁ ପ୍ରାୟ ସାହସ କରି ପ୍ରକାଶ କରେ ନାହିଁ । ...... କେହି କୌଣସି ଅଂଶ ଆଛା ଲାଗୁ ନାହିଁ କହିଲେ ମୁଁ ତତ୍‌କ୍ଷଣାତ୍ ବଦଳାଇ ଦିଏ ଓ ପୁଣି ଶୁଣାଏ ।" (୧) ଏହିପରି ପଣ୍ଡିତଜୀଙ୍କ ଲେଖା ଶୁଣିବା ଓ ପଣ୍ଡିତଜୀଙ୍କ ଲେଖାର ତାରିଫ୍ କରିବାକୁ ବିଶିଷ୍ଟ ସାହିତ୍ୟିକ ଅନେକେ ଥିଲେ । ସତ୍ୟବାଦୀ ପରିସରରେ ଥିଲେ ପଣ୍ଡିତ ବାସୁଦେବ ମହାପାତ୍ର । ସତ୍ୟବାଦୀରେ ଲେଖାକାଳରେ ଥିଲେ ରଘୁନାଥ ମିଶ୍ର ଓ ଆହୁରି ଅନେକ । ଏହି ବାସୁଦେବ ମହାପାତ୍ର ପୁଣି 'କୋଣାର୍କେ' କାବ୍ୟର ପ୍ରଥମ ସଂସ୍କରଣରେ ଗ୍ରନ୍ଥ ପ୍ରବେଶ ଓ ଟୀକା ଲେଖିଥିଲେ । 'ନବଭାରତ' ଅଫିସରୁ କୋଣାର୍କେ କାବ୍ୟର ଦ୍ୱିତୀୟ ସଂସ୍କରଣ ପ୍ରକାଶ ସମୟରେ ସଦ୍ୟ ବିଳାତ ଫେରନ୍ତା ଓ ନବଧାରାର ବିଶିଷ୍ଟ କବି ମାୟାଧର ମାନସିଂହଙ୍କଠାରୁ ଆରମ୍ଭ କରି ପଣ୍ଡିତ ବାନାମ୍ବର ଆଚାର୍ଯ୍ୟ ବିଦ୍ୟାଭୂଷଣ, କବି ରାଧାମୋହନ ଗଡ଼ନାୟକ, କରୁଣାକର କର ପ୍ରଭୃତି ସମସ୍ତଙ୍କ ମତ ସେ ବିଚାରକୁ ନେଉଥିଲେ । ନୀଳକଣ୍ଠଙ୍କ ସାହିତ୍ୟିକ ପରିବାରରେ ଆଉ ଜଣେ ଆତ୍ମୀୟ ଥିଲେ ବିଦଗ୍ଧ କବି ଓ ଏ ଯୁଗର ଅନ୍ୟତମ ବରେଣ୍ୟ ସାହିତ୍ୟିକ କୁଞ୍ଜବିହାରୀ ଦାଶ । କୁଞ୍ଜବିହାରୀଙ୍କ ଭାଷାରେ "ପ୍ରାୟ ତିରିଶ ବର୍ଷ ହେଲା ଏହି ବୃହତ ମସ୍ତିଷ୍କ ଓ ମହତ୍ ହୃଦୟ ସହିତ ମୋର ସମ୍ପର୍କ ସ୍ଥାପିତ ହୋଇଥିଲା । ସେ ମୋତେ ଲେଖାଇ ଥିଲେ; ମୁଁ ତାଙ୍କୁ ଲେଖାଇ ଥିଲି । ସଂସ୍କୃତ ବିଭାଗର ସୁପରିଂଟେଣ୍ଡେଣ୍ଟ ଥିଲାବେଳେ 'ସଂସ୍କୃତ ଓ ସଂସ୍କୃତି', ବାଲେଶ୍ୱରରେ ଅଧ୍ୟାପକ ଥିଲାବେଳେ 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ', ତାଙ୍କ ଶେଷ ଜୀବନରେ 'ଆତ୍ମଜୀବନୀ' । ଆତ୍ମଜୀବନୀ ସୁସ୍ଥ ଅବସ୍ଥାରେ ଯାହା ଲେଖାଇ ଥିଲେ ତାହା ହଜିଗଲା । ତା ପରେ ଗୁରୁ ନିତ୍ୟାନନ୍ଦ ଶତପଥୀ ଓ ବୈରାଗୀ ଜେନାଙ୍କୁ ପଠାଇ ଏହା ଶେଷ କରାଇଥିଲି । କିନ୍ତୁ ସେତେବେଳେ ପଣ୍ଡିତ ମହାଶୟ ସ୍ଥବିର । ତାଙ୍କ ସ୍ମୃତି ଶକ୍ତିର ହାନି ଘଟିଥିଲା । ତେଣୁ ଆଗ ଲେଖା ଭଳି ଏହା ସୁନ୍ଦର ଓ ସରସ ହୋଇ ପାରିଲାନି ।" (୨) କି ଆତ୍ମୀୟତା ଓ କି ସ୍ନେହ

---

(୧)....(ମୋ. ଗ୍ର. ଆତ୍ମ ଜୀବନୀ—ପୃ ୩୬–୩୭)

(୨) (୨ୟ ସଂସ୍କରଣ) ମୋ କାହାଣୀ—ପୃ ୫୯୯

Digitized by PPRACHIN, SOA

ଦୃଷ୍ଟିରେ ଏହି ତରୁଣ ସାହିତ୍ୟକ ମାନଙ୍କୁ ପଣ୍ଡିତଜୀ ଦେଖୁଥିଲେ ତାହା ତାଙ୍କର ଚଳ ପ୍ରକୃତିରୁ ଜଣାପଡ଼େ ।

ଆୟୁଷ୍ମାନ୍ କୁଞ୍ଜବିହାରୀ,

ତୁମେ ମୋ ପାଇଁ ଭାର ଲାଗିଛ । ଶୁଝାଇ ପାରିବ ନାହିଁ । + + + ମୋ ପ୍ରବନ୍ଧକୁ ବୈଜ୍ଞାନିକ ପ୍ରଣାଳୀବଦ୍ଧ କରିବା ପାଇଁ ବଦଳା ବଦଳି କଲେ ମୋର ଆପତ୍ତି କାହିଁକି ହେବ ? ତେବେ ଶେଷକୁ ଯାହା ଠିକ୍ ହେବ ତାହାର ଏକ ନକଲ ମୋତେ ପଠାଇବ । ତା୍ ୧୯ । ୨ । ୫୫ । ପୁଣି ଆଉ ଗୋଟିଏ ଚିଠିରେ :—

"ତମ ଚଲ୍ଲୀଗୀତ ଓ ମୁକ୍ତବନ୍ଧ ଛାପା ସରିଲେ ଦେଖିବି ବୋଲି ଅପେକ୍ଷା କରିଛି ।" ତା ୧ । ୧୨।୫୭ । ଏଇ ଭଳି ଚିଠିଗୁଡ଼ିକରେ କେତେ ଆତ୍ମୀୟତା କେତେ ଦରଦ ଯେ ଫୁଟି ଉଠିଛି ତାହା ସହଜରେ ଅନୁମାନ କରାଯାଇ ପାରେ । ଏହି ପର୍ଯ୍ୟାୟରେ କେତେ ସାହିତ୍ୟରଥୀ ମାନଙ୍କୁ କେତେ ଚିଠି ଲେଖିଥିଲେ । ଓଡ଼ିଆ ସାହିତ୍ୟର ଏହି ଅପଚହ ମୁରବି ବର୍ଷିୟାନ୍ ଜ୍ଞାନ-ତପସ୍ୱୀଙ୍କ ଯଥାର୍ଥ ଭାବମୂର୍ତ୍ତି ସେହବୁ ଚିଠି ପତ୍ରାଦିର ସଗ୍ରହ ସଂକଳନ ଓ ସମୀକ୍ଷାର ଅପେକ୍ଷା ରଖେ ।

---

"ଆମେ ଖାଉଟେଇ ସରକାରୀ କରିବା ନାହିଁ । ଦେଶପାଇଁ କିଛି କରିବା । ଜନ୍ମ ବେଳେ ଦେଶକୁ ଯାହା ଦେଖିଥାଉଁ, ତା'ଠାରୁ ଉନ୍ନତ ଦେଖି ମରିବା ।"

(ଭର୍ଗବୀ ନଦୀ କୂଳରେ ଗୋପବନ୍ଧୁଙ୍କ ସଙ୍ଗେ ପଣ୍ଡିତ ନୀଳକଣ୍ଠ, ହରିହର ଓ ଅନନ୍ତ ମିଶ୍ରଙ୍କର ସଂକଳ୍ପ)

Digitized by PPRACHIN, SOA

# ଉପସଂହାର

## ମୋ ନିଜ ସ୍ମୃତି :

ସତରେ ନୀଳକଣ୍ଠ ଥିଲେ ଉତ୍କଳଭାରତୀ ତପୋବନର ମହୀୟାନ୍ ବନସ୍ପତି । ତାଙ୍କ ମନର ପ୍ରଶାନ୍ତ ସାଗରରେ କେତେ ଢେଉ ଉଚ୍ଛଳ ହୋଇ ଉଠୁଥିଲା । ପଲକେ ପଲକେ କେତେ ସ୍ୱପ୍ନ ଢେଉ ଉଠି ଭାଙ୍ଗି ପଡୁଥିଲା । ତାଙ୍କ ଅନ୍ତରଙ୍ଗ କେହି ଜଣେ ସ୍ମୃତିରେ ଧରି ରଖିଥିଲେ ହୁଏତ ଏ ସବୁ ଏକ ମହାଗ୍ରନ୍ଥ ହୋଇଥାନ୍ତା । ଆମ ନିଜ ଯୁଗରେ ତାଙ୍କର ତାରୁଣ୍ୟ ଥିଲା ଏକ ଇତିହାସ । କେଉଁ ଦୂର ଟହ୍ଲାରରେ ଅପନ୍ତରା ପାଟରେ ଯୌବନର ଜୈତ୍ରରଥ ଉଡ଼ାଇ ସେ କୋଣ କୋଣ ବ୍ୟାପୀ ପଦବ୍ରଜରେ ଚାଲି ଯାଉଥିଲେ । ଶତ ସହସ୍ର ଜନତାଙ୍କୁ ଉଦ୍‌ବୁଦ୍ଧ ଓ ଉଦ୍‌ବେଳିତ କରୁଥିଲେ । ରକ୍ତ ମାଂସ ଦେହଧାରୀ ଏକ ବଳିଷ୍ଠ ମଣିଷ ଉନ୍ନତ ମସ୍ତିଷ୍କ ତେଜୋଦୀପ୍ତ ମୁଖରେ ଏକ ମୁକୁଟ ବିହୀନ ରାଜାର ଦୀପ୍ତି ଏତେ ଫୁଟି ଉଠୁଥିଲା । ତାଙ୍କ ଚଉ ପାଶରେ ହୁଏତ ଏକ ଭୟ ଓ ସଂଭ୍ରମର ପରିମଣ୍ଡଳ ଫୁଟି ଉଠୁଥିଲା । ସେ ଥିଲେ ନଗର ଓ ଗ୍ରାମ ଉଭୟଚାରୀ । କଲିକତାରୁ ଦିଲ୍ଲୀ, ଦିଲ୍ଲୀରୁ ସିମିଳା । ନଗରର ନିତ୍ୟ ନୂତନ ଚମକ ନିତ୍ୟ ନୂତନ ଆକର୍ଷଣ ଭିତରେ ସେ କିନ୍ତୁ ନିଜକୁ ହଜାଇ ଦେଉ ନଥିଲେ । ଚାଲିବାରେ ସେ ଥିଲେ ପଟୁ । ଦିନକେ ସେ ଦଶକୋଶ ଚାଲି ପାରୁଥିଲେ । ଏବେବି ଶ୍ରୀରାମଚନ୍ଦ୍ରପୁରର ଜଣେ ବୃଦ୍ଧ ନିଜ ସ୍ମୃତିରୁ ଏହା କହନ୍ତି । ଗାଁର ମଣିଷ, ଗାଁର ପରିବେଶ ଏ ସବୁର ଯେମିତି କି ହୃଦୟ ବୃତ୍ତିର ବିକାଶ ଘଟିଥିଲା । ନଗର ମସ୍ତିଷ୍କର ଓ ପଲ୍ଲୀ ହୃଦୟର ସେ ଥିଲେ ନିକଟବର୍ତ୍ତୀ । ହୃଦୟ ବୃତ୍ତିର ବୈଶିଷ୍ଟ୍ୟ ସେଇଥିରୁ ନୀଳକଣ୍ଠ ଲାଭ କରିଥିଲେ । ରୋଗ, କ୍ଷୁଧା, ଦାରିଦ୍ର୍ୟ ଏ ସବୁ ଭିତରେ ମୁମୂର୍ଷୁ ପଲ୍ଲୀର ପ୍ରାଣ ସଞ୍ଚାର ଘଟୁଥିଲା, ଯେତେବେଳେ ସେ ସରଳ ଗାଉଁଲି ପୋଷାକ ଖଣ୍ଡିଏ ପିନ୍ଧି ଗାଁ ଲୋକଙ୍କ ଭିତରେ ଜଣେ ହୋଇ ଚାଲି ଯାଉଥିଲେ । ଶିଶୁ, କିଶୋର, ତରୁଣ —ଏଇ ନୀଳକଣ୍ଠ ଆମମାନଙ୍କ ପାଇଁ ଥିଲେ ଦୂର ଇତିହାସର । କିନ୍ତୁ ପ୍ରାଜ୍ଞ ପ୍ରବୁଦ୍ଧ ନୀଳକଣ୍ଠ ଥିଲେ ସ୍ଥାନ କାଳରେ ଆମମାନଙ୍କର ଏକାନ୍ତ ନିକଟବର୍ତ୍ତୀ । ଯଦିବା ତାଙ୍କ ଭାବ ଲୋକର ସୀମାହୀନ ଆକାଶରେ ଉଡ଼ିଲା ଭଳି ଲାଗେ ଆମେ

Digitized by PPRACHIN, SOA

ପାଇ ନଥିଲୁ । ଏଇଠାରେ ନିଜ ଆଖିରେ ଦେଖା ନୀଳକଣ୍ଠଙ୍କୁ ମୋର ମନେ ପଡ଼ି ଯାଉଛି ।

ଦେଶ ସଦ୍ୟ ସ୍ୱାଧୀନ ହୋଇଥାଏ । ମାତ୍ର ମାସକର ସ୍ୱାଧୀନତା । ତାର ତରଙ୍ଗ ଆମ ଭଳି ତରୁଣମାନଙ୍କ ପ୍ରାଣକୁ ଦୋହଲାଇ ଦେଉଥାଏ । ସଦ୍ୟ ସ୍ୱଚ୍ଛ ସକାଳର ଆଲୋକରାଶି ଯେପରିକି ଅବାଂଛିତ ମେଘରେ ଢାଙ୍କି ହୋଇ ପଡୁଥିଲା । ଦେଶ ସ୍ୱାଧୀନ ହେଲା । ମାତ୍ର ଆମର ସ୍ୱପ୍ନର ଭାରତ ହେଲା ଦ୍ୱିଖଣ୍ଡିତ । ଆମେ ବି କେହି ସେଇ ମେଘ ଭିତରୁ ବେଳେବେଳେ ଆଶାର ଆଲୋକ ଦେଖିପାରୁ ନଥିଲୁ । ଏମିତି ଏକ ସଂଧ୍ୟାରେ ପଣ୍ଡିତଜୀଙ୍କୁ ମୁଁ ପ୍ରଥମେ ଦୂରରୁ ଦେଖେ । ସଭାର ମଞ୍ଚ ଉପରୁ ରଜତ ଶ୍ମଶ୍ରୁ ଶୋଭିତ ଏକ ଉଜ୍ଜ୍ୱଳ ମୁଖ ମଣ୍ଡଳରୁ ଶୁଭ୍ର ହିମାଳୟରୁ ଉଦ୍ଧାରିତ ଗଙ୍ଗୋତ୍ରି ଭଳି ଝରି ଆସୁଥିଲା ଗମ୍ଭୀର ବାଣୀ; "ସମାଜ ବିକାଶର ପ୍ରକାଶ ହେଉଛି ସାହିତ୍ୟ ।" ଆମେ ତ ସାହିତ୍ୟ କହିଲେ ବୁଝୁଥିଲୁ ତାହା ବହିର ବିଷୟ । କିନ୍ତୁ ସେ ଦିନ ପଣ୍ଡିତଜୀ ପୁସ୍ତକରୁ ଆମ ଦୃଷ୍ଟି ଫେରାଇ ନେଲେ ଜୀବନ୍ତ ହୃଦୟକୁ । ଏହି ରୁଦ୍ଧ ଜଳାଶୟରୁ ଆମ ମନକୁ ଫେରାଇ ନେଲେ ଏକ ମହାନ ସାଗର ଆଡ଼କୁ । ଲୋକକଥା, ରୂପକଥା, ଶିଶୁ ଖେଳ ଗୀତ, କନ୍ଧ ଶବର ଗଣ୍ଡଙ୍କ ମୌଖିକ ସାହିତ୍ୟ, ସାମାଜିକ ସ୍ୱାଧୀନତାର ଶ୍ରେଷ୍ଠ ଆଦର୍ଶବାଦୀ ରୁଷିଆରେ ଭାଷା ଓ ସାହିତ୍ୟ ଚର୍ଚ୍ଚାଠାରୁ ବିଶ୍ୱ ପ୍ରକାଶର ଶୃଙ୍ଖଳା, ବ୍ୟକ୍ତି ପ୍ରକାଶର ସଂପର୍କ ଯେନି କେତେ କଥା ସେଦିନ ସେ କହିଗଲେ । କେବେ ଏହି ମହାନ ବ୍ୟକ୍ତିଙ୍କ ଚରଣ ସ୍ପର୍ଶ କରି ପାରିବି — ଏହା ମୋର କଳ୍ପନାତୀତ ଥିଲା ।

## (କ) ଶାନ୍ତି ନିକେତନରେ ନୀଳକଣ୍ଠ :

ପ୍ରାୟ ସାତ ବର୍ଷ ପରେ, ୧୯୫୪ ସେପ୍‌ଟେମ୍ବର ମାସ । କବିଗୁରୁ ରବୀନ୍ଦ୍ରନାଥଙ୍କ ଶାନ୍ତିନିକେତନରେ ତାଙ୍କୁ ଖୁବ୍ ପାଖରୁ ଦେଖିବାର ସୁଯୋଗ ହେଲା । ସେ ଥିଲେ "ବଳରାମଦାସ ଓ ଓଡ଼ିଆ ରାମାୟଣ" ଯେନି ରଚିତ ମୋ ଚର୍ଚ୍ଚା ନିବନ୍ଧର ପରୀକ୍ଷକ । ପ୍ରବଂଧଟି ଆଗରୁ ପଢ଼ି ତାହାର ବହୁମାନ କରିଥିଲେ । ଫଳରେ ସେ ପୁସ୍ତକଟି ବିଶ୍ୱ ଭାରତୀ ପକ୍ଷରୁ ପ୍ରକାଶ ପାଇବା ସମ୍ଭବ ହୋଇଥିଲା । ସେ ଦିନ ସେଇ ମୌଖିକ ପରୀକ୍ଷାକୁ ମୁଁ ମନେକରୁ ଥିଲି — ମୋ ଜୀବନର ଏକ ବଡ଼ ପରୀକ୍ଷା, କେତୋଟି ମୁହୂର୍ତ୍ତ ମୋ ପାଇଁ ବଡ଼

Digitized by PPRACHIN, SOA

ପରୀକ୍ଷା, କି କି ପ୍ରଶ୍ନ ସେ ମୋତେ ପଚାରିଥିଲେ ଓ ମୁଁ କି ଉତ୍ତର ଦେଇଥିଲି ତାହା ଏବେ ମୋର ମନେ ନାହିଁ । ତେବେ ସେଦିନର ଆଲୋଚନା ଓଡ଼ିଆ ସାହିତ୍ୟ ଭିତରେ ସୀମାବଦ୍ଧ ନ ଥାଇ ସଂସ୍କୃତର ଛନ୍ଦତତ୍ତ୍ୱ ଆଡ଼କୁ ଗତି କରିଥିଲା, ଯେଉଁଥିରେ ମୋର ପ୍ରବେଶ ଥିଲା ଏକାବେଳକେ ଅଗଭୀର । ମୃଦୁ ଭର୍ତ୍ସନାର ସ୍ୱରରେ ସେ କହିଥିଲେ "ଯେତେ ଯାହା ପଢ଼, ସଂସ୍କୃତକୁ ନ ଧରିଲେ ସଂସ୍କୃତି ଚର୍ଚ୍ଚାର ଧାରା ଫୁଟିବ ନାହିଁ ।"

ଶାନ୍ତିନିକେତନରେ ତାଙ୍କର ଦୁଇ ଦିନର ରହଣି ଆମର ହୃଦୟ ଓ ମନକୁ ଜୟ କରିଥିଲା । ସେ କାଳର ବିଶ୍ୱଭାରତୀର କୁଳପତି ଆଚାର୍ଯ୍ୟ କ୍ଷିତିମୋହନ ସେନ୍ ଶାସ୍ତ୍ରୀଙ୍କ ଅଧ୍ୟକ୍ଷତାରେ 'ଚୀନା ଭବନ' ରେ ଏକ ସଭା ହୋଇଥିଲା । ପଣ୍ଡିତଜୀଙ୍କ ପାଇଁ ପଡ଼ିଥିଲା ଗୋଟିଏ ଆରାମ ଚୌକି । ତାଙ୍କ ଦୁଇ ପାଖରେ ବସିଥିଲେ ସଭାପତି କ୍ଷିତିମୋହନ ସେନ୍ ଓ ସଭାର ସଂଚାଳକ ଅନ୍ନଦାଶଙ୍କର ରାୟ । ଅନ୍ନଦା ବାବୁ ସେ ଦିନ ଅତି ଭାବପ୍ରବଣ ଭାବରେ କହିଥିଲେ — "ଭାରତର ଭାବ, କଳା ଓ ରସର ଜଗତକୁ ଯେଉଁ ଓଡ଼ିଶା କୋଣାର୍କ ଉପହାର ଦେଇଛି, ସେଇ ଓଡ଼ିଶାର ପ୍ରସ୍ତରୀଭୂତ ଆତ୍ମାର ଯୁଗ ଯୁଗ ସଂଚିତ ବୈଦଗ୍ଧ୍ୟ ଓ ଉଦାରତାର ମୂର୍ତ୍ତି ପ୍ରତୀକ ପଣ୍ଡିତ ନୀଳକଣ୍ଠ । ସେ ସ୍କୁଲର ଜଣେ ଶିକ୍ଷକ, ଦେଶ ସେବକ, ସ୍ୱାଧୀନତା ସଂଗ୍ରାମୀ । କିନ୍ତୁ ସେ ଚିର କାଳରେ କବି । ଏଇ କବିତୀର୍ଥ ଶାନ୍ତିନିକେତନ ତାଙ୍କ ଚରଣ ରେଣୁ ସ୍ପର୍ଶରେ ଧନ୍ୟ ହୋଇଅଛି ।" ଆହୁରି ବହୁ କଥା ସେ ଦିନ ଅନ୍ନଦାଶଙ୍କର କହିଥିଲେ । ସେ ସବୁ ଅବତାରଣାର ସ୍ଥାନ ଏ ନୁହେଁ । ସଭା ଶେଷରେ ମନ୍ତବ୍ୟ ଦେଇ ଶାନ୍ତିନିକେତନର ସେ ଦିନର ଆଶ୍ରମ ଗୁରୁ ଓ କୁଳପତି ପୁରାଣ ବୃଦ୍ଧ କ୍ଷିତି ମୋହନ (ବର୍ତ୍ତମାନ ତାଙ୍କର ଶତବାର୍ଷିକୀ ପାଳିତ ହେଉଛି) କହିଥିଲେ —"ମୋର ଝୁଲାମୁଣି ଧରି ମୁଁ ସାରା ଭାରତ ବୁଲୁଛି । ସତ୍ୟବାଦୀ ବନ ବିହାର ଦିନରୁ ମୁଁ ଗୋପବନ୍ଧୁ ଓ ନୀଳକଣ୍ଠଙ୍କୁ ଜାଣି ଆସିଛି । ଶ୍ରୀକ୍ଷେତ୍ରରେ ମୋର ଅନୁଜକଳ୍ପ ନୀଳକଣ୍ଠଙ୍କ ସହିତ ସଭା ସମିତିରେ ଏକତ୍ର ହେବାର ସୁଯୋଗ ଘଟିଛି । ସେ ମୋ ଠାରୁ ବୟସରେ ସାନ ହେଲେ ବି ଜ୍ଞାନ ଗରିମାରେ ଅନେକ ବଡ଼ । ଆଜି ଜଗନ୍ନାଥଙ୍କ ମୈତ୍ରୀ ଧର୍ମର ବ୍ୟାଖ୍ୟା ମଧ୍ୟରେ ସେ ଯେଉଁ ମହାମାନବର ଆଦର୍ଶ ପ୍ରକାଶ କଲେ, ସେଥିରେ ଆମର ସମସ୍ତ ଅପୂର୍ଣ୍ଣତାକୁ ପୂର୍ଣ୍ଣତାର ସୋପାନରେ ସେ ପ୍ରତିଷ୍ଠିତ କରିଗଲେ ।"

Digitized by PPRACHIN, SOA

ଚୀନାଭବନର ଏଇ ଔପଚାରିକ ସଭା ପରେ ଆମେ ସବୁ ରତନକୋଠୀ ଯାଇଥିଲୁ । ପଣ୍ଡିତଜୀ ସେଠି ରହୁଥିଲେ । ପଣ୍ଡିତଜୀଙ୍କ ରାତ୍ରୀ ଭୋଜନ ସେତେବେଳେକୁ ଶେଷ ହୋଇ ଯାଇଥିଲା । ଆମେ ସବୁ ଭାବିଥିଲୁ ତାଙ୍କୁ ମୁଣ୍ଡିଆଟିଏ ମାରି ବିଦାୟ ନେବୁ । ଶାନ୍ତିନିକେତନରେ ରହୁଥିବା ସବୁ ଓଡ଼ିଆ ଛାତ୍ର ଓ ଅଧ୍ୟାପକ ଏକାଠି ହୋଇଥିଲୁ । ପଣ୍ଡିତଜୀ ତାଙ୍କ କୋଠରୀରୁ ଆସି ବୈଠକ ଖାନାରେ ଆମକୁ ଡାକି ବସାଇଲେ । ସମସ୍ତଙ୍କ ପରିଚୟ ପଚାରିଲେ । ତାଙ୍କ ଆଗରେ ଆମେ ବା କି ପରିଚୟ ଦେବୁ ! କହୁଁ କହୁଁ ପ୍ରାଣ ଆବେଗରେ କେତେ କଥା ଝରି ପଡ଼ିଲା । ସେ ଯେ ଏକ ଅପୂର୍ବ ବକ୍ତୃତା । ପ୍ରାଣରେ ସେଦିନ ଯେପରିକି ସେ ଏକ ଗଭୀର ବ୍ୟଥା ଅନୁଭବ କରୁଥିଲେ । ପୁଣି କି ଆବେଗରେ କେଜାଣି ଆମ ଆଡ଼କୁ ଚାହିଁ ଆଶା ଓ ଆଶ୍ୱାସନାରେ ତାଙ୍କ ମନ ପୂରି ଉଠୁଥିଲା । "ଆମେ ସତ୍ୟବାଦୀକୁ ବଞ୍ଚାଇ ପାରିଲୁ ନାହିଁ । ଗୋପବନ୍ଧୁ ଓଡ଼ିଆ ହୋଇ ଜନ୍ମ ହୋଇଥିଲେ । ଆମର ଜାତୀୟତା ଥିଲେ ଓ ବଙ୍ଗ ଦେଶ ଭଳି ଓଡ଼ିଆଙ୍କ ଭିତରେ କେହି ମଣିଷ ଥିଲେ, ସତ୍ୟବାଦୀ କଣ ଶାନ୍ତିନିକେତନ ଭଳି ସ୍ୱାଧୀନ ଭାରତରେ ଆଜି ଏକ ଆଦର୍ଶ ବନବିହାରରେ ପରିଣତ ହୋଇ ନଥାନ୍ତା ! ସେ କାଳରେ ସୁଭାଷ ବୋଷଙ୍କ ବାପା ଜାନକୀନାଥ ବୋଷ ସତ୍ୟବାଦୀ ବନବିହାରକୁ ପୁନରୁଜ୍ଜୀବିତ କରିବାପାଇଁ ଆଦର୍ଶ ଯୋଜନା ଗଢ଼ିଥିଲେ । ଆମ ଦୋଷରୁ, ଆମ ଜାତି ଦୋଷରୁ ତାହା ଉଧେଇଲା ନାହିଁ ।" ଅଖଣ୍ଡ ଓଡ଼ିଶାର ପ୍ରସାର, ଓଡ଼ିଆ ଆଦର୍ଶର ବିକାଶ ବିଷୟରେ ସେ କେତେ କଥା କହିଗଲେ । "ଏଇ ବୀରଭୂମି ରାଢ଼ଭୂମି— ପୂର୍ବ ସମୁଦ୍ରରୁ ଆରମ୍ଭ କରି ଗୟା ପର୍ଯ୍ୟନ୍ତ ଥିଲା 'ଉତ୍କଳ'ର ଅନ୍ତର୍ଗତ । ଅନ୍ୟର ଯାହା ଯେଉଁଠି ଅଛି, ତାକୁ ଅନୁକରଣ ନକରି ନିଜ ଭାବରେ ଆତ୍ମୀଭୂତ ପରିପାଟୀରେ ଆହରଣରେ ମୌଳିକତା ଫୁଟାଇ ନିଜର କରି ନେବା ପାଇଁ ସେ ଦିନ ସେ ଆମମାନଙ୍କୁ ଉପଦେଶ ଦେଇଥିଲେ । ଜଗତକୁ କିଛି ଦେବାପାଇଁ, ମାନବ ସମାଜରେ ବ୍ୟାପିଥିବା ଘୃଣା, ବିଦ୍ୱେଷ, ରକ୍ତାକ୍ଷୟୀ ସଂଗ୍ରାମ ଭିତରେ ଶାନ୍ତି ଓ ବିଶ୍ୱ ମୈତ୍ରୀର ବାର୍ତ୍ତାବହ ଭାବେ ଓଡ଼ିଆ ବଂଚିଛି ଓ ବଂଚି ରହିବ । ଏହି ଉଚ୍ଚ ଆଶାର ମୋହନ ଦୀପ୍ତ ବାଣୀରେ ଆମମାନଙ୍କ ତରୁଣ ପ୍ରାଣକୁ ସେ ଉଚ୍ଚକିତ କରି ଦେଇଥିଲେ । ଆମେମାନେ ପ୍ରାୟ ଅର୍ଦ୍ଧ ରାତ୍ରିରେ ତାଙ୍କଠାରୁ ବିଦାୟ ନେଇ ଛାତ୍ରାବାସକୁ ଫେରିଲୁ ।

Digitized by PPRACHIN, SOA

## (ଖ) 'ନବଭାରତ' ପ୍ରେସରେ :

ପ୍ରାୟ ବର୍ଷକ ତଳର କଥା । ମୋର "ବଳରାମ ଦାସ ଓ ଓଡ଼ିଆ ରାମାୟଣ" ବହି 'ନବଭାରତ' ପ୍ରେସରେ ଛପା ହେଉଥିଲା । ସେତେବେଳେ 'ନବଭାରତ' ପ୍ରେସର ଅବସ୍ଥା ଭଲ ନ ଥିଲା । ମୋ ବହି ଛପା କାର୍ଯ୍ୟରେ ସାହାଯ୍ୟ କରିବା ସଙ୍ଗେ ସଙ୍ଗେ ପ୍ରେସ କାର୍ଯ୍ୟରେ କିଛି ସାହାଯ୍ୟ କରିବା ପାଇଁ ମୁଁ ଗୋଟିଏ ମାସ 'ନବଭାରତ' ପ୍ରେସ୍‌ରେ ଥିଲି । ଥିଲି ପ୍ରାୟ ପଣ୍ଡିତଜୀଙ୍କର ଏକାନ୍ତ ନିକଟ ଜନ ଭାବରେ । ସେ ଦିନର ସେତିକି ଘଟଣା ଓ ସ୍ମୃତି, ପ୍ରତିଦିନ ଭୋଜନବେଳେ ସେ ରସିକତା ଓ ତାଙ୍କର ଆତିଥ୍ୟ-ସ୍ନେହ ସେ ଭୁଲିବାର ନୁହେଁ । ଏହି ସମୟରେ ହଠାତ୍ ଥରେ ଦଳେଇ ଘାଇରେ ବନ୍ୟା ମାଡ଼ି ଆସିଲା । ଭାରତର ପ୍ରଧାନ ମନ୍ତ୍ରୀ ଜବାହାରଲାଲ ନେହେରୁ ବନ୍ୟା ପୀଡ଼ିତଙ୍କୁ ସାନ୍ତ୍ୱନା ଦେବା ପାଇଁ ଆସିଲେ । ସେଦିନ ନେହେରୁଙ୍କର ବକ୍ତୃତାରେ ଥିଲା—"ବନ୍ୟା ଆମର ପରମ ବନ୍ଧୁ । ସେ ଭାଙ୍ଗେ ଯେମିତି, ଜମିକୁ ଉର୍ବର କରି ନୂଆ ଫସଲ ବଢ଼ାଇବା ପାଇଁ ସେମିତି ବି ସାହାଯ୍ୟ କରେ ।" ସେଦିନ ପଣ୍ଡିତଜୀଙ୍କର ନେହେରୁ ସହ ସାକ୍ଷାତ ହୋଇଥିଲା ରାଜଭବନରେ । ପଣ୍ଡିତଜୀ ସେତେବେଳେ ବିରୋଧୀ ପକ୍ଷରେ । ସେ କହିଥିଲେ, "ଓଡ଼ିଶାର ଶସ୍ୟଭଣ୍ଡାର ଦଳେଇଘାଇ ବନ୍ୟାରେ ଉଜୁଡ଼ି ଯାଇଛି । ଲୋକେ ଅସହାୟ । ସରକାର ଏମିତି କିଛି କରନ୍ତୁ, ଯାହା ଦେଖି ଲୋକଙ୍କର ହୃଦବୋଧ ହେବ, ଆମେ ସ୍ୱାଧୀନ ଦେଶରେ ଅଛୁଁ ।" ଅବଶ୍ୟ ଏହାପରେ ନେହେରୁଙ୍କ ଅନୁରୋଧରେ ନୀଳକଣ୍ଠ ତାଙ୍କର ପ୍ରିୟ କଂଗ୍ରେସ ଅନୁଷ୍ଠାନକୁ ଫେରି ଯାଇଥିଲେ । ଏହି ସମୟର ଆଉ ଗୋଟିଏ ଘଟଣା । ପଣ୍ଡିତଜୀ ମୋ ଭଳି ଜଣେ ସାମାନ୍ୟ ସାହିତ୍ୟ ସେବୀର ଅନୁରୋଧ ରକ୍ଷା କରି ମୋ "ବଳରାମ ଦାସ ଓ ଓଡ଼ିଆ ରାମାୟଣ"ର ମୁଖବନ୍ଧ ଲେଖିବାକୁ ରାଜି ହୋଇଥିଲେ । ବହି ଛପା ଶେଷ ହେଲା, ପଣ୍ଡିତଜୀଙ୍କ ପାଖରୁ ମୁଖବନ୍ଧ ମିଳିଲା ନାହିଁ । ସେ ସମୟରେ ପଣ୍ଡିତଜୀ ହାତରେ ବିଶେଷ କିଛି ଲେଖି ପାରୁନଥିଲେ । ମୁଁ ଲେଖି ବସିଲି । ପଣ୍ଡିତଜୀ ଡାକୁ ଥାନ୍ତି । ପ୍ରଥମରୁ ଆରମ୍ଭ ହେଲା ଏଇ ରାମାୟଣ କଥା । ରାମାୟଣ କେବଳ ଲେଖା, କେବଳ କଥା, କେଉଁଠା ଦଶରଥଙ୍କ କଥା ? ମେସୋପଟାମିଆ ବା ମିଶରର ଦଶରଥ ବା ଆଉ କେଉଁଠା ଦଶରଥ ? ଏହିପରି ଲେଖୁ ଲେଖୁ ଲେଖାଟି

Digitized by PPRACHIN, SOA

ଖୁବ୍ ଘାର୍ଘ ହୋଇଗଲା । । ମୁଁ ଉରସା କରି କିଛି କହି ପାରୁ ନ ଥାଏ । କିନ୍ତୁ ମନେ ମନେ ଭାବୁଥାଏ—'ଦେଉଳକୁ ମୁଖଶାଳା ବଳିଲା' ପରି ଏ ମୋ ବହିର ଏକ ଅଦ୍ଭୁତ ନୂତନ ଅଧ୍ୟାୟ ହେବ । ଅକସ୍ମାତ୍ ସେହି ସମୟରେ ପୁରାତନତତ୍ତ୍ୱବିତ୍ ପରମାନନ୍ଦ ଆଚାର୍ଯ୍ୟ ଆସି ପହଞ୍ଚିଗଲେ । ତାଙ୍କ ସହିତ ପଣ୍ଡିତଜୀ ମୋତେ ପରିଚୟ କରାଇ ଦେଲେ ଓ ତାଙ୍କୁ ଲେଖାଟି ପଢି ଶୁଣାଇବାକୁ କହିଲେ । ଶ୍ରୀଯୁକ୍ତ ଆଚାର୍ଯ୍ୟପୁରାତନତତ୍ତ୍ୱବିତ୍ । ତାଙ୍କର ବୟସର ବଡ଼ ଶାଣିତ, ସେ ମିତଭାଷୀ ଏକାନ୍ତ ଋଷିଚାର୍ଯ୍ୟ । ପ୍ରଥମରୁ ଯାହା ଆ.୦ ଦଶ ପୃଷ୍ଠାରେ ଲେଖା ହୋଇଥିଲା ତାହା କଟା ହୋଇ ଗୋଟିଏ ପାରାଗ୍ରାଫରେ ଲେଖା ଗଲା । ପଣ୍ଡିତଜୀ ଲେଖୁ ଲେଖୁ ଗୋଟିଏ ଗପ କହି ବସିଲେ । ଗପଟି ଏତେ ମନୋଜ୍ଞ ହୋଇଥିଲା ଯେ ସେଇ ଗପଟିକୁ ଏଇ ମୁଖବନ୍ଧରେ ଅନ୍ତର୍ଭୁକ୍ତ କରାଇବାପାଇଁ ଶ୍ରୀଯୁକ୍ତ ଆଚାର୍ଯ୍ୟ ଅନୁରୋଧ କଲେ । ଗପଟିର ସାର ମର୍ମ ଏଇଭଳି ଭାବରେ ଲେଖା ଗଲା । "ମୋର ଏଠି ଗୋଟିଏ ପିଲାଦିନ କଥା ମନେ ପଡୁଛି, କହ୍ନେଇ ଭୋଗର ଗୋଟିଏ ଅତି ଗରିବ ପରିବାର । ଗୋଟିଏ ମେଘୁଆ ଅପରାହ୍ନରେ ନାତିମାନେ ବୁଢ଼ାକୁ ପଚାରିଲେ, ଜେଜେ ! ରଜା ଏଇ-ଲଗେ କ'ଣ କରୁଥିବେ । ବୁଢା କହିଲେ, ଶିଏ ମ୍ୟଡ଼େଇରେ ଗୁଡ଼ଲଭଜା ଚୋବାଉ ଥିବେ ।"

## ନୀଳକଣ୍ଠ— ଏକ ସିଂହାବଲୋକନ:

ଏଇ ପଣ୍ଡିତ ନୀଳକଣ୍ଠ—ସ୍ମୃତି ବିସ୍ମୃତିର ଅତଳ ଗର୍ଭରେ ତାଙ୍କ ମନରେ ପ୍ରଜ୍ଞା ଓ ପ୍ରବୀଣତାର ପୁରୋଦୃଷ୍ଟି ଝଲକ ଉଠୁଥିଲା । ତାଙ୍କ ହାତରେ କେବେ କ୍ଷମତା ନ ଥିଲା । ତାଙ୍କ ପକ୍ଷରେ କୌଣସି ଶାସନ ଶକ୍ତି ନ ଥିଲା । କିନ୍ତୁ ତାଙ୍କ ପ୍ରଭାବ ଥିଲା ଅପ୍ରତିହତ । ଯେ କ୍ଷମତା ରକ୍ତ ଅଶ୍ରୁର ବନ୍ୟା ବୁହାଏ, ସେ ସେପରିକି ଥିଲେ ତାର ପ୍ରତିରୋଧକାରୀ ଏକ ମହାନ୍ ଶାନ୍ତି ଓ ସୃଷ୍ଟିର ଉତ୍ସ, ଆର୍ଷ ମହିମାରେ ମହିମାନ୍ୱିତ । ତାଙ୍କର ମର ଶରୀର ମାଟିରେ ମିଶି ଯାଇଛି । ଜୀବନର ଶେଷ କେତେ ବର୍ଷ ସଦ୍ୟପ୍ରାପ୍ତ ସ୍ୱାଧୀନତାର ଫଳ ଯେପରି ଲୋକେ ସମସ୍ତେ ଭୋଗ କରନ୍ତି, ତାହାହିଁ ଦେଖିବାକୁ ସେ ଚାହୁଁ-ଥିଲେ । ସେ ଥିଲେ ରାଜନୀତିର ପଙ୍କ ଓ କଳୁଷର ବହୁ ଊର୍ଦ୍ଧ୍ୱରେ । ତାଙ୍କ ହୃଦୟ ଓ ମନରେ ଥିଲା ଶରତ ମେଘର ଶୁଭ୍ରତା । "All passion spent" ଭାବ ! ଏଇ ପ୍ରାଜ୍ଞପ୍ରବୀଣଚିତ୍ତ ଗୋଟିଏ ବିଷୟରେ ବିଶେଷ ଭାବପ୍ରବଣ

Digitized by PPRACHIN, SOA

ହୋଇ ଉଠୁ ଥିଲା । ତାହା ହେଉଛି ତାଙ୍କ ପ୍ରାଣର ପ୍ରିୟ ଓଡ଼ିଆ ଭାଷା ଓ ସାହିତ୍ୟକୁ ତାର ମୌଳିକ ଦିଭବରେ ମହିମାନ୍ୱିତ ଦେଖିବା । ବାଚସ୍ପତି ନୀଳକଣ୍ଠ ହୋଇଥିଲେ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଭାପତି । କେତେ ବଡ଼ କଳ୍ପନା ତାଙ୍କର । ଗୋପାଳ ସାହିତ୍ୟ ମନ୍ଦିର, ଓଡ଼ିଆ ଗବେଷଣା ସଂସ୍ଥା ସେ ସବୁ ସ୍ୱପ୍ନ ଯେପରିକି କାର୍ଯ୍ୟରେ ପରିଣତ କରିବାପାଇଁ ସେ ସୁଯୋଗ ଉଣ୍ଟୁ ଥିଲେ, ତାହା ସେ ପାଇଲେ ନାହିଁ । ୧୯୬୨ରେ ସେ ପୁଣି ରାଜନୀତି ରଙ୍ଗମଞ୍ଚରୁ ତିରୋହିତ ହେଲେ । ତାଙ୍କୁ ଯେଉଁଭଳି ଭାବରେ ସେଦିନ ରାଜନୀତିରୁ ବିଦାୟ ନେବାକୁ ହୋଇଥିଲା, ତାହା ହୁଏତ ସେ ସହଜ ଭାବରେ ଗ୍ରହଣ କରି ପାରି ନଥିଲେ । "ପିଲାଦିନେ ହଡ଼ାବଳନ୍ଦର ଆତ୍ମକାହାଣୀ ମାଷ୍ଟରଙ୍କ-ଠାରୁ ଶୁଣି ବା କଳ୍ପନାରେ ଉଦ୍ଭାବନ କରି ବଳନ୍ଦର ଅନ୍ତିମ ଜୀବନର ଅସହାୟତା ବିଷୟରେ ଲେଖିବାକୁ ହେଉଥିଲା । ବର୍ତ୍ତମାନ ରାଜନୀତିରେ ହୁଏତ ମୁଁ ସେହିପରି ଅନାବଶ୍ୟକ ।" (ନୀଳକଣ୍ଠ ଗ୍ରନ୍ଥାବଳୀ ୧୨୧)(୧ମ)ପୃ:

ଏଇଭଳି କେତେ ଅତ୍ୟାଚାର ସେ ସହିଛନ୍ତି, ପାଇଛନ୍ତି କେତେ ସମ୍ମାନ ଓ ଗୌରବ । ଉତ୍କଳ ବିଶ୍ୱବିଦ୍ୟାଳୟରୁ ଶ୍ରେଷ୍ଠ ସମ୍ମାନ-ଜନକ ଉପାଧି (୧୯୫୫), ଭାରତ ସରକାରଙ୍କ ପକ୍ଷରୁ ପଦ୍ମଭୂଷଣ ଉପାଧି (୧୯୫୬) ଆତ୍ମଜୀବନୀ ପାଇଁ କେନ୍ଦ୍ର ସାହିତ୍ୟ ଏକାଡ଼େମୀର ପୁରସ୍କାର (୧୯୬୩) । ଏସବୁଥିରେ ପଣ୍ଡିତଜୀଙ୍କର ଗୌରବ କିଛି ବଢ଼ି ନ ଥିଲା । ପରନ୍ତୁ ଏଇସବୁ ସଂସ୍ଥା ଗୁଡ଼ିକହିଁ ସମ୍ମାନିତ ହୋଇଥିଲା । କୌଣସି ବିପଦ ଆପଦବେଳେ ଅଥବା ପତନ ପରାଜୟ ବନ୍ଧୁର ମୁହୂର୍ତ୍ତରେ ତାଙ୍କ ଆଖିର ଜ୍ୟୋତି ଟିକିଏ ବୋଲି ମ୍ଳାନ ହେଉ ନଥିଲା । କେତେବେଳେ ତାଙ୍କ ମୁହଁରୁ 'ହା ହତୋସ୍ମି' ଭାବ ଫୁଟୁ ନ ଥିଲା । ତାଙ୍କୁ ଶେଷ ବୟସରେ ଏକାପ୍ରକାର ପକ୍ଷାଘାତ ହୋଇ ଯାଇଥିଲା । ସେ କହୁଥିଲେ—"ମୋର ଗୋଡ଼ହାତ ନ ଚଳିଲେ କିଛି ଦୁଃଖ ନାଇ, କେବଳ ମସ୍ତିଷ୍କ ଓ ଚକ୍ଷୁ ଠିକ୍ ଥିଲେ ମୋର ଆଉ କେଉଁଥିକୁ ଖାତିର ନାଇଁ ।" ଦୀର୍ଘ ଦିନ ସେ ଏକରକମ ଅଚଳ ଶଯ୍ୟାଶାୟୀ ହୋଇ ରହିଲେ ।

## ମହା ମାନବର ମହାପ୍ରୟାଣ

ମହାନ୍ ପୁରୁଷ ନୀଳକଣ୍ଠଙ୍କର ନର ଶରୀର ମାଟିରେ ମିଶି ଯାଇଚି— ସେ ଦିନ ମୃତ୍ୟୁ ଶଯ୍ୟାରେ ତାଙ୍କ ଆଖିରେ ଥିଲା ଚିର ଜୀବନର ଦୀପ୍ତି । ୧୯୬୭ ନଭେମ୍ବର ୬, ସୋମବାର କାର୍ତ୍ତିକ ଶୁକ୍ଳ ପଞ୍ଚମୀ । ଅପରାହ୍ନ

Digitized by PPRACHIN, SOA

ଝଡାରେ ଆତ୍ମୀୟ ପରିଜନ ଓ ପ୍ରିୟ ଦେଶବାସୀଙ୍କଠାରୁ ଚିର ବିଦାୟ ନେଇ ସେ ଆଖି ବୁଜି ଦେଲେ । ସେତେବେଳେ ସ୍ୱତନ୍ତ୍ର ଦଳର ପାଟଣା ମହାରାଜା ଶ୍ରୀ ରାଜେନ୍ଦ୍ର ନାରାୟଣ ସିଂହ ଦେଓ ଓଡ଼ିଶାର ମୁଖ୍ୟମନ୍ତ୍ରୀ । ତାଙ୍କ ସରକାର ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ପଣ୍ଡିତଙ୍କଙ୍କ ଶେଷ କୃତ୍ୟ ସମାପନର ବ୍ୟବସ୍ଥା କଲେ । ଜୀବାବସାନରେ ଶବାଧାର ପୂର୍ଣ୍ଣ ରାଷ୍ଟ୍ରୀୟ ମର୍ଯ୍ୟାଦା ସହକାରେ ଏକ ଉନ୍ମୁକ୍ତ ଯାନରେ ସୁସଜ୍ଜିତ ଶୋଭାଯାତ୍ରାରେ ସତ୍ୟବାଦୀ ଅଭିମୁଖେ ବାହାରିଲା । କଟକ ସହର ଓ ଭୁବନେଶ୍ୱରର ପ୍ରଧାନ ପ୍ରଧାନ ଅଞ୍ଚଳ, ନୀଳକଣ୍ଠଙ୍କର ପ୍ରିୟ କର୍ମସ୍ଥଳ ସମୂହ ପରିକ୍ରମା କରି ରାଜ୍ୟପାଳଙ୍କ-ଠାରୁ ରାଜ୍ୟର ସରକାରୀ, ବେସରକାରୀ ବିଶିଷ୍ଟ ବ୍ୟକ୍ତି ଓ ଅନୁଷ୍ଠାନଠାରୁ ଆରମ୍ଭ କରି ଶତସହସ୍ର ସାଧାରଣ ଜନତାର ଅଶ୍ରୁ ଓ ଶ୍ରଦ୍ଧା ପୁଷ୍ପାଞ୍ଜଳି ଗ୍ରହଣ କଲା । ନିଶାର୍ଦ୍ଧ ଭେଦ କରି ରାଜ୍ୟର ମୁଖ୍ୟମନ୍ତ୍ରୀ, ବହୁ ନେତା ଓ ଅର୍ଦ୍ଧ ସହସ୍ରାଧିକ ଦୂରଦୂରାନ୍ତ ଦେଶପ୍ରେମୀ ଜନତା ସହିତ ଏହା ପହଞ୍ଚିଲା ସାଇ ରଜନୀର ଶେଷ ଭାଗରେ ସତ୍ୟବାଦୀର ପଞ୍ଚସଖା ପୀଠରେ ପହଞ୍ଚିଲା । ଦେଶ ସେବୀଙ୍କ ମୃତ୍ୟୁରେ ରାଷ୍ଟ୍ରୀୟ ସମ୍ମାନ ପ୍ରଦର୍ଶନର ଏକ ନୂତନ ପରମ୍ପରା ସୃଷ୍ଟି ହେଲା । ପୂର୍ବାକାଶରେ ସିନ୍ଦୁରା ଫାଟିବା ପୂର୍ବରୁ ସେଇ ଅପରାଜେୟ ମହାନ୍ ବ୍ୟକ୍ତିଙ୍କର ମର କଳେବର ଲୋକ ଲୋଚନରୁ ଉଭେଇ ଗଲା । ରାଷ୍ଟ୍ରୀୟ ଭୂରୀର ଭୃଙ୍ଗ ନିନାଦ ସହିତ ଅଗଣିତ ଆବାଳ-ବୃଦ୍ଧ-ବନିତାଙ୍କ ଶୋକୋଚ୍ଛ୍ୱାସରେ ସତ୍ୟବାଦୀର ବକୁଳ ଛୁରିଅନା ବନ କମ୍ପି ଉଠିଲା । ଯେଉଁଠି ପଣ୍ଡିତ ନୀଳକଣ୍ଠ ଦିନେ ସହସ୍ରାଧିକ ମଣିଷ ତିଆରି କରିଥିଲେ, ସେଇଠି ସହସ୍ର ସହସ୍ର ମୁଖରୁ ଶୁଣା ଯାଉଥିଲା, "ଆହା, ମଣିଷ ପରି ମଣିଷଟାଏ ଚାଲି ଗଲା ।" ଭବିଷ୍ୟତ ବଂଶଧରଙ୍କ ପ୍ରାଣରେ ମହାପୁରୁଷଙ୍କ ଅମର ଆତ୍ମାର ମହାସ୍ମୃତି ଚିରଦିନ ଜାଗରୁକ ରଖିବ ସ୍ମୃତି ଫଳକର ଏଇ ଅବିସ୍ମରଣୀୟ ପଂକ୍ତି—

ଯସ୍ୟା ପ୍ରଜ୍ଞାଚ ପାଣ୍ଡିତ୍ୟଂ　　କବିତ୍ୱଂ ବହୁ ଗୀୟତେ
ଦେଶ ସେବା ତୋଷ ମାନ୍ୟ　　ଜନତାୟା ଶୁଭପ୍ରଦାଃ
ଗୋପବନ୍ଧୁ ପ୍ରିୟ ସଖା　　ନୀଳକଣ୍ଠ ଇତି ଶ୍ରୁତଃ
ସୋହ ଲୋକାନ୍ତରଂ ପ୍ରାପ୍ତୌ　　ସମାଧିଂ ଚିରମାସ୍ଥିତଃ ।

—※—

Digitized by PPRACHIN, SOA

# ସ୍ଥିତି

ଆଜି ବିଜ୍ଞାନ ଦେଖିସାରିଛି—ଏତେ କାଳର ନିତ୍ୟ ସ୍ଥିତିଶୀଳ ପରମାଣୁ ମଧ୍ୟ ସ୍ଥିତିଶୀଳ ନୁହେ । ଏକ ଏକ ପରମାଣୁ ମଧ୍ୟରେ ସୌରଜଗତପରି ଗତିଶୀଳ ଓ ଭ୍ରାମ୍ୟମାଣ ବିଦ୍ୟୁତ ବିନ୍ଦୁମାନ ଅଛି । ଅତଏବ ମାନବର ସମସ୍ତ କଳ୍ପନା କଳନା ଆପେକ୍ଷିକ; ଅନପେକ୍ଷିତ ବା ଅନପେକ୍ଷଣୀୟ ବସ୍ତୁର କଳନା ବା କଳ୍ପନା ମାନବର ନାହିଁ । ତେବେ ନିଗ୍ରହାନୁଗ୍ରହସମର୍ଥ ବିଭୁ ବା ଈଶ୍ୱରର କଳ୍ପନା ମାନବର ଅହଂକାର ଛଡ଼ା ଆଉ କଣ ହୋଇପାରେ ?

ବିଧାତାଙ୍କ ସୃଷ୍ଟି : ନୀଳକଣ୍ଠ

ନବଭାରତ ୧ମ ସଂଖ୍ୟା : ୧୩୪୧ ମିଥୁନ

Digitized by PPRACHIN, SOA

# ପ୍ରବୁଦ୍ଧ ମାନସିକତାର ତିନୋଟି ଦିଗ

## ସଂସ୍କାରକ, ସାମ୍ବାଦିକ, ସାହିତ୍ୟିକ

### ସମାଜସଂସ୍କାରକ

ଶିକ୍ଷକ, ରାଜନୀତିକ, ସ୍ୱାଧୀନତା ସଂଗ୍ରାମର କର୍ଣ୍ଣଧାର ରୂପେ ନୀଳକଣ୍ଠଙ୍କର ଅବଦାନ ସମସାମୟିକ ସମାଜରେ ପରିବେଷ୍ଟନୀକୁ ଯେତିକି-ପ୍ରଭାବିତ କରିଥିଲା, ତତୋଧିକ ପ୍ରଭାବିତ କରିଥିଲା ତାଙ୍କର ବୈପ୍ଳବିକ ବ୍ୟକ୍ତି ସ୍ୱାତନ୍ତ୍ର୍ୟବୋଧ ଓ ସମାଜ ସଂସ୍କାର ଭାବନା । ସେ କାଳରେ ତାଙ୍କର ଏହି ବୈପ୍ଳବିକ ସମାଜ ସଂସ୍କାର ଭାବନା 'ନଖ' ଆନ୍ଦୋଳନ ନାମରେ ପରିଚିତ । ନଅ ନମ୍ବର ପଞ୍ଚାନନ ଘୋଷ ଲେନ୍ ମେସ୍‌ରେ ସମାଜ ସଂସ୍କାର ପାଇଁ ଗୋଟିଏ ସଂଘ ଗଢ଼ା ହୋଇଥିଲା । ଏଥିରେ ନୀଳକଣ୍ଠ ବିଶେଷ ନେତୃତ୍ୱ ନେଇ ଥିଲେ । ଗୋଦାବରୀଶଙ୍କ ଭାଷାରେ—"ଆମେମାନେ ଜାତି ଭେଦ ଉଠାଇ ଦେବାକୁ ଦିନେ ସ୍ଥିର କଲୁ । ବିଭିନ୍ନ ଜାତି ମଧ୍ୟରେ କେବଳ ଖିଆପିଆ ନୁହେଁ, ବିବାହ ସଂପର୍କ ସୁଦ୍ଧା ଚଳାଇବାଲାଗି ପ୍ରସ୍ତାବ ଗୃହୀତ ହେଲା । ପ୍ରସ୍ତାବକୁ କାର୍ଯ୍ୟକାରୀ କରିବାଲାଗି "ହିନ୍ଦୁ ସମାଜ" ନାମରେ ଏକ ସଂଘ ଗଠିତ ହେଲା । ସବୁ ଛାତ୍ର ଅବଶ୍ୟ ସେଥିରେ ଯୋଗ ଦେବାକୁ ରାଜି ହେଲେ ନାହିଁ, କିନ୍ତୁ ଯେଉଁମାନେ ହେଲେ, ଖୁବ୍ ଉତ୍ସାହର ସହିତ ଡେଇଁ ପଡ଼ିଲେ । ମୁଁ ସେ ପର୍ଯ୍ୟନ୍ତ ଦାଢି ନଖ କେବେ ଖିଅର ହୋଇ ନଥିଲି । ନୀଳକଣ୍ଠ ବାବୁ ମଧ୍ୟ ଦାଢି ରଖି ଥିଲେ । ଓଡ଼ିଶାର ବ୍ରାହ୍ମଣ ସମାଜରେ ଦାଢି କାଟି ନଖ ରଖିବା ମନା ଥିଲା । ଆମେ ଦୁହେଁ ତାର ପ୍ରତିବାଦରେ ନଖ ରଖି ଦାଢି କାଟି ପକାଇଲୁ । ସେଥିପାଇଁ ପରେ ନୀଳକଣ୍ଠଙ୍କୁ କେତେ ସାମାଜିକ ନିର୍ଯ୍ୟାତନା ଭୋଗିବାକୁ ପଡ଼ିଲା । ସେ କ୍ରମେ ଦାଢି ରଖି ନେଲେ, ଏବେ ଓଡ଼ିଶାରେ କେହି କେହି ତାଙ୍କ ନାମ ନ କହି କେବଳ 'ଦାଢି' କହନ୍ତି ।" (୧)

ନୀଳକଣ୍ଠ ନଖ ପାଇଁ କିପରି ଶାସନୀ ବ୍ରାହ୍ମଣମାନଙ୍କ ଦ୍ୱାରା ଲାଞ୍ଛନାର ସମ୍ମୁଖୀନ ହୋଇଥିଲେ, ତାହା 'ମୋ ନଖ' ପ୍ରବନ୍ଧରେ ବିଶଦ ଭାବରେ ବର୍ଣ୍ଣିତ । "ବ୍ରାହ୍ମଣମାନେ ପାପୀର ଅନୁସନ୍ଧାନ କରି ନାନାଭାବରେ ତାଙ୍କୁ

(୧) 'ଅର୍ଦ୍ଧ ଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ' ସ୍ଥାନ, ଗୋଦାବରୀଶ ପୃ. ୧୯୭-୧୯୮

Digitized by PPRACHIN, SOA

ବାଧ୍ୟ କରି ତାଠାରୁ ଅବସ୍ଥା ଅନୁସାରେ ଅଠର ଟଙ୍କାରୁ ଅଠର ପଇସା ଏପରିକି ଅଠର ସଂଖ୍ୟକ ପାହୁଲା ନେଇ ଶୂଦ୍ରମାନଙ୍କୁ ବ୍ୟବସ୍ଥା ଦିଅନ୍ତି । କିନ୍ତୁ ଉପବୀତଧାରୀଙ୍କର ପାପ ପାଇଁ କେବେ ପ୍ରାୟଶ୍ଚିତ୍ତ ପଡ଼ୁ ନଥିଲା ।" ମାଳକଣ୍ଠଙ୍କ ନିଶ ପାଇଁ ଏଇ ବ୍ରାହ୍ମଣମାନେ ସ୍ୱତନ୍ତ୍ର ପ୍ରାୟଶ୍ଚିତ୍ତ ବିଧାନ ଦେଲେ । ମାଳକଣ୍ଠଙ୍କ ଉକ୍ତିରେ କହିଲେ, "ନିରକ୍ଷର ଶାସ୍ତ୍ରଜ୍ଞଙ୍କଠାରୁ ଆରମ୍ଭ କରି ମହାମାନ୍ୟ ପଣ୍ଡିତ ମହାଶୟଙ୍କ ପର୍ଯ୍ୟନ୍ତ ବେଦବେଦାନ୍ତ ସାଂଖ୍ୟଯୋଗ ଏପରିକି ପାଣିନିଙ୍କ ଅଷ୍ଟାଧ୍ୟାୟୀରୁ ଚୂଡ଼ାନ୍ତ ଉକ୍ତି ସବୁ ସଂଗ୍ରହ କରି ମୋ ପାଇଁ ପ୍ରାୟଶ୍ଚିତ୍ତ ବିଧି କରିବା ପାଇଁ ପ୍ରସ୍ତୁତ । ଏପରି ପ୍ରକାଣ୍ଡ ତାଣ୍ଡବ ଦେଖି ମତେ ଅବଶ୍ୟ ଟିକିଏ ଛାନିଆ ଧରି ଗଲା । କିନ୍ତୁ ମୁଁ କଥଞ୍ଚିତ ଧୈର୍ଯ୍ୟ ଧରି ବ୍ରାହ୍ମଣମାନଙ୍କୁ ମୋ ପାପର କାରଣ ପଚାରିଲି । ବହୁତ କଷ୍ଟରେ ସେମାନଙ୍କଠାରୁ କାରଣ ବାହାରିଲା । ଏବେ ମୁଁ ଜାଣିଲି ଯେ ଦାଢ଼ି ନିଶ ଦୁହିଁଙ୍କି ନରଖି ବା ଦୁହିଁଙ୍କି ନ କଟାଇ ଗୋଟିଏ କଟାଇ ଗୋଟିଏ ରଖିବାର ମହାପାପରେ ମୁଁ ପଡ଼ିଅଛି ।"

ଆଦ୍ୟ ଯୌବନର ଏକ ଫେସନ୍ ରୂପେ ହୁଏତ ମାଳକଣ୍ଠ ନିଶ ରଖି ଥିଲେ । କଲିକତା ବିଶ୍ୱବିଦ୍ୟାଳୟର ଛାତ୍ରମାନଙ୍କ ପକ୍ଷେ ଏହା ହୁଏତ ସେ କାଳେ ସାଧାରଣ କଥା ଥିଲା । ମାତ୍ର ନିଜ ରୁଚି ଅନୁସାରେ ଦାଢ଼ିଟାକୁ କାଟି କିପରି ନିଶ ରଖି ଥିଲେ, ତାହା ତାଙ୍କର ନିମ୍ନୋକ୍ତ ଉକ୍ତିରୁ ଜଣାଯାଏ । ତେବେ, କେତେ ଦିନ ମାଳକଣ୍ଠ ନିଶ ରଖିଥିଲେ ଓ କେବେ କି ପରିବେଶରେ ନିଶ ସଙ୍ଗରେ ଦାଢ଼ି ଯୋଗ କଲେ, ତାହା ଏକ କୌତୂହଳର ବିଷୟ । କଲିକତାରେ ଏହି ତରୁଣ ଛାତ୍ର ଜୀବନରେ ମାଳକଣ୍ଠ ଥିଲେ ଏକାନ୍ତ ଆଧୁନିକତାପନ୍ଥୀ । ହୁଏତ ତାଙ୍କ ନିଶ ରଖିବା ଥିଲା ଆଧୁନିକ ଚିନ୍ତା ଓ ଚେତନାର ପ୍ରତୀକ । କିନ୍ତୁ ସାମାଜିକ ମୂଲ୍ୟବୋଧ ସମ୍ମୁଖରେ ପରାଭୂତ ହୋଇ ମାଳକଣ୍ଠ ନିଶ ସାଙ୍ଗରେ ଯେ ଦାଢ଼ି ଯୋଗ କରିଥିବେ ଏହା ଅକଳ୍ପନୀୟ । ହୁଏତ ଏଥିପାଇଁ ପ୍ରାଚୀନ ଭାରତୀୟ ଆର୍ଯ୍ୟଭାବନା ତାଙ୍କୁ ପ୍ରଭାବିତ କରିଥିବ । ବଡ଼ କୌତୁକପୂର୍ଣ୍ଣ ଭାବରେ ମାଳକଣ୍ଠ ସେ କାଳରେ ଲେଖିଥିଲେ, "ମୋ ନିଶରେ କୌଣସି ବିଶେଷତ୍ୱ ନାହିଁ । ସମସ୍ତଙ୍କ ନିଶ ପରି ଏହା ଯୌବନରେ କଳା, ନାକ ତଳକୁ ଅଛି । ତେବେ କାହାର କାହାର ବା ଚୋପାଣି ଛଣା, ମୋର ତାହା ନୁହେଁ—ମୁଁ ଜାଣିଥିଲି ମୁଁ ଗୋଟିଏ ଶାଉଁକିଆ ପଥର ଖୁସିରେ

Digitized by PPRACHIN, SOA

ଧରିଥିଲି । ତା ମୋର ରୁଚି, ସେଥିରେ କାହାର କିଛି କହିବାର ନାହିଁ । କିନ୍ତୁ ମୋ ପଥର ଯେ କି ଗ୍ରାମକୁ ଆସି ଦେଖିଲି ଶାସନୀବ୍ରାହ୍ମଣ ଶାଳଗ୍ରାମ-ନାମଦେଲତାଙ୍କୁ ମୋଠାରୁ ଛଡ଼ାଇନେଇ ବାଉଁ ଖଣ୍ଡିକରେ ଥୋଇ ତା ସଙ୍ଗେ ସାଡ଼ମ୍ବର ପୂଜାମଣ୍ଡଳି ଯେଉଁ ଦେଲେ...... ..ରୁମାଲରେ ମୁହଁ ପୋଛିବା କି ଗାମୁଛା କାନିରେ ମୁହଁ ପୋଛିବା, ବେଣ୍ଣି ରଖି ଖିଅରହେବା କି ପଣ୍ଡିତମାନଙ୍କ ପରି ଖିଅରହେବା; ଏ ସବୁ କଏ କାହାକୁ ମଗୁର କରିବାର ମୁଁ ଦେଖିନାହିଁ । ଏହା ଏପର୍ଯ୍ୟନ୍ତ ମନୁଷ୍ୟର ରୁଚିର କଥା ଥିଲି । ସେହି ରୁଚିହେଉ ବା ଅନ୍ୟ କୌଣସି କାରଣରୁ ହେଉ, ନିଜର ଇଚ୍ଛାରେ ଦାଢ଼ିଟାକୁ କାଟି ସଫା କରିଦେଲି, ନଶଠା ଥ.ଏ । ମୁଁ ଗ୍ରାମକୁ ଆସି ଦେଖିଲି ଯେ ଅନାହୂତ ଭାବରେ ଲୋକେ ମୋ ପାଇଁ ପ୍ରାୟଶ୍ଚିତ ବ୍ୟବସ୍ଥା ଘେନି ଉପସ୍ଥିତ ।”

ଏହି ପରିବେଶରେ ବ୍ରାହ୍ମଣମାନେ କିପରି ନୀଚ ଜାତିମାନଙ୍କ ପାଇଁ ପ୍ରାୟଶ୍ଚିତ ବିଧାନ କରନ୍ତି ଅଥଚ ନିଜେ କରୁଥିବା ପାପ କାର୍ଯ୍ୟର କୌଣସି ପ୍ରାୟଶ୍ଚିତ ନେଉନ୍ତି ନାହିଁ, ତା’ର କେତୋଟି ଦୃଷ୍ଟାନ୍ତ ଲେଖକ ଦେଇଅଛନ୍ତି । ପାଣି ଧୋବାର ମାଛିଆପାତକ ଓ କେଳା ବେହେରାର ଗୋବଧ ପାଇଁ ପ୍ରାୟଶ୍ଚିତ ନିଜେ ଦେଖିଥିବା କଥା ବର୍ଣ୍ଣନା କରିଅଛନ୍ତି । ଘା’ରେ ପୋକ ପଡ଼ିଲେ ମାଛିଆ ପାତକ ଓ ବେକରେ ପଘାଲଗି ଗୋରୁ ମଲେ ଗୋବଧ ମହାପାପ ହୁଏ । କିନ୍ତୁ ବ୍ରାହ୍ମଣମାନେ ନିଜର କୌଣସି ପାପରେ ପ୍ରାୟଶ୍ଚିତ କରନ୍ତିନାହିଁ । ସେମାନେ ନିଜ ହାତରେ ଗୋରୁ ମାରିଲେ ବି ପାପ ଲାଗେ ନାହିଁ । ଶଂକର୍ଷଣପୁରର ଗୁନାରଥେ ବିଲରେ ବାଳୁଙ୍ଗା ବାଛୁଥିଲେ । ବୁଢ଼ିଗାଈଟିଏ କ୍ଷେତରେ ମୁହଁ ପୂରାଇଦେଲା । ନିଜର ଭାଙ୍ଗବଟାରକ୍ତ ପୀତ ଠେଙ୍ଗାଟିରେ ଗାଈକୁ ଏପରି ପାହାରେ ଦେଲେ ଯେ ଏଥିରେ ଠେଙ୍ଗାଟି ଭାଙ୍ଗିଗଲା, ଖଣ୍ଡେଦୂର ଯାଇ ଗାଈଟି ମରିଗଲା । ରଥେ ଗାଈ ମଲାବୋଲି କୌଣସି ଦୁଃଖ ନ କରି ନିଜ ଠେଙ୍ଗାଟି ଭାଙ୍ଗିଗଲା ବୋଲି କେବଳ ଦୁଃଖ କରୁଥିଲେ । ବ୍ରାହ୍ମଣମାନେ ଜପ ଓ ପ୍ରାଣାୟାମ କରି କେବଳ ନିଜ ପାପ ନୁହେଁ ଅନ୍ୟର ପାପ ଖଣ୍ଡନ କରୁଥିଲେ ବୋଲି କହୁଥିଲେ । ଖାଲି ନିଶ ରଖି ନୀଳକଣ୍ଠ ଯେ ଉଗ୍ରପନ୍ଥୀଙ୍କର ବକ୍ରଦୃଷ୍ଟିରେ ପଡ଼ିଥିଲେ ତା’ନୁହେଁ, ଗାଁର ମାଟିମୂର୍ତ୍ତି ଦେବୀପୂଜା ଓ ତନ୍ତ୍ର ଉପାସନା ନାମରେ ମଦ୍ୟପାନ ଓ ସମାଜରେ

Digitized by PPRACHIN, SOA

ଘଟୁଥିବା ବ୍ୟଭିଚାରକୁ ତୀବ୍ର ଭାବରେ ସମାଲୋଚନା କରୁଥିଲେ । ନୀଳକଣ୍ଠଙ୍କୁ ପୁଣି ତାଙ୍କର ସମବୟସ୍କ ଲୋକେ ବୁଢାଙ୍କ କଥା ନମାନି ମହାପାପ କରୁଛନ୍ତି ବୋଲି କହୁଥିଲେ । କିନ୍ତୁ ସେହି ବନ୍ଧୁ ଗୁନାରତଥ ବଳକୁ ନ ଯାଇ ଚୁଗୁଲି କରୁଥିବାରୁ ତାଙ୍କ ବାପା ତାଙ୍କୁ ଆକଟ କରିବାରୁ ନାନାବିଧ ଅଶ୍ଳୀଳ ସମ୍ବନ୍ଧ ସ୍ଥାପନ ପୂର୍ବକ ଘୋର ବଚସା କରିଥିଲେ । ପୁଣି ଆଉ ଦିନେ ଏଇ ଗୁନାରତଥ ତାଙ୍କ ଦାରୁକଆଶରେ ପଣ୍ଡିତ ବୋଲି ପରିଚିତ ଜଣେ ବୃଦ୍ଧ ବ୍ରାହ୍ମଣ ସାଙ୍ଗରେ ବଚସାରୁ ହାତାହାତି ପର୍ଯ୍ୟନ୍ତ ଗଲେ ଓ ବୃଦ୍ଧଙ୍କୁ ମାରି ଭୂମିରେ ଶୁଆଇ ଦେଇଥିଲେ । ଅନ୍ୟାନ୍ୟଙ୍କ ଧରାଧରିରେ ବୃଦ୍ଧ ଜୀବନ ପାଇଲେ । ଶେଷରେ ଏମାନେ ମକଦ୍ଦମା କରିବାକୁ ଯାଉଥିଲେ । ତାହା ନୀଳକଣ୍ଠ ନିଜେ ସମାଧାନ କରିଥିଲେ । ପୁଣି ସେ ବିଦ୍ରୂପାତ୍ମକ ଭଙ୍ଗୀରେ ଲେଖିଛନ୍ତି—"ମୁଁ ଯଦି ଖାଲି କଥା ନ କହି ବୁଢାଙ୍କୁ ମାଡ଼ମାରି ପାରୁଥାନ୍ତି ତେବେ ଅବା ଶାପ ପଡ଼ନ୍ତା ନାହିଁ ।" ନିଜ ବିଷୟରେ ପୁଣି ନୀଳକଣ୍ଠ ଲେଖିଛନ୍ତି, ପ୍ରକୃତିକଥାରେ କାରଣ ପଚାରିବା ମୋର ଗୋଟିଏ ଦୁରାରୋଗ୍ୟ ରୋଗ । ପଶୁ କାରଣ ନ ପଚାରି ସହଜାତ ବୃତ୍ତିବଳରେ କିମ୍ବା ଘଟଣାଚକ୍ରରେ ଯାହା କରିବାକୁ ବାଧ୍ୟହୁଏ, ତାହା କରେ । ଯେଉଁ ବ୍ୟକ୍ତି କାରଣ ନ ବୁଝି କିଛି,କାର୍ଯ୍ୟ କରେ ସେ ଦେହରେ ମନୁଷ୍ୟ ହେଲେହେଁ ମନରେ ଦ୍ୱିପଦ ପଶୁ । ତେଣୁ ନ ବିଚାରି ସାଧ୍ୟାନୁସାରେ ଭୂତ ଭବିଷ୍ୟତ ବର୍ତ୍ତମାନ ତୁଳନା ନକରି କାରଣ ନ ବୁଝି କାର୍ଯ୍ୟ କରିବାକୁ ମତେ ସୁଖଲାଗେ ନାହିଁ । ଥରେ ନିଜର ଜଣେ ଆତ୍ମୀୟ ପଣ୍ଡିତ କୃଷ୍ଣଚନ୍ଦ୍ର ତ୍ରିପାଠୀ ଅଯାଚିତ ଭାବରେ ପ୍ରାୟଶ୍ଚିତ କଥା କହିଲେ । ପଣ୍ଡିତ ତ୍ରିପାଠୀ ଓ ନୀଳକଣ୍ଠଙ୍କ ସଂଳାପ ବଡ କୌତୁକପୂର୍ଣ୍ଣ ।

ନୀଳକଣ୍ଠ—ନିଶ ମାନବର କି ଅବନତି ସାଧନାକରେ, ଏହା କି ହେତୁ ପାପ ?

ତ୍ରିପାଠୀ— ବାବୁ ତାହାନୁହେଁ, ଲୋକରେ ଚଳନାହିଁ ବୋଲି ସମସ୍ତେ ଦୋଷ ଧରୁଛନ୍ତି । ସମସ୍ତେ ଯାହ ନାହିଁ କରୁଛନ୍ତି, ତାହା ନ କଲେ ଏବେ ଆମର କ'ଣ କ୍ଷତି ହେଉଛି ? ବାବୁ ପାଠ ପଢିଲି ଗୁଣକଲ, ଲୋକରେ ଯାହା କଲେ ପ୍ରଶଂସା ପାଇବ, ତାହା କଲେ ସିନା ଭଲ । ଲୋକେ ନିନ୍ଦା କଲେ ତମ ପାଠରୁ କି ଫଳ ? ଜାଣୁଛ, ଭଲ ଏ ନିଶରେ କିଛି ଲାଭ ଥାଆନ୍ତା, ନିଶ ନ ରଖିଲେ କ'ଣ ଇଂରେଜୀ ପାଠ ଆସିବ ନାହିଁ ?

Digitized by PPRACHIN, SOA

ଏହି ପଣ୍ଡିତ ମହାଶୟଙ୍କ ସାଙ୍ଗେ ନୀଳକଣ୍ଠ ରେଳଗାଡ଼ିରେ ସାକ୍ଷୀଗୋପାଳରୁ ପୁରୀ ଯାଉଥିଲେ । ନୀଳକଣ୍ଠ ଥିଲେ ସତ୍ୟବାଦୀରେ ଶିକ୍ଷକ । ତାଙ୍କ ସାଙ୍ଗରେ କିଛି ଛାତ୍ର ମଧ୍ୟ ଥିଲେ । ସେଦିନ ଏକୁଟିଆ ପାଇଥିବାରୁ ପଣ୍ଡିତଙ୍କ ସାଙ୍ଗେ ନୀଳକଣ୍ଠଙ୍କର ଦୀର୍ଘ ଆଳାପର ସୁଯୋଗ ହୋଇଥିଲା । ପଣ୍ଡିତ, ନୀଳକଣ୍ଠ ଓ ଛାତ୍ରମାନଙ୍କର ଆଳାପ ମଧ୍ୟରେ ସମସାମୟିକ ସମାଜର ମନୋଭାବର ସୁନ୍ଦର ବିଶ୍ଳେଷଣ ସେ କରିଛନ୍ତି । ପୁରାତନପନ୍ଥୀଙ୍କର ମତରେ (ଏକ), ଯାହା ଲୋକରେ ଚଳିନାହିଁ ବା ସାଧାରଣ ଲୋକରେ ରୁଚି ନୁହେଁ ତାହା କରିବା ଅବିହିତ । (ଦୁଇ), ମନୁଷ୍ୟ ଜନସାଧାରଣର ପ୍ରଶଂସା ଉଦ୍ଦେଶ୍ୟ ରଖି କାର୍ଯ୍ୟ କରିବ । (ତିନି), ଯାହା ନିଜ ସାଂସାରିକ ସ୍ୱାର୍ଥସାଧନର ଉପଯୋଗୀ ନୁହେଁ, ତାହା କରି କି ଫଳ ?

ନୀଳକଣ୍ଠ ଅତି କଠୋର ଭାବରେ ଉପରୋକ୍ତ ତିନୋଟି ଯୁକ୍ତିର ଅସାରତା ସମସାମୟିକ ସମାଜରୁ ଦୃଷ୍ଟାନ୍ତ ଦେଇ ପ୍ରମାଣ କରିଛନ୍ତି । ସେ କାଳରେ ଅର୍ଥ ବଳରେ ଲୋକେ ଜାତି କିଣୁଥିଲେ । ହରି ଓ ତାଙ୍କ ପୁଅ ଅର୍ଥ ଦେଇ ହୋଇଥିଲେ ସୁବଳ ମିଶ୍ର । ଯାହାକୁ ଶ୍ରେଷ୍ଠ ଜାତିର ବ୍ରାହ୍ମଣ କହି ଉଚ୍ଚଜାତିର ବ୍ରାହ୍ମଣମାନେ ଯାହାଙ୍କ ଘର ନିଜେ ମାଡ଼ୁ ନଥିଲେ, ସେ ବଡ଼ଲୋକ ହେବାରୁ ତାଙ୍କ ଘରକୁ ଯାଇ ସମସ୍ତେ ଚକାଉ ଖାଇଲେ । ଦିନେ ଯାହା ଚଳୁ ନଥିଲା, ସମାଜରେ ତାହା ସୁବଳମିଶ୍ରେ ଅର୍ଥ ବଳରେ ଚଳାଇଲେ । ଗାଁର ଡେପୁଟି ବାବୁ ଘରପାଖରେ ପାଇଖାନା କଲେ । ସେଥିରେ ମଧ୍ୟ ପାପ ହେବନି, କାରଣ ସେ ଡେପୁଟି । ପଣ୍ଡିତେ ମଧ୍ୟ ନୀଳକଣ୍ଠଙ୍କୁ ସେହି ଉପଦେଶ ଦେଲେ । ପଣ୍ଡିତେ କହିଲେ "ତୁମେ ସେମିତି ଡେପୁଟି ହୁଅ, ପାଞ୍ଚଜଣକୁ ପୋଷ, ପାଞ୍ଚଜଣଙ୍କୁ ଖାଇବାକୁ ଦିଅ । ତା' ଉପରୁ ନିଶ ରଖ, ନହେଲେ ଯାହା-କର, କିଏ କିଛି କହିବେ ନାହିଁ ।"

'ନିଶ' ଓ 'ମୋ-ନିଶ', ଦୁଇଟିଯାକ ପ୍ରବନ୍ଧରେ ନୀଳକଣ୍ଠ ବ୍ରାହ୍ମଣ ମାନଙ୍କର ତଥାକଥିତ ଧର୍ମାଚରଣ ଓ ବ୍ୟବହାରକୁ ତୀବ୍ର ଭାବରେ ବିଦ୍ରୂପ କରିଛନ୍ତି । ତାଙ୍କ ପିଲାଦିନେ ଜଣେ ପଣ୍ଡିତଙ୍କ ସାଙ୍ଗରେ ସେ ଗାଁ ବାଟରେ ଯାଉଥିଲେ । ପାଞ୍ଚକୋଶ ବାଟ ଚାଲିବାକୁ ହୋଇଥିଲା । ଚାରି ପାଞ୍ଚ ଠା ପାଣି ପଡ଼ିଲା, ପ୍ରତ୍ୟେକ ପାଣି ଜାଗାରେ ପଣ୍ଡିତଙ୍କୁ ପ୍ରସ୍ରା ମାଡେ । ନୀଳକଣ୍ଠ ପିଲା

Digitized by PPRACHIN, SOA

ଥିଲେ, ସେ ଯେଉଁଠି ସେଇଠି ତାଙ୍କ କାମ ସାରି ନେଉଥିଲେ । ଏଥିରେ ପଣ୍ଡି-ତଙ୍କ କ୍ରୋଧର ସୀମା ନଥିଲା । ଚରକଙ୍କଠାରୁ ଗାଁର ବୈଦ୍ୟ ଭଗିକରଙ୍କ ପର୍ଯ୍ୟନ୍ତ ସମସ୍ତ କବିରାଜ ଆବୃତ୍ତିକରି ପାଣିପାଖରେ ପ୍ରସ୍ରା କରିବାକୁ ଯିବା ଯେ କେତେ ସ୍ୱାସ୍ଥ୍ୟପ୍ରଦ, ତାହା ସେ ବୁଝାଉଥିଲେ । ହାତରେ ଟୋପାଏ ପାଣି ନେଇ ପାଣିକୂଳ ଦୂଷିତ କଲେ ଚରକଙ୍କ ଉପଦେଶ କପରି ପାଳିତ ହୁଏ, ନୀଳକଣ୍ଠ ଏହି ପ୍ରଶ୍ନ କରିବାରେ ପଣ୍ଡିତେ ତାଙ୍କୁ ଆହୁରି ତତ୍ତ୍ୱକଥା ଶୁଣାଇ-ଥିଲେ, ଯେମିତି ବ୍ରାହ୍ମଣମାନେ ଚକ୍ରୁକରି ଖାଆନ୍ତି ବୋଲି ସେମାନେ ଅନ୍ୟଙ୍କ ଠାରୁ ଅଧିକ ସ୍ୱାସ୍ଥ୍ୟବାନ । ଏସବୁ ବ୍ୟାଖ୍ୟା କୌଣସି କୁସଂସ୍କାରଗ୍ରସ୍ତ ନିଶାଖୋରଙ୍କ ବ୍ୟାଖ୍ୟା ଭଳି ତାଙ୍କୁ ଜଣାପଡୁଥିଲା । ଗାଁର ଲଡୁଦାସ ଅଫିମ ଖାଇଲାବେଳେ ବୋଲୁଥିଲେ—

"ଭଜନରେ ମନ କଲା କହ୍ନାଇ,
ଭଜିଲେ ଏ ଦୁଃଖ ରହିବ ନାହିଁ ।"

ହାତର ଅଫିମ ଟେଳାକୁ ଦେଖାଇ ସେ କହୁଥିଲେ, 'ଏ କାଳିଆକୃଷ୍ଣକୁ ଭଜିଲେ କୌଣସି ଦୁଃଖ ରହିବ ନାହିଁ ।' ଏହି ଲଡୁଦାସେ ଥିଲେ ବାତବେଗ ଜର୍ଜରିତ । ପୁଣି ଦୁଃଖ ବୋଇଲେ ସେ ତାଙ୍କ ଗୋଦର ଗୋଡ଼କୁ ଦେଖାଇ ଦେଉଥିଲେ । ଜାତି ପାଟକ ନାମରେ ଲୋକଙ୍କ ଉପରେ ଅକଥ୍ୟ ଅତ୍ୟାଚାର କରା ହେଉଥିଲା । ଗୋବନ୍ଧା ଭୋଇ ସାଆନ୍ତଙ୍କ ଘୋଡାରେ ଥରେ ଚଢିଲା । ଭୋଜି ସଭାରେ ବସି ଜାତି ବେହେରା ଜାତିଆଣ ସଭାରେ ପୁରୁଷାନୁକ୍ରମିକ ସଭାପତି ଭାବେ ବିଚାର କଲେ । ଏଇ ବିଚାର ସଭାରେ ଜଣେ କହିଲା ସାଆନ୍ତଙ୍କ କୁଳକୁ "ଘୋଡାଟି ଘୋର," ଆମ କୁଳକୁ ତ ହାଣ୍ଡି । ଆଉ ଜଣେ କହିଲା, "ଗୋବନ୍ଧା ହାଣ୍ଡି ଉପରେ ଚଢିଲା ଯେବେ ଜାତି ଉପରେ ଚଢିଲା ।" ସଙ୍ଗେ ସଙ୍ଗେ ହୁକୁମ ହେଲା ହାତଗୋଡ଼ ବାନ୍ଧି ତାକୁ କଆଁ ବାଡ଼ରେ ପକାଇଦେବାକୁ ।

## ଆମର ଥିଲା ଓ କାରଣ ଥାଇପାରେ -

ଏହି ପ୍ରବନ୍ଧରେ 'ଆମର ଥିଲା' ଓ 'କାରଣ ଥାଇପାରେ' ଏହାଙ୍କୁ ହିଁ ନୀଳକଣ୍ଠ ସାମାଜିକ କୁସଂସ୍କାରର ମୂଳପିଣ୍ଡ ରୂପେ ବର୍ଣ୍ଣନା କରିଅଛନ୍ତି ।

Digitized by PPRACHIN, SOA

ନିଜ ଜୀବନର ଏକ ଘଟଣାକୁ ଭିତ୍ତିକରି ଏହି ପ୍ରବନ୍ଧଟି ରଚିତ । ଗାଁରେ ଥିଲାବେଳେ ନିଜର ବ୍ୟବହାର ଯୋଗୁ ନୀଳକଣ୍ଠ ଶାସନୀ ବ୍ରାହ୍ମଣମାନଙ୍କର ସମାଲୋଚନାର ସମ୍ମୁଖୀନ ହେଉଥିଲେ । ଗାଁରେ ଯୋତା ମାଡ଼ି ଚାଲିବା, ଲୁଗାକୁଞ୍ଚ ଲମ୍ବାଇ ଚାଲିବା, କୁରୁତା ପିନ୍ଧି ଖାଇବାକୁ ଲୋକେ ପସନ୍ଦ କରୁ ନଥିଲେ । ଗାଁକୁ ଥରେ ଜଣେ ମୁସଲମାନ ହାକିମ ଆସିଥିଲେ, ତାଙ୍କ ପାଖରେ ବସି ବସି ନୀଳକଣ୍ଠ ତାଙ୍କ ହାତରୁ ଖଣ୍ଡିଏ ପାନ ଖାଇଦେଇଥିଲେ । ଏଥିରେ ଶାସନୀ ବ୍ରାହ୍ମଣେ ଖୁବ୍ କ୍ଷୁବ୍ଧ ହୋଇଥିଲେ । କିନ୍ତୁ ତାଙ୍କ ଗାଁକୁ ଜଣେ ମୁସଲମାନ ପାନ ବିକି ଆସୁଥିଲା ଓ ଜଣେ ବାଉରୀ ଓ ଖ୍ରୀଷ୍ଟିୟାନ ଚୂନ ବିକି ଆସୁଥିଲା । ତେଣୁ ଗାଁ ଲୋକେ ସେ ଚୂନ ଓ ନୀଚ ଜାତି ପାଖରୁ ପାନ, ଚୂନ ଖାଉଥିଲେ ମଧ୍ୟ ମୁସଲମାନଙ୍କଠାରୁ ଭଙ୍ଗାପାନ ଖାଇବାଟା ନୀଳକଣ୍ଠଙ୍କ ପକ୍ଷରେ ଦୋଷାବହ ବିବେଚିତ ହେଲା । ସବୁଥିରେ ଯୁକ୍ତିଥିଲା ଏହା ବାପେ କରୁଥିଲେ । ଏ ବିଷୟରେ ଯଦି କେହି ପ୍ରଶ୍ନ କରୁଥିଲେ, ତେବେ ଧର୍ମ ଗଲା, କୁଳ ଗଲା, ସମାଜ ଗଲା ବୋଲି ଲୋକେ ପ୍ରତିବାଦରେ ମୁଖର ହୋଇ ପଡୁଥିଲେ । ସର୍ବଦା ଅତୀତର ବିଶ୍ୱାସରେ ସମାଜରେ ଜ୍ଞାନ ଓ ହେତୁ ଜ୍ଞାନର ଅଭାବ ସମାଜକୁ ପଶୁ ସମାଜରେ ପରିଣତ କରିଅଛି । ଅତୀତର ଅଲୌକିକତା ଓ ବୃଥା ଅତୀତପ୍ରୀତି ଜାତିଭଳି ବ୍ୟକ୍ତିକୁ କିପରି ହୀନ କରିଦିଏ, ତାହା ଏଥିରେ ନୀଳକଣ୍ଠ ଆଲୋଚନା କରିଛନ୍ତି । ଯୁବକ ବି ନିଜର ଅବସ୍ଥାରେ ଅସନ୍ତୁଷ୍ଟ ହୋଇ ଶୈଶବ ସ୍ମୃତିକୁ ଝୁରିହୁଏ । ନିଜ ଜୀବନର ଯୌବନ ଓ ଶୈଶବର ସ୍ମୃତି ବର୍ଣ୍ଣନା କରି ସେ ଲେଖିଛନ୍ତି—"ଆଶାର କୁହୁକରେ ଆମୋଦ ଥାଇପାରେ, କିନ୍ତୁ ତୃପ୍ତି ନାହିଁ । ତୃପ୍ତି ଓ ଆହ୍ଲାଦର ଆବାସ ଅଛି କେବଳ ଅତୀତ ସ୍ମୃତିରେ । ଏହା ପ୍ରତ୍ୟେକେ ଅନୁଭବରେ ଜାଣିଥିବେ । ମୋର ନିଜର କ୍ଷୁଦ୍ର ଜୀବନରେ ମୁଁ କେତେ ସୁଖର ଆଶା କରିଅଛି । ଯାହା ଆଶା କରିଥିଲି, ତାହା ପାଇଅଛି କିନ୍ତୁ ସୁଖରେ କେବେ ତୃପ୍ତି ପାଇ ନାହିଁ । ମାତ୍ର ଆଜି ଯେତେବେଳେ ପଛକୁ ଚାହେଁ, ସବୁ ସୁଖମୟ । ସବୁବେଳେ ମନେହୁଏ, ମୁଁ କି ସୁଖରେ ଥିଲି ? କିପରି କାର୍ଯ୍ୟ କରିପାରୁଥିଲି ? ଇତ୍ୟାଦି । କିନ୍ତୁ ବର୍ତ୍ତମାନ ମୋର ପୂର୍ଣ୍ଣ କର୍ମଠ ଯୌବନ, ସ୍ୱାସ୍ଥ୍ୟ ଅତି ଉତ୍ତମ, ସ୍ଫୁର୍ତ୍ତିର ଅଭାବ ନାହିଁ, ଜୀବନର ଉଦ୍ଦେଶ୍ୟରେ ପଦାର୍ପଣ କରିଅଛି । ସେଥିରେ ମଧ୍ୟ ବେଶି ବିଘ୍ନ ପଡ଼ିନାହିଁ । ଚିରପୋଷିତ ଆଶା

Digitized by PPRACHIN, SOA

ଆଜ କାର୍ଯ୍ୟରେ ପରିଣତ ହେଉଅଛି, କିନ୍ତୁ କି ଅଦ୍ଭୁତ ! ମୁଁ ଏଥିରେ କିଛି ସୁଖ ପାଉ ନାହିଁ । ମୋର ସୁଖସ୍ୱପ୍ନ ଥିଲା ସେଇ ବାଲ୍ୟ ଜୀବନରେ । ଯେତେବେଳେ ଗୁରୁଶାଳୀରେ ଅବଧାନଙ୍କର ଅସହ୍ୟ ଓ ଅକାରଣ କଠୋର ବେତ୍ରାଘାତରେ ଆତ୍ମହତ୍ୟାର ପ୍ରବୃତ୍ତି ଦିନକ ସକାଶେ ହୃଦୟରୁ ତିରୋହିତ ହେଉ ନଥିଲା, ଯେତେବେଳେ ଜୀବନରେ କେହି ବନ୍ଧୁ ନଥିଲେ, ଭୋଜନ ଶୟନ ବ୍ୟତୀତ ଆଉ ଉଦ୍ଦେଶ୍ୟ ନଥିଲା । ତେବେ ଗୋଟିଏ ଉଦ୍ଦେଶ୍ୟ ଥିଲା—ତାହା କେବଳ ଦୀର୍ଘ ପିଡ଼ାଯୁକ୍ତ ହୋଇ ଶଯ୍ୟାଗତ ହେଲେ ଗୁରୁଶାଳୀକି ଯିବାକୁ ପଡ଼ିବ ନାହିଁ । ମୋର ଅବଶ୍ୟ ଏ ବିଶେଷ ନୁହେଁ, ପ୍ରତ୍ୟେକ ନିଜେ ନିଜେ ଏହା ବୁଝି ପାରୁଥିବେ" । (୧) ବହୁ ଦୃଷ୍ଟାନ୍ତ ଦେଇ ନୀଳକଣ୍ଠ ପ୍ରମାଣ କରିଛନ୍ତି ପ୍ରକୃତତଃ ସରଳତାରେ ସାଧୁତା ନାହିଁ, ଏହା ଅସାଧୁତା ସହିତ ତୀବ୍ର ଯୁଦ୍ଧରେ ବର୍ଦ୍ଧମାନ ।

## ସାମ୍ବାଦିକ ନୀଳକଣ୍ଠ—

ନୀଳକଣ୍ଠ ନିଜେ ଅସାଧୁତା ସହିତ ତୀବ୍ର ଯୁଦ୍ଧରେ ନିର୍ଭୟରେ ଯୋଗ ଦେଇଥିଲେ । ନୀଳକଣ୍ଠଙ୍କ ନିଶ ରଖିବାର ଔଦ୍ଧତ୍ୟ ଗାଁ ଶାସନରୁ ପୁରୀର ମୁକ୍ତି ମଣ୍ଡପ ପର୍ଯ୍ୟନ୍ତ ପହଞ୍ଚିଥିଲା । ପୁରୀର ଭିକାରୀ ମିଶ୍ର ନାମକ ଜଣେ ମହାଜନଙ୍କ ଘରେ ଅନୁଷ୍ଠିତ ମୁକ୍ତିମଣ୍ଡପ ପଣ୍ଡିତ ସଭାର ଅଧିବେଶନରେ ଏକ ପ୍ରସ୍ତାବ ଗ୍ରହଣ କରାଯାଇ ପରୋକ୍ଷରେ ନୀଳକଣ୍ଠଙ୍କ ନିଶ ରଖିବାକୁ ଉଚ୍ଛୃଙ୍ଖଳତା ପ୍ରଣୋଦିତ କୁକୀର୍ତ୍ତି ବୋଲି କୁହାଯାଇଥିଲା ଓ ଏହି ପ୍ରସ୍ତାବ ପୁଣି ଉତ୍କଳ ଦୀପିକାରେ ପ୍ରକାଶିତ ହୋଇଥିଲା- (ତା ୪।୧୧।୧୯୧୧) । ଧର୍ମାନନ୍ଦ ଶର୍ମା ଛଦ୍ମନାମରେ ଖୁବ୍ ସମ୍ଭବତଃ ଗୋପବନ୍ଧୁ 'ଉତ୍କଳ ଦୀପିକା'ର ସମ୍ପାଦକଙ୍କୁ ଏକ ଚିଠି ଲେଖି ଏହାର ପ୍ରତିବାଦ କରିଥିଲେ । 'ମୁକୁର'ରେ ପ୍ରକାଶିତ ନୀଳକଣ୍ଠଙ୍କ 'ମୋ ନିଶ' ପ୍ରବନ୍ଧର ବିଷୟ ମଧ୍ୟ ଏହି ଚିଠିରେ ଉଲ୍ଲିଖିତ । (ନୀଳକଣ୍ଠ ସ୍ମାରକୀ, ପୃ ୨୧୯) ।

ନୀଳକଣ୍ଠଙ୍କ ପ୍ରଥମ ପର୍ଯ୍ୟାୟର ଏହି ସମାଜ ସଂସ୍କାର ଭାବନାକୁ କେନ୍ଦ୍ର କରି ସାହିତ୍ୟ ସୃଷ୍ଟି ସମ୍ଭବ ହୋଇଥିଲା । ନିଜର ସଂସ୍କାର ଭାବନାରେ

(୧) ନୀଳକଣ୍ଠ ଗ୍ରନ୍ଥାବଳୀ (ଅପ୍ର) ପୃ : ୪୯୦

Digitized by PPRACHIN, SOA

ଶିକ୍ଷକଭାବରେ ସେ ଛାତ୍ରମାନଙ୍କୁ ଉଦ୍‌ବୁଦ୍ଧ କରୁଥିଲେ । କିନ୍ତୁ ବୃହତ୍ତର ସମାଜରେ ନିଜର ମତଧାରା ପ୍ରଚାର ପାଇଁ ନୀଳକଣ୍ଠଙ୍କୁ ସାମ୍ବାଦିକତାର ଆଶ୍ରୟ ଗ୍ରହଣ କରିବାକୁ ପଡ଼ିଥିଲା ।

ନୀଳକଣ୍ଠଙ୍କ ଦୀକ୍ଷାଗୁରୁ ଗୋପବନ୍ଧୁ ସାହିତ୍ୟ ସେବା, ସାହିତ୍ୟ ପତ୍ରିକା ପ୍ରଚାର ଓ ସମ୍ବାଦପତ୍ର ପ୍ରକାଶକୁ ନିଜ କାର୍ଯ୍ୟ ଧାରାର ଏକ ଅଙ୍ଗରୂପେ ଗ୍ରହଣ କରିଥିଲେ । ସତ୍ୟବାଦୀ ସ୍କୁଲର ପ୍ରଧାନ ଶିକ୍ଷକ ଥିବାବେଳେ ସେଠାରୁ 'ସତ୍ୟବାଦୀ' ନାମକ ଯେଉଁ ମାସିକ ପତ୍ରିକା ବାହାରୁ ଥିଲା, ପଣ୍ଡିତ ଗୋପ-ବନ୍ଧୁ ତାର ମୁଖ୍ୟ ସମ୍ପାଦକ ଥିଲେହେଁ, ସବୁ କାର୍ଯ୍ୟରେ ତାଙ୍କର ଦକ୍ଷିଣହସ୍ତ ସ୍ୱରୂପ ଏସବୁ ପତ୍ରପତ୍ରିକା ସମ୍ପାଦନା କାର୍ଯ୍ୟରେ ନୀଳକଣ୍ଠ ତାଙ୍କର ପ୍ରଧାନ ସହାୟକ ଥିଲେ । ସତ୍ୟବାଦୀ ସ୍କୁଲର ଶିକ୍ଷକ ଭାବରେ ମଧ୍ୟ ସମ୍ବାଦପତ୍ର ପାଇଁ ଲେଖିବାର ଏକ ଧାରା ଗଢ଼ିଉଠିଥିଲା । ସେକାଳେ ବ୍ରହ୍ମପୁରରୁ ପ୍ରକାଶିତ 'ଆଶା' ପତ୍ରିକାରେ ସତ୍ୟବାଦୀ ସ୍କୁଲର ଶିକ୍ଷକମାନଙ୍କ ଲେଖା ନିୟମିତ ପ୍ରକାଶ ପାଉଥିଲା । ରାଜନୈତିକ ଜୀବନର ଅଭ୍ୟୁଦୟରେ ସମ୍ବଲପୁର ରହଣି କାଳରେ 'ସେବା' ପତ୍ରିକା ମାଧ୍ୟମରେ ସେ ନିଜର ମତଧାରା ପ୍ରଚାର କରି-ଥିଲେ । ନୀଳକଣ୍ଠ କେନ୍ଦ୍ର ଆସେମ୍ବ୍ଲିକୁ ଯିବାପରେ ଭାରତବର୍ଷର ବିଶିଷ୍ଟ ଇଂରେଜୀ ପତ୍ରିକାରେ ଦେଶର ସମସାମୟିକ ସମସ୍ୟା ବିଷୟରେ ଲେଖାମାନ ପ୍ରକାଶ କରୁଥିଲେ । ଏହି ସମୟରେ ଓଡ଼ିଶା ଆସି ଗୋଟିଏ ଇଂରେଜୀ ଦୈନିକ ଓ ଆଉ ଗୋଟିଏ ଓଡ଼ିଆ ଦୈନିକ ପତ୍ରିକା ପ୍ରକାଶ ପାଇଁ ଗୋପ-ବନ୍ଧୁ କଳ୍ପନା କରିଥିଲେ । ନୀଳକଣ୍ଠ ହୋଇଥାନ୍ତେ ଇଂରେଜୀ ଦୈନିକ ପତ୍ରିକାର ସମ୍ପାଦକ । କିନ୍ତୁ ଅକାଳ ମୃତ୍ୟୁ ଲାଗି ଗୋପବନ୍ଧୁଙ୍କର ଏହି କଳ୍ପନା କାର୍ଯ୍ୟକାରୀ ହୋଇପାରି ନ ଥିଲା । ଗୋପବନ୍ଧୁଙ୍କ ମୃତ୍ୟୁ ବେଳକୁ କଟକର ଏକ ଭଡ଼ାଘରେ 'ସମାଜ' ଏକ ସାପ୍ତାହିକ ପତ୍ରିକା ହୋଇ ବାହାରୁଥିଲା । ତାଙ୍କ ଦେହାନ୍ତପରେ ନୀଳକଣ୍ଠ ହିଁ ଥିଲେ ଏହି ସାପ୍ତାହିକ ପତ୍ରିକାର ସମ୍ପାଦକ । 'ସମାଜ'କୁ ଧରି ସାମ୍ବାଦିକତାର ଉନ୍ନତ ସୋପାନକୁ ଉଠିବା ନୀଳକଂଠଙ୍କ ପକ୍ଷରେ ସମ୍ଭବ ହୋଇ ନଥିଲା । ନୀଳକଂଠଙ୍କ ଦୃଷ୍ଟି-କୋଣ ଥିଲା ସମ୍ପୂର୍ଣ୍ଣ ମାନବତାବାଦୀ ଓ ବୈପ୍ଳବିକ ଆଦର୍ଶବାଦୀ ।

ଏହି ସବୁ ଆଦର୍ଶର ପ୍ରଚାର ପାଇଁ ନୀଳକଂଠ ଗୋପବନ୍ଧୁଙ୍କ ମୃତ୍ୟୁର ପାଞ୍ଚବର୍ଷ ପରେ ସ୍ୱତନ୍ତ୍ର ଭାବରେ ମାସିକ 'ନବଭାରତ' ପ୍ରକାଶର

Digitized by PPRACHIN, SOA

ବ୍ୟବସ୍ଥା କଲେ । ରାଜନୀତିକ ଘୂର୍ଣ୍ଣି ସହିତ ନୀଳକଣ୍ଠଙ୍କ ସାମ୍ବାଦିକ ଜୀବନ ଓତଃପ୍ରୋତ ଭାବରେ ଜଡ଼ିତ । କଂଗ୍ରେସ ରାଜନୀତିର ଶୀର୍ଷସ୍ଥାନରେ ସେ ଥିବା ସମୟରେ 'ନବଭାରତ' ମାସିକ ପତ୍ରିକାର ଜନ୍ମ । 'ନବଭାରତ' ଥିଲା ଏକାନ୍ତ ସାହିତ୍ୟ ପତ୍ରିକା । ଏହାର ଏକ ପରିପୂରକ ଭାବରେ ପ୍ରକାଶିତ ହେଉଥିଲା କେତେ ସମୟ ପାଇଁ, ସାପ୍ତାହିକ 'ଲୋକମତ' । ଏହି ସପ୍ତାହିକ 'ଲୋକମତ'ର ସମ୍ପାଦକଭାବରେ ଥିଲେ 'ନବଭାରତ' ପ୍ରେସର ମ୍ୟାନେଜର ଚିନ୍ତାମଣି ମିଶ୍ର । ନୀଳକଣ୍ଠ ଦ୍ୱିତୀୟ ବିଶ୍ୱଯୁଦ୍ଧ କାଳରେ କଂଗ୍ରେସର ରାଜନୀତି ସ୍ଥିତ୍ତ ନେତାଙ୍କଙ୍କର ଫରୱାର୍ଡ ବ୍ଲକ୍‌ର ଆଦର୍ଶ ସମର୍ଥନରେ ଏକ ନୂତନ ରାଜନୈତିକ ପଦକ୍ଷେପ ଗ୍ରହଣ କଲେ । ତାଙ୍କର ଉଦ୍‌ଯୋଗରେ ଓଡ଼ିଶାରେ ମିଳିତ ମନ୍ତ୍ରୀମଣ୍ଡଳ ଗଠିତ ହେଲା । ଏହାର ମୁଖପତ୍ରଭାବେ 'ନବଭାରତ'ରେ ଏକ ଦୈନିକ ସଂସ୍କରଣ ମଧ୍ୟ ପ୍ରକାଶିତ ହେଲା ୧୯୪୧ରେ । ୧୯୩୮ରୁ ୧୯୪୧ ପର୍ଯ୍ୟନ୍ତ ପ୍ରକାଶିତ ସାପ୍ତାହିକ 'ଲୋକମତ'ର ଏହା ଥିଲା ଯେପରିକି ଭବ୍ୟ ସଂସ୍କରଣ । ନବଗଠିତ ସରକାରଙ୍କର ନୀତିକୁ କେବଳ ପ୍ରଚାର କରିବା ଏହାର ଲକ୍ଷ୍ୟ ନ ଥିଲା । ଅଧିକନ୍ତୁ ଜାପାନ ଭାରତ ଅଧିକାର କଲେ ତା' କବଳରୁ ସେତେବେଳେ ଭାରତକୁ ରକ୍ଷାକରିବା ଓ ଏ ସମୟରେ ଯୁଦ୍ଧ କୌଶଳ ଶିକ୍ଷା କରିବା ସୁଯୋଗ ନେବା ପ୍ରଭୃତି ମତଧାରା ଏଥିରେ ନୀଳକଣ୍ଠ ପ୍ରଚାର କରୁଥିଲେ ।

କେନ୍ଦ୍ର ବିଧାନ ସଭାର ସଭ୍ୟ ଭାବରେ ନୀଳକଣ୍ଠଙ୍କୁ ଅଧିକାଂଶ ସମୟ କଟକରୁ ଦୂରରେ ରହିବାକୁ ପଡୁଥିଲା । ଏହି ସମ୍ବାଦ ପତ୍ରର ସମ୍ପାଦନା କାର୍ଯ୍ୟରେ ସେ ଯୁଗରେ ଜଣେ ମେଧାବୀ ଛାତ୍ର ଓ ରାଜନୀତି ବିଜ୍ଞାନରେ ସ୍ନାତକ ଶ୍ରୀରାମଚନ୍ଦ୍ରଦାସ ନୀଳକଣ୍ଠଙ୍କୁ ସାହାଯ୍ୟ କରିଥିଲେ ଓ ଏହି ଦୈନିକ 'ନବଭାରତ'ର କାର୍ଯ୍ୟକାରୀ ସମ୍ପାଦକ ଦାୟିତ୍ୱ ନେଇଥିଲେ । ନୀଳକଣ୍ଠଙ୍କ ଆଦର୍ଶବାଦର ଯଥାର୍ଥ ପ୍ରମାଣ ପାଇବାପାଇଁ ଡ଼ଃ ଶ୍ରୀରାମଚନ୍ଦ୍ର ଦାଶଙ୍କର "ନୀଳକଣ୍ଠଙ୍କ ସାମ୍ବାଦିକତା"ରୁ କିୟଦଂଶ ଉଦ୍ଧାର କରାଯାଇପାରେ । "୧୯୪୨ ଅଗଷ୍ଟ ମାସରେ ମୁଁ ଦୈନିକ 'ନବଭାରତ'ରେ ଯୋଗଦାନ କଲି ଏବଂ କେନ୍ଦ୍ର ବିଧାନ ସଭାର ଶାରଦୀୟ ଅଧିବେଶନ ଯୋଗୁଁ ନୀଳକଣ୍ଠ ଦିଲ୍ଲୀରେ ରହିବାରୁ ମୁଁ ଏହି ପତ୍ରିକାର ସମ୍ପାଦନା ଦାୟିତ୍ୱ ମଧ୍ୟ ବହନ କରିଥିଲି । ନୀଳକଣ୍ଠଙ୍କର ମୋ ପ୍ରତି ଦୁଇଟି ନିର୍ଦ୍ଦେଶ ଥିଲା, ଯଥା (କ) ଗୋଦାବରୀଶଙ୍କ

Digitized by PPRACHIN, SOA

ଅନୁମୋଦନ ବିନା କୌଣସି ସମ୍ପାଦକୀୟ ଅଗ୍ରଲେଖା ପ୍ରକାଶିତ ହୋଇ ପାରିବନାହିଁ ଓ (ଖ) 'ଭାରତଛାଡ଼' ଆନ୍ଦୋଳନର ଧ୍ୱଂସଲୀଳାକୁ କୌଣସି ପ୍ରକାରେ ସମର୍ଥନ କରାଯିବ ନାହିଁ ।

ପ୍ରତେକଦିନ ପରାହ୍ଣ ଏଗାରଟାବେଳେ ପଣ୍ଡିତ ଗୋଦାବରୀଶ ସମ୍ପାଦକୀୟ ଅଗ୍ରଲେଖା ଯାଞ୍ଚ କରୁଥିଲେ । ତାଙ୍କ ମନ୍ତ୍ରୀତ୍ୱର କାର୍ଯ୍ୟସୂଚୀ ସତ୍ତ୍ୱେ ପୂର୍ବାହ୍ଣ ୧୧ଟା ମୋ ପାଇଁ ନିର୍ଦ୍ଦିଷ୍ଟ ଥିଲା । ଥରେ ଗୋଦାବରୀଶ ଗସ୍ତରେ ଥିଲାବେଳେ ମୁଁ ଗୋଟିଏ ଅଗ୍ରଲେଖା ପ୍ରକାଶ କଲି । ବିଷୟ ଥିଲା ସିନ୍ଧୁ-ପ୍ରଦେଶର ପ୍ରଧାନମନ୍ତ୍ରୀ ଖାଁ ବାହାଦୁର ଆଲ୍ଲାବକସଙ୍କ 'ଖାଁ ବାହାଦୁର' ପଦତ୍ୟାଗ । ମୁଁ ଲେଖିଲି ଯେ 'ଭାରତଛାଡ଼' ଆନ୍ଦୋଳନରେ ସରକାରୀ ଦମନ ଲୀଳା ବିରୋଧରେ ପ୍ରତିବାଦ କରି ଖାଁ ବାହାଦୁର ପଦ ତ୍ୟାଗ କରିବା ଲୋକଦେଖାଣିଆ କାର୍ଯ୍ୟ । ମୁଖ୍ୟମନ୍ତ୍ରୀତ୍ୱ ତ୍ୟାଗକରିଥିଲେ ସେଥିରୁ ଦେଶ ପ୍ରୀତିର ପ୍ରମାଣ ମିଳିଥାନ୍ତା । ଦିଲ୍ଲୀରେ ଏହି ଅଗ୍ରଲେଖାକୁ ପଢି ମାଳକଣ୍ଠ ସ୍ୱଭାବସୁଲଭ ଭାବରେ ଅଗ୍ନିଶର୍ମା ହୋଇ ମୋତେ ଟେଲିଫୋନରେ ତାଗିଦ୍ କରି କହିଲେ "ଯୁଦ୍ଧବେଳେ ସରକାରୀକଳକୁ ମାଡ଼ ବସିବା ଆମର ଲକ୍ଷ୍ୟ । ତେଣୁ ଆଲ୍ଲାବକସଙ୍କ ମୁଖ୍ୟମନ୍ତ୍ରୀତ୍ୱ ତ୍ୟାଗ କରିବା ଲାଗି ନିର୍ଦ୍ଦେଶ ଦେବା ଆମର ମାଙ୍ଗ ହୋଇ ନପାରେ । ପୁନଶ୍ଚ ଇଂରେଜ ଶାସନର ଜଣେ ମୁଖ୍ୟମନ୍ତ୍ରୀ ଥାଇ ସୁଦ୍ଧା 'ଖାଁ ବାହାଦୁର' ପଦତ୍ୟାଗ କରିବା କମ୍ ସାହସିକ ପଦକ୍ଷେପ ନୁହେଁ । ତେଣୁ ତୁମେ ତାଙ୍କୁ ପ୍ରଶଂସା ନ କରି ସମାଲୋଚନା କଲ କାହିଁକି ?" ଗୋଦାବରୀଶଙ୍କୁ ମଧ୍ୟ ସେଭଳି ତାଗିଦ୍ ମିଳିଥିଲା । ଆଉଥରେ ମାଳକଣ୍ଠ ଅଲ୍ଲିବାନ ପାଇଁ କଟକ ଆସି ପ୍ରମାଣ ପାଇଲେ ଯେ, କେତେଜଣ କଂଗ୍ରେସୀ ଲୋକ ଓଡ଼ିଶାରେ ଧ୍ୱଂସଲୀଳାର ପୃଷ୍ଠପୋଷକତା କରୁଛନ୍ତି । ରାତି ତିନିଟାବେଳେ ନିଦରୁ ଉଠି ମୋତେ ଡାକିପକାଇଲେ ଏବଂ କହିଲେ ମୋର ଗୋଟିଏ ଭାବନା ଆସିଛି, କାଗଜଧରି ଲେଖିବସ ।" ସେତେବେଳେ ପୂର୍ବର ଓଡ଼ିଶା ଜଗବନ୍ଧୁ ସିଂହ ଓଡ଼ିଶା କଂଗ୍ରେସର ଡିକ୍ଟେଟର ଥାଆନ୍ତି । ଅଗ୍ରଲେଖାର ଶିରୋନାମା ହେଲା । "ଜଗବନ୍ଧୁ ସିଂହେ ଉତ୍ତର ଦିଅନ୍ତୁ" । ବନ୍ଦୀର ଏପରି ଅଭାବନୀୟ ମୁହୂର୍ତ୍ତରେ ତାଙ୍କର ସାମ୍ବାଦିକତା ପ୍ରତି ଯେଉଁ ନିଷ୍ଠା ପ୍ରକାଶ ପାଉ-ଥିଲା, ତାହା କ୍ୱଚିତ ଦୃଷ୍ଟିଗୋଚର ହୁଏ । ଏ କଥା ମାତୃଭୂମିର ବର୍ତ୍ତମାନ ସମ୍ପାଦକ ଶ୍ରୀ ଗୌରଚନ୍ଦ୍ର ରାଉତ ଓ ତାଙ୍କ ବ୍ୟକ୍ତିଗତ ସହକାରୀ ପୂର୍ବର

Digitized by PPRACHIN, SOA

ସ୍ୱର୍ଗତ ହରିଚରଣ ମହାନ୍ତିଙ୍କର ପୁତ୍ର ଜାନକୀ ବଲ୍ଲଭ ମହାନ୍ତି ପ୍ରମାଣ କରି ପାରିବେ ।

୧୯୪୨ ଆନ୍ଦୋଳନ ବେଳେ 'ସମାଜ' ବିଶେଷ ଅତ୍ୟାଚାରିତ ହୋଇଥିଲା । ପଣ୍ଡିତ ଲିଙ୍ଗରାଜ କାରାରୁଦ୍ଧ ହୋଇ ସାରିଥିଲେ । ତାଙ୍କ ପରେ ପରେ ଶ୍ରୀଯୁକ୍ତ ରାଧାନାଥ ରଥ ଓ ଶ୍ରୀଯୁକ୍ତ ଉଦୟନାଥ ଷଡ଼ଙ୍ଗୀ କାରାବରଣ କଲେ । ସେତେବେଳେ କଳିଙ୍ଗ ପାଇଁ ବନ୍ଧୁ ସାମ୍ବାଦିକ ରାମଚନ୍ଦ୍ର ଦାସ 'ସମାଜର' ସମ୍ପାଦକ ହେଲେ । ଶେଷକୁ 'ସମାଜ' ପ୍ରାୟ ଚାରିମାସକାଳ ବନ୍ଦ ହୋଇଗଲା । ନୀଳକଣ୍ଠ 'ସମାଜ'କୁ 'ନବଭାରତ'ର ଜ୍ୟେଷ୍ଠଭ୍ରାତା ରୂପେ ବିବେଚନା କରୁଥିଲେ । ତେଣୁ ତାଙ୍କ ନିର୍ଦ୍ଦେଶ ଥିଲା ଯେ 'ସମାଜ' ପ୍ରକାଶିତ ହେଉଥିଲେ ଯେଉଁସବୁ ସମ୍ବାଦ ପରିବେଷଣ କରୁଥାନ୍ତା ଓ ଯେଉଁ ଯେଉଁ ଅଞ୍ଚଳ ପ୍ରତି ଗୁରୁତ୍ୱ ଦେଉଥାନ୍ତା, ତାହାକୁ ସ୍ମରଣରଖି ସମ୍ବାଦ ପରିବେଷଣ କରିବାକୁ ହେବ । କଟକ ମେଡ଼ିକାଲ୍‌ସ୍କୁଲ ହାସପାତାଳରେ ଶ୍ରୀଯୁକ୍ତ ରାଧାନାଥ ରଥଙ୍କ ଜ୍ୟେଷ୍ଠ ପୁତ୍ର ପୀଡ଼ିତ ଥିବା ଅବସ୍ଥାରେ ତାଙ୍କୁ ଗିରଫ କରାହୋଇ ଥିଲା । ଏଭଳି କାର୍ଯ୍ୟ ପ୍ରଣାଳୀ ବିରୋଧରେ ସେ ଯେ ନିଜେ ତାଙ୍କ ସମ୍ବାଦ ପ୍ରକାଶ କରାଇଥିଲେ, ସେତିକିନୁହେଁ, ପୋଲିସର ଏତାଦୃଶ କାର୍ଯ୍ୟବିଧି ବିରୋଧରେ ଗୃହମନ୍ତ୍ରୀ ଗୋଦାବରୀଶଙ୍କୁ ସତର୍କ କରିଦେଇଥିଲେ । ତାଙ୍କ ନିଜ କହିବା ଅନୁସାରେ 'ସମାଜ' ଓ 'ନବଭାରତ' ଗୋଟିଏ ବୃନ୍ତର ଦୁଇଟି ପୁଷ୍ପ; ଯେହେତୁ ତାଙ୍କ ଦୀକ୍ଷାଗୁରୁ ଗୋପବନ୍ଧୁ 'ସମାଜ'ର ପ୍ରତିଷ୍ଠାତା । ତେଣୁ ପଣ୍ଡିତ ନୀଳକଣ୍ଠ କେବଳ ଯେ ସାମ୍ବାଦିକ ଥିଲେ ତାହାନୁହେଁ, ତାଙ୍କ ସାମ୍ବାଦିକ ବନ୍ଧୁମାନଙ୍କ ପ୍ରତି ମଧ୍ୟ ସହାନୁଭୂତିଶୀଳ ଥିଲେ ।

ଯେ କୌଣସି ଦୈନିକ ସମ୍ବାଦପତ୍ରର ସମ୍ପାଦକ ଜାଣନ୍ତି, ବିଜ୍ଞାପନ ହିଁ ଦୈନିକ ପତ୍ରିକାର ମୁଖ୍ୟ ଆଶ୍ରୟ । କେବଳ ଗ୍ରାହକମାନଙ୍କଠାରୁ ଆୟ କରି କୌଣସି ଦୈନିକ ପତ୍ରିକା ଆତ୍ମନିର୍ଭରଶୀଳ ହୋଇପାରିବ ନାହିଁ । ୧୯୪୨ରେ 'ନବଭାରତ' ପ୍ରକାଶିତ ହେଉଥିବା ବେଳେ ଲକ୍ଷ୍ୟଥିଲା, ସମ୍ବାଦ ପରିବେଷଣ ଓ ଲୋକମତ ଗଠନ । 'ସମାଜ' ବନ୍ଦହୋଇ ଯିବାରୁ ଅନ୍ୟ କୌଣସି ପ୍ରତିଦ୍ୱନ୍ଦ୍ୱୀ ସମ୍ବାଦ ପତ୍ର ମଧ୍ୟ ନ ଥିଲା । 'ନବଭାରତ' ଥିଲା ସରକାରୀ ଦଳର ମୁଖପତ୍ର ଓ ଅପ୍ରତିଦ୍ୱନ୍ଦ୍ୱୀ ସମ୍ବାଦପତ୍ର । ଆମେ ଚେଷ୍ଟା କରିଥିଲେ ବିଜ୍ଞାପନରୁ ଯଥେଷ୍ଟ ଆୟକରି ପାରିଥାନ୍ତୁ । କିନ୍ତୁ ପାଠକ ବର୍ଗଙ୍କ ସମ୍ବାଦ

Digitized by PPRACHIN, SOA

ଜିଜ୍ଞାସା ପୃଷ୍ଠାମାନଙ୍କରେ ପୂରଣକରିବା ଉଦ୍ଦେଶ୍ୟରେ ନୀଳକଣ୍ଠ ବିଜ୍ଞାପନ ଲାଗି ବେଶୀ ସ୍ଥାନ ଦେବାକୁ ବାରଣ କରିଥିଲେ । ସରକାରୀ କର୍ମଚାରୀ ଓ ମନ୍ତ୍ରୀମାନଙ୍କୁ ପ୍ରତ୍ୟେକ ଦୈନିକ କାଗଜ ବିନାମୂଲ୍ୟରେ ଦିଆଯାଏ । ସେଥିପାଇଁ ସମ୍ପାଦକଙ୍କୁ ସରକାରୀ ଦାନ ମିଳେ । ନୀଳକଣ୍ଠଙ୍କର ଅଭିପ୍ରାୟ ଥିଲା ଯେ, ଆମେ ବିଜ୍ଞାପନରୁ ଯେଉଁ ଆୟ କରିଥାନ୍ତୁ, ତାହା ସରକାରଙ୍କ ଅନ୍ୟଥା ଦାନ ସୂତ୍ରରେ ମିଳୁଥିବାରୁ ପୁନର୍ବାର ବିଜ୍ଞାପନରୁ ଆୟ କରିବା ଅନୈତିକତା ହେବ । ଫଳରେ ମିଳୁଥିବା ବିଜ୍ଞାପନକୁ ତ୍ୟାଗ କରିବାକୁ ପଡୁଥିଲା । ( ନୀଳକଣ୍ଠ ସ୍ମାରକୀ ପୃ. ୧୯୧-୯୩ )

ସାମ୍ବାଦିକମାନଙ୍କ ଦୃଷ୍ଟି ଥାଏ ନିଜକାଳ ଉପରେ । ସମସାମୟିକ ଘଟଣାବଳୀର ବିବରଣୀ ଓ ବ୍ୟାଖ୍ୟା ମଧ୍ୟରେ ସେମାନେ ସମୟର ଗତି ନିର୍ଦ୍ଦେଶ କରନ୍ତି । ନୀଳକଣ୍ଠ ହିଁ ଥିଲେ ଯଥାର୍ଥରେ ପୁରୋଦ୍ରଷ୍ଟା ସାହିତ୍ୟିକ । ସମସାମୟିକ ରାଜନୀତିର ଦୃଷ୍ଟିରେ ସେ କେବଳ ସାମ୍ବାଦିକତା କ୍ଷେତ୍ରରେ ଦିଗ ନିର୍ଦ୍ଦେଶ ଦେଇଥିଲେ । ଏହା ଥିଲା ଏକ ଉପାୟ । ସାମ୍ବାଦିକତାକୁ କେବେ ସେ ଜୀବନରେ ଲକ୍ଷ୍ୟ ବା ପେଶା କରି ନାହାନ୍ତି । ସମ୍ପାଦକ ନୀଳକଣ୍ଠଙ୍କର ମହତ୍ତ୍ୱ ଓ ବୈଶିଷ୍ଟ୍ୟ ତାଙ୍କ ସମ୍ପାଦିତ 'ନବଭାରତ' ସାହିତ୍ୟ ପତ୍ରିକା ମଧ୍ୟରେ ହିଁ ଅନୁସନ୍ଧେୟ । ତେଣୁ ନୀଳକଣ୍ଠଙ୍କ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗରୂପେ 'ନବଭାରତ' ପ୍ରେସ ଓ 'ନବଭାରତ' ପତ୍ରିକାର ସ୍ଥାନ ସ୍ୱୀକାର କରିବାକୁ ହୁଏ ।

ନବଭାରତର ଅନ୍ୟତମ ନିର୍ମାତା ପଣ୍ଡିତ ନୀଳକଣ୍ଠ । ନବଭାରତର ନିର୍ମାଣ ଦେଶ ବିଶେଷର ଭୂମି ଭାଗରେ ନୁହେଁ, ତାହାର ଜନସାଧାରଣଙ୍କ ଆତ୍ମାରେ ନବ ନବ ଭାବର ବିକାଶରେ ହିଁ ସମ୍ଭବ । ଏହି ଭାବରେ ଭାବିତ ହୋଇ ନୀଳକଣ୍ଠ କଳ୍ପନା କରିଥିଲେ 'ନବଭାରତ' ପତ୍ରିକା । ୧୯୩୩-୩୪ ମସିହା । ପଣ୍ଡିତ ନୀଳକଣ୍ଠ କେନ୍ଦ୍ରୀୟ ଆଇନ ବିଧାୟକ ସଭାର ସଭ୍ୟ । ସମଗ୍ର ଭାରତୀୟ ମହାଜାତିର ଭାବମୂର୍ତ୍ତି ତାଙ୍କ ଦୃଷ୍ଟି ଆଗରେ ପ୍ରସାରିତ । କ'ଣ ବା ଏ ମହାଜାତିର ଐତିହ୍ୟ ? କେଉଁ ଆତ୍ମିକ ଓ ନୈତିକ ଭିତ୍ତିଉପରେ ଠିଆହୋଇ ଏ ମହାଜାତି ଆଧୁନିକ ସମସ୍ୟାସଙ୍କୁଳ ପୃଥିବୀର ସମ୍ମୁଖୀନ ହୋଇପାରିବ ? ଏହାହିଁ ଥିଲା ନୀଳକଣ୍ଠଙ୍କ ଧ୍ୟାନର ବିଷୟ । ସତେ ଯେପରିକି

Digitized by PPRACHIN, SOA

ସତ୍ୟବାଦୀର ଆଦର୍ଶ କେବଳ ପୁନରୁଜ୍ଜୀବିତ କରିବା ନୁହେଁ, ପୁନଃପ୍ରତିଷ୍ଠା କରିବା ଥିଲା 'ନବଭାରତ'ର ଲକ୍ଷ୍ୟ । ଊନବିଂଶ ଶତାବ୍ଦୀରୁ ପ୍ରଜ୍ଜ୍ୱଳିତ ଓଡ଼ିଆ ସାହିତ୍ୟର ଦୀପଶିଖା 'ଉତ୍କଳ ସାହିତ୍ୟ' ପତ୍ରିକାର ଏହା ଅନ୍ତିମକାଳ । ନୀଳକଣ୍ଠ 'ନବଭାରତ'କୁ ଏକ ଅନୁଷ୍ଠାନରେ ପରିଣତ କଲେ । ରାଜନୀତିରେ ଶତଧୂର୍ଣ୍ଣି ଉତ୍‌ଥାନ ପତନ, ଦଳ ବର୍ଜନ, ଦଳଗଠନ, ନିର୍ବାଚନରେ ଜୟ ପରାଜୟର ଊର୍ଦ୍ଧ୍ୱରେ ତାଙ୍କର ମହତ୍ ଧ୍ୟାନଦୃଷ୍ଟି 'ନବଭାରତ'କୁ କେନ୍ଦ୍ରକରି ପ୍ରସାରିତ ହୋଇଥିଲା । ଏଇ 'ନବଭାରତ' ଥିଲା ଏକ ମହତ୍ ଅନୁଷ୍ଠାନ । 'ନବଭାରତ' ପ୍ରକାଶନ ସଂସ୍ଥା, 'ନବଭାରତ' ପତ୍ରିକା ( ମାସିକ, ସାପ୍ତାହିକ, ଦୈନିକ ) ସବୁକିଛି ଉପରେ ପଣ୍ଡିତ ନୀଳକଣ୍ଠଙ୍କର ମହାନ୍ ବ୍ୟକ୍ତିତ୍ୱ ପ୍ରତିଫଳିତ ହୋଇଥିଲା । ପରିଣତ ବୟସ, ଅର୍ଦ୍ଧଶତବର୍ଷ ବୟସର ବହୁ ବିଚିତ୍ର ଅଭିଜ୍ଞତା, ମହାନ୍ ପାଣ୍ଡିତ୍ୟ— ଏ ସବୁର ପ୍ରତିଫଳନ ଘଟୁଥିଲା 'ନବଭାରତ' ପୃଷ୍ଠା ଗୁଡ଼ିକରେ । ଶେଷ ବୟସରେ ଏକ ସମୟରେ ଏଇ 'ନବଭାରତ' ହିଁ ଥିଲା ପଣ୍ଡିତଜୀଙ୍କର ଶ୍ରେଷ୍ଠ କର୍ମସ୍ଥଳ ।

ସେଇ ଦିନର ସେଇ 'ନବଭାରତ' ପ୍ରେସ । କଟକର ହୃତପିଣ୍ଡ ଚୌଧୁରୀ ବଜାର ଓ ସାହିତ୍ୟ ସଂସ୍କୃତିର ପ୍ରାଣକେନ୍ଦ୍ର ବାଲୁବଜାର ( ଏବେ ବିନୋଦ ବିହାରୀ ) ମଝିରେ ସଂଯୋଗକାରୀ ରାସ୍ତାଟି ବାଙ୍କାବଜାର । ବାଲୁବଜାର ଆଡ଼ୁ ଶେଷଆଡ଼କୁ ଏକ ଦ୍ୱିତଳ ପ୍ରସାଦରେ ପ୍ରତିଷ୍ଠିତ ଥିଲା 'ନବଭାରତ' ପ୍ରେସ ( ଏବର କଳାବିକାଶ କେନ୍ଦ୍ରର ବିପରୀତ ଦିଗରେ ) 'ସମାଜ'ପ୍ରେସ ମଧ୍ୟଥିଲା ଏହାର ଅଦୂରରେ । ପୂର୍ବପଟୁ ଏହି ପ୍ରେସ୍ ଭିତରେ ପ୍ରବେଶ କଲେ ପ୍ରଥମେ ପଡ଼େ 'ନବଭାରତ' ପ୍ରେସର ଅଫିସ । ଏଇ ଅଫିସ ପାଖରେ ଗୋଟିଏ କୂଅ । କୂଅପାଖରେ ବଡ଼ ପଣସ ଗଛଟିଏ ଶାଖା ପ୍ରସାର କରି ରହିଥିଲା ଦ୍ୱିତଳ ପ୍ରସାଦର ଶୀର୍ଷଦେଶ ପର୍ଯ୍ୟନ୍ତ । ଉପର ମହଲରେ ଦୁଇଟି କୋଠରୀ । ପ୍ରଥମ କୋଠରୀଟିରେ ସବୁବେଳେ ପ୍ରାୟଶଃ ଗୃହ ପଡ଼ିଥାଏ । ଏହା ପଣ୍ଡିତଜୀଙ୍କର ଗ୍ରନ୍ଥାଗାର । ଏହାର ସମ୍ମୁଖରେ ଏକ କ୍ଷୁଦ୍ର ବାରଣ୍ଡା । ଏହାହିଁ ଥିଲା ପ୍ରାୟ ପଣ୍ଡିତଜୀଙ୍କ ସ୍ନାନାଗାର । ଅପର ଘରଟି ଆକାରରେ ଥିଲା ବେଶ ବଡ, ପ୍ରାୟ ଗୋଟିଏ ଛୋଟ ହଲ୍‌ଭଳି । ଏଥିରେ ଥିଲା ଗୋଟିଏ ଓସାରିଆ ତକ୍ତପୋଷ, ଗୋଟିଏ ବଡ଼ ଟେବୁଲ୍ ଓ କେତୋଟି ଚୌକି ଓ ଗୋଟିଏ ଟେଲିଫୋନ୍ । ଖଟ ଉପରେ ପଡ଼ିଥାଏ

Digitized by PPRACHIN, SOA

ଗୋଟିଏ ବଡ଼ ଘର । ଏହାହିଁ ଥିଲା ପଣ୍ଡିତଙ୍କ ଶୟନ କକ୍ଷ, ଅଧ୍ୟୟନ କକ୍ଷ ଓ ଅତିଥି ଶାଳା । କେଉଁ ଯୁଗର ଗୋଟିଏ ସିଲିଂ ପଂଖା ଥିଲା ଏ ଘରେ ଏକମାତ୍ର ଆଭିଜାତ୍ୟର ସଙ୍କେତ । ଘରର ପୂର୍ବ ଓ ପଶ୍ଚିମ ପଟେ ଥିଲା ବଡ଼ ବଡ଼ ଖୋଲା ଝରକା । ଉଦୟ ଓ ଅସ୍ତ ସୂର୍ଯ୍ୟର କଅଁଳ ଖରା ଏ ଘରେ ଅନାୟାସରେ ପ୍ରବେଶ କରୁଥିଲା । ଦକ୍ଷିଣ ପଟର ବଡ଼ ଦରଜାଟି ଦେଇ ଅଦୂରର ପଣସ ଗଛର ଶିର ଛୁଇଁ ମଳୟ ଖେଳିଯାଉଥିଲା । ଉତ୍ତରକୁ ଥିଲା ଗୋଟିଏ ଛୋଟିଆ ଦ୍ୱାର । ଏଇ ଦ୍ୱାରଦେଇ ଯାଇ ହେଉଥିଲା ଖୋଲା ଛାତ ଉପରକୁ, କର୍ମକ୍ଳାନ୍ତ ବ୍ୟକ୍ତିଙ୍କର ସାମାନ୍ୟ କ୍ଳାନ୍ତି ଅପନୋଦନ ପାଇଁ ।

ସ୍ୱାଧୀନତାର ପ୍ରାକ୍‌କାଳରେ ରାଜନୈତିକ ଝଞ୍ଜାଳରୁ ପ୍ରାପ୍ତ ଏକ ପ୍ରକାର ମୁକ୍ତ ହୋଇ ଏଇଠାରେ ପଣ୍ଡିତଜୀ ସାହିତ୍ୟ ସାଧନାରେ ନିରତ ଥିଲେ । ୧୯୪୭ରୁ 'ନବଭାରତ'ର ପ୍ରକାଶ ବନ୍ଦ ହୋଇ ଯାଇଥିଲା । ମାତ୍ର ପଣ୍ଡିତଜୀ 'ଓଡ଼ିଆ ସାହିତ୍ୟର କ୍ରମପରିଣାମ', 'ସଂସ୍କୃତ ଓ ସଂସ୍କୃତି' ବ୍ୟତୀତ ନାନା ପୁସ୍ତକାଦି ରଚନାରେ ନିଜକୁ ନିୟୋଜିତ କରିଥିଲେ । ସେଇ ଆଡ଼ମ୍ବର ହୀନ ଖଟଟି ଉପରେ ଆବକ୍ଷ ପ୍ରସାରିତ ଶୁକ୍ଳ ଶ୍ମଶ୍ରୁ, ଶୁକ୍ଳକେଶ, ଶୁକ୍ଳଖଦଡ଼ର ଧୋତି ଓ ଫତେଇଟି ପିନ୍ଧି ପଣ୍ଡିତଜୀଙ୍କ ଶୋଇ ଶୋଇ ବହି ପଢ଼ିବା ବା ପ୍ରବନ୍ଧ ଡାକିବା, ନାନା ଆଲୋଚନାରେ ଆଗନ୍ତୁକଙ୍କ ହସାଇ ହସାଇ ବୁଝାଇ ଛାଡ଼ିବାର ଦେଖିବାକୁ ମିଳୁଥିଲା । ଏଇଠାରେ ସାରା ଜଗତ ସୁପ୍ତହୋଇ ଆସିବା ସମୟରେ ପଣ୍ଡିତଜୀ ଜାଗ୍ରତ ରହି ଗ୍ରନ୍ଥ ପାଠରେ, ନୂତନ ଗ୍ରନ୍ଥ ରଚନାର ଚିନ୍ତାରେ ନିମଗ୍ନ ରହୁଥିଲେ । ଡକ୍ଟର କୁଞ୍ଜବିହାରୀ ଦାସଙ୍କ କଥାରେ ''ନବଭାରତ' ପ୍ରେସର ଉପର ତାଲରେ ପଣ୍ଡିତ ନୀଳକଣ୍ଠ—ତାଙ୍କ ଅସଜ୍ଜିତ ମଳିନ କୋଠରୀଟିରେ ବିଦ୍ୟାର ଆସର ଜମୁଥିଲା । ଉତ୍ତମ ଆଳାପୀ, ଅକ୍ଳାନ୍ତ ଜିତନିଦ୍ର । ଜିଜ୍ଞାସୁ ତରୁଣଙ୍କ ସହିତ ତାଙ୍କ ଆଲୋଚନା-ଶାଖା ପ୍ରଶାଖା ମେଲି ଦୂର ଦିଗବଳୟକୁ ଚାଲି ଯାଉଥିଲା । ସନ୍ଦେହ ମୋଚନ ଲାଗି ସେ ଥିଲେ ଏକ ବିଶ୍ୱକୋଷ । ସମୟପ୍ରମତ୍ତ ଅସଚେତନ, ସାଂସାରିକ ମୋହମୁକ୍ତ 'ଆତ୍ମବିସ୍ମୃତ' ପୁସ୍ତକ ଗଦାମଧ୍ୟରେ ଅଣେଇହୋଇ ବସି ନିନାଥରୁ ଜଗନ୍ନାଥ, ଅମ୍ରୁର ମଜ୍‌ଦା, କୋଇଲିରୁ ମହାକାବ୍ୟ, ସୁଖବୋଧ ବ୍ୟାକରଣରୁ ସିଦ୍ଧାନ୍ତ କୌମୁଦୀ, ଲୌକିକ ଭାଷାରୁ ମହାଭାଷ୍ୟ, ଲୋକ ଦର୍ଶନରୁ ବିଶ୍ୱଦର୍ଶନ

Digitized by PPRACHIN, SOA

ତତ୍ତ୍ୱୀୟତ୍ତ୍ୱ ଆଲୋଚନାରେ ନିମଗ୍ନ ରହୁଥିଲେ, ଆଧୁନିକ ଯୁଗର ଏହି ସଂସ୍କୃତିସ୍” ( ପୃ ୪୬୫ ମୋକାଦ୍ୱାଣୀ, ୨ୟ ସଂ-୧୯୮୦ )

ପଣ୍ଡିତଙ୍କଙ୍କର ନିଜ ଭାଷାରେ “ନବଭାରତ’ ପ୍ରେସ ମୋ ଜୀବନରେ ଗୋଟିଏ ପ୍ରଧାନ ଘଟଣା ।” × × × ଏହାର ପର କଳ୍ପନା ଗୋପବନ୍ଧୁଙ୍କ ଜୀବତ କାଳରୁ । ଥରେ ଗୋପବନ୍ଧୁଙ୍କ ସଙ୍ଗେ ମହାଭାରତର କୃଷ୍ଣ ବିଷୟରେ ଆଲୋଚନା ପ୍ରସଙ୍ଗରୁ ନୀଳକଣ୍ଠ ଭାବିଲେ, “କୌଣସିମତେ ଜଗତରେ ଆତ୍ମା ଅନାତ୍ମା ଧର୍ମ ପ୍ରଚାର ପାଇଲେ ବ୍ୟକ୍ତି ବିଶେଷଙ୍କଦ୍ୱାରା ପ୍ରଚାରିତ ଧର୍ମ ଅର୍ଥାତ ଖ୍ରୀଷ୍ଟଧର୍ମ, ବୁଦ୍ଧଧର୍ମ, କୃଷ୍ଣଧର୍ମ ଆଦିର ଯଥାର୍ଥ ପ୍ରତିକାର ହୁଅନ୍ତା······ ଏହା ହିଁ ଭାବି ସେହି ଦିନଠାରୁ ମନେକଲି ମୁଁ ନିଜେ ଗୋଟିଏ ମାସିକ ପତ୍ର କାଢିଲେ ଭଲହୁଅନ୍ତା । ୧୯୩୩ରେ ଦିଲ୍ଲୀରୁ ଫେରିବା ବାଟରେ କଲିକତାରେ ନିଜର ଜଣେ ପୂର୍ବତନ ଛାତ୍ର ଭୂପୁଁ । ଭାସ୍କର ମହାପାତ୍ରଙ୍କ ପିଲାମାନଙ୍କ ଗୃହଶିକ୍ଷକ ( ଚିନ୍ତାମଣି ମିଶ୍ର )ଙ୍କ ସଙ୍ଗେ ପରାମର୍ଶ କରି— ସେଠାରେ ବାହାର ହୋଇ ଠିକ୍ ହେଲା । ସେଇ ପତ୍ରଟି ହେଲା ମାସିକ “ନବଭାରତ” । ( ନୀଳକଣ୍ଠ ଗ୍ରନ୍ଥାବଳୀ, ପ୍ରଥମଭାଗ ପୃ ୧୦୯ )

‘ନବଭାରତ’ ପତ୍ରିକା ଏକ ଉଦାର ଆଦର୍ଶବାଦ ଉପରେ ପ୍ରତିଷ୍ଠିତ ଥିଲା । ତାର ଶିରୋନାମା ତଳେ ସ୍ଥାନ ପାଉଥିଲା ନିମ୍ନ ଶ୍ଳୋକଟି—

ଯସ୍ୟାକ୍ଷରସ୍ୟତପସାଽପି ବିଭାତି ବିଶ୍ୱଂ
ନ୍ୟସ୍ତଂ କ୍ଷରଜ୍ଜଗଦ୍ଦିଦଂ ଖଳୁ ଭୂତସଂଘୈଃ
ଆଶାସ୍ମହେ ପ୍ରତିପଦଂ ପ୍ରବିଭାତୁ ତସ୍ୟ
ବିଶ୍ୱପ୍ରକାଶବିଧିନା ନବଭାରତୋଽୟମ୍ ।

ଭାରତର ଅକ୍ଷୟ ତପସ୍ୟାରେ ଆଲୋକିତ ବିଶ୍ୱର ବିକାଶ ଶୃଙ୍ଖଳା ଧାରା ପ୍ରତିଷ୍ଠାର ମହାନ ପ୍ରୟାସରେ ‘ନବଭାରତ’ର ପୃଷ୍ଠାଗୁଡ଼ିକ ମନସ୍ୱୀ ନୀଳକଣ୍ଠଙ୍କ ଅକୁତୋଭୟ ଚିନ୍ତା ଓ ସୁଦୂରଦୃଷ୍ଟିରେ ରୁଦ୍ଧିମନ୍ତ ଥିଲା । ‘ନବଭାରତ’ର ପ୍ରଥମ ସଂଖ୍ୟାରେ ହିଁ “ବିଧାତାଙ୍କ ସୃଷ୍ଟି” ବନ୍ଧରେ ବିଶ୍ୱ ଶୃଙ୍ଖଳାରେ କ୍ରମପରିଣାମର ଧାରା ଉପରେ ନୀଳକଣ୍ଠ ଆଲୋକପାତ କରିଥିଲେ । ‘ମାନବ ପ୍ରଗତିର ଧାରା’ ( ୪ର୍ଥ ବର୍ଷ, ୫ମ ସଂଖ୍ୟା ୧୯୪୫ )

Digitized by PPRACHIN, SOA

ପ୍ରବନ୍ଧରେ ପଣ୍ଡିତଜୀ ଲେଖିଥିଲେ—"ସଂଗ୍ରାମର ମହାମାରଣ ସ୍ଥିତି-ସୁରକ୍ଷିତ ସାମ୍ରାଜ୍ୟ ଓ ପୁଞ୍ଜିପତିଙ୍କ ନର୍ଯ୍ୟାତନାର ପ୍ରତିକ୍ରିୟା ଆଜି ପୃଥିବୀରେ ସର୍ବତ୍ର ଦେଖାଦେଉଛି । ମାନବର ଆତ୍ମା ବୋଲି ବସ୍ତୁ ରହୁନାହିଁ । ଆହାର ନିଦ୍ରାଦି ବୃତ୍ତିର ଚରିତାର୍ଥତାର ମାପକାଠିରେ ପୃଥିବୀକୁ ପ୍ରଗତି ମପାହେବାର ଆରମ୍ଭ ହୋଇଛି । ଦାବୀ ଓ ଜୁଲମ ଏ ପ୍ରଗତିର ଶସ୍ତ୍ର । କର୍ତ୍ତବ୍ୟ ଓ ଆତ୍ମବିକାଶର ଏଥିରେ ସ୍ଥାନନାହିଁ ।" ଆତ୍ମଲାଭ ମନ୍ତ୍ର ସ୍ଥାନରେ ଆତ୍ମବିକାଶ ସାଧନାରେ ମାନବ ପ୍ରଗତିର କଳ୍ପନା ପଣ୍ଡିତଜୀଙ୍କ ମନରେ ଦୃଢ଼ଭାବରେ ସ୍ଥାନ ପାଇଥିଲା ।

ଏକ ଦିଗରେ ସମାଜର ସମୂହ ପ୍ରଗତି ଓ ବିକାଶ, ଅନ୍ୟ ଦିଗରେ ଏଇ ବିକାଶରେ ଓଡ଼ିଆ ଭାଷା ଓ ସାହିତ୍ୟର ମୌଳିକ ଦାନ ଯେମିତି ମିଳିବ ସେଥିପ୍ରତି ବରାବର ନିଜର ପୁଷ୍କଳ ଚିନ୍ତା ପ୍ରକାଶ କରୁଥିଲେ । ନାନା ସଭା ସମ୍ମିଳନୀରେ ପ୍ରଦତ୍ତ ନିଜ ମୌଳିକ ଯୁକ୍ତି ଓ ଚିନ୍ତାଧାରା ସମ୍ବଳିତ ଭାଷଣ ଗୁଡ଼ିକର ଅନୁଲିପି 'ନବଭାରତ'କୁ ବଡ଼ ଉପାଦେୟ କରିପାରିଥିଲା । ପଣ୍ଡିତଜୀ ଅନୁଭବ କରିଥିଲେ- "ଓଡ଼ିଆ ସର୍ବଦା ନିଜଭାଷାରେ ନିଜ ସାହିତ୍ୟ ପ୍ରକାଶ କରିଥିଲା ।" ପରାଧୀନତା ଓ ଅନୁକରଣ ସର୍ବସ୍ୱତାର ଘୋର ଗ୍ଲାନିରୁ ଜାତିର ପ୍ରାଣର ଭାଷା ଓ ଭାବକୁ ମୁକ୍ତକରି ନବସାହିତ୍ୟ ସୃଷ୍ଟି ତାଙ୍କ ଇପ୍ସିତ ଲକ୍ଷ୍ୟଥିଲା ।

ଉଭୟ ନବୀନ ଓ ପ୍ରବୀଣ ଲେଖକଙ୍କ ପାଇଁ 'ନବଭାରତ'ର ଦୁଆର ଉନ୍ମୁକ୍ତ ଥିଲା । ଲେଖକ ନୁହେଁ, ଲେଖା ହିଁ ଥିଲା 'ନବଭାରତ' ପାଇଁ ମନୋନୟନର ମାପକାଠି । ମୌଳିକ ରଚନା ସଙ୍ଗେ ସଙ୍ଗେ ଇଂରେଜୀ ଓ ବଙ୍ଗଳା ପ୍ରଭୃତିରୁ ଉଚ୍ଚକୋଟୀର ଲେଖାମାନ ଅନୁବାଦ ଓ ଆହରଣ ମାଧ୍ୟମରେ ପ୍ରକାଶ ପାଉଥିଲା । ଅନୁବାଦର ଭାଷାଥିଲା ଖାଣ୍ଟି ଓଡ଼ିଆ । ଲେଖାଟିଏ ପ୍ରକାଶ ପାଇଗଲେ ଲେଖକଙ୍କ କର୍ତ୍ତବ୍ୟ ଶେଷ ହେଉନଥିଲା । ଲେଖାର ମୌଳିକତା, ଉପଯୋଗିତା, ଅନୁକରଣଚେଷ୍ଟା ଯେମିତି ନାନା ଆଲୋଚନା ପାଠକ ମାନଙ୍କ ପାଖରୁ ସମ୍ପାଦକ ଆହ୍ୱାନ କରୁଥିଲେ । ଏ ସବୁ ଆଲୋଚନାର ମାନଥିଲା ଅତି ଉଚ୍ଚକୋଟୀର । ଏଥିରେ ବ୍ୟକ୍ତିଗତ ଆକ୍ରୋଶ ବା ନିନ୍ଦାପ୍ରଶଂସା କୌଣସି ସ୍ଥାନ ନଥିଲା । ଲେଖାର ମାନ ଉନ୍ନତ କରିବା ଓ ସେବା ସୂତ୍ରରେ ଲେଖକ ଗଢିବା, ପାଠକଙ୍କ ରୁଚିକୁ ଉନ୍ନତ କରିବା

Digitized by PPRACHIN, SOA

ଥିଲା ଏହିସବୁ ସମାଲୋଚନାର ଉଦ୍ଦେଶ୍ୟ । କୌଣସି କୌଣସି ସମାଲୋଚନାର ଶେଷ ସିଦ୍ଧାନ୍ତ ସମ୍ପାଦକଙ୍କର ସୁଚିନ୍ତିତ ମନ୍ତବ୍ୟରେ ପ୍ରକାଶ ପାଉଥିଲା । ଶବ୍ଦ କବିତା ଯେଉଁ ବାଦାନୁବାଦ ଓ ଏ ସମ୍ପର୍କରେ ପଣ୍ଡିତଙ୍କର ସୁଚିନ୍ତିତ ମନ୍ତବ୍ୟ ଏହାର ଏକ ଦୃଷ୍ଟାନ୍ତ ।

ଜୟପୁରର ମହାରାଜାଙ୍କ ଆର୍ଥିକ ଦାନ ଓ ପଣ୍ଡିତଙ୍କର ସାଂଗଠନିକ ନୈପୁଣ୍ୟକୁ ଭିତ୍ତିକରି 'ନବଭାରତ' ଏକ ମହାନ୍ ଅନୁଷ୍ଠାନରେ ପରିଣତ ହୋଇଥିଲା । ପାଠକ ଲେଖକଙ୍କ ପାଇଁ ସମାନ ସୁଯୋଗ ସୃଷ୍ଟି ଥିଲା ଏହାର ଉଦ୍ଦେଶ୍ୟ । ଯଦିବା ସେ ଯୁଗ ଲେଖକଙ୍କ ଶ୍ରମର ଯଥାର୍ଥ ମୂଲ୍ୟ ଦେବା ସମ୍ଭବ ନଥିଲା, ତେବେ "ସାହିତ୍ୟିକ ବେଠି" ଭଳି ପ୍ରବନ୍ଧମାନ ପ୍ରକାଶକରି କଷ୍ଟାପର ସାହିତ୍ୟ ସେବକଙ୍କୁ ସେମାନଙ୍କର ଯଥାର୍ଥ ପ୍ରାପ୍ୟଦାନର ଦୂରପନେୟ କର୍ତ୍ତବ୍ୟ ବିଷୟରେ ସଚେତନତା ଏ ଦ୍ୱାରା ପ୍ରକାଶ ପାଇଥିଲା । କୌଣସି ପତ୍ର ପତ୍ରିକାର ଏକକ ଇତିହାସ ଏବେ ବି ଅନାଲୋଚିତ । 'ନବଭାରତ'ର ଇତିହାସ ଉପରେ ଯଥାର୍ଥରେ ଆଲୋକ ପାତ କରିବା ସମ୍ଭବ ହେଲେ ଆମର ସାଂସ୍କୃତିକ ଐତିହ୍ୟର ଏକ ମହାନ ଅଧ୍ୟାୟ ଉନ୍ମୋଚିତ ହୋଇ ପାରିବ । ( ନରେନ୍ଦ୍ର ନାଥ ମିଶ୍ର, 'ନବଭାରତ ଓ ମନସ୍ୱୀ ନୀଳକଣ୍ଠ' 'ଚମ୍ପୂନିକା' ମେ ୧୯୮୨

— x —

"ଆତ୍ମହେତୁକ ମମତା ବା ଆତ୍ମଶ୍ରଦ୍ଧା ଆତ୍ମ-ପ୍ରବଂଚନାର ପ୍ରଧାନ ହେତୁ । ସ୍ୱଭାବତଃ ମନୁଷ୍ୟ ଆପଣାକୁ ଏତେ ଶ୍ରଦ୍ଧାକରେ ଯେ ନିତାନ୍ତ ସାହସୀ, ସତ୍ୟପିପାସୁ ଓ ସତ୍ୟନିଷ୍ଠ ନ ହେଲେ ସେ ସମସ୍ତ ଦୋଷ ସହିତ ଆପଣାକୁ ଯଥାର୍ଥରୂପେ ପ୍ରକାଶ କରିବାକୁ ଅନିଚ୍ଛୁକ,

[ ନୀଳକଣ୍ଠ—ସ୍ମୃତି ଓ ଅନୁଭୂତି ]

Digitized by PPRACHIN, SOA

# ସାହିତ୍ୟିକ ନୀଳକଣ୍ଠ

ସମାଜ ସଂସ୍କାର, ସାମ୍ବାଦିକତା, ରାଜନୀତି ଏ ସବୁ ନୀଳକଣ୍ଠଙ୍କର ବ୍ୟକ୍ତିତ୍ୱର ବହିରଙ୍ଗ ଥିଲା । ଆପାତତଃ ଦୃଷ୍ଟିରେ ନୀଳକଣ୍ଠ ଥିଲେ ଜଣେ 'ମ୍ୟାନ୍ ଅଫ୍ ଆକ୍ସନ' । ତାଙ୍କ ବ୍ୟକ୍ତିତ୍ୱର କ୍ରିୟା, ବାଧାସ୍ୱକ ଦିଗଟି ସମସାମୟିକ ସମାଜର ନାନା ସ୍ତରକୁ ଆଲୋଡ଼ିତ କରିଥିଲା । ଘଟଣାର ଆବର୍ତ୍ତରେ ସେ କିନ୍ତୁ ନିଜକୁ ସ୍ଥିର ରଖିପାରିଥିଲେ । ମୌଳିକ ସୃଜନଶୀଳତା ଓ ବୁଦ୍ଧି ଦୀପ୍ତ ଆଦର୍ଶବାଦ ଭିତ୍ତିରେ ନୀଳକଣ୍ଠ ଥିଲେ ଜଣେ ଆଦର୍ଶ ବୁଦ୍ଧିଜୀବୀ । ଭାରତୀୟ ନବ ଜାଗରଣର ଦୃଢ଼ ବୌଦ୍ଧିକ ଭୂମି ଉପରେ ତାଙ୍କର ସାହିତ୍ୟ ସାଧନା ପ୍ରତିଷ୍ଠିତ ଥିଲା । ଓଡ଼ିଆ ସଂସ୍କୃତି, ସାହିତ୍ୟ ଓ ଲୋକ ଚଳଣିର ସ୍ୱାତନ୍ତ୍ର୍ୟ ସେ ବିଶେଷ ଭାବରେ ଅନୁଧ୍ୟାନ କରୁଥିଲେ । ସକଳ ପ୍ରକାର ଭାବାଂବେଗ ଓ ରୁଦ୍ଧ ମାନସିକତାର ଊର୍ଦ୍ଧ୍ୱରେ ନୀଳକଣ୍ଠଙ୍କ ସତ୍ୟ ଦୃଷ୍ଟି ପ୍ରକାଶିତ ହୋଇଥିଲା ।

**ନୀଳକଣ୍ଠ ସାହିତ୍ୟର ପ୍ରକାର ଭେଦ :**

ନୀଳକଣ୍ଠଙ୍କ ସାହିତ୍ୟ ସାଧନାରେ ଆମେ ତିନୋଟି ସ୍ତର ଲକ୍ଷ୍ୟ କରିପାରୁ । ସତ୍ୟବାଦୀର ସାହିତ୍ୟ ସାଧନା, ସ୍ୱାଧୀନତା ସଂଗ୍ରାମ କାଳରେ କାରାଗାରରେ ରଚିତ ସାହିତ୍ୟ, 'ନବଭାରତ'ରେ ସାହିତ୍ୟ ଓ ସ୍ୱାଧୀନତାର ପ୍ରାକ୍କାଳରେ ରଚିତ ନିବନ୍ଧାବଳୀ । ପୁଣି ପ୍ରକାର ଦୃଷ୍ଟିରୁ ଦେଖିଲେ, ନୀଳକଣ୍ଠ ହେଉଛନ୍ତି ଜଣେ କବି ଓ ସମୀକ୍ଷକ । ଆପାତ ଦୃଷ୍ଟିରେ ମନେ ହୋଇଥାଏ, ନୀଳକଣ୍ଠ ଜଣେ ବୁଦ୍ଧିଜୀବୀ ସାହିତ୍ୟିକ । ତାଙ୍କ ସାହିତ୍ୟ ସମାଜର ଉପର ସ୍ତରରେ ଥିବା ଲୋକଙ୍କ ପାଇଁ ରଚିତ । କିନ୍ତୁ ପ୍ରକୃତ ପକ୍ଷରେ ନୀଳକଣ୍ଠଙ୍କ ସାହିତ୍ୟ ଏକ ପରିପୂର୍ଣ୍ଣ ସାହିତ୍ୟର ଜଗତ । ଏକାଧାରରେ ଶିଶୁ, ପଲ୍ଲୀବାସୀ ଜନସାଧାରଣ, ସହରବାସୀ ବୁଦ୍ଧିଜୀବୀ ଶ୍ରେଣୀ ସମସ୍ତଙ୍କ ମନରେ ରେଖାପାତ କଲାଭଳି ସାହିତ୍ୟ ସୃଷ୍ଟିରେ ସେ ବ୍ରତୀଥିଲେ ।

Digitized by PPRACHIN, SOA

## ଶିଶୁ ସାହିତ୍ୟ :

ପ୍ରଥମତଃ ଦେଖାଯାଇ ପାରେ ନୀଳକଣ୍ଠଙ୍କ ରଚିତ ଶିଶୁ ସାହିତ୍ୟ । ନୀଳକଣ୍ଠ ଜାଣିଥିଲେ "ଜାତୀୟ ସାହିତ୍ୟ ଖାଲି ଆଲୋଚନା ପାଇଁ ନୁହେଁ, ତାର ବ୍ୟବହାର ଅଛି । ଜାତୀୟ ଶିକ୍ଷା, ପରଂପରାରେ ପ୍ରତିଷ୍ଠିତ ଥିବା ପ୍ରତିଭା ବିକାଶର ଭିତ୍ତି ଉପରେ ହେବା ଦରକାର । ବିଶେଷରେ ଶିଶୁ ଶିକ୍ଷା ସେହି ପୀଠରେ ଠିଆ ନ ହେଲେ ଭ୍ରଷ୍ଟ ହୁଏ । ପିଲାଙ୍କ ଖେଳରେ, ଗୀତରେ, କାହାଣିରେ ସବୁଠି ଏହାହିଁ ଦେଖିବା ଜିନିଷ ।" (୧) ଲୋକ ସାହିତ୍ୟରୁ ନୂତନ ଭାବରେ ଶିଶୁ ସାହିତ୍ୟ ସୃଷ୍ଟିର ପ୍ରୟାସ ଅବଶ୍ୟ ନନ୍ଦକିଶୋର ଓଡ଼ିଶାରେ ପ୍ରବର୍ତ୍ତିତ କରିଥିଲେ । କିନ୍ତୁ ତାର ଭିତ୍ତି ଏତେ ବ୍ୟାପକ ନଥିଲା । ପ୍ରାକୃତିକ ପରିବେଷ୍ଟନୀ ଭିତରେ ଶିକ୍ଷା ମାଧ୍ୟମରେ ଶିଶୁ ମନକୁ ସୃଷ୍ଟିଶୀଳ କରିବା ପାଇଁ ନୀଳକଣ୍ଠ ଲୌକିକ ଓ ପାରଂପରିକ-ପୌରାଣିକ ସାହିତ୍ୟ ଭିତରୁ ଯଥାର୍ଥ ବିନିଯୋଗ କରିଥିଲେ । ଆଧୁନିକ ଧାରଣାରେ ପ୍ରକୃତି ହେଉଛି ସମଗ୍ର ଚେତନା ଜଗତ ଓ ଏହି ଜଗତର ଏକ ଅଂଶ ମଣିଷ । ଶିଶୁ ମନର ଦର୍ପଣରେ ଏହି ଜଗତର ସବୁଠାରୁ ସ୍ୱଚ୍ଛ ଓ ସହଜ ରୂପଟି ପ୍ରତିବିମ୍ବିତ ହୁଏ । ଏହି ଧାରା ଧରି ଶିଶୁ ମନକୁ ଏକ ଦିଗରେ ସୃଷ୍ଟିଶୀଳ କରିବା ଓ ଅନ୍ୟଦିଗରେ ତା' ମନରେ କୌତୁହଳ ଜାତ କରିବା ତାକୁ ସତ୍ୟ ସନ୍ଧାନରେ ପ୍ରଣୋଦିତ କରିବା ନୀଳକଣ୍ଠଙ୍କ ଶିଶୁ ସାହିତ୍ୟ ସୃଷ୍ଟିର ମୂଳ ଲକ୍ଷ୍ୟ ଥିଲା । ଓଡ଼ିଆ ଲୋକ ସାହିତ୍ୟରେ ନାଁ ଦିଆ, ଶିଶୁଙ୍କ ଖେଳଗୀତ, ଏହି ସବୁକୁ ଧରି ଶିଶୁଭୋଗ୍ୟ ଅତି ଚମତ୍କାର ପିଲାଙ୍କ ଗୀତଗୁଡ଼ିଏ ନୀଳକଣ୍ଠ ରଚନା କରିଥିଲେ । ଯେଉଁ ନୀଳକଣ୍ଠ 'କୋଣାର୍କ' ଭଳି ଗମ୍ଭୀର ଭାବାପନ୍ନ କାବ୍ୟ ଲେଖିଥିଲେ, 'ଗୀତାର ଭାଷ୍ୟ' ବା 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ' ଲେଖିଥିଲେ, ତାଙ୍କ ପ୍ରାଣରେ ଟିକିଲିଆ ଶିଶୁଙ୍କ ପ୍ରତି ଏତେ ମମତା ଓ ତାଦାତ୍ମ୍ୟ ଯେ ରହିଥିଲା ଭାବିଲେ ଅବାକ୍ ଲାଗେ । ଜ୍ଞାନ ସାଧନାରେ ଅତି ତୁଙ୍ଗ ସ୍ତରକୁ ସେ ଉଠିଲେ ବି ତଳର ଶ୍ୟାମଳ କେଦାରର ସତେଜ ଶୋଭା ସେ କେବେହେଲେ ଭୁଲି ପାରି ନଥିଲେ ।

"ପାହାଡ଼େ ଉଠି ଦେଖ ତଳେ କିଆରି
ଦେଖିଲେ ଥରେ କେବେ ନ ହେବ ଭୁଲି ।

(୧) ଓଡ଼ିଆ ସାହିତ୍ୟର କ୍ରମ ପରିଣାମ—(୧ମ), ପୃ. ୭୯

Digitized by PPRACHIN, SOA

କଥାର ଭେଦ ବନ୍ଧ ଯାଉଛି ନଈ
ମହା ସାଗରେ ଦୂରେ ମିଶୁଛି ଯାଇ ।”
ମା-ଗ୍ର. ( ୧ମ ) ପୃ. ୫୧୧

ବସ୍ତୁତଃ ଜ୍ଞାନର ମହାସାଗରରୁ ନିଜର ତୁଙ୍ଗ ମନର ହିମାଳୟରେ ସଲିଳ ଧାରା ସଂଚିତ କରି ତାକୁ ସେ ସର୍ବତ୍ର ବିସ୍ତୃତ କରିଦେଉଥିଲେ । ଶିଶୁମାନଙ୍କ ପାଇଁ ଏକ ପରିପୂର୍ଣ୍ଣ ସାହିତ୍ୟର ଜଗତ ସେ ରଚନା କରିଯାଇଛନ୍ତି ।

ପିଲାଙ୍କ ମହାଭାରତ, ରାମାୟଣ ଓ ଭାଗବତ ତିନୋଟି ଐତିହ୍ୟ-ମଣ୍ଡିତ ମହାଗ୍ରନ୍ଥ ସେ ଶିଶୁଙ୍କ ପାଇଁ ପରିବେଷଣ କରିଛନ୍ତି । ଏକାନ୍ତ ଶିଶୁ ଉପଭୋଗ୍ୟ ଭାଷାରେ ଏହି ପୁରାଣର ବୀର ନାୟକସବୁଙ୍କୁ ଆମର ଏକାନ୍ତ ନିକଟରେ ଧୂଳି ମାଟିର ମଣିଷ କରି ଛାଡିଦେଇଛନ୍ତି । ସେମାନଙ୍କ ବୀରତ୍ୱ, ମାନ ଅଭିମାନ ସବୁ କଥାକୁ ଜୀବନ୍ତ କରିଛନ୍ତି । ନିଜ ଦେଶର ସାଂସ୍କୃତିକ ଐତିହ୍ୟର ମହାପ୍ରବାହରେ ଶିଶୁ ମନକୁ ନିମଜ୍ଜିତ କରିବାପାଇଁ ମାଳକଣ୍ଠଙ୍କର ଏ ପ୍ରୟାସ ଅନନ୍ୟ ସାଧାରଣ ।

ମାତ୍ର ତାଙ୍କର ଦୃଷ୍ଟି ସବୁବେଳେ ଆମର ଗ୍ରାମର ଜୀବନ ଓ ପ୍ରାକୃତିକ ପରିବେଶ ସହିତ ଓତଃପ୍ରୋତ ଭାବେ ଜଡିତ ଥିଲା । ଗାଁର ଗୃହାଳୀଗୁଡ଼ିର ହଟିଆ, ପିଲାଙ୍କ କଣ୍ଢେଇ ଖେଳ, ସାପୁଆ କେଳା, ଆଖୁ ବାଡ଼ିରେ ବୁଢା ଭାଲୁର ଚକାଫଳ ଖିଆ ଭଳି କବିତାର ସରସତା, ହାସ୍ୟ ରସାତ୍ମକତା ଓ ଶିଶୁ ସୁଲଭ ସ୍ୱଚ୍ଛ ସହଜ ଦୃଷ୍ଟିରେ ପ୍ରକୃତ ଜୀବନକୁ ଦେଖିବାର ଆନ୍ତରିକତା ବିନା ଦୃଷ୍ଟାନ୍ତରେ ବୁଝାଇଦେବା ସହଜନୁହେଁ । ସବୁ ଭାଲୁ ପାହାଡ଼ରୁ ଗଡ଼ି ଝରଣା କୂଳର ଆଖୁ କିଆରିରେ ପଶି ଆଖୁ ଖାଆନ୍ତି । ବୁଢା ଭାଲୁଟିଏ ଦିନେ ଆଖୁ ଗଛରେ ବିରୁଡ଼ି ବସାଟିଏ ଦେଖି ତାକୁ ଆଖୁ ଗଛର ଫଳ ମନେକଲା । ତେଣୁ କାହାକୁ ନ କହି ଏକୁଟିଆ ବିରୁଡ଼ି ବସା ଗୋଟାକ ଯାକକୁ ମୁହଁ ଭିତରେ ପୁରାଇଦେଲା । ବିରୁଡ଼ି ମାନଙ୍କ ଆକ୍ରମଣରେ ବ୍ୟତିବ୍ୟସ୍ତ ହୋଇ—

ଦଉଣ୍ଡି ଦଉଣ୍ଡି ପଳାଉଁ କହେ, “କେବେ ତ ଆଉ
ଆଖୁ ବାଡ଼ି ଆମେ ନ ପଶୁ ଚକା ଫଳ ନଖାଉ ।”

Digitized by PPRACHIN, SOA

ସ୍ୱାଭାବିକ ପ୍ରାଚୀନ ଓ ପୌରାଣିକ କବିତାର ବିକାଶ ଧାରା ଯେପରିକି ଏକମାତ୍ର ମଳକଣ୍ଠ ହିଁ ଶିଶୁ କବିତାକୁ ବହନ କରି ଆଣିପାରନ୍ତି । ମହାତ୍ମାଗାନ୍ଧୀଙ୍କ ଉପରେ ରଚିତ କେତୋଟି ପଂକ୍ତିରୁ ଏହାର ଦୃଷ୍ଟାନ୍ତ ଦିଆଯାଇ ପାରେ—

"ମଗ୍ନମନ କି ଶାନ୍ତ ହୋଇବ କେବେ
ମୁଠ ସଜାଡ଼ି ଦାଣ୍ଡେ ଗୁଳିଲେ ସବେ,
ସେଥିକୁ ପୃଥିବୀରେ ପଡ଼ୁଛି ଡ଼ାକ
ଗାନ୍ଧୀ ହେ ଧର୍ମ ଦେଇ ଜଗତ ରଖ ।" ମ-ଗ୍ର.(୧)ପୃ: ୫୦୬

## ପ୍ରାର୍ଥନା ସଂଗୀତ:

ଶିଶୁ କବିତାର ଆଉ ଗୋଟିଏ ସ୍ତର କବିଙ୍କ ରଚିତ ପ୍ରାର୍ଥନା ସଂଗୀତ ସବୁ । ଏ ସବୁ ସତ୍ୟବାଦୀ ବିଦ୍ୟାଳୟର ଶିକ୍ଷକତା କାଳରେ କବି ରଚନା କରିଥିଲେ । ପଣ୍ଡିତଙ୍କ ନିଜ କଥାରେ "ମୁଁ ସତ୍ୟବାଦୀ ସ୍କୁଲ ଆରମ୍ଭ କରିବାର ଅଳ୍ପ ଦିନପରେ ସମ୍ଭବତଃ ୧୯୧୨ କିମ୍ବା ୧୩ ଖ୍ରୀ: ଅ: ରେ ସ୍କୁଲର ଶ୍ରୀପଞ୍ଚମୀ ଉତ୍ସବରେ ଛାତ୍ରମାନଙ୍କ ଆବୃତ୍ତି ନିମନ୍ତେ ଦରକାର ହେବାରୁ 'ଭକ୍ତର ଉଦ୍‌ବୋଧନ' ବୋଲି ଗୋଟିଏ କବିତା ଲେଖିଥିଲି । ତାହା କିଛିଦିନ ପରେ "ଉତ୍କଳ ସାହିତ୍ୟ" ମାସିକ ପତ୍ରରେ ପ୍ରକାଶିତ ହୋଇଥିଲା ।

ତାହା ପରେ ଭିନ୍ନ ଭିନ୍ନ ସମୟରେ 'ବିଶ୍ୱବାଣୀ," "ଆତ୍ମବାଣୀ" ଓ "କାହିଁ ଅଛ" ଶୀର୍ଷକ କବିତା ମାନ 'ସତ୍ୟବାଦୀ' ମାସିକ ପତ୍ରରେ ପ୍ରକାଶ ପାଇଥିଲା । ଏହି ପୁସ୍ତକରେ ଦିଆହୋଇଥିବା ସଙ୍ଗୀତ ଦିଓଟି ମଧ୍ୟ ବିଭିନ୍ନ ଘଟଣା ଉପଲକ୍ଷେ ରଚିତ ହୋଇଥିଲା । ସେ ଦିଓଟି ମଧ୍ୟ 'ସତ୍ୟବାଦୀ' ତଥା 'ପ୍ରଦୀପ' ମାସିକ ପତ୍ରରେ ପ୍ରକାଶ ପାଇଥିଲା ।

ଏସବୁ ଏକତ୍ର ପୁସ୍ତକାକାରରେ ଛପାଇବାକୁ କେହି କେହି ବନ୍ଧୁ ମୋତେ ଅନୁରୋଧ କରିବାରେ ମୁଁ ଦେଖିଲି, 'ଗୀତା'ରେ "ଆର୍ତ୍ତୋଜିଜ୍ଞାସୁରର୍ଥାର୍ଥୀ ଜ୍ଞାନୀ ଚ ଭରତର୍ଷଭ" ବୋଲି ଯେଉଁ ଆର୍ତ୍ତ, ଜିଜ୍ଞାସୁ, ଅର୍ଥାର୍ଥୀ ଓ ଜ୍ଞାନୀ ଏହି ଚାରିପ୍ରକାର ଭକ୍ତଙ୍କର ବିଭାଗ ଅଛି, ସେହି ଅନୁକ୍ରମେ ଚାରି ପ୍ରକାର ଭକ୍ତର ବାଣୀ ଘେନି ଏ ପୁସ୍ତକଟି ପୂର୍ଣ୍ଣ କରାଯାଇପାରେ । ସେଥି-

Digitized by PPRACHIN, SOA

ତାଙ୍କ ପରେ ୧୯୧୮ କିମ୍ବା ୧୯୧୯ ଖ୍ରୀଷ୍ଟାବ୍ଦରେ 'ଭକ୍ତବାଣୀ' କବିତାଟି ଲେଖିଥିଲେ । ତାହା କାହିଁରେ ପ୍ରକାଶିତ ହୋଇ ନଥିଲା । ଏବେ ଏହି ପୁସ୍ତକରେ "ଭକ୍ତର ଉଦ୍‌ବୋଧନ" କୁ ଅର୍ଥାର୍ଥୀର ବାଣୀ ବା 'ଭକ୍ତବାଣୀ' "କାହିଁ ଅଛ" କୁ ଜିଜ୍ଞାସୁର ବାଣୀ ବା 'ପ୍ରଶ୍ନବାଣୀ' ନାମ ଦେଇ ପ୍ରକାଶ କରାଗଲା । (୨)
( 'ଭକ୍ତଗାଥା' ମୁଖବନ୍ଧ-ନୀଳକଣ୍ଠ ଗ୍ରନ୍ଥାବଳୀ (୧ମ,)

ଭକ୍ତଗାଥା କବିତାର ଛନ୍ଦ, ସୁନ୍ଦର ଛନ୍ଦ । ଏ କବିତା ଗୁଡ଼ିକ ପଢ଼ି ପଢ଼ି ଅନେକ ସମୟରେ ମଧୁସୂଦନ ଆଖି ଆଗକୁ ଆସି ଯାଆନ୍ତି । ସତ୍ୟ ଶିବ ସୁନ୍ଦର ନିରାକାର ମଙ୍ଗଳମୟ ବିଶ୍ୱ ବିଧାତାଙ୍କର ସନ୍ଧାନ କବି କୌଣସି ମନ୍ଦିର ଅଥବା ମୂର୍ତ୍ତିରେ କରିନାହାନ୍ତି । କବି ପ୍ରଶ୍ନକରିଛନ୍ତି—

ଗୁରୁଶିଳା ରାଶି ତଳେ ତାମସ ଭବନେ
ତବନ୍ମୂଣ୍ୟ ଅଧିଷ୍ଠାନ କେବେ ନ ସମ୍ଭବେ ?
ଆଲୋକ ମଣ୍ଡିତ ଧାରା ସାଗର ଗଗନେ
ତୁମ୍ଭେପରା ବିରାଜ ହେ ମଙ୍ଗଳ ବିଭବେ ।

ସମସ୍ତ ବିଶ୍ୱ ପ୍ରକୃତି ମଧ୍ୟରେ ଯେ ଭଗବାନ୍ ବିଦ୍ୟମାନ; ସେ ହିଁ ପୁଣି ମାନବାତ୍ମାର ପୁଣ୍ୟପୀଠରେ ସଦା ଲୀଳାୟିତ । ତେଣୁ ଭଗବାନ କାହିଁ ଅଛନ୍ତି ଏ ପ୍ରଶ୍ନ ନିରର୍ଥକ । ତାଙ୍କୁ କେହି ସ୍ୱର୍ଗରେ ବା ମର୍ତ୍ତ୍ୟରେ ଖୋଜି ପାଇବେ ନାହିଁ । କେବଳ ଯିଏ ଆତ୍ମଦୀପ ଜଳାଇ ଅଛନ୍ତି ସେଇ ଅନ୍ଧାରରେ ପଥ ଖୋଜି ପାଆନ୍ତି । ସେହି ଭଗବାନଙ୍କୁ କବି ଏହି ଭାବରେ ପ୍ରାର୍ଥନା କରିଛନ୍ତି—

ଆସ ହେ ଅନନ୍ତ ଜ୍ୟୋତି ପ୍ରାଣେ ଅବତରି
ଅଣିମାର ଅନ୍ତେ ମୃତ ଚିନ୍ମୟ ବିଭବେ,
ନିରଭାବ ଶବଳିତ ପ୍ରତିବିମ୍ବିତବ
ପଡ଼ୁ କ୍ଷଣେ ଉନ୍ମୁକ୍ତ ଏ ହୃଦ-ଦରପଣେ ।
    ପରମାତ୍ମା-ବିଭୂତିରେ
    ପୂରୁଏ ଅନ୍ତର ତଳେ,

Digitized by PPRACHIN, SOA

ଅନନ୍ତ ନନ୍ଦେ ଦେଶ ଯାଉ ଏ ପବାଣ ଭଗି
ଭୂମାନଙ୍କେ ଦେଖୁ ଫେଡ଼ ବସ୍ତ୍ର ରାଶି ରାଶି ।" ମା.ଗ୍ର ୧ମ)ପୃ.୧୧୨

## ଅନୁବାଦ ଓ ମୌଳିକ କାବ୍ୟ :

ପ୍ରକୃତ ପକ୍ଷରେ ନୀଳକଣ୍ଠ ସାମସ୍ଥିକ କବି । ତାଙ୍କ ନିଜ ଭାଷାରେ ଚିନ୍ତା, ପ୍ରେରଣା ଓ ଦିବାସ୍ୱପ୍ନ ମଧ୍ୟରେ ତାଙ୍କ କାବ୍ୟ ଜଗତର ସୃଷ୍ଟି ; ଜାଗରଣ ତାଙ୍କର ସ୍ୱପ୍ନମୟ । ସ୍ୱପ୍ନରେ ଭବ ତାଙ୍କର ପ୍ରାଣ । ଏଇ ପ୍ରାଣର ପରିପୂର୍ଣ୍ଣ ପ୍ରକାଶ ଘଟିଛି ତାଙ୍କର ସାମସ୍ଥିକ ରଚିତ କାବ୍ୟରାଜ୍ୟରେ । ନୀଳକଣ୍ଠଙ୍କ କବିତାର ଆଲୋଚନା କରିବାକୁଯାଇ ନୀଳକଣ୍ଠଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସିଥିବା କବି କୁଞ୍ଜବିହାରୀ ଦାଶ କହନ୍ତି—"ମୌଳିକ କବିତା ରଚନା ଓ ଅନୁବାଦ ଲାଗି ତାଙ୍କୁ ମୋଟରେ ଦୁଇମାସ ସମୟ ଲାଗିଥିବ । ତେବେ ନୀଳକଣ୍ଠଙ୍କର କୌଣସି ଦିନଲିପି ବା ଆତ୍ମଜୀବନୀରୁ ଏ ତଥ୍ୟ ମିଳି ନାହିଁ । ୧୯୧୫ରୁ ୧୯୨୦ ମଧ୍ୟରେ ନୀଳକଣ୍ଠଙ୍କର କାବ୍ୟଜଗତର ସୃଷ୍ଟି । ସତ୍ୟବାଦୀରେ ହିଁ ତାଙ୍କର ଶ୍ରେଷ୍ଠ କାବ୍ୟ 'କୋଣାର୍କେ' ଓ 'ଖାରବେଳ' ରଚିତ । ସତ୍ୟବାଦୀ ବିଦ୍ୟାଳୟର କୁଳସଚିବ ପଦରୁ ଅବ୍ୟାହତି ପାଇ ନୀଳକଣ୍ଠ·ପୂର୍ଣ୍ଣପୂର୍ଣ୍ଣ କାବ୍ୟ ସାଧନାରେ ନିଜକୁ ନିୟୋଜିତ କରିଥିଲେ ।

'ପ୍ରଣୟିନୀ' ତାଙ୍କର ଏକ ଅନୁବାଦ କାବ୍ୟ । ଏହି କାବ୍ୟ ପୁଣି ରାଧାନାଥଙ୍କ ମହାଯାତ୍ରା କାବ୍ୟଛନ୍ଦରେ ଲିଖିତ । ଏହି କାବ୍ୟର କେତେକାଂଶ ପ୍ରଥମେ 'ମୁକୁର'ରେ ପ୍ରକାଶ ପାଇଥିଲା । କଲେଜର ପାଠ୍ୟ ଟେନିସନ୍‌ଙ୍କ 'ପ୍ରିନ୍ସେସ୍' କାବ୍ୟ ଅବଲମ୍ବନରେ ଏହା ରଚିତ ଓ ୧୯୧୯ ରେ ପ୍ରକାଶିତ ।

ସେହିପରି 'ଦାସନାଏକ' କାବ୍ୟଟି ଟେନିସନ୍‌ଙ୍କର 'ଇନାକ୍ ଆର୍ଡେନ୍' ଆଶ୍ରୟରେ ଲିଖିତ । ଏହି କାବ୍ୟଟି ୧୯୨୩ ମାର୍ଚ୍ଚରୁ ଜୁନ୍ ମଧ୍ୟରେ ହଜାରିବାଗ ଜେଲରେ ଥିଲାବେଳେ ନୀଳକଣ୍ଠ ଲେଖିଥିଲେ । ନାରୀର ସ୍ୱଭାବ-ସୁନ୍ଦର ସହିଷ୍ଣୁ ପାଖେ ପୁରୁଷର ସାଧୁ ଓ ସୁକଠୋର ପ୍ରୀତି ସାଧନା ଏହି କାବ୍ୟର ଉପଜୀବ୍ୟ । ସାଧାରଣ ଲୋକେ ବୁଝିପାରିବା ଭଳି ଭାଷା ଓ ପାରଂ-ପରିକ କବିତାର ଛନ୍ଦ କାବ୍ୟଟିକୁ ଉପଭୋଗ୍ୟ କରିଅଛି ।"

ନୀଳକଣ୍ଠ ସ୍ମରଣିକା-ପୂଜ୍ୟ ପୂଜା ସଂସଦ-ପୃ: ୯.

Digitized by PPRACHIN, SOA

‘କୋଣାର୍କେ’ :

ନୀଳକଣ୍ଠଙ୍କର ମୌଳିକ କାବ୍ୟ ଦୁଇଟି ‘କୋଣାର୍କେ’ ଓ ଖାରବେଳ । ‘କୋଣାର୍କେ’ ପ୍ରକୃତରେ ଦୁଇଟି କବିତା ଗ୍ରନ୍ଥ । ଏହାର ପ୍ରଥମ ଭାଗଟି ଏକ ବର୍ଣ୍ଣନାତ୍ମକ ଖଣ୍ଡ କବିତା ଓ ଦ୍ୱିତୀୟ ଭାଗଟି ଏକ ଗାଥା-ମହା-କାବ୍ୟ (Ballad epic) ଏହାର ପ୍ରଥମ ଭାଗ ‘ରାମଚଣ୍ଡୀରେ ରାତ୍ର ଓ ସକାଳ’ ଗୋଟିଏ ପର୍ଯ୍ୟାୟବାଚୀ ସମ୍ବୋଧ ଗୀତ (ode) । ଆକୃତି ଓ ବିଷୟ ନିର୍ବାଚନ ଉଭୟ ଦିଗରୁ ଗ୍ଭଳିଶଟି ପର୍ଯ୍ୟାୟରେ ବିଭକ୍ତ ଏଇ କବିତା ଆଧୁନିକ ଓଡ଼ିଆ କବିତା ରାଜ୍ୟରେ ଏକ ବୈଶିଷ୍ଟ୍ୟ ଦାବୀକରେ । ଏହି ସବୁ କବିତାରେ ନୀଳକଣ୍ଠ ପୂର୍ବସୂରୀମାନଙ୍କୁ ଆଭାସ ଓ ଇଙ୍ଗିତରେ ଅନୁସରଣ କରିଛନ୍ତି । ଚିଲିକା ବକ୍ଷରେ କାଞ୍ଚନମାଙ୍କ ବିଳାସ ତରୀର ରାଧାନାଥୀ ଚିତ୍ର ନୀଳକଣ୍ଠଙ୍କ ସାଗରଗାମୀ ପୋତର ବର୍ଣ୍ଣନାରେ ଅଧିକ ଜୀବନ୍ତ ହୋଇଛି । ଚିଲିକା ବକ୍ଷରେ ଅଧିଷ୍ଠିତ ଗୀତତାନ ମଧ୍ୟରେ ରାଧାନାଥ ଉଲ୍ଲାସର ଆତ୍ମା ସନ୍ଧାନ କଲାଭଳି ସ୍ୱପ୍ନ ଶଯ୍ୟାରେ କୋଣାର୍କ ବେଳାରେ ସଙ୍ଗୀତର କଳତାନ ଶୁଣିବାକୁ କବି କାନ ଡେରି ରହିଛନ୍ତି । ଏହିପରି ଖୋଜି ବସିଲେ ନୀଳକଣ୍ଠଙ୍କ କବିତାରେ ରାଧାନାଥ ଓ ମଧୁସୂଦନଙ୍କର ବହୁ କବିତାର ଛାୟା ଦେଖିବାକୁ ମିଳେ । ନୀଳକଣ୍ଠ ପୂର୍ବସୂରୀଙ୍କର ଥିଲେ ଯଥାର୍ଥ ଦାୟାଦ । ଆହରଣରେ ତାଙ୍କର ପ୍ରତିଭା କିନ୍ତୁ ମ୍ଳାନ ହୋଇ ନାହିଁ । ନୀଳକଣ୍ଠଙ୍କ କବି ଦୃଷ୍ଟିରେ ଏକ ରୋମାଣ୍ଟିକ୍ ଭାବପ୍ରବଣ ହୃଦୟର ଆତ୍ମଲୀନ ଭାବ ସଙ୍ଗେ ଏକ କ୍ଲାସିକ୍ ଶୃଙ୍ଖଳାର ସମନ୍ୱୟ ଘଟି ଅଛି । ନୀଳକଣ୍ଠ ଏକାଧାରରେ ଭାବୁକ ଓ ଧୀମାନ । ପରାଧୀନତାର ଅନ୍ଧକାର ଯୁଗରେ ‘ମାୟାଦେବୀ’ରେ ସେ ସୃଷ୍ଟି କରିଛନ୍ତି ଜଣେ ଦୁର୍ଦ୍ଧର୍ଷ ବିପ୍ଳବୀ ବୀର । ଗଙ୍ଗ ଗଡ଼ର ଅଧିପତି ଚରମ ପରାଜୟ ଓ ବ୍ୟର୍ଥତାର ପତନ ମୁହୂର୍ତ୍ତରେ ମଧ୍ୟ ନିଜ ମାତୃଭୂମିକୁ ଛାଡ଼ିଯିବାକୁ ଚାହିଁ ନାହାନ୍ତି ।

> “ତୋତେ ଛାଡ଼ି କେଉଁ ନରକେ ରହିବି
> ବିରହ ଅନଳେ ଜଳି ।”

ସମଗ୍ର ଉତ୍କଳକୁ କବି ନିଜର କାବ୍ୟର ପୀଠ କରିଛନ୍ତି । ଏଥିରେ ମଧ୍ୟ ରାଧାନାଥ ଫୁଟି ଦିଶୁଛନ୍ତି ।

> “ବିଲବନ ମାଳେ ଦେବାଦେବୀ କୁଳ
> ତରଳ ଚଳନେ ଅରୁଣ ପଦେ

Digitized by PPRACHIN, SOA

ଝିଙ୍ଗିକା କାଶରେ ବିକଚ କମଳେ
ଉତ୍କଳ କମଳା ହସଇ ମୋଦେ ।”

‘ମାୟାଦେବୀ’ରେ ଏକ ଦିଗରେ ଓଡ଼ିଶାର ବେଳାଭୂମିରୁ ଉପାନ୍ତ ପାର୍ବତ୍ୟ ଅଞ୍ଚଳ ପର୍ଯ୍ୟନ୍ତ ଓ ଅନ୍ୟ ଦିଗରେ ଶ୍ରୀକ୍ଷେତ୍ରରୁ କାଶ୍ମୀର ପର୍ଯ୍ୟନ୍ତ ଭାରତ ବର୍ଷର ଭୌଗୋଳିକ ଓ ଐତିହାସିକ ଚିତ୍ରର ସ୍ପଷ୍ଟ ଢଙ୍ଗରେ କାବ୍ୟର ନାୟକ ନାୟିକା ଆତଯାତ ହୋଇଛନ୍ତି । ସୁଦୂର ଅଜ୍ଞାତ ପ୍ରତି ମୋହ—ଏହି ରୋମାଣ୍ଟିକ୍ ଚେତନା କବିଙ୍କୁ ଉଦ୍‌ବୁଦ୍ଧ କରିଛି । କୃଷକ ପୁରରୁ ରାଜନଗର ପର୍ଯ୍ୟନ୍ତ ସଚେତ କବି ନିଜର ବାସ୍ତବ ଦୃଷ୍ଟିର ପରିଚୟ ଦେଇଛନ୍ତି ।

## ଖାରବେଳ

କବିଙ୍କ ‘ଖାରବେଳ’ ଏକ ମନୋଜ୍ଞ ଐତିହାସିକ କାବ୍ୟ । ଏହାର ଗଠନ ପାଟବ ଅଧିକ କଳାଶ୍ରୀପୂର୍ଣ୍ଣ । ‘ମାୟାଦେବୀ’ ଭଳି ଏଥିରେ ବିକ୍ଷେପ ଗୌଣ ଉପାଦାନ ନାହିଁ । ଏହାର ଭାଷା ଓ ପ୍ରକାଶ ଶୈଳୀ ଅଧିକ ସରଳ ଓ ହୃଦୟଗ୍ରାହୀ । ବିଚିତ୍ର ଚିତ୍ର ଧାରାରେ ଏହାର କଳେବର ଚିତ୍ରିତ ଓ ମନୋଜ୍ଞ । କଥା କାବ୍ୟର ବିଲୟ ଯୁଗରେ ଏପରିକି ଛନ୍ଦକାବ୍ୟ ସ୍ଥାନରେ ଛନ୍ଦମୁକ୍ତିର ପ୍ରୟାସ ବିଶ୍ୱ ସାହିତ୍ୟରେ ଫୁଟି ଉଠୁଥିଲା ବେଳେ ନୀଳକଣ୍ଠ ପାରଂପରିକ ରୀତିରେ ଏହି କାବ୍ୟ ସବୁ ରଚନା କରିଛନ୍ତି । ତେଣୁ ଯୁଗ ପ୍ରଭାବର କଳନାରେ ତାଙ୍କୁ ଜଣେ ଅଗ୍ରଗାମୀ ବୋଲି କହିବା ହୁଏତ ସମ୍ଭବ ନୁହେଁ । ଯେଉଁ ସବୁ କାହାଣୀ ଗଦ୍ୟରେ ଓ ଐତିହାସିକ ଉପନ୍ୟାସରେ ଜୀବନ୍ତ ଓ ସ୍ୱାଭାବିକ ଭାବରେ ପ୍ରକାଶ ପାଇପାରିଥାନ୍ତା, ତାକୁ ଛନ୍ଦୋବଦ୍ଧ କାବ୍ୟ ଶୈଳୀରେ ଆବଦ୍ଧ କରିବା ଏକପ୍ରକାର ପାରଂପରିକ ବ୍ୟାମୋହ ବୋଲି କୁହାଯାଇପାରେ । ତଥାପି ନୀଳକଣ୍ଠ କାବ୍ୟଗୁଡ଼ିକୁ ଯଥା ସମ୍ଭବ ଉଦାର ଓ ଉନ୍ନତ ଭାବନା, ବିଚିତ୍ର ଉପମା, ଚିତ୍ରକଳ୍ପ ଓ ନାଟକୀୟ ଘଟଣାରେ ରସୋତ୍ତୀର୍ଣ୍ଣ କରିବାକୁ ସଫଳ ଉଦ୍ୟମ କରିଛନ୍ତି । ବିଶେଷତଃ ଚରିତ୍ର, ଦୃଶ୍ୟପଟ୍ଟ ଏ ସବୁଥିରେ ଦ୍ୱନ୍ଦ୍ୱ ଓ ଜୀବନ୍ତ ନାଟକୀୟ ଘଟଣାପରେ ନୀଳକଣ୍ଠଙ୍କ ମୌଳିକତା ଲକ୍ଷ୍ୟଣୀୟ । ଚିତ୍ର କଳ୍ପନା ଓ ଭାବସନ୍ନିବେଶ ସଚେତ ଚେତ୍ରର ବିରୋଧ ଓ ନିବିଡ଼ ସାମ୍ୟର ଦୃଷ୍ଟାନ୍ତ ସ୍ୱରୂପ ‘କୋଣାର୍କେ’ କାବ୍ୟର ପ୍ରଥମ ପର୍ଯ୍ୟାୟଟିକୁ ନିଆଯାଇ ପାରେ । ଏକ ଦିଗରେ ଝଞ୍ଜା, ତାରହୀନ ଗଗନ, ଘନମେଘର ଗର୍ଜନ, ଭୟଙ୍କର କାଳରାତ୍ରିର ମୂର୍ତ୍ତି ଓ ଅନ୍ୟପକ୍ଷରେ ପୂର୍ଣ୍ଣିମାର ଜ୍ୟୋତ୍ସ୍ନା,

Digitized by PPRACHIN, SOA

ସ୍ନେହୋଦ୍‌ବେଳ ପାରିବାରିକ ପରିବେଶ ଓ ଶିଶୁଙ୍କର ଆନନ୍ଦମୁଖର ସଂଧାର ଭାବମୂର୍ତ୍ତି, ପୁଣି କେତେବେଳେ ଉପୁଙ୍କର ସମୁଦ୍ର ବକ୍ଷରେ ବିଳୀୟମାନ ଛବି- ଏହି ସମସ୍ତ କବିତାଟି ଭିତରେ ସତେ ଯେପରି କି ଏକ ଜାଗ୍ରତ କବିପ୍ରାଣ ପରାଧୀନ ଏକ ସୁପ୍ତ ଜାତି ପ୍ରାଣରେ ଜାଗୃତିର ବାଣୀ ଉଚ୍ଚାରଣ କରୁଅଛି ।

ମାଳକଣ୍ଠଙ୍କ ନାଟିକାରୁ ସଂଳାପର କିଞ୍ଚିତ୍ ଦୃଷ୍ଟାନ୍ତ ଦେଇ ଏହି ପ୍ରସଙ୍ଗର ଉପସଂହାର କରାଯାଇ ପାରେ । ବନ୍ଦୀ ଠଙ୍କ ଓ ବିଜୟୀ ନରସିଂହଙ୍କ ସଂଳାପ, ମାୟାଦେବୀ ଓ ନରସିଂହଙ୍କ ପ୍ରେମ ସମ୍ଭାଷଣ, ଖାରବେଳ ତୃଷ୍ଣାରୁ ଗୁନ୍ଦରେ ବଜାର ପଣ୍ଡା ଓ ଗ୍ରାମ୍ୟବାଳିକାର କଥୋପକଥନ ମଧ୍ୟରେ ବୀରର ସମ୍ଭାଷଣ, ପ୍ରଣୟୀର ମଧୁର ଭାଷା ଓ ଗ୍ରାମୀଣ ଜନର ସରଳ ଅନୁଭବ ଫୁଟାଇବାରେ କବିଙ୍କ ବାସ୍ତବତାବୋଧ ସଂଯତ ଶିଳ୍ପରୁଚି ଓ ସନ୍ଦର୍ଶନ କ୍ଷମତାର ଅତୁଳନୀୟ ନିଦର୍ଶନ ଦେଖିବାକୁ ମିଳେ । ବୀର ଚରିତ୍ର ଅପେକ୍ଷା ସାଧାରଣ ନରନାରୀଙ୍କ ଚିତ୍ରଣରେ ମାଳକଣ୍ଠ ନିଜ ପୁରୋଦୃଷ୍ଟିର ପରିଚୟ ଦେଇଛନ୍ତି । 'ଠଙ୍କ' ବଂଶ ଶତକର କୌଣସି ଜଣେ ପରାଜିତ ମାତ୍ର ଅପରାଜିତ ଆତ୍ମା ବିପ୍ଳବୀ ନାୟକଭଳି ନରସିଂହଙ୍କ ସମ୍ମୁଖରେ ଦଣ୍ଡାୟମାନ । ମାୟାଦେବୀ ଓ ଧୂସି ସ୍ୱାଧୀନ ବ୍ୟକ୍ତିତ୍ୱରେ ଓ ଚରିତ୍ରରେ ବଂଶଶତକର ପ୍ରଗତିଶୀଳ ନାରୀତ୍ୱ ପ୍ରତିଷ୍ଠା କରିଛନ୍ତି । ଏହି ନାରୀ ଚରିତ୍ରରେ କର୍ତ୍ତବ୍ୟ କଠୋର ଓ ଭାବାବେଗରେ କୋମଳ ଯେଉଁ ନାରୀତ୍ୱର ଚିତ୍ର ପ୍ରକାଶ ପାଇଛି, ସେଥିରେ କବିଙ୍କ ନିଜସ୍ୱ ଆଦର୍ଶ ବୋଧ ଓ ବ୍ୟକ୍ତିତ୍ୱର ଏକ ସୁସମଂଜସ ଅଭିକ୍ଷେପ ଅଙ୍କିତ ହୋଇଥିବା ଦେଖାଯାଏ । ଚରିତ୍ର ଗୁଡ଼ିକ ଦୂରଦେଶରୁ ଆହୃତା' କିନ୍ତୁ, ଯୁଗୋପଯୋଗୀ ଆଦର୍ଶ ଓ ପ୍ରବୁଦ୍ଧ ଚେତନାରେ ମହୀୟାନ୍ । ଅରୂପକୁ ରୂପଦାନ କରାଇବା, ଦୂରଧିଗମ୍ୟକୁ ସାଧାରଣର ଅନୁଭବରେ ସହଜଗମ୍ୟ କରାଇବା, ସୂକ୍ଷ୍ମ ଅନୁଭବ ଓ ଗଭୀର ରସାନୁଭୂତିକୁ ଭାବମୟ ଭାଷାରେ ରୂପାୟିତ କରିବାର କଳା କବି ଯେପରି ଫୁଟାଇଛନ୍ତି, ତାହା ତୁଳନାହୀନ । ପ୍ରଣୟୀର ପୁଲକ, ଯୌବନର ଉଚ୍ଛ୍ୱାସ, ପ୍ରବୀଣର ଅନୁଭବ ଓ ବୀରର ସାହସ କର୍ମ ସବୁକିଛି କବିଙ୍କ ଲେଖନୀରେ ଅରୂପ ଭାବ ବିଶେଷ ସ୍ତରରୁ ମୁକ୍ତିଲାଭ କରି ଚିତ୍ର ଧର୍ମୀ ଭାଷାରେ ରୂପାନ୍ୱିତ ହୋଇଅଛି । ଉପମା ଓ ରୂପକର ପ୍ରୟୋଗରେ ମାଳକଣ୍ଠଙ୍କର ବୈଶିଷ୍ଟ୍ୟ ଉପଭୋଗର ବସ୍ତୁ । ମାନସିଂହ ଯଥାର୍ଥରେ କହିଛନ୍ତି—"ଏ ଗୁଡ଼ିକ ନାନା ସ୍ଥାନରୁ ଆହୃତ,

Digitized by PPRACHIN, SOA

ବିଶେଷତଃ ବଙ୍କିମଙ୍କରୁ, କେତେକ ଇଂରାଜୀ ସାହିତ୍ୟରୁ, ଅଧିକାଂଶ କବିଙ୍କ ସ୍ୱକୃତ୍ତ ଦର୍ଶନରୁ । ଏହିଗୁଡ଼ିକ ଯେପରି ନୂତନ ସେହିପରି ପରିଚିତ ଓ ବିଷୟ ପ୍ରତି ଅତ୍ୟନ୍ତ ପ୍ରଯୁକ୍ତ ।" 'କୋଣାର୍କେ'ର ମୁଖବନ୍ଧ) ।

## ନୀଳକଣ୍ଠ ଯଥାର୍ଥରେ ଥିଲେ ତଥ୍ୟାନ୍ୱେଷୀ ସମୀକ୍ଷକ ଓ ଗବେଷକ :

ଆଗରୁ କହିଛୁ, ନୀଳକଣ୍ଠ ଥିଲେ ସାମୟିକ କବି । କିନ୍ତୁ ଆଜୀବନ ଥିଲେ ତଥ୍ୟାନ୍ୱେଷୀ ସମୀକ୍ଷକ ଓ ଗବେଷକ । ୧୯୦୪ ମସିହାରେ ନୀଳକଣ୍ଠ ମାଇନରସ୍କୁଲର ଛାତ୍ର । କ ଟେଷ୍ଟର ପ୍ରେରଣାରେ ଗ୍ରହିତ ହୋଇ ଯୋଗେଶଚନ୍ଦ୍ର ବିଦ୍ୟାନିଧିଙ୍କ ଇଂରାଜୀ ରଚନାର ଭାବ ଅନୁସରଣକରି ସେ ସାମନ୍ତ ଚନ୍ଦ୍ରଶେଖରଙ୍କ ଦଶାହ ପାଇଁ ଲେଖିଥିଲେ ଏକ ସୁନ୍ଦର ବର୍ଣ୍ଣନ । ସେ କାଳେ ଏହା ପୁଣି ଗୋପବନ୍ଧୁ ଓ ମୁକ୍ତାର ରାମଚନ୍ଦ୍ରଙ୍କ ଭଳି ସାହିତ୍ୟ ସେବୀଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲା । ରେଭେନ୍‌ସା କଲେଜର ଏଫ୍. ଏ. ଶ୍ରେଣୀରେ ପଢୁଥିଲାବେଳେ ବନ୍ଧୁ ଦେବଚରଣ ପଟ୍ଟନାୟକ ଏହି ଲେଖାଟିକୁ 'ଉତ୍କଳ ସାହିତ୍ୟ'ରେ ପ୍ରକାଶ କରାଇଥିଲେ । ଏହି ଉଚ୍ଚ କୋଟୀର ପତ୍ରିକାରେ ଏକ ଅର୍ବାଚୀନ ତରୁଣର ରଚନା ପ୍ରକାଶ ସେ କାଳେ କମ୍ ଗୌରବାବହ ନଥିଲା । ଆମର ଜ୍ଞାନ ଚର୍ଚ୍ଚା, ସଂସ୍କୃତି, ସାହିତ୍ୟ ଯେଉଁଠି ଯାହାକି ସ୍ମରଣୀୟ ଓ ବିବରଣୀୟ ଥିଲା, ସେ ସବୁଥିରେ ପ୍ରବେଶ ପାଇଁ ନୀଳକଣ୍ଠଙ୍କର ଥିଲା ଅଗାଧ ଅନ୍ୱେଷା ଓ କୌତୂହଳ । ଓଡ଼ିଆ ବୌଦ୍ଧିକ ସାହିତ୍ୟର ଯେଉଁ ଭିତ୍ତି ଊନବିଂଶ ଶତାବ୍ଦୀରେ ରଚିତ ହୋଇଥିଲା, ତାହା ଥିଲା ବଡ଼ ଶିଥିଳ । ସାମ୍ବାଦିକ ସୁଲଭ ପରିଚିତ ରଚନା ମଧ୍ୟରେ ସୀମାବଦ୍ଧ । ମୌଳିକ ଗବେଷଣା ଓ ଚର୍ଚ୍ଚାର କୌଣସି ଚିହ୍ନ ଦିଶୁ ନଥିଲା । ଉତ୍କଳ ସାହିତ୍ୟ ସମାଜର ପ୍ରଥମ ଅଧିବେଶନରେ ରାଧାନାଥ ଏ ଦିଗଟି ପ୍ରତି ଦୃଷ୍ଟି ଆକର୍ଷଣ କରିଥିଲେ ଓ ସେ ନିଜ ସମସାମୟିକ କବି ଲେଖକମାନଙ୍କର କେତେଗୁଡ଼ିଏ ଗ୍ରନ୍ଥର ସମୀକ୍ଷା ଲେଖିବା ବ୍ୟତୀତ ଅଧିକ ଅଗ୍ରସର ହୋଇ ନଥିଲେ । ମଧୁସୂଦନଙ୍କ ପ୍ରୟାସ ମଧ୍ୟ ଥିଲା ଅତ୍ୟନ୍ତ ସୀମାବଦ୍ଧ । ସାହିତ୍ୟରେ ରୁଚି ଓ ସୌନ୍ଦର୍ଯ୍ୟ ବୋଧ ଅଥବା ମହାଯାତ୍ରା ସମାଲୋଚନା ଭଳି କେତୋଟି ପ୍ରବନ୍ଧ ମଧ୍ୟରେ ସୀମିତ । ଆଉ କେତେବେଳେ କେମିତି ସାହିତ୍ୟାଲୋଚନା କବିମାନଙ୍କର କାଳନିରୂପଣ ଓ କବି ପରିଚିତି ମଧ୍ୟରେ ସାହିତ୍ୟ ସମାଲୋଚନା ସୀମାବଦ୍ଧ ହୋଇ

Digitized by PPRACHIN, SOA

ରହିଥିଲା । କିନ୍ତୁ ସାମଗ୍ରିକ ଐତିହାସିକ ଓ ସାମାଜିକ ପୃଷ୍ଠଭୂମିରେ କୌଣସି ଲେଖକ ମାନଙ୍କର କଳାକୃତିକୁ ବିଭିନ୍ନ ଦିଗରୁ ବିଚାର ବିଶ୍ଳେଷଣ କରିବାର ପଦ୍ଧତି ପ୍ରଚଳିତ ନଥିଲା । ଏହି ଦୃଷ୍ଟିରୁ ନୀଳକଣ୍ଠ ପ୍ରଥମେ ନୂତନ ଭବ୍ୟ ସମାଲୋଚନାର ଧାରା ଫିଟାଇଲେ ବୋଲି କୁହାଯାଇପାରେ । ଊନବିଂଶ ଶତାବ୍ଦୀର ତ୍ରିବେଣୀ ସାହିତ୍ୟ ସ୍ରଷ୍ଟା ରାଧାନାଥ, ମଧୁସୂଦନ ଓ ଫକୀର ମୋହନଙ୍କ ଦେହାନ୍ତ ସମୟରେ ସେମାନଙ୍କ ସାମଗ୍ରିକ ସାହିତ୍ୟର ମୂଲ୍ୟାୟନ କରି ସେ କାଳରେ ନୀଳକଣ୍ଠ ଯେଉଁ ପ୍ରବନ୍ଧମାନ ସାହିତ୍ୟ ସଭାମାନଙ୍କରେ ପାଠ କରିଥିଲେ— ବା ପତ୍ରିକାମାନଙ୍କରେ ସେ ଗୁଡ଼ିକର ପ୍ରକାଶ ଓଡ଼ିଆ ସମାଲୋଚନାରେ ଏକ ନୂତନ ଧାରା ଫୁଟାଇଥିଲା । ସମଗ୍ର ବିଶ୍ଳେଷଣ ମଧ୍ୟରେ ଯେପରି ଏକ ରୁଚିବଦ୍ଧ ବାକ୍ ଧାରାର ବିନ୍ୟାସ ମଧ୍ୟରେ ସମସ୍ତ ରଚନାର ଭାବଚିତ୍ରକୁ କିପରି ସେ ଫୁଟାଇ ପାରିଛନ୍ତି ତାହା ଅନୁମେୟ । ଫକୀର ମୋହନଙ୍କ ଉପନ୍ୟାସରେ 'ଗାରିମା ଅଛି ଗ୍ରାମ୍ୟତା ନାହିଁ' । ଏହି ଲେଖାଟି ଲେଖିଲା ବେଳକୁ ଫକୀର ମୋହନ ଜୀବିତ ଥିଲେ । ରାଧାନାଥ ଓ ମଧୁସୂଦନ-ଙ୍କର ସେତେବେଳେ ସଦ୍ୟ ଦେହାନ୍ତ ହୋଇଥିଲା । ସମକାଳୀନ ସାହିତ୍ୟ ଉପରେ ଏହା ଏକ ଭବ୍ୟ ଆଲୋଚନା । ରାଧାନାଥ, ମଧୁସୂଦନଙ୍କ ଶ୍ରାଦ୍ଧ ବାସରରେ ନୀଳକଣ୍ଠ ଦୁଇଟି ପ୍ରବନ୍ଧ ଲେଖି ସାରିଥିଲେ । 'ରାଧାନାଥ ଓ ଉତ୍କଳ ସାହିତ୍ୟ' ଓ 'ଓଡ଼ିଆ ସାହିତ୍ୟରେ ମଧୁସୂଦନ' ଏହି ସବୁ ପ୍ରବନ୍ଧରେ ସାହିତ୍ୟ ଘଟିତ ଜ୍ଞାନଗାରିମାର ଘଟା ଯେତିକି ନାହିଁ, ତତୋଧିକ ଅଛି ସମୀକ୍ଷକଙ୍କ ନିଜସ୍ୱ ଅନୁଭବ । ନୀଳକଣ୍ଠଙ୍କ ନିଜଭାଷାରେ, "ଆମ୍ଭେମାନେ ଏ ତିନିଙ୍କୁ ଦେଖିଅଛୁ । ଏହାଙ୍କ ମୁଖରୁ କଥା ଶୁଣିଅଛୁ । ସାହିତ୍ୟ ନିମନ୍ତେ ଏମାନଙ୍କର ଆକୁଳତା କିଂଚିତ୍ ସ୍ୱୀକାର କରି ଜୀବନରେ ଶ୍ରେୟ ମଣିଅଛୁ ।" କାଳ ଯେ ସମସ୍ତ କଳାର ପ୍ରଧାନ ସମାଲୋଚକ—ଏହା ନୀଳକଣ୍ଠ ସ୍ୱୀକାର କରିଛନ୍ତି । ମାତ୍ର ଆଧୁନିକ ଯୁଗ ଗତିଶୀଳ । କାଳର ବିସ୍ତାର ବଡ଼ ମନ୍ଥର । ବିଶ୍ୱବ୍ୟାପୀ ସୃଷ୍ଟି ଓ ସାଧନାକୁ ଏକ ଦେଶ ଓ ଏକ ଆଞ୍ଚଳିକ ସଂସ୍କୃତିର ଅଙ୍ଗୀଭୂତ କରିବାକୁ ହେଲେ ଜଣେ ପୂର୍ବଦ୍ରଷ୍ଟା ସମୀକ୍ଷକଙ୍କୁ ନିଜ ଯୁଗର କଳା ଓ ସଂସ୍କୃତିର ସମୀକ୍ଷା ପାଇଁ କାଳକୁ ଚାହିଁ ବସି ରହିଲେ ହେବ ନାହିଁ । ସେହି ହେଉଛନ୍ତି ଯଥାର୍ଥ ବିଜ୍ଞ, ଯେ ନିଜ କାଳର ସମସ୍ତ ଦକ୍ଷତା ଆହରଣ କରନ୍ତି । ଅତୀତର ସମସ୍ତ ଦାନକୁ ସ୍ୱୀକାର କରନ୍ତି ଓ ଭବିଷ୍ୟତର ବିକାଶ ପାଇଁ

Digitized by PPRACHIN, SOA

ରଖିଯାଆନ୍ତି ଅନନ୍ତ ଆଶାର ସମ୍ଭାବନା । ନୀଳକଣ୍ଠଙ୍କ ବୌଦ୍ଧିକ ଚେତନା ଏହିଦିଗରୁ ଥିଲା ବିପାର୍ଶ୍ୱ ମଣ୍ଡିତ । ଅତୀତରେ କ'ଣ ଥିଲା ? ନିଜ କାଳରେ କ'ଣ ସୃଷ୍ଟି ହୋଇଛି—ଏ ସବୁଥିର ସେ ବିଶ୍ଳେଷଣ କରିଛନ୍ତି ରାଧାନାଥ, ମଧୁସୂଦନ ଓ ଫକୀର ମୋହନଙ୍କ ସୃଷ୍ଟି ସାହିତ୍ୟର ସମୀକ୍ଷାଠାରୁ ଗୋପୀନାଥ ନନ୍ଦଙ୍କ ଭାଷାତତ୍ତ୍ୱ ଉପରେ ବିଶଦ ଆଲୋଚନା ପର୍ଯ୍ୟନ୍ତ । ନୀଳକଣ୍ଠଙ୍କଠାରେ ଆମେ ଦେଖୁ ଏକ ନିଷ୍ଠ ପ୍ରୟାସ ଆପଣାଯୁଗକୁ ଆବିଷ୍କାର କରିବାରେ । ତେବେ ନିଜ ଯୁଗକୁ ବିଚାର କଲାବେଳେ ତାକୁ ସେ ଅତୀତ ସହିତ ତୁଳନା କରିଛନ୍ତି । ପରଂପରା ବିକାଶର ସ୍ୱରୂପଟିକୁ ଦେଖାଇ ଦେଇଅଛନ୍ତି । ସତେ ଯେପରିକି ଆମର ସମସ୍ତ ଭଞ୍ଜ ଯୁଗର କଳ୍ପନାକୁ ଆଖି ଆଗରେ ରଖି ଆଧୁନିକ ସାହିତ୍ୟର ବୈଶିଷ୍ଟ୍ୟ ସେ ବିଚାର କରିଛନ୍ତି ।

ଫକୀର ମୋହନଙ୍କ 'ଛ'ମାଣ ଆଠଗୁଣ୍ଠ'ର ବୈଶିଷ୍ଟ୍ୟ ବିଷୟରେ ତାଙ୍କ ମତ ହେଲା—"ଆମେ ଯାହା ନିତି ଦେଖୁ, ଶୁଣୁ, ଭୋଗୁ, ନିତି ଯେ ସବୁ ବସ୍ତୁ ନିଃଶ୍ୱାସଙ୍ଗେ ପରିଚିତ, ସେ ସବୁରେ ପ୍ରାଣ ସ୍ୱଭାବତଃ ଆକୃଷ୍ଟ ହୁଏ । ଏହାହିଁ ହେଉଛି ଫକୀର ମୋହନଙ୍କ ସୃଷ୍ଟ ସାହିତ୍ୟର । ଆକର୍ଷଣ ।" ଯାହାକୁ ଯେପରିକି ଭଂଜୀୟ ସାହିତ୍ୟ ସଙ୍ଗେ ତୁଳନା କରି କହିଛନ୍ତି, 'ଛ'ମାଣ ଆଠଗୁଣ୍ଠ' ପ୍ରେମ କାହାଣୀ ନୁହେଁ, ଏଥିରେ ନବୀନା ନାୟିକାର ବିଷାଦ ନାହିଁ; ପ୍ରେମିକର ବିରହ ନାହିଁ, ମିଳନରେ ଦୌତ୍ୟ ପାଟବ ନାହିଁ, ପିକ ବାଣୀ ନାହିଁ, ନିକୁଞ୍ଜ ଗିରିକନ୍ଦର ମଧୁ ମର୍ମର ନାହିଁ । ଆରବ୍ୟ ରଜନୀର ଗଳ୍ପପରି ଅଦ୍ଭୁତ ବିବରଣ ନାହିଁ, ଯାହା କ୍ଷଣକ ପାଇଁ ମଣିଷକୁ ଭୁଲାଏ, ନଚାଏ, ହସାଏ, କନ୍ଦାଏ, ଭାବବିହ୍ୱଳ କରେ । 'ଛ'ମାଣ ଆଠଗୁଣ୍ଠ ପଢିଲେ ସ୍ଥାୟୀ ଭାବ ଆସେ । ସ୍ୱାଭାବିକତା ତାର କାରଣ ।"

**ଭଞ୍ଜ ସାହିତ୍ୟ—ଲାବଣ୍ୟବତୀ :**

ଏହିପରି ଭଞ୍ଜୀୟ କବିତାର କୃତ୍ରିମ କଳାପାଟବତାର ଊର୍ଦ୍ଧ୍ୱରେ କବି ଭଞ୍ଜଙ୍କର ଓଡ଼ିଆତ୍ୱ ଖୋଜିଛନ୍ତି ଓ ଖୋଜିଛନ୍ତି ତାଙ୍କର ସ୍ୱାଭାବିକ କବିତ୍ୱ । "ଉପେନ୍ଦ୍ର ଭଞ୍ଜ ଓଡ଼ିଆ କବି । ଲାବଣ୍ୟବତୀର ଗୋଟିଏ ବିଶେଷତ୍ୱ, କବି ଯେଉଁଠାରେ ଯାଉର ଶବ୍ଦ ପ୍ରକାଶ କରିବାକୁ ଚେଷ୍ଟା କରିଛନ୍ତି, ସେଠାରେ ତାହାକୁ ବିଶୁଦ୍ଧ ଓଡ଼ିଆ ଶବ୍ଦର ଶକ୍ତିରେ ଉଦ୍ଦୀପିତ କରିଛନ୍ତି ।"

Digitized by PPRACHIN, SOA

ଉପେନ୍ଦ୍ର ଭଞ୍ଜଙ୍କର କାଳର ବୈଶିଷ୍ଟ୍ୟ କବି ଏହିଭାବେ ବର୍ଣ୍ଣନା କରିଛନ୍ତି । "ଉପେନ୍ଦ୍ର ଭଞ୍ଜ ଯେଉଁ ଯୁଗରେ କବିତା ଲେଖିଥିଲେ, ସେ ଯୁଗରେ ଭାରତର ଋଷିଯୁଗ ପୁରାଣର କାହାଣୀ ହୋଇ ସାରିଥିଲା । ନବଯୁଗର ପାଶ୍ଚାତ୍ୟ ଭାବ ପ୍ରଣୋଦିତ ଆଦର୍ଶ ଦେଶକୁ ଗ୍ରାସ କରି ନ ଥିଲା । ସିଏ ଯାହା ଦେଖିଥିଲେ, କାବ୍ୟଶରୀର ଇଙ୍ଗିତରେ ତାହାହିଁ ଦେଖାଉ ଥିଲେ । କୌଣସି ପ୍ରକାର ଅନୁକରଣ ଓ ଅନୁବାଦରେ କବିଙ୍କର ଆତ୍ମ ଗୋପନ ନାହିଁ ।" ସ୍ଥଳ-ବିଶେଷରେ ଲାବଣ୍ୟବତୀ କବିତାର କଳାପାରିବର ଉଦାହରଣ ସେ ଦେଇ ଛନ୍ତି । ସଦ୍ୟସ୍ନାତା ଲାବଣ୍ୟବତୀର ରୂପବର୍ଣ୍ଣନାରେ—

"ବିନ୍ଦୁ ବିନ୍ଦୁ ଜଳ ରହିଛି ଗୁରୁ କୁଟିଳବାଳେ
ତୁଷାର ବୃଷ୍ଟି କି ହୋଇଛି ନବ ତମାଳ ଦଳେ ।"

ଏହିଭଳି କବିତା ପଂକ୍ତି ମଧ୍ୟରେ ଭାବର ସରଳତା ଓ ସ୍ଥାୟିତ୍ୱ ମଧୁର ପ୍ରାକୃତିକ ଓ ସୁରୁଚି ସଂପନ୍ନ କାବ୍ୟକଳାର ବିକାଶ ବିସ୍ମୟକର ।

## ଲାବଣ୍ୟବତୀର ଟୀକା :

ଏଇ ପରିଦ୍ରେଷ୍ଟୀ ଓ ଆଦର୍ଶ ଧେନ ମାଳକଣ୍ଠ ରଚନା କଲେ 'ଲାବଣ୍ୟବତୀ ଟୀକା', ତାଙ୍କ ଜେଲଜୀବନ ଭିତରେ ହଜାରିବାଗ ଜେଲରେ ୧୯୩୦ ମସିହାରେ । ୫୦୦ ପୃଷ୍ଠାରୁ ଉର୍ଦ୍ଧ୍ୱ ଏଇ ଟୀକା ଏବେ ପ୍ରକାଶ ପାଇଛି, ଲେଖାର ୫୩ ବର୍ଷ ପରେ ତାଙ୍କ କନ୍ୟା ଶ୍ରୀମତୀ ଇନ୍ଦିରା ଦେବୀଙ୍କ ସୌଜନ୍ୟରୁ । ଏହାର ଉପୋଦ୍‌ଘାତରେ ଟୀକାକାର ମାଳକଣ୍ଠ ଲେଖିଛନ୍ତି—

"ପ୍ରାୟ ତିନିଶହ ବର୍ଷର ରାଜନୈତିକ ନିଷ୍ପେଷଣରେ ଓଡ଼ିଆ କଥିଅଛି ଆତ୍ମବିସ୍ମୃତ ହେଲେ ମଧ୍ୟ ଭାରତ ଜାତୀୟତାରେ ଓଡ଼ିଆ ପୁଷ୍କଳ ସଂସ୍କୃତି କାଳେ କାଳେ ନିଜର ପ୍ରଭାବ ମିଶାଇ ଆସିଅଛି—ସେହି ସଂସ୍କୃତିର ବିଗ୍ରହ ସ୍ୱରୂପ, ସେହି ଇତିହାସର ଆଧ୍ୟାତ୍ମିକ ପୀଠ ସ୍ୱରୂପ ତାହାର ଭାଷା ଅଛି ଏବଂ ସେହି ଭାଷାରେ ହିଁ ଆଶାଅଛି ।

ଏହି ସଂସ୍କୃତିର ଅନୁଧାବନ ଉଦ୍ଦେଶ୍ୟରେ ମୁଁ ବହୁବର୍ଷ ପୂର୍ବେ ୧୯୦୮ / ୯ରୁ ପ୍ରାଚୀନ ସାହିତ୍ୟ ଚର୍ଚ୍ଚା ଆରମ୍ଭ କରିଥିଲି । କାବ୍ୟ ମଧ୍ୟରେ 'ଲାବଣ୍ୟବତୀ' ଅପେକ୍ଷାକୃତ ସରଳ ଓ ସେଥିରେ ସମସ୍ତ ମଧ୍ୟଯୁଗ ସାହିତ୍ୟ ଚର୍ଚ୍ଚାର ପ୍ରାୟ ଏକତ୍ର ସମାବେଶ ବୋଲି ତହିଁରୁ କେତେକ ବାଦଦେଇ ଗୋଟିଏ ବାଳକ ପାଠ୍ୟ ସଂସ୍କରଣ କରିବି ବୋଲି ବିଚାର କରିଥିଲି ।

Digitized by PPRACHIN, SOA

ସେତେବେଳେ ଭକ୍ତକବି ମଧୁସୂଦନଙ୍କ ସଙ୍ଗେ ଏ ବିଷୟରେ ପରାମର୍ଶ ମଧ୍ୟ କରିଥିଲି । ସେ ମୋ ସଙ୍ଗେ ଏକମତ ହୋଇଥିଲେ । ତାପରେ ସତ୍ୟବାଦୀ ସ୍କୁଲରେ ଥିଲାବେଳେ ମୁଁ ନିଜେ ପ୍ରାଚୀନ ସାହିତ୍ୟ ଚର୍ଚ୍ଚା କରୁଥିଲେ ମଧ୍ୟ ସେ ସଂସ୍କରଣଟି ପ୍ରକାଶ କରିବା ସୁବିଧା ହୋଇ ନାହିଁ । ଏହାର ବିଶିଷ୍ଟ କାରଣ, କୌଣସି ପୁସ୍ତକ ପ୍ରକାଶକ ଏପରି ଖଣ୍ଡିତ 'ଲାବଣ୍ୟବତୀ'ର ପ୍ରକାଶ ଭାର ନେବାକୁ ରାଜି ହେଲେ ନାହିଁ ।

ତାପରେ ଅସହଯୋଗ ଆନ୍ଦୋଳନ । ଏଥିରେ ଧନୀ-ଦରିଦ୍ର, ରଜା-ପ୍ରଜା, ପଣ୍ଡିତ-ମୂର୍ଖ, ଶିକ୍ଷକ-ଛାତ୍ର ସମସ୍ତେ ଏକାକାର । ରାଜନୀତିର ପ୍ରବଳ ବନ୍ୟା । ସାହିତ୍ୟଚର୍ଚ୍ଚାର ଆଉ ତାଦୃଶ ଅବକାଶ କାହିଁ ? ମାଝି ଢିଙ୍କି ସ୍ୱର୍ଗକୁ ଗଲେ ଯେପରି ଧାନ କୁଟେ, ସେହିପରି ବେଳେ ବେଳେ ସାହିତ୍ୟ ଆଡକୁ ଦୃଷ୍ଟି ଦେଇଥାଏ ।"

## ସାରଳା ସାହିତ୍ୟ :

ଲାବଣ୍ୟବତୀର ଆଲୋଚନାରୁ ନୀଳକଣ୍ଠ ଆହୁରି ପ୍ରାଚୀନତର ପୌରାଣିକ ସାହିତ୍ୟ ଉପରେ ମଧ୍ୟ ଦୃଷ୍ଟି ପକାଇଛନ୍ତି । ଯେପରିକି ୧୯୪୭ ମକର ସଂକ୍ରାନ୍ତିରେ ଝଂକଡ଼ର ସାରଳାଙ୍କ ଗାଦିରେ ପ୍ରଦତ୍ତ ଏକ ଭାଷଣରେ ସାରଳାଦାସଙ୍କୁ ଶ୍ରଦ୍ଧାର୍ଘ୍ୟ ଦେବାପାଇଁ ଯାଇ ତାଙ୍କୁ ଏକ ବିପ୍ଳବୀ ଯୁଗ ନିର୍ମାତା ଭାବରେ ପ୍ରତିପାଦିତ କରିଛନ୍ତି । ନୀଳକଣ୍ଠଙ୍କ ଭାଷାରେ "ମହାମନୀଷୀ ଦ୍ରଷ୍ଟା ସିଦ୍ଧେଶ୍ୱର ଥିଲେ ଏକ ଯୁଗ ପ୍ରବର୍ତ୍ତକ ବିଦ୍ରୋହୀ । ସେ ପୁଣି ଥିଲେ, ଏ ଦେଶର ଯଥାର୍ଥ ଦେଶୀ କଞ୍ଚା ଓ ଖାଣ୍ଟି ଓଡ଼ିଆ । ଜଗନ୍ନାଥଙ୍କ ସେବକ ଶବର ବିଶ୍ୱାବସୁର ବିଦ୍ରୋହ ପୁରାଣ ଓ କିମ୍ବଦନ୍ତୀର କଥା । କିନ୍ତୁ ଶୁଦ୍ର ସିଦ୍ଧେଶ୍ୱରଙ୍କ ବିଦ୍ରୋହ ସତ୍ୟ ।"

## ଓଡ଼ିଆ ସାହିତ୍ୟର କ୍ରମ ପରିଣାମ :

ଠିକ୍ ଏହାରି ପରେ ପରେ ନୀଳକଣ୍ଠ ଲେଖିଥିଲେ ଓଡ଼ିଆ ସାହିତ୍ୟର କ୍ରମ ପରିଣାମ, ପ୍ରଥମ ଓ ଦ୍ୱିତୀୟ ଭାଗ । ଓଡ଼ିଶାର କ୍ଷୁଦ୍ର ଭୂମି ଖଣ୍ଡକୁ ଘେନି ନୀଳକଣ୍ଠଙ୍କ ରାଜନୀତିକ କ୍ରିୟାକର୍ମ ଯେତେବେଳେ କିଛିଦିନ ପାଇଁ ଏକପ୍ରକାର ପ୍ରାୟ ବନ୍ଦ ହୋଇଯାଇଥିଲା, ସେତେବେଳେ ପରିପୂର୍ଣ୍ଣ ସଂସ୍କୃତି କର୍ମୀଭାବରେ ତାଙ୍କ ଦୃଷ୍ଟି ଓଡ଼ିଆ ସାହିତ୍ୟ ଓ ସଂସ୍କୃତିର କ୍ରମ ପରିଣାମ ଉପରେ ଆବଦ୍ଧ ରହିଥିଲା । ସୁଦୂର ଆଫ୍ରୋ-ଏସିଆ ସଂସ୍କୃତିର ଦାୟାଦ

Digitized by PPRACHIN, SOA

ଭାବେ ଉତ୍କଳୀୟ ସଂସ୍କୃତିର ଗତି, ସ୍ଥିତି ଓ ଭବିଷ୍ୟତ ବିକାଶ ସ୍ୱପ୍ନରେ ସେ ଯେପରିକି ବିଭୋର ହୋଇପଡ଼ୁଥିଲେ । ଓଡ଼ିଆ ସାହିତ୍ୟର କ୍ରମପରିଣାମ ଏକ ସାଧାରଣ ଚର୍ଚ୍ଚା ନିବନ୍ଧ ନୁହେଁ । ବିଶ୍ୱାସ ଓ ଯୁକ୍ତିର ଦ୍ୱୈତ ଭୂମିରେ ବିଚରଣ କରି ସେ ଆତ୍ମଦୈନ୍ୟ ପୀଡ଼ିତ ଦରିଦ୍ର ଅସହାୟ ଓଡ଼ିଆ ଜାତି ପ୍ରାଣରେ ଏକ ବିପୁଳ କର୍ମ ପ୍ରେରଣା, ମହାନ ମାନବ ମୈତ୍ରୀର ସ୍ୱପ୍ନ ଅଙ୍କନ କରିଥିଲେ । ସମାଜ ବିକାଶର ପ୍ରକାଶ ହେଉଛି ସାହିତ୍ୟ । ଏହି ଦୃଷ୍ଟିରେ ଗୃହୀତହୋଇ ଓଡ଼ିଆ ସମାଜ ତଥା ସାହିତ୍ୟର ଉତ୍ସ ସନ୍ଧାନ କରିବା ସଙ୍ଗେ ସଙ୍ଗେ ଏହା କିପରି ନାନା ପ୍ରଭାବ, ଆକ୍ରମଣର ସମ୍ମୁଖୀନ ହୋଇଛି ଓ ଆତ୍ମରକ୍ଷାରେ ସମର୍ଥ ହୋଇଛି, ସେଇ ଇତିହାସ ଏଇ ଗ୍ରନ୍ଥରେ ବର୍ଣ୍ଣିତ । ସମକାଳୀନ ଭାରତରେ ରାଜନୈତିକ ବିପ୍ଳବଠାରୁ ନିଜସ୍ୱ ଅନୁଭବର ଇତିହାସ, ନୃତତ୍ତ୍ୱ, ଧର୍ମଶାସ୍ତ୍ର, ଲୋକ ସାହିତ୍ୟ ଓ ଲୋକଜୀବନଚର୍ଯ୍ୟା — ଏ ସବୁ କିଛିକୁ ଏକାନ୍ତଭାବରେ ଆତ୍ମସ୍ଥ କରି ସେ ଓଡ଼ିଆ ସଂସ୍କୃତି ଓ ସାହିତ୍ୟର କ୍ରମପରିଣାମ ବ୍ୟାଖ୍ୟା କରିଛନ୍ତି ।

## ସଂସ୍କୃତ ଓ ସଂସ୍କୃତି :

'ସଂସ୍କୃତ ଓ ସଂସ୍କୃତି' ଏହି ପର୍ଯ୍ୟାୟର ଆଉ ଏକ ଗ୍ରନ୍ଥ । ପୁରୀ ସଂସ୍କୃତ ମହାବିଦ୍ୟାଳୟରେ ସମାବର୍ତ୍ତନ ଉତ୍ସବରେ ପ୍ରଦତ୍ତ ଏକ ଭାଷଣର ପରିମାର୍ଜିତ ପ୍ରକାଶ । ଏକଦା ଭାରତର ପ୍ରାଚୀନ ସଂସ୍କୃତ ଭାଷା ମଧ୍ୟରେ ଯେ ଏକ ବିରାଟ ବିଶ୍ୱଜାଗତିକ ଆଦର୍ଶର ବିକାଶ ଘଟିଥିଲା, ସେଥିପ୍ରତି ଆମର ଦୃଷ୍ଟି ଆକର୍ଷଣ କରି ଆଧୁନିକ ଯୁଗରେ ଆମର ପ୍ରଭାବ ଓ ପ୍ରତିଷ୍ଠାରେ ସଂସ୍କୃତର ଯଥାର୍ଥ ଦାନ ବିଷୟରେ ନୀଳକଣ୍ଠ ଏଥିରେ ଆଲୋକପାତ କରିଛନ୍ତି । ସ୍ଥଳ ବିଶେଷରେ ଶୁଦ୍ଧ ସାହିତ୍ୟ ଆଲୋଚନାରୁ ସଂସ୍କୃତ ଆଲୋଚନାକୁ ଓ ସାଂସ୍କୃତିକ ଆଲୋଚନାରୁ ଧର୍ମୀୟ ଆଲୋଚନା ଆଡ଼କୁ ତାଙ୍କର ଉନ୍ମୁଖତା ପ୍ରକାଶ ପାଇଛି । ଜଣେ ମହତ୍ ମାନବତାବାଦୀ ଭାବରେ ସେ ସାହିତ୍ୟକୁ କେବଳ ରସ ଓ କଳା ଦୃଷ୍ଟିରୁ ନ ଦେଖି ଏକ ସୁସ୍ଥ ଜୀବନ ବୋଧର ଅଙ୍ଗରୂପେ ଦେଖିଛନ୍ତି । ଭକ୍ତିଧର୍ମ ଓ ତବାନୁସାରୀ ଅତିଭୌତିକ କ୍ରିୟାକାଣ୍ଡର ଆବରଣ ଖୋଲି ସେ ପ୍ରାଚୀନ ସାହିତ୍ୟର ଯଥାର୍ଥ ମର୍ଯ୍ୟାଦା ଉପରେ ଦୃଷ୍ଟିପାତ କରିଛନ୍ତି । ପୁଣି ଅନୁକରଣ ଓ ହୀନମନ୍ୟ ଆହରଣର

Digitized by PPRACHIN, SOA

ଊର୍ଦ୍ଧ୍ୱକୁ ଉଠି ଏକ ମହାନ୍ ଐତିହ୍ୟବାହୀ ରସପ୍ରାଣ ଜାତିର ଉତ୍ତରାଧିକାରରେ ସମୃଦ୍ଧ ହେବାପାଇଁ ଆଧୁନିକ ସାହିତ୍ୟ ସ୍ରଷ୍ଟା ମାନଙ୍କୁ ପଥ ଦେଖାଇ ଯାଇଛନ୍ତି ।

ଗୋଟିଏ କଥାରେ କହିଲେ— ସଂସ୍କାରକ, ଓ ସାହିତ୍ୟିକ ନୀଳକଣ୍ଠଙ୍କ ମଧ୍ୟରେ ସ୍ୱାଧୀନଚେତା, ସୃଷ୍ଟିଶୀଳ ଏକ ମହାନ୍ ପ୍ରାଜ୍ଞ ବ୍ୟକ୍ତି ଆତ୍ମ ପ୍ରକାଶର ଦୂରନ୍ତ ଅଭିଳାଷରେ ଅତନ୍ଦ୍ର ପ୍ରୟାସୀ । ଏକ ଭୂମିଖଣ୍ଡ, ଗୋଟିଏ ଆଞ୍ଚଳିକ ଭାଷା ଓ କୋଟିଏ ଶିକ୍ଷିତ, ଅର୍ଦ୍ଧଶିକ୍ଷିତ ଜନତାର ପ୍ରାଣର କଥା ସେ କହିଯାଇଛନ୍ତି । ଦୁଃଖ ଦାରିଦ୍ର୍ୟ ପରାଜୟର କୌଣସି ଗ୍ଳାନି ତାଙ୍କୁ ମୁହୂର୍ତ୍ତିକ ପାଇଁ ବିବ୍ରତ କରି ନାହିଁ । ସତେ ଯେପରି କି ତାଙ୍କର ପ୍ରଜ୍ଞା ସ୍ୱଚ୍ଛତାର ବିଶ୍ୱବିହାରୀ ରଶ୍ମିରେଖା ଭଳି ଆମଠାରୁ ଅନେକ ଦୂରରେ ଓ ଆମ ନିଜ ଆତ୍ମସତ୍ତ୍ୱରେ ଏକୀଭୂତ ହୋଇ ଯାଇଛି । ସେ ଆମପାଇଁ ବଞ୍ଚିଥିଲେ । ଶତ ହତାଶା ଓ ବିପର୍ଯ୍ୟୟ ମଧ୍ୟରେ ଆମେ ଆଜି ତାଙ୍କର ପ୍ରାଣବନ୍ତ ଆଲୋକ ବନ୍ୟାରେ ହିଁ ସଂଜୀବିତ ।

"ଭଗବାନଙ୍କର ମୂର୍ତ୍ତି ନ ଥିଲେ ହେଁ ବ୍ୟକ୍ତିତ୍ୱ ଅଛି । ତାହା ନ ହେଲେ ସେ ମନୁଷ୍ୟର ଉପାସ୍ୟ ହୋଇପାରିବେ ନାଇ । ପ୍ରତ୍ୟେକ ଫଳ, ଫୁଲ, ପତ୍ରରେ ଯେପରି ବୃକ୍ଷର ବୃକ୍ଷତ୍ୱ ରହିଅଛି, ସମସ୍ତ କ୍ରିୟାକଳାପରେ ଯେପରି ମାନବର ମାନବତ୍ୱ ରହିଅଛି, ସୃଷ୍ଟିର ପ୍ରତ୍ୟେକ ସ୍ପନ୍ଦନରେ ସେହିପରି ଈଶ୍ୱରୀୟ ଶକ୍ତି ପୂର୍ଣ୍ଣ ମାତ୍ରାରେ ପ୍ରତିଭାତ ରହିଅଛି ।"

(ନୀଳକଣ୍ଠ—ପ୍ରତିଭା ପୂଜା ଓ ପ୍ରତିମା ପୂଜା)

—※—

Digitized by PPRACHIN, SOA

# ନୀଳକଣ୍ଠ ମାନସ

ସାଧାରଣ ମନୁଷ୍ୟର ମୃତ୍ୟୁହୁଏ ଥରେ, କିନ୍ତୁ ଭାବୁକ ଓ ସ୍ରଷ୍ଟା ମୃତ୍ୟୁ ବରଣ କରନ୍ତି ଦୁଇଥର । ଜୀବନ ଓ ମୃତ୍ୟୁର ସୁଦୀର୍ଘ ସମାନ୍ତରାଳ ଦୁଇଟି ରେଖାର କଳ୍ପନା ମଧ୍ୟରେ ଏଇ ଦ୍ୱିତୀୟ ମୃତ୍ୟୁର ଧାରଣା କରାଯାଇ-ପାରେ । ଭାବଜଗତରେ ଜନ୍ମ ଘଟେ, ମୃତ୍ୟୁ ଘଟେ କ୍ୱଚିତ୍ । ନିର୍ମୂଳିଲତା-କାହିଁ ମାଟିର କେଉଁ ଗଭୀର ଭିତରୁ ବୃଷ୍ଟିର ପ୍ରଥମ ବାରିପାତ ସଙ୍ଗେ ଗଜୁରି ଉଠେ । ଅନୁକୂଳ ପରିବେଶ ପାଇଲେ ଏକଦା ବିସ୍ମୃତ ଭାବ ପୁଣି ନବ କଳେବର ଧାରଣ କରେ । ନୀଳକଣ୍ଠଙ୍କ ଭାବଜଗତର ଗୋଟିଏ ଅଂଶକୁ ତାଙ୍କର କବିମାନସ ଆଚ୍ଛନ୍ନ କରିଥିଲା । କାବ୍ୟର ଜଗତ କ୍ରୀଡ଼ାର ଜଗତ । ଆଉ ଗୋଟିଏ ଅଂଶ ଅଧିକାର କରିଥିଲା ଶିକ୍ଷକଙ୍କର ମନ, ମୁରବିର ମନ । ସ୍କୁଲର ଛୁଟିଘଣ୍ଟା ପଡ଼ିଲେ ଖେଳର ସମୟ ଆସେ । ଦୁର୍ବହ ଜୀବନର ଲଘୁଭାର ଅପନୋଦନ ପାଇଁ ଆମ ଜୀବନରେ ଏହି ଖେଳର ଆବଶ୍ୟକତା ଅନେକ ବେଶୀ । ଧର୍ମ ନାହିଁ, ଧର୍ମର ଚନ୍ଦନ ଅର୍ଗଳ ପାର ହେବା ପାଇଁ ବେତ ମାଡ଼ ଖାଇବାର ମାନସିକତାର ଯୁଗ ଏ ନୁହେଁ । ଗୁରୁଙ୍କର ବଚନକୁ ସାକ୍ଷାତ ଈଶ୍ୱରବାଣୀ ମନେକରି ଆତ୍ମ ସମର୍ପଣର ଯୁଗ ମଧ୍ୟ ଇଏ ନୁହେଁ । ତେଣୁ ଗୁରୁ ଓ ଶିକ୍ଷକ ଭାବରେ ନୀଳକଣ୍ଠ ଯେ ଏକ ସୁବୃହତ୍ ଭାବଲୋକର ସାଗର ଆମ ପାଇଁ ଗଢ଼ିଯାଇଛନ୍ତି, ତାକୁ ସବୁଦିନେ ବିନ୍ଦୁସାଗରର ପବିତ୍ର ଜଳ ମନେକରି ହୁଏତ ଆଜିର ମଣିଷ ଅବଗାହନ କରି ନପାରେ । ଆଉ ତାଙ୍କର କବିମାନସ—ସେ ତ' ତାରୁଣ୍ୟର ସାମୟିକ ବିଳାସ । ଦିବା ସ୍ୱପ୍ନ ଓ ଉନ୍ନିଦ୍ର ରଜନୀର ଉଦ୍‌ଗୀରଣ । କେଉଁ ସୁଦୂରର ସ୍ମୃତି, ପୁଣି କେଉଁ ସ୍ଥିତିର ବିଷାଦ—ଦୈନନ୍ଦିନ ଜୀବନର ଅବସାଦ, ଉଚ୍ଚାଭିଳାଷର ବୈଫଲ୍ୟ—ଏସବୁ ମିଶି ଯେପରିକି ଏକ ଭାବାତୁର ହୃଦୟ ତନ୍ତ୍ରୀରେ ଏକ ସମୟରେ ବାଜି ଉଠିଥିଲା କବିତାର ଛନ୍ଦ ଓ ଲୟ । କେତେ ବିଗତ

Digitized by PPRACHIN, SOA

ଏହାର ପ୍ରାପ୍ତି, କେଡ଼େ କରୁଣ ଏହାର ବିଳୟ । ନୀଳକଣ୍ଠଙ୍କ ସେଇ କବିତାର ଝଂକାର ଏବେ ବି ହୃଦପୁରେ ବାଜେ—

"ଭାସିଯାଏ ଯଥା ଜଳ ତାରା ନଭେ
ଲଭଇ ଯେସନ ଅନ୍ଧାରଘନ
ସମୀର ତରଙ୍ଗେ ଥରି କୁହୁତାନ
ଗୁଲିଯାଏ ଯଥା ବୁଡ଼ାଇ ବନ ।
ସୁଦୂର ସ୍ମରଣ ଉଜଳି ପରାଣ
ଧୀରେ ପୁଣି ଯଥା ବିଷାଦେ ମିଶେ
ଥରି ଥରି ସେହି ବୀଣାଗୀତ ତାନ
ମିଶିଲା ନିଶୀଥ ନୀଳିମା ଭାସେ ।"

ଆଧୁନିକ ଜୀବନ ଦୋଳାର ଦୁଇ ପାଖରେ ଯେପରିକି ଦୁଇଟି ସୀମା । ଏକ ଦିଗରେ କାଂଚନ ଅନ୍ୟ ଦିଗରେ କାମିନୀ, ଏକ ଦିଗରେ କାମନାର ଚାଂଚଲ୍ୟ, ଉଚ୍ଚାଭିଳାଷ; ଅନ୍ୟଦିଗରେ ଦୌର୍ବଲ୍ୟ ଜାଡ୍ୟ— ଏ ସବୁକୁ ଘେନି କେତେ ତରଳ ମନୋରଞ୍ଜନଧର୍ମୀ ସାହିତ୍ୟ ଏବେ ଆମକୁ ଆକର୍ଷିତ କରୁଛି । ନୀଳକଣ୍ଠ କିନ୍ତୁ ଥିଲେ ଏହାର ଅନେକ ଦୂରରେ । ନୀଳକଣ୍ଠଙ୍କ ଏକାନ୍ତ ବ୍ୟକ୍ତିଗତ ମନର ଗହନ ଅନ୍ତସ୍ଥଳକୁ ପଶିବାର ସୂତ୍ରସବୁ ଏବେ ବି ଆବିଷ୍କୃତ ହୋଇ ନାହିଁ । ତା ବୋଲି ନୀଳକଣ୍ଠଙ୍କ ମନର ଅତଳଗୁହା ଅନ୍ଧକାରରେ ଲୁଚିଯାଇ ନାହିଁ । ଏହାର ବଡ଼ କାରଣ ସେହି ବ୍ୟକ୍ତି ମହାନ୍, ଋଜୁମନା, ସ୍ପଷ୍ଟଭାଷୀ, ଅକୁତୋଭୟ; ବିଗତସ୍ପୃହ, ଜିତକ୍ରୋଧ । ନିଜକୁ ନିରାବରଣ ଓ ନିରାଭରଣ ଭାବରେ ପ୍ରକାଶ କରିବାର ସାଧନା କରିଥିଲେ ଆଜୀବନ । ସେଇ ସାଧନାର ଇଙ୍ଗିତ ବହନ କରେ ତାଙ୍କର ବାଣୀର ଜଗତ । ତେଣୁ ସେହି ସୂତ୍ର ସବୁ ଅବଲମ୍ବନ କରି ନୀଳକଣ୍ଠ ମାନସର ଯେଉଁ ଛବିଟି ପ୍ରକାଶିତ ହୁଏ— ତାହା ସତ୍ୟର କିଞ୍ଚିତ୍ ଦୂରବର୍ତ୍ତୀ ହୋଇପାରେ, ତଥାପି ସେଥିରୁ ନୀଳକଣ୍ଠଙ୍କ ବ୍ୟକ୍ତିତ୍ୱ ଓ ମହତ୍ତ୍ୱ ଲୁଚିଯିବାର ନୁହେଁ ।

## ଭାଷା ଓ ଅଭିନବ ଗଦ୍ୟ ଶୈଳୀ ନୀଳକଣ୍ଠଙ୍କର ସର୍ବଶ୍ରେଷ୍ଠ ମହତ ସୃଷ୍ଟି

ନୀଳକଣ୍ଠଙ୍କ ମନର ସବୁଠାରୁ ମହତ୍ ସୃଷ୍ଟି ତାଙ୍କର ଭାଷା ଓ ଅନବଦ୍ୟ ଗଦ୍ୟଶୈଳୀ । ବଡ଼ ବ୍ୟଥା ଓ ଅନ୍ତର୍ଦାହ ମଧ୍ୟରେ ସେ

Digitized by PPRACHIN, SOA

ଓଡ଼ିଆ ଭାଷାର ସ୍ୱରୂପ ଉପଲବ୍ଧି କରିଥିଲେ ଓ ଏହି ଭାଷାର ପ୍ରାଣଶକ୍ତି ଅତୁଟ ରଖିବା ପାଇଁ ଚେଷ୍ଟା କରିଥିଲେ । ସେଥିରେ ନୀଳକଣ୍ଠ ଯେ ଅଭାବ ବୋଧ ଭିତରୁ ଲେଖନୀ ଚାଳନା କରିଥିଲେ ଆଜି ହୁଏତ ସେହି ଦୈନ୍ୟ ସେ ନିଜେ ହିଁ ଦୂର କରି ପାରିଛନ୍ତି । 'ଓଡ଼ିଆ ଭାଷା ଓ ବ୍ୟାକରଣ' ପ୍ରବନ୍ଧରେ ସେ ଲେଖିଥିଲେ, "ସମାଜର ଗତି ସଙ୍ଗେ ଓଡ଼ିଆ ଭାଷାର ବିକାଶ ହୋଇ ନାହିଁ । ଲିଖିତ ଭାଷାରେ ତ ହୋଇ ନାହିଁ, କଥିତ ଭାଷାରେ ବି ତାହା ହୋଇ ପାରି ନାହିଁ ।" (୧) ଏହା କିପରି ହେବ ସେଥିପାଇଁ ନୀଳକଣ୍ଠ ବିଶେଷ ଚିନ୍ତିତ ଥିଲେ । ସେଥିପାଇଁ ଓଡ଼ିଆକୁ ସଂସ୍କୃତର ଚୂଙ୍ଗରେ ବାନ୍ଧିବାର ସେ ବଡ଼ ବିରୋଧୀ ଥିଲେ । ଓଡ଼ିଶାର ପ୍ରାଚୀନ ପୁରାଣ ଆଦିମ ଅଧିବାସୀଙ୍କ ସମାଜ ଓ ଅତି ପ୍ରାକୃତ ଗ୍ରାମୀଣ ଜନ ସମାଜର ଭାଷାକୁ ସେ ପ୍ରାଧାନ୍ୟ ଦେଇଥିଲେ । ଓଡ଼ିଆ ଏକ ଜୀବନ୍ତ ଓ ସ୍ୱାଧୀନ ଭାଷା । ଏହି ଭାଷାକୁ ଧରି ତାର ବ୍ୟାକରଣ ରଚନା ପାଇଁ ସେ ଆଗ୍ରହୀ ଥିଲେ । ଭାଷା କ'ଣ ହେବ ଏହା ବ୍ୟାକରଣ କହେ ନାହିଁ, ଭାଷାରେ କ'ଣ ଅଛି—ତାହା ବ୍ୟାକରଣ ନିରୂପଣ କରେ । ଅର୍ଥାତ୍ ପ୍ରେସ୍କ୍ରିପସନ୍ ନୁହେଁ ଡେସ୍କ୍ରିପସନ୍ ହିଁ ବ୍ୟାକରଣର ଧର୍ମ ହେବା ଉଚିତ । ବ୍ୟାକରଣର ଆଜି ଗୋଟିଏ ଉପଯୋଗିତା କେବଳ ବିଦେଶୀଙ୍କ ପାଖରେ ଧରା ପଡ଼େ । ଅଷ୍ଟାନ୍ତର ବ୍ୟବଚ୍ଛିନ୍ନତାର ଯୁଗ ଶେଷ ହୋଇଛି । ଓଡ଼ିଆ ଭାଷା ପୃଥିବୀର ଭାଷା—ଏକ ସ୍ୱାଭାବିକ ଗତିରେ ବହୁ ବିଚିତ୍ର ସଭ୍ୟତା ସଂସ୍କୃତିର ସମନ୍ୱୟରେ ଏହା ଫୁଟି ଅଛି । କେହି ବିଦେଶୀ ଯଦି ଏହାର ବ୍ୟାକରଣ ଓ ଶବ୍ଦକୋଷକୁ ଧରି ଯଥାର୍ଥ ଓଡ଼ିଆ ଭାଷାରେ ନିଜ ମନୋଭାବ ପ୍ରକାଶ କରି ପାରନ୍ତି, ତେବେ ଯାଇ ବ୍ୟାକରଣ ଓ ଅଭିଧାନର ସାର୍ଥକତା । ଓଡ଼ିଆ କଥିତ ଶୁଦ୍ଧ ଭାଷାରେ ଓଡ଼ିଶା ଦେଶର ପ୍ରାକୃତ ବେଷ୍ଟନୀ ଫୁଟାଇବା ଥିଲା ନୀଳକଣ୍ଠଙ୍କ ଉଦ୍ଦେଶ୍ୟ । ସେ ବଡ଼ ଦୁଃଖର ସହିତ ଅନୁଭବ କରୁଥିଲେ, ମାତୃଭାଷାରେ ଶିକ୍ଷାଦେବା ନୀତି ସ୍ୱୀକୃତ ହେବା ବେଳେ ବି ପ୍ରକୃତ ମା' ମୁଖର ଭାଷାରେ ଶିଶୁକୁ ନ ଶିଖାଇ ସଂସ୍କୃତ ଅନୁସରଣୀଆ ଶବ୍ଦ ଓ ଏକ ଇଂରେଜୀ ଅନୁସରଣ କରୁଥିବା ବାକ୍ୟଧାରା ମିଶ୍ରିତ କୃତ୍ରିମ ଭାଷା ଚଳୁଥିଲା । ପଣ୍ଡିତଜୀ ଲେଖିଛନ୍ତି ; "ଭାଷାକୁ କୃତ୍ରିମ କରି ଶିଖାଇଲେ ଜୀବନ ବିକାଶକୁ ଦୃଷ୍ଟି

---

(୧) ଓଡ଼ିଆ ଭାଷା ଓ ସାହିତ୍ୟ (୧୯୪୦) ପୃ : ୧୧୩)

Digitized by PPRACHIN, SOA

ଶିବ ନାହିଁ । ଏଥିଲାଗି ଜନ ମୁଖର ଭାଷାକୁ ସ୍କୁଲରେ ଶିଖାଇବାକୁ ହେବ । ବ୍ୟାକରଣ ସେହି ପନ୍ଥା ଧରିବା ଉଚିତ ।” (୧) ଭାଷା ପ୍ରତି ମାଳକଣ୍ଠଙ୍କର ଆଗ୍ରହ ତାଙ୍କର ମହତ୍ ଭାବ ଧାରଣ ପାଇଁ ଯଥେଷ୍ଟ ଶକ୍ତି ଯୋଗାଇ ଥିଲା । ସେ ଓଡ଼ିଆ ସମ୍ରାଟ କପିଳେନ୍ଦ୍ର ଦେବଙ୍କ ସମସାମୟିକ ସାରଳା ଦାସଙ୍କ-ଠାରୁ ଆରମ୍ଭ କରି ବ୍ରଜନାଥ ବଡ଼ଜେନାଙ୍କ ‘ଚତୁର ବିନୋଦ’ ଓ ଉପେନ୍ଦ୍ର ଭଞ୍ଜଙ୍କ ରଚିତ ସାହିତ୍ୟ ସହିତ ଲୌକିକ ଭାଷାର ଯଥାଯଥ ସଂପର୍କ ପ୍ରତି ଆଗ୍ରହ କରିଥିଲେ । ଖାଣ୍ଟି ଓଡ଼ିଆ ଢଙ୍ଗ ଓ ନିଖୁଣ ଓଡ଼ିଆ ବାକ୍ଧାରା ପ୍ରତି ସେହି କାଳରେ ଗୋପୀନାଥ ନନ୍ଦ ଶର୍ମାଙ୍କ ଆଲୋଚନାକୁ ସେ ବହୁ ମାନ କରିଥିଲେ । ନିଜ ରଚନାରେ ଅଲକ୍ଷ୍ୟରେ ସେ ଯେପରିକି ନିଜର କଳ୍ପିତ ଆଦର୍ଶକୁ ଅନୁସରଣ କରିଥିଲେ । ମାଳକଣ୍ଠଙ୍କ ଭାବ ଜଗତରେ କିଛି କଳଙ୍କ ଧରି ଯାଇ ପାରେ, କିନ୍ତୁ ତାଙ୍କ ସଚେତନ ବଳିଷ୍ଠ ଭାଷାର ପ୍ରାଣ ଧାରା ସ୍ୱଚ୍ଛ ମନ୍ଦାକିନୀର ବାରିଧାରା ପରି ଏବେ ବି ସେବ୍ୟ । ସଂସ୍କୃତ ଓ ଇଂରେଜୀ ଛାଡ଼ି ଧରି ଓଡ଼ିଆ ଗଦ୍ୟ ରଚନା ଅର୍ଥ ଆମର ବିପୁଳ ଐତିହ୍ୟର ଅସ୍ୱୀକାର । ଓଡ଼ିଆ ଗଦ୍ୟ ଲେଖକଙ୍କୁ ପ୍ରାଚୀନ ଓଡ଼ିଆ ସାହିତ୍ୟ ପଢ଼ିବାକୁ ହେବ । ନିରନ୍ତର କର୍ମ ଓ ବିଶ୍ରାମ ମଧ୍ୟରେ ଜନ ମୁଖର ଭାଷାର ଗତି ଓ ଛନ୍ଦ ପ୍ରତି କାନ ଦେବାକୁ ହେବ । ସେହି ପ୍ରାଚୀନ ଗଦ୍ୟର ଭାଷାରେ ଛନ୍ଦେ ଛନ୍ଦେ ଫୁଟି ଉଠିଛି କେତେ ରଙ୍ଗ ଓ ବର୍ଣ୍ଣ ବିଭା । ଏକ ଶ୍ୱାସ ଉଚ୍ଚାରିତ ଧ୍ୱନି ଭଳି ନିଖୁଣ, ଏକ ଭାବ ଆଧାରିତ ବାକ୍ୟର ଧାରା ଋଜୁ । ଜଟିଳତା ଓ ଯୌଗିକତା ଏଥିରେ ବିରଳ । ଏଇ ଗଦ୍ୟରେ ବାଚ୍ୟ ଓ ବାକ୍ୟ ଭିତରେ ଥିବା ନିବିଡ଼ ଏକାତ୍ମତା, ଅନୁପାତ ଓ ଛନ୍ଦ ଭାଷାର ଏକ ସର୍ବକାଳୀନ ଆଦର୍ଶ । ତ୍ରୁଟି ଧ୍ୱନିର ସମତା ଅଥବା ବୈଚିତ୍ର୍ୟହୀନ ପ୍ରାଚୀନ ଓଡ଼ିଆ କାବ୍ୟ ସୃଷ୍ଟି ଯୁଗରେ ମଧ୍ୟ ଓଡ଼ିଆ ଗଦ୍ୟ ଏକା ବେଳକେ ଜୀବନ ସହିତ ନିବିଡ଼ ଭାବରେ ଆଧାରିତ ହୋଇ ରହିଥିଲା । ମାଳକଣ୍ଠ ଏହି ଗଦ୍ୟର ଲୟ ମର୍ମେ ମର୍ମେ ଅନୁଭବ କରିଥିଲେ । ତାଙ୍କ ଭାଷାରେ ଯୌଗିକ ଓ ଜଟିଳ ବାକ୍ ଜାଲରେ ଭାବର ସ୍ୱତଃ ବିକିରଣ କୌଣସିଠାରେ ଅବରୁଦ୍ଧ ହୋଇ ଯାଇ ନାହିଁ । ଏଥିରେ ‘ଅବ୍ୟୟ’ର ବାହୁଲ୍ୟ ନାହିଁ । ମିତତା ବିଧାନ ଲକ୍ଷ୍ୟରେ ଦ୍ରୁତିନାମ ବା

---

(୧) ଓଡ଼ିଆ ଭାଷା ଓ ସାହିତ୍ୟ (୧୯୪୦) ପୃ: ୧୧୩)

Digitized by PPRACHIN, SOA

ସର୍ବନାମ ବ୍ୟବହୃତ । ନାମ ସହିତ ସର୍ବନାମ ବ୍ୟବହୃତ ହୋଇନାହିଁ । ଅବ୍ୟୟ ଓ ସର୍ବନାମର ମିତ ସଂସ୍ଥାନ ଫଳରେ ବାକ୍ୟର ବିନ୍ୟାସ ସୁସମଞ୍ଜସ ହୋଇ-ଅଛି । ଅନଳଂକୃତ ଗଠନ, ଅନାବୃତ ପ୍ରକାଶ ଓ ସ୍ୱଳ୍ପଭାଷଣ ମଧ୍ୟରେ ନୀଳକଣ୍ଠଙ୍କ ବ୍ୟକ୍ତିତ୍ୱର ନିବିଡ଼ ସ୍ପର୍ଶ ସଞ୍ଚରିତ । ପ୍ରଶାନ୍ତ ଶ୍ରଦ୍ଧା ମଣ୍ଡିତ ଏକ ପରିପୂର୍ଣ୍ଣ ବଳିଷ୍ଠ ବ୍ୟକ୍ତିତ୍ୱର ସ୍ପର୍ଶ ହୃଦୟରେ ଏକ ସ୍ଥାୟୀ ଭାବ ସଞ୍ଚରିତ କରେ । ନୀଳକଣ୍ଠଙ୍କ ଗଦ୍ୟର ଶ୍ରୁତି ମାଧୁର୍ଯ୍ୟ ସଞ୍ଜମ ଓ ଶୃଙ୍ଖଳା ସଙ୍ଗେ ଉଦ୍ଧାମ ଗତି ଲକ୍ଷ୍ୟ କରିବାର ବସ୍ତୁ । 'ଏବଂ', 'ସୁତରାଂ' ପ୍ରଭୃତି ସଂସ୍କୃତ ଶବ୍ଦସବୁର ଓଡ଼ିଆ ଉଚ୍ଚାରଣ ସହିତ ସାମଞ୍ଜସ୍ୟ ନଥିବାରୁ ନୀଳକଣ୍ଠ ଯଥାସମ୍ଭବ ସେସବୁ ପରିହାର କରିଛନ୍ତି । ଆଧୁନିକ ଜୀବନପାଇଁ ନୀଳକଣ୍ଠ ପ୍ରାଣବାଣୀ ଉଚ୍ଚାରଣ କରିଛନ୍ତି । ଆଧୁନିକ ଭାଷାରେ ଜ୍ଞାନ ବିଜ୍ଞାନ, ଯୁକ୍ତି ଓ ସିଦ୍ଧାନ୍ତ ଅନୁଭୂତି ଓ ନବଯୁଗର କଳ୍ପନା ପ୍ରକାଶର ନିତ୍ୟ ନୂତନ ମାଧ୍ୟମ ରୂପେ ଆଧୁନିକ ଓଡ଼ିଆ ଗଦ୍ୟକୁ ଏକ ବଳିଷ୍ଠ ରୂପ ଦେବାରେ ନୀଳକଣ୍ଠ ଥିଲେ ପଥିକୃତ୍ । ଅଜସ୍ର କଥନୀ ସାହିତ୍ୟ ବା ସମ୍ବାଦପତ୍ରର ସମ୍ପାଦକୀୟ ଓ ମତାମତ ଠାରୁ ଆରମ୍ଭ କରି ତାଙ୍କର ଦାର୍ଶନିକ ଭାବାପନ୍ନ ରଚନା ପର୍ଯ୍ୟନ୍ତ—ସବୁଠି ଏହି ଗଦ୍ୟର ଜୟଯାତ୍ରା । ଏହି ଗଦ୍ୟର ମୂଳ ସୂତ୍ର ଥିଲା ଜନ ଜୀବନ ସହିତ ଜଡ଼ିତ ଓତଃପ୍ରୋତ ଭାବରେ ଏକ କ୍ରିୟାଶୀଳ ମନର ପ୍ରକାଶ ।

ଅନ୍ଧକାର ଯେଉଁଠି ଯେତିକି ଘନ, ଦୀପ ଶିଖାର ସ୍ଫୁଲିଙ୍ଗ କଣାର ମହତ୍ତ୍ୱ ସେଠି ସେତେ ବେଶୀ ପ୍ରକାଶିତ । ଏକ ପରାଧୀନତାର ଅନ୍ଧକାରମୟ କୁସଂସ୍କାରଗ୍ରସ୍ତ ସମାଜରେ ସଂସ୍କାରର ଆଲୋକ ଜାଳିବା ପାଇଁ ନୀଳକଣ୍ଠ ପ୍ରଥମେ ଲେଖନୀ ଧାରଣ କରିଥିଲେ । ସମସ୍ତଙ୍କୁ ବୁଝାଇବା, ମନେଇବା, ବୁଝେଇବା ଦାୟିତ୍ୱ ଥିଲା ତାଙ୍କର । ତେଣୁ ସଂସ୍କାରକ ନୀଳକଣ୍ଠ ବଡ଼ ଲୋକପ୍ରିୟ ଭାଷାରେ ନିଜ ମନୋଭାବ ପ୍ରକାଶ କରୁ କରୁ ଲେଖନୀର ଶକ୍ତି ଅର୍ଜ୍ଜନ କରି-ଥିଲେ । କିନ୍ତୁ ପାଠ ପଢ଼ା ଓ ତଦାନୁସଙ୍ଗିକ ଆଲୋଚନାର ଯେ କୌଣସି ଭୂମିକା ସେଠାରେ ନଥିଲା ତା' ନୁହେଁ—'ଆର୍ଯ୍ୟ ଜୀବନ' ଏହିଭଳି ଗୋଟିଏ ଗ୍ରନ୍ଥ, ଭାରତୀୟ ଦର୍ଶନର ସ୍ପଷ୍ଟ ଭାବରେ କଲେଜ ଶ୍ରେଣୀରେ ପଢ଼ିଥିବା ପାଠ୍ୟ ପୁସ୍ତକର ଭାବ ସବୁ ସ୍ଥଳେ ସ୍ଥଳେ ବଡ଼ ଗମ୍ଭୀର ଭାବରେ ସେଥିରେ ପ୍ରକାଶ ପାଇଛି । ଏଥିରେ ନବ ସୃଜନ ଅପେକ୍ଷା ଆହରଣ ଅଧିକ । ଆନନ୍ଦର କଥା ଦିଲ୍ଲୀର ବିଖ୍ୟାତ ହିନ୍ଦୀ ଲେଖକ ଶ୍ରୀ ଜୈନେନ୍ଦ୍ର କୁମାର ୧୯୬୯ ମସିହାରେ

Digitized by PPRACHIN, SOA

ଏହାର ଏକ ହିନ୍ଦୀ ସଂସ୍କରଣ ପ୍ରକାଶ କରି ପଣ୍ଡିତ ନୀଳକଣ୍ଠଙ୍କର ଆର୍ଯ୍ୟ ସଂସ୍କୃତିର ଭାବଧାରାର ପ୍ରସାର କରିଛନ୍ତି ।

## ଗୀତା ପ୍ରବେଶ :

ନୀଳକଣ୍ଠ ଏକ ନବ ଜାଗରଣ ଯୁଗରେ ଲେଖନୀ ଧାରଣ କରିଥିଲେ । ପରିବର୍ତ୍ତନ ଓ ପୁରୋଦୃଷ୍ଟି ତାଙ୍କ ଭାବଧାରାର ଥିଲା ଦୁଇଟି ମୁଖ୍ୟ ବିଭାଗ । କ୍ରମଶଃ ନୀଳକଣ୍ଠ ଗତାନୁଗତିକ ସମାଜର ସଂଘର୍ଷରେ ଆସି ନିଜ ମନର, ବିଚାରର ପୃଷ୍ଠଭୂମି ପ୍ରସ୍ତୁତ କରିଥିଲେ । ନୀଳକଣ୍ଠ ଥିଲେ କ୍ୱଚିତ୍ ସୌଖୀନ ସାହିତ୍ୟିକ । ପ୍ରତିପକ୍ଷକୁ ସେ ଯେପରିକି ସବୁବେଳେ ଗୃଷ୍ଟୁଷ ଦେଖୁଥିଲେ । ଯୁକ୍ତିର କ୍ଷୁର-ଧାରରେ ସେମାନଙ୍କ ଆଗରେ ନିଜକୁ ଠିଆ କରାଇବା ପାଇଁ ସେ ସତତ ପ୍ରୟାସୀ ଥିଲେ । ଅନ୍ଧ ସମାଜରେ କୁସଂସ୍କାରର ବିରୋଧୀ ଥିଲେ । ତାଠାରୁ ଆହୁରି ବଡ଼ ବାଧାର ସେ ସମ୍ମୁଖୀନ ହୋଇଥିଲେ ସେ ଯୁଗର ପ୍ରଗତିଶୀଳ ବୋଲି ନିଜକୁ ଜାହିର କରୁଥିବା ପାଶ୍ଚାତ୍ୟ ପନ୍ଥୀମାନଙ୍କର । ଏମାନଙ୍କ ଭିତରେ ଥିଲେ ଅଗ୍ରଗାମୀ ମାର୍କସ୍‌ବାଦୀ ଦଳ । ଦାବୀ ଓ କର୍ତ୍ତବ୍ୟ, ବିପ୍ଳବ ଓ ବିବର୍ତ୍ତନ, ଆପୋଷହୀନ ସଂଗ୍ରାମ ଓ ବିଚାରବନ୍ତ ସନ୍ଧି—ଏହି ସବୁ ଭିତରେ ନୀଳକଣ୍ଠ ଯଥାର୍ଥ ସତ୍ୟର ସନ୍ଧାନ କରି ଯାଇଛନ୍ତି ।

ଯେତେବେଳେ ବାହାର ଜଗତର ଘୂର୍ଣ୍ଣାବର୍ତ୍ତ ଭିତରୁ କିଞ୍ଚିତ ଦୂରକୁ ଯାଇ ଆତ୍ମସ୍ଥ ହେବାର ସୁଯୋଗ ସେ ଲାଭ କରୁଥିଲେ, ସେତେବେଳେ ନୀଳକଣ୍ଠ ଭାରତବର୍ଷର ଯଥାର୍ଥ ଆତ୍ମା ଆବିଷ୍କାର କରିବାକୁ ପ୍ରୟାସ କରିଥିଲେ । ଏହିଭଳି ଭାବରେ ତାଙ୍କର 'ଗୀତା ପ୍ରବେଶ' ପ୍ରବନ୍ଧର କଳ୍ପନା । ଭାରତୀୟ ସାହିତ୍ୟରେ ଗୀତା ହେଉଛି ଏକ ଶ୍ରେଷ୍ଠ ସମନ୍ୱୟବାଦୀ ଗ୍ରନ୍ଥ । ସବୁ ପ୍ରକାର ନିର୍ବେଦ ଓ ଜଡ଼ତାର ଅନ୍ଧକାର ଭେଦକରି, ସବୁ ପ୍ରକାର ହୃଦୟ ଦୌର୍ବଲ୍ୟର ଊର୍ଦ୍ଧ୍ୱରେ ମନୁଷ୍ୟକୁ କର୍ତ୍ତବ୍ୟ ପାଳନ କରିବାପାଇଁ ଗୀତାର ଆହ୍ୱାନ ପଣ୍ଡିତ ନୀଳକଣ୍ଠଙ୍କୁ ବିଶେଷ ଆକର୍ଷଣ କରିଥିଲା । ଏହି ଗୀତା ଥିଲା ଯେପରିକି ତାଙ୍କ ହସ୍ତରେ ଏକ ଦୂରବୀକ୍ଷଣ ବା ଅଣୁବୀକ୍ଷଣ—ତାହାରି ଭିତରେ ସେ ନିକଟର ଘଟଣା ଓ ଦୂରର ସମ୍ଭାବନାକୁ ଦେଖିବାର ପ୍ରୟାସ କରୁଥିଲେ । ବ୍ୟାଖ୍ୟା କରୁଥିଲେ ।

ନୀଳକଣ୍ଠଙ୍କର ସାମାଜିକ ଦୃଷ୍ଟି ଥିଲା ବହୁ ପରିମାଣରେ ମୌଳିକ । ଏହା ଉପରେ ହୁଏତ ଯୁଗର ପ୍ରଭାବ ସମ୍ପୂର୍ଣ୍ଣ ଅସ୍ୱୀକାର କରିବା ସମ୍ଭବ

Digitized by PPRACHIN, SOA

ନୁହେଁ । ନୀଳକଣ୍ଠ ମନୁଷ୍ୟଙ୍କୁ ବୁଦ୍ଧିଜୀବୀ ଭାବରେ ହିଁ ବିଚାର କରୁଥିଲେ । ତାଙ୍କ ଉକ୍ତିରେ "ମାନବ ଚିନ୍ତାରେ ହିଁ ମାନବ ଓ ଚିନ୍ତାରେ ପ୍ରଗତି ହିଁ ସବୁ ପ୍ରଗତିର ମୂଳ । ଧର୍ମବାଦ, ମତିଭ୍ରମ ଓ ମତାନ୍ଧତା ସମସ୍ତ ମୂଳରେ ସବୁ ସ୍ୱାର୍ଥର ଏଇ ପରମ ସାଧନ ଚିନ୍ତାର ପ୍ରଗତି । ଏଥିରେ ହିଁ ରକ୍ଷିତ ସ୍ୱାର୍ଥ ତିଆରି ହୁଏ । ବହୁଙ୍କୁ ବଂଚିତ କରି ନିଜର ଚିର ସଂଚିତ ଚଳିବା ହିଁ ଏଇ ରକ୍ଷିତ ସ୍ୱାର୍ଥର ଭିତ୍ତି । ଏହାର ପ୍ରତିକ୍ରିୟା ଜନସାଧାରଣ ନାମରେ ସାମ୍ୟବାଦରେ ପ୍ରକାଶ ପାଏ ।"

( ନବଭାରତ, ଜୁଲାଇ ୧୯୪୪, 'ମାନବ ପ୍ରଗତିର ଧାରା' )

ସବୁ ଶକ୍ତି ମଧ୍ୟରେ ଆତ୍ମ ଶକ୍ତିକୁ ନୀଳକଣ୍ଠ ସବୁଠାରୁ ପ୍ରାଧାନ୍ୟ ଦେଉଥିଲେ । ସମସ୍ତ ସ୍ୱାଧୀନତା ମୂଳରେ ଏହି ଆତ୍ମଶକ୍ତି ହିଁ ବିଦ୍ୟମାନ । ଆଧୁନିକ ଜଗତର ସମସ୍ତ ଦୁଃଖ ଦୁର୍ଦ୍ଦଶାର ହେତୁ ନିର୍ଣ୍ଣୟ କରିବାକୁ ଯାଇ ନୀଳକଣ୍ଠ ଏହି ଆତ୍ମଶକ୍ତିର ଅଭାବକୁ ମୂଳଭାବରେ ଧରିଛନ୍ତି । ଆଧୁନିକ ପ୍ରଗତିପନ୍ଥୀମାନଙ୍କୁ ଲକ୍ଷ୍ୟକରି ପଣ୍ଡିତଜୀ ଯଥାର୍ଥରେ କହିଛନ୍ତି "ମାନବର ଆତ୍ମା ବୋଲି ବସ୍ତୁ ରହୁନାହିଁ । ଆହାର ନିଦ୍ରାଦି ବୃତ୍ତିର ଚରିତାର୍ଥ ମାପକାଠିରେ ପୃଥିବୀର ପ୍ରଗତି ମପାହେବା ଆରମ୍ଭ ହୋଇଅଛି । ଦାବୀ ଓ ଜୁଲୁମ୍ ଏହି ପ୍ରଗତିର ଶସ୍ତ୍ର । କର୍ତ୍ତବ୍ୟ ଓ ଆତ୍ମ ବିକାଶର ଏଥିରେ ସ୍ଥାନ ନାହିଁ ।"

( ନବଭାରତ, ଜୁଲାଇ ୧୯୪୫ ପୃ: ୩୨୩ )

ଗତାନୁଗତିକ ଧର୍ମରେ ନୀଳକଣ୍ଠଙ୍କର କୌଣସି ବିଶ୍ୱାସ ନଥିଲା । ବୃହତ୍ତର ଆଦର୍ଶ ଦୃଷ୍ଟିରୁ କାଳେ କାଳେ ଭାରତବର୍ଷରେ ଧର୍ମର ଧାରଣା ପ୍ରତିଷ୍ଠିତ । ଭାରତବର୍ଷରେ ଯୁଗେ ଯୁଗେ ପ୍ରକାଶିତ ବିଶ୍ୱତୋମୁଖୀ ତ୍ୟାଗ ଧର୍ମର ମହତ୍ତ୍ୱ ପଣ୍ଡିତଜୀଙ୍କୁ ବିଶେଷ ଆକର୍ଷିତ କରିଥିଲା । ପାଶ୍ଚାତ୍ୟପନ୍ଥୀ ତଥାକଥିତ ପ୍ରଗତିବାଦୀଙ୍କୁ ସେ ଭୋଗବାଦୀ ଚାର୍ବାକ୍ ପନ୍ଥୀଙ୍କ ସହିତ ତୁଳନା କରୁଥିଲେ । ବୃହସ୍ପତି ସଂହିତାର ଦୃଷ୍ଟାନ୍ତ ଦେଇ ସେ ଧର୍ମ ଯେ ଯୁକ୍ତିଉପରେ ପ୍ରତିଷ୍ଠିତ ତାହା ଅବଧାରଣା କରିଥିଲେ । ବୃହସ୍ପତି ସଂହିତାରେ ପ୍ରସ୍ତାବିତ ହୋଇଥିଲା— 'କେବଳଂ ଶାସ୍ତ୍ରମାଶ୍ରିତ୍ୟ ନ କର୍ତ୍ତବ୍ୟବିନିର୍ଣ୍ଣୟଃ

ଯୁକ୍ତିହୀନ ବିଚାରେ ତୁ ଧର୍ମହାନିଃ ପ୍ରବର୍ତ୍ତତେ ।'

Digitized by PPRACHIN, SOA

ଅର୍ଥାତ୍ ଏକା ଶାସ୍ତ୍ରର ଦ୍ୱାହି ଦେଇ କର୍ତ୍ତବ୍ୟ ନିର୍ଣ୍ଣୟ କରାଯାଏ ନାହିଁ । ଯେଉଁ ବିଚାରରେ ଯୁକ୍ତିନାହିଁ, ସେ ବିଚାରରେ କାର୍ଯ୍ୟ କଲେ, ଧର୍ମହାନି ହୁଏ । "ଧର୍ମ ବୋଇଲେ, ଭାରତ ସାହିତ୍ୟରେ ଯେପରି କେହି ଖ୍ରୀଷ୍ଟଧର୍ମ, ମୁସଲମାନ ଧର୍ମ ପରି ବସ୍ତୁ ନବୁଝନ୍ତି । ଏ ଦେଶରେ ଧର୍ମର ଅଥ ଋତ, ଅର୍ଥାତ୍, ବିଶ୍ୱସଂସ୍ଥାରେ ନିୟମିତ ବା ନିତ୍ୟ ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ । ଲୋକ ବ୍ୟବ-ହାରରେ ଯେଉଁ କର୍ତ୍ତବ୍ୟରେ ସମାଜର ସ୍ଥିତି ଠିକ୍ ରହେ ବା ଜନସାଧାରଣର ମଙ୍ଗଳହୁଏ, ତାହା ହିଁ ଧର୍ମ । ଏଥିରେ ଜନ ସମାଜ ଧରା ହୋଇ ରହେ ବୋଲି ଏହାର ନାମ ଧର୍ମ ।" ( ନବଭାରତ, ଜୁନ ୧୯୩୪, ମାନବ ପ୍ରଗତିର ଧାରା ) ।

ବିଶ୍ୱାସ ଉପରେ ଯୁକ୍ତିକୁ ପ୍ରତିଷ୍ଠା ଦେବା ଥିଲା ନୀଳକଣ୍ଠଙ୍କର ପ୍ରାଧାନ ଲକ୍ଷ୍ୟ । ଏହି ଲକ୍ଷ୍ୟରେ ସେ 'ନବଭାରତ' ପତ୍ରିକାର କଳ୍ପନା କରିଥିଲେ । 'ବିଧାତାଙ୍କ ସୃଷ୍ଟି' ପ୍ରବନ୍ଧଟିରେ ସେ ନବଭାରତର ଅଭିମୁଖ୍ୟ ସ୍ପଷ୍ଟ ପ୍ରକାଶ କରିଥିଲେ । ଏହି ପ୍ରବନ୍ଧଟି ୧୯୩୫ରେ ପଣ୍ଡିତଜୀ ଲେଖିଥିଲେ । ନିଜ ଜୀବନର ଶେଷ ପର୍ଯ୍ୟାୟରେ ଏହି ପ୍ରବନ୍ଧଟିକୁ ଓଡ଼ିଶାର ଗଣତାନ୍ତ୍ରିକ ଓ ଦେଶପ୍ରେମୀ ଶକ୍ତିର ସାଂସ୍କୃତିକ ସାମ୍ମୁଖ୍ୟ, "ମୈତ୍ରୀ ସାମ୍ମୁଖ୍ୟ," ତାଙ୍କର ପ୍ରଥମ ଆଲୋଚନା ପତ୍ର ରୂପେ ପ୍ରଚାର କରିଥିଲେ । ବିଧାତା ବିଶ୍ୱର ସ୍ରଷ୍ଟା ନୁହଁନ୍ତି, ମଣିଷ ହିଁ ନିଜ ମାପକାଠିରେ ବିଧାତାଙ୍କୁ ସୃଷ୍ଟି କରେ । ଯେଉଁ ଦେଶରେ ଯେପରି ଭାବରେ ବିଧାତାଙ୍କର କଳ୍ପନା କରାଯାଇ ଥାଉନା କାହିଁକି, ସମସ୍ତ ମୂଳରେ ଏକ ମାନବୀୟ ଆଦର୍ଶ ପ୍ରତିଫଳିତ । ନୀଳକଣ୍ଠଙ୍କ ଉକ୍ତିରେ "କାହା ବିଧାତା ଡରାନ୍ତି, କାହା ବିଧାତା ମାରନ୍ତି, କାହାବିଧାତା ତାରନ୍ତି × × × ସବୁ ବିଧାତା ପୁଣି ଏକ । କାହାରି ବିଧାତା କାହାରିଠାରୁ ବେଶୀ ବା କମ୍ ନୁହନ୍ତି, ପୁଣି ଗୋଟିଏ ଯୁକ୍ତିରେ ଦେଖାଯିବ ବିଧାତା ବୋଲି ଭାବ ସର୍ବତ୍ର ଏକ । ଏହି ବିଧାତା ଯେପରି ପ୍ରକାଶିତ ହୁଅନ୍ତି, ସେଥିରେ କୌଣସି ଇତର ବିଶେଷ ନାଇ । ଏହାହିଁ ସର୍ବ ଧର୍ମ ସମନ୍ୱୟ ଓ ମାନବୀୟ ଧର୍ମର ଏହା ହିଁ ମଜ୍ଜା ।" ବିଧାତାଙ୍କ ସୃଷ୍ଟି : ପୃ. ୩

ଧର୍ମ ହେଉଛି ପ୍ରକୃତରେ ସତ୍ୟଧର୍ମ । ଏହି ସତ୍ୟ ପୁଣି ଆପେକ୍ଷିକ । ଏହାର ସ୍ୱରୂପ କେବଳ ମହାପୁରୁଷମାନେ ଉପଲବ୍‌ଧି କରିଥାନ୍ତି । ନୀଳକଣ୍ଠଙ୍କ

Digitized by PPRACHIN, SOA

ଭାଷାରେ "ଜୀବା ମାନବର ଐହିକ ସୁଖହିଁ ସମସ୍ତ ସତ୍ୟଧର୍ମ ଓ ନ୍ୟାୟର ଉପେୟ । ଏହି ସୁଖକୁ ପାରିପାର୍ଶ୍ୱିକ ପରିସ୍ଥିତି ଭିତରେ ଯିଏ ଯେତେ ବ୍ୟାପକ ଓ ବିଶାଳ ଭାବରେ ଦେଖିପାରେ ସିଏ ସେତିକି ମହାପୁରୁଷ ।" ପୁଣି ଏଇ ସତ୍ୟର ସ୍ୱରୂପ କଣ ? ନୀଳକଣ୍ଠଙ୍କ ବ୍ୟାଖ୍ୟାରେ "ପାରିପାର୍ଶ୍ୱିକ ପରିସ୍ଥିତି ମଧ୍ୟରେ ଯାହା ସୁନ୍ଦର ଓ ସୁଖକର ତାହାହିଁ ସତ୍ୟ । ଦେଶକାଳପାତ୍ରରେ ସତ୍ୟ ଯେତିକି ସ୍ଥାୟୀହୁଏ, ଲୋକ ସମାଜ ଯେତିକି ଏହି ସତ୍ୟର ସମାଲୋଚନାରେ ଦୋଷ ଦେଖି ନ ପାରନ୍ତି, ସେତିକି ଏହି ସତ୍ୟର ସତ୍ୟତା । ଏହା ସର୍ବଦା ସାପେକ୍ଷ, ନିରପେକ୍ଷନୁହେଁ । ଜୀବାମାନ-ବର ମର୍ତ୍ତ ରାଜ୍ୟର କୌଣସି ନିରପେକ୍ଷ ସତ୍ୟ ବା ନିରପେକ୍ଷ ବସ୍ତୁର କଳନା ନାଇ ।" (ପୃ ୭) ସେ କାଳର ଆର୍ଯ୍ୟଋଷି, ଖ୍ରୀଷ୍ଟ, ମହମ୍ମଦଙ୍କ ଧର୍ମଠାରୁ ଆରମ୍ଭକରି ମଧ୍ୟଯୁଗର ବୈଷ୍ଣବ ଧର୍ମ ଓ ଆଧୁନିକ ସାମ୍ୟବାଦୀ ମାନଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ବିଚାରଧାରାକୁ ନୀଳକଣ୍ଠ ଭିନ୍ନ ଭିନ୍ନ ଭାବରେ ବିଶ୍ଳେଷଣ କରିଛନ୍ତି । ସମସ୍ତଙ୍କ ଲକ୍ଷ୍ୟ ଏକ ମାନବର ଦୁଃଖ ଦୂରୀକରଣ । ଏ ସବୁର ଊର୍ଦ୍ଧ୍ୱରେ ଦାର୍ଶନିକ ଦୃଷ୍ଟିର ସ୍ଥାନ । ଦର୍ଶନରେ ତଥା କଥିତ ଧର୍ମର କୌଣସି ସ୍ଥାନ ନାହିଁ । ଏହି ଧର୍ମର ସମାଲୋଚନାକରି ନୀଳକଣ୍ଠ କହିଥିଲେ, ମଣିଷ ଯଦି ଘୋଡ଼ା ହୋଇଯାନ୍ତା, ତେବେ ତାର ଈଶ୍ୱର ବାନ୍ଧି କରି ଖାଉ ନ ଥାନ୍ତେ, ସେ ହୁଏତ କଅଁଳ ଘାସ ଚରୁଥାନ୍ତେ ।" ପୃ. ୧୧

ଏହିଧର୍ମ ମନୁଷ୍ୟକୁ ଘୋର ଅହଂକାର ଓ ଅସତ୍ୟର ପଥରେ ନେଇଯାଏ । ଯଦି କିଛି ପାପ ଥାଏ, ତେବେ ଏହା ମହାପାପ । × × × "ଏଇ ଜଗତରେ ମାନବର ମର୍ତ୍ତ ମାନବପାଇଁ କଳ୍ପିତ ହେବ । ମାନବ ଉପରେ ମାନବର ଅଯଥା ଅତ୍ୟାଚାର ସେ ମର୍ତ୍ତର ଘୋର ପ୍ରତ୍ୟବାୟ ।" (ପୃ: ୧୪)

'ଜଗନ୍ନାଥେ ଭଲ କରନ୍ତୁ'—ଏହି ପଂକ୍ତିଟି ନୀଳକଣ୍ଠଙ୍କ ବ୍ୟକ୍ତିଗତ ଚିଠିର ଶୀର୍ଷ ଦେଶରେ ସ୍ଥାନ ପାଉଥିଲା । ନୀଳକଣ୍ଠଙ୍କ ମନ ପୌତ୍ତଳିକା ଓ ସବୁ ପ୍ରକାର ଈଶ୍ୱର ବିଶ୍ୱାସର ଊର୍ଦ୍ଧ୍ୱରେ ଥିଲା । ଜଗନ୍ନାଥ ତାଙ୍କପାଇଁ ଦେବତା ବିଶେଷ ନଥିଲେ । ସେ ଥିଲେ ଏକ ବଳିଷ୍ଠ ପରମ୍ପରାର ପ୍ରତୀକ ଓ ବିଶ୍ୱତୋମୁଖୀ ଅରୂପଭାବାଦର୍ଶର ଜୀବନ୍ତ ବିଗ୍ରହ । ଏହି ଭାବ ବୁଦ୍ଧିଜୀବୀ ଦରଦୀ ନୀଳକଣ୍ଠଙ୍କର ପ୍ରବୁଦ୍ଧ ମାନସିକତାର ଏକାଂଶକୁ ବିଶେଷ ପ୍ରଭାବିତ କରିଥିଲା । ଖୁବ୍ ସମ୍ଭବତଃ କୈଶୋର ଜୀବନରୁ ଯୁବାବସ୍ଥାରୁ ତାଙ୍କ ଅନ୍ତଃ-

Digitized by PPRACHIN, SOA

ଚେତନାରେ ଅଲକ୍ଷ୍ୟରେ ଏକ ଭାବ ଗଢ଼ି ଉଠିଥିଲା । ସମସ୍ତକ୍ରମେ ଜ୍ଞାନସାଧନା ଓ ବିପୁଳ କର୍ମ ଜୀବନର ଅଭିଜ୍ଞତା ଭିତ୍ତିରେ ଏହା ନୀଳକଣ୍ଠଙ୍କ ବ୍ୟକ୍ତିତ୍ୱର ଏକ ଅଙ୍ଗରୂପେ ପରିଣତ ହୋଇଥିଲା । ପ୍ରାକ୍ ବୈଦିକ ଶୂନ୍ୟବାଦର ଧାରା-ଠାରୁ ବୈଦିକ ଓଁକାର ସୃଷ୍ଟି ପର୍ଯ୍ୟନ୍ତ ସବୁ କିଛିକୁ ସେ ଜଗନ୍ନାଥ ଓ ଓଡ଼ିଆ ସାମାଜିକ ଓ ସାହିତ୍ୟିକ ପରମ୍ପରା ସହିତ ସମନ୍ୱିତ କରି ବିଚାର କରୁଥିଲେ । ଏହି ବିଚାରର ଭିତ୍ତି ଭୂମିରେ ହିଁ ସେ "ଓଡ଼ିଆ ସାହିତ୍ୟର କ୍ରମ ପରିଣାମ" ରଚନା କରିଥିଲେ । ମାତ୍ର ଏହାର ବହୁପୂର୍ବରୁ ଏପ୍ରିଲ ୨୩, ୧୯୩୮ ନିଖିଳ ଉତ୍କଳ ସାହିତ୍ୟ ସମ୍ମିଳନୀର ସଭାପତି ଅଭିଭାଷଣରେ ସେ ନିଜର ଏହି ଦର୍ଶନ ଘୋଷଣା କରିଥିଲେ ।

"ଏହି ଜଗନ୍ନାଥ ହେଉଛି, ଓଡ଼ିଆ ସମାଜ, ସଭ୍ୟତା ଓ ' ସ ପରମ୍ପରାର ବଳିଷ୍ଠତମ ନିଦର୍ଶନ । ଏପରି ଗୋଟିଏ ମହାମ୍ପରାର ନିଦର୍ଶନ ପୃଥିବୀରେ ଅନ୍ୟତ୍ର ଥିବାର ମନେ ହୁଏ ନାହିଁ । ବୈଷ୍ଣବ ଧର୍ମର ବିଗ୍ରହ ଓ ଆବରଣ ଭିତରେ ଓଡ଼ିଆ ପରମ୍ପରାର ପ୍ରାଣ ଏଇଠାରେ । ଇନ୍ଦ୍ରକୁ ବଳିଦେଇ ଯେଉଁମାନେ ଭୋଗମାଗୁ ଥିଲେ, ସେମାନଙ୍କର ଇହକାଳରେ କାମନା ଥିଲା, ପୁତ୍ର ପଶୁ ସଙ୍ଗେ ଦାସ ଦାସୀ, ପରକାଳରେ ଥିଲା ନନ୍ଦନର ସର୍ବତୋରିଞ୍ଜୁ ସୁଖ ପାରିଜାତ, ଚିର ଯୌବନା ମେନକାର ବିଭ୍ରମ ଓ ଲାସ୍ୟ, ମର୍ତ୍ତ୍ୟରେ ଅଜ୍ଞାତ ସ୍ୱାଦ ଅମୃତ । ବ୍ୟକ୍ତିର ଭୋଗ, ପରିବାରର ସୁଖାଦ୍ୟ ଯେଉଁଠାରେ ଭୋଗ କାଙ୍ଗାଳ ଜୀବନର ଏକାନ୍ତ କାମନା, ସେଠାରେ ମାନବର ସମତା କାହିଁ ? ବରଂ ଜାତି ବା ବର୍ଣ୍ଣଭେଦ ସେଇ ସମାଜର ବିକାଶ ।"

('ନବଭାରତ', ମୀନ ୧୩୪୫, ପୃଷ୍ଠା ୭୦୪-୭୦୬)

ପୁଣି ଆହୁରି ସ୍ପଷ୍ଟ ଭାଷାରେ ସେ କହିଛନ୍ତି :

"ସ୍ୱୟଂ ଜଗନ୍ନାଥ ଆଜି ମାନବ ବିକାଶ ତଥା ମାନବ ସାହିତ୍ୟର ଯେ ପୂର୍ଣ୍ଣ୍ୟ ଓ ନିତ୍ୟ ସମାଧାନର ଆଲୋକ ଧରି ଓଡ଼ିଆ ପରମ୍ପରାର ଯେ ଉପ-ଯୋଗିତା ଓ ଉପେଯୁକ୍ତ ସଙ୍କେତ ସ୍ୱଦେହରେ ବ୍ୟକ୍ତ କରୁଅଛନ୍ତି, ତାହା ପ୍ରତିମା ପୂଜାର ଆବରଣରେ ଆବୃତ ରହି ନ ପାରେ; ବଡ଼ ସିଂହାର, ଅର୍ଥାତ୍ ବାତ୍ସ୍ୟାୟନବର୍ଣ୍ଣିତ ନାଗରର ନୈଶ ବେଶଭୂଷା, ତଥା ଦେବଦାସୀର ନୃତ୍ୟରେ କଳଙ୍କିତ ହୋଇନାହିଁ; ପୁରାଣ ଭାରତର ପ୍ରକୃତ ଦେବତା ଶିବ ଆଜି ରୁଦ୍ରରୂପ ଛାଡ଼ି ଶକ୍ତିଙ୍କୁ ଆଦରି ଏକାବେଳକେ ଅର୍ଦ୍ଧନାରୀଶ୍ୱର । ଶକ୍ତିର ଶକ୍ତିରେ ଭଗ-

Digitized by PPRACHIN, SOA

ଦେଇ ସେ ଆଜ ଠିଆ ହୋଇ ପାରିଚନ୍ତି । ମାନ ସାମ୍ୟହିଁ ଏକା ବୁଦ୍ଧ-ବିଷ୍ଣୁ ଜଗନ୍ନାଥଙ୍କ ଶକ୍ତି । ଲକ୍ଷ୍ମୀ ସରସ୍ଵତୀ ସମାନ ଭାବରେ ଏଇ ସାମ୍ୟର ଦାସୀ । ଏଠାରେ ମାନବର ସାହିତ୍ୟ ବିକାଶରେ ମାନବିକ ଅହଙ୍କାର ଶାନ୍ତ ଓ ସମାହିତ, ଭୋଗର ତୀବ୍ର ସଂଗ୍ରାମ ସଂଯତ ଓ ତୃପ୍ତ । ଓଡ଼ିଆ ସାହିତ୍ୟର ଏହା ଭାରତ ତଥା ମାନବିକ ସାହିତ୍ୟକୁ ମହାଦାନ ।”

× × × ×

“ପୃଥିବୀ ଲୋଡ଼େ ସେହି ଶବର ଦେବ ଜଗନ୍ନାଥଙ୍କ ପ୍ରାଣ ପ୍ରତିଷ୍ଠା । ଓଡ଼ିଆ ପରମ୍ପରାର ମାନବ ସମାଜକୁ ଏହି ଦାନଟି ଦେବାର ଅଛି । ଏହାହିଁ ଏକ କଥାରେ ଓଡ଼ିଆ ସାହିତ୍ୟର ଉପଯୋଗିତା । ବହିଃ ପ୍ରଭାବର ଅତ୍ୟାଗ୍ରହ ଓ ତଜ୍ଜନିତ ଗୌଣତ୍ଵ ମନୋବୃତ୍ତିର ଆତ୍ମସଙ୍କୋଚରେ ଓଡ଼ିଆ ପରମ୍ପରାର ବଳିଷ୍ଠ ବ୍ୟକ୍ତିତ୍ଵର ଏହି ପ୍ରକାଶଟି ସ୍ଵତନ୍ତ୍ର ହେଲେହେଁ ସମୁହ ମାନବିକ ସାହିତ୍ୟର ଉପାଦାନ ।” × × × “ଓଡ଼ିଆ ସାହିତ୍ୟର ଜୀବନ୍ତ ଓ ପାରମ୍ପରିକ ବ୍ୟକ୍ତିତ୍ଵକୁ ବିଶ୍ଵପୀଠରେ ଫୁଟାଇବା ଉପଯୋଗିତାରେ ଆତ୍ମଲାଭ କରି ବିଶ୍ଵ ପରିବାରରେ ଓଡ଼ିଆ, ଓଡ଼ିଆ ହେବ ।”

(ନବଭାରତ, ମୀନ ୧୩୪୫, ପୃଷ୍ଠା ୭୦୭)

ନୀଳକଣ୍ଠ ଚିର ପ୍ରଗତିଶୀଳ ଥିଲେହେଁ ନିଜ ମାପକାଠିରେ ମାପି ତାଙ୍କୁ କେହି କେହି ପରମ୍ପରାର ଭକ୍ତ ବୋଲି ମନେ କରୁଥିଲେ । କିନ୍ତୁ ପ୍ରକୃତରେ ନୀଳକଣ୍ଠ ନିଜ ପୂର୍ବୋଦ୍ଦୃଷ୍ଟିରେ ପରମ୍ପରାକୁ ପରୀକ୍ଷା କରି ନିଜ ଯୁଗୋପଯୋଗୀ ଉପାଦାନ ସକଳ ଆହରଣରେ ବିଶ୍ଵାସୀ ଥିଲେ । କେବଳ ନୂଆ ଗଢିବା ପାଇଁ ପୁରୁଣାକୁ ଭାଙ୍ଗିବାରେ ସେ ଆଦୌ ପକ୍ଷପାତୀ ନଥିଲେ । “ଘରଟି ଗଢିବାଠାରୁ ଭାଙ୍ଗିବା ସହଜ; ତେଣୁ ଯଦି ନୂଆ ଘର ତୋଳିବା ଉଦ୍ଦେଶ୍ୟ ହୁଏ, ତେବେ ସମସ୍ତ ଉପକରଣ ଠିକ୍ କରି ପୁରୁଣା ଘର ଭାଙ୍ଗିବାକୁ ହେବ ଓ ପୁରୁଣା ଘରୁ ଉପଯୁକ୍ତ ଉପକରଣ ଯେତେ ଆୟୋଜନ କରାଯିବ ସେତେ ଅଳ୍ପବ୍ୟୟ ଓ ପରିଶ୍ରମରେ କାର୍ଯ୍ୟଟି ସମ୍ପନ୍ନ ହେବ । × × × ଖାଲି ଘରଟି ଭାଙ୍ଗି ପକାଇଦେଲେ ପଡ଼ିଆ ଉପରେ ବିଛୁଆତି ଦୁଦୁରା ଉଠିବା ସ୍ଵାଭାବିକ । ସେଥିରେ କାହାରି ହାତନାହିଁ । ସମାଜ ମଧ୍ୟ ସେହିପରି ଗୋଟିଏ ଗୃହ । ତେଣୁ ତାକୁ ଭାଙ୍ଗିବା ପୂର୍ବରୁ ଗଢିବାର ସରଞ୍ଜାମ ବ୍ୟବସ୍ଥା କରି ରଖିବା ଉଚିତ ।”

Digitized by PPRACHIN, SOA

ପଣ୍ଡିତ ନୀଳକଣ୍ଠଙ୍କ ମନ ବିଶ୍ୱତୋମୁଖୀ ଭାବଧାରାରେ ପୁଷ୍ଟ ଥିଲା । କିନ୍ତୁ ସମସ୍ତର ଊର୍ଦ୍ଧ୍ୱରେ ଥିଲା ତାଙ୍କର ସ୍ୱଦେଶ ଚିନ୍ତା । ସେ ଦେଶକୁ ଆଖି ଆଗରେ ରଖି ବିଶ୍ୱ ସଭ୍ୟତା ଓ ସଂସ୍କୃତିର ମୂଲ୍ୟାୟନ କରୁଥିଲେ । ତେଣୁ ତାଙ୍କଠାରେ ନିର୍ଜୀବ ଆଦର୍ଶବାଦର କୌଣସି ମୂଲ୍ୟ ନଥିଲା । ଓଡ଼ିଶାର ଅପାମର ଜନସାଧାରଣଙ୍କୁ ଘେନି ସେ ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ କାମନା କରୁଥିଲେ । ସ୍ୱାଧୀନତାର ପ୍ରାକ୍-କାଳରେ ଓଡ଼ିଆ ଭାଷା ଓ ସାହିତ୍ୟର ଅଧ୍ୟୟନ ଓ ଅଧ୍ୟାପନା ସଙ୍ଗେ ଆଦିମ ଅଧିବାସୀମାନଙ୍କର ଭାଷା ତଥା ଅଲିଖିତ ଲୋକସାହିତ୍ୟକୁ ସେ ପ୍ରାଧାନ୍ୟ ଦେଉଥିଲେ । ତେଣୁ ସେ ଲେଖିଥିଲେ, "ଓଡ଼ିଆ ସାହିତ୍ୟର କ୍ରମ ପରିଣାମ ଦେଖିବାକୁ ହେଲେ ଲିଖିତ ସାହିତ୍ୟର ନ ଥିବା ସମୟର ଯେଉଁ ପ୍ରଭାବ ଅଛି ତାହା ଯଥା ସମ୍ଭବ ଫେଡ଼ି ଦେଖିବାକୁ ହେବ । X X X X ଏହି ସମସ୍ତ ଲୋକ ସଭ୍ୟତା ଓ ସାହିତ୍ୟ ଭିତରେ ଖୋଜିବାକୁ ହେବ, ଧାରାବାହିକ ସଭ୍ୟତାର ବିକାଶ ଭିତରେ ଓଡ଼ିଆ ସାହିତ୍ୟର ଯଥାର୍ଥ ସ୍ୱରୂପ କଣ ?" ନୀଳକଣ୍ଠଙ୍କ ବିଚାରରେ କୌଣସି ହୀନମନ୍ୟତା ନଥିଲା । ଆଦାନ ପ୍ରଦାନରେ ହିଁ ସଂସ୍କୃତିର ଯଥାର୍ଥ ସ୍ୱରୂପ ପ୍ରକାଶିତ ହୁଏ । କୌଣସି ପ୍ରକାର ହୀନମନ୍ୟତା, ଆତ୍ମଶ୍ଳାଘା ଓ ଅନୁକରଣ ସର୍ବସ୍ୱତାର ସେ ଥିଲେ ଘୋର ବିରୋଧୀ । ସେ କହୁଥିଲେ; ବିଶ୍ୱାସ କରିବାକୁ ହେବ, ଆମର ନିଜର ସାହିତ୍ୟ ତଥା ସମାଜକୁ ସୁଦୃଢ଼ ଓ ସୁପୁଷ୍ଟ କରିବା ହିଁ ଆମର ଭାରତ ସେବା ଓ ସେହି ସୂତ୍ରରେ ବିଶ୍ୱସେବା । ବିଶ୍ୱ ଶୃଙ୍ଖଳାରେ ଓଡ଼ିଆର ନେବାର ଯେପରି ଅଛି, ଦେବାର ମଧ୍ୟ ସେହିପରି ଅଛି । X X X X ଆମ ସାହିତ୍ୟ ଓ ସମାଜରେ ଦୃଢ଼ତା ଓ ଆତ୍ମବିଶ୍ୱାସ ବିନା ସେହି ନେବା ଦେବା ସମ୍ଭବ ହେବନାହିଁ । ଭାରତ ସଭ୍ୟତା ଖଣ୍ଡିତ ହେବ । ବିଶ୍ୱ ସଭ୍ୟତା ସେହିଭାବରେ ଅପୂର୍ଣ୍ଣ ରହିବ ।"

( ଓଡ଼ିଆ ସାହିତ୍ୟର କ୍ରମ ପରିଣାମ-୧ମ ଭାଗ: ପୃ: ୨୪ )

ନୀଳକଣ୍ଠ ଯଥାର୍ଥରେ ଥିଲେ ଜଣେ ଅକୁତୋଭୟ ବୁଦ୍ଧିଜୀବୀ । ସ୍ୱକାଳର ସମସ୍ତ କର୍ମଦକ୍ଷତା, ଅତୀତର ପ୍ରଜ୍ଞା ଓ ଭବିଷ୍ୟତର ପୂର୍ବଦୃଷ୍ଟି ତାଙ୍କ ବ୍ୟକ୍ତିତ୍ୱରେ ଏକୀଭୂତ ହୋଇଥିଲା । ସମସ୍ତ ଜ୍ଞାନ ବିଜ୍ଞାନର ସାରମର୍ମ ସେ ଗ୍ରହଣ କରିବାକୁ ସଦା ଉନ୍ମୁଖ ଥିଲେ । ତାଙ୍କ ବୃହତ୍ ମସ୍ତିଷ୍କ ଥିଲା ଏକ ବିଶ୍ୱ-କୋଷ । କିନ୍ତୁ, ଜ୍ଞାନକୁ କର୍ମରୁ ଭିନ୍ନକରି ସେ କେବେ ଦେଖୁନଥିଲେ । କାହାରି

Digitized by PPRACHIN, SOA

ପ୍ରତି ତାଙ୍କର କୌଣସି ବ୍ୟକ୍ତିଗତ ଘୃଣା ନ ଥିଲା । ସାଧାରଣ ଜୀବନରେ ତାଙ୍କର କେହି ଶତ୍ରୁ ନଥିଲେ । ପ୍ରବୀଣ ବୟସରେ ବି ସେ ଥିଲେ ଚିର ତରୁଣ । ନୂତନର ଆବାହନରେ ତାଙ୍କର କୌଣସି ଶଙ୍କା ନ ଥିଲା, ସେଥିପାଇଁ ସେ ତାଙ୍କର ଗୁରୁ, ବନ୍ଧୁ, ସଖା ଓ ପଥ ପ୍ରଦର୍ଶକଙ୍କ ଉଦ୍ଦେଶ୍ୟରେ ଯାହା ଲେଖିଥିଲେ—

"ଯୁବଭାବେ ଧରା ହସୁ, ସ୍ମୃତିରେ ପ୍ରଶାନ୍ତ ମିଶୁ"

ତାହାହିଁ ଥିଲା ନୀଳକଣ୍ଠଙ୍କ ମହାନ୍ ଜୀବନରେ ଶ୍ରେଷ୍ଠ ଆଦର୍ଶ । ଏଇ ଆଦର୍ଶର ଉପଲବ୍ଧିରେ ହିଁ ନୀଳକଣ୍ଠ ଏବେ ବି ଆମ ସ୍ମୃତିରେ ଅମର । କାଳର ପ୍ରବାହରେ ଏହି ସ୍ମୃତି ଯେତେ ଅନୁକଣା ଭଳି କ୍ରିୟା ପ୍ରତିକ୍ରିୟା ମଧ୍ୟରେ ସଙ୍କୁଳିତ ହେଉଥିବ, ତାହା ସେତେ ଉଜ୍ଜ୍ୱଳ ହୋଇ ଉଠୁଥିବ, ତେଜୋ-ଦୀପ୍ତ ଏକକ ସୂର୍ଯ୍ୟ-ଦୀପ୍ତି ବିକିରଣ ମଧ୍ୟରେ ନବ ସୃଜନର ଅଙ୍କୁର ଫୁଟାଇ ଚାଲିଥିବ । ଜୀବନର ଉତ୍ସମୁଖର ମହାନ ସତ୍ତାର ଯେଉଁ ସ୍ଥାନ, ଏଇ ଅଙ୍କୁରର ମଧ୍ୟ ସେଇ ସ୍ଥାନ । ବ୍ୟକ୍ତି ନୀଳକଣ୍ଠ ସେଇ ଅଙ୍କୁରର ପ୍ରାଣଶକ୍ତି ଯେଣୁ ଏବେ ବି ନିତ୍ୟ ନୂତନ ପ୍ରକାଶର ପ୍ରାଣର-ବନ୍ୟାରେ ଉଚ୍ଛଳ ହୋଇ ରହିଛନ୍ତି, ଏହା କହିଁତ ବୁଝିଲେ ନୀଳକଣ୍ଠଙ୍କ ମାନସର ଦୀପ୍ତି ଓ ଉତ୍ତାପ ନବ ନବ ସୃଷ୍ଟିର ସଂଧାନ ଦେବ ।

—❊—

Digitized by PPRACHIN, SOA

# ଅଧ୍ୟାପକରୁ ଅଧିନାୟକ

ଅଧିନାୟକ ଶବ୍ଦଟି ପ୍ରଚଳିତ ଭାଷାରେ କିଞ୍ଚିତ୍ ସଂକୁଚିତ ଅର୍ଥରେ ବ୍ୟବହୃତ । କେହି ମନେକରନ୍ତି, ବିଶିଷ୍ଟ ରାଜନୈତିକ ନେତାମାନେ ଅଧିନାୟକ ଅଥବା ସାମରିକ ନେତାମାନେ ହିଁ ଅଧିନାୟକ । ଏହି କଥାଟିର ପ୍ରୟୋଗ ମୂଳତଃ ଏପରି ହେବାର ନୁହେଁ । ସଭ୍ୟତା ବିକାଶର ଆଦିକାଳରୁ ସମାଜର ସଭ୍ୟ ମାନେ ବୀର ନାୟକର ଭୂମିକାରେ ଅବତୀର୍ଣ୍ଣ ହୋଇ ଆସି-ଛନ୍ତି । କାରଣ ଆଦି ସ୍ତରରେ ସମାଜ ମାନେହିଁ ଥିଲା ସାମ୍ୟ ଓ ଶ୍ରମ ଶାସିତ ସମାଜ । ଏହି ଆଦିମ ସମାଜରେ ଏକଦିଗରେ ଶ୍ରମ ଲାଘବର ପ୍ରୟାସ ଓ ଅନ୍ୟଦିଗରେ ପ୍ରକୃତିର ଅଚିନ୍ତ୍ୟ ରହସ୍ୟ ଉନ୍ମୋଚନର ପ୍ରୟାସହିଁ ସୃଷ୍ଟି କଲା ଅଧିନାୟକ-ତନ୍ତ୍ର । ଏଥିରେ ଥିଲେ ହୁଏତ ଆଦିମ ସମାଜର ପୁରୋହିତ, କବି, ଗୁରଣ, ବୈଜ୍ଞାନିକ ବା ଯାଦୁକର । କିନ୍ତୁ ସଭ୍ୟତାର ବିକାଶ କ୍ରମେ ମନୁଷ୍ୟର ଜ୍ଞାନଧାରା ଲିପିକୃତ ହେଲା । ସମାଜର ଶକ୍ତି ପୂଞ୍ଜୀଭୂତ ହେଲା । ବ୍ୟକ୍ତି ନାୟକ ପରିବର୍ତ୍ତେ ·ଗୋଷ୍ଠୀନାୟକ ତନ୍ତ୍ର ଓ ଏକନାୟକ ତନ୍ତ୍ରର ବିବର୍ତ୍ତନ ଘଟିଲା । ଏହି ଧାରାରେ ସମାଜରେ କେତେ ଉତ୍‌ଥାନ ପତନ ଦେଖାଦେଲା ଓ ଦେଖାଦେଲା ବିଭେଦ ଓ ବିଭାଜନ । ଏହି ବିଚିତ୍ର ଇତିହାସର କ୍ରମ ପରିଣତିର ଏକ ଚରମ ସୋପାନରେ ବିଂଶ ଶତକର ପୃଥିବୀ ପହଞ୍ଚି ଅଛି ।

ଏହି ଶତାବ୍ଦୀର ପ୍ରଥମ ପାଦରେ ହିଁ ନୀଳକଣ୍ଠଙ୍କର ବ୍ୟକ୍ତିତ୍ୱର ବିକାଶ ଘଟିଥିଲା । ଭାରତ ପାଇଁ ଏହାଥିଲା ଏକ ଜାତୀୟ ଅଭ୍ୟୁତ୍‌ଥାନର ଯୁଗ । ମାତ୍ର ଜଗତ ପାଇଁ ବିଶେଷତଃ ପାଶ୍ଚାତ୍ୟ ଜଗତ ପାଇଁ ଏହାଥିଲା ଏକକ ସ୍ୱୈର ତନ୍ତ୍ର ( Dictatorship ) ଅଥବା ବ୍ୟକ୍ତିକୈନ୍ଦ୍ରିକ ଗଣତନ୍ତ୍ର ଓ ସାମ୍ୟତା ସଂଘାତର ଯୁଗ । ସାମ୍ୟତନ୍ତ୍ର ମଧ୍ୟ ସର୍ବହରା ଏକ-ନାୟକତନ୍ତ୍ରର ଆଦର୍ଶ ପ୍ରଚାର କରୁଥିଲା । ସର୍ବତ୍ର ଯେପରିକି ଏକନାୟକ

Digitized by PPRACHIN, SOA

ତନ୍ତ୍ରର ଜୟଧ୍ୱନି ଉଚ୍ଚାରିତ ହେଉଥିଲା । ଏକନାୟକତନ୍ତ୍ରର ବିରୋଧରେ ସଂଗ୍ରାମଶୀଳ ଜନସାଧାରଣଙ୍କ ମଧ୍ୟରେ ବି ଏହି ଏକତନ୍ତ୍ରବାଦିତାର ଅଙ୍କୁର ଆକସ୍ମିକ ଓ ଦ୍ରୁତ ପ୍ରଫୁଟିତ ହେଉଥିଲା । ଚିନ୍ତାର ଏଇ ବୈକଲ୍ୟ ଓ ବିପ୍ଳବର ଯୁଗରେ ସର୍ବତ୍ର ଅନ୍ଧ ବିଶ୍ୱାସ ଓ ଅବିଶ୍ୱାସର ଝଂଜା ମଧ୍ୟରେ ଯୁକ୍ତି ଓ ମୈତ୍ରୀର ଆଲୋକ ଶିଖା ମ୍ଳାନ ହୋଇଆସିଥିଲା । ଏହି ଯୁଗରେ ଭାରତର ସର୍ବପ୍ରାନ୍ତରେ ସୁପ୍ରାଚୀନ ଶବର ଓ ଦ୍ରାବିଡ଼ ସେବିତ ଭୂମିଖଣ୍ଡ ମଧ୍ୟରେ ଆର୍ଯ୍ୟ ଐତିହ୍ୟର ଉତ୍ତର ଦାୟାଦ ଏକ କ୍ଷୁଦ୍ର ଜନଗୋଷ୍ଠୀର ସୁପ୍ରୋତ୍‌ଥିତ ପ୍ରାଣରେ ବିଶ୍ୱମୈତ୍ରୀ ଓ ମାନବତାର ପ୍ରଗତିର ସ୍ୱପ୍ନ ଏକ ତେଜସ୍ୱୀ ପୁରୁଷଙ୍କର ମନକୁ ଯେ କେବଳ ଉଦ୍‌ବୁଦ୍ଧ କରିଥିଲା ତାହାନୁହେଁ, ଏକ ପ୍ରକାର ଆଚ୍ଛନ୍ନ କରି ରଖିଥିଲା । ଏଇ ହେଉଛନ୍ତି ମହାମନା ପଣ୍ଡିତ ନୀଳକଣ୍ଠ ଦାସ । ଏହି ବିଂଶ ଶତକର ପ୍ରଥମ ପାଦରେ ହିଁ ସେ ଯେପରିକି ନିଜ ସାଧନା ଓ ସିଦ୍ଧିର ଦିଗଦର୍ଶନ ଖୋଜି ପାଇଥିଲେ 'ଶିକ୍ଷକତା' ସାହିତ୍ୟ ସେବା ଓ ଅଧ୍ୟାପନା ମଧ୍ୟରେ । ସତ୍ୟବାଦୀର ଶିକ୍ଷକ ନୀଳକଣ୍ଠ ସ୍ନାତକୋତ୍ତର ଓଡ଼ିଆ ବିଭାଗର ପ୍ରଥମ ଅଧ୍ୟାପକ ହୋଇଥିଲେ, ସେ କାଳର ବିଶ୍ୱବିଶ୍ରୁତ ଓ ଭାରତର ଶ୍ରେଷ୍ଠ ପ୍ରତିଭାର ମିଳନସ୍ଥଳ କଲିକତା ବିଶ୍ୱବିଦ୍ୟାଳୟରେ ( ୧୯୨୦ ସେପ୍‌ଟେମ୍ବରରୁ ୧୯୨୧ ଜାନୁୟାରୀ ଯାଏ ) । ଏ ପଦ ଥିଲା କେବଳ ଗୌରବ କିମ୍ବା ମର୍ଯ୍ୟାଦାର ନୁହେଁ, ଜଣେ ଆତ୍ମବିଶ୍ୱାସୀ ସମ୍ପନ୍ନ ପୂର୍ବୋଦେଷ୍ଟା ବୁଦ୍ଧିଜୀବୀର ସର୍ବାତ୍ମକ ବିକାଶର ଅନୁକୂଳ । କିନ୍ତୁ ନୀଳକଣ୍ଠ ଏହି ପଦରେ ଦୀର୍ଘଦିନ ଧରି ରହିବାକୁ ଶ୍ଳାଘ୍ୟ ମଣି ନ ଥିଲେ, ଏହାର ଆପାତତଃ କାରଣ ଭାବରେ କୁହାହୋଇଅଛି—ସ୍ୱାଧୀନତା ସଂଗ୍ରାମରେ ଯୋଗଦେବା ପାଇଁ ସେ ଏହା ଛାଡ଼ି ଥିଲେ । ବସ୍ତୁତଃ ଏକ ପରାଧୀନ ଜାତିର ସବୁଠାରୁ ପ୍ରିୟ ଧ୍ୟାନର ବସ୍ତୁ ସ୍ୱାଧୀନତା । ଏହି ସ୍ୱାଧୀନତାର ବେଦୀରେ ଆତ୍ମୋତ୍ସର୍ଗର ଉଦଗ୍ର କାମନା ହୁଏତ ନୀଳକଣ୍ଠଙ୍କୁ ଅଧ୍ୟାପକର ମୋହ ଛାଡ଼ିବାକୁ ବାଧ୍ୟ କରିଥିଲା । କିନ୍ତୁ ପ୍ରତ୍ୟେକ କାରଣର ନେପଥ୍ୟରେ ଥିବା ଭାବଭୂମିକୁ ବିଶ୍ଳେଷଣ କଲେ ଏହିପଦକ୍ଷେପ ସହିତ ଏକ ଗୌଣମନ୍ୟତାର ଭାବ ହୁଏତ ସେ କାଳରେ ଥିଲା ଓ ଆଜି ବି ଅଛି, ଏହା ଅସ୍ୱୀକାର କରାଯାଇ ନ ପାରେ । ଏହା ଠିକ୍ ଭାବରେ ବୁଝିବାକୁ ହେଲେ ଆଧୁନିକ ସମାଜର ପରିପ୍ରେକ୍ଷିରେ ଏଲିଟ୍ (Elite) ତତ୍ତ୍ୱର ଭୂମିକା ବୁଝିବା ଆବଶ୍ୟକ ।

Digitized by PPRACHIN, SOA

ଆତ୍ରାତ ଦୃଷ୍ଟିରେ ଆଧୁନିକ ଶିଳ୍ପ ଶାସିତ ସମାଜରେ 'ଏଲିଟ୍' ବା ସର୍ବାଧିନାୟକ ଭାବରେ ଶାସକମାନଙ୍କୁ ଦେଖିବାକୁ ମିଳେ । ଏମାନେ ପ୍ରଥମତଃ ଏକ ହୀନମନ୍ୟତା ଭିତରୁ ଆତ୍ମପ୍ରକାଶ କରି ଆଧିପତ୍ୟର ଚରମ ସୀମାକୁ ଉଠନ୍ତି । ଏମାନଙ୍କ ହୀନମନ୍ୟତା କେତେବେଳେ ଦୈହିକ, ପୁଣି ଅନେକ କ୍ଷେତ୍ରରେ ମାନସିକ । ଏହା ଯେ କେବଳ ଆଧୁନିକ ଯୁଗରେ ଦେଖାଯାଏ ତାହା ନୁହେଁ, ପ୍ରାଚୀନ ଯୁଗରେ ବି ଦେଖିବାକୁ ମିଳେ । 'ତିମୁର୍' ଥିଲେ ଖ୍ରୋଞ୍ଚ, 'ନେପୋଲିଏନ୍' ଥିଲେ ଖର୍ବାକୃତି ଓ 'ହିଟ୍‌ଲର' ଥିଲେ ବି ସଦୃଶ । କିନ୍ତୁ, ଏହି ଅଧିନାୟକମାନେ ନିଜର ଆଧିପତ୍ୟ ବିସ୍ତାର ପାଇଁ ତିନୋଟି ଶ୍ରେଣୀର ଲୋକଙ୍କୁ ଧରନ୍ତି । ପ୍ରଥମତଃ ବୁଦ୍ଧିଜୀବୀ, ଦ୍ୱିତୀୟତଃ ବ୍ୟୁରୋକ୍ରାଟ୍‌ସ ଓ ତୃତୀୟତଃ ମ୍ୟାନେଜରସ୍ । ଏମାନଙ୍କ ମଧ୍ୟରେ କ୍ଷମତାର ସୂତ୍ରଧର ଥାଆନ୍ତି ଶେଷୋକ୍ତ ଦୁଇଟି ବର୍ଗ । କିନ୍ତୁ ଜନସାଧାରଣଙ୍କ ଉପରେ ସର୍ବାତ୍ମକ ପ୍ରଭାବ ବିସ୍ତାର କରିବାକୁ ହେଲେ ବୁଦ୍ଧିଜୀବୀ ଶ୍ରେଣୀର ସହାୟତା ପ୍ରୟୋଜନ ହୋଇଥାଏ । ମାତ୍ର ଯେଉଁ ସମାଜରେ ଉଦାର ଶିକ୍ଷା ବହୁ ବ୍ୟାପକ, ସେହି-ଠାରେ ହିଁ ବୁଦ୍ଧିଜୀବୀଙ୍କର ପ୍ରଭାବ ଜୋର । ମାତ୍ର ଆଜି ବି ସଂସ୍କାରମୁକ୍ତ ହେତୁ-ବାଦୀ ଉଦାରନୈତିକ ଶିକ୍ଷାର ପ୍ରସାର ଅତ୍ୟନ୍ତ ସୀମାବଦ୍ଧ । ପୁଣି ଆତାତତଃ ଉଚ୍ଚ ଶିକ୍ଷିତଙ୍କ ମାନସିକତାର ଏକାଂଶ ଗତାନୁଗତିକଭାବ ଓ ପାରମ୍ପରିକ ଆଗ୍ରହ ଦ୍ୱାରା ନିୟନ୍ତ୍ରିତ । ଫଳରେ ଜନସମାଜରେ ଯେଉଁ ସାମ୍ୟ ଓ ମୈତ୍ରୀ ସୃଷ୍ଟି କରିବା ଏତଦ୍‌ବାଦର ଧର୍ମ, ତାହା ବ୍ୟାହତ । ଏହାର ବିରୋଧରେ ଜନସାଧାରଣ ବିପ୍ଳବୀ ହୁଅନ୍ତି । ଆତ୍ମ ଶାସିତ କୁଶଳକର୍ମୀ ବ୍ୟକ୍ତିଙ୍କ ପକ୍ଷରେ ଅହେତୁକ ଭୟ ଓ ଅନାବଶ୍ୟକ ନିୟନ୍ତ୍ରଣର ମୁଖାମୁଖୀ ହେବାହିଁ ଯଥାର୍ଥରେ ବିପ୍ଳବ । ଯଥାର୍ଥ ଶିକ୍ଷା, ଶ୍ରମ ଓ ଦୂରଦୃଷ୍ଟିହୀନ ବ୍ୟକ୍ତି ଜୀବନରେ ଦେଖି-ବାକୁ ମିଳେ । ବାହାରୁ ନିୟନ୍ତ୍ରଣ ନଥିଲେ, କଠୋର ଶୃଙ୍ଖଳାର ତାଡ଼ନା ନଥିଲେ, ସେମାନେ ସ୍ୱତଃସ୍ଫୂର୍ତ୍ତ ଭାବରେ ଉଦ୍ୟମ କର୍ମରେ ଶିଥିଳ ହୋଇ ପଡ଼ନ୍ତି । ଜଗତରେ ପରାଧୀନତା ଓ ବିଶୃଙ୍ଖଳାର ମୂଳ ଏହିଠାରେ । ଏମାନେ ସହଜ ବିଶ୍ୱାସ ଦ୍ୱାରା ଚାଳିତ ହୁଅନ୍ତି । ଏମାନଙ୍କ ଉପରେ ନିର୍ଭର କରି ଆସନ୍ତି ଗୁରୁ, ତଥାକଥିତ ମହାତ୍ମା ଓ ଶେଷରେ ଶାସକଗଣ—ଯେଉଁମାନଙ୍କ ପାଦ-ତଳେ ଅନ୍ଧ ଜନତାର ଭକ୍ତିଅର୍ଘ୍ୟ ଅଜାଡ଼ି ହୋଇପଡ଼େ । କିନ୍ତୁ ଯେଉଁ ସକଳ ବ୍ୟକ୍ତି ସ୍ୱତଃସ୍ଫୂର୍ତ୍ତ ଭାବରେ ଉଦ୍ୟମ କର୍ମରେ ଉତ୍ସର୍ଗୀକୃତ ପ୍ରାଣ, ଆତ୍ମଶୃଙ୍ଖଳାରେ

Digitized by PPRACHIN, SOA

ଆନନ୍ଦ ଅନୁଭବ କରନ୍ତି ଓ ମାନବ ଅଭିଜ୍ଞତାର ମହାସ୍ଥାନ୍ ସ୍ମାରକ ରୂପରେ ଆନନ୍ଦ ଓ ଆଲୋକର ଉତ୍ସ ହୋଇ ଠିଆ ହୁଅନ୍ତି, ସେଇମାନେହିଁ ଯଥାର୍ଥରେ ଅଧିନାୟକ, ସମାଜ ନେତା, ମହତ୍ ବ୍ୟକ୍ତି । ଏହି ମାନଙ୍କପାଇଁ ଜୀବନ ହେଉଛି ସତତ ଉଦ୍ୟମ ଓ ବିପୁଳ ଶିକ୍ଷାର କ୍ଷେତ୍ର (The revolt of masses by Orte gay Gasset Page-145 ) ।

ପ୍ରାଚୀନ ଜଗତରେ ଏଇ ମାନବ ମୈତ୍ରୀ ଓ ଦର୍ଶନର ଚରମ ବିକାଶ ଜୈନ ପରମ୍ପରା ମଧ୍ୟରେ ଫୁଟିଥିଲା । ନୀଳକଣ୍ଠ ଥିଲେ ଏର ପରମ୍ପରାର ପରମ ଧର୍ମକୃତ୍ । ଯଥାର୍ଥରେ ସେ ଅନୁଭବ କରୁଥିଲେ—ବୁଦ୍ଧି ଜୀବର କେହି ନେତା ନାହାନ୍ତି, ଗୁରୁ ନାହାନ୍ତି, ଈଶ୍ୱର ବି ନାହାନ୍ତି । ସେ ଅନୁଭବ କରୁଥିଲେ ଓଡ଼ିଶାର ଲୋକ ଜୀବନରେ ଓ ସମାଜ ଚଳଣିରେ ଏଇ ଉଦାର ଜୈନ ପରମ୍ପରା । ମାନବ ମୈତ୍ରୀର ଧାରା ସମୟର ନାନା ବିପ୍ଳବ, ଅପଧର୍ମର ଆକ୍ରମଣ, ଅପଶକ୍ତିର ଅତ୍ୟାଚାର ଓ ପରାଧୀନତାର ଅପମାନ ଭିତରେ ମଧ୍ୟ ହଜି ଯାଇନଥିଲା । ଆମର ଏହି ସମାଜରେ ଭକ୍ତଙ୍କ ବିନୟ, ଗୁରୁବାଦର ଅହମିକା ମଧ୍ୟରେ ନୀଳକଣ୍ଠଙ୍କ ରୁଦ୍ଧଶ୍ୱାସ ଆତ୍ମା ବିଦ୍ରୋହ କରିଉଠିଥିଲା । ଜୈନ ପରମ୍ପରାର ସୂଚନା ଦେଇ ସେ ଲେଖିଥିଲେ—"ଜୈନ ହିଁ ଜଗତର ଏକମାତ୍ର ଦାର୍ଶନିକ ଧର୍ମ । ପ୍ରାକୃତ-ଜନସୁଲଭ ଭକ୍ତି ଓ ସେଇ ଭକ୍ତିରେ ଆତ୍ମସମର୍ପଣ ଓ ପ୍ରାର୍ଥନା ତଥା ବଳି ପ୍ରଭୃତିରେ ପ୍ରାକୃତ ମାନବ ଆଧ୍ୟାତ୍ମିକ କ୍ରିୟା ବୋଲି ନାମ ଦେଇ ସମାଜରେ ଯେଉଁ ଲକ୍ଷ୍ୟ ବିନିମୟରେ କରୁଣା ଭିକ୍ଷାର ପରମ୍ପରାଟି ପବିତ୍ର ବିଭୂକର୍ମ ବୋଲି ପିନ୍ଧାଇ ରଖିଚ, ସେ ସବୁ ଜୈନଧର୍ମରେ ହେୟ ଓ ଜୈନ ପରମ୍ପରାରେ ଅସହ୍ୟ । ଜୈନର ପ୍ରାର୍ଥନୀୟ ଈଶ୍ୱର ତ ନାହାନ୍ତି, ଗୁରୁଙ୍କୁ ମଧ୍ୟ ଏପରି ପୂଜା ପ୍ରାର୍ଥନା କରିବା ମନା । ଏ ସବୁକୁ ସେମାନେ କହନ୍ତି "ମିଥ୍ୟା ଦର୍ଶନ ଶଲ୍ୟ" । (୧) ଜୈନମାନେ ନଅ-ପ୍ରକାର ମୂଳ ସତ୍ୟରେ ବିଶ୍ୱାସ କରୁଥିଲେ । ସେଗୁଡ଼ିକ ହେଉଛି, ଜୀବ, ଅଜୀବ, ପୁଣ୍ୟ, ପାପ, ଅଶ୍ରବ, ସଂଭାର, ବନ୍ଧ, ନିର୍ଜରା ଓ ମୋକ୍ଷ । ଏହି ମୌଳିକ ସତ୍ୟରେ ପ୍ରାର୍ଥନୀୟ କୌଣସି ଈଶ୍ୱରଙ୍କର ସ୍ଥାନ ନାହିଁ, ଅଧିକନ୍ତୁ ଗୁରୁ ବା ଅଧିନେତା ଭାବରେ ମିଥ୍ୟା ବିଶ୍ୱାସ ସୃଷ୍ଟି ବିରୁଦ୍ଧରେ ଦୃଢ଼ ପ୍ରତିବାଦ ରହିଛି । ଲୌକିକ ମିଥ୍ୟା ଓ ଲୋକୋତ୍ତର ମିଥ୍ୟା ନାମରେ ପଚିଶ ପ୍ରକାର

୧ ନୀ:ଗ୍ର- ଓଡ଼ିଆ ସାହିତ୍ୟର କ୍ରମ ପରିଣାମ ପୃଷ୍ଠା ୧୨୮, ୩ୟ ଖଣ୍ଡ

Digitized by PPRACHIN, SOA

ମିଥ୍ୟାର ଅବତାରଣା ମିଥ୍ୟାଦର୍ଶନ ଲକ୍ଷ୍ୟରେ କରାଯାଇଛି । ଏଇ ଜୈନମାନେ ଥିଲେ ପ୍ରକୃତିର ପରମ ଉପାସକ ଓ ପ୍ରାକୃତ ଜନର ବନ୍ଧୁ । ଜୀବନରେ ଓ ମାନବ ଚଳଣିରେ ସକଳ ପ୍ରକାର କୃତ୍ରିମତା ଓ ମିଥ୍ୟାଚାରର ବିରୋଧ ସେମାନେ କରୁଥିଲେ । ବାହାରେ ଧର୍ମର ଭେକ, ଅନ୍ତରରେ ଉଦ୍ଗ୍ର କାମନା— ସତେ ଯେପରି ବକ । ତପସ୍ୱୀ ଧର୍ମବକ, ନିଶ୍ଚଳଭାବରେ ଗୋଟିଏ ଗୋଡ଼ରେ ଠିଆହୋଇ ଧ୍ୟାନ କରୁଥାଏ । ମୀନ ଦେଖିଲାମାତ୍ରେ ତା ଧ୍ୟାନଭଙ୍ଗ ଯାଏ ଓ ବିଚଳିତ ଚିତ୍ତରେ ସବୁଠାରୁ ବଡ଼ ପାପ ହିଂସା ଆଚରଣ କରିବାକୁ ସେ ଦ୍ୱିଧା କରେନାହିଁ । ଏଇ ଜୈନମାନେ ଥିଲେ ସର୍ବୋତୋଭାବେ ମାନବତାର ପୂଜାରୀ । ମାନବୀୟ ଉଦାର ସହନଶୀଳତାର ଉପାସକ ଭାବେ ଏମାନେ ଥିଲେ "ଅନେକାନ୍ତବାଦୀ ।" ଆମର ଏହି ଜୀବନକାଳ ମଧ୍ୟରେ ହିଁ ଆମର ଜୀବନୀ ଶକ୍ତି ସାହାଯ୍ୟରେ ସତ୍ୟର ସନ୍ଧାନ ଓ ଅନୁସରଣ ଦ୍ୱାରା ଅତୀତର ସକଳ କର୍ମର ବନ୍ଧନରୁ ମୁକ୍ତିଲାଭ ସମ୍ଭବ ଏହାହିଁ, ଥିଲା ଜୈନ ଆଦର୍ଶ ।

ଓଡ଼ିଆ ସମାଜରେ, ସାହିତ୍ୟ ଓ ଲୋକଚଳଣିରେ ଏହି ସତ୍ୟ କିପରି ଅବହେଳିତ ହୋଇ ରହିଛି, ତାହା ନୀଳକଣ୍ଠ ନିଜର ସଂଗ୍ରାମୀ ଜୀବନର ଅଭିଜ୍ଞତା ଭିତର ଦେଇ ବୁଝିଥିଲେ । ଜନ ସେବକ ନୀଳକଣ୍ଠଙ୍କର ଅଭ୍ୟୁତ୍ଥାନ ସମାଜସଂସ୍କାରକ ନୀଳକଣ୍ଠଙ୍କ ମଧ୍ୟରେହିଁ ଘଟିଥିଲା । 'ମୋ କଥା', "ଅଛି ଓ ହେବ", ଆମର ଥିଲା ଓ କାରଣ ଥାଇପାରେ' ପ୍ରବନ୍ଧ ଗୁଡ଼ିକରେ ସଂସ୍କାରକ ନୀଳକଣ୍ଠଙ୍କର ପ୍ରାଥମିକ ଜୀବନର ଅଭିଜ୍ଞତା ଲିପିବଦ୍ଧ ହୋଇ ରହିଛି । ଏହିଠାରେ ସଂଗ୍ରାମୀ ନୀଳକଣ୍ଠଙ୍କର ମନର ପ୍ରକୃତ ପରିଚୟ ମିଳେ । ଜାତୀୟ ଜୀବନରୁ ଅଜ୍ଞାନତା ପ୍ରସୂତ ଆତ୍ମଗ୍ଲାନିର ଅପନୋଦନ ପାଇଁ ତାଙ୍କର ସମସ୍ତ ଶକ୍ତି ଓ ସାଧନା ଅଭିପ୍ରେତ ଥିଲା । ଦର୍ଶନ, ରାଜନୀତି ଓ ପରିବେଷରେ ଓଡ଼ିଆ ସାହିତ୍ୟ ଚର୍ଚ୍ଚା ମଧ୍ୟରେ ସକଳ ହୀନମନ୍ୟତାରୁ ଊର୍ଦ୍ଧ୍ୱରେ ବ୍ୟକ୍ତିମାନ୍ ତାଙ୍କ ମନର ପରିଚୟ ମିଳେ ।

ଆଧୁନିକ ଅର୍ଥରେ ଓଡ଼ିଆ ସାହିତ୍ୟର ସମୀକ୍ଷାତ୍ମକ ସମାଲୋଚନା ସେକାଳରେ ପଣ୍ଡିତ ନୀଳକଣ୍ଠ ହିଁ ଆରମ୍ଭ କରିଥିବାର କୁହାଯାଇପାରେ । ଏହି ଆଲୋଚନା ମୂଳରେ ଥିଲା ତାଙ୍କର ତତ୍ତ୍ୱାନୁସନ୍ଧାନ ଦୃଷ୍ଟି, କାରଣ ଓଡ଼ିଆ ସାହିତ୍ୟ ପ୍ରଥମରୁ ତାଙ୍କ ଚର୍ଚ୍ଚା ପାଠର ଅଙ୍ଗୀଭୂତ ନଥିଲା । ସେ ଥିଲେ ଦର୍ଶନର ଛାତ୍ର ।

Digitized by PPRACHIN, SOA

ନୀଳକଣ୍ଠଙ୍କର ଓଡ଼ିଆ ସାହିତ୍ୟଚର୍ଚ୍ଚା ଆନୁଷ୍ଠାନିକ ଭାବରେ କଲିକତା ବିଶ୍ୱବିଦ୍ୟାଳୟ ରହିଣିକାଳରେ ଅଳ୍ପଦିନ ମଧ୍ୟରେ ସୀମାବଦ୍ଧ ହେଲେ ବି ତାହା ତାଙ୍କ ଜୀବନର ଥିଲା ଏକ ଦୀର୍ଘସ୍ଥାୟୀ ସାଧନା । ଏକ ଦିଗରେ ରାଧାନାଥ, ମଧୁସୂଦନ, ଫକୀରମୋହନଙ୍କ ସାହିତ୍ୟଠାରୁ ସାରଳା ଦାସ, ଉପେନ୍ଦ୍ର ଭଞ୍ଜ ପ୍ରଭୃତି ପ୍ରାଚୀନ ସାହିତ୍ୟରେ ସେ ସତ୍ୟର ସନ୍ଧାନ କରି ଚାଲିଥିଲେ । ଆଧୁନିକ ଯୁଗରେ ଲୋକଚରିତ୍ର ଗଠନରେ ସତ୍ ସାହିତ୍ୟର କି ଭୂମିକା ରହିଛି, ତାହା ନୀଳକଣ୍ଠ ଭଲଭାବରେ ବୁଝିଥିଲେ । ସେଥିପାଇଁ ଓଡ଼ିଆ ସାହିତ୍ୟକୁ କେନ୍ଦ୍ର କରି ନିର୍ଲିପ୍ତ ବୌଦ୍ଧିକ ଚେତନାର ଅଭ୍ୟୁଦୟ ଘଟୁ, ଉଦାର ଶିକ୍ଷାରେ ସାହିତ୍ୟ ଶିକ୍ଷାର ଯୋଗ ପୁଷ୍କଳ ରୂପେ ପ୍ରକାଶ ପାଉ, ଏହାହିଁ ଥିଲା ତାଙ୍କର ପରମ ଲକ୍ଷ୍ୟ । କି ସତ୍ୟ ସନ୍ଧାନ, କି ଜ୍ଞାନମନସ୍କତାର ଊର୍ଦ୍ଧ୍ୱକୁ ଉଠିବାର ପ୍ରୟାସ ସବୁ କ୍ଷେତ୍ରରେ ଯେପରିକି ଏବେ ଶିଥିଳତା ପ୍ରକାଶ ପାଉଅଛି । ମହାନ୍ ବଙ୍କିମଙ୍କର ଆଦର୍ଶର ଉପଲବ୍-ଧିରେ ହିଁ ଜୀବନ ସାର୍ଥକ ହୁଏ, ଏହା ଯେପରି ଆମେ ଏବେ ଭୁଲିଯାଉଅଛୁ । ଓଡ଼ିଆ ସମାଜ ଜୀବନରୁ ଜାତକ ଦେଖା, ଗ୍ରହପୂଜା ଯେପରି ବିଲୟ ଘଟିନାହିଁ, ସେହିପରି ଓଡ଼ିଆ ସାହିତ୍ୟରେ ଚର୍ଚ୍ଚାର ଚରଚର୍ଚ୍ଚାର ପ୍ରଭାବ ଦୃଢ଼ ହୋଇ ରହିଛି । ଆମ ବିଶ୍ୱବିଦ୍ୟାଳୟମାନଙ୍କରେ ଓଡ଼ିଆ ସାହିତ୍ୟର ଚର୍ଚ୍ଚା କ୍ଷେତ୍ରରେ ମୂଳଭାଷା । ସଂସ୍କୃତ ପାଲି ଆଦିକୁ ଭାଷାତତ୍ତ୍ୱ ଧର୍ମତତ୍ତ୍ୱ ଆଦିକୁ ଯେତିକି ସ୍ଥାନ ଦିଆହୋଇଛି, ସାହିତ୍ୟର ବିଶେଷୀକୃତ ଅଧ୍ୟୟନ ପାଇଁ ସେତିକି ଧ୍ୟାନ ଦିଆ ହୋଇ ନାହିଁ । ଏହାର ବୋଧହୁଏ ବଡ଼ କାରଣ ଓଡ଼ିଆ ସାହିତ୍ୟର ମୌଳିକ ଚର୍ଚ୍ଚା ଓ ଗବେଷଣା ପାଇଁ ଉପଯୁକ୍ତ ପୀଠଟିଏ ଏବେ ବି ଗଢ଼ା ହୋଇନାହିଁ । ସାହିତ୍ୟ ଚର୍ଚ୍ଚାକାରୀ ଗୁରୁଙ୍କ ପକ୍ଷରେ ସମୀକ୍ଷାତତ୍ତ୍ୱ ଓ ନନ୍ଦନତତ୍ତ୍ୱର କିଛିଟା ମୁଖ୍ୟ ଭୂମିକା ଥାଇପାରେ । କିନ୍ତୁ ମୁଖ୍ୟତଃ ସହସ୍ରାଧିକ ବର୍ଷର ଓଡ଼ିଆ ଜୀବନର ଚଳଣି ଓ ଓଡ଼ିଆ ସାହିତ୍ୟରେ ତାର ପ୍ରତିଫଳନ, ଆଜିର ଓଡ଼ିଆ ସାହିତ୍ୟ ଓ ଆମର ଜୀବନରେ ତାର ପ୍ରଭାବ ବିଶୁଦ୍ଧ ବୁଦ୍ଧିଜୀବୀ ଭାବରେ ଓଡ଼ିଆ ଲେଖକଙ୍କ ନିରାସକ୍ତ ମାନସିକତାର ବିଶ୍ଳେଷଣ ସାହିତ୍ୟ ଚର୍ଚ୍ଚାର ମୁଖ୍ୟ ଆଦର୍ଶ ହେବା ଉଚିତ୍ । ଏହାହିଁ ଥିଲା ମନସ୍ୱୀ ନୀଳକଣ୍ଠଙ୍କର ଜୀବନର ଅନ୍ୟତମ ମହାନ୍ ଲକ୍ଷ୍ୟ । ମାତ୍ର ଏହି ଲକ୍ଷ୍ୟ ଲାଭ ପାଇଁ ସାଧନାର ପଥ କିପରି ଦୁର୍ଗମ ଓ କଣ୍ଟକିତ, ତାହା ପଣ୍ଡିତ ନୀଳକଣ୍ଠହିଁ ଯଥାର୍ଥରେ

Digitized by PPRACHIN, SOA

ଉପଲବ୍ଧି କରିଥିଲେ । "ସାରସ୍ୱତ ସେବା ବ୍ରତ କରି ଜୀବନ ଆରମ୍ଭ କରିଥିଲି; ଯୌବନର ଅନନ୍ତ ସୃଜନାରେ ସେହି ଅଭିଳାଷକୁ ପ୍ରେରଣାର ଭିତ୍ତି କରିଥିଲି । ମାତ୍ର ସମୟ ଆସିଲା, ଯେତେବେଳେ ମୁଁ ବୁଝିଲି, ଜାତି ବା ସମାଜର ସ୍ୱାସ୍ଥ୍ୟ ଓ ସ୍ଥାୟିତ୍ୱ କଳ୍ପେ ରାଜା-ରୟତ, ଗୃଠ-ପଣ୍ଡିତ, ପୋଷ୍ୟ-ପାଳକ ସମସ୍ତଙ୍କୁ ଏକ କ୍ଷେତ୍ରରେ ମା ଚଞ୍ଚଳାଙ୍କ କର୍ମଭୂମିର ପ୍ରେତ କଙ୍କାଳ ତାଣ୍ଡବରେ ଯୋଗ ଦେବାକୁ ହେବ । ଜଗତର ଜାତି ଓ ସମାଜରେ ଏବେ ଏଇପରି ସମୟ ଆସୁଛି । ଚଞ୍ଚଳା ଲକ୍ଷ୍ମୀଦେବୀଙ୍କ ଏଇ ପ୍ରେତ ତାଣ୍ଡବରେ ଆଇନ୍‌ଷ୍ଟାଇନ୍‌ଙ୍କ ପରି ତତ୍ତ୍ୱଜ୍ଞଙ୍କଠାରୁ ବୁଖାରିନ୍‌ଙ୍କ ପରି ଲୋକନିୟନ୍ତା ମଧ୍ୟ କ୍ରୀଡ଼ନକ ପରି ଉତ୍କ୍ଷିପ୍ତ ଓ ଧ୍ୱସ୍ତ ହୋଇଛନ୍ତି । ଏଇ ଚଞ୍ଚଳାଙ୍କ ପ୍ରେତ ନୃତ୍ୟ ବା ପଲିଟିକ୍‌ସ୍ ଏ ଦେଶରେ ପୁଣି ଏକ ବିରାଟ ହଠଯୋଗର କୁହୁକ ଲୀଳା । ଏଥିରେ ଭାରତୀ କଳାର ଲାସ୍ୟନାହିଁ କିମ୍ବା ପାଶ୍ଚାତ୍ୟ ଅଭିଯାନଙ୍କର ତାଣ୍ଡବନାହିଁ ଅଛି ଏକ ଅନିର୍ଦ୍ଦିଷ୍ଟତା ଓ ଏ ଅନିର୍ଦ୍ଦିଷ୍ଟତା ଭିତରେ ଆତ୍ମବିସ୍ମୃତି । ଆତ୍ମ-ବିସ୍ମୃତିର ସେଇ ଉତ୍ତେଜନା ମଧ୍ୟରେ ଆପଣ ମାନଙ୍କର ଶୁଦ୍ଧ ସାରସ୍ୱତ ଆହ୍ୱାନ ମୋର ଘୋର ଜଡ଼ାନ୍ଧକ୍ଲିଷ୍ଟ କୃଷାଣ କର୍ଣ୍ଣରେ ଯେପରିକି ଦୂର ବନାନ୍ତର ସାନ୍ଧ୍ୟ ଶୀତଳ ବଂଶୀଧ୍ୱନି ଢାଳି ଦେଇଥିଲା । ସେ ଧ୍ୱନିର ଆକର୍ଷଣ ଏଡ଼ିବାର ନୁହେଁ । ତାର ସେବାରେ ସାମର୍ଥ୍ୟର ବିବେଚନା ନାହିଁ, କି ଆତ୍ମଗ୍ଳାନିର ଅବକାଶ ନାହିଁ ।" [୧]ଏହାହିଁ ନୀଳକଣ୍ଠ ମାନସର ବାଞ୍ଛିତ ପ୍ରକୃତ ପରିଚୟ ।

---

[୧] 'ନବଭାରତ, ମୀନ ୧୩୪୫, ଚତୁର୍ଥ ବର୍ଷ ଦଶମ ସଂଖ୍ୟା-ନିଖିଳ ଉତ୍କଳ ସାହିତ୍ୟ ସମ୍ମିଳନୀ ସଭାପତିଙ୍କ ଅଭିଭାଷଣ, ୨୩ ଏପ୍ରିଲ ୧୯୩୮ )

—※—

Digitized by PPRACHIN, SOA

# ଜନନାୟକ ପଣ୍ଡିତ ନୀଳକଣ୍ଠ

ପଣ୍ଡିତ ନୀଳକଣ୍ଠଙ୍କର ଜନ୍ମ ୧୮୮୪ ମସିହା—ଊନବିଂଶ ଶତାବ୍ଦୀର ଶେଷ ଭାଗରେ । ନୀଳକଣ୍ଠ ପିଲାଦିନରୁ ସ୍ୱଭାବତଃ ଥିଲେ ଜଣେ ବିପ୍ଳବୀ ଓ ପ୍ରତି କର୍ମରେ ତାଙ୍କର ଥିଲା ଗଭୀର ଆତ୍ମ-ପ୍ରତ୍ୟୟ ।

ସେ ଛାତ୍ର ଅବସ୍ଥାରେ ଗୋପବନ୍ଧୁଙ୍କ ସହିତ ଭାର୍ଗବୀ ନଦୀ କୂଳରେ ଶପଥ ନେଇଥିଲେ, "ଆମେ ପାଠ ପଢ଼ି ସରକାରୀ ଚାକିରି କରିବା ନାହିଁ, ଦେଶପାଇଁ କିଛି କରିବା । ଜନ୍ମବେଳେ ଦେଶକୁ ଯାହା ଦେଖିଥାଇଁ ତାହାଠାରୁ ଉନ୍ନତ ଦେଖି ମରିବା ।"

ଏହା ୧୯୦୩ ମସିହାର ଘଟଣା, ସେତେବେଳକୁ ସ୍ୱାଧୀନତାପାଇଁ ସଂଗ୍ରାମ ଆରମ୍ଭ ହୋଇ ନାହିଁ । ଗୋପବନ୍ଧୁ, ନୀଳକଣ୍ଠ ଓ ତାଙ୍କର ସାଥିମାନେ ଦେଶର ମୁକ୍ତି ଆନ୍ଦୋଳନ ଲାଗି ପ୍ରସ୍ତୁତ ହେଉଥିଲେ, ହୁଏତ ଅଲକ୍ଷରେ । ଛାତ୍ରାବସ୍ଥାରେ ନୀଳକଣ୍ଠ ପୁରୀର ଜଣେ ପ୍ରସିଦ୍ଧ ବଙ୍ଗ ବିପ୍ଳବୀ "ଶଶୀଦା"ଙ୍କ ନିବିଡ଼ ସଂପର୍କରେ ଆସିଲେ ଏବଂ ଗୋପବନ୍ଧୁଙ୍କ ସହିତ ଏ ଦଳର ଜଣେ ମୁଖ୍ୟ ହେଲେ । ପରେ ସେ କଟକରେ କଲେଜ ଛାତ୍ର ହିସାବରେ ଏ ଦଳର 'ଅଗ୍ରଣୀ' ହେଲେ ଓ ଗଭୀର ନିଶୀଥରେ ଦଳର ବୈଠକମାନ କରାଉଥିଲେ । ସେତିକବେଳୁ ନେତା ହେବାର ଶକ୍ତି ତାଙ୍କଠାରେ ପ୍ରକଟିତ ହୋଇଥିଲା ।

କଲିକତାରୁ ୧୯୧୧ ମସିହାରେ ନୀଳକଣ୍ଠ ଏମ୍. ଏ. ପାଶ କରି ପୂର୍ବ ପରିକଳ୍ପିତ ସତ୍ୟବାଦୀ ସ୍କୁଲର ଅଧ୍ୟକ୍ଷ ହେଲେ । ଗୋପବନ୍ଧୁ ଥିଲେ ଏହାର ପ୍ରାଣ କେନ୍ଦ୍ର । ଅଧିନାୟକ ହେଲେ ନୀଳକଣ୍ଠ । ଛାତ୍ର ହିଁ ସମାଜ ତଥା ଦେଶର ଭବିଷ୍ୟତ । ଛାତ୍ରଙ୍କୁ ଦେଶାତ୍ମବୋଧରେ ଉଦ୍‌ବୁଦ୍ଧ କଲେ ହିଁ ସେମାନଙ୍କୁ ସମାଜ ତଥା ଦେଶ ସେବାରେ ଲଗାଯାଇ ପାରିବ । ପାଖ ଗାଁ ମାନଙ୍କରେ ହଇଜା, ବସନ୍ତ ଲାଗିଲେ ନୀଳକଣ୍ଠ ସେମାନଙ୍କୁ ନେଇ ରୋଗୀ ସେବାରେ ବ୍ୟାପୃତ ରହୁଥିଲେ । ଗୋଟିଏ

Digitized by PPRACHIN, SOA

ଦିନରେ ନୀଳକଣ୍ଠ ନିଜ ଗାଁରେ ଶହେରୁ ଊର୍ଦ୍ଧ୍ୱ ହରିଜନ ରୋଗୀଙ୍କର ସେବା କରିବା ବ୍ୟତୀତ ଘରୁ ମଧ୍ୟ ପଥ୍ୟ ଯୋଗାଇଥିବା କଥା ତାଙ୍କ ଆତ୍ମଜୀବନୀରୁ ସୂଚିତ ହୁଏ । ଛାତ୍ରମାନଙ୍କ ଭିତରେ ଦେଶାତ୍ମବୋଧର ଜାଗରଣ ନିମନ୍ତେ ସେ ସେମାନଙ୍କୁ ଉତ୍କଳର ପୁରାତନ ବୈଭବମାନ ପର୍ଯ୍ୟଟନ ମାଧ୍ୟମରେ ଦେଖାଇ ବୁଝାଉଥିଲେ । ଏକ ଶାରଦୀୟ ପୂଜା ଅବକାଶରେ ଛାତ୍ରମାନଙ୍କୁ କୋଣାର୍କର ଭାସ୍କର୍ଯ୍ୟ, ଉତ୍କଳର ପୂର୍ବ ସୁଖମାନଙ୍କର କୀର୍ତ୍ତି ଦେଖାଇବା ପାଇଁ ବାହାରିଲେ । କୁମାର ପୂର୍ଣ୍ଣିମାର ସଂଧ୍ୟା । ଝଡ ବତାସରେ ଛାତ୍ରଙ୍କୁ ନେଇ ଅଦୂରରେ ରାମଚଣ୍ଡୀ ମନ୍ଦିରରେ ଆଶ୍ରୟ ନେଲେ । ଶ୍ରମକ୍ଳାନ୍ତ ଛାତ୍ରମାନେ ଶୋଇ ପଡିଲେ । ଦେଶପ୍ରାଣ ଶିକ୍ଷକଙ୍କ ଆଖିକୁ ସାରାଦିବସର ପଥଶ୍ରମ ସତ୍ତ୍ୱେ ଉତ୍କଳର ଅତୀତ ଗୌରବ ସ୍ମରଣରେ ନିଦ ନାହିଁ ।

ମାଳବ-ରାଜନ ଚେଷିବେ ବିଦ୍ୟାପତି ଏ ଦେଶେ;<br>
ଶବର-ସଙ୍ଗୀନି-ଦେବତା ଭାବେ ମୋହି ନେବେ ସେ ।<br>
କଳିଙ୍ଗ-ପତନେ ବାଜିବ ମୌର୍ଯ୍ୟ-ସମର-ଭେରୀ<br>
ଧଉଳ-ଶିଖରେ ଶୋହିବ ଅନୁଶାସନ-ଶିରୀ ।

ସ୍ଥୂଳତଃ ଏହି ବିଦ୍ୟାଳୟକୁ କେନ୍ଦ୍ରକରି ଦେଶରେ କେବଳ ଯେ ନୂତନ ଅଧ୍ୟୟନର ଏକ ଆନ୍ଦୋଳନ ଆରମ୍ଭ ହୋଇଥିଲା ତାହା ନୁହେଁ, ପୁସ୍ତକ ପଠନ ସଙ୍ଗେ ସଙ୍ଗେ ଦେଶରେ ସୁ-ନାଗରିକ, ସମାଜ ସଂସ୍କାରକ, ସୁ-ସାହିତ୍ୟିକ ତଥା ଦେଶ-ସେବକ ସୃଷ୍ଟିର ମୂଳଦୁଆ ପଡ଼ିଥିଲା ।

ସାମାଜିକ କୁ-ସଂସ୍କାର ବିରୁଦ୍ଧରେ ଲଢ଼ାଇ କରି ଓ ମହାତ୍ମା ଗାନ୍ଧୀଙ୍କ ହରିଜନ ଆନ୍ଦୋଳନର ପ୍ରାୟ ଦଶବର୍ଷ ପୂର୍ବରୁ ହରିଜନ ଛାତ୍ରଙ୍କୁ କୁଳୀନ ବ୍ରାହ୍ମଣ ଛାତ୍ରଙ୍କ ସଙ୍ଗେ ଏକା ପଂକ୍ତିରେ ଭୋଜନର ବ୍ୟବସ୍ଥା କରିବାରେ ପଣ୍ଡିତ ନୀଳକଣ୍ଠଙ୍କୁ ବହୁ ନିର୍ଯ୍ୟାତନା ଭୋଗିବାକୁ ପଡ଼ିଥିଲା । ତାଙ୍କ ଅଶୀତି ବର୍ଷ ବୟସ୍କ ବୃଦ୍ଧ ପିତାଙ୍କୁ ବ୍ରାହ୍ମଣଙ୍କ ପଙ୍ଗତ ସଭାରୁ ଅର୍ଦ୍ଧରାତ୍ରରେ ଅଭୁକ୍ତ ଉଠାଇ ଦିଆଯିବାଠାରୁ ଅଗ୍ନି ସଂଯୋଗ ଦ୍ୱାରା ତାଙ୍କର ପ୍ରିୟତମ ବହୁଶ୍ରମ ଅର୍ଜିତ ପୁସ୍ତକାଗାରଟି ସମେତ ବିଦ୍ୟାଳୟଟିକୁ ଦୁର୍ବୃତ୍ତମାନେ ଭସ୍ମିଭୂତ କରିଦେବା ପର୍ଯ୍ୟନ୍ତ ବହୁ ଧକ୍କା ତାଙ୍କୁ ସହିବାକୁ ପଡ଼ିଥିଲା । ପଣ୍ଡିତ ନୀଳକଣ୍ଠ ତହିଁରେ ନଇଁ ନ ଥିଲେ । ବରଂ ଏଥିରେ ସତ୍ୟବାଦୀ ବିଦ୍ୟାଳୟ ସହ ତାଙ୍କର ଖ୍ୟାତି ବଢିଥିଲା ସିନା, କମି ନ ଥିଲା ।

Digitized by PPRACHIN, SOA

ଦେଶାତ୍ମବୋଧରେ ଉଦ୍‌ବୁଦ୍ଧ ସୁ-ନାଗରିକ ଗଢ଼ିବା ଲାଗି ନୀଳକଣ୍ଠଙ୍କୁ ଯେଉଁ ଅତନ୍ଦ୍ର ଉଦ୍ୟମ କରିବାକୁ ପଡ଼ୁଥିଲା, ତାହାର ଦୃଷ୍ଟାନ୍ତର ଇତିହାସରେ ବିରଳ । ପୁଣି ପଣ୍ଡିତ ନୀଳକଣ୍ଠ ଯେତେକାଳ ସତ୍ୟବାଦୀ ବିଦ୍ୟାଳୟର ଅଧିନାୟକ ଥିଲେ, ତାହାଥିଲା ତାଙ୍କ ଜୀବନର ଏକ ସଫଳ ଅଧ୍ୟାୟ ।

ଏତେବେଳକୁ ଦେଶରେ ସ୍ୱାଧୀନତା ପାଇଁ ଜାତୀୟ ସଂଗ୍ରାମ ଆରମ୍ଭ ହୋଇ ନାଇ । ମାତ୍ର ଗୋପବନ୍ଧୁ ଓ ନୀଳକଣ୍ଠ ସତେ ଯେପରି ଏଥିଲାଗି ପ୍ରସ୍ତୁତ ହୋଇ ସାରିଥିଲେ । ନୀଳକଣ୍ଠ ସତ୍ୟବାଦୀ ଛାଡ଼ି ସାର ଆଶୁତୋଷଙ୍କ ଆମନ୍ତ୍ରଣ କ୍ରମେ କଲିକତା ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରିବା ଲାଗି କଲିକତା ଗଲେ । ସେଠାରେ ମାତ୍ର ସ୍ୱଳ୍ପକାଳ ଅଧ୍ୟାପନା କରିବା ପରେ ପରେ ମହାତ୍ମା ଗାନ୍ଧୀ ସ୍ୱାଧୀନତା ଆନ୍ଦୋଳନ ପାଇଁ ଡାକ ଦେଲେ । ସଂଗ୍ରାମର ଆହ୍ୱାନ ଆସିଗଲା, ନୀଳକଣ୍ଠ ଆଉ ଥୟଧରି ପାରିଲେ ନାଇ । ତାଙ୍କର ଦୀକ୍ଷାଗୁରୁ ପଣ୍ଡିତ ଗୋପବନ୍ଧୁଙ୍କୁ ଟେଲିଗ୍ରାମରେ ଡ଼କାଇ ନେଇ ଅଧ୍ୟାପକ ପଦର ମୋହ ପରିତ୍ୟାଗ କରି ସେ ସଙ୍ଗେ ସଙ୍ଗେ ଚାଲିଲେ ସମ୍ବଲପୁରରେ ସତ୍ୟାଗ୍ରହ ଆନ୍ଦୋଳନ ଆରମ୍ଭ କରିବାପାଇଁ । ନଅ ମାସ ରହଣି କାଳମଧ୍ୟରେ ସେଠାରେ ପ୍ରଥମ କଂଗ୍ରେସ ଆନ୍ଦୋଳନ ସହିତ ସମାଜ ସେବା ନୀଳକଣ୍ଠଙ୍କର ଅଲୌକିକ ସଙ୍ଗଠନ ଶକ୍ତି ତଥା କର୍ମ କୁଶଳତାର ଯଥେଷ୍ଟ ପ୍ରମାଣ ।

ପଣ୍ଡିତ ନୀଳକଣ୍ଠ ଯୁବାବସ୍ଥାରୁ ଗୋପବନ୍ଧୁଙ୍କୁ ନିଜର ସଖା, ଗୁରୁ ଓ କର୍ଣ୍ଣଧାର ରୂପେ ଗ୍ରହଣ କରିଥିଲେ ଏବଂ ବାସ୍ତବରେ ସେ ସବୁ କାର୍ଯ୍ୟରେ ପଣ୍ଡିତ ଗୋପବନ୍ଧୁଙ୍କର ଡାହାଣ ହାତ ସ୍ୱରୂପ ଥିଲେ । ଗୋପବନ୍ଧୁଙ୍କର ଅକାଳ ମୃତ୍ୟୁ ପରେ ହିଁ ନୀଳକଣ୍ଠଙ୍କର ବାସ୍ତବ ଅଧିନାୟକର ଜୀବନ ଆରମ୍ଭ ହୁଏ । ତାଙ୍କ ନିଜ ଉକ୍ତିରେ, "ଗୋପବନ୍ଧୁଙ୍କ ପରେ ମୁଁ ଓଡ଼ିଶା କଂଗ୍ରେସର ସର୍ବେସର୍ବା ହେଲି ।" ମାତ୍ର ନୀଳକଣ୍ଠ ଥିଲେ ଆଜନ୍ମ ବିପ୍ଳବୀ ଏବଂ ସେ ଯାହା ଠିକ୍ ଓ କରଣୀୟ ବୋଲି ବିଚାରୁଥିଲେ, ତାହାକୁ କାର୍ଯ୍ୟରେ ପରିଣତ କରି ତହିଁରେ ସଫଳତା ଅର୍ଜନ କରୁଥିଲେ । ସେ କହୁଥିଲେ "ମୁଁ 'ନେତା'—'ମାତ' ହେବିନାଇ ।"

ଗୋପବନ୍ଧୁ ଓ ନୀଳକଣ୍ଠ ଯୁବାବସ୍ଥାରେ ଉତ୍କଳ ସମ୍ମିଳନୀ ସହିତ ନାନା ଭାବରେ ସଂଶ୍ଲିଷ୍ଟ ରହି ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ଏକ ସ୍ୱତନ୍ତ୍ର ପ୍ରଦେଶର କଳ୍ପନା କରିଥିଲେ । ନୀଳକଣ୍ଠ କେନ୍ଦ୍ର ବ୍ୟବସ୍ଥା ସଭାକୁ

Digitized by PPRACHIN, SOA

ନିର୍ବାଚିତ ହେବାପରେ ସେଥିରେ ଏଥିପାଇଁ ୧୯୨୭ ମସିହାରେ ଯେଉଁ ବିଲ୍ ଆଣିଥିଲେ ତାହା ନାନା ଘାତପ୍ରତିଘାତ ଭିତରେ ୧୯୩୬ ମସିହା ଅପ୍ରେଲ ମାସ ପହିଲରେ ବାସ୍ତବ ରୂପରେଖ ନେଲା—ଓଡ଼ିଶା ପ୍ରଦେଶ ସୃଷ୍ଟି ହେଲା । ପୂର୍ବ ଅଧ୍ୟାୟରେ ଏ ସମ୍ବନ୍ଧରେ ବିସ୍ତୃତ ବିବରଣୀ ଦିଆଯାଇଛି ।

ଏହି ପ୍ରଦେଶକୁ ଯେବେ ୧୯୩୭ ମସିହାରେ ପ୍ରାଦେଶିକ ବିଧାନ ସଭାର ପ୍ରଥମ ନିର୍ବାଚନ ହେଲା । ନୂତନ ପ୍ରଦେଶର ନୂଆହୋଇ ମିଶିଥିବା ଅଞ୍ଚଳଗୁଡ଼ିକରେ କଂଗ୍ରେସ ସଙ୍ଗଠନ ଦୃଢ଼ ହୋଇ ନ ଥାଏ । ରାଜା, ମହାରାଜା ଓ ଜମିଦାର-ମାନଙ୍କର ପ୍ରତିପତ୍ତି ସେ ସବୁ ଅଞ୍ଚଳରେ ବିଶେଷ ଭାବରେ ରହିଥାଏ । ପୁଣି କଂଗ୍ରେସ ତରଫରୁ ନିର୍ବାଚନରେ ଲଢ଼ିବାକୁ ଲୋକେ ସେତେବେଳେ ଭୟ କରୁଥାନ୍ତି । ଏ ପରିସ୍ଥିତିରେ ନିର୍ବାଚନ ଲଢ଼ିବା ନିମନ୍ତେ ବହୁ ଶୁଭେଚ୍ଛୁ ବନ୍ଧୁ ନୀଳକଣ୍ଠଙ୍କୁ ବାରଣ କଲେ । ପ୍ରାଦେଶିକ କଂଗ୍ରେସର ଅଧିନାୟକ ନୀଳକଣ୍ଠ କାହାର ଉପଦେଶକୁ ଖାତିର କଲେନାହିଁ । କଂଗ୍ରେସକୁ ନିର୍ବାଚନ ରଣକ୍ଷେତ୍ରରେ ଅବତୀର୍ଣ୍ଣ କରାଇଲେ । ବୀର ଦର୍ପରେ ସାରା ରାଜ୍ୟରେ ନିର୍ବାଚନ ପ୍ରଚାରରେ ଲାଗିଗଲେ । ନିଜ ଓଜସ୍ୱିନୀ ବକ୍ତୃତାରେ ନୀଳକଣ୍ଠ ଲୋକଙ୍କୁ ମୁଗ୍ଧ କରିପାରୁଥିଲେ, ଭଜାଇ ପାରୁଥିଲେ । କଂଗ୍ରେସ ପକ୍ଷରୁ ସେ ୩୭ ଜଣ ପ୍ରାର୍ଥୀ ଠିଆ-କରାଇ ୩୬ ଜଣଙ୍କୁ ବିପୁଳ ଭୋଟାଧିକ୍ୟରେ ଉତ୍ତୀର୍ଣ୍ଣ କରାଇଲେ । ଏହା ଓଡ଼ିଶାରେ ପ୍ରଥମ ନିର୍ବାଚନ ଓ ସାରା ଭାରତର ସର୍ବ ପ୍ରଥମେ ଏହା ଆମ ପ୍ରଦେଶରେ ଅନୁଷ୍ଠିତ ହୋଇଥିଲା । ଜାତୀୟ କଂଗ୍ରେସର ନେତାଏ ଆଶ୍ଚର୍ଯ୍ୟ ହୋଇଗଲେ—'Bravo Orissa' କହି ନୀଳକଣ୍ଠଙ୍କୁ ସାଧୁବାଦ ଜଣାଇଲେ । ଅଧିନାୟକତ୍ୱର ଗୌରବ ତାଙ୍କୁ ମିଳିଲା ସତ—ମାତ୍ର ନୀଳକଣ୍ଠ ନିଜେ ତାର ଫଳ ଉପଭୋଗ କରିପାରିଲେ ନାଇ । ତାଙ୍କ ପକ୍ଷରେ ୩୬ ରୁ ୨୧ ଜଣଙ୍କର ସମର୍ଥନ ଥାଇ ମଧ୍ୟ ସେ ମୁଖ୍ୟ ମନ୍ତ୍ରୀ ( ସେତେବେଳର ପ୍ରଧାନ ମନ୍ତ୍ରୀ ) ହୋଇ ପାରି ନ ଥିଲେ । ଅବଶ୍ୟ ତାଙ୍କ ମନୋନୀତ ପ୍ରାର୍ଥୀ ଶ୍ରୀ ବିଶ୍ୱନାଥ ଦାସ ମୁଖ୍ୟମନ୍ତ୍ରୀ ହେଲେ । ତେବେ ତାଙ୍କ ସହିତ ନୀଳକଣ୍ଠଙ୍କୁ ମୁଖ୍ୟମନ୍ତ୍ରୀ କରାଇବା ସମ୍ବନ୍ଧରେ ଯେଉଁ ବୁଝାମଣା ହୋଇଥିଲା, ତାହା ଶ୍ରୀଯୁକ୍ତ ଦାସ ପରେ ଭୁଲିଯାଇଥିଲେ ବୋଲି ନୀଳକଣ୍ଠ ନିଜ ଆତ୍ମ ଜୀବନୀରେ ଦର୍ଶାଇଛନ୍ତି ।

ଏ ସମ୍ପର୍କରେ ଜଷ୍ଟିସ୍ ହରିହର ମହାପାତ୍ରଙ୍କ ଉକ୍ତି ଏଠି ସ୍ମରଣୀୟ : "ଓଡ଼ିଶା ରାଜନୀତିର ବ୍ୟବହାର ଅଧିକ ଦୁଃଖପ୍ରଦ । ନିଷ୍ଠା, ତ୍ୟାଗ, ବିଦ୍‌ବତ୍ତା

Digitized by PPRACHIN, SOA

ଓ ସାମର୍ଥ୍ୟରେ ନୀଳକଣ୍ଠ ଯେ ସମସ୍ତଙ୍କୁ ବଳିଥିଲେ, ଏହା ଚିନ୍ତାଶୀଳ ନିରପେକ୍ଷ ମହଲରେ ସ୍ୱୀକୃତ । ମେଣ୍ଟ, ଚକ୍ରାନ୍ତ ଓ ଆଗରେ କଥାଏ ପଛରେ ବିଧାଏ, ଏ ସବୁରେ ସେ ପାରଙ୍ଗମ ନ ଥିଲେ । ଯେଉଁ ଦୁଇଥର ସେ କଂଗ୍ରେସ କାରବାର-ରେ ଓଡ଼ିଶାରେ ଅଳ୍ପ ସମୟପାଇଁ ନେତୃତ୍ୱ ପାଇଥିଲେ, ଆଶାତୀତ ସଫଳତାର ମୋହର ଜାହିର ହୋଇଥିଲା × × × ।

ପ୍ରଥମ ପ୍ରାଦେଶିକ ବିଧାନ ସଭା ନିର୍ବାଚନରେ ସଂଖ୍ୟା ଗରିଷ୍ଠ ଦଳ ହୋଇ କଂଗ୍ରେସ ଶାସନ ଭାର ନେବାର କଥା । ନିର୍ବାଚନରେ ଜିଣିବା କୃତିତ୍ୱ ନୀଳକଣ୍ଠ ବାବୁଙ୍କର । × × × କିନ୍ତୁ ଚକ୍ରାନ୍ତର ଶିକାର ହେଲେ ସେ ।"

(ନୀଳକଣ୍ଠ ସ୍ମାରକୀ- ପୃ ୧୫୯-୧୬୦)

ଏହି କଂଗ୍ରେସ ମନ୍ତ୍ରୀମଣ୍ଡଳ ୨ୟ ବିଶ୍ୱଯୁଦ୍ଧ ସମୟରେ ଇଂରେଜଙ୍କୁ ଭାରତର ସାହାଯ୍ୟ ଦେବା କଥାରେ ଇସ୍ତଫା ଦେଲେ । ଫରଓ୍ୱାର୍ଡ ବ୍ଲକ ନେତା ସୁଭାଷ ଚନ୍ଦ୍ର ବୋଷଙ୍କ ପରାମର୍ଶ କ୍ରମେ ଆଜାଦ୍ ହିନ୍ଦ ଫୌଜର ଅନୁପ୍ରବେଶରେ ସାହାଯ୍ୟକାରୀ ହେବା ପାଇଁ ପଣ୍ଡିତ ନୀଳକଣ୍ଠ ଓଡ଼ିଶାରେ ଏକ ମିଳିତ ମନ୍ତ୍ରୀମଣ୍ଡଳ ଗଠନ କରାଇଦେଲେ । ନିଜେ ମନ୍ତ୍ରୀମଣ୍ଡଳରେ ନ ରହିଲେ ମଧ୍ୟ ସେ ଥିଲେ ଉଭୟ ମନ୍ତ୍ରୀମଣ୍ଡଳର କର୍ତ୍ତା ବା King Maker.

କିଛିକାଳ ପରେ ୧୯୫୧ ମସିହାରେ ନିଜେ "ସ୍ୱାଧୀନ ଜନ ସଂଘ" ନାମରେ ଏକ ଦଳ ଗଢି କଂଗ୍ରେସ ବିରୁଦ୍ଧରେ ନିର୍ବାଚନରେ ଲଢିଲେ । ନିଜେ, ସାଥି ଗୋଦାବରୀଶ ଓ ଆଉ ଦୁଇଜଣ ସଭ୍ୟ ଏ ଦଳରେ ନିର୍ବାଚିତ ହେଲେ । ବିରୋଧୀ ଦଳର ଜଣେ ଝାଣୁଆ ସଭ୍ୟ ଭାବରେ ସରକାରୀ ନୀତିର ନିରପେକ୍ଷ ସମାଲୋଚନାର ଏକ ନୂଆ ପରମ୍ପରା ସୃଷ୍ଟି କଲେ । ସେ ବରାବର କହୁଥିଲେ – "କେବଳ ବିରୋଧ ପାଇଁ ସରକାରୀ ନୀତିର ସମାଲୋଚନା କରିବା ବିରୋଧୀ ଦଳର କାର୍ଯ୍ୟ ନୁହେଁ । ସରକାର ଯେଉଁ ଭଲକାର୍ଯ୍ୟ କରୁଛନ୍ତି ତାକୁ ସମର୍ଥନ କରିବା ସଂଗେ ସଂଗେ ସରକାରୀ ଭୁଲ ଭ୍ରାନ୍ତିର କଠୋର ସମାଲୋଚନା ସହିତ ଗଠନ ମୂଳକ ପ୍ରସ୍ତାବ ଉପସ୍ଥାପିତ କରିବା ଉଚିତ୍ ।" ପଣ୍ଡିତ ନୀଳକଣ୍ଠଙ୍କ ବିଜ୍ଞ ପରାମର୍ଶ ଗୁଡ଼ିକରେ ମୁଗ୍ଧ ହୋଇ ସେତେବେଳର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ ଭାରତ ଜାତୀୟ କଂଗ୍ରେସର ସଭାପତି ଓ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହୁରୁଙ୍କୁ ନୀଳକଣ୍ଠଙ୍କୁ କଂଗ୍ରେସ ଦଳଭୁକ୍ତ କରିବା ପାଇଁ ପ୍ରବର୍ତ୍ତାଇଲେ ଓ ପଣ୍ଡିତ

Digitized by PPRACHIN, SOA

ନେହେରୁଙ୍କ ଲିଖିତ ଆମନ୍ତ୍ରଣ କ୍ରମେ ଜନନାୟକ ନୀଳକଣ୍ଠ କଂଗ୍ରେସକୁ ଫେରି ଆସିଲେ । ୧୯୫୭ରେ ତାଙ୍କର ସବୁଦଳର ପ୍ରିୟ ନିର୍ବାଚନ ମଣ୍ଡଳୀ ସଭ୍ୟବାପାରୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇ ଓଡ଼ିଶା ବିଧାନ ସଭାର ବାଚସ୍ପତି ପଦ ମଣ୍ଡନ କଲେ । ବିଧାନ ସଭାର ଅଧିନାୟକ ହୋଇ ପୂର୍ବତନ ବାଚସ୍ପତିମାନଙ୍କ ପରି ସରକାରଙ୍କ ଘରୋଇ ବିଭାଗର ଅଧୀନରେ ରହିବା ପଣ୍ଡିତ ନୀଳକଣ୍ଠଙ୍କର ଅସହ୍ୟ ହେଲା । ସେ ବହୁ ଉଦ୍ୟମ କରି ଏହାକୁ ସରକାରୀ ନିୟନ୍ତ୍ରଣରୁ ଯେ କେବଳ ସମ୍ପୂର୍ଣ୍ଣ ମୁକ୍ତ କରିଥିଲେ ତାହାନୁହେଁ, ବିଧାନ ସଭା ଭାଙ୍ଗିଗଲେ ନୂତନ ବ୍ୟବସ୍ଥା ସଭାର ବାଚସ୍ପତି ନିର୍ବାଚିତ ହେବାପର୍ଯ୍ୟନ୍ତ ପୂର୍ବର ବାଚସ୍ପତି ନିଜ ପଦରେ ଅଧିଷ୍ଠିତ ହୋଇ ରହିବାର ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ନିଷ୍ପତ୍ତି ଭାରତ ସରକାରଙ୍କଠାରୁ କରାଇ ପାରିଥିଲେ । ଏହାହିଁ ଥିଲା ଭାରତର ପ୍ରତ୍ୟେକ ରାଜ୍ୟ ପାଇଁ ନୀଳକଣ୍ଠଙ୍କ ଜୀବନର ଶେଷ ଅବଦାନ । ପୁଣି ସେ କୌଣସି ସରକାରୀ ପଦବୀରେ ନ ଥାଇ ମଧ୍ୟ ମୃତ୍ୟୁପରେ ରାଷ୍ଟ୍ରୀୟ ସମ୍ମାନ ଲାଭ କରିବାର ଗୌରବ ଅର୍ଜନ କରିପାରିଛନ୍ତି ।

ସ୍ଥୂଳତଃ ପଣ୍ଡିତ ନୀଳକଣ୍ଠ ନିଜର ପାଣ୍ଡିତ୍ୟ ପାଇଁ ଯେପରି ପଣ୍ଡିତ ଗୋପବନ୍ଧୁଙ୍କ ଉକ୍ତି—"ଭାରତରେ ଏପରି ପଣ୍ଡିତ ନାହାନ୍ତି, ଯେ ପଣ୍ଡିତ ନୀଳକଣ୍ଠଙ୍କୁ ନଜାଣନ୍ତି" ଓ ବିନୋବା ଭାବେଙ୍କର ଉକ୍ତି—"I have toured the whole of India, but I haVe not yet come across a Pandit like Pandit Nilakantta Das" ତଥା ବହୁ ବିଶିଷ୍ଟ ଜ୍ଞାନୀ ପୁରୁଷଙ୍କ ଉକ୍ତିରେ ପ୍ରତିଷ୍ଠା ପାଇଛନ୍ତି, ସେହିପରି ଦେଶପ୍ରାଣ ନୀଳକଣ୍ଠ ହିତୋପଦେଶର ନୀତି ବାକ୍ୟ

ନିନ୍ଦନ୍ତୁ ନୀତି ନିପୁଣା ଯଦିବା ସ୍ତୁବନ୍ତୁ
ଲକ୍ଷ୍ମୀଃ ସମାବିଶନ୍ତୁ ଗଚ୍ଛନ୍ତୁବା ଯଥେଷ୍ଟମ୍ ।
ଅଦ୍ୟୈବ ବା ମରଣମସ୍ତୁ ଯୁଗାନ୍ତରେ ବା
ନ୍ୟାଯ୍ୟାତ୍ ପଥଃ ପ୍ରବିଚଳନ୍ତି ପଦଂ ନ ଧୀରାଃ ।

ନିଜ ସୁକ୍ତି-ସିଦ୍ଧ ଭାବେ ପାଳନ କରି ଦେଶ ଆଗରେ ଜଣେ ଅକୁତୋଭୟ ଆଦର୍ଶ ଜନ ନାୟକ ରୂପେ ବିଦ୍ୟମାନ ରହିଛନ୍ତି ।

—*—

Digitized by PPRACHIN, SOA

# ସହାୟକ ଗ୍ରନ୍ଥସୂଚୀ

## ଓଡ଼ିଆ


୧- କୁଞ୍ଜବିହାରୀ ଦାଶ- (କ) ମୋ କାହାଣୀ ଦ୍ୱିତୀୟ ସଂସ୍କରଣ ୧୯୮୦

(ଖ) ଜୀବନ ଓ ଜୀବନୀ ... ... ... ୧୯୮୦

୨- ଗୋପବଂଧୁ ଦାସ- ଗୋପବନ୍ଧୁ ରଚନାବଳୀ ୧ମ, ୨ୟ, ୩ୟ ଓ ୮ମ
ଗୋପବନ୍ଧୁ ଭବନ ୧୯୭୮

୩- ଗୋଦାବରୀଶ ମିଶ୍ର- (କ) ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ
ମୋ ସ୍ଥାନ ୧୯୫୮

(ଖ) ଗୋଦାବରୀଶ ଗ୍ରନ୍ଥାବଳୀ
୨ୟ ଓ ୪ର୍ଥ ଖଣ୍ଡ ୧୯୭୨

୪- ଚନ୍ଦ୍ରଶେଖର ମିଶ୍ର ସତ୍ୟବାଦୀରେ ସାତବର୍ଷ ୧୯୫୩

୫- ନରେନ୍ଦ୍ରନାଥ ମିଶ୍ର ବଳରାମ ଦାଶ ଓ
ଓଡ଼ିଆ ରାମାୟଣ ବିଶ୍ୱଭାରତୀ, ୧୯୫୫

୬- ନୀଳକଣ୍ଠ ଦାସ ନୀଳକଣ୍ଠ ଗ୍ରନ୍ଥାବଳୀ ୧ମ ୨ୟ ଓ ୩ୟ
କଟକ ଷ୍ଟୁଡେଣ୍ଟ ଷ୍ଟୋର ୧୯୭୭

୭- ନୀଳକଣ୍ଠ ଦାସ ଓଡ଼ିଆ ଭାଷା ଓ ସାହିତ୍ୟ ୧୯୫୮

୮- ନୀଳକଣ୍ଠ ଦାସ ବିଧାତାଙ୍କ ସୃଷ୍ଟି

୯- ନିତ୍ୟାନନ୍ଦ ଶତପଥୀ ନୀଳକଣ୍ଠ ସ୍ମରଣିକା ୧୯୭୯
ପୂଜ୍ୟପୂଜା ସଂସଦ

୧୦- ଭରତଚନ୍ଦ୍ର ନାୟକ ମୋ' ପୂର୍ବ ସ୍ମୃତିକଥା ୧୯୬୬

୧୧- ମଧୁସୂଦନ ଦାଶ ନୀଳକଣ୍ଠ ସ୍ମାରକୀ ୧୯୮୦
ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି

୧୨- ଜଷ୍ଟିସ୍ ହରିହର ମହାପାତ୍ର ଏକ୍ସ...ଏକ୍ସ...ଏକ୍ସ


Digitized by PPRACHIN, SOA

| No. | Author | Title | Publisher | Year |
|---|---|---|---|---|
| 12- | B. B. Misra | The Indian Political Parties | Oxford U.P | 1976 |
| 13- | B. C. Mazumdar | Typical selections from Oriya literature (V.I.) | | 1921 |
| 14- | Eschmann, Kulkey and Tripathy | The cult of Jaganath and regional Traditions of Orissa | | 1978 |
| 15- | F. G. Bally | Politics and social change in orissa | | 1959 |
| 16- | Manoranjan Jha | Role of Central legislature in the freedom struggle | N.B.T N. Delhi | 1972 |
| 17- | Nilakantha Das | Speeches and remarks of Pt.of Nilakantha Das (Vol-I) P.C. Dey (Cal) | | 1959 |
| 18- | Nirad. C. Chaudhury | The Scholar Extra Ordinary | | |
| 19- | Norman Cousins | Profiles of Gandhiji (I. B C, Delhi | | 1969 |
| 20- | P. N. Banerjee and others (Editors) | Hundred years of the University of Calcutta Vol- I | | 1957 |
| | ,, | Supplement-(C. U) | | |

## ପତ୍ର ପତ୍ରିକା

ସଂ. ନୀଳକଣ୍ଠ ଦାସ- ନବଭାରତ (୧୩୪୪, ୧୩୪୫) ମାନବ ପ୍ରଗତିର ଧାରା, ନିଖିଳ ଉତ୍କଳ ସାହିତ୍ୟ ସମ୍ମିଳନୀରେ ସଭାପତି ଅଭିଭାଷଣ, ୧୩୪୫, ୧୦ମ ସଂଖ୍ୟା


—❋—

Digitized by PPRACHIN, SOA

# ପଣ୍ଡିତ ନୀଳକଂଠ ଦାସଂଙ୍କ ସଂକ୍ଷିପ୍ତ ଜୀବନ ପଞ୍ଜି

୧୮୮୪ ମସିହା—-ଅଗଷ୍ଟ ୫; ଜନ୍ମ, ଗ୍ରାମ-ଶ୍ରୀରାମଚନ୍ଦ୍ରପୁର, ଥାନା-ସତ୍ୟବାଦୀ ଜି.-ପୁରୀ ।

୧୮୮୯ ,, --ମଧ୍ୟଭର୍ଣ୍ଣାକୁଲର ପାଶ୍ ପରେ ପୁରୀ ଜିଲ୍ଲା ସ୍କୁଲର ୬ଷ୍ଠ ଶ୍ରେଣୀରେ ନାମ ଲେଖାଇବା ।

୧୯୦୫ ,, —(ରାଧାମଣି ଦେବୀଙ୍କ ସହ) ବିବାହ; ଏନ୍‌ଟ୍ରାନ୍‌ସ ପାଶ ।

୧୯୦୭ ,, —ଏଫ୍. ଏ. ପାଶ୍ ଓ ମେଓ ବୃତ୍ତି ଲାଭ ।

୧୯୦୯ ,, —ବି. ଏ. ପାଶ୍ ଓ ଗୋପବନ୍ଧୁଙ୍କ ସଙ୍ଗେ ସତ୍ୟବାଦୀ ବନ ବିଦ୍ୟାଳୟ ପ୍ରତିଷ୍ଠା ।

,, ପରେ ପରେ ଏମ୍. ଏ. ପଢିବା ପାଇଁ କଲିକତା ଗମନ ।

୧୯୧୧ ,, —କଲିକତା ବିଶ୍ୱବିଦ୍ୟାଳୟରୁ ଦର୍ଶନ ଶାସ୍ତ୍ରରେ ଏମ୍. ଏ. ପାଶ୍ ଓ ସତ୍ୟବାଦୀ ବନବିଦ୍ୟାଳୟରେ ଯୋଗଦାନ ।

୧୯୧୧ରୁ ---ସତ୍ୟବାଦୀ ବନବିହାରର'କୁଳପତି'(ହେଡ୍‌ମାଷ୍ଟର); ସମାଜ

୧୯୧୮ ,, ସଂସ୍କାର ଆନ୍ଦୋଳନ ବନାମ 'ନଣ' ଆନ୍ଦୋଳନ । 'ସତ୍ୟବାଦୀ' ମାସିକ ପତ୍ରିକାର କାର୍ଯ୍ୟକାରୀ ସମ୍ପାଦକ ।

୧୯୧୮ ,, —ସତ୍ୟବାଦୀ ବନବିହାର 'କୁଳପତି'ପଦତ୍ୟାଗ ।

୧୯୧୯ ,, —ଉତ୍ତର ଦୁର୍ଭିକ୍ଷ ପ୍ରପୀଡ଼ିତଙ୍କ ସେବା ।

୧୯୨୦ ,, —କୁଳପତି ସାର୍ ଆଶୁତୋଷ ମୁଖର୍ଜିଙ୍କ ନିମନ୍ତ୍ରଣ କ୍ରମେ ସେପ୍‌ଟେମ୍ବର ୨୦ତାରିଖରେ କଲିକତା ବିଶ୍ୱବିଦ୍ୟାଳୟରେ ଆଧୁନିକ ଭାରତୀୟ ସାହିତ୍ୟ ଓ ତୁଳନାତ୍ମକ ଭାଷାତତ୍ତ୍ୱ ବିଭାଗରେ ଓଡ଼ିଆ ଅଧ୍ୟାପକ ରୂପେ ଯୋଗଦାନ ।

୧୯୨୧ ,, —ଜାନୁୟାରୀ ୬ ତାରିଖରେ କଲିକତା ବିଶ୍ୱବିଦ୍ୟାଳୟ ଅଧ୍ୟାପକ ପଦ ତ୍ୟାଗ ଓ ସମ୍ବଲପୁରରେ ଅସହଯୋଗ ଆନ୍ଦୋଳନ ପରିଚାଳନା ।

୧୯୨୨ ,, —୪ ମାସ ପାଇଁ କାରାବରଣ ।

୧୯୨୩ ,, —କଂଗ୍ରେସ ସ୍ୱରାଜ ଦଳରେ ଯୋଗଦାନ ।

୧୯୨୪ରୁ ---ସ୍ୱରାଜ ଦଳ ପକ୍ଷରୁ ବିହାର ଓଡ଼ିଶା ପ୍ରଦେଶର ଅଣ-

୨୬ ,, ମୁସଲମାନ ସଭ୍ୟ ଭାବରେ କେନ୍ଦ୍ର ବ୍ୟବସ୍ଥା ସଭାର ସଭ୍ୟ

Digitized by PPRACHIN, SOA

ଓ ମୋତିଲାଲ ନେହେରୁଙ୍କ ସଭାପତିତ୍ୱରେ ଗଠିତ 'ସ୍ୱରାଜ' ବ୍ୟବସ୍ଥା ସଭା ଦଳର ସମ୍ପାଦକ । ଦିଲ୍ଲୀ ବିଶ୍ୱବିଦ୍ୟାଳୟ ସଂସଦର ସଭ୍ୟ ।

୧୯୨୬ ମସିହା—ଦ୍ୱିତୀୟ ଥର ପାଇଁ କେନ୍ଦ୍ର ବ୍ୟବସ୍ଥା ସଭାକୁ କଂଗ୍ରେସ ଦଳର ସଭ୍ୟ ରୂପେ ନିର୍ବାଚିତ ଓ ଭୂଲାଭାଇ ଦେଶାଇଙ୍କ ନେତୃତ୍ୱରେ ଗଠିତ ବିରୋଧୀ ଦଳର ମୁଖ୍ୟ ସମ୍ପାଦକ ।

୧୯୨୭ ,, —ଫେବୃୟାରୀ ୮ ତାରିଖରେ କେନ୍ଦ୍ର ଆସେମ୍ବ୍ଲିରେ ଓଡ଼ିଆ ଭାଷୀ ଅଞ୍ଚଳ ଗୁଡ଼ିକର ଏକତ୍ରୀକରଣ ପ୍ରସ୍ତାବ ଆଗତ କରିବା

୧୯୨୯ ,, —ଟାଟା ଓ କଲିକତାରେ ଶ୍ରମିକ ସଂଗଠନ ।

୧୯୩୦ ,, —କେନ୍ଦ୍ର ବ୍ୟବସ୍ଥା ସଭାରୁ ଇସ୍ତଫା ଓ କାକଟପୁରରେ ଲବଣ ସତ୍ୟାଗ୍ରହ ଓ କାରାବରଣ ।

,, ,, – ଜେଲରୁ ମୁକ୍ତିଲାଭ କରି ଡିସେମ୍ବର ୩୦ ତାରିଖରେ ବନାରସରେ ଅନୁଷ୍ଠିତ ନିଖିଳ ଏସିଆ ଶିକ୍ଷା ସମ୍ମିଳନୀରେ ପ୍ରବନ୍ଧ ପାଠ ।

,, ,, — ଓଡ଼ିଶା ସର୍ବଦଳୀୟ ସମ୍ମିଳନୀର ସଭାପତି ।

୧୯୩୧ ,, —ପ୍ରସ୍ତାବିତ ପୁରୀ କଂଗ୍ରେସ ଅଧିବେଶନର ଅଭ୍ୟର୍ଥନା ସମିତିର ସଭାପତି ।

୧୯୩୦ରୁ ୩୩ ,, –ମଧ୍ୟରେ ୩ ଥର କାରାବରଣ ।

୧୯୩୩ ,, —'ନବଭାରତ' ପତ୍ରିକା ସମ୍ପାଦନା ଓ ପ୍ରକାଶ ।

୧୯୩୪ରୁ ୩୬ ,, –ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟିର ସଭାପତି ।

୧୯୩୭ ,, —ଓଡ଼ିଶାରେ କଂଗ୍ରେସ ଦଳର ଅଭୂତପୂର୍ବ ବିଜୟ ଆନୟନ ଓ ସରକାର ଗଠନରେ ନେତୃତ୍ୱ ଦାନ ।

,, —ଓଡ଼ିଶାରେ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ବେସରକାରୀ ସମିତିର ସଭାପତି ।

୧୯୩୮ ,, —ଓଡ଼ିଶାରେ ବିଶ୍ୱବିଦ୍ୟାଳୟ ସ୍ଥାପନ ପାଇଁ ଗଠିତ ସରକାରୀ କମିଟିର ସଭାପତି ।

୧୯୩୯ ,, —ଉତ୍କଳ କଂଗ୍ରେସ କମିଟିର ସଭାପତି ନିର୍ବାଚିତ ।

୧୯୩୯ ,, —ସୁଭାଷ ବୋଷଙ୍କ ସଙ୍ଗେ ସହଯୋଗ ଓ ପ୍ରାଦେଶିକ କଂଗ୍ରେସ ସଭାପତି ପଦରୁ ଇସ୍ତଫା ।

Digitized by PPRACHIN, SOA

୧୯୪୦ ମସିହା —ଉତ୍କଳ ସାହିତ୍ୟ ସମାଜର ବରେଣ୍ୟ ଓ ଆଜୀବନ ସଭ୍ୟ।

୧୯୪୧ରୁ ୪୨ ,, -ନୀରବ ସାହିତ୍ୟ ସାଧନା; 'ନବଭାରତ' ସମ୍ପାଦନାକୁ ଅଗ୍ରାଧିକାର ପ୍ରଦାନ।

୧୯୪୨ ,, —କଂଗ୍ରେସ ଦଳ ତ୍ୟାଗ।

୧୯୫୧ ,, —'ଉତ୍କଳ ଗୁରୁ' ଉପାଧିରେ ଭୂଷିତ।

୧୯୫୨ ,, —'ସ୍ୱାଧୀନ ଜନସଂଘ' ଦଳ ପ୍ରତିଷ୍ଠା ଓ ଏହି ଦଳର ନେତା ଭାବରେ ଓଡ଼ିଶା ବିଧାନ ସଭାକୁ ସତ୍ୟବାଦୀରୁ ସଭ୍ୟରୂପେ ନିର୍ବାଚିତ।

୧୯୫୪ ,, —ବିଶ୍ୱଭାରତୀ (ଶାନ୍ତିନିକେତନ)ରେ ଜଗନ୍ନାଥ ସଂସ୍କୃତି ପ୍ରସଙ୍ଗରେ ଭାଷଣ ଓ ସମ୍ବର୍ଦ୍ଧନା ଲାଭ।

୧୯୫୫ ,, —ପଣ୍ଡିତ ନେହେରୁଙ୍କ ଅନୁରୋଧ କ୍ରମେ କଂଗ୍ରେସରେ ଯୋଗଦାନ।

,, ---ଉତ୍କଳ ବିଶ୍ୱବିଦ୍ୟାଳୟରୁ ସମ୍ମାନିତ ଡି.ଲିଟ୍. ଉପାଧି ଲାଭ। ଉତ୍କଳ ବିଶ୍ୱବିଦ୍ୟାଳୟର ଉପକୁଳାଧିପତି (Pro-chancellor)

୧୯୫୭ ,, ---କଂଗ୍ରେସ ପ୍ରାର୍ଥୀ ରୂପେ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀରୁ ଅପ୍ରତିଦ୍ୱନ୍ଦୀ ଭାବେ ଓଡ଼ିଶା ବିଧାନ ସଭାକୁ ନିର୍ବାଚିତ ଓ ଓଡ଼ିଶା ବିଧାନ ସଭାର ବାଚସ୍ପତି ପଦ ମଣ୍ଡନ।

୧୯୫୮ ,, —ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି। ବିଧାନ ସଭାର ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠା। ଭାରତ ସରକାର (ରାଷ୍ଟ୍ରପତି ରାଜେନ୍ଦ୍ର ପ୍ରସାଦ)ଙ୍କ ଦ୍ୱାରା ଭୁବନେଶ୍ୱରସ୍ଥ ସରକାରୀ ବାସଭବନରେ 'ପଦ୍ମ ଭୂଷଣ' ଉପାଧିରେ ଭୂଷିତ।

୧୯୬୨ ,, ---ଉତ୍କଳ ବିଶ୍ୱବିଦ୍ୟାଳୟ ଉପ-କୁଳାଧିପତି ପଦରୁ ଅବସର ଗ୍ରହଣ।

୧୯୬୩ ,, —'ଆତ୍ମ ଜୀବନୀ' ଲାଗି ଭାରତୀୟ ସାହିତ୍ୟ ଏକାଡେମୀରୁ ସମ୍ମାନ ଲାଭ।

୧୯୬୭ ,, —ନଭେମ୍ବର ୬ ତାରିଖ, ପବିତ୍ର କାର୍ତ୍ତିକ ଶୁକ୍ଳ ପଞ୍ଚମୀ ତିଥିରେ ତିରୋଧାନ।

—※—

Digitized by PPRACHIN, SOA

# ଗ୍ରନ୍ଥପଞ୍ଜି

## ( ପଣ୍ଡିତ ନୀଳକଂଠଂକ ଜୀବନ କାଳରେ ପ୍ରକାଶିତ )

୧୯୧୮ – ଉପାସନା (ପରିବର୍ଦ୍ଧିତ ପରବର୍ତ୍ତୀ ସଂସ୍କରଣ ଭକ୍ତିଗାଥା)
୧୯୨୯ – ପ୍ରଣୟିନୀ; କୋଣାର୍କେ
୧୯୨୦ – ଖାରବେଳ
୧୯୨୧ – ଆର୍ଯ୍ୟ ଜୀବନ
୧୯୨୩ – ଦାସ ନାଏକ; ପିଲାଙ୍କ ରାମାୟଣ
୧୯୨୪ – ପିଲାଙ୍କ ମହାଭାରତ
ଜୈନେନ୍ଦ୍ର କୁମାରଙ୍କ ଦ୍ୱାରା ଆର୍ଯ୍ୟ ଜୀବନର ହିନ୍ଦୀ ଅନୁବାଦ ପ୍ରକାଶନ ।
୧୯୩୨ – ଓଡ଼ିଆ ବ୍ୟାକରଣ, ୧ମ ଓ ୨ୟ ଭାଗ
୧୯୩୭ – ଶ୍ରୀମଦ୍ ଭାଗବତ ଗୀତା (ନୂତନ ଭାଷ୍ୟ ସମ୍ବଳିତ)
୧୯୪୮ – ଓଡ଼ିଆ ସାହିତ୍ୟର କ୍ରମ ପରିଣାମ, ୧ମ ଭାଗ
୧୯୫୧ – ସଂସ୍କୃତ ଓ ସଂସ୍କୃତି
୧୯୫୩ – ଓଡ଼ିଆ ସାହିତ୍ୟର କ୍ରମ ପରିଣାମ, ୨ୟ ଭାଗ
୧୯୫୪ – ଓଡ଼ିଆ ଭାଷା ଓ ସାହିତ୍ୟ
୧୯୫୫ – ସାହିତ୍ୟ ଚନ୍ଦ୍ରିକା (ପାଠ୍ୟ ପୁସ୍ତକ-ସଂକଳିତ)
୧୯୬୩ – ଆତ୍ମଜୀବନୀ
ନୀଳକଂଠ ଗ୍ରନ୍ଥାବଳୀ, ୧ମ, ୨ୟ ଭାଗ

## ପତ୍ର ପତ୍ରିକା ସମ୍ପାଦନା

୧୯୧୮ – ସତ୍ୟବାଦୀ ମାସିକ ପତ୍ରିକାର କାର୍ଯ୍ୟକାରୀ ସଂପାଦନା
୧୦୨୧ – ସେବା
୧୯୨୮-୨୯ – 'ସମାଜ' ସମ୍ପାଦକ
୧୯୩୩ – ନବଭାରତ
୧୯୩୭ – ଦୈନିକ ଲୋକମତ
୧୯୪୧-୪୭ – ଦୈନିକ ନବଭାରତ

—※—

Digitized by PPRACHIN, SOA

# ଶୁଦ୍ଧିପତ୍ର

| ପୃଷ୍ଠା | ଧାଡ଼ି | ଅଶୁଦ୍ଧ | ଶୁଦ୍ଧ |
|---|---|---|---|
| ମୁଖବନ୍ଧ | ୯ | ବରଥିଲେ | କରଥିଲେ |
| ଗ | ୩-୪ | ଜୀବନୀ ଲେଖ୍ୟ | ଜୀବନାଲେଖ୍ୟ |
| ,, | ୧୦ | ଆଦ୍ଵ | ଆଜ |
| ଙ | ୧୯ | ନୀତ୍ୟାନୁଷ୍ଠାନ | ନିତ୍ୟାନୁଷ୍ଠାନ |
| ,, | ୨୫ | କୁଞ୍ଜବିହାର | କୁଞ୍ଜବିହାରୀ |
| ୧୧ | ୯ | କହିଯାଏ । ସେଦିନ | କହିଯାଏ ସେଦିନ |
| ୧୫ | ୧୨ | ପଢିଥିଲି | ପଡ଼ିଥିଲି |
| ୧୬ | ୨୭ | ସଙ୍ଗେ | ସଙ୍ଗେ |
| ୧୭ | ୮ | ଶାକ୍ତ | ଶକ୍ତି |
| ୨୩ | ୨୦ | କରିଥିଲି | କରିନଥିଲି |
| ୨୪ | ୧୬ | ଭୌଗଳିକ | ଭୌଗୋଳିକ |
| ୨୭ | ୨୭ | ଔପନିବେଶିକାଣ୍ଡ | ଭାରତୀୟ ଔପନିବେଶିକାଣ୍ଡ |
| ୩୦ | ୨୧ | ଗୋରାମାନଙ୍କ | ଗୋରାମାନଙ୍କୁ |
| ୩୨ | ୧୭ | ମହାମାନ୍ୟ | ମହାମନା |
| ୩୩ | ୬ | ଷ୍ଟୁର୍ଣ୍ଣ | ଷ୍ଟୁଣ୍ଡ |
| ୩୪ | ୧୬ | ପ୍ରଚ୍ଛଦ | ପ୍ରଚ୍ଛଦ |
| ୪୬ | ୧୮ | କେତେବେଳକୁ | କେତେ ଛଳକୁ |
| ୪୮ | ଶେଷ | ସ୍ଥାନୀୟ…କର୍ମୀ | ସ୍ଥାନୀୟ ଓ ବହିର୍ଗତ କର୍ମୀ |
| ୫୦ | ୧୮ | ପଡ଼ିବେ | ପଢିବେ |
| ୫୧ | ୧୫ | ନୀଳକଣ୍ଠଙ୍କ | ନୀଳକଣ୍ଠଙ୍କର |
| ୬୧ | ୧୦ | ବଙ୍କୀମଚନ୍ଦ୍ର | ବଙ୍କିମଚନ୍ଦ୍ର |
| ୬୫ | ୨୬ | ଓଡ଼ଶା | ଓଡ଼ିଆ |
| ୬୬ | ୧ | ହୋଇଥିଲେ | ହୋଇଥିଲେ । |
| ,, | ୨୬ | ବସର | ଅବସର |
| ୬୮ | ୧୬ | ପ | ପକ୍ଷରେ |
| ୭୧ | ୧୨ | ଲଘୁ ଗୁରୁ କମ୍ପା | ଲଘୁ କମ୍ପା ଗୁରୁ |

Digitized by PPRACHIN, SOA

| ପୃଷ୍ଠା | ଧାଡ଼ି | ଅଶୁଦ୍ଧ | ଶୁଦ୍ଧ |
|---|---|---|---|
| ୮୫ | ୨୩ | ଦେଖାନ୍ତ | ଦେଖନ୍ତ |
| ୧୦୪ | ୧ | ମହତ୍ତ୍ଵ | ମହତ୍ତ୍ୱ |
| ,, | ୧୨ | ଶାସନତାନ୍ତ୍ରୀକ | ଶାସନତାନ୍ତ୍ରିକ |
| ୧୧୯ | ୪ | ଦେଢ଼ବର୍ଷ | ସାଢ଼ମାସ |
| ୧୪୧ | ୧୩ | ପୋଷା | ପେଷା |
| ,, | ,, | ସନ୍ଧୀପ୍ସୁ | ସନ୍ଧିପ୍ସୁ |
| ୧୪୮ | ୨୩ | ଶ୍ରୀରପ୍ରତାପପୁରରେ | ଶ୍ରୀରାମଚନ୍ଦ୍ରପୁରରେ |
| ୧୫୦ | ୧୬ | Politi | Politician |
| ୧୬୩ | ୧୬ | ସରକାରୀ କରିବା | ସରକାରୀ ଗୃକରୀ କରିବା |
| ୧୬୪ | ୨ | ବନସ୍ପତ୍ତି | ବନସ୍ପତି |
| ,, | ୧୦ | ଏତେ | ସତେ |
| ,, | ୨୩ | ପ୍ରବୃଦ୍ଧ | ପ୍ରବୁଦ୍ଧ |
| ୧୬୬ | ୧୫ | ମୂର୍ତ୍ତି | ମୂର୍ତ୍ତି |
| ୧୬୭ | ୨୫ | ରକ୍ତାକ୍ଷପ୍ସୀ | ରକ୍ତକ୍ଷପ୍ସୀ |
| ୧୬୯ | ୧୬ | ପୁରାତନ ତତ୍ତ୍ୱବିତ୍ | ପୁରାତତ୍ତ୍ୱବିତ୍ |
| ୧୭୩ | ୧୩ | ହେଲେ | ଦେଲେ |
| ୧୭୬ | ୩ | ସେହ | ସେହି |
| ,, | ୧୫ | ଯେନ | ଯେ ନ |
| ୧୭୮ | ୧୬ | ନାମଲେ | ନାମରେ |
| ୧୮୦ | ୭ | ପିଡ଼ା | ପୀଡ଼ା |
| ୧୯୮ | ୪ | କାଶ୍ମିର | କାଶ୍ମୀର |
| ୨୦୨ | ୨୬ | ସୁରର | ସୁନ୍ଦର |
| ୨୦୫ | ୭ | ସାହ୍ଚର୍ଯ୍ୟ | ସାହଚର୍ଯ୍ୟ |
| ୨୦୫ | ୨୦ | ସଂସ୍କୃତ | ସଂସ୍କୃତି |
| ୨୦୫ | ୨୪ | ଛବାନୁସାରୀ | ଛଦାନୁସାରୀ |
| ୨୦୬ | ୧୨ | କନ୍ୟାରେ | ବନ୍ୟାରେ |

Digitized by PPRACHIN, SOA

| ପୃଷ୍ଠା | ଧାଡ଼ି | ଅଶୁଦ୍ଧ | ଶୁଦ୍ଧ |
|---|---|---|---|
| ୨୦୬ | ଶେଷ | ଐଶ୍ୟଶକ୍ତି | ଐଶୀଶକ୍ତି |
| ୨୧୧ | ୮ | ମାମଞ୍ଜସ୍ୟ | ସାମଞ୍ଜସ୍ୟ |
| ,, | ୧୮ | ମହତ୍ତ | ମହତ୍ତ୍ୱ |
| ,, | ୨୦ | ଭେଜେଇବା | ଭଜେଇବା |
| ୨୧୩ | ୨୧ | ମହତ୍ତ | ମହତ୍ତ୍ୱ |
| ,, | ୨୪ | ମୁକ୍ତ | ଯୁକ୍ତ |
| ୨୧୪ | ୧୫ | ସାମ୍ମୁଖ୍ୟ | ସାମ୍ମୁଖ୍ୟ |
| ୨୧୫ | ୨୭ | ପ୍ରବୃଦ୍ଧ | ପ୍ରବୁଦ୍ଧ |
| ୨୧୬ | ୧୫ | ସର୍ବତୋଚିତ୍ତୁ | ସର୍ବଚିତ୍ତୁ |
| ୨୧୬ | ୨୫ | ଆଦୃତ | ଆବୃତ |
| ,, | ୨୭ | ପ୍ରକୃତ | ପ୍ରାକୃତ |
| ୨୧୭ | ୧୭ | କର ନଜ | କର ନଜେ |
| ୨୧୮ | ୧ | ପୃଷ୍ଣ | ପୃଷ୍ଠ |
| ,, | ୫ | ଅପାମର | ଆପାମର |
| ୨୨୦ | ୨୦ | ସାମ୍ୟତା | ସାମ୍ୟତନ୍ତ୍ର |
| ୨୨୧ | ୧୭ | ଆତ୍ମବିଶ୍ୱାସୀ | ଆତ୍ମବିଶ୍ୱାସ |
| ୨୨୨ | ୭ | ଶ୍ରେଷ୍ଠ | ଶ୍ରେଷ୍ଠା |
| ,, | ୧୬ | ଏକାଂତ | ଏକାଂଶ |
| ,, | ୧୭ | ଆଗ୍ନରାର | ଅଗ୍ନର ଦ୍ୱାରା |
| ,, | ୧୮ | ଏତଦ୍‌ବାଦ | ଏକତ୍ୱବାଦ୍ |
| ୨୨୩ | ୭ | ଏର | ଏଇ |
| ୨୨୫ | ୧୫ | ଚର୍ଚ୍ଚାର | ଚର୍ଚ୍ଚାରେ |
| ୨୨୬ | ୧୧ | ଅଭିଯାନଙ୍କର | ଅଭିଯାନର |
| ୨୨୮ | ୧୭ | ସୁ-ନାଗରୀକ | ସୁ-ନାଗରିକ |
| ୨୩୨ | ୨୫ | ନଜ | ନଜେ |

—*—

Digitized by PPRACHIN, SOA

ଭାରତର ଜଣେ ମହାନ ପଣ୍ଡିତ,

ବଶିଷ୍ଟ ସାହିତ୍ୟିକ ଓ ଦାର୍ଶନିକ,

ପ୍ରବୀଣ ବ୍ୟବସ୍ଥାପକ ଓ ରାଜନୀତିଜ୍ଞ

ପ୍ରଚଣ୍ଡ ପ୍ରତିଭାର ଅଧିକାରୀ

# ପଣ୍ଡିତ ନୀଳକଣ୍ଠଙ୍କ

ଜନ୍ମ ଶତ ବାର୍ଷିକୀ ଉପଲକ୍ଷେ

ଆମର ଭକ୍ତିପୂତ ଶ୍ରଦ୍ଧାଂଜଳି ଅର୍ପଣ କରୁଛୁ ।

ବାଣିଜ୍ୟ ପ୍ରକାଶ

ଭୁବନେଶ୍ୱର-୭୫୧ ୦୦୧

Digitized by PPRACHIN, SOA